
ସେପ୍ଟେମ୍ବର ୨୦୨୨ • ୫୦ ଟଙ୍କା
ରେବତୀ
website :
www.rebatee.in
ଆମ ମାଟିର ସ୍ୱର

# SMILE GOLD
## JEWELLERS



Making
**Flat 50% OFF**
**On Gold Ornaments**

**Flat 25% OFF**
**On Diamond Ornaments**

Making
**Flat 50% OFF**
**On Silver Ornaments**

**Flat 20% OFF**
**On Branded Watches**

**Saheed Nagar, Bhubaneswar**

**Mob: 9438019696, 9438029797**
**Ph.: 0674-2969696, 2969797**

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଚତୁର୍ଥ ବର୍ଷ : ୧୧ଶ ସଂଖ୍ୟା, ସେପ୍ଟେମ୍ବର ୨୦୨୨ ■ Vol-4, Issue : 11, September 2022



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**


ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ : **ରବୀନ୍ଦ୍ର ବିଶ୍ୱାଳ**

ଅଳଂକରଣ ବିଭାଗ
- ଗ୍ରାଫିକ୍ ଡିଜାଇନ୍ : **ଶିବରାଜ କର୍ଣ୍ଣ**
- ଚିତ୍ରକଳା : **ସଂଜୟ କୁମାର ରାଉଳ**
- ଲେ-ଆଉଟ୍ : **ଦିଲ୍ଲୀପ କୁମାର ସେଣ**
- ଅକ୍ଷର : **ନିରଞ୍ଜନ ସାହୁ**
- ରେବତୀ ନାମାଙ୍କନ : **ଶିଳ୍ପୀ ଶଶିକାନ୍ତ ରାଉତ**



**Bhubaneswar Office**

**Rebatee Media House Pvt. Ltd.**
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
**E-mail**
*rebatimedia@gmail.com*

**Editorial Office**

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920
**E-mail :**
*rebati.rebati2018@gmail.com*
*rebati.edit2020@gmail.com*


Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

ସୂ ଚୀ ପ ତ୍ର


। ୪ର୍ଥ ବର୍ଷ । ୧୧ଶ ସଂଖ୍ୟା । ସେପ୍ଟେମ୍ବର ୨୦୨୨ ।

ରେବତୀ
ଆମ ମାଟିର ସ୍ୱର


୧୧ ସମ୍ପାଦକୀୟ : ସାଂସାରିକ ...... : ସୁବାସିନୀ ଜେନା












୭
ବିଶେଷ ମତ : ଓଡ଼ିଆ ସାହିତ୍ୟର....:
ଡକ୍ଟର ଶିଶିର ବେହେରା

୧୨
ମାନନୀୟେଷୁ : ଶବ୍ଦର ସନ୍ଥ ସୀତାକାନ୍ତ :
ଡକ୍ଟର ଗୌତମ ଜେନା

୨୨
ପର୍ବପର୍ବାଣି : ଶୀତଳିତ ହେବାର ବିଧି :
ଶୁଭନାରାୟଣ ସ୍ୱାଇଁ

୨୮
ଭ୍ରମଣକାହାଣୀ : ନାଚେ ନାଏଗ୍ରା :
ସୁଷମା ପରିଜା

୩୪
ଜନଜାତି : ନିୟମଗିରିର ନିୟତି ....:
ଦ୍ୟୁତି ଚନ୍ଦ୍ର ସାହୁ

୪୩
ଭିନ୍ନମଣିଷ: କାଠର କିମିଆଁ:
ବିଶ୍ୱରଞ୍ଜନ ଦାସ

୪୮
ଆତ୍ମଜୀବନୀ : ସ୍ମୃତିର ପ୍ରଜ୍ଞାପୀଠ:
ଜୟନ୍ତୀ ରଥ

୫୧
ଆଇନକାନୁନ : ଯଦି ଆପଣଙ୍କ....:
ଆଡ୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ

୫୨ ସମ୍ବାଦ ବାହିକା : ରେବତୀ ନ୍ୟୁଜ୍ ବ୍ୟୁରୋ
୫୪ ଦ୍ୱି-ପ୍ରଚ୍ଛଦ : ଅଙ୍କିତା କୁମାର
୫୬ ଧାରାବାହିକ କାବ୍ୟ : ପ୍ରଫୁଲ୍ଲ କୁମାର ମହାନ୍ତି
୫୭ ସମକାଳ କବିତା : ଅଭୟ ଦାସ
୫୮ : କିଶୋର ପାଣିଗ୍ରାହୀ
୫୯ : ବାଦଲ ମହାନ୍ତି
୬୦ : ରଜନୀ ଶତପଥୀ
୬୧ : ବିଶ୍ୱନାଥ ନାୟକ
୬୨ : ଡକ୍ଟର କମଳାକୃଷ୍ଣ ତ୍ରିପାଠୀ
୬୩ : ଦେବାଶିଷ ଚକ୍ରବର୍ତ୍ତୀ
୬୪ : ସବିତା ସାହୁ
୬୫ : ମନସ୍ୱିନୀ ଦେବୀ
୬୬ : ଗଂଗାଧର ବିଶ୍ୱାଳ
୬୭ : ପିନାକୀ ମିଶ୍ର











୬୮ ଚରିତ-ଉପନ୍ୟାସ : **ପବିତ୍ର ମୋହନ ଦାଶ**

୭୪ କଥା-କାହାଣୀ : **ଭାନୁ ଶଙ୍କର ମହାନ୍ତି**

୮୦ ପୁଷ୍ପବିତାନ : **ଶ୍ୱେତା ରାଉତ**

୮୭ ବ୍ୟକ୍ତିତ୍ୱ : **ଶୁଭଶ୍ରୀ ନାୟକ**

୯୨ ପଛ-ଝର୍କା : **ନେତାଜୀ ଅଭିନନ୍ଦନ**

୯୬ ଗୃହ ସମସ୍ୟା : **ଡକ୍ଟର ହରପ୍ରସନ୍ନ ଦାସ**

୯୮ ଫ୍ୟାଶନ୍ : **ସସ୍ମିତା ମେହେର**








## ନିୟମିତ ବିଭାଗ

ରୋଷେଇଶାଳ:


୧୦୦ : **ରଷିକା ରୁଚିରମ୍ୟା**

୧୦୨ : **ରୋନାଲିସା ପଣ୍ଡା**

୧୦୪ : **ଗୀତିକା ବିଶ୍ୱାଳ**

୧୦୬ ଶେଷପୃଷ୍ଠା : **ସୃଜନଶୀଳତା ଓ ହରିହାଟ : କୃଷ୍ଣ କୁମାର ମହାନ୍ତି**





ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ମଡେଲ୍ : **ସାଗରିକା ସାହୁ,** ବାରିପଦା
ଉଚ୍ଚତା : **୪ ଫୁଟ୍ ୮ ଇଞ୍ଚ୍**
ବୃତ୍ତି : **ମଡ଼େଲିଂ**
ଶିକ୍ଷା : **ଗ୍ରାଫିକ୍ସ ଡ଼ିଜାଇନିଂର ଛାତ୍ରୀ**
ପ୍ରବୃତ୍ତି : **ନାଚ ଓ ଅଭିନୟ**
ପ୍ରଚ୍ଛଦ ଫଟୋଗ୍ରାଫି : **ଦୀପକ କୁମାର ଅଗ୍ରୱାଲ,**
**ଏଲିଗେଣ୍ଟ୍ ଫଟୋଗ୍ରାଫି,** ବାରିପଦା
ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କମ୍ପ,** ସୋନପୁର
ମେକ୍‌ଅପ୍ : **ସିପ୍ରା ସୋନାଲିକା**
କଷ୍ଟ୍ୟୁମ୍ : **ପ୍ରିୟଙ୍କା ସାହୁ**
ସ୍ଥାନ : **ନର୍ମଦା ଗାର୍ଡ଼େନ, ବାରିପଦା**

**ମଲାଟ କଥା :** ଦୁର୍ଗା ପୂଜା ଆଶ୍ୱିନ ମାସରେ ପାଳନ ହେଉଥିବା ହିନ୍ଦୁମାନଙ୍କର ଏକ ବଡ଼ ଉତ୍ସବ । ଏହା ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟର ବିଜୟର ନିଦର୍ଶନ । ସମସ୍ତ ଦେବତା ଯେବେ ମହିଷାସୁରର ଅତ୍ୟାଚାରରେ ସନ୍ତପ୍ତ ହୋଇ ବ୍ରହ୍ମାଙ୍କ ଶରଣାପନ୍ନ ହେଲେ ସେତେବେଳେ ବ୍ରହ୍ମା, ଶ୍ରୀବିଷ୍ଣୁ ଓ ଶିବଙ୍କ ପରାମର୍ଶରେ ସମସ୍ତ ଦେବତାଙ୍କ ତେଜ ସମ୍ମିଳିତ କରି କାତ୍ୟାୟନ ଋଷିଙ୍କ ଆଶ୍ରମରେ ଯଜ୍ଞକୁଣ୍ଡରୁ ମାୟା ବୀଜ ଦ୍ୱାରା ଦୁର୍ଗାଙ୍କୁ ଆବାହନ କଲେ, ଏବଂ ଦେବୀ ଦୁର୍ଗା ପ୍ରକଟିତା ହେଲେ । ମହିଷାସୁରକୁ ବଧ କରିବାର ସେଇ ବିଜୟ ଉତ୍ସବ ହିଁ ଦଶହରା ବା ବିଜୟା ଦଶମୀ । ଯାହାର ଅବଗଣନା ଆରମ୍ଭ ହୋଇଛି । ପ୍ରାକ୍ ଦୁର୍ଗା ପୂଜାର ସେଇ ଆଗମନୀ ମୁହୂର୍ତ୍ତ ହିଁ ଏ ମାସର ପ୍ରଚ୍ଛଦ ।









## ଜଗନ୍ନାଥମୟ 'ରେବତୀ' ଭଲ ଲାଗିଲା

● ଯଦିଓ ରେବତୀ ଅନେକ ଦିନରୁ ମୋ କହିଥିବା ଠିକଣାର ଆସି ଯାଇଥିଲା ତେବେ ଆଜି ମୋର ହସ୍ତଗତ ହେଲା । ସକାଳୁ ସବୁ କାମଧନ୍ଦ ଛାଡ଼ି ରେବତୀ ଧରି ବସିଥିଲି ଯେ ଏବେ ସରିଲା । ଏ ବର୍ଷର ରେବତୀ ସମ୍ପୂର୍ଣ୍ଣ ଜଗନ୍ନାଥ ମୟ । ଦେଖୁ ଦେଖୁ ହୃଦୟ ଭାବ ଓ ଭକ୍ତିରେ ଆପ୍ଲୁତ ହେଲା । କଭର ପେଜ୍‌ରୁ ଆରମ୍ଭ କରି ସମସ୍ତ ଚିତ୍ର ମନମୁଗ୍ଧକର । ରଥକଥା, ଛପନ ଭୋଗ, ରଥ ଯାଗଡ଼ିଯା ପ୍ରଭୃତି ତଥ୍ୟଭିତ୍ତିକ ଆଲେଖ୍ୟରୁ ଅନେକ କଥା ଜାଣିବାକୁ ମିଳିଲା । ଜଗନ୍ନାଥଙ୍କ ସମ୍ପର୍କିତ ଆଉ କିଛି ତଥ୍ୟ ଭିତ୍ତିକ ଆଲେଖ୍ୟ ଯୋଡ଼ିଥିଲେ ପତ୍ରିକାଟି ଆହୁରି ରୁଦ୍ଧିମନ୍ତ ହେଇଥାନ୍ତା ଭାବୁଛି । ଖୁବ୍ ନିଖୁଣ ବର୍ଣ୍ଣନା ଶୈଳୀ ମାଧ୍ୟମରେ ବାପାଙ୍କ ସହିତ ଫଟୋ ଗପଟି ପ୍ରବହମାନ । ପ୍ରଥମରୁ ଶେଷ ପର୍ଯ୍ୟନ୍ତ ପାଠକଙ୍କୁ ବାନ୍ଧି ରଖି ପାରୁଥିବା ଗପଟି ପଢ଼ିସାରିଲା ବେଳକୁ ମନ, ଆଖି ଆର୍ଦ୍ର ହେବା ନିଶ୍ଚିତ । ସତରେ ଦୁଇ ପିଢ଼ି ଭିତରେ ଫରକ୍ ସେ ସମୟ ଅତିକ୍ରାନ୍ତ ପରେ ହିଁ ବୁଝିହୁଏ । ଗାଳ୍ପିକଙ୍କୁ ଶୁଭେଚ୍ଛା ଏକ ସୁନ୍ଦର ଗଳ୍ପ ଆମକୁ ଭେଟି ଦେଇଥିବାରୁ । ନୀଳ ନିମନ୍ତ୍ରଣର ନିମନ୍ତ୍ରଣ ମୋତେ ହାତ ଠାରି ଡାକିଲାଣି । କିଣିବାକୁ ମନ ଉଚ୍ଛନ୍ନ ହେଲାଣି । ଓଡ଼ିଆ ସାହିତ୍ୟକୁ ପ୍ରଦୀପ ରାୟ ସାର୍‌ଙ୍କର ଏକ ଅନବଦ୍ୟ ଅବଦାନ ନିଶ୍ଚିନ୍ତ । 'ଦାସେ ଆପଣେ' ତ ସବୁବେଳେ ମୋର ଅତି ପ୍ରିୟ । କେବଳ ପୁସ୍ତକ ଆକାରରେ ଦେଖିବା ପ୍ରତୀକ୍ଷାରେ । ସମ୍ପାଦକୀୟ ଏବଂ 'ଶେଷପୃଷ୍ଠା' ପଢ଼ି ସାରିଲା ବେଳକୁ ସବୁଥର ଆତ୍ମବିଶ୍ଳେଷଣ ହେଇଯାଏ ଆପେ ଆପେ । ବାକି ସମସ୍ତ ଫିଚର୍ ଓ କବିତା ଭଲ । ପ୍ରଥମରୁ ମୋତେ 'ରେବତୀ'ର ପରିବାରଭୁକ୍ତ କରିଥିବାରୁ ଆନ୍ତରିକ କୃତଜ୍ଞତା ।

ଲକ୍ଷ୍ମୀପ୍ରିୟା ଓଝା, ଭୁବନେଶ୍ୱର

## ଅନ୍ୟଭାଷା ପତ୍ରିକାଠୁ ବହୁ ଉଚ୍ଚରେ ରେବତୀ

● ଜୁଲାଇ ସଂଖ୍ୟା 'ରେବତୀ' ପଢ଼ିଲି । ବହୁତ ଭଲ ଲାଗିଲା । ପ୍ରଚ୍ଛଦ ଓ ଅଳଙ୍କରଣ ପ୍ରଶଂସାଯୋଗ୍ୟ । ଅନ୍ୟ ଭାଷାର ପତ୍ରିକା ସହିତ କେବଳ ତୁଳନୀୟ ନୁହେଁ, ବହୁ ଉଚ୍ଚରେ । ପୀତବାସ ରାଉତରାୟଙ୍କ 'ଶ୍ରୀକ୍ଷେତ୍ରରେ...' ବହୁତ ଭଲ ଲାଗିଲା । ସବୁ ପୃଷ୍ଠା ମନକୁ ଛୁଇଁଲା । ମୁଁ ବର୍ଣ୍ଣନା କରିପାରୁନି, ଜୁଲାଇ ସଂଖ୍ୟା କେତେ ଭଲ ଲାଗିଛି । ସମ୍ପାଦନାରେ ନୂତନତ୍ୱ ପତ୍ରିକାକୁ ସାଇତି ରଖିବା ଭଳି କରିଛି । ବିଚିତ୍ରା ଦାଶଙ୍କ 'ଛପନ ଭୋଗ', ସୁଚେତା ମିଶ୍ରଙ୍କ 'ବିଶ୍ୱାସର...' ଉଚ୍ଚକୋଟୀର ଲେଖା । ଆପଣଙ୍କୁ ସାଧୁବାଦ ।

**ଅଜିତ ଦାସ ମହାପାତ୍ର**, ଭୁବନେଶ୍ୱର

## ଅଭୟ ଦ୍ୱିବେଦୀଙ୍କ ଆଲେଖ ଦେହ ଥରାଇ ଦେଲା

● 'ରେବତୀ'ରେ ପ୍ରତି ସଂଖ୍ୟା ପରି ଅଗଷ୍ଟ ସଂଖ୍ୟା ବି ବହୁ ଆକର୍ଷଣୀୟ । ଏଥିରେ ମତ ଓ ବିଶେଷ ମତ ପାଠକ ଓ ଲେଖକ ଉଭୟଙ୍କୁ ଉତ୍ସାହିତ କରିବ । ସମ୍ପାଦିକାଙ୍କ ସମ୍ପାଦକୀୟ ପଢ଼ିଲା ବେଳେ ମୁକ୍ତିର ଆନନ୍ଦ ଯେ ମଣିଷକୁ ଏକ ମହା ଜଗତୀୟ ସାମ୍ରାଜ୍ୟକୁ ନେଇ ଯାଏ ତାହା ହିଁ ବ୍ୟକ୍ତ କରିଛନ୍ତି । ପ୍ରଥମ ଆଲେଖ ସ୍ୱାଧୀନତା ସଂଗ୍ରାମୀ ସୂର୍ଯ୍ୟ ସେନଙ୍କ କଥାକୁ ଖୁବ୍ ସୁନ୍ଦର ଓ ଚମକପ୍ରଦ ଭାବରେ ବର୍ଣ୍ଣନା କରିଛନ୍ତି ଶ୍ରୀ ଅଭୟ ଦ୍ୱିବେଦୀ । ୧୨, ଜାନୁଆରୀ ୧୯୩୪ରେ ସେନଦାଙ୍କୁ ଫାଶୀ ଦିଆ ଯାଇଥିଲା । କିନ୍ତୁ ତା ପୂର୍ବରୁ ତାଙ୍କୁ ନିର୍ଯାତନା ଯାହା କରାଯାଇଥିଲା ତାହା କେବେ ସଭ୍ୟ ମଣିଷ ଆଜି ବିଶ୍ୱାସ କରିପାରିବ ନାହିଁ । ତାଙ୍କ ପ୍ରତି ହାଡ଼କୁ ହାତୁଡ଼ିରେ ଭାଙ୍ଗି ଦିଆ ଯାଇଥିଲା । ଗୋଡ଼ ଓ ହାତର ପ୍ରତି ନଖକୁ ଛୁରୀରେ ଉଠାଇ ଦିଆ ଯାଇଥିଲା । ଏହା ପ୍ରତି ଭାରତୀୟଙ୍କୁ ସ୍ୱାଧୀନତା କଷ୍ଟ କଣ ତାହା ସୂଚେଇ ଦେବ । ଶ୍ରୀ ସଂଗ୍ରାମ ମହାପାତ୍ରଙ୍କ ଖାରବେଳଙ୍କ କୀର୍ତ୍ତି, ଶୌର୍ଯ୍ୟ ଓ ଶାସନ ପ୍ରାଚୀନ ଉତ୍କଳର ଗୌରବକୁ ଉଜ୍ଜୀବିତ କରୁଛି । ଉଦୟ ଗିରି ଓ ଖଣ୍ଡଗିରି ଗୁମ୍ଫାର କଥାକୁ ସେ ଖୁବ୍ ସାବଲୀଳ କରି ବର୍ଣ୍ଣିତ ହୋଇଛି । ଗାଳ୍ପିକ କନ୍‌ହେଇଙ୍କୁ ନେଇ ଦୁଇଜଣ ଏବର ଗାଳ୍ପିକ ଦୁଇଟି ଛୋଟ ସ୍ମୃତି କଥା ପଢ଼ିଲେ ତାଙ୍କ ତରୁଣ ଜୀବନର ଗଳ୍ପ ଚାତୁରୀ ଓ ବଞ୍ଚିବାର ସଂଗ୍ରାମ କଥାର ଝଲକ ବାରିହୁଏ । ଖୁବ୍ ଅଳ୍ପଦିନ ରାଜଧାନୀରେ ଥିବା ବେଳେ କେମିତି ବରିଷ୍ଠ ଓ ଯୁବ ସାହିତ୍ୟିକମାନେ ତାଙ୍କ ସହିତ କଥା ହେବାକୁ ବ୍ୟଗ୍ର ହେଉଥିଲେ ତାହା ତାଙ୍କ ଗଳ୍ପର ସିଦ୍ଧି କଥା କହେ । କବି ବ୍ରଜନାଥ ରଥଙ୍କ କବିତା ବି ତାଙ୍କ ପ୍ରତିଭାର ଗୁଣ ଗାଏ । ସତ କଥା ଗାଳ୍ପିକ ଜାଣିଥିଲେ ତାଙ୍କ ମୃତ୍ୟୁ ଆସନ୍ନ । ସେ କେଉଁ ଟ୍ରେନ୍ ପାଇଁ ଧାଉଁଛନ୍ତି, କିନ୍ତୁ ତାଙ୍କର ବିଶ୍ୱାସ ସେ ଟ୍ରେନ୍ ପାଇଁ ଧାଉଁଛନ୍ତି, କିନ୍ତୁ ତାଙ୍କର ବିଶ୍ୱାସ ସେ ଟ୍ରେନ୍ ଧରି ପାରିବେ ନାହିଁ । ଏହା ହିଁ ତାଙ୍କ ମୃତ୍ୟୁ ଚେତନା । ତଥାପି ତାଙ୍କ ଉପରେ ଆଉ ଟିକେ ଅଧିକ ପୃଷ୍ଠା ସମ୍ପାଦକ ବ୍ୟୟ କରିଥିଲେ ଆହୁରି ଭଲ ଲାଗିଥାନ୍ତା । ଏହା ପରକୁ ଜଗଦୀଶଙ୍କ ଆଲେଖ ଲେଖନ୍ତି ଗାଳ୍ପିକା ତଥା ତାଙ୍କ ଧର୍ମପତ୍ନୀ ସରୋଜିନୀ । ଗୋରୁମହିଶାଣିରେ ସେ ଜନ୍ମ ହୋଇ ଭାଗ୍ୟର ପ୍ରତିକୂଳରେ କେଉଁ କେଉଁ ଜାଗା ବୁଲି ବୁଲି ସେ ଯେ କେତେ କେତେ ଅଭିଜ୍ଞତା ଅର୍ଜନ କରିଛନ୍ତି ତାହା ହିଁ ତାଙ୍କ ଗଳ୍ପ ଲିଖନକୁ ପରିସ୍ଫୁଟ କରିଛି । ତାଙ୍କ ହାଇସ୍କୁଲ ଜୀବନରେ ଆସନ୍ତି ହିନ୍ଦୀ ଶିକ୍ଷକ ଲେଙ୍କା ସାର୍ ଓ ଗଣିତ ସାର୍, ଯେଉଁମାନେ ତାଙ୍କ ଜ୍ଞାନକୁ କରିଛନ୍ତି ପରିବର୍ଦ୍ଧିତ । କେଉଁ ଆଦିବାସୀ ମୂଲିଆ ଘରକୁ ଯାଇ ସେ ଗଡ଼ିଶ ମାଛ ପୋଡ଼ା ଓ ପେଜୁଆ ଭାତ ଖିଆ ଦେଖି ଲୋଭିତ ହୁଅନ୍ତି ଓ ମା'ଙ୍କୁ କୁହନ୍ତି ମୋତେ ତାହା ହିଁ ଦିଅ । ଏପରିକି ନିଜ ସ୍ତ୍ରୀଙ୍କୁ ସେମିତି ଖାଇବା ଦେବା ପାଇଁ ଅନୁନୟ ହୁଅନ୍ତି । ଭାରି ସରଳ ଓ ଅକପଟ ମଣିଷ ସେ । ସେ ମୋ କୈଶୋର ଓ ଯୌବନ ସମୟର ଥିଲେ ଗଳ୍ପ ଜଗତର ଏକ ଅଭୁଲା ଜ୍ୟୋତିଷ୍କ । ମୁଁ ଜାଣେ ଗପ ଲେଖୁଥିବା ଲୋକ ଏମିତି ହିଁ ସରଳ ଓ ନିଷ୍କପଟ ହେବା ଜରୁରୀ । ଏ ସନ୍ଦର୍ଭରେ ତାଙ୍କ ଛଳଛଳ ଜୀବନ ବିଷୟରେ ଅନେକ ସୂଚନା ମିଳେ । ନିଦଭରା ରାତି, ମଧୁଝରା ଜହ୍ନ, ଫିକା ଫିକା ଏ ଜୋଛନା... ଗୀତର ଗାୟିକା ନିର୍ମଳା ମିଶ୍ର ଜୁଲାଇ ଶେଷରେ ଚାଲିଗଲେ ବି ଓଡ଼ିଆ ସଙ୍ଗୀତ ଜଗତ ପାଇଁ ବହୁ ଅଭୁଲା ଓ ଚିତ୍ତାକର୍ଷ ସଙ୍ଗୀତ ସବୁ ସାଇତି ରଖି ଦେଇଛନ୍ତି । କେହି ହୃଦୟବାନ ଓଡ଼ିଆ କଣ ତାଙ୍କୁ ଭୁଲି ପାରିବ ? ଡ. ବୀଣାପାଣି ଦେବତାଙ୍କ ଆଲେଖ ଖୁବ୍ ସୁନ୍ଦର ତଥ୍ୟ ଦିଏ । ପାରଳାଖେମୁଣ୍ଡିର ଶିଙ୍ଗ ଶିଳ୍ପକୁ ନେଇ ବହୁ ଆଲୋଚିତ ତଥ୍ୟ ଦିଅନ୍ତି ଲେଖକ ଲଳିତ ମୋହନ ମିଶ୍ର । ବନ୍ଦନା ହରିଚନ୍ଦନଙ୍କ କଥା ପଢ଼ିଲେ ସେ ଯେ ଆଉ ଜଣେ ମଦର ଟେରେସା ତାହା ଜାଣିହୁଏ । ମାନସିକ ଅନଗ୍ରସର ପିଲାଙ୍କ ପାଇଁ ସେ ଦେବୀ ପାଲଟି ଯାଇଛନ୍ତି । ତାଙ୍କର ବି ଗୋଟେ ଟିଭି ଚେନେଲରେ ସେ ତାର ସୂଚାରୁ ପରିଚାଳନା କରନ୍ତି । ବନ୍ଦନାଙ୍କ କଥା ସମସ୍ତଙ୍କ ପାଇଁ ଏକ ଚେତାବନୀ । ରେବତୀ ସମ୍ବାଦର ବେଶୀ ଆକର୍ଷିତ କଲା ଆମ ବାଲେଶ୍ୱରର ଝିଅ ବିଦେଶ ଯାଇ ଉଚ୍ଚଶିକ୍ଷା ନେଇ ସେଠି ଆଦରଣୀୟା ହେଇପାରିଛି । ସେ ବି ଆଉ ଜଣେ ରେବତୀ, ଚିଦାନନ୍ଦ ଅର୍ପିତା । କବିତା ବିଭାଗରେ ପ୍ରତି କବିଙ୍କ ସ୍ୱାକ୍ଷର ଦେଖିଲେ ମନ ଉଚ୍ଛନ୍ନ ହୁଏ, କବିଟେ ହେଇଯିବାକୁ । 'ଦାସେ ଆପଣେ' ଉପନ୍ୟାସର ଅଂଶ ମୋତେ ବିଗଳିତ କଲା । ଗୋପବନ୍ଧୁ ସତରେ ମହାନ ଆତ୍ମା । 'ଛାତ' ଗପର ଆରମ୍ଭ ମୋତେ ଉତ୍ସାହିତ କଲା କିନ୍ତୁ ଶେଷ ଭାଗରେ ସେହି ଖୁସି ଓ ଉତ୍ସାହ ନଥିଲା । ଗାଳ୍ପିକା ଏହାକୁ ଆଉଥରେ ଚିନ୍ତନ କରନ୍ତୁ । କଦମ୍ବ ଭିତରେ ମୁଁ ବେଶି ଦେଖିଲି କୃଷ୍ଣ ଓ ରାଧାଙ୍କୁ ତାହା ସହିତ ଗୋପପୁରର କଥା ମୋତେ ଆକ୍ରାନ୍ତ କଲା । ଜୟନ୍ତୀ ରଥଙ୍କ ଧାରାବାହିକ ଆଲେଖ ପଢ଼ିଲେ ବହୁ ବିଜ୍ଞ ଓ ସାଧୁ ଲୋକଙ୍କ ଜୀବନଚର୍ଯ୍ୟା ଜାଣି ହେଉଛି । ମଣୀନ୍ଦ୍ର ସାର୍‌ଙ୍କ ଗୋଦାବରୀଶ ମିଶ୍ରଙ୍କ ବିଦଗ୍ଧା ବିମଳା ଗପରେ ବଡ଼ପୁଅ କଣ ଓ କେମିତି ଜାଣିହେଲା, ଯିଏ ଜୀବନ ଉତ୍ସର୍ଗ ପାଇଁ ପ୍ରସ୍ତୁତ । ହସଖୁସିର ପରିବାରରୁ ବହୁ ପରିବାରର ସୁଖଦୁଃଖକୁ ସାମ୍ନା କରିହୁଏ । ଡାକ୍ତର ସରୋଜିନୀ ଷଡ଼ଙ୍ଗୀଙ୍କ ମଧୁମେହ ଓ ଗର୍ଭ ଅବସ୍ଥା ଖୁବ୍ ଭଲ କରି ପଢ଼ି ବହୁ ଅଜଣା ତଥ୍ୟ ଜାଣି ହେଲା । ଏ ସନ୍ଦର୍ଭ ଖୁବ୍ ଉପାଦେୟ । ସୋୟାବିନ ସଂସାର ଓ ମୁଗ ମହକ ମୋତେ ଖାଦ୍ୟ ଲୋଭ ଆଡ଼କୁ ଆକର୍ଷିତ କଲା । ଶେଷରେ କୃଷ୍ଣ ବାବୁଙ୍କ 'ଶେଷପୃଷ୍ଠା'ରେ ଲେଖକର ସ୍ୱାଧୀନତା ମୋତେ ଅନୁପ୍ରେରିତ କଲା ।

**ଉଦୟ ନାରାୟଣ ଦାସ**, ଚୂନଭାଟି କଲୋନୀ, ବାଲେଶ୍ୱର

# ଓଡ଼ିଆ ସାହିତ୍ୟର ସ୍ୱପ୍ନ ସମ୍ରାଟ : କନ୍‌ହେଇଲାଲ


## ଡକ୍ଟର ଶିଶିର ବେହେରା

ସହକାରୀ ପ୍ରଫେସର୍,
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ
କେନ୍ଦୁଝର ପରିସର, କେନ୍ଦୁଝର,
ଫୋନ: ୮୨୪୯୮୯୫୨୭୪




ଶିଶିର ବେହେରା

ପରିଣାମ ନୁହେଁ, ଗୁଣାତ୍ମକ ଦିଗ ହିଁ ସୃଷ୍ଟି ଏବଂ ସ୍ରଷ୍ଟାଙ୍କୁ ଉଚ୍ଚାସନ ଦେଇଥାଏ । ଉନ୍ନତ ରଚନା, ସ୍ୱତନ୍ତ୍ର ଶୈଳୀ, ନୂତନ ଅବବୋଧ ଓ ପାଠକପ୍ରାଣରେ ସ୍ପନ୍ଦନ ତୋଳି ପାରୁଥିବା ଲେଖା ଲେଖକଙ୍କୁ ଚିରକାଳ ଅମର କରି ରଖେ । ସମୟକ୍ରମେ ଯଦିଓ ସେହି ବ୍ୟକ୍ତିସତ୍ତା ଅନ୍ତର୍ହିତ ହୋଇଯାନ୍ତି, ମାତ୍ର ପାଠକ ନିକଟରେ ସେ ଚିରଲୋଡ଼ା ହେଉଥିବା ପ୍ରିୟ ଲେଖକ ପାଲଟିଯାନ୍ତି । କାଳ କବଳିତ ହୁଏ ସିନା ନଶ୍ୱର କଳେବର, କାଳଜୟୀ ହୋଇଯାଏ ତାଙ୍କ ସୃଜନକର୍ମ । ଓଡ଼ିଆ ସାହିତ୍ୟରେ ଏହିଭଳି ବହୁ ସ୍ମରଣୀୟ ପ୍ରତିଭା ରହିଛନ୍ତି, ଯେଉଁମାନେ ନିଜ ସର୍ଜନଶୀଳତା ଓ ସାରସ୍ୱତ ସାଧନାରେ ସାହିତ୍ୟୋଦ୍ୟାନକୁ ସୁରଭିତ କରି ଯାଇଛନ୍ତି । କେହି ସ୍ୱଳ୍ପସମୟ ପାଇଁ, କେହି ପରିଣତ ବୟସରେ, କେହି ସମୟର ଆହ୍ୱାନରେ ଏବଂ ଅନ୍ୟ କେହି ସୀମିତ ଆୟୁ ମଧ୍ୟରେ ସ୍ୱୀୟ ପ୍ରତିଭାକୁ ପ୍ରଦର୍ଶନ କରିବାରେ ଏପରି ସମର୍ଥ ହୋଇଛନ୍ତି, ଯାହା ଜୀବନ ତମାମ ସାହିତ୍ୟ କର୍ମରେ ବ୍ରତୀ ଥିବା ଲେଖକଙ୍କ ଭାଗ୍ୟରେ ଜୁଟି ନାହିଁ । ଏହିଭଳି ଜଣେ କାଳଜୟୀ ସାହିତ୍ୟିକ- କଥାକାର ହେଉଛନ୍ତି କନ୍‌ହେଇଲାଲ ଦାସ । 'ରେବତୀ'ର ଅଗଷ୍ଟ-୨୦୨୨ ସଂଖ୍ୟାରେ ଏହି କୃତବିଦ୍ କଥାକାରଙ୍କୁ ନେଇ 'କନ୍‌ହେଇ କଥା' ଶୀର୍ଷକ ଚମତ୍କାର ଆଲେଖ ପ୍ରସ୍ତୁତ ହୋଇଛି । ସୁପରିଚିତ କଥାଶିଳ୍ପୀ ଭୀମ ପୃଷ୍ଟି ଏବଂ ବରିଷ୍ଠ ଲେଖକ ଉଦୟ ନାରାୟଣ ଦାସଙ୍କ ସ୍ମୃତି ଆଲୋଚନା ଓ କନ୍‌ହେଇଙ୍କ ପ୍ରତି ଥିବା ମୁଗ୍ଧ ଆକର୍ଷଣ ପାଠକମାନଙ୍କୁ ଆନନ୍ଦିତ କରିଛି । ବାଲେଶ୍ୱର ସାହିତ୍ୟ ଖଟିରୁ 'ସାହିତ୍ୟର ନାବାଳକ କନ୍‌ହେଇକୁ ଓଡ଼ିଆ ସାହିତ୍ୟର କନ୍‌ହେଇଲାଲ ଦାସ' କରି ଛିଡ଼ା କରାଇବାର ସଫଳ ପ୍ରଚେଷ୍ଟାକୁ ପାଠକେ ଅନୁଭବିବା ସହ ସ୍ୱଳ୍ପାୟୁ କନ୍‌ହେଇଙ୍କ ପ୍ରଚଣ୍ଡ ପ୍ରତିଭାକୁ ମଧ୍ୟ ହୃଦୟଙ୍ଗମ କରିପାରିଛନ୍ତି । କନ୍‌ହେଇଙ୍କ ସୃଜନ-ସମୀକ୍ଷାର ସଂକ୍ଷିପ୍ତ ପ୍ରୟାସ ଏହି ପରିପ୍ରେକ୍ଷୀରେ ।

ଓଡ଼ିଆ କଥା ସାହିତ୍ୟର ବିସ୍ମୟକର ପ୍ରତିଭା କନ୍‌ହେଇଲାଲ ଦାସ । ବାଲେଶ୍ୱର ଭୋଗରାଇ ବ୍ଲକ କମର୍ଦ୍ଦାର ଏହି ଯୁବ କଥାକାର ତାଙ୍କ ସୃଜନ-ବଂଶୀରେ ସାହିତ୍ୟାକାଶକୁ ମୁଖରିତ କରିଛନ୍ତି । ଲେଖାଲେଖିର ଅବଧି କହିଲେ ମାତ୍ର ସାତ-ଆଠ ବର୍ଷ । ଶତାଧିକ ଗଳ୍ପ ରଚନା କରିଥିଲେ ହେଁ ସମସ୍ତ ଗଳ୍ପ ସଂଗୃହୀତ ହୋଇପାରିନାହିଁ । ଲେଖକଙ୍କ ଜୀବଦ୍ଦଶାରେ ମଧ୍ୟ ଗୋଟିଏ ହେଲେ ସଂକଳନ ପ୍ରକାଶିତ ହୋଇନହିଁ । ଯଦିଓ ନିଜ ଗଳ୍ପକୁ ନେଇ 'ମାନସାଙ୍କ' 'ସାଙ୍କେତିକ', 'ଜୀବନଯାପନ' ଓ 'ଯାହାଯେମିତି ହୁଏ' ପ୍ରଭୃତି ଚାରିଗୋଟି ନାମରେ ସଂକଳିତ କରିବା ପାଇଁ ଆଶାପୋଷଣ କରିଥିଲେ । ଉପଲବ୍ଧ ଗଳ୍ପକୁ ନେଇ ଶୈଳବାଳା ମହାନ୍ତି ଏକ କ୍ଷୁଦ୍ର ସଂକଳନ ପ୍ରକାଶ କରିଥିଲେ । ପରେ ବ୍ରଜନାଥ ରଥଙ୍କ ଉଦ୍ୟମରେ 'ଫକୀରମୋହନ ସାହିତ୍ୟ ପରିଷଦ' ପକ୍ଷରୁ 'କନ୍‌ହେଇନାମା' ସ୍ମୃତି ସଙ୍କଳନ ପ୍ରକାଶିତ ହୋଇଛି । ମାତ୍ର, ଏ କ୍ଷେତ୍ରରେ ଫ୍ରେଣ୍ଡସ୍ ପବ୍ଲିଶର୍ସ ଦ୍ୱାରା ବିଶିଷ୍ଟ ସାହିତ୍ୟିକ ଅସିତ୍ ମହାନ୍ତି ଏବଂ ପ୍ରଦୀପ୍ତ ଶ୍ରୀଚନ୍ଦନଙ୍କ ମିଳିତ ସମ୍ପାଦନାରେ ପ୍ରକାଶିତ ହୋଇଛି 'କନ୍‌ହେଇ କଥାଘର' ପୁସ୍ତକ । ଏହି ସଂକଳନରେ (ପରିବର୍ଦ୍ଧିତ) କନ୍‌ହେଇଲାଲଙ୍କ ପ୍ରଥମ ଗଳ୍ପ 'ସର୍ବଂସହା'ଠାରୁ ତାଙ୍କ ମୃତ୍ୟୁ ପରେ ପ୍ରକାଶିତ 'ଧୃତରାଷ୍ଟ୍ରର ଆଖି' ସହିତ ୫୩ ଗୋଟି ଗଳ୍ପ ରହିଛି । ଏଥିସହିତ ସଂଯୋଜିତ ହୋଇଛି 'ଆହତ ସ୍ୱପ୍ନ', 'ଦୁର୍ଘଟଣା' ନାମକ ଦୁଇଟି ଉପନ୍ୟାସ, ଦୁଇଟି ମିନିଗଳ୍ପ, ଗୋଟିଏ ରମ୍ୟରଚନା, ଚାରୋଟି କବିତା, ଗୋଟିଏ ଅନାମ କବିତା, ବିଭିନ୍ନ ସୂତ୍ରରୁ ସଂଗୃହୀତ ତିନିଗୋଟି ଗଳ୍ପ, କନ୍‌ହେଇଙ୍କ ଦିନଲିପିର କିଛି ଅଂଶ, କିଛି ଚିଠିପତ୍ର । ଏ ପର୍ଯ୍ୟନ୍ତ ଉପଲବ୍ଧ କନ୍‌ହେଇଙ୍କ ରଚନାର ଏହା ହିଁ (କନ୍‌ହେଇ କଥା) ସାମଗ୍ରିକ ସଂକଳନ ।



ଲେଖକ ଭୀମ ପୃଷ୍ଟି

ସମକାଳ ପ୍ରମୁଖ କତିପୟ କଥାକାରଙ୍କ ମଧ୍ୟରେ ବ୍ୟତିକ୍ରମ ଥିଲେ କନ୍‌ହେଇଲାଲ ଦାସ । ଚମତ୍କାର ପ୍ରଦର୍ଶନ ନୁହେଁ, ବରଂ ଗଳ୍ପକଳା ଓ ଶୈଳୀରେ ନୂତନତା ଆଣି ଓଡ଼ିଆ ଗଳ୍ପକୁ ଭିନ୍ନ ମୋଡ଼ ଦେଇଥିବା ଯୁବଗାଳ୍ପିକ ସେ । ଜୀବନ ଓ ଜଗତକୁ ବୁଦ୍ଧି-ବିଦ୍ୟା-କୌଶଳରେ ନ ମାପି ହୃଦୟ ଦେଇ ବୁଝି ପାରିଥିଲେ । ତାଙ୍କ ଗଳ୍ପରେ ସେଥିଲାଗି ହୃଦୟାନୁଭୂତିର ଆବେଦନ ଅଧିକ । ପ୍ରେମ, ପ୍ରତାରଣା, ଯନ୍ତ୍ରଣା, ବିଷାଦ, କାରୁଣ୍ୟର ମିଶ୍ରିତ ରୂପକୁ ଉପଲବ୍ଧି କରିହୁଏ ।

କନ୍‌ହେଇଲାଲଙ୍କ ଗଳ୍ପରେ । କୌଣସିଟିର ଐକିକ ସ୍ୱରକୁ ଧରି ପାରିବା ଏତେ ସହଜ ହୁଏ ନାହିଁ । ବ୍ୟକ୍ତିଗତ ଜୀବନର ସାରସ୍ୱତ ଛବି କନ୍‌ହେଇଙ୍କ କଥାକଳ୍ପ । ଭୋଗିଥିବା ଜୀବନ ଓ ଜିଇଁଥିବା ପ୍ରେମିକପଣର ଖିଆଲି ମାନସିକତା ତାଙ୍କ ରଚନାରେ ଅଧିକ ଅନୁଭୂତ । ସତୁରୀ ଦଶକର ଓଡ଼ିଆ କଥାଜଗତରେ ନୂତନ ସ୍ୱର ଥିଲେ କନ୍‌ହେଇ । ତାଙ୍କ ଗଳ୍ପସବୁ ପ୍ରକାଶିତ ହେଉଥିଲା ସେ କାଳର ନବରବି, ଝଙ୍କାର, ଆସନ୍ତାକାଲି, ସମାବେଶ, ଦିଗନ୍ତ, ସାରଥି, ମାନସ, କଥାକାର, ଚୁମ୍ବକ, ନବତରଙ୍ଗ, ଲେଖା, ଗଳ୍ପ ପ୍ରଭୃତି ପତ୍ରିକାମାନଙ୍କରେ । ପ୍ରାଥମିକ ପର୍ବରେ ସ୍ୱପ୍ନ ସମ୍ରାଟ କନ୍‌ହେଇଙ୍କ ପ୍ରେମିକପଣକୁ ପାଠକେ ଦେଖିଲା ବେଳେ ଶେଷ ଜୀବନ ବେଳକୁ ସମାଜବାଦୀ ଚେତନାକୁ ବ୍ୟକ୍ତ କରିଛନ୍ତି ।

ପ୍ରେମକୁ ନେଇ କେତେ ସ୍ପଷ୍ଟ ତାଙ୍କ ଚରିତ୍ରମାନେ ! ଇନ୍ଦ୍ରିୟଜ ଆକର୍ଷଣ ସହିତ ଚିରନ୍ତନ ପ୍ରେମର ମିଶ୍ରିତ ରାଗକୁ ସେ ଫେଣ୍ଟିଛନ୍ତି ଗଳ୍ପରେ । ଦେହ ଭିତର ଦେଇ ବିଦେହକୁ ଛୁଇଁବାର ଆସ୍ପର୍ଦ୍ଧା ତୋଳିଛନ୍ତି କନ୍‌ହେଇଲାଲ । କୌଣସି ନିର୍ଦ୍ଦିଷ୍ଟ ନାରୀ ନୁହେଁ, ବରଂ ନାରୀଟିଏ ହିଁ ଗଳ୍ପନାୟକର ଅନ୍ୱେଷା, 'ଝର୍କା ପାଖରେ ସାରାଦିନ', 'ସେ ସିଡ଼ିରେ ଚଢ଼ିଲେ', 'ମୁଦ୍ରା', 'ଏକ ନିଗ୍ରହହୀନ ମନ୍ଦିର ସାମ୍ନାରେ ମାଲ୍ ବୋଝେଇ ଲରୀଟାର କିଛି ସମୟ ଅଟକି ଯାଇଥିବାର ଦୃଶ୍ୟ' ଆଦି ଗଳ୍ପରେ ତାଙ୍କ ସ୍ୱପ୍ନ ନାୟିକାର ରୂପ ମୂର୍ତ୍ତିମନ୍ତ ହୋଇଛି । ତାଙ୍କ ଉପନ୍ୟାସର ନାୟକ ଭିତରେ କନ୍‌ହେଇ ତେଣୁ ସ୍ୱୀକାର କରିଛନ୍ତି- "ପ୍ରକୃତରେ ମୁଁ ନିର୍ଦ୍ଦିଷ୍ଟ ଭାବେ କୌଣସି ନାରୀକୁ ଚାହେଁ ନାହିଁ । କେବଳ ଖୋଜେ । ଗାଁ ଗଣ୍ଡା, ସହର ନଗର ଛାଡ଼ି ଜଙ୍ଗଲ, ପାହାଡ଼ ପର୍ବତ ଭିତରେ ଅଦୃଶ୍ୟ ଝରଣାର ଅନୁସନ୍ଧାନ । ସୀମା, ଯମୁନା, ମେନକା ସେଇ ଅନୁସନ୍ଧାନର ଗୋଟିଏ ଗୋଟିଏ ଚିହ୍ନ ।" (ଦୁର୍ଘଟଣା-



ଉଦୟ ନାରାୟଣ ଦାସ

ଉପନ୍ୟାସ)

ସେହିପରି ଅନ୍ୟ ଏକ ଉପନ୍ୟାସ 'ଆହତ ସ୍ୱପ୍ନ'ରେ କନ୍‌ହେଇଙ୍କ ସ୍ୱପ୍ନ ପ୍ରବଣ ମୁକ୍ତ ସ୍ୱାଧୀନ ପ୍ରେମିକମନ କହିପାରିଛି- "ତୁ ମୋର ହୋଇଗଲେ ମୋର ସେ ମିଠା ମିଠା ସ୍ୱପ୍ନମାନେ ପଳାଇବେ । ନିହତ ହୋଇଯିବେ । ମୁଁ ସତ୍ୟ ଚାହେଁନି । ବାସ୍ତବତାକୁ ମୁଁ ଘୃଣା କରେ । ସ୍ୱପ୍ନ ସୁନ୍ଦର । ତୁ ଯଦି ଦିନେ ପ୍ରକୃତରେ ମୋତେ ଭଲ ପାଉଥିଲୁ ସେଇ ଭଲ ପାଇବା ଖାତିରରେ କହୁଛି । ମୋର ସ୍ୱପ୍ନମାନଙ୍କର ତଣ୍ଟିଚିପି ହତ୍ୟା କରନା । ଏ ଦୂର ଜଙ୍ଗଲରେ ସେମାନେ ମୋ ପାଇଁ ଜାୟା, ଜନନୀ, ଭଗିନୀ, ବନ୍ଧୁ, ପ୍ରେମିକା, ଉପଦେଷ୍ଟା, ଶୁଭାକାଙ୍‌କ୍ଷୀ ସବୁକିଛି ।"

ଏହି ସ୍ୱୀକାରୋକ୍ତି କନ୍‌ହେଇଙ୍କ ପ୍ରେମର ଭିନ୍ନ ଆବେଦନକୁ ଦ୍ୟୋତିତ କରିଛି । ଭୀମ ପୃଷ୍ଟିଙ୍କ ଭାଷାରେ କହିଲେ- କନ୍‌ହେଇ ତା' ତମାମ୍ ଜୀବନରେ ପ୍ରେମକୁ ପାଳିଛି, ପୋଷିଛି, ନଷ୍ଟ ହୋଇଛି । ପ୍ରେମ ତା ପାଇଁ ହେଲା ଝୁରିହେବା- ସେହି ଗରଳକୁ ନିଜେ ପିଇ ସାହିତ୍ୟରେ ଫେଣ୍ଟିବା ।" **(ରେବତୀ: କନ୍‌ହେଇ ଅଛି ଆମ ସହିତ, ଅଗଷ୍ଟ-୨୦୨୨)**

ଜୀବନ ଓ ସୃଜନ ବିଶ୍ୱାସୀ କନ୍‌ହେଇଲାଲ ଓଡ଼ିଆ କଥା ସାହିତ୍ୟକୁ ନୂଆ ଦିଗନ୍ତର ସନ୍ଧାନ ଦେଇଛନ୍ତି । ଅକୃତ୍ରିମ ସ୍ୱଷ୍ଟବାଦୀ ଆଭିମୁଖ୍ୟ, ନିରାଭରଣ ମୁକ୍ତ ଆବେଦନ, ଅଙ୍ଗୀକାର-ଅଭୀପ୍ସାର ବାସ୍ତବ ଅନୁଭବକୁ ଯେପରି ପ୍ରକାଶ କରିଛନ୍ତି, ତାହା ଅନ୍ୟତ୍ର ଦୁର୍ଲ୍ଲଭ । ମୃତ୍ୟୁବୋଧ, ବିଷାଦ, ଯନ୍ତ୍ରଣା ମଧ୍ୟରେ ଉବୁଟୁବୁ କନ୍‌ହେଇଙ୍କ ପ୍ରେମଗଳ୍ପ ସବୁ ପାରମ୍ପରିକ ପ୍ରେମ ଗଳ୍ପ ଠାରୁ ସ୍ୱତନ୍ତ୍ର ଓ ଭିନ୍ନ । ଅନେକ କ୍ଷେତ୍ରରେ ଏକ ପାଶବିକ ଯୌନ ଆକର୍ଷଣକୁ ପାଠକେ ଅନୁଭବ କରିବା ସତ୍ତ୍ୱେ ପ୍ରେମର ବାସ୍ତବ ଅନୁଭୂତିକୁ ମଧ୍ୟ ଭେଟିଥାନ୍ତି । ପ୍ରେମିକାର ଆର୍ତ୍ତି ଓ ବିଷର୍ଣ୍ଣତା ତନ୍ମଧ୍ୟରେ ବାରିହୋଇ ପଡ଼େ । ପ୍ରାଥମିକ ପର୍ଯ୍ୟାୟରେ ସାମାନ୍ୟ ବୟସ୍କା ଏକ ସହପାଠିନୀର ଓଠ ସହିତ ଓଠ ମିଳାଇବାର ଯେଉଁ ଆବେଗ ପ୍ରକାଶ ପାଇଥିଲା, ପରେ ନାରୀ ଦେହର ସନ୍ଧାନ କରିଛି । କେତେବେଳେ ସେହି ନାରୀ ହୋଇଛି ଚିରନ୍ତନ ତ, ପୁଣି କେଉଁ କିଶୋରୀକୁ ବିବସ୍ତ୍ର କରି ତା' ଦେହର ଉତ୍ତାପକୁ ମାପିବା ଲାଗି ପ୍ରୟାସ କରାଯାଇଛି । ଅନ୍ୟତ୍ର ବଗିଚାର ଫୁଟନ୍ତା ଗୋଲାପ ଫୁଲରେ ପରିସ୍ରା କରିବାର ଅଭିଳାଷ ଭିତରେ ପାଶବିକ ରିରଂସା ଫୁଟି ଉଠିଥିବା ବେଳେ (ଘଟଣା ଗଳ୍ପ) ପୁଣି ନିଜ ପ୍ରେମିକାର କନ୍ୟା ସହିତ ଅଜାଣତରେ ମଧ୍ୟ ଯୌନ ବ୍ୟବହାରରେ ପାଗଳ ହୋଇ ଉଠିଛି (ବଳଙ୍ଗ ଦାମୋଦର ନଦୀର କେତୋଟି ମୁହୂର୍ତ୍ତ) । ହେଲେ ଏହି ଆକାଂକ୍ଷାରୁ ଉତ୍ତୀର୍ଣ୍ଣ ହୋଇଛି କନ୍‌ହେଇଙ୍କ ପ୍ରେମଗଳ୍ପ । ସେଥିପାଇଁ ଗଳ୍ପନାୟକ ଏଭଳି ନାରୀଟିର ସନ୍ଧାନ କରିଛି ।

ଯିଏ ମାତା, ଭଗିନୀ, ପ୍ରେମିକା ଓ ପତ୍ନୀର ସଖ୍ୟ ଦେଇପାରିବ । ତାଙ୍କ ଠିକଣା, ଝର୍କାପାଖରେ ସାରାଦିନ, କୁହେଳି ଆଦି ଗଳ୍ପ ଏହାର ଯଥାର୍ଥ ପରିପ୍ରକାଶ । 'କୁକୁର, ମୁଁ ଓ ଚନ୍ଦ୍ର' ଗଳ୍ପରେ ପ୍ରକାଶିତ ବକ୍ତବ୍ୟରେ ଗାଳ୍ପିକଙ୍କ ଆତ୍ମଶୋଚନାକୁ ମଧ୍ୟ ଲକ୍ଷ୍ୟ କରିହୁଏ । ସେ କହିଛନ୍ତି- "ପୁନେଇ ଜହ୍ନ କେତେ ଉଜ୍ଜ୍ୱଳ, ଭୀରୁ ନିରୀହ ଜ୍ୟୋସ୍ନା । କିନ୍ତୁ ଅପରାଂଶଟି କି କଦାକାର, ବୀଭତ୍ସ, କଦର୍ଯ୍ୟ ଘନନୀଳ ଅନ୍ଧକାର । ଚନ୍ଦ୍ରର ଅପର ପାର୍ଶ୍ୱଟି ଏତେ କୁତ୍ସିତ ପୁଣି ଅସଂଖ୍ୟ ଗର୍ତ୍ତ, ମୃତ ଆଗ୍ନେୟଗିରି, ଧୂ ଧୂ ମରୁଭୂମି । ତଥାପି ଚନ୍ଦ୍ର ପାଇଁ ଅସଂଖ୍ୟ ପ୍ରଶସ୍ତି । ଏପୋଲୋ, ଲୁନାର ଅସମ୍ଭବ ବ୍ୟାକୁଳତା । କାରଣ ଚନ୍ଦ୍ର ଖୁବ୍ ସୁନ୍ଦର ଓ ସ୍ନିଗ୍ଧ । ଆଉ ମୁଁ କନ୍‌ହେଇଲାଲ ଦାସ ବି ଉଦାର, ସଚ୍ଚରିତ୍ର, ନୀତିବାନ, କବି, ଗାଳ୍ପିକ ଓ କ'ଣ ନୁହେଁ ?"

ସାମାଜିକ ଚେତନାର ବହୁ ସ୍ୱର କନ୍‌ହେଇଙ୍କ ଗଳ୍ପରେ ସାର୍ଥକ ରୂପ ପାଇଛି । ଏହିସବୁ ଗଳ୍ପ ପାଠ କଲେ ଲେଖକଙ୍କ ବ୍ୟକ୍ତିଗତ ଜୀବନଟିକୁ ସହଜରେ ବୁଝି ହୁଏ । 'ପ୍ରୟୋଜନୀୟ ହତ୍ୟାକାଣ୍ଡ ପାଇଁ ଷଡ଼ଯନ୍ତ୍ର, ଜୀବନଯନ୍ତ୍ରଣା ଓ ଯାହା ଯେମିତି ହୁଏ,ନୂଆଠିକଣା, ଅପହଞ୍ଚ, ଫଳ, ଜଂଲୀ ଅପା ଓ ଜଙ୍ଗଲ ବିଷୟରେ ଗଳ୍ପ, ସେଇ ଅନିବାର୍ଯ୍ୟ ରକ୍ତଚକ୍ଷୁ, ପ୍ରଭୁ ଭାରସାମ୍ୟ ରକ୍ଷା କଲେ, ଅନ୍ଧକାରର ବୃତ୍ତ, ଧୃତରାଷ୍ଟ୍ରର ଆଖି, ଏକ ବ୍ୟବଚ୍ଛେଦର ଧାରାବିବରଣୀ ଆଦି ଅନେକ ଗଳ୍ପରେ କନ୍‌ହେଇଲାଲଙ୍କ ସମାଜଚେତନାର ଭିନ୍ନ ଦିଗକୁ ଦେଖିହୁଏ । ଏହି ଗଳ୍ପ ପାଠକଲା ପରେ ତାଙ୍କ ଗଳ୍ପପ୍ରାଣର ପରିପକ୍ୱ ଏବଂ ସ୍ୱତନ୍ତ୍ର ଶୈଳୀଟିକୁ ହୃଦ୍‌ବୋଧ କରିହୁଏ । ଦାରିଦ୍ର୍ୟର ରୂପକୁ ଆଙ୍କିବାକୁ ଯାଇ ଗାଳ୍ପିକ କହିଛନ୍ତି- "ମୋ ମାଆ ଗାଧୋଇ ଆସି ହଳଦୀଲଗା ଚିରା ବିଛଣା ଚାଦର ପିନ୍ଧି ତୋରାଣି ଆଉ ପିଆଜ ଖାଏ । ଆପଣ କେମିତି ଜାଣିବେ ମୋ ବିଧବା ଭଉଣୀ ଅନ୍ୟଘରେ ଅଇଁଠା ବାସନ ମାଜୁମାଜୁ କିପରି ହାତପାପୁଲିରେ ପିଠିରେ ମୁହଁର ଝାଳପୋଛେ । ଆପଣ କିପରି ଜାଣିବେ ମୋ ସବା ସାନଭଉଣୀ ଅନ୍ୟର କଲମ ଚୋରିକରି ମାଡ଼ଖାଏ ।" **(ନୂଆଠିକଣା)**

କନ୍‌ହେଇଙ୍କ ବ୍ୟକ୍ତିଗତ ଜୀବନ ବହୁଳାଂଶରେ ପ୍ରକାଶ ପାଇଛି ତାଙ୍କ ଗଳ୍ପରେ । ସେଥିଲାଗି 'ମୁଁ' ଚରିତ୍ର ମଧ୍ୟରେ ନିଃସଙ୍ଗତା, ଦୁଃଖବୋଧ, ବିଫଳତାର କାରୁଣ୍ୟ ଶୁଣିବାକୁ ମିଳିଛି । ଏହି 'ମୁଁ' ଚରିତ୍ରରେ ସେ ନିଜ ଜୀବନରେ ଗୋପନୀୟତାକୁ ଉନ୍ମୋଚିତ କରିଛନ୍ତି । ଲେଖକ ମଧ୍ୟ ଏ ସଂପର୍କରେ ସୂଚନା ଦେଇଛନ୍ତି ଗଳ୍ପରେ- "ଏ ଗଳ୍ପର ନାୟକ ମୁଁ, ମୋର ଅନ୍ୟାନ୍ୟ ଗଳ୍ପମାନଙ୍କ ପରି । ତୁମେ ଅନେକଥର- ଅବଶ୍ୟ ଅଭିଯୋଗ କରିଛ, ମୁଁ ବିନା କ'ଣ ଆଉ କେହି ଗଳ୍ପର ନାୟକ ହୋଇପାରିବେ ନାହିଁ ?' ମୁଁ ଫୁଟାଣି ଦେଖେଇ କହିଛି- ମୁଁ ନିଜ ବିନା ମୋ ଗଳ୍ପର ହିରୋ କାହାରିକୁ କରିବାକୁ ରାଜି ନୁହେଁ । କାରଣ ମୋ ନିଜ କଥା ସବୁ କହି ସାରିଲେ ତ ଅନ୍ୟମାନଙ୍କ କଥା ଚିନ୍ତା କରିବି ।" **(ବଳଙ୍ଗା ଦାମୋଦର ନଦୀର କେତୋଟି ମୁହୂର୍ତ୍ତ : କନ୍ ହେଇ କଥାଘର)** ଆତ୍ମକଥନ ଶୈଳୀରେ କନ୍‌ହେଇଙ୍କ ଗଳ୍ପଗୁଡ଼ିକ ଲିଖିତ । ଶୈଳୀ ଓ ଭାଷା ବ୍ୟବହାରର ବୈଶିଷ୍ଟ୍ୟ ଯେପରି ଅନସ୍ୱୀକାର୍ଯ୍ୟ, ବାସ୍ତବବାଦ, ସମାଜଚେତନା, ମନସ୍ତାତ୍ତ୍ୱିକ ବିଶ୍ଳେଷଣ, ସୌନ୍ଦର୍ଯ୍ୟବୋଧ ସେହିପରି ତିଳତଣ୍ଡୁଳିତ ହୋଇଛି ତାଙ୍କ ରଚନାରେ । ସ୍ୱଗତୋକ୍ତି ମାଧ୍ୟମରେ ତାଙ୍କର ପ୍ରଶ୍ନ ମଧ୍ୟ ବେଶ୍ ରୋଚକଧର୍ମୀ । ଲୋକ ଭାଷା ଠାରୁ ସଂସ୍କୃତ, ଅପଭ୍ରଂଶ ଭାଷାର ବିବିଧ ବୈଚିତ୍ର୍ୟ କନ୍‌ହେଇଙ୍କ ରଚନାକୁ ଦେଇଛି ଅପୂର୍ବ ସ୍ୱାଦ । ଗଳ୍ପର ନାମକରଣରେ ଛୋଟ, ଦୀର୍ଘ ଏବଂ ଅତି ଦୀର୍ଘ ନାମର ବ୍ୟବହାର କରିଛନ୍ତି । ଚିତ୍ରକଳ୍ପ, ରୂପକ- ଉପମା ବ୍ୟବହାରର ଚମତ୍କାରିତା ମଧ୍ୟ ଫୁଟିଉଠିଛି ତହିଁରେ । ଅତି ପରିଚିତ ଶବ୍ଦ ଭିତରେ ଗାଳ୍ପିକ ତାଙ୍କର ବକ୍ତବ୍ୟକୁ ଏତେ ନିଟୋଳ କରି ପାରି ପାରିଛନ୍ତି ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ । ଗୋଟିଏ ଉଦାହରଣ- "ଦିନରେ ଖୁବ୍ କଠିନ ପରିଶ୍ରମ କଲେ ମୁଁ ପ୍ରାୟ ସ୍ୱପ୍ନ ଦେଖେ । କେତେବେଳେ ଦେଖେ ମୁଁ ଗୋଟିଏ ବିରାଟ ପୋଖରୀରେ ଜାଲ ମେଲାଇ ଦେଇଛି । ଜାଲ ଭିତରେ ରୂପା ପାତିଆ ପରି ମାଛସବୁ ଡିଆଁ ମାରୁଛନ୍ତି । ଅଥଚ ଜାଲରେ ଗୋଟିଏ ବି ଉଠୁନାହାନ୍ତି । କେତେବେଳେ ପୁଣି ଦେଖେଁ ମୁଁ ମୁକୁଟ ପିନ୍ଧି ଅଦ୍ଭୁତ ସବୁ ପୋଷାକରେ ପ୍ରବାଳର ରାସ୍ତା ଉପରେ ଚାଲିଛି । ଅଥଚ ମୋ ପାଖରେ କେହିନାହାନ୍ତି । କେବଳ ଚାରିଆଡ଼େ ହୀରାନୀଳା ମୋତି ମାଣିକ୍ୟର ଫସଲ । ପୁଣି କେତେବେଳେ ଦେଖେ ଗୋଟିଏ ବିରାଟ ଯୁଦ୍ଧ ପରେ ମୁଁ ଚାରିଆଡ଼େ ବୁଲୁଛି । ସମସ୍ତେ ମରି ଶୋଇଛନ୍ତି । କୁକୁର ବିଲୁଆ ସଙ୍ଗେ କଥା କହିବାକୁ ଗଲାବେଳେ ସେମାନେ ବି ଦଉଡ଼ି ଯାଉଛନ୍ତି । ମୁଁ କେବଳ ଚିତ୍କାର କରି କହୁଛି- ମୋତେ ବି ଖତମ୍ କର । ସ୍ୱପ୍ନ ଦେଖି ସାରିଲା ପରେ ମନେହୋଇଛି ଯେପରି ସ୍ୱପ୍ନଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଭୂମି ଉପରେ ଓ ପରସ୍ପର ସମାନ୍ତର ସରଳରେଖା ଉପରେ ଅବସ୍ଥିତ ସବୁ ସ୍ୱପ୍ନକୁ ଆଉଥରେ ଲେଖାଏଁ ଭାବି ସାରିଲା ପରେ କାନ ପାଖରେ ଗୁଣୁଗୁଣୁ କରିଉଠିଛି ଏକ ପୁରୁଣା ପରିଚିତ ସ୍ୱର- 'କନ୍‌ହେଇ, ତୁମର ଜୀବନ ଖୁବ୍ ନିଃସଙ୍ଗ ହେବ ।" **(ଅନ୍ଧକାରର ବୃତ୍ତ: କନ୍‌ହେଇ କଥାଘର)**

ସ୍ୱପ୍ନଜୀବୀ- ସ୍ୱପ୍ନ ସମ୍ରାଟ କନ୍‌ହେଇଲାଲ ଦାସ । କ୍ଷଣଜନ୍ମା ଏହି ସାରସ୍ୱତ ସାଧକଙ୍କ ରଚନାରେ ଓଡ଼ିଆ ସାହିତ୍ୟ ବିଶେଷକରି କଥାଜଗତରେ ଆସିଛି ନୂତନତା । ହେଲେ ବିଡ଼ମ୍ବନାର ବିଷୟ, କନ୍‌ହେଇ ଚର୍ଚ୍ଚାଲୋଚନା ଆଶାନୁରୂପ ହୋଇ ପାରିନାହିଁ । 'କନ୍‌ହେଇ କଥାଘର' ଏ ଦୃଷ୍ଟିରୁ କିନ୍ତୁ ଆଶ୍ୱସନାର ବିଷୟ । କନ୍‌ହେଇଲାଲ ଦାସ ସ୍ମୃତି ସଂସଦ, ବାଲେଶ୍ୱରଙ୍କ ଉଦ୍ୟମ ମଧ୍ୟ ପ୍ରଶଂସାଯୋଗ୍ୟ । ଭୀମ ପୃଷ୍ଟିଙ୍କ ସ୍ୱର ସହ ଆମ୍ଭେ ମଧ୍ୟ ଏକମତ- "ତାଙ୍କ କୃତିର ହେଉ ଅନୁବାଦ । 'ଧୃତରାଷ୍ଟ୍ରର ଆଖି' ଭଳି ଗପକୁ ବିଶ୍ୱବିଦ୍ୟାଳୟ କୋର୍ସରେ ସାମିଲ କରାଯାଉ ।"

**ରେବତୀ**ରେ 'କନ୍‌ହେଇ କଥା'ରେ କଥାକାର ଭୀମ ପୃଷ୍ଟି ଏବଂ ଗାଳ୍ପିକ ଉଦୟ ନାରାୟଣ ଦାସଙ୍କ କନ୍‌ହେଇ ଚର୍ଚ୍ଚା ଓଡ଼ିଆ ପାଠକଙ୍କୁ ପୁନର୍ବାର କନ୍‌ହେଇ ମନସ୍କ କରାଇବା ସହିତ ସେହି ପ୍ରତିଭାର ବ୍ୟାପକ ଆଲୋଚନା ପାଇଁ ଉତ୍ସାହିତ କରିବ ବୋଲି ଆଶାପୋଷଣ କରାଯାଇପାରେ ।

★★★HIGHLAND★★★

Group



Image: HIGHLAND AGRO PLANT, Balasore, Odisha
















/ highlandagro

# HIGHLAND GROUP

**Corporate Office:** Alupur, Near Laxminaryan Temple, O.T. Road, Balasore, Odisha (India) - 756001

+91-6782 - 262550 | info@highlandgroups.com

www.highlandgroups.com

## ସୌରଭ ରଞ୍ଜନ ମହାପାତ୍ରଙ୍କ ଭ୍ରମଣାଲେଖ ଚମତ୍କାର

● ସୁନ୍ଦର ପ୍ରଚ୍ଛଦ ଓ ଦ୍ୱିପ୍ରଚ୍ଛଦ ସହ ଜୁନ୍ ସଂଖ୍ୟାର 'ରେବତୀ' ପଢ଼ି ସାରିବାରେ ଖୁବ୍ ବିଳମ୍ବ ହେଲା । ଦ୍ୱିପ୍ରଚ୍ଛଦର ମଡ଼େଲ୍ କବି ସସ୍ମିତା ମେହେର ପାରମ୍ପରିକ ପଶାପାଲି ବସ୍ତ୍ର ପରିଧାନ ପୂର୍ବକ ଉତ୍କଳୀୟ ବସ୍ତ୍ରର ପ୍ରସାର ପାଇଁ କରିଥିବା ପ୍ରଚେଷ୍ଟା ହେତୁ ତାଙ୍କ ସହ 'ରେବତୀ' ଟିମ୍‌କୁ ସାଧୁବାଦ । ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ପରିବାର ଓ ସାହିତ୍ୟକୁ ନେଇ ଦୁଇଟି ସଂପାଦକୀୟ ପ୍ରଥମରୁ ଖୁବ୍ ଭଲ ଲାଗି ଆସୁଛି । ପ୍ରଣମ୍ୟ କଥାକାର ଅଚ୍ୟୁତାନନ୍ଦ ପତିଙ୍କର ସ୍ୱନକ୍ଷତ୍ର ମାସରେ ଶୁଭେଚ୍ଛାର ଏ ସୁନ୍ଦର ପରିକଳ୍ପନା ତାଙ୍କୁ ଯେତିକି ଖୁସି କରିଥିବ, ତା ଠାରୁ ଯଥେଷ୍ଟ ବେଶୀ ଖୁସି ତାଙ୍କ ଲେଖାର ବିମୁଗ୍ଧ ପାଠକଙ୍କୁ ମିଳିଥିବ । ଦୁଇ ବରିଷ୍ଠ ଲେଖକଙ୍କର ଯୁଗଳବନ୍ଦୀରେ ଖୁବ୍ ସୁଖପାଠ୍ୟ ଉପସ୍ଥାପନ । ମଇ ସଂଖ୍ୟାର ଦୁଇଟି ସୁନ୍ଦର କବିତାର ଚମତ୍କାର ସମୀକ୍ଷା କରିଛନ୍ତି ଡକ୍ଟର ଶିଶିର ବେହେରା । ପୂର୍ବ ସଂଖ୍ୟାରେ ପଢିଥିବା ଏ କବିତା ଦୁଇଟି ଆହୁରି ସ୍ୱଷ୍ଟ ଓ ବଳିଷ୍ଠ ହୋଇ ଉଠିଛି 'ବିଶେଷ ମତ'ର ବିଶ୍ଳେଷଣାତ୍ମକ ଦୃଷ୍ଟିରେ । ପ୍ରତି ଦୁଇଟି ପରିବାରରେ ଆଜି ଦେଖିବାକୁ ମିଳେ ଉଦୟବାବୁଙ୍କର ଗଳ୍ପ 'ଆଶ୍ରା' । ଆମ ସମୟର ଏଇ ଅସମାହିତ ଜଟିଳତାକୁ ଆବେଗପ୍ରବଣତା ସହ ଗଳ୍ପରେ ସଜାଡ଼ି ପାଠକ ଚକ୍ଷୁକୁ ଲୋତକାପ୍ଲୁତ କରିବାରେ ସଫଳ ହୋଇଛନ୍ତି କଥାକାର । ବୟସାଧିକ୍ୟର ଅଲୋଡ଼ାପଣ ସତରେ କେତେ କଷ୍ଟପ୍ରଦ ! ଗୋଟିଏ ଭଲ ସାମାଜିକ ଚେତନାର କଥାକୁ ବଖାଣିଛନ୍ତି ଗଳ୍ପ 'ଆରିସା ପିଠା'ରେ କଥୟିତ୍ରୀ ଭୁବନେଶ୍ୱରୀ ପଣ୍ଡା । କବିତା ସବୁ ଖୁବ୍ ଛୁଇଁଲା । କିନ୍ତୁ ଯୁବକବି ବାବୁଲୁ ପଧାନ ପ୍ରତିଥର ପରି ଚମତ୍କୃତ କଲେ । ଅବାରିତ ଆୟୁଷକୁ ଅକାମି ରେଳଡବା ଭିତରୁ ଖୋଜି ନେଉଥିବା କବିର ସେ ଦୃଷ୍ଟିକୁ ଶତ ପ୍ରଣାମ । କଟା ଜିଭରେ ମୁକ୍ତିର ସଂହିତା ପଢୁଥିବା କଙ୍କାଳମାନଙ୍କ ପାଇଁ କବିପ୍ରାଣର ବିଦ୍ରୋହକୁ ସଲାମ । ତିନିପ୍ରିୟ ଲେଖକଙ୍କର ତିନୋଟି ଧାରାବାହିକର ଚମତ୍କାର ଗତିଶୀଳତା 'ରେବତୀ'ର ଅନ୍ୟତମ ଆକର୍ଷଣ । ପୁରାଣ ତତ୍ତ୍ୱ ଠାରୁ ଆରମ୍ଭ କରି ବୈଜ୍ଞାନିକ ବୈଶିଷ୍ଟ୍ୟ ପର୍ଯ୍ୟନ୍ତ, ସମସ୍ତ ଦିଗରୁ ସୁନ୍ଦର ସମନ୍ୱୟ ସହ ସୂର୍ଯ୍ୟମୁଖୀ ଆଲେଖ୍ୟଟି ପ୍ରସ୍ତୁତ କରିଛନ୍ତି ଶ୍ୱେତା ରାଉତ । ଗାଳ୍ପିକ ଶ୍ରଦ୍ଧାକର ସୂପକାରଙ୍କର ଗଳ୍ପ 'କରୁଣ ରାତିର ନାୟକ'ର ମୁଖ୍ୟ ଚରିତ୍ରର ସୁନ୍ଦର ବିଶ୍ଳେଷଣ କରି ଡକ୍ଟର ମଣୀନ୍ଦ୍ର କୁମାର ମେହେର ସ୍ୱଭାବ କବିଙ୍କର ମହନୀୟତାକୁ ପାଠକଙ୍କ ପାଖରେ ପହଞ୍ଚେଇବାର ଯେଉଁ ମହତ କାର୍ଯ୍ୟ କରିଛନ୍ତି ସେପାଇଁ ସେ ନମସ୍ୟ । ନାରାୟଣ ରାଉତରାୟଙ୍କର ପାଳୁଅ ଲଡ୍ଡୁ ଉପସ୍ଥାପନା ତଥ୍ୟ ଭିତ୍ତିକ । ଦେବଯାନୀ ରାୟଙ୍କ 'ବୃନ୍ଦାବନ ଗାର୍ଡ଼େନ୍' ଇନଫରମେଟିଭ୍ ହେଲେ ବି ଆଉ ଟିକେ ରୋଚକ ହୋଇ ପାରିଥାନ୍ତା । ଶେଷରେ ଏ ସଂଖ୍ୟାରେ ମୋତେ ସବୁଠାରୁ ପ୍ରଭାବିତ କରିଥିବା ଆଲେଖ୍ୟ ହେଲା ସୌରଭ ରଞ୍ଜନ ମହାପାତ୍ରଙ୍କର 'ପ୍ରେମର ସହର ପ୍ୟାରିସ୍' । ଯେଉଁ ସୁନ୍ଦର ଶୈଳୀରେ ସୌରଭ ଆମକୁ ଏ ପ୍ରେମର ସହର ବୁଲେଇ ନେଲେ, ମୁଁ ତ ଭାବୁଥିଲି, ଆହୁରି ଅଧିକ ସମୟ ବ୍ୟାପ୍ତ ହେବାର ଥିଲା ଏ ଯାତ୍ରା । ଆଶା କରିବି ସୌରଭ ଆଗକୁ ଏମିତି ରୋଚକ ଭ୍ରମଣ କାହାଣୀ ଆମକୁ ଭେଟି ଦେବେ ।

**ପ୍ରତ୍ୟୁଷ ପଣ୍ଡା,** ସିଡ଼ିଏ, କଟକ

## ଶ୍ରୀଜଗନ୍ନାଥ ବିଶେଷ ସଂଖ୍ୟା 'ରେବତୀ'ର ଶ୍ରେଷ୍ଠତମ ସଂଖ୍ୟା ବୋଲି କହିହେବ

● ବୋଧହୁଏ ମୋ ଅନୁମାନରେ 'ରେବତୀ'ର ଏ ସଂଖ୍ୟା ଶ୍ରେଷ୍ଠତମ ସଂଖ୍ୟା । ଅସିତ ମହାନ୍ତିଙ୍କ ପ୍ରସଙ୍ଗ ଠୁଁ ପ୍ରସଙ୍ଗ ଯାଏଁ ପ୍ରତି ଲେଖା ମୁଁ ଏକା ନିଶ୍ୱାସରେ ପଢ଼ି ଶେଷ କଲି । ପ୍ରତି ଲେଖାରେ ଶ୍ରୀଠାକୁରଙ୍କ କୀର୍ତ୍ତି, ଯଶ ଓ ଅଲୌକିକ କଥାକୁ ନେଇ ମନ ମୁଗ୍ଧକର ଆଲେଖ୍ୟ ସବୁ ସଂଯୋଜିତ ହେଇଛି । ଜଗନ୍ନାଥଙ୍କ ପଠନରେ ହୃଦୟ ଉନ୍ମାଦିତ ହେଉଥିଲା । ଇଚ୍ଛା ହେଉଥିଲା ଠାକୁରଙ୍କ ବଡ଼ଦାଣ୍ଡରେ ବସି ମନ ଭରି କାନ୍ଦିବା ପାଇଁ । ନନ୍ଦିଘୋଷ ରଥର ତତ୍ତ୍ୱ ପଢ଼ିଲି ଅସିତ୍ ମହାନ୍ତିଙ୍କ 'ରଥକଥା'ରେ । ଭକ୍ତିଭାବରେ ମନ ଉଚ୍ଚାଟିତ ହେଲା । ଏହା ପରକୁ ବିଚିତ୍ରା ଦାଶଙ୍କ 'ଛପନ ଭୋଗ' । ଭୋଗ ଓ ପ୍ରସାଦର ପ୍ରସ୍ତୁତ ପ୍ରଣାଳୀ ବିଷୟରେ ସମ୍ୟକ ଧାରଣା ମିଳିଲା ଏଇ ଲେଖାରୁ । ପୀତବାସ ରାଉତରାୟଙ୍କ ଦୁଇ ସନ୍ଥ ଯଥା ତୁଳସୀ ଦାସ ଓ ନାନକଙ୍କ ପୁରୀ ଆଗମନ ଓ ଈଶ୍ୱରଙ୍କ ଚାକ୍ଷୁସ ଦର୍ଶନ ପଢ଼ିଲା ବେଳେ ମୋ ଆଖିରେ ଲୁହ ପ୍ଲାବିତ ହେଉଥିଲା । ବିଶେଷକରି ତୁଳସୀ ଦାସଙ୍କୁ ପ୍ରଭୁ ଡାକିନେଇ ଦାରୁବ୍ରହ୍ମ ବଦଳରେ ରାମ ଲକ୍ଷ୍ମଣ ଓ ସୀତାଙ୍କ ରୂପରେ ଦର୍ଶନ ଦେବା ବା ଜଗନ୍ନାଥଙ୍କ ଆରତୀ ଥାଳି ଆସି ସମୁଦ୍ର କୂଳରେ ବସି ଦୁଃଖ ଅଭିଭୂତ ଥିବା ଶ୍ରୀ ନାନକଙ୍କ ମୁଣ୍ଡରେ ଲାଗିଯିବା ମୋତେ ଏକ ଅଜବ କାହାଣୀ ପରି ମନେହେଲା । ନାନକ କହନ୍ତି, ଜଗନ୍ନାଥଙ୍କ ଆସ୍ଥାନ ଓ ପ୍ରସାଦ କେବଳ ହିନ୍ଦୁଙ୍କ ପାଇଁ ନୁହେଁ, ଏହା ସବୁ ଧର୍ମର ମଣିଷ ପାଇଁ । ଏ ଠାକୁର ସବୁ ଠାକୁରଙ୍କ ଉପରେ ରହି ବଡ଼ ଠାକୁର । ଏହା ପରକୁ ଋତୁରାଜ ଦାସଙ୍କ ମାରଦା ମନ୍ଦିର କଥା ଯେଉଁଠି ଜଗନ୍ନାଥ ଆତ୍ମଗୋପନ କରିଥିଲେ । ଏ ମନ୍ଦିର ନିର୍ମାଣ, ଇତିହାସ ଓ ଠାକୁରଙ୍କ ରହଣି ବଷୟରେ ବହୁ କଥା ଜାଣିହେଲା । ଶ୍ରଦ୍ଧାଞ୍ଜଳି କାନୁନଗୋଙ୍କ ଆଲେଖ୍ୟ ବି ମୋତେ ଭାବାବେଗ କଲା । ରଥ ଓ ସାରଥୀର ବର୍ଣ୍ଣନା ଖୁବ୍ ଦାର୍ଶନିକ । ଡାକ୍ତର ଓ କବି ସରୋଜିନୀ ଷଡ଼ଙ୍ଗୀଙ୍କ ଚଣ୍ଡୀଗଡ଼ରେ ପଢ଼ିବା ସମୟରେ ଈଶ୍ୱରଙ୍କ ଆଶୀର୍ବାଦରେ ମନିଅର୍ଡ଼ର ପାଇବା କଥା ପାଠ କଲା ବେଳେ ମୋ ଆଖି ଲୁହମୟ ହେଇଯାଇଥିଲା । ପୁଣି ଚଣ୍ଡୀଗଡ଼, ଦିଲ୍ଲୀ ଓ ମୁମ୍ବାଇର ରଥଯାତ୍ରା ଓ ଅନେକ ଅଲୌକିକ କଥା ମୋତେ ବିଗଳିତ କଲା । ବିଶେଷକରି ଦିଲ୍ଲୀରେ ଜଗନ୍ନାଥ ମନ୍ଦିର ସ୍ଥାପନ ହେବାର କରୁଣ କାହାଣୀ, ଠାକୁରଙ୍କୁ ଓଡ଼ିଆ ଲୋକ ମାନେ ଛାଡ଼ି ଦେଇଯିବା ମୋତେ ବିଗଳିତ କଲା । ବାରିପଦାରେ ଜଗନ୍ନାଥ ମନ୍ଦିର କଥା ବି ଚମକପ୍ରଦ ଥିଲା । ଏଥିରେ କେଉଁ ପରିବେଶରେ ରାଜା ମନ୍ଦିର ନିର୍ମାଣ କଲେ ଓ ଏଠିକାର ରଥର ସ୍ୱତନ୍ତ୍ରତା ବର୍ଣିତ । ସର୍ବଶେଷକୁ ଅଛି ମହାଲକ୍ଷ୍ମୀଙ୍କ ଜଗନ୍ନାଥଙ୍କ ମାନ ଭଞ୍ଜନ କଥା । ପ୍ରତି ଆଲେଖ୍ୟ ମୋତେ ଗପ ଗପ ଲାଗୁଥିଲା ଓ ସବୁଥିରେ ମୁଁ ଭାବପ୍ରବଣତାର ଏକ ଅନ୍ତଃସ୍ରୋତ ପାଇ ପାରୁଥିଲି । ସବୁଥିରେ ମୁଁ ଭାବାବେଗ ପାଇ ବହୁତ କାନ୍ଦିଥିଲି ଓ ପ୍ରାର୍ଥନା କରୁଥିଲି ହେ ପ୍ରଭୁ ମରିବା ପୂର୍ବରୁ ମୋତେ ସେଇ ବଡ଼ ଠାକୁରଙ୍କ ବଡ଼ ଦାଣ୍ଡରେ  ନେଇ ପକାଇ ଦିଅ, ସେଠି ପଡ଼ି ପଡ଼ି ମୋ ଜୀବନ ଯାଉ । ହଁ, ଜଗନ୍ନାଥ ଆଲେଖ୍ୟ ଭିତରେ ମୋତେ ଅନ୍ୟକିଛି ଲେଖା ଆଉ ଦେଖା ଯାଇନଥିଲା । କିଛି କବିତାରେ ବି ମୁଁ ପ୍ରଭୁଙ୍କ ମହିମା ବା ତାଙ୍କ ପ୍ରତି ଅଭିମାନ ମୁଁ ପଢ଼ିଥିଲି । ଏପରି ସଂଖ୍ୟା ପ୍ରତି ଓଡ଼ିଆ ସାଇତି ରଖିବା ଉଚିତ୍ । ଏଥିରେ ଦାର୍ଢ୍ୟତା ଭକ୍ତିର ଗୋଟିଏ ଉପଖ୍ୟାନ ଦେଇଥିଲେ ଆହୁରି ସୁନ୍ଦର ହୋଇଥାନ୍ତା । ବା କିଛି ବିଦେଶୀମାନଙ୍କ ଜଗନ୍ନାଥ ପ୍ରେମର କଥା । ଏସବୁ କୁଶଳୀ ସମ୍ପାଦକ କୃଷ୍ଣବାବୁଙ୍କୁ ସଂଗ୍ରହରେ ଅବଶ୍ୟ କଷ୍ଟ ହେଇନଥାନ୍ତା, ଯଦି ସେ ଆଉ କିଛି ସମୟ ପାଇଥାନ୍ତେ । ବାସ୍ତବିକ ଏ ସଂଖ୍ୟା ଏକ ଅବିସ୍ମରଣୀୟ ସଂଖ୍ୟା ।

ସୁଚେତା ମିଶ୍ରଙ୍କ ବଙ୍ଗଳାରୁ ଅନୂଦିତ ଗଳ୍ପ ପୁସ୍ତକ 'ନୀଳ ନିମନ୍ତ୍ରଣ'ର ସମୀକ୍ଷା ପଢ଼ିଲେ ସେଇ ପୁସ୍ତକଟି ପଢ଼ିବାକୁ ବହୁତ ମନ ବଳୁଛି । ଏଥିରେ 'ନୀଳ ନିମନ୍ତ୍ରଣ' ଗପର ସମ୍ୟକ ସୂଚନା ମୋତେ ବାଧ୍ୟ କରେ ସେଇ ଗପ ପଢ଼ିବାକୁ । ଖୁସି ପ୍ରତି ବର୍ଷ ପୁରୀ ଆସନ୍ତି । ଗାଁରେ ସେ  ଭାର ଖରାପ ସ୍ତ୍ରୀଲୋକ । କଳି କରନ୍ତି । ଟଙ୍କା କରଜ ଲଗାନ୍ତି । କିନ୍ତୁ ଖୋଦ ରଥଯାତ୍ରାରେ ତାଙ୍କ ମୃତ୍ୟୁ ହେଉଛି ପୁରୀ ବଡ଼ଦାଣ୍ଡରେ । ଏଇଠି ଗପ ଶେଷ ହୁଏ । ସେମିତି ଆଉ ଏକ ଗପ ଜଣେ ଶିକ୍ଷକଙ୍କର । ସେ ନାସ୍ତିକ ।  ଥରେ ଦୁଇ ବନ୍ଧୁଙ୍କ ସହିତ ପୁରୀ ଯାଆନ୍ତି । ସେଠି ମହାପ୍ରସାଦ ବିକୁଥିବା ଲୋକଙ୍କୁ ଠେଲି ଦେଲାରୁ ତଳେ ପଡ଼ି ଯାଆନ୍ତି ଓ ତାଙ୍କ ଗୋଡ଼ ଭାଙ୍ଗିଯାଏ । ଏହାପରେ ସେ ଆସ୍ତିକ ହୁଅନ୍ତି । ପ୍ରତି ଗପରେ ଅଛି ଜଗନ୍ନାଥଙ୍କ ସୂଚନା । କୃଷ୍ଣବାବୁ ତାଙ୍କ ସମ୍ପାଦକୀୟରେ ପ୍ରତିଥର ସାହିତ୍ୟ କରୁଥିବା ମଣିଷମାନଙ୍କ ପ୍ରତି ଏକ ଏକ ଚେତାବନୀ ଶୁଣାଉଛନ୍ତି । କିନ୍ତୁ କେତେ ଆମେ ଗ୍ରହଣ କରୁ ? ଏଥର ସତ୍ ସାହିତ୍ୟର ପ୍ରଶଂସା ପାଇଁ ସେ ଆହ୍ୱାନ ଦେଇଛନ୍ତି । ଏଥର ବି ପ୍ରତିଥର ପରି କବିତା ବିଭାଗ ସମୃଦ୍ଧ । 'ଦାସେ ଆପଣେ'ର କଥା ମୋତେ ବିଭୋର କଲା । କେତେ କେତେ ଅସୁବିଧା ଦେଇ ମହାପୁରୁଷ ଆଗେଇ ଚାଲନ୍ତି । ସୁଧିର ପ୍ରଧାନଙ୍କ ଗପରେ ବାପାଙ୍କ ସହ ଫଟୋ ଉଠାଇ ପାରି ନଥିବାର ଦୁଃଖ ମୋତେ ଆର୍ଦ୍ର କଲା । ସବୁ ଦିଗରୁ ଏ ସଂଖ୍ୟା ଏକ ଅନନ୍ୟ ସଂଖ୍ୟା ।

**ତନୁସ୍ମିତା ନାୟକ,** ଚୂନଭାଟି କଲୋନୀ, ବାଲେଶ୍ୱର

ସମ୍ପାଦକୀୟ

# ସାଂସାରିକ ଦିନଚର୍ଯ୍ୟାରେ ହରିହାଟ

ସଂସାରରେ ରହି ଆମେ ସମସ୍ତେ ସାଂସାରିକ ଧର୍ମ-ଧାରଣାରେ ନିଜକୁ ପ୍ରତିପାଳିତ କରିଥାଉ । ତଦନୁସାରେ ଆମର ଜୀବନ ଧାରଣର ମାନ ନିର୍ଦ୍ଧାରିତ ହୋଇଥାଏ । ସଂସାରରେ ଥିଲେ ସବୁ ପ୍ରକାଶ ଦୁଃଖ, କ୍ଳେଶ, ହସ, ଖୁସି ଭିତରେ ନିଜକୁ ଏକାଗ୍ର ରଖି ଚାଲିବାକୁ ପଡ଼ିଥାଏ । ବେଳେବେଳେ ସଂସାରର କୋଠର ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇ ଆମେ ହତାଶ ହୋଇପଡୁ । ଲାଗେ ଏ ସଂସାର ଯେପରି ଅସାର । ଆମେ ସଂସାର ତ୍ୟାଗୀ ହେବାର ପରିକଳ୍ପନା କରିବସୁ । ଏବଂ କେହି କେହି ତ ସଂସାର ତ୍ୟାଗୀ ଜୀବନକୁ ଆପଣେଇ ନେଇ ଆନନ୍ଦ ଲାଭର ମାର୍ଗରେ ଅଗ୍ରସର ହୋଇଥାନ୍ତି । କିନ୍ତୁ ସଂସାରର ପ୍ରକୃତ ସଫଳତା ସଂସାର ଭିତରେ ଥାଇ ଇନ୍ଦ୍ରିୟାନୁସାରେ ନିଜକୁ ପରିଚାଳିତ କରିବାରେ ନିହିତ ଥାଏ- ଏକଥା ଆମେ ବୁଝି ପାରୁନା । ବାହ୍ୟ ସୁଖଶାନ୍ତିକୁ ଦେଖି ନିଜ ଭିତରର ଅବସାଦ ଓ ଅପୂର୍ଣ୍ଣତାକୁ ତୁଳନା କରି ବସୁ । ଫଳରେ ଆମକୁ ଲାଗେ ଏ ସଂସାରଟି ଜଂଜାଳମୟ । ଏଠି ସୁଖ ଶାନ୍ତି ପ୍ରାପ୍ତି ଅସମ୍ଭବ । ଏ ପ୍ରକାର ଏକ ମାନସିକ ନିଷ୍ପତ୍ତି ଆମକୁ ଭୁଲ୍ ମାର୍ଗରେ ନେଇଯାଏ, ଯାହାକୁ ଆମେ ଜାଣି ପାରୁନା ।

ସଂସାରର ପ୍ରତ୍ୟେକ ବ୍ୟକ୍ତି ନିଜକୁ ପ୍ରଥମେ ପରୀକ୍ଷଣ କରି ଦେଖିବାର ଆବଶ୍ୟକତା ରହିଛି । ନିର୍ଭୀକତା, ମନର ପବିତ୍ରତା, ଆଧ୍ୟାତ୍ମିକ ଜ୍ଞାନର ସ୍ଥିରତା, ଦାନ, ଇନ୍ଦ୍ରିୟ ବଶୀକରଣ, ଯଜ୍ଞ ସମ୍ପାଦନ, ପବିତ୍ର ପୁସ୍ତକ ପଠନ, ସଂଯମ, ସ୍ପଷ୍ଟବାଦୀ, ଅହିଂସା, ସତ୍ୟବାଦୀ, କ୍ରୋଧରହିତ, ତ୍ୟାଗ, ଶାନ୍ତିପ୍ରିୟ, ପରଦୋଷ ଦର୍ଶନ ନକରିବା, ସମସ୍ତ ପ୍ରାଣୀଙ୍କ ପ୍ରତି ଦୟା, ଲୋଭହୀନ, ଭଦ୍ର, ଶାଳୀନ, ସ୍ଥିରମତି, ସାହସୀ, କ୍ଷମାଶୀଳ, ସହନଶୀଳ, ପରିଷ୍କାର ପରିଚ୍ଛନ୍ନ, କାହା ପ୍ରତି ଶତ୍ରୁତା ଆଚରଣ ନ କରିବା ଏବଂ ଅଂହକାର ରହିତ ହେବା- ଏସବୁ ଜଣେ ବ୍ୟକ୍ତିର ସାଧୁ ସ୍ୱଭାବ ଅଟେ । ସ୍ୱଭାବରେ ପରିବର୍ତ୍ତନ ଏବଂ ସାଧୁ ସ୍ୱଭାବର ବ୍ୟକ୍ତିତ୍ୱ ଗଠନ ହେଉଛି ଜଣେ ସାଂସାରିକ ବ୍ୟକ୍ତିର ପ୍ରଥମ କାମ । ଏ କଥା ମଧ୍ୟ ସ୍ମରଣ ରଖିବା ଉଚିତ ଯେ, ମଣିଷ ଜନ୍ମର ଚରମ ଲକ୍ଷ୍ୟ ପ୍ରାପ୍ତି ଦିଗରେ ନିଜକୁ ଉଚ୍ଚତର ସୋପାନକୁ ଉନ୍ନୀତ କରାଇବା ପାଇଁ ଆଧ୍ୟାତ୍ମିକ ସାଧନାର ଅଙ୍ଗ ଭାବେ ଏହିସବୁ ଗୁଣକୁ ଆମେ ବିକଶିତ କରିବା ଉଚିତ । ଏହା ବର୍ତ୍ତମାନ ଓ ଭବିଷ୍ୟତର ଦୁଃଖ ପାଇଁ ଉଦ୍‌ବେଗ-ମୁକ୍ତ ରହିବା ଅବସ୍ଥା ସହ ଭେଟ କରାଏ । କାରଣ କୌଣସି ପ୍ରକାରର ଅତିଶୟ ଆସକ୍ତି ମନରେ ଭୟ ଉତ୍ପନ୍ନ କରାଏ । ଯେପରି ଧନସମ୍ପତ୍ତିର ଆସକ୍ତି ଦରିଦ୍ର ହୋଇଯିବାର ଭୟ ଉତ୍ପନ୍ନ କରେ । ଯଶ ପ୍ରତି ଆସକ୍ତି ଅପଯଶର ଭୟ ସୃଷ୍ଟି କରାଏ । ଶରୀର ପ୍ରତି ଆସକ୍ତି ରୋଗର ଭୟ ଉତ୍ପନ୍ନ କରାଏ । ସୁତରାଂ ବୈରାଗ୍ୟ ବା ଅନାସକ୍ତ ଭାବ ଏବଂ ଭଗବତ୍ ଶରଣାଗତି ହିଁ ହୃଦୟରୁ ସମସ୍ତ ଭୟକୁ ଦୂର କରିବା ପାଇଁ ଯଥେଷ୍ଟ- ଏକଥା ଆମେ ଜାଣୁ । ତଥାପି ଆମେ ଏସବୁଥିରୁ ଦୂରେଇ ରହୁ କାହିଁକି ?

ଆପଣମାନେ ଜାଣିଥିବେ, ଏକଦା ସମୟ ଥିଲା ଗାଁ ଗହଳି ବା ସାହିପଡ଼ାରେ ସଂଧ୍ୟା ସମୟରେ ବା ସପ୍ତାହର କୌଣସି ନିର୍ଦ୍ଦିଷ୍ଟ ଦିନ ହରିହାଟ ବସୁଥିଲା । ସେଠାରେ ଗ୍ରାମବାସୀ ଏକତ୍ରିତ ହେଉଥିଲେ । ହରିହାଟର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ହରିଙ୍କ ନାମଜପ ଏବଂ ହରିଙ୍କ ସମ୍ପର୍କିତ ନାନାଦି କାହାଣୀ ପଠନ ଓ ଶ୍ରବଣ । ଏତଦ୍ୱାରା ଲୋକଙ୍କ ଭିତରେ ଏକ ଆଧ୍ୟାତ୍ମିକ ଭାବନା ଏବଂ ଧର୍ମୀୟ ଜାଗରଣ ସୃଷ୍ଟି ହେଉଥିଲା । ହରିଙ୍କ ନାମ ଉଚ୍ଚାରଣ କରିଲେ ଯେଉଁ ଆତ୍ମିକ ଆନନ୍ଦ ମିଳେ, ତାହା ହରିହାଟର ଏହି ସମ୍ମେଳନରେ ପୂରଣ ହେଉଥିଲା । ଆବାଳବୃଦ୍ଧ ବନିତା ଭଗବାନଙ୍କ ଲୀଳାଖେଳାର ନାନାଦି କଥା କାହାଣୀକୁ ଅତି ଆଗ୍ରହ ସହକାରେ କେବଳ ଶୁଣୁ ନଥିଲେ, ଏହାକୁ ନିଜ ଜୀବନରେ ପ୍ରୟୋଗ କରିବା ପାଇଁ ମଧ୍ୟ ତତ୍ପର ରହୁଥିଲେ । ଏହାର ପ୍ରମାଣ ସ୍ୱରୂପ ଆପଣମାନେ ଲକ୍ଷ୍ୟ କରିପାରିବେ ଯେ, ଆଗରୁ ଗ୍ରାମ୍ୟ ପରିବେଶରେ ଯେଉଁ ଧର୍ମୀୟ ଭାବନା ଓ ଧର୍ମୀୟ ପରିବେଶ ଥିଲା, ତାହା ଆଜି ଆଉ ନାହିଁ । ଧର୍ମ ପରାୟଣ ବ୍ୟକ୍ତିଟିଏ ଖୋଜି ପାଇବା ଆଜିର ସମୟରେ ଦୁରୁହ ହେଲାଣି । ଗାଁ-ସାହିରେ ଏବେ ହିଂସା ଓ ହତ୍ୟାକାଣ୍ଡର ହାହାକାର ଶୁଭୁଛି । କେଉଁଠି ମାରପିଟ୍ ତ କିଏ କାହାର ଜମିଜମାକୁ ନେଇ ରକ୍ତମୁଖା ହେଲାଣି । ଏସବୁର ଆରମ୍ଭ ସେଇ ହରିହାଟର ଅବଲୁପ୍ତି ପରେ ହିଁ ଆସିଛି । ଆଜିର ସମୟରେ ନାହିଁ ହରିହାଟର ସେଇ ଭକ୍ତିମୟ ପରିବେଶ । ଯେଉଁଠି ମହାଭାରତ, ରାମାୟଣ କି ଭାଗବତ ଗୀତା ପାଠ କରା ଯାଉଥିଲା । ତାକୁ ଅନ୍ୟମାନେ ଶୁଣି ମନେ ରଖୁଥିଲେ । ତାହା ମଧ୍ୟ ଲୋକଙ୍କ ଭିତରେ ଏକ ଧର୍ମପରାୟଣତା ସୃଷ୍ଟି କରୁଥିଲା । ଲୋକଙ୍କ ଭିତରେ ଦୟା, ଧର୍ମ, ଦାନ, କ୍ଷମା, ଉଦାରତା, ଅହଂକାର ଶୂନ୍ୟତା ଭଳି ଗୁଣମାନ ସୃଷ୍ଟି ହେଉଥିଲା । 'ହରିହାଟ'ର ଏହି ପ୍ରଭାବକୁ ଆମେ ଅସ୍ୱୀକାର କରିପାରିବା ନାହିଁ । ଆଜି ସର୍ବତ୍ର ହିଂସା, ଦ୍ୱେଷ, ପରଶ୍ରୀକାତରତା, ଅସହିଷ୍ଣୁତା ଗ୍ରାସ କରି ବସିଛି । ସଂସାର ସତରେ ଯେପରି ତା'ର ଲୌକିକତା ହରାଇ ବିଷମୟ ହୋଇ ପଡ଼ିଛି । ଆମେ ସମସ୍ତେ ଅଧିକରୁ ଅଧିକ ଶିକ୍ଷିତ, ସଭ୍ୟ ଓ ଆଧୁନିକ ହେଉଛୁ ସତ, କିନ୍ତୁ ସେଇ ତୁଳନାରେ ଆମେ ବିପରୀତ ଭାବେ ଧର୍ମଭାବନ ଓ ଭଗବତ୍ ଚିନ୍ତନ ଠାରୁ ଘୁଞ୍ଚିଘୁଞ୍ଚି ଯାଉଛୁ । ନିଜ ଘରେ ଭଗବାନଙ୍କୁ ରଖି ପୂଜା କଲେ ନୁହେଁ, ନିଜ ହୃଦୟରେ ଭଗବତ୍ ଚିନ୍ତନକୁ ସ୍ଥାପିତ କରି ତାହାକୁ ବାଣ୍ଟିଲେ ସଂସାର କେବଳ ସୁଖମୟ ହେବନି ସଭିଙ୍କ ଭିତରେ ଈଶ୍ୱରାନୁଭବ ଆଲୋକ ପ୍ରକଟିତ ହୋଇ ଏକ ଦିବ୍ୟ-ଭୁବନ ତିଆରି ହେବ ।

ଆସନ୍ତୁ ଦେବୀ ଦୁର୍ଗାମାତାଙ୍କ ଆଗମନୀ ଅବସରରେ ଆମେ ଅଙ୍ଗୀକାରବଦ୍ଧ ହେବା, ଘରେ ଘରେ ପୁରାଣପାଠ ସହ ଈଶ୍ୱରଙ୍କ ନାମ ସଂକୀର୍ତ୍ତନ କରିବା । ଗ୍ରାମ ହେଉ କି ସହର, ଭାଗବତ ଟୁଙ୍ଗୀ ଅବା ହରିହାଟ ସମ୍ମେଳନ କରି ଲୋକଙ୍କ ଭିତରେ ଧର୍ମୀୟ ଧାରାର ଉଦ୍‌ଗୀରଣ କରାଇବା ।

ପ୍ରାକ୍ ଶାରଦୀୟ ଶୁଭେଚ୍ଛା ସହ ଆପଣମାନଙ୍କର ସହଯୋଗ କାମନା କରି ରହୁଛି ।

ସୁହାସିନୀ ଦେବୀ

**ସମ୍ପାଦିକା**









# ଶବ୍ଦର ସନ୍ଥ
# ସୀତାକାନ୍ତ

# ମୋହମୁଗ୍ଧ ମାଟି ଓ ସୀମାହୀନ ସୀତାକାନ୍ତ


## ଡକ୍ଟର ଗୌତମ ଜେନା

ଚହଟା, ଜେମାଶୁଣି ମନ୍ଦିର ପାଖ, ଧର୍ମଶାଳା,
ଯାଜପୁର-୭୫୫୦୦୮
ମୋବାଇଲ : ୯୨୩୭୪୮୧୪୦୫


ଫଟୋ ସୌଜନ୍ୟ : ଲେଖକ
ମୁଖ୍ୟପୃଷ୍ଠ ପୋଟ୍ରେଟ୍ : ବିମଳ ଦାସ

**ଶବ୍ଦର ସ୍ଥପତି ସେ । ଶବ୍ଦ ଆକାଶରେ ସେ ନିର୍ମାଣ କରନ୍ତି ରାଶି ରାଶି କାବ୍ୟତାରା । ଓଡ଼ିଆ କବିତାର ସେ ହେଲେ ବିଶିଷ୍ଟ ସାଧକ କବି ସୀତାକାନ୍ତ ମହାପାତ୍ର । ଏକାଧାରରେ କବି, ପ୍ରାବନ୍ଧିକ ଓ ସମାଲୋଚକ । ଭାରତୀୟ ପ୍ରଶାସନିକ ସେବାରେ ଦୀର୍ଘକାଳ କାର୍ଯ୍ୟ କରି ଅବସର ନେବା ପରେ ନାସ୍‌ନାଲ୍ ବୁକ୍ ଟ୍ରଷ୍ଟ୍‌ର ଅଧ୍ୟକ୍ଷ ରହିଥିବା ଏହି କବିଙ୍କ ଜନ୍ମ ମାସ ହେଉଛି ଏଇ ସେପ୍ଟେମ୍ବର । ତାଙ୍କ ଜନ୍ମଲଗ୍ନକୁ ସ୍ମରଣୀୟ କରିବା ଲାଗି 'ରେବତୀ'ର ଏଇ ନମ୍ର ପ୍ରୟାସ ।**



◀ ଲେଖକ ଡକ୍ଟର ଗୌତମ ଜେନା

ଶବ୍ଦର ଆକାଶରେ ସଦା କବିତାକୁ ଶଂଖୋଳୁଥିବା ମଣିଷର ଜନ୍ମଜାତକ ଯେ ବୈଚିତ୍ର୍ୟପୂର୍ଣ୍ଣ- ଏ କଥା କବିତା ଭିତରେ ବୁଡ଼ିଥିବା ମଣିଷଟିଏ ହିଁ ଜାଣେ । ୧୯୩୭ ମସିହା ଶରତ ଋତୁର (ସେପ୍ଟେମ୍ବର ୧୭ ତାରିଖ) ସେ ଅପେକ୍ଷାରତ 'ଶୁକ୍ରବାର' ଧନ୍ୟ ହୋଇଯାଇଛି ଏ ମଣିଷଟିକୁ ପାଇ । ସୁବିସ୍ତୃତ ନୀଳ ଆକାଶ, ପାର୍ବଣମୁଖର ପ୍ରତିଟି ମୁହୂର୍ତ୍ତ, କାଶଫୁଲର ଦିଗଂତବ୍ୟାପୀ ଧବଳ ବେହରଣ- ଏପରି ଏକ ମନୋମୁଗ୍ଧକର ଶୋଭାବନ୍ତ ମୁହୂର୍ତ୍ତରେ ଏ ମାଟି ମାଆ କୋଳକୁ ମଣ୍ଡନ କରନ୍ତି ସେଦିନର କନ୍ୟାରାଶିର ଶିଶୁ ଓ ଆଜିର ପଦ୍ମବିଭୂଷଣ କବି ଡକ୍ଟର **ସୀତାକାନ୍ତ ମହାପାତ୍ର** ଚିତ୍ରୋତ୍ପଳାର ସନ୍ନିକଟ ମାହାଙ୍ଗା ଗ୍ରାମରେ, କେନ୍ଦ୍ରାପଡ଼ା ଜିଲ୍ଲାରେ । ପାରିବାରିକ ଶୃଙ୍ଖଳା, ନୀତିନିଷ୍ଠତା ଓ ଆଧ୍ୟାତ୍ମିକ ପରିବେଶ ତାଙ୍କର ଶୈଶବକୁ ଭରିଦେଇଛି ସ୍ୱପ୍ନ ପ୍ରବଣତାରେ ଓ ଆଶାବାଦରେ । ଫଳତଃ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଧ୍ୱଂସ ସାଂସ୍କୃତିକ ଜୀବନରେ ବି ସେ ସବୁଜଶ୍ୟାମଳ ସଫଳ ଜୀବନର କାମନା କରିଛନ୍ତି । ବିଶେଷ ଭାବରେ ପିତାଙ୍କ ଅନୁଶାସନ, ଚିନ୍ତାଚେତନା ଓ ଆଦର୍ଶରେ ବ୍ରତୀ ହୋଇ ଆପଣାର ଜୀବନକୁ ସଫଳତାର ମାର୍ଗରେ ଅନୁପ୍ରେରିତ କରିପାରିଛନ୍ତି ସେ । କେହି କ'ଣ ଭାବିଥାଏ ସଫଳତାର ଶୃଙ୍ଗ ଛୁଇଁ ପାରିବ ବୋଲି ! କିନ୍ତୁ ଧୈର୍ଯ୍ୟ, ନିଷ୍ଠା ଓ ସାଧନା ହିଁ ସଫଳତାକୁ ସ୍ପର୍ଶ କରିବାର ବାଟ ବୋଲି ସେ ପ୍ରମାଣ କରିଦେଲେ ।

କବିତା ତାଙ୍କର ନିଃଶ୍ୱାସ-ପ୍ରଶ୍ୱାସ, ତାଙ୍କର ଜୀବନ 'ସାରା ଜୀବନ ଲୋକଟା...' ଭିତରେ ହିଁ ଦେଖିହୁଏ ତାଙ୍କର ଅବିକଳ ଚେହେରା । ସେ କବିତା ଭିତରୁ ପାଆନ୍ତି ଦିବ୍ୟ ଅନୁଭୂତି, ପାଆନ୍ତି ଜୀବନର ଅପରୂପ ଜ୍ୟୋତି ଦେଖିବାର ମହାର୍ଘ ମାର୍ଗ । ସେ ନୈରାଶ୍ୟ ଭିତରେ ସ୍ୱପ୍ନ ଦେଖନ୍ତି, ଯନ୍ତ୍ରଣା ଭିତରେ ବିଶ୍ୱବିଧାତାଙ୍କର ମଙ୍ଗଳବିଧାନକୁ ଅନୁଭବୁଥାନ୍ତି । ପ୍ରତିଟି ମୁହୂର୍ତ୍ତକୁ ତାଙ୍କର ଥାଏ ଅପେକ୍ଷା, ସତେଯେମିତି ସେ ପ୍ରତିଟି ମୁହୂର୍ତ୍ତ ଭିତରେ ବିଲୀନ ହୋଇଯିବା ପାଇଁ ବ୍ୟାକୁଳ ହେଉଥାନ୍ତି । ସେ ଅନୁଭବିଛନ୍ତି: "ମନକୁ ବୋଧ ଦେଇଛି / ତମେ ଅଛ, ତମେ ଆସୁଛ / ଠିକ୍ ଏଇ ମୁହୂର୍ତ୍ତରେ / କୋଉଠି ନା କୋଉଠି / ଉଇଁ ଆସୁଛ ଉଦ୍‌ଭାସିତ ଦିଗ୍‌ବଳୟରେ ସୂର୍ଯ୍ୟ ହୋଇ / କୋଉଠି ନା' କୋଉଠି କ୍ଷୀଣ ଆଶା ପରି / ଜୁଳୁଜୁଳୁ ହେଉଛ ସଂଜୁଆ ତାରା ପରି..." **(ଅପେକ୍ଷାରେ)** ।

ସେଇ ମଣିଷକୁ କଳିବାର ଶକ୍ତି ହୁଏତ ସେହି ବିଧାତାପୁରୁଷଙ୍କର ଥାଇପାରେ- କିନ୍ତୁ କୌଣସି ମଣିଷର ନୁହେଁ । ଏ ଅନ୍ତହୀନ ବ୍ୟାକୁଳ ସନ୍ଧାନ ତାଙ୍କ ସୃଷ୍ଟିର ଅସୀମତାକୁ ସ୍ପର୍ଶ କରିବା ପାଇଁ ଏକ ଉଦ୍ୟମ ବୋଲି ବିଚାର କରାଯାଇପାରେ ।

### ଶବ୍ଦ ନିଜେ କୁହନ୍ତି କବିତାର କଥା

କାବ୍ୟିକ ବ୍ୟାକୁଳତା ଭିତରେ ଜୀବନର ରହସ୍ୟକୁ ଅନ୍ୱେଷଣ କରୁଥାଏ କାବ୍ୟପୁରୁଷ ଯେମିତି, ମହାଜାଗତିକ ଭାବନା ଭିତରେ ଜୀବନର ଉର୍ଦ୍ଧ୍ୱରେ ମହାମହିମ ଚେତନାକୁ ଅନୁଭବ କରୁଥାଏ ସେମିତି । ସୀମାବଦ୍ଧ ଜୀବନ ଭିତରେ ଅସୀମ ଓ ଶାଶ୍ୱତର ଉତ୍ତୀର୍ଣ୍ଣ ଭାବନା କବି-ପ୍ରାଣକୁ ସଦା ଆନ୍ଦୋଳିତ ହିଁ କରୁଥାଏ । ଏଣୁ ଜୀବନର ଅନ୍ୟ ନାମ କେବଳ କ୍ଲାନ୍ତି ଓ ବିଷାଦ ନୁହେଁ, ବରଂ ଅପ୍ରାପ୍ତି ଭିତରେ ବୃହତ୍ତର ସତ୍ୟକୁ ଉପଲବ୍ଧି କରିବାର ଏକ ମାଧ୍ୟମ ହୋଇଯାଏ । ସେଥିପାଇଁ କାବ୍ୟପୁରୁଷ ଆକାଶରୁ ଫେରେ ମାଟିକୁ, ଏଇ ଗଛ, ପକ୍ଷୀ, ପବନ ଓ ଫୁଲର ବାସ୍ନା ନିକଟକୁ । ସେ କାମନା କରେ: "ଧୂସରର ଅନ୍ତ ହେଉ / ଅନ୍ଧାରର ଅନ୍ତ ହେଉ / ଗଜା ମାରୁ ଆନନ୍ଦର ବୀଜ ।" (ମୃତ୍ୟୁର ଅସୀମ ଧୈର୍ଯ୍ୟ)

ଏହି ଅତୃପ୍ତ କାମନା ଭିତରୁ ମୁକୁଳି ସୀତାକାନ୍ତ ନିର୍ମାଣ କରିଥାନ୍ତି ପ୍ରାପ୍ତି ଓ ଅପ୍ରାପ୍ତି ମଧ୍ୟରେ ଏକ ସେତୁ, ଆପାତତଃ ବି ସଦୃଶ ବସ୍ତୁରାଶି ସହିତ ଜୀବନକୁ ଯୋଡ଼ି ହୁଅନ୍ତି ସତ୍ୟାନୁସନ୍ଧାନୀ, ଶବ୍ଦକୁ କବିତାର କାଉଁରୀ ସ୍ପର୍ଶ ପ୍ରଦାନ କରି ଜୀବନକୁ ଗଢ଼ନ୍ତି ଆକାଶ ପରି ପ୍ରଶସ୍ତ ଓ ମହିମାମଣ୍ଡିତ କରି । ସେଥିପାଇଁ ସମସ୍ତ ଦୁଃଖ,କ୍ଲାନ୍ତି, କାମନା, ଆଶା, କ୍ଷୁଧା ଓ ଭ୍ରାନ୍ତି ସତ୍ତ୍ୱେ ବଂଚି ରହିବା ପାଇଁ ସଂଗ୍ରାମ କରିବା ସୀତାକାନ୍ତଙ୍କ କବିତାର ମୁଖ୍ୟସ୍ୱର । ମାଟି ଓ ମଣିଷର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କି ସେ କହନ୍ତି: "ଯା'ଯା' ଏଥର ଅଶରୀରୀ କନ୍ୟାମାନେ ମୋର / ଏଇ ଖୋଲିଦେଲି ମୋର ହୃଦୟକଂଦର / ଯା' ଏଥର ମଣିଷର ସ୍ୱପ୍ନକୁ,

**କବି ସୀତାକାନ୍ତ ମହାପାତ୍ର କହନ୍ତି :**

**ମୁଁ ଭାବେ କବିତା କେବଳ ମୋର ନୁହେଁ, ବରଂ ଏ କାମକୁ ଗମ୍ଭୀର ଭାବେ ଗ୍ରହଣ କରିନେଇଥିବା ଯେକୌଣସି କବିର ଆନ୍ତରିକ ଆବଶ୍ୟକତା । ବ୍ୟକ୍ତିଗତ ସ୍ତରରେ ମୁଁ ବୁଝେ ଆପଣାର ହେବାର ସାର୍ଥକତା ଅନୁଭବ ପାଇଁ କବିତା ମୋ ନିମନ୍ତେ ଏକାନ୍ତ ଆବଶ୍ୟକ । କବିତା ଏକ ଭିନ୍ନ ଓ ଜୀବନ୍ତ ପୃଥିବୀ । ମୋ ଦୃଷ୍ଟିଗୋଚର ସାଧାରଣ ଜୀବନ ସହିତ ସଂଶ୍ଲିଷ୍ଟ ଥିଲେ ମଧ୍ୟ କେବଳ ତାହା ହିଁ ନୁହେଁ । ପ୍ରକୃତରେ କବିତା Intense realizationର ମୁହୂର୍ତ୍ତ । ସାମାନ୍ୟ ଜୀବନ ଏଇ ନିତିଦିନିଆ କାମରେ ବୁଡ଼ି ରହିଛି । କବିତା ଆମର ନିରନ୍ତର ପୁନର୍ନବୀକରଣର ଏକ ପ୍ରକ୍ରିୟା । ଯାନ୍ତ୍ରିକତାର ଦୌଡ଼ାଦୌଡ଼ି ଭିତରେ ତାହା କେଉଁ ଗହୀରରେ ଆମକୁ ସ୍ଥିର କରିଦିଏ । ଆମକୁ ଆମର ବାସ୍ତବ ପୃଥିବୀର ନିକଟକୁ ନେଇଆସ ।**

(ହିନ୍ଦୀ ସମାଲୋଚକ ପ୍ରଭାତ ତ୍ରିପାଠୀଙ୍କ ସାକ୍ଷାତକାରର ଅଂଶ ବିଶେଷ)

କ୍ଷୁଧାକୁ / ତାରି ପ୍ରେମକୁ, ମୃତ୍ୟୁକୁ / ତମରି ନିଖୁଣ ମହାରଣା ଆଂଗୁଠିରେ / ମୃଣ୍ମୟୀ ସ୍ୱପ୍ନ, କ୍ଷୁଧା ପ୍ରେମ ଓ ମୃତ୍ୟୁର ମୂର୍ତ୍ତି / ଗଢ଼ିଦିଅ, ସୃଜନର ଉତ୍ସବରେ ଚତୁର୍ଦ୍ଦିଶା / ଭରିଦିଅ ସେମାନଙ୍କୁ ଜୀବନ୍ୟାସ ଦିଅ ।”
**(ମାଟି ଅପେକ୍ଷା କରେ)**

ମାଟି ସୀତାକାନ୍ତଙ୍କ ‘ବୋଧ’ରୁ ଉତ୍ତୀର୍ଣ୍ଣ ହୋଇ ‘ଦର୍ଶନଚେତନା’ରେ ରୂପାନ୍ତରିତ ହୋଇଯାଇଛି । ସେଥିପାଇଁ କାବ୍ୟପୁରୁଷ ପୃଥିବୀର ‘ମୋହିନୀ ରୂପ’ରେ ପ୍ରତିନିୟତ ମୁଗ୍ଧ । କେତେକେତେ ଜନ୍ମମୃତ୍ୟୁର ଆବର୍ତ୍ତ ଡେଇଁ ସେ ମାଟିକୁ ଭୋଗୁଛି, ମାଟିର ଅରୂପ ସତ୍ତାରେ ମହାଜାଗତିକତାକୁ ଅନୁଭବୁଛି । ଫଳତଃ କବିଙ୍କର ଅନୁଭୂତି ଭିତରେ ଜୀବନର ସଂଘର୍ଷ ତଥା ଜୀବନ ପ୍ରତି ବ୍ୟାକୁଳତାର ଭାବ ସ୍ପଷ୍ଟ । ଅକୃତ୍ରିମ ଶବ୍ଦ ସଂଯୋଜନା ଭିତରେ ସେ ଜୀବନର ବହୁଧା ଅର୍ଥ ଅନ୍ୱେଷଣ ଦିଗରେ ବାଟ କଢ଼େଇ ନେଇଛନ୍ତି । ଆଧୁନିକ ମଣିଷ ସମସ୍ତ ବିଫଳତାରୁ ମୁକ୍ତ ହୋଇ ସମ୍ଭାବନାମୟ ଜୀବନର ଅନ୍ୱେଷଣ କରିବାର ସାମସଂଗୀତ ଶୁଣାଇବାର ପ୍ରୟାସ କରିଛନ୍ତି କବି ସୀତାକାନ୍ତ । ଏଇ ମାଟିରେ ଆପଣାର ପରିଚୟ ଖୋଜିବା ପାଇଁ ସେ ତାଙ୍କ କାବ୍ୟ ପୁରୁଷକୁ ନେଇ ଯାଇଛନ୍ତି ଜୀବନର ଗଭୀରତମ ଓ ବିସ୍ତୃତ ଇଲାକାକୁ, ଯେଉଁଠି ରହିଛି ଏକ ପରିବ୍ୟାପ୍ତ ଓ ପରିପୁଷ୍ଟ ଚେତନା, ଜୀବନର ଅର୍ଥକୁ ବିଭିନ୍ନ ଦିଗରୁ ଖୋଜିବା ପାଇଁ । ସେଥିପାଇଁ ସେ କହେ: “ଆଉ ଥରେ ମନ କହେ ଆବିଷ୍କାର କରିବାକୁ ହେବ / କଣ୍ଠା ଓ ଅରମା ଡେଇଁ ଅଜଣା ଓ ଅଦ୍ଭୁତ ଭୂଗୋଳ / ଆକାଶ, ସମୁଦ୍ର, ତାରା, ନଦୀ, ବନ, ଫୁଲ / ମୃତ୍ୟୁ, ସ୍ୱପ୍ନ, ଯନ୍ତ୍ରଣାର ଅସୁମାରୀ ପଥ ଟପି / ଖଳାକୁ ଆଣିବୁ ବୋହି ସ୍ମୃତିର ଫସଲ ।” **(ସଂବର୍ଷା ସକାଳ)**

ଅଥଚ ବ୍ୟକ୍ତି ଜୀବନର ଦ୍ୱୈତ ରୂପ ହିଁ ସୀତାକାନ୍ତଙ୍କ କାବ୍ୟଚିନ୍ତନର ପ୍ରମୁଖ ଦିଗ । ପ୍ରଥମଟି ପୃଥିବୀ, ଭୋଗ, ଆଶା ଆକାଂକ୍ଷା, ସ୍ୱପ୍ନ ଓ ସୁଖଦୁଃଖ, ଅନ୍ୟଟି ପୂର୍ଣ୍ଣତା ଦିଗରେ ଯାତ୍ରା, ଇନ୍ଦ୍ରିୟୋତ୍ତର ଭାବନା, ଊର୍ଦ୍ଧ୍ୱ ଚେତନା ତଥା ଆତ୍ମିକ ସୌନ୍ଦାର୍ଯ୍ୟ, ଏ ଦୁଇଟିର ସଂଘର୍ଷରେ ସେ ମାଟିରେ ଜୀବନର ଅଭିଷେକ କରେ, ମାଟିକୁ ପ୍ରାଣବନ୍ତ କରେ, ଜାଗତିକ ସତ୍ତାକୁ ମହାଜାଗତିକ ଚେତନାରେ ସଂଯୋଗ କରେ । ଦେହ ଓ ଆତ୍ମାର ଛାଇଆଲୁଅ ଖେଳ ସେଥିପାଇଁ ତାଙ୍କ କବିତାର ପ୍ରେକ୍ଷାପଟ୍ଟକୁ ଅଧିକ ଉଜ୍ଜଳ କରି ଗଢ଼ି ତୋଳିଥାଏ । ଏ ମାଟିକୁ ସେ ଶୁଣାଏ: “ମୁଁ ଆସିଛି / ଅରୂପ ଅଭିଶପ୍ତ ତୁମ କୋଳକୁ / ଉତ୍‌ଫୁଲ୍ଲ ହୋଇ ମରିବାକୁ / ପବନର କୁତୁକୁତୁରେ କୁରୁଳି ନଯାଇ / କାନଡେରି ଶୁଣ ବଧିର ନହୋଇ / ମୋ ଆତ୍ମାର ବାଉନ ଭଣ୍ଡାରରେ ଭରପୂର / ମାଟିର ବାସ୍ନା ଓ କଳା ଉଷ୍ଣତା... ।” **(ସାରା ଜୀବନ ଲୋକଟା)** ବଂଚିଥିବା ବିଶ୍ୱ ଓ ମହାଜାଗତିକ ବିଶ୍ୱ ସହିତ କାବ୍ୟପୁରୁଷ ଯୋଡ଼ିଦିଏ ସାଧାରଣ ଜୀବନ । ଏହି ଉତ୍ତରଣ ହିଁ ସୀତାକାନ୍ତଙ୍କ କାବ୍ୟଚେତନାର ସର୍ବଶ୍ରେଷ୍ଠ ଅଭିବ୍ୟକ୍ତି, ଯାହାଫଳରେ ତାଙ୍କୁ ମିଳିଛି ବିଶ୍ୱବ୍ୟାପୀ ପରିଚିତି ।


ଉପ-ରାଷ୍ଟ୍ରପତି କେ.ଆର. ନାରାୟଣନ୍‌ଙ୍କଠାରୁ ୧୯୯୩ ମସିହାରେ ଜ୍ଞାନପୀଠ ପୁରସ୍କାର ଗ୍ରହଣ ।

ଶବ୍ଦକୁ ଜୀବନଦାନ କି ସେ ବିଶ୍ୱଜୀବନ ସହିତ ଯୋଡ଼ି ଦିଅନ୍ତି ଏକ ମାନ୍ତ୍ରିକ ସଂପର୍କ । ସାଧାରଣ ସଂସାରବୋଧ ଭିତରେ ସେ ଅସାଧାରଣ ଜୀବନୀଶକ୍ତିର ଉନ୍ମୋଚନ କରି ଅଣନିଃଶ୍ୱାସୀ ମଣିଷର ମନରେ ଭରି ଦିଅନ୍ତି ବଞ୍ଚିବାର ବିଶ୍ୱାସ । ବିଶାଳ ଦାର୍ଶନିକ ତତ୍ତ୍ୱକୁ ସେ ସହଜ ସରଳ ଭାବରେ ମଣିଷର ସୁଖଦୁଃଖ ଭିତରେ ହିଁ କହିଦେଇ ପାରନ୍ତି । ଏଣୁ କେବଳ ଉତ୍କଳୀୟ ନୁହେଁ, ଭାରତୀୟ ଭାଷା ସଂସ୍କୃତିର ମୂଳ ପିଣ୍ଡରେ ମର୍ମରିତ ହୋଇଥାଏ ତାଙ୍କର କାବ୍ୟଭାବ ଓ କାବ୍ୟବୋଧ । ଭୂଲୋକର ସ୍ମୃତି କେବଳ ଶବ୍ଦର ଅବଲମ୍ବନରେ ପ୍ରତିଫଳିତ ହେଉଥାଏ ବିଶୁଦ୍ଧ କବିସତ୍ତାରେ । ଫଳତଃ ସଂପର୍କର ଅନ୍ୟ ନାମ ଶବ୍ଦକୁ

## ପ୍ରତିଟି ସୂର୍ଯ୍ୟୋଦୟ କେବଳ ନୂତନତାରେ ଭରପୂର ହୋଇ ଆମ ପାଖକୁ ଆସୁଛି ।



ସୁପ୍ରସିଦ୍ଧ ଜର୍ମାନ ପତ୍ରିକା **MEINE WELT**ରେ ଅକ୍ଟୋବର ୧୯୮୬ ମସିହାରେ ପ୍ରକାଶିତ ସାକ୍ଷାତକାରର ପ୍ରଶ୍ନ: (ଜର୍ମାନୀ ଭାଷାରେ ଭାଷାନ୍ତର: ଯୋସ୍‌ପୁନମ୍ ପାରମ୍‌ବିଲ)

**ସମସାମୟିକ ଭାରତୀୟ ସାହିତ୍ୟର ମୁଖ୍ୟ ପ୍ରବଣତା ଓ ବକ୍ତବ୍ୟ କ’ଣ ବୋଲି ଆପଣଙ୍କର ମନେହୁଏ ?**

**ସୀତାକାନ୍ତ:** ବର୍ତ୍ତମାନ ଭାରତୀୟ ସାହିତ୍ୟ-ଅନ୍ତତଃପକ୍ଷେ ସମୟାନୁକ୍ରମେ ପରିପକ୍ୱତା ଲଭି ସ୍ୱକୀୟ ସ୍ୱରରେ ଉତ୍କୀର୍ଣ୍ଣ ହୋଇଯାଇଥିବା ସାହିତ୍ୟର ମୁଖ୍ୟସ୍ୱର ଅନ୍ୟ ଯେକୌଣସି ବିଦଗ୍ଧ, ବିଶିଷ୍ଟ ଓ ପରିଣତ ସାହିତ୍ୟର ପ୍ରବଣତା ଓ ବକ୍ତବ୍ୟ ଯାହା, ପ୍ରାୟ ସେଇଆ । ଆଉ ତାହା ହେଉଛି ଆତ୍ମସତ୍ତା ସହ ନିରନ୍ତର ଆତ୍ମିକ ଯୋଗସୂତ୍ର ସ୍ଥାପି ଅନୁଭୂତିର ଛନ୍ଦୁରାମଂଦୁରା ଅଡୁଆ ଖିଅମାନଙ୍କୁ ଧରି ସେମାନଙ୍କର ଅର୍ଥ ଓ ପ୍ରାସଙ୍ଗିକତାକୁ ଖୋଜିବା ଏବଂ ଅମାନିଆଁ ଶବ୍ଦମାନଙ୍କୁ ସାକୁଲେଇ, ବୁଝେଇ ଆଗରୁ ଗୋଟେ କୁହା ନହୋଇଥିବା କଥା ଭାରି ଧୀରେ ଅଥଚ ଭାରି ନିବିଡ଼ ଭାବରେ କହିବାକୁ ପ୍ରବର୍ତ୍ତାଇବା । ପୁନଶ୍ଚ ଭାରତୀୟ ପରିପ୍ରେକ୍ଷୀରେ ଏଇ ପ୍ରବଣତାର ବି ଅନ୍ୟ କେତୋଟି ଦିଗ ଅଛି । ସେଗୁଡ଼ିକ ହେଲା- (କ) ଭାରତର ସମାଜ ବ୍ୟବସ୍ଥା ଓ ନାଗରିକ ମୂଲ୍ୟବୋଧର ତାତ୍‌କାଳିତା ଓ ଧର୍ମ ତଥା ଦର୍ଶନ ପରମ୍ପରାର ଆଦର୍ଶ ମଝିରେ ସଦା ବିଦ୍ୟମାନ ଦୀର୍ଘକାଳର ବ୍ୟବଧାନ ମଧ୍ୟରେ ସେତୁଟିଏ ଗଢ଼ିଦେବା, (ଖ) ଶରୀରକୁ ଭୋଗିବାକୁ ପଡୁଥିବା ଅକଳନ ଅନିଭୋଗ ଓ ଅଶେଷ ବଂଚନାକୁ ଆତ୍ମାର ଆକୁଳ ଅନ୍ୱେଷା ସହ ସଂପର୍କିତ କରିବା, (ଗ) ଆଜିର ରୁକ୍ଷ ବାସ୍ତବତା ଓ ବିଗତ ଦିନମାନଙ୍କର ଗତାୟୁ ସରଳ ସବୁଜ ସ୍ୱପ୍ନ ମଝିରେ ସଂଚରିତ ଶୂନ୍ୟତାକୁ ଲାଘବ କରିବା ଏବଂ (ଘ) ସର୍ବୋପରି, ଶ୍ଳେଷ, ଦ୍ୱେଷ

# ତାଙ୍କ ମୁହଁରୁ କଥା କେତୋଟି



ମୁଁ ସର୍ବଦା ଅନୁଭବ କରୁଛି, ମୋ ଚାରିପଟରେ ଘଟୁଥିବା ଘଟଣାରାଜି, ତାହାର ଅସ୍ତିତ୍ୱ ଓ ଭବିଷ୍ୟତ ସହ ମୁଁ ଓତଃପ୍ରୋତ ଭାବରେ ଜଡ଼ିତ । ସବୁ ଘଟଣା ମୋ ପାଇଁ ଦୁଇଥର ଘଟେ- ପ୍ରଥମତଃ: ଘଟିବା ସମୟରେ ବାହ୍ୟ ରୂପରେ, ତା'ପରେ ମୋ ଭିତରେ ତାହାର ପୁନରାବୃତ୍ତିରେ । ସବୁ ମଣିଷର ନଦୀ, ବୃକ୍ଷ, ପଥର ଏବଂ ଆମର ସାମୂହିକ କ୍ଷଣ ଭଂଗୁରତା ସହ ଅପରିହାର୍ଯ୍ୟ ସୂତ୍ରରେ ମୋ ସହିତ ପ୍ରଥିତ । ତାହା ସହ ମୋର ଅନ୍ତଃକରଣ ପ୍ରତ୍ୟେକଙ୍କୁ, ପ୍ରତି ଅସ୍ତିତ୍ୱକୁ ଅନ୍ତରଙ୍ଗତା ପ୍ରଦାନ କରେ ଓ ସବୁରି ସହଭାଗୀ ହୁଏ ।

ମୋ କବିତାରେ ଦାରୁଣ ଦୁଃଖ ଓ ସୁଖ, ହର୍ଷ ବିଷାଦରେ ନିମଜ୍ଜିତ ହେଲା ପରେ ଜୀବନର ସାୟାହ୍ନ କାଳରେ ବି ମଣିଷର କାମନା ଯେ ଯଦି ପୁନର୍ଜନ୍ମ ସତ୍ୟ ହୋଇଥାଏ ଓ ତାହା ହିଁ ନିୟତି, ତେବେ ମଣିଷ ଭାବେ ହିଁ ପୁନର୍ଜନ୍ମ ହେଉ ।

**(ଜ୍ଞାନପୀଠ ପୁରସ୍କାର ଗ୍ରହଣ (୧୯୯୩) ଉପଲକ୍ଷେ ପ୍ରଦତ୍ତ ଭାଷଣର କୀୟଦଂଶ)**

"ପତ୍ୟେକ ଯୁଗରେ ମଣିଷ ତା' ନିଜ କାଳ ସହିତ ସଂଘର୍ଷକୁ ଦେଖି ଆସିଛି । ବୁଝିବାକୁ ପ୍ରୟାସ କରିଛି । କିନ୍ତୁ ମଣିଷ ଯେ କେବଳ ବନ୍ଦୀ ମାନସିକତାଟିଏ ହୋଇ ବସିବ ଯେଉଁଠି ଅନ୍ୟମାନଙ୍କର କଳ୍ପନା ବିଳାସ ପାଇଁ ଅବକାଶ ବି ନଥିବ । ମୋ ମତରେ ଏହା କେବଳ ସାଧାରଣ ଐତିହାସିକ ଦୁର୍ଯୋଗ ନୁହେଁ; ଏହା ଏକ ଦାରୁଣ ବିଭୀଷିକା ।

ମୋର ମନେହୁଏ, ଯାହା କିଛି ବୁଝି ବୁଝେଇବାର ବାହାନରେ, ତା'ପ୍ରତି ମୋ ସମୟର ସଂଦେହ ଭାବ- ବସ୍ତୁତଃ ଯାବତୀୟ ରହସ୍ୟକୁ ମୋ ସମୟ ଅସ୍ୱୀକାର କରେ । କିନ୍ତୁ ମୋ ପାଇଁ ତାରାର ଦପ୍‌ଦପ୍ ଠାରୁ ଶିଶୁ ଓଠରେ ହସର ଝଲକ ଯାଏ ପ୍ରତିଟି କଥା ହିଁ ରହିସ୍ୟ ଘନ । ସୁବିଧାବାଦୀ ଭାବରେ ମୋ ସମୟ ଯେମିତି ଶବ୍ଦମାନଙ୍କୁ କ୍ରମାଗତ ଭାବେ ବ୍ୟବହାର କରିଚାଲିଛି ଇତିହାସରେ ତା'ର ପଟାନ୍ତର ନାହିଁ । ଆମର ନିତ୍ୟ ବ୍ୟବହାର୍ଯ୍ୟ ସାବୁନ ଓ ଟୁଥ୍‌ପେଷ୍ଟର ପ୍ରକାଶ ପାଇଁ ସୂକ୍ଷ୍ମ ଲୁକ୍କାୟିତ ଦ୍ୟୋତନାକୁ ଧରି ରଖିବାର ରୂପ ଶବ୍ଦମାନଙ୍କର ଏମିତି ଏକ ସୁଦୀର୍ଘ ଇତିହାସ ରହିଛି । ସତ୍ ସୃଜନଶୀଳ ଲେଖକ ମାତ୍ରେ ହିଁ ଜାଣନ୍ତି ଯେ ଶବ୍ଦମାନେ ତାଙ୍କର ଅଧିକୃତ ନୁହଁନ୍ତି- ତାଙ୍କର ବୋଲକରା ହେବା ପାଇଁ ସେମାନେ ଅଭିପ୍ରେତ ନୁହଁନ୍ତି । ଓ ଅକାରଣ ଉତ୍ପୀଡ଼କ ବାଗାଡ଼ମ୍ବର ନଥାଇ ଠୋସ୍‌ରେ, ସରଳ ଭାବରେ ମନକୁ ପ୍ରବର୍ତ୍ତାଇ, ଭଳେଇ ପାରୁଥିବା ନିଦାପଟା ରୋକ୍‌ଠୋକ୍ ଭାଷା ରୀତିଟିଏ ନିର୍ମାଣ କରିବା । (ଭାଷାନ୍ତର: ପ୍ରଭାତ ମହାପାତ୍ର)

◢◢ **୧୯୮୧ ମସିହାରେ ଥାଇଲାଣ୍ଡ ଗସ୍ତ ସମୟରେ ବ୍ୟାଙ୍କକ୍‌ର ସୁପ୍ରସିଦ୍ଧ ପତ୍ରିକା Book World ରେ ପ୍ରକାଶ ପାଇଥିବା ଅଧ୍ୟାପକ କରୁଣା କୁଶଳାଶୟାଙ୍କ ପ୍ରଶ୍ନ: କବିତାକୁ କେଉଁ ଦୃଷ୍ଟିରେ ଆପଣ ଦେଖନ୍ତି ?**

ସୀତାକାନ୍ତ: ମୋତେ ମୋ ନିଜ କବିତାମାନେ ଅନ୍ତରଙ୍ଗ ଆତ୍ମୀୟତା ଏବଂ ଅପରିଚିତ ଦୂରତ୍ୱର ଦ୍ୱୈତ ଅନୁଭବ ଦିଅନ୍ତି । ମୋ' ନିଜର କବିତାଟିଏ ପୁଣିଥରେ ପଢ଼ିଲା ବେଳେ ମୁଁ କଳ୍ପନାର ସ୍ମୃତି ବିଭୋର ଏକ ଭାବରାଜ୍ୟରେ ବିଚରଣ କରେ । ଘରକୁ ଫେରି ଆସିବାର କିଞ୍ଚିତ୍ ସେଅନୁଭୂତି । ସେତେବେଳେ ଶବ୍ଦ, ସ୍ୱର, ରଂଗ ଓ ଆବେଗ ସତେ ଯେମିତି ଆଉଥରେ ଜୀବନ୍ତ ହୋଇ ଫେରି ଆସନ୍ତି । ବସ୍ତୁତଃ ସେମାନେ ଏକ ନୂତନ ଜୀବନ ନିଅନ୍ତି । ତଥାପି କେହି ଯେମିତି କହେ ସେମାନେ ଏବେ ମୋର ନିଜସ୍ୱ ପରିଧିର ବାହାରେ । ସେମାନେ କେବଳ ମୋର ନିଜର ହୋଇ ଆଉ ନାହାନ୍ତି । ବ୍ୟକ୍ତିଗତ ଜୀବନର ଯନ୍ତ୍ରଣା, ଅନନ୍ଦ ଓ ଉଲ୍ଲାସ ଇଲାକାରୁ ବାହାରି ସେମାନେ ଚାଲି ଯାଇଛନ୍ତି ଆଉ ଏକ ସୁବିସ୍ତୃତ ଅଂଚଳକୁ । ହୋଇ ଯାଉଛନ୍ତି ସମଗ୍ର ପୃଥିବୀର । ମାନେ ସମାଜର ଓ ତା'ର ଅଦୃଷ୍ଟର ।

ଜୀବନର ଅର୍ଥ, ବୋଧଗମ୍ୟତା, ସତ୍ୟ ଓ ଅନ୍ତରଙ୍ଗତା ଇତ୍ୟାଦି ଆବିଷ୍କାର କରିବାକୁ ସେଇ ମୋର ଅନ୍ତହୀନ ଅନ୍ୱେଷଣ ସହିତ ମୋର ସବୁ ଏକାକୀତ୍ୱ ମିଶିଯାଏ । ଏକ ଆଶ୍ଚର୍ଯ୍ୟ ପ୍ରକାରର ସେଇସବୁ ବ୍ୟସ୍ତ ଖୋଜା କେବଳ ନିରାସକ୍ତ ଉଦାହରଣରୁ ଉଦ୍‌ଭବ ପରି ମନେହୁଅନ୍ତି । ପୁଣି ବି ମନେହୁଏ ଯେମିତି ସେଇସବୁ ଆବେଗ, ସେଇସବୁ ଉଚ୍ଚାରଣ ହୁଏତ ମୋର ନୁହଁନ୍ତି ।

ସେଇ ଦୃଷ୍ଟିରୁ ଦେଖିବାକୁ ଗଲେ ମୋର ପ୍ରତ୍ୟେକ କବିତା ମୋ ପାଇଁ ଗୋଟିଏ ଗୋଟିଏ ନୂତନ ବିଫଳତା, ଯନ୍ତ୍ରଣାର ଲୁକ୍କାୟିତ ଉତ୍ସରୁ କିଛି ଅର୍ଥ ଅନ୍ୱେଷଣ କରିବାର ଏକ ଅସଂପୂର୍ଣ୍ଣ ପ୍ରଚେଷ୍ଟା । (ଅଧ୍ୟାପକ ଗୋକୁଳ ମିଶ୍ରଙ୍କ ଦ୍ୱାରା ଇଂରାଜୀରୁ ଅନୁବାଦ)

◢◢ **୧୯୯୫ ମସିହା ଫେବୃଆରୀ ମାସରେ ଅହମିୟା ଲେଖକ ଚନ୍ଦ୍ରପ୍ରକାଶ ଶାଇକିଆ, ସମ୍ପାଦକ 'ଗରୀୟସୀ' କରିଥିବା ସାକ୍ଷାତକାରର ପ୍ରଶ୍ନ: ସାହିତ୍ୟରେ ଉତ୍ତର ଆଧୁନିକତାର (Post Modernism) କଥା ଆଜିକାଲି ପ୍ରାୟ ଶୁଣାଯାଉଛି । ଏ ବିଷୟରେ ଆପଣ କ'ଣ ଭାବନ୍ତି ?**

ସୀତାକାନ୍ତ: ଆପଣଙ୍କୁ ସତକଥା କହିବାକୁ ହେଲେ- ଏହି ଉତ୍ତର ଶବ୍ଦଟି ବିଷୟରେ ମୁଁ ଖୁବ୍ ସଚେତନ ନୁହେଁ । ଯଦି କୁହାଯାଏ- ଆଜି ଆମେ ଉତ୍ତର ଆଧୁନିକତାର ସମ୍ମୁଖୀନ ହେଉଛୁ, ତାହାହେଲେ ଧରିନେବାକୁ ହେବ ଯେ ସାହିତ୍ୟରେ ଆଧୁନିକ ଯୁଗର ଅବସାନ ଘଟିଛି । କିନ୍ତୁ ପ୍ରକୃତରେ 'ଆଧୁନିକତା'ର ମାନ କ'ଣ ? ସାହିତ୍ୟର ପ୍ରତ୍ୟେକଟି ଯୁଗ ସେହି ଯୁଗର ଲୋକମାନଙ୍କ ପାଇଁ ଗୋଟିଏ ଗୋଟିଏ ଆଧୁନିକ ଯୁଗ । ଏହିକଥା ମୁଁ ନିଶ୍ଚିତ ଭାବରେ କହିପାରେ ଯେ ବୈଦିକ ଯୁଗର ଲୋକମାନେ ମଧ୍ୟ ଭାବୁଥିଲେ ଯେ ସେମାନଙ୍କର ଯୁଗଟି ହିଁ ହେଉଛି ଅତି ଆଧୁନିକ ଯୁଗ । ଏହି ପ୍ରକାର ସଂଜ୍ଞାଗୁଡ଼ିକ ସାହିତ୍ୟ ଆଲୋଚନାରେ ଯଥେଷ୍ଟ ବିଭ୍ରାନ୍ତି ସୃଷ୍ଟି କରେ । ସାହିତ୍ୟ କ୍ଷେତ୍ରରେ ପରିବର୍ତ୍ତନ କିଛି ନୂତନ କଥା ନୁହେଁ । ସମୟର ପରିବର୍ତ୍ତନ ଘଟେ, ସମଗ୍ର ମାନବର ମଧ୍ୟ



ସିକିମର ଗ୍ୟାଙ୍ଗଟକ ସହରରେ ଗୋଟିଏ ମନାଷ୍ଟେରୀରେ ସ୍ତ୍ରୀ, ପୁତ୍ର ଓ ଦୁଇ କନ୍ୟାଙ୍କ ସହ

ନେଇ ସେ ପ୍ରକାଶ କରନ୍ତି: "ଶବ୍ଦଟିଏ ଗଢ଼ା ହେବ / ଏଥିପାଇଁ ଆକାଶ ହଜାରେ ରଙ୍ଗ ବଦଳାଏ / ପବନ କେତେ ବାଗରେ ଗୀତ ଗାଏ / ସମୁଦ୍ର କାନ୍ଦେ, ହସେ, ଘୁଂଗା ବାଲିରେ ପିଟି ହୁଏ । ସର୍ବଂସହା ବସୁନ୍ଧରା ଚାତକ ପରି ଚାହିଁ ରହେ । / ଶବ୍ଦଟିଏ ଗଢ଼ା ହେବ । / ଏଥିପାଇଁ ଶହେ ଜନ୍ମ ଶହେ ମୃତ୍ୟୁ ଲୋଡ଼ା ହୁଏ ।"

ମୋହମୁଗ୍ଧ ମାଟି ସହ, ଶବ୍ଦ ଓ ମଣିଷର ଏ ଯେଉଁ ନିବିଧ ସଂପର୍କ ତା'ର ଅନ୍ତହୀନ ଆଲେଖ୍ୟ ହିଁ ସୀତାକାନ୍ତଙ୍କ କବିତାର ଧାରା । ସେଥିପାଇଁ ଜୀବନ ହୋଇଛି ଚିତ୍ରନଦୀ ଓ କବିସତ୍ତା ଆତ୍ମଜ୍ଞାନରେ କରିଛନ୍ତି ଏ ମାଟିର ଗଭୀର ଅନ୍ୱେଷା, ଯାହା ଅନେକତ୍ର ମନେହୁଅନ୍ତି ରହସ୍ୟ ବିଜଡ଼ିତ । ଫଳତଃ ସମୟର ପ୍ରତାରଣା ସତ୍ତ୍ୱେ ଏ ମାଟିରେ ମଣିଷକୁ ବଂଚିବାର ମନ୍ତ୍ର ପ୍ରଦାନ କରିଛି କବିସତ୍ତା ।

ଜୀବନର କୁରୁକ୍ଷେତ୍ରରେ ମଣିଷର ବାରମ୍ବାର ଅସଫଳତା ଜନିତ ଆତ୍ମଗ୍ଲାନି, ବିବର୍ଣ୍ଣ ସ୍ୱପ୍ନ, ମାଦଳ- ଆଶା ଯେତେବେଳେ ସ୍ୱାଧୀନତା ପରବର୍ତ୍ତୀ କବିତାରେ ରାଜୁତି କରୁଥିଲା, ସେତିକିବେଳେ ସେହି ଧୂସର ଓ ଅଂଧକାରମୟ ଜୀବନ ଭିତରୁ ବାହାରି ଆସି ସମସ୍ତ

## ଭାରତୀୟ ଭାଷାରେ ଅନୂଦିତ ପୁସ୍ତକ



ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ କବିତା ପୁସ୍ତକ 'ଶବ୍ଦର ଆକାଶ'(୧୯୭୧)କୁ ଏକାଡ଼େମୀ ସମସ୍ତ ଭାରତୀୟ ଭାଷାରେ ଅନୁବାଦ କରି ପ୍ରକାଶ କରିଛି ।

ଉଲ୍ଲିଖିତ ପୁସ୍ତକକୁ ଡୋଗ୍ରୀ ଭାଷାରେ ଅନୁବାଦ କରି ପଦ୍ମା ସଚଦେବ, ଗୁଜରାଟିରେ ଅନୁବାଦ କରି ବର୍ଷା ଦାସ, ହିନ୍ଦୀରେ ଅନୁବାଦ କରି ଡକ୍ଟର ରାଜେନ୍ଦ୍ର ପ୍ରସାଦ ମିଶ୍ର ଓ ଉର୍ଦ୍ଦୁରେ ଅନୁବାଦ କରି କରାମତ୍ ଅଲ୍ଲୀ କରାମତ୍ ଅନୁବାଦ ବର୍ଗରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଛନ୍ତି ।

ଉଲ୍ଲେଖଯୋଗ୍ୟ 'ଅଷ୍ଟପଦୀ'ର 'ଜୀରା ଶବରର ସଂଗୀତ' ଓ 'କୁବ୍‌ଜା ପାଇଁ ଗୋଟିଏ ସଂଗୀତ' ତଥା 'ଆରଦୃଶ୍ୟ'ର 'ଆରଦୃଶ୍ୟ' କବିତାକୁ ଆଧାର କରି ଶ୍ରୀମତୀ ସୋନାଲି ମାନସିଂହ ନୃତ୍ୟ ପରିବେଷଣ କରି ବହୁ ପ୍ରଶଂସିତ ହୋଇଛନ୍ତି । ସେହିପରି ଶୋଭନା ନାରାୟଣ ଓ ପ୍ରତିଭା ପ୍ରହ୍ଲାଦ କଥକ ଓ ଭାରତ ନାଟ୍ୟମ ଯୁଗଳବନ୍ଦୀରେ ପ୍ରଦର୍ଶନ କରି ଆଦୃତ ହୋଇଛନ୍ତି ।

ସଂଭାବନାର ଗୀତ ଗାଇଲେ କବି ସୀତାକାନ୍ତ ମହାପାତ୍ର । ଆରମ୍ଭରେ ଯେଉଁ ଭାବନାକୁ ନେଇ ସେ କହିଥିଲେ: "ମୁଁ ଅଚଳ, ଅଥର୍ବ ଓ ପଙ୍ଗୁ ଏଠି / ଅଳସୁଆ ରବିବାର ପରି ଭାରି / ଓ ମୋର ଚେତନ ଓ ଅଚେତନ ସମସ୍ତ କିଆରୀ / ବୁଡ଼ିଯାଏ; ଶୂନ୍ୟତାର ପାଣି ମାଡ଼େ, ନିଃସହାୟ ଅଂଧାରର ପାଣି" - ସେ କାବ୍ୟନାୟକ ପରବର୍ତ୍ତୀ ସୋପାନରେ କହିଛନ୍ତି: "ପ୍ରତି ଅକ୍ଷରରେ ମୋର ପୁନର୍ଜନ୍ମ / ମୃତ୍ୟୁ ମୋର ପ୍ରତି ଶବ୍ଦ କୋଣେ / ମୋ ଜୀବନ ବିଧୂନିତ / ପ୍ରତି କ୍ଷଣେ ପ୍ରତି ଉଚ୍ଚାରଣେ / ସ୍ୱପ୍ନ ଆଉ ଦୃଶ୍ୟଙ୍କର ସମ୍ମୋହିତ ସପ୍ତମ ଅଂଗନେ ।" (କବିତାର ଜନ୍ମ-୨)

ପ୍ରୟୋଗବାଦୀ କବିତା ମୁଖ୍ୟତଃ ଜୀବନ ସଂଗ୍ରାମ ପୃଷ୍ଠଭୂମି ଆଧାରିତ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ପୃଥିବୀର ମଣିଷ ଯେଉଁ ନିଃସଂଗତା, କ୍ଲେଶ ଓ ଯନ୍ତ୍ରଣା ଭୋଗ କରିଛି ତଥା ପ୍ରତିବାଦରେ ତା'ର ଯେଉଁ ସ୍ୱପ୍ନଭଂଗ ଘଟିଛି, ତାହା ହିଁ ହୋଇଛି କବିତାର

ପରିବର୍ତ୍ତନ ଘଟିଛି । ଆଜିକାଲି ପରିବର୍ତ୍ତନ ଆସୁଛି ଦ୍ରୁତ ଗତିରେ । ଆଜି ଯଦି ଆମ ସାହିତ୍ୟ ଏଇ ଯୁଗଟିକୁ ଉତ୍ତର ଆଧୁନିକ ଆଖ୍ୟା ଦିଏ, ଆସନ୍ତା ଅର୍ଦ୍ଧ ଶତାବ୍ଦୀ ପରର ଯୁଗଟିକୁ କେଉଁ ଶବ୍ଦରେ ନାମକରଣ କରିବି ? ଉତ୍ତର ଉତ୍ତର-ଆଧୁନିକତା ? ମୋ ପାଇଁ ଏହା ଏକ ବୃହତ୍ ସମସ୍ୟା । (ଭାଷାନ୍ତର: ଶ୍ରୀମତୀ ଭାମତୀ ଦେବୀ)

◢◢ ଆଜିର ଦିନଟି ନିଶ୍ଚୟ ମୋ ପାଇଁ ସୌଭାଗ୍ୟର ଦିନ । ଅନ୍ତତଃ କବି ସୀତାକାନ୍ତ ମହାପାତ୍ରଙ୍କ ସହ କେଇଟି ମୁହୂର୍ତ୍ତ କଥା ହେବାର ସୁଯୋଗ ପାଇଲି । ଆଲୋଚନା ପ୍ରସଙ୍ଗରେ ମୁଁ ପଚାରିଥିଲି: "ଆପଣଙ୍କ ବ୍ୟକ୍ତିଗତ ଦର୍ଶନଟି କ'ଣ ?" (ଆଜି କୁମାର ପୂର୍ଣ୍ଣିମା । ସଂଧ୍ୟା ୭ଟା । ସାରା ଆକାଶରେ ଜହ୍ନର ମେଲଣ । ଚିକ୍‌ଚିକ୍ କରୁଛି ରାଜରାସ୍ତାର ଶୃତି । ଏମିତି ଏକ ପ୍ରଶ୍ନ ପାଇଁ ସେ ଟିକେ ଭାବବିହ୍ୱଳ ହେଲା ପରି ଦେଖାଗଲେ ।)

ସେ କହିଲେ: ଗୌତମ ବାବୁ, ଆଜି କି ସୁନ୍ଦର ରାତି । ଜହ୍ନ ଆଲୁଅରେ କେମିତି ସବୁ କିମିଆଁ ଲାଗିଲା ପରି ଲାଗୁଛି ।

ଝିଅମାନେ ଆନନ୍ଦରେ ଗାଁ ଦାଣ୍ଡରେ ଜହ୍ନ ପୂଜୁଥିବେ, ପୁଚି ଖେଳୁଥିବେ, ଗୀତ ଗାଉଥିବେ ।

(ଏକଥା ଶୁଣୁ ଶୁଣୁ ମୁଁ କେମିତି ଏକ ଅପୂର୍ବ ଆହ୍ଲାଦ ମୋ ଭିତରେ ଅନୁଭବ କରୁଥିଲି ।)

ସେ କହି ଚାଲିଥିଲେ: ପ୍ରଗଳ୍ଭ ଯେମିତି, ଯେମିତି ଜହ୍ନର ଆଲୁଅରେ ତାଙ୍କର ସମସ୍ତ ଅଭ୍ୟନ୍ତର ଆଲୋକିତ ହୋଇଯାଉଥିଲା ।

ସେ କହିଲେ: ଏ ମୁହୂର୍ତ୍ତକୁ ଉପଭୋଗ କରି ନିଜ ଭିତରେ ଯେତେ ରଖିବାର ପ୍ରୟାସ କଲେ କେହି କ'ଣ ରଖିପାରିବ !

(ବେଳେବେଳେ ବିରସ ହୋଇ ପଡୁଥିବାର ଲକ୍ଷ୍ୟ କରୁଥିଲି)

ସମୟ ! ସମୟ ପୁଣି ସବୁ ଭୁଲେଇ ଦେବ । ନିଜର ଯେତେ ଯାହା ସବୁ, ଏସବୁକୁ ତା' ପାଖକୁ ଟାଣିନେବ । ଏଥିରେ ହତୋତ୍ସାହିତ ହେବାର କିଛି ନାହିଁ । ନିରବିଧ୍ କାଳ ହିଁ ସଦାସର୍ବଦା ଆଲୋକକୁ ଶୁଭ୍ର ଓ ଅନ୍ଧକାରକୁ ଗାଢ଼କଳା ଭାବରେ ଚିତ୍ରିତ କରିଛି । ପ୍ରତିଟି ସୂର୍ଯ୍ୟୋଦୟ କେବଳ ନୂତନତାରେ ଭରପୂର ହୋଇ ଆମ ପାଖକୁ ଆସୁଛି । ଏଣୁ ଆତ୍ମବିଶ୍ୱାସ ହିଁ ମୂଳ ।

ମୋ ପାଖରେ ଆପେଆପେ ମୋ ପ୍ରଶ୍ନର ଉତ୍ତର ପହଂଚି ଯାଇଥିଲା । ପ୍ରକୃତି ଭିତରୁ ନିଜକୁ ବାରମ୍ବାର ଆବିଷ୍କାର କରୁଥିବା ସୀତାକାନ୍ତଙ୍କ ପାଇଁ ସେଇ ଗୋଟିଏ ରାତି 'କୁମାର ପୁନେଇଁ' ନୁହେଁ, ସବୁରାତି ତାଙ୍କର 'କୁମାର ପୁନେଇଁ' । ସେଇ ଦର୍ଶନଟି ହିଁ ତାଙ୍କୁ ନେଇ ଆସିଛି ଜୀବନର ଯାତ୍ରା ପଥରେ ଏତେ ବାଟ ।

ଏଥର ମୁଁ ମୋ ନୀରବତା ଭାଙ୍ଗିଲି, କହିଲି: "ଆପଣ, ଯାରି ଭିତରେ ହିଁ ଜୀବନର ସଫଳତା, ଯାହାକୁ ଆପଣ ଖୋଜି ପାଇବା ପାଇଁ ଷାଠିଏ ବର୍ଷରୁ ଊର୍ଦ୍ଧ୍ୱକାଳ ଲାଗିଗଲା । ଆପଣଙ୍କ ଆଶୀର୍ବାଦ ରହୁ ଏ ସଫଳତାରୁ କାଣିଚାଏ ମୋ ପରି ମଣିଷଟିଏ ଅନୁଭବ କରିବାର ସୁଯୋଗ ପାଉ ।"

ଫେରୁଥିଲି, ମୋର ଅତି ପରିଚିତ ଭୁବନେଶ୍ୱରର ରାଜରାସ୍ତାରେ ଅନ୍ୟମନସ୍କତାରେ ବାରମ୍ବାର ଘାରି ହେଉଥାଏ- ଏଇଠି କଟିଥିଲା ମୋର ଆଦ୍ୟ ଯୌବନର ପନ୍ଦର ବର୍ଷ । ମୋତେ ସବୁକିଛି ନୂଆ ଲାଗୁଥିଲା ଆଜି ବୟସର ଅପରାହ୍ନରେ । ହାୟ ସମୟ..... ।


SMILE GOLD
Agarbati
JHPPL
SMILE
SMILE
900
AN ISO 9001:2008 Certified
Since : 20years
Our Product
SMILE
SANITISER
White Phenyle
SMILE GOLD
JHUNA • CHANDAN •
SMILE GOLD
GOLDEN CHAMPA
SMILE GOLD
RAJNIGANDHA
SMILE GOLD
ROSE
SMILE GOLD
BLACK DIMOND
SMILE GOLD
SANDALWOOD
SANITISER
NEEM GOLD
MALLI GOLD
SMILE
LEMON GOLD
SMILE
Rose Gold
Jayadurga Homecare Products Pvt. Ltd.
Mancheswar, Bhubaneswar
Customer Care : 9861049796, 9238349796

ବିଷୟବସ୍ତୁ । ଛିନ୍ନ ସ୍ନାୟୁ ଓ ଶୁଷ୍କ ମେଘର ସହରକୁ ଡେଇଁ କ୍ଷୋଭ ଓ ଅସୁମାରୀ ତୃଷ୍ଣା ଜର୍ଜର ଦୁଃଖଯନ୍ତ୍ରଣାର ଚିତ୍ର ଠାରୁ ନିବୃତ୍ତ ରହି କବି ସୀତାକାନ୍ତ ଆନନ୍ଦ ଓ ଅମୃତର ଅନ୍ୱେଷଣ କରିଛନ୍ତି । ପ୍ରତିନିୟତ ସେ ଜୀବନ ଯନ୍ତ୍ରଣାରୁ ନିସ୍ତାର ପାଇବାର ମାର୍ଗ ଅନ୍ୱେଷଣ କରି ଚାଲିଛନ୍ତି । ଏହି ଅମୃତ ଅନ୍ୱେଷଣ କଲାବେଳେ ସେ 'ବିରାଟ' ଓ 'ମହାନତା'କୁ ଖୋଜିବାରେ ଲାଗିଛନ୍ତି । ସଂସାରର ମାୟାଜାଲ କାବ୍ୟନାୟକର ଜ୍ଞାନ ଓ ବିବେକକୁ ଆଉ ବାନ୍ଧି ରଖି ପାରୁନାହିଁ । ଦୁଃଖ ଓ ଦୈନ୍ୟ ଭିତରେ ଛଟପଟ ହେଉଥିବା ମଣିଷମାନଙ୍କ ପାଇଁ ସେ ସବୁଜ ସ୍ୱପ୍ନ ଦେଖାଇଛି । ଜୀବନ ଓ ମୃତ୍ୟୁର ରହସ୍ୟ ଭେଦ କରିବା ପାଇଁ ସେ ପ୍ରବର୍ତ୍ତାଇଛି । କାବ୍ୟପୁରୁଷ 'ହ୍ଲାଦିନୀ ଭାବ'ରେ ନିଜକୁ ଅଭିମନ୍ତ୍ରିତ କରି ପ୍ରତୀକ୍ଷା କରିଛି ସେହି ପରମ ପୁରୁଷଙ୍କୁ । ଜମାଟ ବଂଧା ଅଂଧାର ଭିତରୁ ସେ ଦେଖି ପାରୁଛି 'ମହାସୁଖ'ର କ୍ଷୀଣ ଆଲୋକରେଖା । ପୁଣି ପୋଡ଼ା ମନ କଅଁଳି ଉଠୁଛି, ପ୍ରାଣରେ ଭରିଯାଉଛି ନୂତନ ପୁଲକ ଓ ଉନ୍ମାଦନା । ସେ ଅନୁଭବ କରୁଛି ଜରା ଭିତରୁ ପୁଣି ଉକୁଟି ଉଠୁଛି ଯୌବନ, ମୃତ ମନ ହୋଇ ଉଠୁଛି କଅଁଳ ଛନଛନ ।



ସୁନୀତି କୁମାର ଚଟ୍ଟୋପାଧ୍ୟାୟଙ୍କ ଠାରୁ ୧୯୭୪ ମସିହାରେ
କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ଗ୍ରହଣ

ଗୋଟିଏ ପାର୍ଶ୍ୱରେ ବାସ୍ତବ ଜୀବନ ଓ ଅପର ପାର୍ଶ୍ୱରେ ରହସ୍ୟର ଅନ୍ୱେଷଣ ଭିତରେ ସୀତାକାନ୍ତଙ୍କ କାବ୍ୟଚେତନା ଘୂର୍ଣ୍ଣୟମାନ । ଏ ଅନୁଭବ ଭିତରେ ପ୍ରାତ୍ୟହିକ ଜୀବନ ଓ ସାଂସାରିକ ଜଂଜାଳର ସମସ୍ତ କ୍ଲେଶ ଓ ଅଶାନ୍ତି ମୁହୂର୍ତ୍ତକରେ ନିର୍ବାପିତ ହୋଇଯାଏ । ଆମୃତ୍ୟୁ ମଣିଷ ଏହି ଭାବନା ଭିତରେ ଆନନ୍ଦ ପାଉଥାଏ । ଏହା ହିଁ କବି ଦୃଷ୍ଟିରେ ପ୍ରାତ୍ୟହିକ ମୃତ୍ୟୁ ଓ ପ୍ରାତ୍ୟହିକ ଜନ୍ମର ଖେଳ । ଏ ଜନ୍ମ-ମୃତ୍ୟୁର ଶେଷ ନାହିଁ, ଅଂଧାରରେ ବାଟ ଖୋଜାର ଅନ୍ତ ନାହିଁ । ସେଥିପାଇଁ ତାଙ୍କ କବିତା ଭିତରୁ ବିଷାଦରେ ବି ପ୍ରକଟିତ ହୋଇଥାଏ ମହାମହିମ ଜୀବନର ଦ୍ୟୋତନା ।

# ଆନ୍ତର୍ଜାତିକ ପ୍ରେକ୍ଷାପଟ୍ଟରେ ସୀତାକାନ୍ତ ସୃଷ୍ଟିସମ୍ଭାର

ସୀତାକାନ୍ତ ମହାପାତ୍ର ଓଡ଼ିଆ ଜାତିର ଅସ୍ମିତା । ସାରଳା, ଜଗନ୍ନାଥ, ବଳରାମ, ଉପେନ୍ଦ୍ର, ଅଭିମନ୍ୟୁ, ଦୀନକୃଷ୍ଣ, ରାଧାନାଥ, ଫକୀରମୋହନ, ଗଂଗାଧର ଓ ଆହୁରି ଅନେକଙ୍କ ପରି ତାଙ୍କ ରଚନା ସମୂହ ବହନ କରିଛି ଏ ଜାତିର ପରମ୍ପରା ଓ ମୂଲ୍ୟବୋଧ । ନିଜର ବୃତ୍ତିଗତ ଜୀବନକୁ ବାଦ୍ ଦେଲେ ସମୟର ସିଂହଭାଗକୁ ସେ ବିନିଯୋଗ କରିଛନ୍ତି ସାହିତ୍ୟ-ତପସ୍ୟାରେ । ପ୍ରକୃତପକ୍ଷେ ସେ ଜଣେ ସାରସ୍ୱତ-ତପସ୍ୱୀ, ଯିଏ ଜୀବନକୁ କେବଳ ସାହିତ୍ୟ ବୋଲି ବୁଝାନ୍ତି ।

ସେ ସରସ୍ୱତୀଙ୍କ ବରପୁତ୍ର, ଯାହାଙ୍କ ଅଙ୍ଗୁଳି ଅଗ୍ରରେ ଶବ୍ଦମାନେ ରୂପ ନେବା ପାଇଁ ଆକୁଳତା ପ୍ରକାଶ କରୁଥାନ୍ତି । ସେହି ମହାନ ସାଧକଙ୍କର ରଚନା ସମୂହ ସମଗ୍ର ବିଶ୍ୱବିଦିତ ହୋଇ ଏ ମାଟିର ସମ୍ମାନକୁ ବହୁଗୁଣିତ କରିପାରିଛି ।

ଏହିକ୍ରମରେ ତାଙ୍କା ପୃଥିବୀର ବିଭିନ୍ନ ଭାଷାରେ ଅନୁଦିତ ହୋଇଥିବା କୃତୀମାନଙ୍କୁ ଏଠାରେ ଉଲ୍ଲେଖ କରାଯାଇଛି ।

| କ୍ର.ସଂ. | ରଚନା | ଅନୁବାଦକ | ଭାଷା | ସମୟ |
|---|---|---|---|---|
| ୧. | ବସ୍ ଦର୍ପଣରେ ସୂର୍ଯ୍ୟାସ୍ତ | ଏରିକ୍ ଷ୍ଟିନ୍ୟୁସ୍ | ଡେନିସ୍ | ୧୯୮୧ |
| ୨. | ମୃତ୍ୟୁ ଓ ସ୍ୱପ୍ନ | ମାର୍ଟିନ୍ ଆଲ୍ଉଡ୍ | ସୁଇଡିସ୍ | ୧୯୮୫ |
| ୩. | ଶ୍ରୀକୃଷ୍ଣଙ୍କ ମୃତ୍ୟୁ ଓ ଅନ୍ୟାନ୍ୟ କବିତା | ପ୍ରଜ୍ଞା ପାରମିତା | ଫ୍ରେଞ୍ଚ୍ | ୧୯୯୮ |
| ୪. | କୁକୁଡ଼ା ଲଢ଼େଇ ଓ ଅନ୍ୟାନ୍ୟ କବିତା | ପ୍ରଫେସର ହାଇନ୍‌ରିକ୍ ଷ୍ଟିଟେନ୍‌କ୍ରନ୍ | ଜର୍ମାନ୍ | ୧୯୯୧ |
| ୫. | କ୍ଷୁବ୍ଧ ନିରବତା | ଔରେଲ୍ କୋଭାଚି | ରୋମାନିଆ | ୧୯୯୧ |
| ୬. | ଶ୍ରୀକୃଷ୍ଣଙ୍କ ମୃତ୍ୟୁ ଓ ଅନ୍ୟାନ୍ୟ କବିତା | ଗୁଇଲେର୍ମୋ ରୁସେଟ୍ ବାନ୍ଦା ଓ ଆଲ୍‌ମା ରିଭିଏରା | ସ୍ପେନୀୟ | ୧୯୯୩ |
| ୭. | ନିର୍ବାଚିତ କବିତା | ଭେଟିସ୍ଲାଭ୍ ଡିମିଟ୍ରୋଭସ୍କି | ମାସିଡୋନୀୟ | ୧୯୯୪ |
| ୮. | ସୂର୍ଯ୍ୟଙ୍କ ମନ୍ଦିର | ଆଲେକ୍‌ଜାଣ୍ଡାର ଜୋରିନ୍, ଆଲେକ୍ ଜାଣ୍ଡର ସାଙ୍କେଭିଚ୍ ଏଲେନା ଭୋଇ ନୋଭା | ଋଷିୟ | ୧୯୯୫ |
| ୯. | ଶ୍ରୀକୃଷ୍ଣଙ୍କ ମୃତ୍ୟୁ ଓ ଅନ୍ୟାନ୍ୟ କବିତା | ଓଡେଡ୍ ପେଲେଜ୍ | ହିବ୍ରୁ | ୧୯୯୬ |
| ୧୦. | ହୃଦୟର ଚିତ୍ରଲିପି | ପ୍ରଫେସର ତାନ୍‌ଚୁଙ୍ଗ୍ | ଚାଇନିଜ୍ | ୨୦୦୩ |
| ୧୧. | ଆଉ ଯେବେ ଆସ ପଛେ ମୃତ୍ୟୁ | ନିସାର ଅହମଦ୍ ଫାରୁକି | ଆରବିକ୍ | ୨୦୦୩ |
| ୧୨. | କୁକୁଡ଼ା ଲଢ଼େଇ | ସବିହା ନେଭିନ୍ ଇସ୍‌ଲାମ୍ | ତୁର୍କୀ | ୨୦୦୬ |



# ସୀତାକାନ୍ତଙ୍କ ରଚନା ସମଗ୍ର, ସମ୍ମାନ ଓ ପୁରସ୍କାର

(୧୦୦ ପୁସ୍ତକ ରଚନା କରିଥିବା କ୍ରାନ୍ତିକାରୀ ପୁରୁଷ)

| କ୍ର.ନଂ | ପୁସ୍ତକର ନାମ | ପ୍ରକାଶକାଳ |
|---|---|---|
| ୧ | ଦୀପ୍ତି ଓ ଦ୍ୟୁତି | ୧୯୬୩ |
| ୨ | ଅଷ୍ଟପଦୀ | ୧୯୬୬ |
| ୩. | ଶବ୍ଦର ଆକାଶ | ୧୯୭୧ |
| ୪. | ସମୁଦ୍ର | ୧୯୭୭ |
| ୫. | ଚିତ୍ରନଦୀ | ୧୯୭୯ |
| ୬. | ଆରଦୃଶ୍ୟ | ୧୯୮୧ |
| ୭. | ସମୟର ଶେଷନାମ | ୧୯୮୪ |
| ୮. | କାହାକୁ ପୁଛିବା କୁହ | ୧୯୮୭ |
| ୯. | ଚଢ଼େଇରେ ତୁ କି ଜାଣୁ | ୧୯୯୦ |
| ୧୦ | ଫେରି ଆସିବାର ବେଳେ | ୧୯୯୧ |
| ୧୧. | ଶ୍ରେଷ୍ଠ କବିତା | ୧୯୯୨ |
| ୧୨. | ବର୍ଷା ସକାଳ | ୧୯୯୩ |
| ୧୩. | ପଦଚିହ୍ନ | ୧୯୯୬ |
| ୧୪. | ମୃତ୍ୟୁର ଅସୀମ ଧୈର୍ଯ୍ୟ | ୧୯୯୭ |
| ୧୫. | ନିର୍ବାଚିତ କବିତା | ୧୯୯୮ |
| ୧୬. | କପଟ ପାଶା | ୨୦୦୦ |
| ୧୭. | ପ୍ରଦକ୍ଷିଣ | ୨୦୦୨ |
| ୧୮. | ସାରାଜୀବନ ଲୋକଟା | ୨୦୦୪ |
| ୧୯. | ଭାରତବର୍ଷ | ୨୦୦୬ |
| ୨୦. | ଛାତିତଳ ଫରୁଆରେ କୁନି ସ୍ୱପ୍ନଟିଏ | ୨୦୦୬ |
| ୨୧. | କୁନି ଚଢ଼େଇ ! ଭିନ୍ନ ଆକାଶ | ୨୦୦୬ |

## ପ୍ରବନ୍ଧ ସଂକଳନ

| କ୍ର.ନଂ | ପୁସ୍ତକର ନାମ | ପ୍ରକାଶକାଳ |
|---|---|---|
| ୨୨. | ଭିନ୍ନ ଆକାଶ ଭିନ୍ନ ଦୀପ୍ତି | ୧୯୭୮ |
| ୨୩. | ନିଃସଂଗ ମଣିଷ | ୧୯୮୦ |
| ୨୪. | ଶବ୍ଦ, ସ୍ୱପ୍ନ ଓ ନିର୍ଭୀକତା | ୧୯୯୦ |
| ୨୫. | ଅଂଧାରର ଝେଟିଚିଡ଼ା | ୧୯୯୦ |
| ୨୬. | ସମୟର ଆରପାରି | ୧୯୯୮ |
| ୨୭. | ସଂସ୍କୃତି, ଆମ ସମୟ | ୨୦୦୩ |

## ଭ୍ରମଣ କାହାଣୀ

| କ୍ର.ନଂ | ପୁସ୍ତକର ନାମ | ପ୍ରକାଶକାଳ |
|---|---|---|
| ୨୮. | ଅନେକ ଶରତ | ୧୯୮୧ |
| ୨୯. | ଅନେକ ଶରତ ଆଇଏସବିଏନ-୮୧୨୬୩୦୯୪୩୧ | ୨୦୦୩, |

## ଇଂରାଜୀ ପ୍ରବଂଧ ପୁସ୍ତକ

| କ୍ର.ନଂ | ପୁସ୍ତକର ନାମ | ପ୍ରକାଶକାଳ |
|---|---|---|
| ୩୦. | The Curve of Meaning | ୧୯୭୪ |
| ୩୧. | Barefoot into reality | ୧୯୭୫ |
| ୩୨. | Gestures of Intimacy | ୧୯୭୬ |
| ୩୩. | Orissa Kunst Und Kultur in Nordost Indian (with fisher & Patty) | ୧୯୮୦ |
| ୩୪. | Bhima Bhoi | ୧୯୮୩ |
| ୩୫. | Primitive Poetry as Love and Prayer | ୧୯୮୩ |
| ୩୬. | Moderni sation and Ritual | ୧୯୮୬ |
| ୩୭. | Patters of Tribal Housing (with N. Patnaik) | ୧୯୮୬ |
| ୩୮. | Tradition and the Modern Artist | ୧୯୮୭ |
| ୩୯. | Mahabharata and Modern Indian Literature | ୧୯୮୮ |
| ୪୦. | Jagannath Das | ୧୯୯୦ |
| ୪୧. | Science and Postmodern society | ୧୯୯୦ |
| ୪୨. | Tribal wall Pairtings of Orissa | ୧୯୯୧ |
| ୪୩. | The Targeted Web: Tribal life and Culture of Orissa | ୧୯୯୨ |
| ୪୪. | Reaching the other shore | ୧୯୯୨ |
| ୪୫. | The Realm of the Sacred : Verbal Symbolisim and Ritural Structure | ୧୯୯୨ |
| ୪୬. | Chhau Dance of Mayurbhanj | ୧୯୯୩ |
| ୪୭. | Beyond the World | ୧୯୯୩ |
| ୪୮. | Discovering the Inscape | ୧୯୯୩ |
| ୪୯. | Poetry and Passion | ୧୯୯୫ |
| ୫୦. | The Role of Tradition in Literature | ୧୯୯୭ |
| ୫୧. | Beyond Narcissism and Other Essays | ୨୦୦୧ |

## ଅନୁବାଦ ଓ ସମ୍ପାଦନା

| କ୍ର.ନଂ | ପୁସ୍ତକର ନାମ | ପ୍ରକାଶକାଳ |
|---|---|---|
| ୫୨ | ସାରହୁଲ୍ର ଜନ୍ମ | ୧୯୭୭ |
| ୫୩ | ସୂର୍ଯ୍ୟତୃଷ୍ଣା | ୧୯୮୨ |
| ୫୪ | ମଗଧ ଓ ଅନ୍ୟାନ୍ୟ କବିତା | ୧୯୮୨ |
| ୫୫. | ଅସରଂତି ପିଲାଦିନ | ୧୯୯୧ |
| ୫୬. | ବସଂତ ଋତୁରେ ଦିନେ | ୧୯୯୮ |
| ୫୭. | ଶାଳଗଛ ଫୁଲରେ ନଇଁଛି | ୨୦୦୦ |
| ୫୮. | କବିତା, ପିଲାଦିନ | ୨୦୦୨ |
| ୫୯. | ଆଧୁନିକ ହଙ୍ଗେରୀୟ କବିତା | ୨୦୦୨ |
| ୬୦. | ଜହ୍ନରାତି ଓ ଅନ୍ୟାନ୍ୟ କବିତା | ୨୦୦୪ |
| ୬୧. | Longing for the South: An Anthology of Modern Macedorian Poetry, Ed. by J.T.Boskovski | ୧୯୮୨ |
| ୬୨. | Oriya Poetry Today, In Indian Poetry Today, Vol-3 | ୧୯୮୨ |
| ୬୩. | An Anthology of Modern Oriya Poetry Today, Vo-3 | ୧୯୮୩ |
| ୬୪. | Ants and Other Stories by Gopinath Mohanty | ୧୯୮୩ |
| ୬୫. | Folkways in Religion: Gods, Sprits and Man | ୧୯୮୩ |
| ୬୬. | Amaru Satakam: The Erotic Love Poetry of Amaru | ୧୯୮୫ |
| ୬୭. | The Rock and the Sandal Wood Tree Modern viet namese Poetry | ୧୯୮୫ |
| ୬୮. | The Bed of Arrous (Stories of Gopinath Mohanty) | ୧୯୮୫ |
| ୬୯. | Ushavilas (edited) | ୧୯୯୬ |
| ୭୦. | A Child Even in the Arms of Stone | ୨୦୦୦ |

## ଇଂରାଜୀରେ ଅନୂଦିତ କବିତା ସଂକଳନ

| କ୍ର.ନଂ | ପୁସ୍ତକର ନାମ | ପ୍ରକାଶକାଳ |
|---|---|---|
| ୭୧. | Quiet Violence (ISBN O-89253-605-5) | ୧୯୭୦ |
| ୭୨. | The Jester | ୧୯୭୨ |
| ୭୩. | The Other Silence | ୧୯୭୩ |
| ୭୪. | The Oldman in the Summer | ୧୯୭୫ |
| ୭୫. | The Song of Kubja | ୧୯୮୦ |
| ୭୬. | Selected Poems | ୧୯୮୬ |
| ୭୭. | Death of Krishna and other Poems | ୧୯୯୧ |
| ୭୮. | A morning of Rain and other poems | ୧୯୯୧ |
| ୭୯. | Let your Journeybe long | ୧୯୯୧ |
| ୮୦. | The Lemon Tree | ୨୦୦୨ |
| ୮୧. | A Screen from Sadness | ୨୦୦୨ |
| ୮୨. | The Alphabet of Birds | ୨୦୦୩ |
| ୮୩. | Memories of Time | ୨୦୧୧ |
| ୮୪. | Till my Time come | ୨୦୧୮ |

## ଆଦିବାସୀ କବିତା: ଅନୁବାଦ ଓ ସଂକଳନ

| କ୍ର.ନଂ | ପୁସ୍ତକର ନାମ | ପ୍ରକାଶକାଳ |
|---|---|---|
| ୮୫. | The Empty Distance Carries | ୧୯୭୨ |
| ୮୬. | The Wooden Sword | ୧୯୭୩ |
| ୮୭. | Staying in nowhere | ୧୯୭୫ |
| ୮୮. | Forgive the Words | ୧୯୭୬ |
| ୮୯. | Baken: Ritual Invocation Songs of a Primitive Community | ୧୯୭୨ |
| ୯୦. | Men, Patterns of Dust | ୧୯୮୧ |
| ୯୧. | The Awakened Wind | ୧୯୮୩ |
| ୯୨. | The Endles Weave: Tribal Songs and tales of Orissa | ୧୯୯୧ |
| ୯୩. | Unending Rhythms: Oral Poetry of Indian Tribes | ୧୯୯୨ |
| ୯୪. | They sing life (Anthology of Oral Poetry of the PrimitiveTribes of India. | ୨୦୦୨ |
| ୯୫. | The Rainbow of Rhythms Folk Art Tradition of Orissa | ୨୦୦୫ |

## ସମ୍ମାନ ଓ ପୁରସ୍କାର

| | | |
|---|---|---|
| ୧. | ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର | ୧୯୭୧ |
| ୨. | କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର | ୧୯୭୪ |
| ୩. | ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର (ପ୍ରବଂଧ) | ୧୯୮୧ |
| ୪. | କୁମାରନ୍ ଆଶାନ୍ କବିତା ପୁରସ୍କାର | ୧୯୮୩ |
| ୫. | ବିଷୁବ ପୁରସ୍କାର | ୧୯୮୩ |
| ୬. | ସୋଭିଏତ୍ ଦେଶ ନେହେରୁ ପୁରସ୍କାର | ୧୯୮୩ |
| ୭. | ଦ୍ୱିତୀୟ ବିଶ୍ୱ ହିନ୍ଦୀ ସମ୍ମେଳନ ପୁରସ୍କାର | ୧୯୮୩ |
| ୮. | ଶାରଳା ପୁରସ୍କାର | ୧୯୮୪ |
| ୯. | ଓଡ଼ିଶା ସଂସ୍କୃତି ପରିଷଦ ପୁରସ୍କାର | ୧୯୯୨ |
| ୧୦. | ଭାରତୀୟ ଜ୍ଞାନପୀଠ ପୁରସ୍କାର | ୧୯୯୩ |
| ୧୧. | ମରାଠୀ ସାହିତ୍ୟ ସମ୍ମେଳନ ପୁରସ୍କାର | ୧୯୯୫ |
| ୧୨. | ଗଂଗାଧର ମେହେର ଜାତୀୟ ପୁରସ୍କାର | ୧୯୯୭ |
| ୧୩. | ଯୋଶୁଆ ସାହିତ୍ୟ ପୁରସ୍କାର | ୧୯୯୮ |
| ୧୪. | କବୀର ସମ୍ମାନ | ୨୦୦୦ |
| ୧୫. | ଟୋକିଓର ସୋକା ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ସମ୍ମାନ | ୨୦୦୧ |
| ୧୬. | ରାଷ୍ଟ୍ରପତିଙ୍କ ଦ୍ୱାରାପ୍ରଦତ୍ତ 'ପଦ୍ମଭୂଷଣ' ସମ୍ମାନ | ୨୦୦୩ |
| ୧୭. | ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ 'ପଦ୍ମବିଭୂଷଣ' ସମ୍ମାନ | ୨୦୧୧ |
| ୧୮. | SAARC LIterary Award | ୨୦୧୧ |
| ୧୯. | Tagore Peace Award | ୨୦୧୬ |

## ବିବିଧ ଦୃଷ୍ଟିଭଙ୍ଗୀ ଓ ବିବିଧ ବିଚାର



**Erik Stinus:** His Poems are, at the same time, troubled and calm, full of both pathos and cheerfulnes. Love and the fear of death are close neighbours and the dreams nearly as real as historical reality.Despite the justaposition of conflicting experiences and questioning, each poem seems to be one complete symbol, one action.



**ଗୋଦାବରୀଶ ମହାପାତ୍ର:** ମାନବ ଜୀବନ ପ୍ରତି ଗଭୀର ମମତାବୋଧ ଓ ସମବେଦନା କବିତାଗୁଡ଼ିକରେ ସ୍ପଷ୍ଟ ହୋଇ ଉଠିଛି । ପ୍ରକାଶ ଭଙ୍ଗୀରେ ମଧ୍ୟ କୌଣସି ଠାରେ ସେ ଅସ୍ପଷ୍ଟ ହୋଇ ନାହାନ୍ତି । ପ୍ରତୀକ ଓ ରୂପକଳ୍ପ ପ୍ରୟୋଗରେ ସେ କେତେକ ପରିମାଣରେ ସଂଯତ । ସୁଖର କଥା, ତଥାକଥିତ 'ଆଧୁନିକ କବିତା'ର ଦୁର୍ବୋଧ୍ୟତା ସଂପର୍କରେ ସେ ମୂଳରୁ ସଚେତନ ହୋଇଛନ୍ତି ।

ନିଆଁଖୁଣ୍ଟା, ୧୯୬୪



**ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ:** କଥାରେ ଛବି ଆଂକିବା ଓ ଗୋଟିଏ ଗୋଟିଏ ଶବ୍ଦରେ ପୋଥିଏ ଲେଖାଏଁ କଥା କହିବାର ଉଦାହରଣ ବହିର ମୂଳରୁ ଚୂଳ ଯାଏଁ ସବୁଠି ମିଳିବ । ଅନେକ ଏଥିପାଇଁ ସୀତାକାନ୍ତଙ୍କ କବିତାକୁ ଟେକ୍‌ନିକ୍ ବା ବାହ୍ୟ ଅଂଗସଜ୍ଜାର ଦକ୍ଷତା ବୋଲି କରିଥାନ୍ତି, କିନ୍ତୁ ଅନୁଭବର ଗଭୀରତା ଓ ବ୍ୟାପ୍ତି ନଥିଲେ ପ୍ରକାଶରେ ଏ ସ୍ୱଚ୍ଛନ୍ଦତା ଓ ସଂଯମ ଯେ ସମ୍ଭବ ନୁହେଁ- ଏକଥା ଜାଣି ନରଖିଲେ 'ଅଷ୍ଟପଦୀ'ର ଯଥାର୍ଥ ମୂଲ୍ୟାୟନ ଅସମ୍ଭବ ।

ଅଷ୍ଟପଦୀ ବିଚାର ପରିପ୍ରେକ୍ଷୀରେ



**ସୌରୀନ୍ଦ୍ର ବାରିକ:** କବିତା ଆଜି ଅନେକ ନୂତନତାର ଶିହରଣରେ ଚମତ୍କୃତ, ଅନେକ ବିଦେଶୀ ଦାର୍ଶନିକ ଚିନ୍ତାରେ ଗୁରୁଗମ୍ଭୀର, ଅନେକ ଶୈଳୀର ପରୀକ୍ଷାରେ ବିଚିତ୍ର, ମାତ୍ର ଏ ସବୁ ସତ୍ତ୍ୱେ ପାଠକର ମନକୁ ଛୁଇଁ ପାରିବାରେ ବଡ଼ କରୁଣ ଭାବରେ ଅସହାୟ । ଏହି ଅସହାୟତାରୁ 'ଶବ୍ଦର ଆକାଶ' ସାଂପ୍ରତିକ କବିତା ମୁକ୍ତି ଦେବାର ଚେଷ୍ଟା କରିଛି ।

ଶବ୍ଦର ଆକାଶ ବିଚାର ପରିପ୍ରେକ୍ଷୀରେ



**ପ୍ରହରାଜ ସତ୍ୟନାରାୟଣ ନନ୍ଦ:** ଆମ ପାଣିପବନ ସୁଖଦୁଃଖ କବିତାରେ ଯେପରି ଫଟିଫଳିତ ହେବା କଥା ତାଙ୍କ କବିତାରେ ଠିକ୍ ସେହିପରି ବ୍ୟକ୍ତ ହୋଇଛି । ଓଡ଼ିଆ କବିତା କ୍ଷେତ୍ରରେ ନୂତନ ପରଂପରା ସୃଷ୍ଟି ପାଇଁ ସେ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ, ତାହା କ୍ରମଶଃ ଯେ ଏକ ବଳିଷ୍ଠ ଆନ୍ଦୋଳନରେ ପରିଣତ ହୋଇଛି ଏବଂ ନବାଗତମାନଙ୍କୁ ଏକବାଟରେ ଅଗ୍ରସର ହେବା ପାଇଁ ସଂକେତ ଦେଇଛି- ଏହା କହିବା ଅନାବଶ୍ୟକ ।

ସମୁଦ୍ର ସଂକଳନ ବିଚାର ପ୍ରେକ୍ଷାପଟ୍ଟରେ



**ଦୀପକ ମିଶ୍ର:** ସ୍ୱପ୍ନ-ଭଂଗର ଦୃଶ୍ୟ ଯେତିକି ବାସ୍ତବ ଓ ସତ୍ୟ, ସ୍ୱପ୍ନ ସୃଷ୍ଟି କରିବାର ଦୃଶ୍ୟ ସେତିକି ବାସ୍ତବ ଓ ସତ୍ୟ, ପ୍ରତ୍ୟକ ମଣିଷର କ୍ଷଣସ୍ଥାୟୀ ଜୀବନଯାତ୍ରା- ଆସରରେ । ସ୍ୱପ୍ନ ଯଦି ସୃଷ୍ଟି ନହୁଅନ୍ତା, ସ୍ୱପ୍ନଭଂଗର ଧୂସରିତ କ୍ଲାନ୍ତି ବା କେଉଁଠୁ ସମ୍ଭବ ହୁଅନ୍ତା ? ପୁଣି ସ୍ୱପ୍ନଭଂଗର ଏ କୁହୁଡ଼ି ପହଁରା ଯଦି ନଥାନ୍ତା, ତେବେ ସ୍ୱପ୍ନର ସ୍ମୃତି ଏତେ ବିମୂର୍ତ୍ତ ହୋଇ ଉଠି ନଥାନ୍ତା ଓ ଯଦି ଏସବୁ କିଛି ନଥାନ୍ତା, ତେବେ ମଣିଷ ମନ ନାମକ ସୂକ୍ଷ୍ମ ବସ୍ତୁର ଚଳପ୍ରଚଳ ନଥାନ୍ତା । ଯଦି ମନର ପଦଚାରଣ ନଥାନ୍ତା, ତେବେ କବିତାର ଜନ୍ମ କେଉଁଠୁ ସମ୍ଭବ ହୋଇଥାନ୍ତା ! ଏ ସମସ୍ତ ପ୍ରଶ୍ନ ଓ ଏମାନଙ୍କର ସମ୍ଭାବିତ ଉତ୍ତର ଗୁଡ଼ିକର ଏକ ସମନ୍ୱିତ ରୂପ ହିଁ କବି ସୀତାକନ୍ତ ମହାପାତ୍ରଙ୍କ ପଞ୍ଚମ କବିତା ସଂକଳନ 'ଚିତ୍ରନଦୀ' ।

ଚିତ୍ରନଦୀ ବିଚାର ପରିପ୍ରେକ୍ଷୀରେ



**ଚିନ୍ତାମଣି ବେହେରା:** 'ଦୀପ୍ତି ଓ ଦ୍ୟୁତି'ଠୁ କବି ଜୀବନର ଯେଉଁ ଯାତ୍ରାରମ୍ଭ ହୋଇଥିଲା ଏବଂ 'ଫେରି ଆସବାର ବେଳ' ପର୍ଯ୍ୟନ୍ତ ସୁଦୀର୍ଘ ଯାତ୍ରା ପଥରେ କାବ୍ୟମାନସର ଯେଉଁ କ୍ରମ ବିକାଶ ଓ ଉତ୍ତରଣ ଆମେ ଲକ୍ଷ୍ୟ କରିଥିଲୁ, ତାଆରି ଉଜ୍ଜ୍ୱଳ ସିଦ୍ଧିର ସ୍ୱାକ୍ଷର 'ବର୍ଷା ସକାଳ'ର କବିତାବଳୀରେ ବିଦ୍ୟମାନ ।

ବର୍ଷା ସକାଳର ଆଲୋଚନା ପରିପ୍ରେକ୍ଷୀରେ



**ପ୍ରଫେସର ସଂଘମିତ୍ରା ମିଶ୍ର:** କବି ସୀତାକାନ୍ତ ଭାଷା ପ୍ରୟୋଗର ଯାଦୁକର । ତାଙ୍କ ରଚନାରେ ପ୍ରାଚୀନ କ୍ଷୁଧା, ଚିକ୍‌ଚିକ୍ ରୂପା ରଂଗ ଖରା, ସ୍ୱପ୍ନକ୍ଷମା କୁବ୍‌ଜା, ବାର୍ଣ୍ଣିସ୍ କରା ଆକାଶ, ଛୋଟ ଛୋଟ ନିରାପତ୍ତା, ନିଛାଟିଆ ଅନ୍ତରୀକ୍ଷ କ୍ଲାନ୍ତ ଅଗଣା, କୃଷ୍ଣ ଗଭୀର ଗୋପନହ୍ରଦ, ଧୂସର ନିଦ୍ରା, ସାବ୍‌ଜାର କରୁଣ ଯନ୍ତ୍ରଣା, ଭିଣାତୁଲା ଅନୁଭବ, କଳାଦୁଃଖ କାନ୍ଦଣା, ଲହରୀ, ଦଦରା ଶବ୍ଦ, ଅଂଧାରୀ ଆଶଙ୍କା ଭଳି ଭଳି ପ୍ରୟୋଗ ଯଥେଷ୍ଟ ।



**ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି:**ସୀତାକାନ୍ତ ହୁଏତ କୌଣସି ନିର୍ଦ୍ଦିଷ୍ଟ ବିଶ୍ୱାସ ବା ଆସ୍ଥାର ପ୍ରତ୍ୟୟ ଜୀବନ ବିଶ୍ୱରେ ଦେଖିନାହାନ୍ତି । ଯେଉଁମାନେ ଦେଖିଛନ୍ତି ବୋଲି କୁହନ୍ତି, ଲେଖନ୍ତି ସେମାନେ ଖାଲି ଶବ୍ଦ ଫିଙ୍ଗନ୍ତି ବଂଚିବା ଶୈଳୀର ସ୍ୱରରେ । କିନ୍ତୁ ତଳେଇ କରି ଦେଖିଲେ କୌଣସି ସତ୍ୟ ଶେଷ ସତ୍ୟ ନୁହେଁ, କୌଣସି ବିଶ୍ୱାସ ଜୀବନ ବିଶ୍ୱର ଭାରସାମ୍ୟ ରକ୍ଷା କରିପାରେ ନାହିଁ ।

ସାରା ଜୀବନ ଲୋକଟା... ପରିପ୍ରେକ୍ଷୀରେ



**ନାମବୀର ସିଂହ:** ସୀତାକାନ୍ତଙ୍କ ନିକଟରେ ଏମିତି କିଛି ଅଛି ଯେଉଁଥିରେ ବଂଚି ରହିବାର ସମ୍ଭାବନା ଅଛି, ଏହା ନିଃସନ୍ଦେହରେ କୁହା ଯାଇପାରେ । ଆଧୁନିକ ଭାରତୀୟ କବିତାରେ ସେ ନିଜର ସ୍ଥାନ ସୁରକ୍ଷିତ କରି ସାରିଛନ୍ତି ।

(ହିନ୍ଦିରୁ ଭାଷାନ୍ତର ଡ. ବଳରାମ ମିଶ୍ର)



**ଅଶୋକ ବାଜପେୟୀ:** ସୀତାକାନ୍ତ ମହାପାତ୍ରଙ୍କ ଠାରେ ଆଧୁନିକତାର ସମସ୍ତ ଗୁଣ ପ୍ରଖର ବୌଦ୍ଧିକତା, ଏକାନ୍ତ ନିର୍ଜନତା, ଅନେକ ପୀଡ଼ା ଓ ଯନ୍ତ୍ରଣାର ସଚେତନତା, ଗଭୀର ଅନ୍ୱେଷଣ ଓ ସୁବିପୁଳ ଭାଷା ପରମ୍ପରା ସହିତ ସିଧାସଳଖ ସଂପର୍କ ଆଦି ବିଦ୍ୟମାନ । କିନ୍ତୁ ଏ ସମସ୍ତ ଗୁଣର ଅତ୍ୟନ୍ତ ସଶକ୍ତ ଓ କଳ୍ପନାଶୀଳ ଉପଯୋଗ ସହିତ ନିଜର କବିତାରେ ସେ ଏକ ଅଦ୍ଭୁତ ବ୍ୟକ୍ତି-ନିଷ୍ଠ ଓ ଆତ୍ମିକ ପୀଡ଼ାର ଅନୁଭବ ଓ ସ୍ମୃତି ସନ୍ନିବେଶିତ କରିପାରନ୍ତି ।

(ହିନ୍ଦିରୁ ଭାଷାନ୍ତର, ଗୋପୀନାଥ ସାହୁ)




**ପ୍ରଫେସର ଦାଶରଥି ଦାସ:** ସୀତାକାନ୍ତଙ୍କ କାବ୍ୟଚେତନା ଚାରୋଟି ସାହିତ୍ୟ ପ୍ରଭାବରେ ଲାଳିତ ହୋଇ ଆସିଛି । ଭାରତୀୟ ସାହିତ୍ୟର ୩୦୦୦ବର୍ଷର ଧାରା, ୟୁରୋପୀୟ ରେନାଁସା ସାହିତ୍ୟର ୫୦୦ ବର୍ଷର ଧାରା, ଓଡ଼ିଆ ସାହିତ୍ୟର ୫୦୦ ବର୍ଷର ଧାରା ଓ ଆଦିବାସୀ ସାହିତ୍ୟର ଅନେକ ବର୍ଷର ଧାରା ପ୍ରଭାବରେ କବି ନିଜର ରୁଚି, ବୁଦ୍ଧି, ଆବେଗ, ମନନ, ମନସ୍ୱିତା, କବିତା ତତ୍ତ୍ୱ ତଥା କବିବ୍ୟକ୍ତିତ୍ୱକୁ ଧିରେ ଧିରେ ଗଢ଼ିଛନ୍ତି ।

## କବି ସୀତାକାନ୍ତ ମହାପାତ୍ରଙ୍କ ଜନ୍ମଠୁ ଏଯାଏ...

- ଜନ୍ମ: : କେନ୍ଦ୍ରାପଡ଼ା ଜିଲ୍ଲା ଚିତ୍ରୋତ୍ପଳା ନଦୀକୂଳ ମାହାଙ୍ଗା ଗାଆଁରେ, ୧୯୩୭ ମସିହା ସେପ୍ଟେମ୍ବର ୧୭ ତାରିଖରେ ।
- ୧୯୫୩ : ଚିତ୍ରୋତ୍ପଳା ଅପରପାର୍ଶ୍ୱ କୋରୁଆ ହାଇସ୍କୁଲରୁ ମେଟ୍ରିକ୍ ପାଶ୍ ।
- ୧୯୫୩-୫୫ : ରେଭେନ୍ସା ମହାବିଦ୍ୟାଳୟରୁ ଆଇ.ଏସ୍.ସି ।
- ୧୯୫୫-୫୭ : ରେଭେନ୍ସା ମହାବିଦ୍ୟାଳୟରୁ ଇତିହାସ ସମ୍ମାନରେ ବି.ଏ. ।
- ୧୯୫୭-୫୯ : ଏହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ଏମ୍.ଏ. ।
- ୧୯୫୯-୬୧ : ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ଅଧ୍ୟାପନା ।
- ୧୯୬୧ : ସର୍ବଭାରତୀୟ ପ୍ରଶାସନିକ ସେବାରେ ପ୍ରଥମ ହୋଇ ଯୋଗଦାନ ।
- ୧୯୬୩ : ପ୍ରଥମ କବିତା ସଂକଳନ 'ଦୀପ୍ତି ଓ ଦ୍ୟୁତି' ପ୍ରକାଶିତ ।
- ୧୯୬୭-୬୮ : ସୁନ୍ଦରଗଡ଼ ଜିଲ୍ଲାର ଜିଲ୍ଲାପାଳ ।
- ୧୯୬୮-୬୯ : ଇଂଲଣ୍ଡର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ସ୍କୋଲାର୍ ଭାବରେ ଯୋଗଦାନ ।
- ୧୯୭୦-୭୨ : ମୟୂରଭଞ୍ଜର ଜିଲ୍ଲାପାଳ ।
- ୧୯୭୨ : ଆନ୍ତର୍ଜାତିକ ନୃତତ୍ତ୍ୱ କଂଗ୍ରେସ, ଚିକାଗୋରେ ଯୋଗଦାନ ଓ ପ୍ରବନ୍ଧ ପାଠ ।
- ୧୯୭୨-୮୯ : ଓଡ଼ିଶା ସରକାରଙ୍କ ଶିକ୍ଷା, ସଂସ୍କୃତି, ପର୍ଯ୍ୟଟନ, ଘରୋଇ, ଆଦିବାସୀ ଉନ୍ନୟନ, ପରିବହନ ବିଭାଗର ସଚିବ ।
- ୧୯୭୫-୭୭ : ହୋମିବାବା ଫେଲୋସିପ୍‌ରେ ସାନ୍ତାଳୀ ସମାଜ ଓ ସଂସ୍କୃତି ଉପରେ ଗବେଷଣା ।
- ୧୯୭୭-୭୮ : ଉଚ୍ଚତର ଶିକ୍ଷା ପାଇଁ ହାର୍ଭାଡ୍ ବିଶ୍ୱବିଦ୍ୟାଳୟର ଫେଲୋ ଭାବେ ଯୋଗଦାନ ।
- ୧୯୭୮ : ଚିକାଗୋ ବିଶ୍ୱବିଦ୍ୟାଳୟରେ ଉଇଲିୟମ୍ ଉନ୍ ମୁଡ଼ି ବକ୍ତୃତା ପ୍ରଦାନ ଓ କବିତାପାଠ ।
- ୧୯୮୦ : ଭାରତରୁ ୟୁନେସ୍କୋ ଜାତୀୟ କମିଶନର ସଦସ୍ୟ ଭାବେ ପୃଥିବୀର ବହୁ ସ୍ଥାନ ଯାତ୍ରା ।
- ୧୯୮୯-୯୫ : ଭାରତ ସରକାରଙ୍କ ଯୋଜନା କମିଶନର ସ୍ପେଶାଲ ସେକ୍ରେଟାରୀ ।
- ୧୯୯୪-୯୬ : World Decade for Cultural Development ଅର୍ନ୍ତରାଷ୍ଟ୍ର କମିଟି ଚେୟାରମ୍ୟାନ ।
- ୧୯୯୯-୨୦୦୨ : National Book Trust ର ଚେୟାରମ୍ୟାନ୍ ।

### ଅନ୍ୟ କେତେକ ଦାୟିତ୍ୱ

- ଅକ୍ସଫୋର୍ଡ଼-କେମ୍ବ୍ରିଜ୍ ସୋସାଇଟି ଅଫ୍ ଇଣ୍ଡିଆର ଆଜୀବନ ସଦସ୍ୟ ।
- ଆଡ୍‌ମିନିଷ୍ଟ୍ରେଟିଭ୍ ଷ୍ଟାଫ୍ କଲେଜ ଆସୋସିଏସନ୍ ଅଫ୍ ଇଣ୍ଡିଆର ଆଜୀବନ ସଦସ୍ୟ ।
- ଇଣ୍ଡିଆନ୍ ରେଡ଼କ୍ରସ ସୋସାଇଟି ଅଫ୍ ଇଣ୍ଡିଆର ଆଜୀବନ ସଦସ୍ୟ ।
- ଆନ୍‌ଥ୍ରୋପୋଲୋଜିକାଲ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ଆଜୀବନ ସଦସ୍ୟ ।
- Internnational Association for the future of Humanity ର ଆଜୀବନ ସଦସ୍ୟ ଓ କାର୍ଯ୍ୟକାରୀ ସଭାପତି ।
- International Academy of Poets, କେମ୍ବ୍ରିଜ୍, ଇଂଲଣ୍ଡର ପ୍ରତିଷ୍ଠାତା ସଭ୍ୟ ।



ୟୁନେସ୍କୋ ଦ୍ୱାରା ୨୦୦୨ରେ ପ୍ରକାଶିତ ଭାରତୀୟ ଆଦିବାସୀ ମୌଖିକ କବିତା ସଂକଳନ 'They sing Life' ଭାରତର ସଂସ୍କୃତି ମନ୍ତ୍ରୀ ଶ୍ରୀ ଜଗମୋହନଙ୍କ ଦ୍ୱାରା ଉନ୍ମୋଚିତ । ପାଖରେ ପଞ୍ଜାବୀ ଲେଖିକା ଶ୍ରୀମତୀ ଅଜିତ କୌର ।

ସଦାକାଳ ଅମୃତ ଅନ୍ୱେଷଣର ଯାତ୍ରା ଅବ୍ୟାହତ ରହିଛି କାବ୍ୟନାୟକର । କାବ୍ୟପୁରୁଷ ପାଦେ ପାଦେ ଆଗେଇ ଚାଲିଛି ଉନ୍ମୋଚନ କରିକରି ଜୀବନର ରହସ୍ୟ । କେତେ କ୍ଳାନ୍ତି, କେତେ ମୃତ୍ୟୁ, କେତେ ପୁନର୍ଜନ୍ମ, କେତେ ଗର୍ଭ, କେତେ ବାଧିସତ୍ୱ ରୂପ ନେଇ ସେ ଚାଲିଚାଲି ଆସୁଛି ଓ ନିଜକୁ ଆବିଷ୍କାର କରୁଛି ବାରଂବାର ଆରମ୍ଭ ଜାଗାରେ । ଏସବୁକୁ ବିଚାର କଲେ କବି ସୀତାକାନ୍ତ ମହାପାତ୍ର ଭାବ ବୈଚିତ୍ର୍ୟରେ ଉତ୍ତୁଙ୍ଗ ସୋପାନରେ ପଦାର୍ପଣ କରିଥିବା କବି ଭାବରେ ବିବେଚିତ ହେବେ ।

ସ୍ୱପ୍ନ, ସ୍ମୃତି ଓ ସମୟର ଦୀର୍ଘ ରାସ୍ତା ଅତିକ୍ରମ କରି ଚାଲିଥାଏ ତାଙ୍କର କାବ୍ୟନାୟକ । ତାଙ୍କର କାବ୍ୟନାୟକ ବ୍ୟକ୍ତିରୁ ବିଶ୍ୱରେ ପରିଣତ ହୋଇ ଆତ୍ମାର ବ୍ୟଥାକୁ ମଧ୍ୟ ପ୍ରକାଶ କରିଚାଲିଥାଏ । ଅନନ୍ତ ଯୁଗର ବେଦନା ଭିତରେ ସେ ଆଲୋକ ଖୋଜାର ପରିସମାପ୍ତି ନଥାଏ ତା'ର । ସେଥିପାଇଁ ସେ ଅନୁଭବେ: "ସବୁ ପରାଜୟ, ସବୁ ମୃତ୍ୟୁ / ସକଳ ଗ୍ଲାନି, ସର୍ବଶେଷ ଲୁହ ଓ ହାହାକାର / ଏବେବି ଗୁମୁରୁଛି ତା' ଭିତରେ ।" (ସାରା ଜୀବନ ଲୋକଟା)

ସୀତାକାନ୍ତ ସ୍ୱପ୍ନପ୍ରବଣ ତଥା ଅମୃତ ଅନ୍ୱେଷା କବି । କବିତା ରଚନାର ଆଦିକାଳରୁ ଜୀବନ ଅନ୍ୱେଷଣ ହିଁ ହୋଇଛି ତାଙ୍କର ମୁଖ୍ୟ ଭାବନା । କ୍ଷୁଦ୍ର ସୀମା ଏକ ଅଖଣ୍ଡ ଅସୀମତାରେ ପରିଣତ ହୋଇଯାଏ ତାଙ୍କ ଭାବନାରେ । ଏଣୁ ତାଙ୍କର କାବ୍ୟବୃତ୍ତ ଯେତିକି ବିସ୍ମୟକର, ସେତିକି ରହସ୍ୟାବୃତ୍ତ ମଧ୍ୟ । ତାଙ୍କ କବି ସତ୍ତାର ଗତି ଓ ପ୍ରକୃତିକୁ ଚିହ୍ନିତ କରିବା ପ୍ରକୃତ ପକ୍ଷେ ଆୟାସସାଧ୍ୟ ।

ଆଧୁନିକ ଓଡ଼ିଆ କାବ୍ୟଚେତନାର ଅନ୍ୟତମ ପୁରୋଧା, ଅମୃତର ସୋପାନରେ ଜୀବନର ଅନ୍ୱେଷଣ କରିଥିବା ପ୍ରଥିତଯଶା କାବ୍ୟକାର । ହାର୍ଭାଡ୍ ବିଶ୍ୱବିଦ୍ୟାଳୟର ଫେଲୋ, ହୋମିବାବା ଫେଲୋସିପ୍ ପ୍ରାପ୍ତ, ୟୁନେସ୍କୋର ସାଂସ୍କୃତିକ ଉନ୍ନୟନ ଆନ୍ତରାଷ୍ଟ୍ର କମିଟି ଚେୟାରମ୍ୟାନ, ଅକ୍ସଫୋର୍ଡ଼ କେମ୍ବ୍ରିଜ୍ ସୋସାଇଟି ଅଫ୍ ଇଣ୍ଡିଆର ଆଜୀବନ ସଦସ୍ୟ, ଇଣ୍ଟରନେସ୍‌ନାଲ୍ ଏକାଡ଼େମୀ ଅଫ୍ ପୋଏଟ୍‌ସ୍, ଇଂଲଣ୍ଡର ପ୍ରତିଷ୍ଠାତା ସଭ୍ୟ, ଜ୍ଞାନପୀଠ, କବୀର ସମ୍ମାନ, ସୋଭିଏଟ୍ ଦେଶ ନେହେରୁ ପୁରସ୍କାର ବିଜେତା ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର ସମଗ୍ର ବିଶ୍ୱରେ ଭାରତବର୍ଷ ଓ ଓଡ଼ିଶା ପାଇଁ ଯେ ଗର୍ବ- ଏହା ଯେକେହି ସ୍ୱୀକାର କରିବେ । ଏଯାବତ୍ ଓଡ଼ିଆ ଓ ଇଂରାଜୀରେ କବିତା ଓ ପ୍ରବନ୍ଧ ପୁସ୍ତକ ରଚନା କରି ସେ ଜଣେ ଅଦ୍ୱିତୀୟ ସ୍ରଷ୍ଟାର ମାନ୍ୟତା ପାଇଛନ୍ତି । ବର୍ତ୍ତମାନ ସୁଦ୍ଧା ନବେ ଖଣ୍ଡ ପୁସ୍ତକ ରଚନା କରି ସେ ଓଡ଼ିଆ ଭାଷାକୁ ବିଶ୍ୱବିଦିତ କରିବାରେ ସମର୍ଥ ହୋଇଛନ୍ତି ।



# ଶୀତଳିତ ହେବାର ବିଧି

# ଈଶ୍ୱର ଓ ମାନବୀୟ ପରମ୍ପରାର ଯୁଗଳବନ୍ଦୀ: ଶୀତଳଷଷ୍ଠୀ

**ଶୁଭ ନାରାୟଣ ସ୍ୱାଇଁ**
ଭାନୁପୁରୀ, ରାୟପୁର, ଛତିଶଗଡ଼
ଫୋନ : ୮୪୮୦୧୯୬୫୩୨

ଫଟୋ ସୌଜନ୍ୟ : ଲେଖକ

ପୁରାଟା ବିଶ୍ୱରେ ପ୍ରତ୍ୟେକ ଦେଶର ନିଜସ୍ୱ ସଂସ୍କୃତି ଓ ପରମ୍ପରା ରହିଛି ଏବଂ ସେହି ସଂସ୍କୃତି ଓ ପରମ୍ପରାକୁ ନେଇ ସେମାନେ ଗର୍ବ ଅନୁଭବ କରନ୍ତି । କିନ୍ତୁ ମୋ ଦେଶ ଭାରତବର୍ଷର କଥା ଟିକିଏ ଅଲଗା । ମୋ ଦେଶର ସଂସ୍କୃତି ଓ ପରମ୍ପରାକୁ ନେଇ ଖାଲି ଆମେ ଭାରତୀୟମାନେ ଗର୍ବ କରୁନୁ, ବରଂ ଗର୍ବ କରେ ସାରାଟା ବିଶ୍ୱ । କଳା, ସଂସ୍କୃତି ଓ ସାଂସ୍କୃତିକ ବିବିଧତା ହିଁ ମୋ ଦେଶର ପରିଚୟ । ପୁରାଟା ବିଶ୍ୱରେ ମୋ ଦେଶ ଭାରତ ବର୍ଷ ତା'ର କଳା, ସାହିତ୍ୟ, ସଂସ୍କୃତି ଓ ସାଂସ୍କୃତିକ ବିବିଧତାକୁ ନେଇ ଯେମିତି ନିଜର ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଛି ଠିକ୍ ସେମିତି ମୋ ରାଜ୍ୟ ଓଡ଼ିଶା ତା'ର କଳା, କାରିଗରୀ ଓ ନିଆରା ସଂସ୍କୃତି ପାଇଁ ବିଶ୍ୱ ଦରବାରରେ ମୋ ଦେଶର ପ୍ରତିନିଧିତ୍ୱ କରି ପାରିଛି ।

ମୋ ରାଜ୍ୟର ଠାକୁର, ବଡ଼ ଠାକୁର । ମୋ ରାଜ୍ୟର ନଦୀ- ମହାନଦୀ, ସମୁଦ୍ର- ମହୋଦଧି, ଦାଣ୍ଡ- ବଡ଼ ଦାଣ୍ଡ, ମନ୍ଦିର- ଶ୍ରୀମନ୍ଦିର ଏବଂ ଏଠିକାର ଈଶ୍ୱର ବା ନାଥ ହେଉଛନ୍ତି ଜଗତର ନାଥ ଜଗନ୍ନାଥ । ଏଠିକାର କାରିଗରୀର ନମୁନା ହେଉଛି ସପ୍ତାଶ୍ଚର୍ଯ୍ୟ କୋଣାର୍କ ଏବଂ ଏଠିକାର ହାତର ଯାଦୁ ହେଉଛି ସମ୍ବଲପୁରୀ ବସ୍ତ୍ର ଓ ପୁରୀର ବାଲୁକା ଶିଳ୍ପ ।

ସାରାଟା ବିଶ୍ୱର କଥା ଆପଣମାନେ ଜାଣନ୍ତି । କେଉଁଠି ଈଶ୍ୱର ଆଲ୍ଲାଙ୍କୁ ଭେଟିବା ପାଇଁ ମକ୍କା ମଦିନା ଯିବାକୁ ପଡ଼େ, କେଉଁଠି ନିଜ ପିଠିରେ ତରବାରୀର ଚୋଟ ଓ ଚାବୁକ୍‌ର ପ୍ରହାର ଦେଇ ନିଜ ଯନ୍ତ୍ରଣାକୁ ଜାହିର୍ କରିବାକୁ ପଡ଼େ, ମାତମ୍ ମନାଇ, କୁର୍‌ବାନି ଦେଇ ଆଲ୍ଲାଙ୍କୁ ପ୍ରସନ୍ନ କରିବାକୁ ପଡ଼େ ।

ଅନ୍ୟ କେଉଁଠି ଈଶ୍ୱରଙ୍କ ହାତ, ଗୋଡ଼, ମଥା, ଛାତିରେ କଣ୍ଟା ପିଟି ଈଶ୍ୱରଙ୍କୁ କ୍ରୁଶବିଦ୍ଧ କରି ଦିଆଯାଏ । ନିର୍ବୋଧ ମାନେ ବୁଝି ପାରନ୍ତିନି ନିଜର ଭୁଲ୍‌କୁ । ହେଲେ ଇଷ୍ଟରରେ ଫେରି ଆସି ପ୍ରଭୁ କ୍ଷମା କରି ଦିଅନ୍ତି ସବୁ ନିର୍ବୋଧ ମଣିଷମାନଙ୍କୁ ଏବଂ କୁହନ୍ତି ମଣିଷ ହୋଇଛ ତ ମଣିଷକୁ ଭଲ ପାଇବା ଶିଖ, ପରସ୍ପରକୁ ପ୍ରେମ କର, ମଣିଷ ହୃଦୟରେ ପ୍ରେମ ରହୁ ନିରନ୍ତର । ତଥାପି ନିର୍ବୋଧ ମଣିଷ ବୁଝି ପାରେନା କିଛି, ଖାଲି ଜଳକା ପରି ଚାହିଁ ରହିଥାଏ ତାଙ୍କ ମୁହଁକୁ ।

ହେଲେ ଏଠି ଆମ ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ଖୁବ୍ ଅଲଗା ସମଗ୍ର ବିଶ୍ୱଠୁ । ଆମ ସଂସ୍କୃତି ଖୁବ୍ ବୈଚିତ୍ର୍ୟମୟ । ଆମ ସଂସ୍କୃତି ଆମ ପରମ୍ପରାରେ ଆମେ ଯେ ସବୁବେଳେ ଈଶ୍ୱରଙ୍କ ଦର୍ଶନ କରିବାକୁ ଯାଉ, ସେମିତି ନୁହଁ । ଅନେକ ସମୟରେ ଈଶ୍ୱର ଆମ ପାଖକୁ ଆସନ୍ତି ଆମକୁ ଦେଖା କରିବାକୁ, ଆମର ଭଲମନ୍ଦ ବୁଝିବାକୁ । କେତେବେଳେ ସେ କୃଷ୍ଣଙ୍କ ପରି ଘରର ପୁଅ ସାଜନ୍ତି ତ କେତେବେଳେ ମାଆ ପାର୍ବତୀଙ୍କ ପରି ସାଜନ୍ତି ଘରର ଝିଅ । ସେ ଜଗତର ନାଥ ଜଗନ୍ନାଥ ହୁଅନ୍ତୁ ଅବା ହୁଅନ୍ତୁ ସ୍ୱୟଂଭୂ ଶିବ, ବରଷକେ ଥରେ ସେ ରଥାରୂଢ଼ ହୁଅନ୍ତି । ମନ୍ଦିରରୁ ଓହ୍ଲାଇ ଆସନ୍ତି ତଳକୁ, ଭକ୍ତ ଗଣଙ୍କ ଦାଣ୍ଡକୁ ଯାଇ ବୁଝନ୍ତି ତାଙ୍କର ସୁଖଦୁଃଖ । ସେ ଅଟକି ଯାଆନ୍ତି ଭକ୍ତ ସାଲବେଗ ପାଇଁ, ସେ ନେଇ ଯାଆନ୍ତି ନଡ଼ିଆ ଦାସିଆ ବାଉରୀ ହାତରୁ, ସେ ଶୁଣନ୍ତି ଦୁଃଖ ରଘୁ ଅରକ୍ଷିତର । ସେ ଶୁଣନ୍ତି ଉଦାସ ମନରେ ବସିଥିବା କବି ମନର ଦୁଃଖକୁ, ଜୟଦେବଙ୍କ ପାଇଁ ଲେଖି ଦିଅନ୍ତି ଅଧା ଲେଖା ହୋଇ ରହିଥିବା 'ଗୀତଗୋବିନ୍ଦ'କୁ ।

ଖାଲି ଈଶ୍ୱର ନୁହେଁ, ଈଶ୍ୱରୀ ମାନେ ବି ଓହ୍ଲାଇ ଆସନ୍ତି ଭକ୍ତର ଦାଣ୍ଡକୁ । ଚୈତ୍ର ନବରାତ୍ରରେ ପ୍ରତ୍ୟେକ ଘରର ଦାଣ୍ଡ ଦୁଆରେ ଆସି ପାଦ ରଖନ୍ତି ଦେବୀଗଣ । ନଥିଲାବାଲାଙ୍କୁ କିଛି ଦିଅନ୍ତି, ଥିଲାବାଲା ଠୁ କିଛି ନିଅନ୍ତି ଏବଂ ବରାବର କରନ୍ତି ନିକିତିକୁ, ଲକ୍ଷ୍ମୀ ହୋଇ ଆସନ୍ତି ଶ୍ରୀୟା ଚଣ୍ଡାଳୁଣୀ ଘରକୁ ।

ସତରେ ଖୁବ୍ ବିଚିତ୍ର ଆମ ରାଇଜ, ଆମ ସଂସ୍କୃତି ଓ ଆମ ପରମ୍ପରା । ଏଠି ଆମେ ଦେଖିବାକୁ ପାଉ ଈଶ୍ୱର ଓ ମାନବୀୟ ପରମ୍ପରାର ଯୁଗଳବନ୍ଦୀ । ଜଗନ୍ନାଥଙ୍କ ସ୍ନାନଯାତ୍ରାର କଥା ହେଉ କି ପ୍ରଭୁ ଲିଙ୍ଗରାଜଙ୍କ ଚାପ ଖେଳର କଥା ହେଉ ବା ଶିବପାର୍ବତୀଙ୍କ ବିବାହର କଥା ହେଉ, ସବୁଠି ଆମେ ଦେଖିବାକୁ ପାଇବା ଏମିତିକା ଯୁଗଳବନ୍ଦୀର କଥା । ଯାହା ମୁଁ ନିଜେ ଅନୁଭବ ନକରିଛି ସେକଥା ଆଦୌ କହିବିନି, କିନ୍ତୁ ଯାହା ମୁଁ ନିଜେ ଅନୁଭବ କରିଛି ସେକଥାକୁ କହିବି ନିଶ୍ଚୟ ଏବଂ ମୋର ଅନୁଭବ ହେଉଛି ଈଶ୍ୱର ଓ ମାନବୀୟ ପରମ୍ପରାର ଯୁଗଳବନ୍ଦୀ ଭିତରେ ପଶ୍ଚିମ ଓଡ଼ିଶାର ଶୀତଳଷଷ୍ଠୀ ଯାତ୍ରାଟି ଏକ ସର୍ବଶ୍ରେଷ୍ଠ ଯୁଗଳବନ୍ଦୀ ।


▶ଲେଖକ ଶୁଭ ନାରାୟଣ ସ୍ୱାଇଁ

## ଶୀତଳ ଷଷ୍ଠୀ ଯାତ୍ରା କଣ, କେମିତି ଓ କାହିଁକି ?

ତେବେ ଆପଣ ପଚାରିବେ ଶୀତଳଷଷ୍ଠୀ କଣ ? ମୁଁ କହିବି ଆଜ୍ଞା ଏଇଟା ହେଉଛି ବାବା ଭୋଳା ଶଙ୍କର ଓ ମାତା ପାର୍ବତୀଙ୍କ ବିବାହ ଓ ତତ୍ପରର ଉତ୍ସବର କଥା । ଏହି ଉତ୍ସବର ଆରମ୍ଭ ହେଲେ ନିଦାଘର ଶେଷ ହୁଏ, ଦୂର ଆକାଶରୁ ମେଘ ଭାସି ଆସେ, ବରଷା ଆସେ, ମୟୂର ନାଚେ,

କୃଷକ ନାଚେ, ପ୍ରେମିକ ନାଚେ, ପ୍ରେମିକା ନାଚେ ଏବଂ ଆହୁରି ବହୁତ କଥା ହୁଏ ।

ତେମେ ଆପଣେ ପୁଣି ପଚାରିବେ, ଆଜ୍ଞା ମର୍ତ୍ତ୍ୟରେ ପୁଣି ଦେବତା ବିବାହ, ଏଇଟା ଗୋଟେ କେମିତିକା କଥା ହୋ! ମୁଁ କହିବି, ଆଜ୍ଞା ସମ୍ଭବ । ସବୁ ସମ୍ଭବ । ବିଶ୍ୱାସେ ମିଳଇ ହରି, ତର୍କେ ବହୁ ଦୂରେ । ଆମର ଏଠି ଆମେ ଈଶ୍ୱରଙ୍କୁ ନିଜର ପୁଅ ହିସାବରେ ଦେଖିପାରୁ ଏବଂ ମାତା ପାର୍ବତୀଙ୍କୁ ନିଜର କନ୍ୟା ହିସାବରେ ସ୍ୱୀକାର କରିପାରୁ । ଝିଅର ବାପ ହୋଇ କନ୍ୟା ଦାନ କରିପାରୁ ଏବଂ ପୁଅର ମାଆ ହୋଇ ଘରକୁ ବୋହୂ ବି ଆଣିପାରୁ । କଣ ବୁଝି ପାରିଲେନି । ବୁଝିଯିବେ ଆଜ୍ଞା, ଟିକେ ଧୈର୍ଯ୍ୟ ଧରନ୍ତୁ । ଏହି କଥାକୁ ବୁଝିବାକୁ ହେଲେ ପ୍ରଥମେ ବୁଝିବାକୁ ପଡ଼ିବ 'ଶିବ' ଶବ୍ଦଟିର ତାତ୍ତ୍ୱିକ ଅର୍ଥକୁ, 'ପାର୍ବତୀ' ଶବ୍ଦର ପରିଚୟକୁ ଓ 'ବିବାହ' ଶବ୍ଦର ତାତ୍ପର୍ଯ୍ୟକୁ ।



## ଶିବ:

ମୋର ସୌଭାଗ୍ୟ, ମୋର ଚାକିରି ଜୀବନର ପ୍ରାୟ ତିନିବର୍ଷ ମୁଁ ବିତାଇଛି ପଶ୍ଚିମ ଓଡ଼ିଶାରେ । ଏହି ସମୟ କାଳ ଭିତରେ ମୁଁ ବେଶ୍ କିଛି ଶିଖିଛି ପଶ୍ଚିମ ଓଡ଼ିଶାରୁ, ସେଠିକାର ମହାନ୍ ପ୍ରବଚକ, ଆଲୋଚକ ଓ ବିଶିଷ୍ଟ ବିଦ୍ୱାନମାନଙ୍କୁ ମୁଁ ଭେଟିଛି ଖୁବ୍ ନିକଟରୁ । ସେମାନଙ୍କ ସହିତ ବସିଛି, ଉଠିଛି, ଖାଇଛି ଏବଂ ସେମାନଙ୍କ ଖୁବ୍ ନିକଟରୁ ଶୁଣିଛି ଅନେକ ପ୍ରବଚନ, ପ୍ରବନ୍ଧ ଓ ଅଲୋଚନା । ଏଣୁ 'ଶିବ' ଶବ୍ଦଟି ସମ୍ପର୍କରେ କହିଲା ବେଳେ ମୁଁ ସହାୟତା ନେବି ସେହି ପଶ୍ଚିମ ଓଡ଼ିଶାର ଜଣେ ବରିଷ୍ଠ ଗବେଷିକା ଡକ୍ଟର ଶିବପ୍ରିୟା ମିଶ୍ରଙ୍କର । ତା ୧୫-୬-୨୧ରେ ଦୈନିକ ଖବରକାଗଜ 'ସକାଳ'ର ସାହିତ୍ୟ ପୃଷ୍ଠାରେ ପ୍ରକାଶ ପାଇଥିଲା ଡକ୍ଟର ଶିବପ୍ରିୟା ମିଶ୍ରଙ୍କ ଏକ ଆଲୋଚନା 'ଆମ ସଂସ୍କୃତି ଓ ଶୀତଳଷଷ୍ଠୀ' । ସେଠି ଶ୍ରୀମତୀ ମିଶ୍ର କୁହନ୍ତି, 'ଶିବ' କେବଳ ଏକ ଶବ୍ଦ କିମ୍ବା ଦେବ ବିଶେଷାଙ୍କ ନାମ ମାତ୍ର ନୁହେଁ । 'ଶିବ' ଏକ ତତ୍ତ୍ୱ । ଶିବ ଏକ ସାଧନର ବିଷୟବସ୍ତୁ । ଶିବ, ଯୋଗର ଅନ୍ୟ ନାମ ଏବଂ ଶିବ ଶକ୍ତି ପ୍ରାପ୍ତିର ଅନ୍ୟ ଏକ ମାଧ୍ୟମ । ଶିବ ଶବ୍ଦରୁ 'ଇକାର' ବିଯୁକ୍ତ ହେଲେ ଶବ୍ଦଟି ହୁଏ 'ଶବ' । 'ଶବ' ମହାଜଡ଼ତ୍ୱର ପ୍ରତୀକ । ଜଡ଼ତ୍ୱରେ ଚେତନାର ଶକ୍ତି ଦେଉଥିବା ଶକ୍ତି ହିଁ ହେଉଛି ଶିବ । ଏଣୁ ଏହି 'ଇକାର'କୁ ଶିବଙ୍କର ଶକ୍ତି ରୂପରେ କଳନା କରାଯାଇଛି । ଶିବ ଓ ଶକ୍ତି ଏକ ଅଭିନ୍ନ । ଏଣୁ ଶିବର ଅନ୍ୟ ନାମ ହେଉଛି ସାମର୍ଥ୍ୟ । ଏ ଶରୀର ଯଦି ଶିବ ହୁଏ, ତେବେ ଚୈତନ୍ୟ ଶକ୍ତି ବିନା ଏହା କାର୍ଯ୍ୟକ୍ଷମ ହୋଇ ପାରେନା । ଅତଏବ ଶିବ ଓ ଶକ୍ତିର ସମାବେଶରେ ହିଁ ଜୀବନରେ ପ୍ରାଣର ପରିସ୍ଫୁରଣ ହୁଏ । ଏଣୁ ଏହି ତତ୍ତ୍ୱର ଆଧାରରେ ବହୁ ପ୍ରାଚୀନ କାଳରୁ ଆରମ୍ଭ ହୋଇଛି ଶିବ ପାର୍ବତୀ ବିବାହ ପରମ୍ପରା ।

## ପାର୍ବତୀ


ଏବେ ଆପଣ ଭାବୁଥିବ ପାର୍ବତୀଙ୍କ କଥା । ପ୍ରକୃତରେ ପାର୍ବତୀ ଶିବଙ୍କ ଠୁ ଭିନ୍ନ ନୁହନ୍ତି । ସେ ହେଉଛନ୍ତି ଶିବଙ୍କର ଅଂଶ ଶକ୍ତି । ପ୍ରକୃତରେ ଯିଏ ଶକ୍ତି ସିଏ ହିଁ ପାର୍ବତୀ । ପୁରାଣ ଅନୁସାରେ ସିଏ ପର୍ବତ ସମ୍ରାଟ ହିମାବନଙ୍କ ପୁତ୍ରୀ ପାର୍ବତୀ । ସେ ମାଆ ସତୀଙ୍କ ପୁନର୍ଜନ୍ମର ନୂଆ ରପ । ସେ ହିଁ ସତୀ, ସେ ହିଁ ପାର୍ବତୀ, ସେ ଉମା, ସେ ଗୌରୀ, ଅମ୍ବିକା, ଦୁର୍ଗା, କାଳୀ । ଶିବ ପୁରୁଷ ହେଲେ ସେ ପ୍ରକୃତି । ପ୍ରକୃତିର ଅନେକ ରୂପ ଅଛି । ପ୍ରକୃତି ସମୟ ଅନୁସାରେ ପରିବର୍ତ୍ତନଶୀଳ । ସମୟ ଅନୁସାରେ ତାର ରଙ୍ଗ, ରୂପ ଓ ବ୍ୟବହାର ବାରମ୍ବାର ବଦଳୁଥିଲେ ବି ପ୍ରକୃତି ଓ ପୁରୁଷ ସବୁବେଳେ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ । ଜଣେ ନାରୀ ହେଲେ ଜଣେ ପୁରୁଷ, ଜଣେ ଶିବ ହେଲେ ଜଣେ ଶକ୍ତି । ଶିବ ବିନା ଶକ୍ତିର ପରିକଳ୍ପନା ଅକଳ୍ପନୀୟ ଓ ଶକ୍ତି ବିନା ଶିବ ଜଡ଼ତ୍ୱ ସହିତ ସମାନ ।

## ପୁରାଣରେ ଶିବ ବିବାହ ଓ ଶୀତଳଷଷ୍ଠୀ ପର୍ବ

ବିବାହ ଶବ୍ଦର ଅର୍ଥ କଲ୍ୟାଣ ଏବଂ ଏହା ଏକ ସାମାଜିକ ଓ ଦୈହିକ ଦାୟିତ୍ୱବୋଧ । ପୁରାଣ କହେ ତାରକାସୁର ବ୍ରହ୍ମାଙ୍କ ଠାରୁ ବର ପାଇଥିଲା ସେ ଶିବଙ୍କ ପୁତ୍ର ବ୍ୟତୀତ ଅନ୍ୟ କାହାର ହାତରେ ମରିବ ନାହିଁ । ଏଣୁ ତାରକାସୁରର ବଧ ପାଇଁ ଶିବଙ୍କ ବିବାହ ଅତ୍ୟନ୍ତ ଜରୁରୀ ଥିଲା । ହେଲେ ଶିବ ତ ମହାଯୋଗୀ, ସନ୍ନ୍ୟାସୀ । ସେ କେତେବେଳେ ଶ୍ମଶାନରେ ତ କେତେବେଳେ କୈଳାଶରେ ଧ୍ୟାନସ୍ଥ । ପୁଣି ଦକ୍ଷ ପ୍ରଜାପତିଙ୍କ ଯଜ୍ଞାନଳରେ ମା ସତୀ ଝାସ ଦେବା ପରେ ସଂସାରରୁ ସମସ୍ତ ମୋହମାୟା ତୁଟାଇ ଶିବ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧ୍ୟାନରେ । ତାଙ୍କ ଧ୍ୟାନ ଭଗ୍ନ କରିବାର ଚେଷ୍ଟାରେ କାମଦେବ ଭସ୍ମୀଭୂତ ହୋଇଥିଲେ ହେଁ ମାଆ ପାର୍ବତୀ ତପସ୍ୟା କରି ଶିବଙ୍କୁ ସନ୍ତୁଷ୍ଟ କରାଇ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଶିବଙ୍କ ସହ ବିବାହ କରି ଷଷ୍ଠୀ ଦିନ ଶିବାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲ । ଏଥର ଦେବତାମାନଙ୍କ ମୁଣ୍ଡ ଥଣ୍ଡା ହୋଇଥିଲା ଏବଂ ଶିବ ପୁତ୍ର ଜନ୍ମ ନେବାର ରାସ୍ତା ଫିଟିଥିଲା । ଏଣୁ ଏହି ଦିନଟିକୁ ଭକ୍ତମାନଙ୍କ ମନରେ ସବୁବେଳେ ଉଜ୍ଜୀବିତ ରଖିବା ପାଇଁ ପାଳନ କରାଯାଇ ଆସୁଅଛି ଶୀତଳଷଷ୍ଠୀ ପର୍ବ ।

## ଓଡ଼ିଶାରେ ଶୀତଳଷଷ୍ଠୀ

ଓଡ଼ିଶାର ଶୀତଳଷଷ୍ଠୀ କଥା କହିଲେ ମୁଖ୍ୟତଃ ଏହା ପଶ୍ଚିମ ଓଡ଼ିଶାର ଶୀତଳଷଷ୍ଠୀ କୁ ହିଁ ବୁଝାଏ । ଗବେଷକମାନେ କୁହନ୍ତି ଆଜକୁ ପ୍ରାୟ ୪୦୦ବର୍ଷ ତଳେ ରାଜାରାଜୁଡ଼ାମାନେ ଶିକ୍ଷା ଓ ସଚେତନତା ଦୃଷ୍ଟିରୁ ଓଡ଼ିଶାକୁ ଦୁଇଟି କ୍ଷେତ୍ରରେ ବିଭକ୍ତ କରିଥିଲେ । ଗୋଟିଏ କ୍ଷେତ୍ରକୁ ପାର୍ବତ୍ୟ ଓ ଆରଣ୍ୟକ କ୍ଷେତ୍ର ଭାବରେ ବିଚାର କରୁଥିବା ବେଳେ ଅନ୍ୟ କ୍ଷେତ୍ରଟିକୁ ବ୍ରହ୍ମଜ ବା ବ୍ରାହ୍ମଣ ବା ଜ୍ଞାନ କ୍ଷେତ୍ର ବୋଲି କହୁଥିଲେ । ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ ଆଦି ଅଞ୍ଚଳକୁ ଆରଣ୍ୟକ ବୋଲି ବିଚାର କରାଯାଉଥିବା ବେଳେ ପୁରୀ, ଗଞ୍ଜାମ, କଟକ, ବାଲେଶ୍ୱର ଆଦି ଅଂଚଳକୁ ବ୍ରାହ୍ମଣ କ୍ଷେତ୍ର ବୋଲି ବିଚାର କରା ଯାଉଥିଲା । ଏହି କ୍ଷେତ୍ରରେ ପୂଜା ପାଠ କରୁଥିବା ପୂଜକଙ୍କୁ ଓଡ଼ିଆ ବ୍ରାହ୍ମଣ ବୋଲି କୁହା ଯାଉଥିବା ବେଳେ ଆରଣ୍ୟକ କ୍ଷେତ୍ରରେ ପୂଜାପାଠ କରୁଥିବା ଲୋକଙ୍କୁ ହୋତା, ଓଝା, ଦିସାରୀ ଆଦି ସମ୍ବୋଧନ କରାଯାଉଥିଲା । ଏମାନଙ୍କ ମଧ୍ୟରୁ ଅଧିକାଂଶ ଶକ୍ତି ପୂଜା କରୁଥିବା ବେଳେ କିଛି ବିଷ୍ଣୁ ଭଗବାନ ବା ଜଗନ୍ନାଥଙ୍କୁ ପୂଜା କରୁଥିଲେ । କିନ୍ତୁ ପୁରୀରେ ଥିବା ଓଡ଼ିଆ ବ୍ରାହ୍ମଣମାନଙ୍କୁ ଶ୍ରେଷ୍ଠ ବୋଲି ବିଚାର କରା ଯାଉଥିଲା, ସେମାନଙ୍କର ସଂସ୍କୃତ ଜ୍ଞାନ ଅଧିକ


HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com



ଥିଲା, ସେମାନେ ଶିବ ଓ ବିଷ୍ଣୁଙ୍କୁ ଖୁବ୍ ଅଧିକ ପୂଜା କରୁଥିଲେ ।

ବିଶ୍ୱାସ କରାଯାଏ ଯେ ପ୍ରାୟ ୩୦୦ରୁ ୪୦୦ବର୍ଷ ତଳେ ଯେତେବେଳେ ଆରଣ୍ୟକ କ୍ଷେତ୍ର ସମ୍ବଲପୁରରେ ଅସହ୍ୟ ଗରମ ଅନୁଭବ ହେଲା ମୌସୁମୀ ଆସିବାର ସମ୍ଭାବନା ଦିଶୁନଥିଲା ସେତେବେଳେ ସମ୍ବଲପୁରର ତତ୍କାଳୀନ ରାଜା ଅଜିତ୍ ସିଂହଦେଓ (୧୬୯୫-୧୭୬୬) ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଯାଇ ଦର୍ଶନ ସାରି ପୁରୀର ଗଜପତି ମହାରାଜାଙ୍କୁ ତାଙ୍କ ସମସ୍ୟା ଜଣାଇଲେ । ଗଜପତି ମହାରାଜା ଏହି ସମସ୍ୟାକୁ ରାଜ ପୁରୋହିତଙ୍କ ସାମ୍ନାରେ ରଖିଲେ । ରାଜ ପୁରୋହିତ ଅଭିଜ୍ଞ ପଣ୍ଡିତ ମାନଙ୍କ ସହ ପରାମର୍ଶ କରି କହିଲେ ସମ୍ବଲପୁର ହେଉଛି ଏକ ଶକ୍ତି କ୍ଷେତ୍ର, କିନ୍ତୁ ସେଠି ଶକ୍ତିଙ୍କ ସହିତ ଶିବ ଏକାକାର ହୋଇନଥିବାରୁ ଏମିତିକା ସମସ୍ୟା ଉପୁଜିଛି । ଯଦି ସେଠି ପ୍ରଭୁ ଶିବଶମ୍ଭୁଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା କରି ଆନୁଷ୍ଠାନିକ ଭାବରେ ଶିବ ପାର୍ବତୀଙ୍କ ବିବାହ କରି ଦିଆଯାଏ ତାହେଲେ ସମ୍ବଲପୁର ରାଜ୍ୟର ସକଳ ବିଘ୍ନର ବିନାଶ ଘଟିବ ଓ ଏହା ଏକ ବହୁ ବିକଶିତ ରାଜ୍ୟ ହୋଇପାରିବ । ଏହା ଶୁଣି ସମ୍ବଲପୁରର ରାଜା କହିଲେ, ମହାରାଜ ମୋ ପାଖରେ କେହି ଶୈବ ପୂଜକ ନାହାନ୍ତି । ଆପଣ ଯଦି କିଛି ବ୍ରାହ୍ମଣ ମୋ ରାଜ୍ୟକୁ ଦିଅନ୍ତେ ତାହାଲେ ଖୁବ୍ ଭଲ ହୁଅନ୍ତା । ଏହା ଶୁଣି ଗଜପତି ମହାରାଜା କହିଲେ, ତମକୁ ଗୋଟିଏ ଛୋଟିଆ ପରୀକ୍ଷା ଦେବାକୁ ପଡ଼ିବ । ଆମେ ଦେଖିବାକୁ ଚାହୁଁଛୁ ତୁମେ ଆମ ବ୍ରାହ୍ମଣମାନଙ୍କୁ ସୁରକ୍ଷା ଦେଇପାରିବ ନା ନାହିଁ । ତୁମେ ଯଦି ଆମ ଅଷ୍ଟମଲ୍ଲଙ୍କୁ ମଲ୍ଲ ଯୁଦ୍ଧରେ ହରାଇ ଦେଇ ପାରିବ ତାହେଲେ ଅଠର ଗୋଟି ବ୍ରାହ୍ମଣ ପରିବାର ତୁମର । ଏହାପରେ ସମ୍ବଲପୁରର ରାଜା ଗଜପତି ମହାରାଜାଙ୍କ ଅଷ୍ଟମଲ୍ଲଙ୍କୁ ହରାଇ ସାଙ୍ଗରେ ୧୮ଟି ଓଡ଼ିଆ ବ୍ରାହ୍ମଣ ପରିବାରକୁ ଆଣି ସମ୍ବଲପୁରର ହୋତାପଡ଼ା ଠାରେ ଥଇଥାନ କରିଥିଲେ । ପରବର୍ତ୍ତୀ ସମୟରେ ସେ ଜାଗାଟି ନନ୍ଦପଡ଼ା ନାମରେ ପରିଚିତ ହେଲା ।

ଗବେଷକ କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କ ଅନୁସାରେ, ପରେ ୧୭୬୬ ମଧ୍ୟରେ ରାଜା ଅଭୟ ସିଂଦେଓ ସମ୍ବଲପୁରରେ ବାଲିଆବନ୍ଧ ଠାରେ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ବାବାଙ୍କର ମନ୍ଦିରର ପ୍ରତିଷ୍ଠା କରିଥିଲେ । ଏହାପରେ ସେବେଠୁ ପ୍ରତ୍ୟେକ ବର୍ଷ ଜ୍ୟେଷ୍ଠ ମାସ ଶୁକ୍ଲପକ୍ଷ ପଞ୍ଚମୀ ତିଥିରେ ନନ୍ଦପଡ଼ା ଠାରେ ଶିବ ବିବାହ ଓ ଶୀତଳଷଷ୍ଠୀ ବହୁ ଆଡ଼ମ୍ବରରେ ପାଳିତ ହୋଇ ଆସୁଛି । ଏହା ସହିତ ଝାଡୁଆ ପଡ଼ାରେ ଶ୍ରୀ ଲୋକନାଥ ବାବା ଓ ମୋଦ ପଡ଼ାରେ ଶ୍ରୀ ଜାଗେଶ୍ୱର ବାବାଙ୍କ ବିବାହ ଉତ୍ସବ ତଥା ଶୀତଳଷଷ୍ଠୀ ଖୁବ୍ ଜାକ ଜମକରେ ପାଳିତ ହୋଇ ଆସୁଅଛି ।

ଲୋକାଚାରକୁ ଭିତ୍ତି କରି ପାଳିତ ହୋଇ ଆସୁଥବା ଏହି ପବିତ୍ର ପର୍ବ ଶୀତଳଷଷ୍ଠୀ ଏବେ ପଶ୍ଚିମ ଓଡ଼ିଶାରୁ ଯାଇ ପହଁଚି ସାରିଲାଣି ଦକ୍ଷଣ ଓଡ଼ିଶାର କୋରାପୁଟ ସହରରେ । ଦୀର୍ଘ ୨୨ବର୍ଷ ଧରି କୋରାପୁଟ ସହରର ପୂଜାରୀପୁଟ ନିକଟସ୍ଥ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଆସୁଛିଏହି ପବିତ୍ର ଶିବ ବିବାହ ଓ ଶୀତଳଷଷ୍ଠୀ ଉତ୍ସବ । ଏଥର ଏଇଠି ଏଇ ୪-ଜୁନ୍ ୨୦୨୨ରେ ଅନୁଷ୍ଠିତ ହୋଇଥିଲା ଶିବ ବିବାହ ଓ ୫ ଜୁନ୍‌ରେ ଶୀତଳଷଷ୍ଠୀ ଉତ୍ସବ । ଏଥର ବର ପିତା ଭାବରେ ଶ୍ରୀଯୁକ୍ତ ପତିତପାବନ ନାଥ ଶର୍ମା ଦାୟିତ୍ୱ ନେଇଥିବା ବେଳେ କନ୍ୟା ଦାନ କରିଥିଲେ ବରିଷ୍ଠ ସାହିତ୍ୟିକ ଶ୍ରୀଯୁକ୍ତ ଜଳଧର ସ୍ୱାଇଁ ।

## ଈଶ୍ୱର ଓ ମାନବୀୟ ପରମ୍ପରା

ମୁଁ ଆଗରୁ କହି ଆସିଛି ଈଶ୍ୱର ଓ ମାନବୀୟ ପରମ୍ପରାର ଯୁଗଳବନ୍ଦୀ ହେଉଛି ଶିବପାର୍ବତୀ ବିବାହ ଓ ଶୀତଳଷଷ୍ଠୀ ପର୍ବ । ଲୋକାଚାର ଭିତ୍ତିରେ ପାଳନ କରାଯାଉଥିବା ଏହି ଶିବ ବିବାହ ପର୍ବଟି ଗୋଟିଏ ସାଧାରଣ ବ୍ରାହ୍ମଣ ପରିବାରର ବିବାହ ଠାରୁ ଜମାରୁ ଭିନ୍ନ ନୁହଁ ।

## ଥାଳ ଉଠା

ଗୋଟିଏ ସାଧାରଣ ମଣିଷର ବିବାହ ସମୟରେ ଯେମିତି ଝିଅ ଦେଖା ପର୍ବ ବା ଦେଖଣ ଚାହଣ ହୋଇଥାଏ, ଏଠି ବି ଠିକ୍ ସେମିତି ପବିତ୍ର ଅକ୍ଷୟ ତୃତୀୟା ଦିନ ଏହି ଝିଅ ଦେଖା କାର୍ଯ୍ୟକ୍ରମ ହୁଏ, ଏହାକୁ 'ଥାଳ ଉଠା' ବୋଲି କୁହାଯାଏ । ଏହି ଦିନ ମନ୍ଦିର କମିଟି ଦ୍ୱାରା ନିଷ୍ପତ୍ତି ହୋଇଥାଏ କିଏ ବରପକ୍ଷ ହେବ ଏବଂ କିଏ କନ୍ୟାଦାନ କରିବ । କନ୍ୟା ପକ୍ଷ ନିଜର ସମ୍ମତି ପ୍ରକାଶ କରି କୁହନ୍ତି, ନିର୍ଦ୍ଧାରିତ ଦିନ ନିର୍ଦ୍ଧାରିତ ସମୟରେ ସେ ମା ପାର୍ବତୀଙ୍କୁ କନ୍ୟା ରୂପରେ ବରଣ କରି ଘରକୁ ନେବେ ଏବଂ ଜ୍ୟେଷ୍ଠ ମାସ ଶୁକ୍ଲପକ୍ଷ ପଞ୍ଚମୀ ତିଥିରେ କନ୍ୟାଦାନ କରି ଝିଅକୁ ଭୋଳାନାଥଙ୍କ ହାତରେ ଛନ୍ଦି ଦେବେ ।





ଠିକ୍ ସେମିତି ବରପକ୍ଷ ମଧ୍ୟ ସମ୍ମତି ପ୍ରକାଶ କରନ୍ତି ସେ ଭୋଳାନାଥଙ୍କୁ ନିର୍ଦ୍ଧାରିତ ତିଥି ବାରରେ ନିଜ ଘରକୁ ବରଣ କରିନେବେ ଓ ମାଆ ପାର୍ବତୀଙ୍କୁ ବୋହୂ କରି ଆଣିବେ ।

## ପାତ୍ର ପେଣ୍ଡି

ପୁଅ ଘର ଝିଅକୁ ପସନ୍ଦ କଲା ପରେ ଏବଂ ଝିଅ ଘର ପୁଅକୁ ପସନ୍ଦ କଲା ପରେ ଭଲ ଦିନ ଦେଖି ଯେମିତି ନିର୍ବନ୍ଧ କରାହୁଏ, ଏଠି ମଧ୍ୟ ଠିକ୍ ସେମିତି ହର ପାର୍ବତୀଙ୍କର ନିର୍ବନ୍ଧ କରାଯାଏ ଓ ଏହି ପ୍ରକ୍ରିୟାକୁ 'ପାତ୍ରପେଣ୍ଡି' ବୋଲି କୁହାଯାଏ ।

## ଗୁଆ ଗୁଣ୍ଡା

ସାଧାରଣତଃ ନିର୍ବନ୍ଧ ପରେ ଆମେ ନିମନ୍ତ୍ରଣ ପତ୍ର ଛାପି ଥାଉ ଏବଂ ପ୍ରଥମ ନିମନ୍ତ୍ରଣ ପତ୍ର ମନ୍ଦିରରେ ଦେଇ ସାରିଲା ପରେ ବନ୍ଧୁବାନ୍ଧବଙ୍କୁ ଗୁଆ ଦେଇ ନିମନ୍ତ୍ରଣ କରୁ ଓ ପରେ ସାହି ପଡ଼ିଶା ଲୋକଙ୍କୁ ନିମନ୍ତ୍ରଣ ପତ୍ର ଦେଇ ଡାକିଥାଉ । ଏଠି ମଧ୍ୟ ଠିକ୍ ସେଇୟା କରାଯାଏ । ପ୍ରଥମେ ବିବାହ ହେଉଥିବା ସହରର ସମସ୍ତ ମନ୍ଦିରରେ ଶଂଖୁଆ, ମନ୍ଦିରର ପୂଜାରୀ, ବର ଓ କନ୍ୟାପିତାଙ୍କ ଉପସ୍ଥିତିରେ ଗୁଆ ଦେଇ ନିମନ୍ତ୍ରଣ କରାଯାଏ ଓ ପରେ ଉଭୟ ପକ୍ଷ ନିଜ ନିଜର ବନ୍ଧୁ ଓ ସାଇ ପଡ଼ିଶାଙ୍କୁ ନିମନ୍ତ୍ରଣ ପତ୍ର ଦେଇ ନିମନ୍ତ୍ରଣ କରନ୍ତି । ଏହି ପ୍ରଥାକୁ ଗୁଆଗୁଣ୍ଡ ବୋଲି କୁହାଯାଏ ।

ଏହାପରେ ଉଭୟ ବରପକ୍ଷ ଓ କନ୍ୟା ପକ୍ଷ ନିଜ ନିଜର ଘର ଦୁଆର ଲିପା ପୋଛା କରନ୍ତି । ବର, କନ୍ୟା, ମାର୍କୋଣ୍ଡି ଓ ପରିବାରର ଅନ୍ୟ ସମସ୍ତ ସଦସ୍ୟଙ୍କ ପାଇଁ ନିଜ ବଳ ମୁତାବକ ଘରେ ନୂଆ ପୋଷାକ କରାଯାଏ । କନ୍ୟା ପକ୍ଷ ମାଆ ପାର୍ବତୀଙ୍କ ପାଇଁ ନିଜ ବଳ ମୁତାବକ ଶାଢ଼ି, ଚୁଡ଼ି, ମଙ୍ଗଳସୂତ୍ର ତଥା ଅନ୍ୟାନ୍ୟ ଅଳଙ୍କାର କରନ୍ତି । ଜୋଇଁଙ୍କ ପାଇ ସୁନା କି ରୁପାର ତ୍ରିଶୂଳ, ଡମ୍ବରୁ, ବେଲପତ୍ର, ଚିଲମ ଆଦି କରନ୍ତି । ପୁଅ ଘର ମଧ୍ୟ ସେହି ପ୍ରକାରେ ବୋହୂ ପାଇଁ ସାଜସଜ୍ଜା କିଣନ୍ତି ।

## ମଙ୍ଗନ

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ସାତ ସାତ ଜଣ ସ୍ତ୍ରୀଲୋକଙ୍କ ଦ୍ୱାରା ପଣ୍ଡିତଙ୍କ ମନ୍ତ୍ରୋଚ୍ଚାରଣ ଭିତରେ ମଙ୍ଗନ କାର୍ଯ୍ୟ ହୁଏ । ହଳଦୀ, କ୍ଷୀର, ଦହି, ଘିଅ, ଲହୁଣି, ଚନ୍ଦନ ଓ ଶୀତଳ ଜଳରେ ବର କନ୍ୟାଙ୍କୁ ଅଲଗା ଅଲଗା ସ୍ନାନ କରାଇ ମଙ୍ଗନ କାର୍ଯ୍ୟ ସମାପନ ପରେ ବରପକ୍ଷ ବରକୁ ଓ କନ୍ୟା ପକ୍ଷ କନ୍ୟାକୁ ପାଲିଙ୍କିରେ ମନ୍ଦିରରୁ ନିଜ ନିଜ ଘରକୁ ନେଇ ଯାଆନ୍ତି ।


## ବରାନୁଗମନ, ବାଟ ବରଣ, ବିବାହ, ପାଣି ଗ୍ରହଣ

ମଙ୍ଗନର ଠିକ୍ ପରଦିନ ଅର୍ଥାତ୍ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ କନ୍ୟାଘରକୁ ବର ତାର ବରଯାତ୍ରୀଙ୍କ ବେଣ୍ଡ୍ ବାଜା ବାରାତି ଧରି ଆସନ୍ତି । ବାଣ ଫୁଟେ, ରୋଷଣୀ ଜଳେ, ଡିଜେ ବାଜେ, ନାଚ ହୁଏ, ଗୀତ ହୁଏ ଓ ସାଥିରେ ସଂକୀର୍ତ୍ତନ ବି ହେଉଥାଏ । କନ୍ୟା ଘରେ ବରଯାତ୍ରୀଙ୍କ ପାଇଁ ଖାଇବା ପିଇବାର ବ୍ୟବସ୍ଥା ହୋଇଥାଏ । ବର ପହଁଚିବା ପରେ ତାଙ୍କର ବାଟବରଣି କରାଯାଏ ଓ ପରେ ବୈଦିକ ରୀତିରେ ପାଣି ଗ୍ରହଣ ଓ ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଏ । ହୋମ ନିଆଁକୁ ସାକ୍ଷୀ ରଖି, ଦଶ ଦିଗପାଳଙ୍କୁ ସାକ୍ଷୀ ରଖି ବରକନ୍ୟା ହୋମ ନିଆଁ ଚାରିପାଖରେ ସାତ ଘେରା ବୁଲି ସାତ ଜନ୍ମର ସାଥି ହେବେ ବୋଲି ଶପଥ ନିଅନ୍ତି, କନିଆଁର ସୀମନ୍ତରେ ବର ସିନ୍ଦୂର ଦିଅନ୍ତି, ବର କନିଆଁଙ୍କ ହସ୍ତଗଣ୍ଠି ପଡ଼େ, କନ୍ୟାପିତା ଶଂଖରେ ପାଣି ଟେକି ଦେଇ କନ୍ୟାଦାନ କରନ୍ତି, ଉପହାରରେ ଯାହା ଦେବା କଥା ତାକୁ ବେଦୀ ଉପରେ ଦେଇ ଦୁଇ ସମୁଦି କୁଣ୍ଢାକୁଣ୍ଢି ହୁଅନ୍ତି । ଶାଳୀ ତାଆ ପାଉଣା ପାଇଲା ପରେ ହାତଗଣ୍ଠି ଖୋଲେ । ବେଦି ଉପରେ କଉଡ଼ି ଖେଳ ହୁଏ । ତାପରେ ବର ସହିତ କନିଆଁ ଶିବାଳୟକୁ ଯିବା ବେଳକୁ ଦୁଆର ମୁହଁରେ ନଣନ୍ଦ ବାଟ ଓଗାଳେ ନଣନ୍ଦ ପୁଟୁଳି ପାଇଁ । ସେ ତାଆ ପାଉଣା ପାଇଲା ପରେ ବାଟ ଛାଡ଼େ । ନୂଆବୋହୂ, ଗୃହପ୍ରବେଶ କରେ । ସେପଟେ ଭକ୍ତମାନେ ପ୍ରସାଦ ସେବନ କରି ଘରକୁ ଫେରୁଥାନ୍ତି ଏବଂ ଅପେକ୍ଷା କରୁଥାନ୍ତି ରାତି ପାହିଲେ ସକାଳ ହେବ ଏବଂ ସକାଳ ହେଲେ ଆରମ୍ଭ ହେବ ଶୀତଳ ଷଷ୍ଠୀର ଯାତ୍ରା । ଦେବାଦେବୀ ନଗର ପରିକ୍ରମା କରିବେ । ମାଆ ଘରକୁ ଝିଅ ଜ୍ୱାଇଁ ଯିବେ, ଶୀତଳ ପଣା ପିଇବେ । ମାଆକୁ ଆଶ୍ୱାସନା ଦେଇ ଝିଅ କହିବ, "କାନ୍ଦନା ଲୋ ମାଆ ! ଜାଣ, ଏଣିକି ତୋର ଦୁଃଖର ସରିଲା । ଜ୍ୱାଇଁ ଘରକୁ ଆସିଲେଣି ମାନେ ଏବେ ଦୁଃଖ, ଭୋକ ଆଉ ଶୋଷର ଜ୍ୱାଳା ଶେଷ ହେଲା ଜାଣ । ଏବେ ନିଦାଘର ଶେଷ ହେବ,ମେଘ ଆସିବ, ମୟୂର ନାଚିବ ଓ କ୍ଷେତରେ ଧାନ ଫୁଲ ହସିବ ।"

ଢୋଲ ବାଜୁଥିବ, ତୂରୀ ବାଜୁଥିବ, ସଂକୀର୍ତ୍ତନ ଚାଲିଥିବ ଏବଂ ତାଆ ଭିତରେ ପାଲିଙ୍କିରେ ବସି ଶୀତଳ ଷଷ୍ଠୀରେ ନଗର ପରିକ୍ରମା କରୁଥିବେ ଝିଅ ଜ୍ୱାଇଁ / ପୁଅ ବୋହୂ, ଆଶୀର୍ବାଦ କରୁଥିବେ ନଗରବାସୀଙ୍କୁ । କେଉଁଠି ଶୀତଳ ପଣାତ କେଉଁଠି ଭାଙ୍ଗ ପଣା ଗ୍ରହଣ କରୁଥିବେ ଭୋଳାବାବା ଏବଂ କହୁଥିବେ ଏବେ ଆଉ ଚିନ୍ତା କରନା ବାବା, ଏଣିକି ତୁମ ଦୁଃଖର ନିଆଁ ଶୀତଳ ହୋଇଗଲା ବୋଲି ଜାଣ ।

ଦେଖନ୍ତୁ ତ ଏଠି ଆମ ଉତ୍କଳୀୟ ପରମ୍ପରା ଶୀତଳଷଷ୍ଠୀରେ କେତେ ଚମତ୍କାର ଭାବରେ ଦେଖା ଯାଉଛି ଈଶ୍ୱର ଓ ମାନବୀୟ ପରମ୍ପରାର ଯୁଗଳବନ୍ଦୀ । ଈଶ୍ୱର କହୁଛନ୍ତି ଦେଖ, ମୁଁ ତୁମମାନଙ୍କ ଭିତରେ ଅଛି । ମୁଁ ତୁମ ଦୁଃଖରେ ଅଛି, ସୁଖରେ ବି ଅଛି । ମୁଁ ହେଲେ ହୋଇ ଥାଇପାରେ ପରମାତ୍ମା, ତଥାପି ତୁମ ବିନା ମୁଁ ସବୁବେଳେ ଅଧା ।

# ନାଏଗ




ନାଏଗ୍ରା

# ମୋ ନଜରରେ ନାଏଗ୍ରା


**ସୁଷମା ପରିଡା**

ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ-୭୫୩୦୦୪,
ଫୋନ: ୯୩୩୭୨୭୨୬୪୭


ଫଟୋ ସୌଜନ୍ୟ : ଲେଖିକା



▲ ଲେଖିକା ସୁଷମା ପରିଡା

ପିଲାବେଳେ ଚତୁର୍ଥ କି ପଞ୍ଚମ ଶ୍ରେଣୀରେ ପଢ଼ିଲା ବେଳେ ସାହିତ୍ୟ ବହିରେ ପଢ଼ିଥିଲି ନାଏଗ୍ରା ଜଳପ୍ରପାତ ବିଷୟରେ । ବିଶ୍ୱର ସବୁଠାରୁ ବଡ଼ ଜଳପ୍ରପାତ, ଆମେରିକା ମହାଦେଶରେ ଅବସ୍ଥିତ, ଖୁବ୍ ସୁନ୍ଦର ତା'ର ପ୍ରାକୃତିକ ପରିବେଶ ଇତ୍ୟାଦି ଇତ୍ୟାଦି ବିଭିନ୍ନ କଥା । ମନେ ରଖିଥିଲି ମଧ୍ୟ କାଳେ ପରୀକ୍ଷାରେ ପ୍ରଶ୍ନ ଆସିବ ବୋଲି, ହେଲେ ସ୍ୱପ୍ନରେ ସୁଦ୍ଧା କେବେ ଭାବିନଥିଲି ଯେ ଜୀବନରେ ଦିନେ ମୁଁ ସେଇ ନାଏଗ୍ରା ଜଳପ୍ରପାତକୁ ଆଖିରେ ଦେଖିବି ଆଉ ମୋ ଜୀବନ ଧନ୍ୟ ହୋଇଯିବ । ଈଶ୍ୱର ପରମ ଦୟାଳୁ, ସେ ମୋତେ ଏଇ ସୁଯୋଗ ଦେଲେ ସୁଦୂର କାନାଡ଼ାରେ ପହଞ୍ଚି ନାଏଗ୍ରା ଜଳ ପ୍ରପାତର ଶୋଭା ଦର୍ଶନ କରିବା ଲାଗି । ଏଠିକି ଆସିଲା ଦିନଠାରୁ ପୁଅ କହୁଥିଲା କେବେ ଦିନେ ନାଏଗ୍ରା ଜଳ ପ୍ରପାତ ଦେଖିବାକୁ ଯିବା । ଆମ ଘରଠାରୁ ଶହେ ଛୟାଅଶୀ କିଲୋମିଟର ଦୂର, ତାହା ପୁଣି ହାଇୱେରେ ଯିବାକୁ ହେବ, ସେଠାରେ ମଧ୍ୟ ବହୁତ ଲମ୍ବା ଧାଡ଼ିରେ ଠିଆ ହେବାକୁ ପଡ଼ିବ, ବହୁତ ବାଟ ପାଦରେ ଚାଲି ଚାଲି ବୁଲିବାକୁ ପଡ଼ିବ, ଫେରିଲା ବେଳକୁ ରାତି ବାରଟା କି ଗୋଟାଏ ହେବ ସେଇ କଥା ଅନ୍ୟମାନଙ୍କ ପାଖରୁ ଶୁଣି ଶୁଣି ଆଉ କିଛି ଦିନ ଯାଉ କହିକହି ଏଡ଼େଇ ଚାଲିଥିଲି । ହେଲେ ଗତ ରବିବାର ଦିନ ପୁଅ କହିଲା, "ବୋଉ, ଏଇ ଶୁକ୍ରବାର ଦିନ ଆମେ ଛୁଟି ନେଇ ବୁଲିବାକୁ ଯିବା ନାଏଗ୍ରା, ଅଫିସ୍ ଦିନ ଥିବାରୁ ବେଶୀ ଭିଡ଼ ନଥିବ ସେଠାରେ, ଟିକିଏ ଡେରିକରି ଦିନ ଏଗାରଟା ବେଳକୁ ବାହାରିଲେ ରାସ୍ତାରେ ଭିଡ଼ ବି ନଥିବ, ନାଏଗ୍ରା ପାର୍କ ଯିବା ପାଇଁ ଆଗୁଆ ଟିକେଟ୍ ବୁକିଂ କରିଦେବା ଆମ ଘର ପାଖ 'COSTCO' ସେଣ୍ଟର୍‌ରୁ, ତେଣୁ ସେଠାରେ ଆଉ ଲାଇନ୍ କରି ଟିକେଟ୍ କରିବା ଲାଗି ପଡ଼ିବନି ।" ଆଉ ମୋର କିଛି ଡରିବାର ନଥିଲା, ତେଣୁ ସେଇ ଯୋଜନା ଅନୁଯାୟୀ ଆମେ ସମସ୍ତେ ଘରୁ ରାନ୍ଧି ବାଢ଼ି ଖିଆପିଆ ସାରି, ଜଳଖିଆ ସବୁ ସାଙ୍ଗରେ ଧରି ବାହାରିଲୁ ନାଏଗ୍ରା ଜଳପ୍ରପାତ ଓ ପାର୍କ ଦେଖିବା ପାଇଁ ।

ଆମ ଘର ପାଖରୁ ପ୍ରାୟ ଦୁଇଶହ କିଲୋମିଟର ଦୂରରେ ନାଏଗ୍ରା । ଏଠିକାର ଟ୍ରାଫିକ୍‌ରେ ନିୟମ ତ ଯାହା ପ୍ରତ୍ୟେକଟି ଛକରେ ନିୟମ ଅନୁଯାୟୀ ଯିବାକୁ ପଡ଼ିବ, ଜିପିଏସ୍ ଦିଶା ନିର୍ଦ୍ଦେଶରେ ଯିବାକୁ ପଡ଼ିବ, ତେଣୁ ଖୁବ୍ ସାବଧାନତାର ସହିତ ଗାଡ଼ି ଚଳେଇବାକୁ ପଡୁଥିଲା ପୁଅକୁ । ଦିନ ପ୍ରାୟ ସାଢ଼େ ଦୁଇଟା ବେଳକୁ ଆମେ ନାଏଗ୍ରା ପାର୍କର ଦକ୍ଷିଣ ପଟ ପାର୍କିଂରେ କାର୍‌କୁ ପାର୍କ କରି ସେଠାରେ ଥିବା ପାର୍କର କଣ୍ଟ୍ରୋଲିଂ ଅଫିସ୍‌ରେ ପହଁଚି ଆମର ଟିକେଟ୍ ଦେଖାଇଲୁ । ସେଠାରେ ଆମ ପାଂଚ ଜଣଙ୍କୁ (ପୁଅ ବୋହୂ ନାତୁଣୀ ଆଉ ଆମେ ବାପା ମାଆ) ଗୋଟିଏ ଗୋଟିଏ ଆଇ କାର୍ଡ଼ ବା ପ୍ରବେଶ ଅନୁମତିପତ୍ର ଦିଆଗଲା ଏବଂ କୁହାଗଲା ଯେ ପାର୍କରେ ସବୁ ସ୍ଥାନରେ ସେଇ କାର୍ଡ଼କୁ ସ୍କାନିଂ କରି ଆମକୁ ଛଡ଼ାଯିବ ।


ତେଣୁ ଖୁବ୍ ଦାୟିତ୍ୱରେ ରଖିବାକୁ ହେବ ସେଇ କାର୍ଡ଼ଟି । ଆଇ କାର୍ଡ଼ ଧରି ଆମେ ସମସ୍ତେ ଚାଲିଲୁ ସେଇ ରାସ୍ତା ସେପାଖରେ ଥିବା 'We GO' ବସ୍ ଷ୍ଟପ୍‌କୁ । ନାଏଗ୍ରା ପାର୍କ ଅଥରିଟିଙ୍କ ଦ୍ୱାରା ପ୍ରାୟୋଜିତ ଯାତାୟତ ବ୍ୟବସ୍ଥାରେ ଚଳିଛି ଅନେକ ଗୁଡ଼ିଏ 'We GO' ବସ୍, କିଏ ଦକ୍ଷିଣପଟ ପ୍ରଦେଶ ଦ୍ୱାରରୁ ତ କିଏ ଉତ୍ତର ପଟ ପ୍ରଦେଶ ଦ୍ୱାରରୁ, ସବୁ ବସ୍‌ର ରଙ୍ଗ ଅଲଗା ଅଲଗା ପ୍ରକାର ଏବଂ ଦିଗ ଲେଖା ହୋଇ ରହିଛି ସେଥିରେ । ଅତ୍ୟାଧୁନିକ 'WE GO' ବସ୍‌ଗୁଡ଼ିକରେ ଡ୍ରାଇଭର ସିଟ୍ ପାଖରେ ଲାଗିଛି ସ୍କାନର, ବସ୍‌ର ପ୍ରବେଶ ଦ୍ୱାରଟି ଠିକ୍ ଡ୍ରାଇଭର୍ ସିଟ୍ ସମ୍ମୁଖରେ । ଯାତ୍ରୀଟି ବସ୍‌କୁ ଉଠିଲା ମାତ୍ରକେ ବେକରେ ପକାଇଥିବା ଆଇ କାର୍ଡ଼କୁ ଲଗାଇବାକୁ ପଡ଼ିବ ସେଇ ସ୍କାନର୍ ମେସିନ୍‌ରେ, ତା'ପରେ ଯାଇ ଡ୍ରାଇଭର୍ ଅନୁମତି ଦେବେ ବସ୍‌ରେ ବସିବା ଲାଗି, ପ୍ରତ୍ୟେକ ଦଶ ମିନିଟ୍ ଅନ୍ତରରେ ବସ୍ ଯାତାୟତ କରିବା ବ୍ୟବସ୍ଥା ଅଛି, ତେଣିକି ଯେତିକି ଯାତ୍ରୀ ହୋଇ ଥାଆନ୍ତୁ ନା କାହିଁକି ବସ୍ ତା'ର ସମୟ ହେଲେ ଛାଡ଼ି ଦେବ । ସେଠାରୁ ପାଞ୍ଚ କି ସାତ ମିନିଟ୍‌ର ରାସ୍ତା 'ଟେବୁଲ୍ ରକ୍', ସେଇଠି ପାର୍କିଂ ସ୍ଥଳ ବସ୍‌ର । ଖୁବ ଆମୋଦପ୍ରଦ ଆଉ ଖୁବ୍ ବଡ଼ ପାର୍କିଂ ସ୍ପେସ୍‌ଟି ମଧ୍ୟ ଖୁବ୍ ସୁନ୍ଦର, ରେଷ୍ଟ ଶେଡ୍ ଭଳି ।

ଆମେ ସେଇଠି ଓହ୍ଲାଇ, ଟେବୁଲ୍ ରକ୍ ମିଉଜିୟମ୍ ଆଡ଼କୁ ଆଗେଇଲୁ, ସେଠାରେ ମଧ୍ୟ ରହିଛି ରେଜିଷ୍ଟ୍ରେସନ୍ ଅଫିସ୍, ସେଠାରେ ସିକ୍ୟୁରିଟି ଚେକିଂ ପରେ ଆମକୁ କିଛି ଫର୍ମ ପୂରଣ କରିବାକୁ ପଡ଼ିଲା, ପାର୍କର ସାତୋଟି ପ୍ରମୁଖ ସ୍ଥାନ ଜଣାଇ ଦିଆଗଲା, ଆଇ କାର୍ଡ଼ ସବୁ ବେକରେ ଝୁଲାଇ ଆମେ ସମସ୍ତେ ଚାଲିଲୁ ଭିତରକୁ । ଭିତରକୁ ପଶୁ ପଶୁ ଶୁଭିଲା ପ୍ରପାତର ଘୋ-ଘୋ ଗର୍ଜନ, ଆଉ ଟିକିଏ ଆଗେଇ ଗଲା ପରେ ଦୃଷ୍ଟି ପଥାରୂଢ଼ ହେଲା ଏକ ଅପୂର୍ବ ଦୃଶ୍ୟ, ଦିନର ଧୁ ଧୁ ଖରାରେ ନାଏଗ୍ରା ଜଳ ପ୍ରପାତର ଶୁଭ୍ର ଜଳଧାରା ଉପରେ ପୂର୍ଣ୍ଣାଙ୍ଗ ଇନ୍ଦ୍ରଧନୁଟିଏ, ବିନା ମେଘରେ, ଆକାଶରେ ନୁହେଁ ପୃଥିବୀରେ, ଗୋଟିଏ ପ୍ରସ୍ତର ଶଯ୍ୟାରୁ ଝରି ପଡୁଥିବା ଜଳଧାରା ଉପରେ ସାତରଙ୍ଗରେ ସୁଶୋଭିତ ପୂର୍ଣ୍ଣାବୟବ ଇନ୍ଦ୍ରଧନୁଟିଏ । ଆହା କି ମହାଜାଗତିକ ଦୃଶ୍ୟସିଏ ! ହୃଦୟ ଭିତରେ ଛାପି ହୋଇ ରହିଗଲା ଚିରକାଳ ପାଇଁ । ଟେବୁଲ୍ ରକ୍‌ର ବାହାର ପଟ ଧାରେ ଧାରେ ପଥରର ବାଡ଼ ଦିଆ ଯାଇଛି, ସେଇ ମଝିରେ ମଝିରେ ପଥର ଦେହରେ ଟିକିଏ ଆଉଜି ବସିଲା ଭଳି ଜାଗା ହୋଇଛି, କିଛି କିଛି ଦୂରରେ ଲୁହାର

ଖୁଣ୍ଟ ସବୁ ପୋତା ହୋଇଛି ବିଜୁଳୀବତୀ ଲାଗିବା ପାଇଁ । ଟେବୁଲ୍ ରକ୍‌ର ଭିତର ପଟେ ରହିଛି ରେଷ୍ଟୁରାଣ୍ଟ୍, ଉପହାର ସାମଗ୍ରୀର ଦୋକାନ, ଟିମ୍ ହଟନ୍‌ର ସ୍ନାକ୍ସ ସପ୍, ମାକ୍ ଡୋନାଲ୍ଡର ଫାଷ୍ଟ୍ ଫୁଡ୍, ପିଜ୍ଜା ସପ୍ ଏବଂ ଆହୁରି ଅନେକ ଦୋକାନ ବଜାର ସବୁ । ସେଠାରେ ମଧ୍ୟ ରହିଛି ଦର୍ଶକମାନଙ୍କ ପାଇଁ ପଦଯାତ୍ରା କରି ନାଏଗ୍ରା ଜଳ ପ୍ରପାତକୁ ଦେଖିବାକୁ ସୁବିଧା । କଡ଼େକଡ଼େ ଲାଗିଛି ଅନେକ ଫୁଲଗଛ, ସବୁଜ ଘାସର ଗାଲିଚା ବିଛା ହୋଇଛି, ବେଞ୍ଚ୍ ମାନ ତିଆରି ହୋଇଛି ଦର୍ଶକମାନଙ୍କ ପାଇଁ । ଆମେ ସେଇଠି ବସି ନାଏଗ୍ରା ଜଳପ୍ରପାତକୁ ଚାହିଁ ଚାହିଁ ଘରୁ ନେଇଥିବା ଜଳଖିଆ ଖାଇଲୁ ।

ତା'ପରେ ଚାଲିଲୁ ନାଏଗ୍ରା ଜଳପ୍ରପାତର ଉତ୍ପତ୍ତି ବିଷୟରେ ଦେଖିବା ପାଇଁ ପାର୍କ କର୍ତ୍ତୃପକ୍ଷ ତିଆରି କରିଥିବା 'NIAGARA'S FURY' ଥିଏଟର୍ ଦେଖିବାକୁ । ସେଠାରେ ଆମକୁ ଟିକେଟ୍ ଯାଞ୍ଚ୍ ପରେ ମିଳିଲା ଗୋଟିଏ ଲେଖାଏଁ ପ୍ଲାଷ୍ଟିକ୍‌ରେ ତିଆରି ସବୁଜ ରଙ୍ଗର ରେନ୍‌କୋଟ୍, ଆମକୁ ଥିଏଟର୍ ରୁମ୍ ଭିତରକୁ ଛାଡ଼ିବା ପୂର୍ବରୁ ବୁଝାଇ ଦିଆଗଲା, ବିଜୁଳି ଘଡ଼ଘଡ଼ିର ଶବ୍ଦ ଶୁଣି ନଡରିବା ପାଇଁ, କୌଣସି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଦେଖି ନଡରିବା ପାଇଁ, ଦେହରେ ବର୍ଷା ଛିଟା କି ବରଫ ଶୀତଳ ପାଣି ପଡ଼ିଲେ ବ୍ୟସ୍ତ ନହେବା ପାଇଁ । ଥିଏଟର୍‌ର ଅନ୍ଧାର ଭିତରେ ଏକଦମ ବୃତ୍ତାକାର ଷ୍ଟେଜ୍‌ଟିଏ ଥିଲା ଯାହାର ସଂପୂର୍ଣ୍ଣ ଗୋଲେଇଟି କାଚର ସ୍କ୍ରିନ୍‌ରେ ଆବୃତ ରହିଥିଲା, ଲୁହାଜାଲିର ଚଟାଣ ଥିଲା ଏବଂ ତା' ତଳେ ପାଣି ଥିବାର କୁଳୁକୁଳୁ ଶବ୍ଦ ସ୍ପଷ୍ଟ ଶୁଣି ପାରୁଥିଲୁ ଆମେ । କିଛି ସମୟ ପରେ ପ୍ରୋଜେକ୍ଟର୍‌ର ଲାଇଟ୍ ପଡ଼ିଲା, 4D effects ରେ ଆରମ୍ଭ ହେଲା ଥିଏଟର୍ । ଆହା କି ମହାଜାଗତିକ ଦୃଶ୍ୟ ସିଏ ! ସମଗ୍ର ବିଶ୍ୱ ଜଳାଚ୍ଛାଦିତ, ଧୀରେ ଧୀରେ ବରଫ ପାଲଟିଗଲା, ଅନ୍ଧକାରମୟ ହୋଇଗଲା, ଧୀରେ ଧୀରେ ସୂର୍ଯ୍ୟାଲୋକରେ ତରଳିବାକୁ ଆରମ୍ଭ ହେଲା ବରଫଖଣ୍ଡ ସବୁ, ପ୍ରଚଣ୍ଡ ବିସ୍ଫୋରଣରେ ଦୁଇ ଖଣ୍ଡ ହୋଇଗଲା ବରଫସ୍ତର, ଜନ୍ମ ନେଲା ଭୂଭାଗଟିଏ, ଗୁଳ୍ମ, ଲତା, ଜଳଜୀବ ସୃଷ୍ଟି ହେଲେ, ଆଦିମ ମଣିଷ ସୃଷ୍ଟି ହୋଇ ମଣିଷ ହେଲା, ସଭ୍ୟତା ଗଢ଼ି ଉଠିଲା, ପୁନଶ୍ଚ ବରଫସ୍ତରରେ ସୃଷ୍ଟି ହେଲା ତରଙ୍ଗ, ଆହୁରି ଅନେକ ଭାଗରେ ବିଭକ୍ତ ହୋଇଗଲା ଭୂଖଣ୍ଡ । ସେମିତି ଏକ ଭୂଭାଗକୁ ଦ୍ୱିଖଣ୍ଡିତ କରି ଜନ୍ମ ନେଲା ଏକ ପ୍ରକାଣ୍ଡ ଜଳପ୍ରବାହ, ଖଣ୍ଡ ବିଖଣ୍ଡିତ ହୋଇ ଭସାଇ ନେଲା ପାହାଡ଼, ପର୍ବତ, ଜଂଗଲ, ଧୀରେ ଧୀରେ ଶାନ୍ତ ହୋଇ ନଦୀଟିଏ ହୋଇ ବୋହି ଯାଇ ମିଶିଗଲା ଆଟ୍‌ଲାଣ୍ଟିକ୍ ମହାସାଗରରେ । ଲେକ୍ ଏରିଆରୁ ବାହାରି ଲେକ୍ ଓଣ୍ଟାରିୟୋରେ ମିଳିଗଲା ନାଏଗ୍ରା ନଦୀର ଜଳଧାର । ଦୁଇ ଭାଗ କରିଦେଲା ଆମେରିକା ମହାଦେଶକୁ- ଗୋଟିଏ ପଟେ କାନାଡ଼ା ଦେଶ ଆଉ ଗୋଟିଏ ପଟେ ସଂଯୁକ୍ତରାଷ୍ଟ୍ର ଆମେରିକା । କାଳ ପରେ କାଳ ପରିବର୍ତ୍ତନ ଜାରି ରହିଲା ଉଭୟ ଦେଶରେ । ମଣିଷ ସଭ୍ୟତା ବିଜ୍ଞାନ ବଳରେ ବଳୀୟାନ ହୋଇ ଅସାଧ୍ୟ ସାଧନ କଲା । ସେତୁଟିଏ ନିର୍ମାଣ କଲା ଯୁକ୍ତରାଷ୍ଟ୍ର ଆମେରିକା ସଂଯୁକ୍ତ କରିବାକୁ କାନାଡ଼ା ଦେଶକୁ ନିଜ ସହିତ । ସେତୁର ନାମ ରଖିଲା 'HONEYMOON BRIDGE' । କାନାଡ଼ା ଆଉ ଆମେରିକା ଦେଶ ସଂଯୁକ୍ତ ହେଲେ ହନିମୁନ୍ ବ୍ରିଜ୍ ମାଧ୍ୟମରେ । ଦୁଇ ଦେଶ ମଧ୍ୟରେ ସୁସମ୍ପର୍କ ସୃଷ୍ଟି ହେଲା । ଦୁଇଟି ଦେଶର ଲୋକମାନେ ସେଇଠିକି ଯାଇ ଜଳପ୍ରପାତର ଆନନ୍ଦ ଉପଭୋଗ କରିବା ପାଇଁ ସୁଯୋଗ ପାଇଲେ ।

ଅନୁମତି ପ୍ରାପ୍ତ ଲୋକମାନେ ଦୁଇ ଦେଶ ମଧ୍ୟରେ ନିଜର ବାଣିଜ୍ୟିକ ଭିତ୍ତିଭୂମିର ବିସ୍ତାର କଲେ । ହେଲେ ଖୁବ୍ କମ୍ ଦିନ ଭିତରେ ସେତୁଟି ଭାଙ୍ଗି ପଡ଼ିଲା । ପୁନର୍ବାର ଆହୁରି ମଜଭୂତ ସେତୁଟିଏ ନିର୍ମାଣ କରି ଦୁଇ ଦେଶ ନିଜର ସୁସଂପର୍କ ଅବ୍ୟାହତ ରଖିଲେ । ନୂତନ ସେତୁଟିର ନାମକରଣ କଲେ 'RAINBOW BRIDGE' । ଖୁବ୍ ସୁନ୍ଦର ହୋଇଛି ସେତୁବନ୍ଧଟି, ନିଜ ନାମକୁ ସାର୍ଥକ କରି ଦର୍ଶକମାନଙ୍କ ମନ ମୋହୁଛି । ସେଇ ସେତୁବନ୍ଧଟି ଠିକ୍ ଗୋଟିଏ ପୂର୍ଣ୍ଣାବୟବ ଇନ୍ଦ୍ରଧନୁ ଆକାରର । ସେତୁବନ୍ଧର ମଧ୍ୟଭାଗରେ ରହିଛି ଉଭୟ ଦେଶର ସୀମାରେଖା, ଦୁଇ ଦେଶର ଲୋକମାନେ ବିନା ବାଧାରେ ନିଜ ନିଜ ଦେଶର ସୀମାରେଖା ପର୍ଯ୍ୟନ୍ତ ଚାଲି ଚାଲି ଯାଇ ପାରିବେ । କିନ୍ତୁ କୌଣସି ଯାନବାହାନ ଯାଇ ପାରିବନି ବିନା ପରମିଟ୍‌ରେ । ସେଠାରେ ଆଜି ମଧ୍ୟ ଦୁଇ ଦେଶରେ ଥିବା ବନ୍ଧୁମାନେ ମିଳିତ ହୋଇ ନିଜ ନିଜର ସୁଖଦୁଃଖ ବାଣ୍ଟୁଛନ୍ତି । ଏମିତି ଅନେକ କଥାରେ ବହୁତ ସୁନ୍ଦର ଭାବରେ ଜଳ ପ୍ରପାତର ଶୋଭା ଦେଖାଇବା ସହିତ ତା'ର ଜଳଧାରରୁ ପାଣି ଛିଟିକା ଆସି ପଡ଼ିଲା ଆମ ଉପରେ ଆଉ ଥିଏଟର୍ ସୋ ଶେଷ ହେଲା । ଆମେ ସବୁ ବାହାରକୁ ବାହାରି ଆସି ପ୍ରପାତ କୂଳରେ ବସି ଚାହା ପିଇଲୁ ।





ତା'ପରେ ଗଲୁ 'JOUNNEY BEHIND THE FALLS' ର ହଲ୍‌କୁ । ସେଠାରେ ମଧ୍ୟ ସୁରକ୍ଷା ଯାଂଚ୍ ପରେ ଆମକୁ ହଳଦିଆ ରଙ୍ଗର ଏକ ପଲିଥିନ ରେନ୍‌କୋଟ୍ ପିନ୍ଧି ଲାଇନ୍ ଲଗାଇ ଲିଫ୍ଟରେ ଶହେ ପଚିଶି ମିଟର ତଳକୁ ଥିବା ସୁଡଙ୍ଗରେ ଛାଡ଼ି ଦିଆଗଲା, ସେଇ ସୁଡ଼ଙ୍ଗ ଭିତରେ ଭିତରେ ଦୁଇଶହ ମିଟର ଆଗକୁ ଯାଇ ପାଣିକୁ ପାଖରୁ ଦେଖିବା ଲାଗି । ପ୍ରପାତର ଜଳଧାରା ଛିଟିକି ଆସି ସଂପୂର୍ଣ୍ଣ ଓଦା କରୁଥାଏ ଆମକୁ, ପ୍ରପାତର ଘୋ ଘୋ ଗର୍ଜନରେ କାନକୁ କିଛି ଶୁଭୁନଥାଏ, କିନ୍ତୁ ଆଖି ଦେଖୁଥାଏ ଅପୂର୍ବ ସୁନ୍ଦର ଦୃଶ୍ୟ । ଅଜସ୍ର ଜଳଧାରା ଖସି ପଡୁଥାନ୍ତି ବିରାଟ ପ୍ରସ୍ତର ଶଯ୍ୟାରୁ । ତିନୋଟି ରଙ୍ଗର ଜଳଧାରା କ୍ରମାନ୍ୱୟରେ ଶୁଭ୍ର ସୁନୀଳ ଏବଂ ଅସିତ (କୃଷ୍ଣ) ବର୍ଣ୍ଣରେ, ସେଇ ଜଳଧାରା ଉଡ଼ି ଆସି ଭିଜାଇ ଦେଉଥାନ୍ତି ଆମକୁ । ଆହା ! କି ସୁନ୍ଦର ସେ ଦୃଶ୍ୟ, ଭାଷାରେ ବର୍ଣ୍ଣନା କରିବା ଅସମ୍ଭବ । କିଛି ସମୟ ସେଇ ଦୃଶ୍ୟକୁ ଦେଖି, ଅନୁଭବ କରି ଆମେ ବାହାରି ଆସିଲୁ ପୁଣି ସେଇ ସୁଡ଼ଙ୍ଗ ବାଟ ଦେଇ ଲିଫ୍ଟରେ ଚଢ଼ି ଉପରକୁ ଏବଂ ପ୍ରପାତ କୂଳେ କୂଳେ ଚାଲି ଚାଲି ତା'ର ଶୋଭା ଦର୍ଶନ କରି କରି ଆମର ପରବର୍ତ୍ତୀ ଲକ୍ଷ୍ୟସ୍ଥଳ ବୋଟ୍‌ରେ ବସି ନାଏଗ୍ରା ଜଳ ପ୍ରପାତ ଭିତରକୁ ଯିବାକୁ 'HORN BLOWER' ର ଅଫିସ୍‌କୁ ।

ଅଫିସିଆଲ୍ ରେଜିଷ୍ଟ୍ରେସନ୍ ପରେ ଆମକୁ ମିଳିଲା ଗୋଟିଏ ଲେଖାଏଁ ପ୍ଲାଷ୍ଟିକ୍‌ର ନାଲିରଂଗର ରେନ୍‌କୋର୍ଟ, ଯାହାକୁ ପିନ୍ଧି ଆମେ ସେଠାରେ ପାଣି ଭିତରେ ଥିବା ଦୁଇ ମହଲାର ମୋଟରବୋଟ୍‌ରେ ଯାଇ ବସିଲୁ । ଆରମ୍ଭ ହେଲା ନୌକାଯାତ୍ରା ପାଣି ଭିତରକୁ । ଧୀରେ ଧୀରେ ପାଣିର ଆମେରିକା ଭାଗ ଆଡ଼କୁ ଚାଲିଲା ମୋଟରବୋଟ୍, ପାଣି ପଡ଼ି ଦେହ ମୁଣ୍ଡ ଓଦା, ତଥାପି ଖୁବ୍ ଖୁସି ଲାଗୁଥାଏ ସେଇ ଦୃଶ୍ୟ ଦେଖିବାକୁ, ଧୀର ମନ୍ଥର ଗତିରେ ଚାଲୁଥିବା ମୋଟରବୋଟ୍ ପଶିଲା କାନାଡ଼ା ପଟକୁ ଥିବା ପାଣିର ଜଳଧାରା ପଡୁଥିବା ସ୍ଥାନ ଭିତରକୁ, ଓଃ କି ସୁନ୍ଦର ସେ ଅନୁଭୂତି, ଅବର୍ଣ୍ଣନୀୟ ! ଭୟରେ ଆଖି ବୁଜି ହୋଇ ଯାଉଥାଏ, ପାଣି ପଡ଼ି ନିଃଶ୍ୱାସ ବନ୍ଦ ହୋଇ ଯାଉଥାଏ । ତେବେ ବି ମନ ହେଉ ନଥାଏ ସେଠାରୁ ଫେରିବାକୁ । କିନ୍ତୁ ବୋଟ୍ ଚାଳିକା ବୋଟ୍‌କୁ ପୁଣି ଫେରାଇ ଆଣିଲେ ଘାଟ ପାଖକୁ, କାରଣ ଆମ ସମୟ ସମାପ୍ତ ହୋଇ ଆଉ ଗୋଟିଏ ଗ୍ରୁପ୍‌ର ସମୟ ଆରମ୍ଭ ହେଉଥିଲା । ଘାଟରେ ଓହ୍ଲାଇ ଆମେ ସିଧା 'ଉଇ ଗୋ' ବସ୍ ଷ୍ଟପ୍‌କୁ ଚାଲିଲୁ ।

ସେଠାରୁ ବସ୍‌ରେ ବସି ଆସିଲୁ ପୁଣି ଥରେ ଟେବୁଲ୍ ରକ୍ ମ୍ୟୁଜିୟମ ଆଡ଼କୁ, ତାହା ଜଳଖିଆ ଖାଇ ସେଠାରେ ସନ୍ଧ୍ୟା ବେଳର ପ୍ରପାତର ଶୋଭା ଦର୍ଶନ କରି କରି ଅପେକ୍ଷା କଲୁ ଶେଷ ଦୃଶ୍ୟକୁ । କାରଣ ରାତି ଦଶଟା ବେଳକୁ ସେଠାରେ ଆତସବାଜି ହେବାର ଥିଲା । ଦଶ ମିନିଟ୍ ଧରି ରଙ୍ଗ ବେରଙ୍ଗର ବାଣ ସବୁ ଫୁଟିଲା ଆକାଶରେ ତାରା ଫୁଟିଲା ଭଳି, ପ୍ରପାତ ଉପରେ ପଡୁଥିଲା ରଙ୍ଗ ବେରଙ୍ଗର ନିଅନ୍ ଲାଇଟ୍ । ରଙ୍ଗରେ ରଙ୍ଗରେ ଭରି ଯାଉଥିଲା ପ୍ରପାତର ଜଳଧାରା । ଖୁବ୍ ସୁନ୍ଦର ଦିଶୁଥିଲା । ଚାରିପଟର ଆଲୋକ ମାଳାରେ ରାଣୀଟିଏ ଭଳି ସଜାଇ ହୋଇଥିଲା ନାଏଗ୍ରା । ଆମ ପାର୍କିଂ ସ୍ଥଳଟି ରାତି ଏଗାରଟା ବେଳକୁ ବନ୍ଦ ହେବାର ସତର୍କବାଣୀ ଥିଲା । ତେଣୁ ରାତି ସାଢ଼େ ଦଶଟା ବେଳକୁ ଆମ ପାର୍କର ଶେଷ 'ଉଇ ଗୋ' ବସ୍ ଧରି ଆମେ ଫେରିଲୁ ପାର୍କିଂ ସ୍ଥଳକୁ । ସେଠାରୁ ଫେରିଲୁ ଘର ଅଭିମୁଖେ ପୁଣି ସେଇ ହାଇ ଧରି । ରାତିରେ କାନାଡ଼ାରେ ହାଇରେ ଯାତ୍ରା କରିବା ଖୁବ୍ ବିପଦ ଶଙ୍କୁଳ । ଟ୍ରାଫିକ୍‌ର ନିୟମ ତ କଡ଼ାକଡ଼ି ସେଥିରେ ପୁଣି ସବୁବେଳେ ହାଇୱେର ମରାମତି କାମ ଚାଲିଥିବ । କାର୍‌ରେ ବସି 'ଗୁଗୁଲ୍' ଅନ୍ କରି ଗନ୍ତବ୍ୟସ୍ଥଳ ଲେଖିବା ମାତ୍ରେ ରାସ୍ତା ସବୁ ଦେଖାଯିବ, ଆଉ ନିର୍ଦ୍ଦେଶ ଆସିବ ଅମୁକ ନମ୍ବର ରୋଡ୍‌ରେ ଯାଆନ୍ତୁ, ସମୁକ ନମ୍ବର ରୋଡ୍‌ରେ ଯାଆନ୍ତୁ, ମ୍ୟାପ୍ ଦେଖିଲା ବେଳକୁ ସେଠାରେ ନାଲିରଙ୍ଗର, ନୀଳ ରଙ୍ଗର, କମଳା ରଙ୍ଗର ଚିହ୍ନ ସବୁ ଅଙ୍କା ହୋଇ ଯାଉଥିବ, ବୋହୂକୁ ପଚାରିଲି, "ଏତେ ବ୍ୟସ୍ତ କାହିଁକି ?" ସେ କହିଲା, "ଏଠି ଗୁରୁତ୍ୱପୂର୍ଣ୍ଣ ହେଲା ଗୁଗୁଲ୍ ମ୍ୟାପ୍, ନାଲିଚିହ୍ନ ମାନେ ରାସ୍ତା ବନ୍ଦ, ସେ କାମ ଯୋଗୁଁ ହେଉ ବା ଭିଡ଼ ଯୋଗୁଁ ହେଉ, ନୀଳ ଚିହ୍ନ ମାନେ ରାସ୍ତା ସଫା ଅଛି ଯାଅ, କମଳା ରଙ୍ଗର ଚିହ୍ନ ମାନେ ଅପେକ୍ଷା କର, ଆଉ କିଛି ସମୟ ପରେ ରାସ୍ତା ସଫା ହେବ ।" ଏମିତି କେତେ କଥା ଯାହା ମୋ' ମୁଣ୍ଡରେ ଅଧା ପଶିଲା ତ ଅଧା ଉପରେ ଉପରେ ପଳେଇ ଗଲା । ବଡ଼ ବିଚିତ୍ର କଥା, ସକାଳେ ଆମେ ସେଇ ରୋଡ଼ରେ ଯାଇଥିଲୁ, ଏବେ ବନ୍ଦ କାହିଁକି ? ଉତ୍ତର ମିଳିଲା, ରାସ୍ତା କାମ ଚାଲିଛି, ଏଠାରେ ରାସ୍ତା କାମ କେବଳ ରାତିରେ ହିଁ ହୁଏ, ଆମ ଦେଶ ଭଳି ଦିନରେ ରାସ୍ତା କାମ ଚାଲିଛି, ରାସ୍ତା ବନ୍ଦ, କହି ଲୋକମାନଙ୍କୁ ହଇରାଣ କରନ୍ତି ନାହିଁ । ଖୁବ୍ ସତର୍କତାର ସହିତ ଗାଡ଼ି ଚଳାଇବାକୁ ପଡ଼େ ଏଠି । ଯାହା ହେଉ, ପୁଅ ମୋର ଖୁବ୍ ସତର୍କତାର ସହିତ ଗାଡ଼ି ଚଳାଇ ଆଣିଲା, ଆମେ ଘରେ ପହଁଚିଲା ବେଳକୁ ରାତି ସାଢ଼େ ଗୋଟାଏ ହେଲାଣି । ଗାଡ଼ିରେ ନାତୁଣୀ ଶୋଇ ପଡ଼ିଥିଲା, ତାକୁ ଉଠେଇ କାନ୍ଧରେ ପକାଇ ପୁଅ ନେଲା ଘର ଭିତରକୁ, ଆମେ ସବୁ ନିଦ ଟଳମଳ ହୋଇ ଗୋଡ଼ହାତ ଧୁଆଧୋଇ ହୋଇ ଶୋଇ ପଡ଼ିଲୁ । ଆଖିରେ ଲାଖି ରହିଥିଲା ନାଏଗ୍ରା ଜଳ ପ୍ରପାତର ସେଇ ମନୋରମ ଦୃଶ୍ୟରାଜି ତଥାପି ।

Ohm
PVC HDPE Pipes & Fittings

OHM PIPES PVT. LTD.





"An ISO 9001-2015 Certified Company"

**OHM PIPES, Symbol of Trust**

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com





# ନିୟମଗି
# ଡଙ୍ଗରିଆର

# ର ନିଯୁତି
# ଜୀବନ-ଗୀତି



# ଡଙ୍ଗରିଆଙ୍କ ଜୀବନ କାହାଣୀ


**ଦ୍ୱିତୀ ଚନ୍ଦ୍ର ସାହୁ**

ଇନ୍ଦିରା ନଗର, ଚତୁର୍ଥ ଗଳି,

ରାୟଗଡ଼ା-୭୬୫୦୦୧, କୋରାପୁଟ

ଫୋନ:୭୦୦୮୦୪୦୩୪୬, ୯୪୩୭୯୦୯୬୭୧


ଫଟୋ ସୌଜନ୍ୟ : ଲେଖକ



▲ଲେଖକ ଦ୍ୱିତୀ ଚନ୍ଦ୍ର ସାହୁ

କୁହ୍ନେଇ କୁହ୍ନେଇ ଚାଲୁଥିଲା ଗାଡି । ଲାଗୁଥିଲା ସବୁ ପାରିବାରପଣ ଯେମିତି ସରିଯାଇଥିଲା । ଡଂଗରିଆ ଅଂଚଳ କୁର୍ଲି ଛାଡି ଘାଟି ରାସ୍ତା ଆଡକୁ ମୁହାଁଉଥିଲା ଗାଡି ଗର୍ଜ୍ଜନ କରି । ନିୟମଗିରି ପାହାଡର ଚାରିପାଖରେ ଗାଁ । ରାୟଗଡା ଜିଲ୍ଲାର ତିନୋଟି ବ୍ଲକ ଓ କଳାହାଣ୍ଡି ବ୍ଲକର ଗୋଟିଏ ପଂଚାୟତରେ ବସବାସ କରନ୍ତି ଆଦିମ ଜନଜାତି ଡଂଗରିଆ । ଚାଲିଚଳଣ ଓ ଜୀବନଯାତ୍ରାରେ ଏବେ ବି ସେମାନେ ପ୍ରାଚୀନ । ହଁ ଆଧୁନିକତା ଛୁଇଁଛି ସତ । କିନ୍ତୁ ସେମିତି ବୈପ୍ଳବିକ ପରିବର୍ତ୍ତନ ଏଯାଏଁ ଆସିପାରିନି । ପାଦଚଲା ରାସ୍ତାରେ ଟିପେଇ ଟିପେଇ ଚାଲି ନିଜ ଉତ୍ପାଦିତ ପାଚିକୁ ନେଇ ପହଁଚେ ହାଟକୁ । ସେଠାରୁ ଗାଡିରେ ଫେରିବାକୁ ହେଲେ ବହୁ କଷ୍ଟ ସ୍ୱୀକାର କରିବାକୁ ହୁଏ । ଧଡରା ପୁରୁଣା କମାଣ୍ଡର ଗାଡିରେ ବସ୍ତା ଭଳି ଲଦି ହୋଇ ଫେରିବାକୁ ପଡେ । ଏ ଗାଡିର ପରିବହନ ବି ଅଜବ । ଓସ୍ତାଦ ମନେ ହେଉଥିବା ଗାଡିର ଡ୍ରାଇଭର ସାମ୍ନା କାଚର ନିଜ ଭାଗକୁ ଛାଡି ଦେଇ ବାକି ଗାଡିର ସବୁ ଅଂଶକୁ ଆଉ କିଏ ଅକ୍ତିଆର କରିଦେଲେ ବି କିଛି ସମସ୍ୟା ନାହିଁ । ହଲି ହଲି ଝୁଲି ଝୁଲି କୁର୍ଲି କିମ୍ବା ଖମ୍ବେସି ନିକଟରେ ପହଂଚାଇ ଦିଏ । ସାମ୍ନା ବନେଟରେ ବି ସିନେମାର ଖଳନାୟକ ବସିବା ଭଂଗୀରେ ବସିଥିବେ କିଛି ଯାତ୍ରୀ । ବାକି ଫେରିବାଲାର ଗାଡି ଚାରିପଟେ ଜିନିଷ ଓହଳିଲା ଭଳି ମଣିଷ ଓହଳିଥିବେ । ଗାଡି ତ ଚଲାଏ ସାହସୀ ଡ୍ରାଇଭର । ଲାଗେ ଭଗବାନଙ୍କ ଭରସାରେ ଗାଡି ଯାତାୟତ ହୁଏ ।

ପାଖ ଗାଁ କିଛି ଡଂଗରିଆ ମଣିଷ ଚାଲି ଚାଲି ଯାଉଥିଲେ । ଆଗରେ ଡଂଗରିଆ ରମଣୀ । ପଛରେ ଡଂଗରିଆ । ମଦ ପିଇ ଝୁଲି ଝୁଲି ଯାଉଛି। ଡଂଗରିଅତ୍ନିଜ ଅର୍ଜ୍ଜନର ଅଧିକ ଏମିତି ମଦପାଣିରେ ଖର୍ଚ୍ଚ କରିଦିଏ । ପାରଂପରିକ ବେଶରେ ଦୁହେଁ । କାନ୍ଥ ଭଳି ଠିଆ ହୋଇଛି ନିୟମଗିରି । ସରସର ଖସୁଥିବା ଝରଣା ପାଣି । ହାବୁକାଏ କାଲୁଆ ପବନ ରହି ରହି ମାରୁଛି । ପାହାଡସାରା ମାଳି ହୋଇଯାଇଛି ସପୁରୀ ଗଛ । ଜଂଗଲ ଅନେକ ଦୂରକୁ ଚାଲି ଯାଇଛି । ରାସ୍ତାର ଦି କଡରେ ପାହାଡ ଲାଗୁଥିଲା ତିବତୀୟ ଷ୍ଟାଇଲରେ ଚୁଟି କାଟିଥିବା ଯୁବକର ମୁଣ୍ଡ ପରି । ଚାରିପଟ ସଫା । କେବଳ ଉପରିଭାଗରେ ଯାହା ଜଂଗଲ । ଡଂଗରିଆ ଅଂଚଳରେ ସପୁରୀ ଚାଷର ମୁଖ୍ୟ କାରଣ ଏହାର ଥଣ୍ଡା ଜଳବାୟୁ ଏବଂ ଟୀଖ ପାହାଡ । ବିଶେଷ ପାଣିର ଆବଶ୍ୟକତା ଲୋଡେନି ସପୁରୀ । ସାମାନ୍ୟ ତଳବର୍ତ୍ତୀ ଇଲାକାରେ ଗାଁକୁ ଲାଗି ଚାଷ କରେ ଅନେକ କିଛି ଡଂଗରିଆ । ଖୋସଲା, ମାଣ୍ଡିଆ, କାଂଗୁ ସହ ପଣସ, କଦଳୀ, କମଳା, ଗୋଲମରିଚ । କେବଳ ସେତିକି ନୁହଁ ପାହାଡରେ ବିଛାଇ ଦିଏ ଅଦା ଓ ହଳଦୀ । ଗୋଡ ହାତ ମେଲେଇ ମାଟି ଭିତରେ ଖେଦି ହୋଇଯାଏ ଏ ଫସଲ । ଖୋଳିଲାବେଳେ ତାର ପରିସର ବଢିଯାଏ । ହୃଷ୍ଟପୁଷ୍ଟ ହଳଦୀ ଓ ଅଦାକୁ ଦେଖି ଡଂଗରିଆ ପରିବାର ଖୁସି ହୋଇଯାଏ । ଉନ୍ନତମାନର ହଳଦୀ ଓ ଅଦା ପାଇଁ ଡଂଗରିଆ ଅଂଚଳ

**ମେଘର ରାଉ ରାଉ ନାହିଁ ଏଠି । ବାଇ ବାଇ ହୁଏନି ପ୍ରକୃତି । ସକାଳ ହେଲେ ଗଛଲତା ପଣତ ପାରି ଦିଅନ୍ତି ଆଲୁଅ ଧରିବାକୁ । ଜକଜକ ହୋଇଯାଏ ଜୀବନ । ଖରାରେ ପିଠିକୁ ସେକେ ଡଂଗର ମଣିଷ । ଅଳସ ଭାଂଗେ ଅପରାହ୍ଣ । କୁକୁଡାର ଡେଣା ଝଡାରେ ଘୁମେଇ ପଡେ ଡଂଗର ବଣ । ତୁନି ପଡେ କାକର ସଂଜରେ ଆକାଶ । ଝୋଲାର ପାଣି ତଥାପି ସେମିତି ଗାଇ ଚାଲେ ଜୀବନର ଗୀତ । ଅନ୍ଧାରରେ ନିଜ ନିଜ ଲୟ ସୁରରେ ହଜିଯାଏ ସରଳ ପ୍ରାଣ । ପାହାଡ ଏଠି ରାଜା । ମଣିଷ ତାର ସନ୍ତାନ । ନିୟମରଜାର ନିୟମରେ ବନ୍ଧା ନିୟମଗିରି ରାଇଜର ମଣିଷଙ୍କ ଜୀବନ କାହାଣୀକୁ ସାଉଁଟି ପରଷିଛନ୍ତି 'ରେବତୀ'ର ନିୟମିତ ଲେଖକ**

**ଦ୍ୱିତୀ ଚନ୍ଦ୍ର ସାହୁ**

ପ୍ରସିଦ୍ଧ । ଆଉ ଏକ ବିଶେଷ ଉତ୍ପାଦନ କରେ ଡଂଗରିଆ । ତାର ନାଆ ପାଲୁଅ । ସ୍ଥାନୀୟ ଭାଷାରେ ପାଳଗୁଣ୍ଡି । ନିୟମଗିରିରର ଛାତିରେ ଅସଂଖ୍ୟ ପାଲୁଅ ଗଛ । ତାର କନ୍ଦାକୁ ସଂଗ୍ରହ କରେ । ଟୋକେଇ ଭରି ବଜାରକୁ ନେଇ ବିକ୍ରି କରେ । ପାଲୁଅ କନ୍ଦାରୁ ପାଲୁଆ ସଂଗ୍ରହ କରେ ଗାଁରେ କିମ୍ବା ଆଖପାଖରେ ରହୁଥିବା ଅନୁସୂଚିତ ଜାତି(ଡମ୍ବ) ଲୋକେ । କନ୍ଦାକୁ ପଥରେ ଘୋରି ସେଥିରୁ ବାହାରୁଥିବା ରସକୁ ବିଛେଇ ଶୁଖେଇବାକୁ ପଡେ । ରସ ଶୁଖିଗଲେ ଧଳା ହୋଇ ଗୋଟେ ଆସ୍ତରଣ ରହିଯାଏ । ତାହା ପାଲୁଅ । ବିଶେଷକରି ଓଡିଆ ମହିଳାମାନେ ଓଷାବ୍ରତ ଉପବାସ ବେଳେ ତାକୁ ଖିରି କରି ଖାଇବାକୁ ରୁଚି ରଖନ୍ତି । ଏଥିପାଇଁ ବଜାରରେ ଏହାର ଦର ଅଧିକ । ମୁଖ୍ୟତଃ ଖରା ଦିନେ ପେଟ ଥଣ୍ଡା ଲାଗି ଅନେକ ଏହାକୁ ବ୍ୟବହାର କରିଥାନ୍ତି । ନିୟମଗିରି ପାହାଡ ଡଂଗରିଆଙ୍କ ପାଇଁ ଆଧାର । ତାର ମାଟି ଚିରି ଅନେକ ପାଏ । ବଦଳରେ ତାକୁ ମାଟି ମାଆର ମର୍ଯ୍ୟାଦା ଦେଇଛି ଡଂଗରିଆ । ନିୟମଗିରିରେ ରହନ୍ତି ଅଦୃଶ୍ୟ ନିୟମରଜା । ତାର ଆଜ୍ଞା ବିନା ଡଂଗରିଆ କିଛି କରେନା । ଦିଶାରୀ ନିର୍ଦ୍ଦେଶରେ ବେଜୁଣୀ ମନ୍ତ୍ର ଉଚ୍ଚାରଣ କରି ନିୟମରଜାକୁ ଆମନ୍ତ୍ରଣ କରେ । ତାର ନିର୍ଦ୍ଦେଶ ପରେ ଡଂଗରିଆ ନୂଆ ଖାଦ୍ୟ ଖାଏ କିମ୍ବା ପୂଜା ପାର୍ବଣ କରେ । ଏ ନିୟମରଜାର ରାଇଜ । ଡଂଗରିଆ ତାର ପିଲା ।

ପଶ୍ଚିମା ଆକାଶରେ ବୁଡି ଯାଉଥିବା ନିଷ୍ପ୍ରଭ ଆଲୁଅରେ ନିୟମଗିରି ଲାଲ ଲାଗୁଥିଲା । ଚାରିଟାବେଳକୁ ସଂଜ ମୁହଁ ମାଡି ଆସିଯାଉଥିଲା । ଆମକୁ ଅନେକ ବାଟ ଯିବାକୁ ଥିଲା । ପାହାଡରୁ ପସଡେ ପସଡେ ମାଟି ରାଂପି ଦେଇଛି ମେସିନ । ତା ଉପରେ ରାସ୍ତା ତିଆରି ହୋଇଛି । ସରୁ ପିଚୁ ରାସ୍ତାରେ ଗାଡି ଆଗକୁ ଯାଉଛି ସତ । କିନ୍ତୁ ଭୟ ଲାଗି ରହିଛି । ଅକାତ ଅକାତ ଝୁଲା । ସାମାନ୍ୟ ଓଲମବିଲମ ହେଲେ ଚିହ୍ନବର୍ଣ୍ଣ ମିଳିବନି କାହାର । ପୁନେଇ ଜହ୍ନ ଆକାଶରେ ଦେଖାଯାଉଥିଲା । ଗୋଟେପଟେ ସୂର୍ଯ୍ୟ ଓ ଆରପଟେ ଧୁସର ଦିଶୁଥିବା ଜହ୍ନମାମୁଁ । ଡଂଗରିଆ ଅଂଚଳରେ ଅନେକ ମାମୁଁ । ରାତିରେ ଆଲୁଅ ବିଛେଇ ସରସତା ଭରୁଥିବା ଜହ୍ନ । ଜଂଗଲ ଭିତରୁ କେବେକେବେ ଶୁଭୁଥିବା ହେଂଟାଳର ମାଲିକ ବାଘମାମୁଁ । ପ୍ରତି ଗାଁରେ ଡଂଗରିଆଙ୍କୁ ସେବା ଦେବା ଲାଗି ରହିଥିବା ଡମ୍ବ ଜାତିର ବୟସ୍କ ମଣିଷକୁ ଗାଁ ସାରା ଲୋକେ ମାମୁଁ ସମ୍ବୋଧନ କରନ୍ତି । ସେ ଗାଁର ବାରିକ । ଭଲରେ ମନ୍ଦରେ ଡଂଗରିଆଙ୍କ ନିକଟରେ ଛିଡା ହୋଇଥାଏ । ପୂଜାପାର୍ବଣରେ ଘରେ ଘରେ ଖବର ଦିଏ । ପର୍ବପର୍ବାଣୀରେ ଆବଶ୍ୟକ ହେଉଥିବା ଗଛଲତା, ପତ୍ର, ଫୁଲଫଳ ସବୁ ଯୋଗାଏ ସେ । ମଲାଘର ବାର୍ତ୍ତା ଦିଏ । ବଦଳରେ ଡଂଗରିଆଙ୍କ ପାଚିର କିଛି ଭାଗ ନିଏ । ଆଉ ଏକ ମାମୁଁ ହେଲା ପୋଲିସ ।

ରାସ୍ତା ସହ ଅଭ୍ୟସ୍ତ ଡ୍ରାଇଭର ଆରାମରେ ଗାଡି ଚଲାଉଥିଲା । ପାଖରେ ଥିଲେ ଆଉ ଜଣେ ସହଯୋଗୀ ସୂର୍ଯ୍ୟ ନାରାୟଣ ପାଢୀ । ରାସ୍ତା କାଟି କାଟି ଯେତେ ଆଗକୁ ଗାଡି ଯାଉଥିଲା ପଛରେ ଥିବା କୁର୍ଲି ଗାଁ ସେତେ ତଳକୁ ଯେମିତି ଚାପି ହୋଇଯାଉଥିଲା । ଉପରୁ ଲାଗୁଥିଲା ଗାଁଟା ଯେମିତି ଏକ ଆଁ ଭିତରକୁ କ୍ରମଶଃ ପଶି ଯାଉଛି । ଗାଡି ଘାଟିର ଶେଷ ଭାଗରେ ପହଁଚି ଯାଇଥିଲା । ଏଇଠି ଶେଷ ହେଉଥିଲା ନୂଆ କରି ତିଆରି ହୋଇଥିବା ପିଚୁ ରାସ୍ତା । ତେଣିକି ପାହାଡିଆ କଚା ରାସ୍ତା । ହୁଏତ ଗାଡି ନ ଯାଇପାରେ । ସେଠାରୁ କେତେ ଦୂର ତଳକୁ ଓହ୍ଲାଇବାକୁ ପଡିବ ଆମକୁ ଜଣା ନଥିଲା । ସେଠି ଗାଡି ଅଟକିବାରୁ ଓହ୍ଲାଇଲି । ଦୂରରୁ ଛାଡି ଆସିଥିବା ଗାଁଟି ବିନ୍ଦୁ ଭଳି ଏବେ ଲାଗୁଥିଲା । ଗୋଟେ ସରୁ ଧାର ଉପରକୁ ଅଙ୍କାବଙ୍କା ହୋଇ ମାଡି ଆସିବାର ଭ୍ରମ ସୃଷ୍ଟି କରୁଥିଲା ରାସ୍ତା । ପାହାଡର ତଳଭାଗ ସବୁ ଏକାଠି ଛନ୍ଦାଛନ୍ଦି ହୋଇ ରାସ୍ତା ଟେକି ଧରିଥିବାର ପ୍ରତ୍ୟୟ ଜାତ ହେଉଥିଲା । ସମୁଦ୍ର ପତନଠାରୁ ପାଖାପାଖି ୪୦୦୦ ଫୁଟ ଉପରେ ସେତେବେଳକୁ ଥିଲୁ । ନିମୟଗିରିର ପର୍ବତମାଳାର ସର୍ବୋଚ୍ଚ ଚୂଡା ଆମ ପାଖକୁ ଲାଗି ଦେଖା ଯାଉଥିଲା । ଗୁଗୁଲ ତଥ୍ୟ ଅନୁଯାୟୀ ନିୟମଗିରି ପର୍ବତମାଳାର ସର୍ବୋଚ୍ଚ ଶୃଙ୍ଗର ଉଚ୍ଚତା ୪୯୫୧ ଫୁଟଖ । ମୋବାଇଲ ନେଟୱାର୍କର ଗୋଟିଏ ସ୍ତମ୍ଭ ଧପଧପ ହେଉଥିଲା ମୋବାଇଲ୍‌ରେ । ଶୀତ ତାର କାୟା ମେଲି ଦେଇଥିଲା । ଜଣେ ଲୋକ କଚ୍ଚା ରାସ୍ତା ଦେଇ ବାଇକ୍‌ରେ ଉପରକୁ ଉଠୁଥିଲା । ବେପାରୀ ହୋଇଥିବ । ପହଂଚିବା ପରେ ବୁଝିନେଲୁ କଚ୍ଚା ରାସ୍ତାରେ ଗାଁ ନିକଟରେ ପହଁଚି ହେବ । ଅବଶ୍ୟ ଡ୍ରାଇଭର ଉପରେ ନିର୍ଭର ବୋଲି ସର୍ତ୍ତଟିଏ ରଖିବା ପରେ ବ୍ୟସ୍ତ ହେବାକୁ ପଡିଲା । ଦକ ଦକ ବଢିଗଲା । ଏପଟେ ଅନ୍ଧାର ମାଡି ଆସୁଥିଲା । ପୁଣି ଆରମ୍ଭ ହେଲା ଯାତ୍ରା । ଗାଡି ଏବେ ତଳ ମୁହାଁ । ଅଥଚ ଗାଁ ଗାଁ ହୋଇ ଯାଉଥିଲା । ବ୍ରେକ୍ ଓ କ୍ଲଚ୍‌ର ଅପୂର୍ବ ସମନ୍ୱୟରେ ଗାଡି ଧୀର ବେଗରେ ପାହାଡିଆ କଚ୍ଚା ରାସ୍ତାରେ ତଳକୁ ଓହ୍ଲାଉଥିଲା । ରାସ୍ତାର କଡରେ ଲମ୍ବା ଲମ୍ବା କିଛି ସରଗି ଗଛ । ତାକୁ ଲାଗି ପ୍ରତିଯୋଗିତା କଲା ଭଳି ସଲପ ଗଛ । ତାରି ଦେହରେ ଲାଗିଥିଲା ମାଟି ପାତ୍ର । ସଲପ ରସ ସଂଗ୍ରହ ପାଇଁ ଏମିତି ବ୍ୟବସ୍ଥା । ଦୁଇଟି ମୋଡ ବୁଲିଲା ପରେ ଶେଷରେ ଡେବିରି ପଟେ ଦିଶିଲା ଧାଡି ଧାଡି ଯାତ୍ରାକୁଡି । ବୁଝି ହେଲା ଆଗରେ ଗାଁ । କନ୍ଧ ରାଇଜରେ ଯାତ୍ରା କୁଡି କହେ ଆଗରେ ଗାଁ ଅଛି । ନୂଆ ଗାଁ ତିଆରି ପୂର୍ବରୁ ଏହାକୁ ସ୍ଥାପିତ କରାଯାଏ । ଜଂଗଲ ମଧ୍ୟରେ ଯାତ୍ରାକୁଡିର ଉପସ୍ଥିତି ଆଗନ୍ତୁକଙ୍କୁ ଆଗରେ ଗାଁ ଥିବାର ସୂଚନା ଦିଏ । ଜଂଗଲରେ ଘାବରା ହୋଇ କନ୍ଧ ଝିମ୍ପିଝିମ୍ପା ନ ହୋଇ ସିଧା ଗାଁକୁ ଖେଚିବା ଲାଗି ଯାତ୍ରା କୁଡି ସ୍ଥାପନା କରାଯାଇଥାଏ । ଏଇ କାରଣରୁ ଏମିତି ଯାତ୍ରା କୁଡି ଗାଁର ବହୁ ପୂର୍ବରୁ ସ୍ଥାପନ କରାଯାଇଛି । ଏହା କାଳେ ଦୁଷ୍ଟ ଶକ୍ତିରୁ ରକ୍ଷା କରେ ଗାଁକୁ ବୋଲି କନ୍ଧ ରାଇଜରେ ଗୋଟେ ବିଶ୍ୱାସ । ଗୋଟିଏ ଡଂଗରିଆ ଗାଁକୁ ପ୍ରବେଶ କଲେ ଭେଟିବାକୁ ହୁଏ କ୍ରମାନ୍ୱୟରେ ଯାତ୍ରାକୁଡି, ଘଂଟକୁଡି, ମୁଦ୍ରାବାଲି, କୁଟେବାଲି ଏବଂ ଝାଙ୍କରୀପେନୁ । ଆଉ ଗୋଟେ ବୁଲାଣି ତଳକୁ ଗଡିଲା ପରେ ଖାଇବା ପଟ ଭେଟ ହେଲା ଘଂଟକୁଡି । ଏକାଧିକ ଘଂଟ କୁଡିଆ ସେଠାରେ ଥିଲା । ଗାଁରେ ଯିଏ ଘଂଟ ଯାତ୍ରା ଆଣେ ସେ ଏଠାରେ ନିଜ ସମ୍ବଳ ମୁତାବକ ଘଂଟ କୁଡି ତିଆରି କରେ ଏବଂ ସେଥିରେ ଘଂଟ ଯାତ୍ରାରେ ବ୍ୟବହୃତ ସାମଗ୍ରୀ ସାଇତି ରଖେ । କନ୍ଧ ପରଂପରାରେ ଘଂଟ ପର୍ବ ବଡ ପରବ । ବ୍ୟକ୍ତିଗତ ପରବ । ଯିଏ ଯେବେ ପରବ ପାଳିବ ଶେଷ ହେଲା ପରେ ଗାଁର ଶେଷ ମୁଣ୍ଡରେ କାଠରେ ଘର କରିବ । ଗାଁ ମୁଣ୍ଡରେ ଯେତୋଟି ଘର ଥିବ ସେ ଗାଁରେ ସେତେ ଘର ଘଂଟ ପର୍ବ କରିଛନ୍ତି । ତାପରେ ଭେଟିଲୁ ମୁଦ୍ରାବାଲି । ମାନେ ସନ୍ଧି ଦେବତା । ଗାଁ ଭିତରକୁ ପ୍ରବେଶ କରୁଥିବା ଦୁଷ୍ଟ ଶକ୍ତି ପ୍ରବେଶ କରିବାକୁ ଦିଏନା ମୁଦ୍ରାବାଲି ବୋଲି ଡଂଗରିଆଙ୍କ ବିଶ୍ୱାସ । ଏଇଠି ପୂଜା କରି ଗାଁର ସବୁ ଦୁଷ୍ଟ ଶକ୍ତିକୁ ବିସର୍ଜନ କରାଯାଏ । ଗାଁର ଜଗୁଆଳି ଭଳି କାମ କରେ । ଯା ପରେ ଗାଁ ଭିତରେ ହିଁ ରହିବେ ଦେବତା । ଗାଁ ଭିତରେ ଥିବ କୁଟେବାଲି ଏବଂ ତା ପାଖକୁ ଲାଗିଥିବା ଝାଙ୍କରୀ ପେନୁ । ସେଠି ପୂଜା କରେ ଡଂଗରିଆ । କୁଟେବାଲି ଡଂଗରିଆଙ୍କ ପୁରୁଷ ଦେବତା ଏବଂ ଝାଙ୍କରୀ ହେଉଛି ଦେବୀ । ଧରଣୀ ପେନୁ ଅର୍ଥାତ ଧରିତ୍ରୀ ମାତା ।

ଆଉ ଦିଟା ବୁଲାଣି ପରେ ଦିଶିଲା ଗାଁ । ପୁରା ତଳେ । ଚାରୋଟି ପାହାଡ ଯେଉଁଠି ମିଶିଛନ୍ତି ସେଠି ଠିଆ ହୋଇଛି ବଣ୍ଡଲି । ସିଧା ଏପାଖ ସେପାଖ ହୋଇ ଦି ଧାଡିରେ ଘର । ଏପଟ ସେପଟ ଧାଡିର ପଛ ପାଖେ ପଥର ଥୋଇଲା ଭଳି ଆଉ ଦି ଚାରିଟା ଘର । ପଚିଶି ସରି ପରିବାର । ସବୁ ଘର ଟିଣ ଛପର । ଡଂଗରିଆ ଉନ୍ନୟନ ପ୍ରକଳ୍ପ ପକ୍ଷରୁ ଘରର ଉନ୍ନତି କରଣ କରାଯାଇଛି ।



ନଡାଛପର ବାହାର କରି ଟିଣ ଛାଉଣି କରାଯାଇଛି । ସବୁ ଡଂଗରିଆ ଗାଁର ଘର ଏବେ ଏମିତି । ଘର ସାମ୍ନାରେ ପୋତା ହୋଇଛି ସୋଲାର ଖମ୍ବ । ସୋଲାର ପ୍ଲେଟ୍ ସବୁ ଉପରମୁହାଁ ଥୁଆ ହୋଇଛି । ଉପରୁ ଦେଖିଲେ ଲାଗୁଛି ଦି ହାତ ମେଲି ବର୍ଣ୍ଣଲିର ଲୋକେ ଆମନ୍ତ୍ରଣ କରୁଛନ୍ତି ଗାଁ ଭିତରକୁ ପ୍ରବେଶ କରିବାକୁ । ଗାଁର ଶେଷ ଭାଗରେ ଆଉ ଟିକିଏ ଖାଲକୁ ସିଧା ଗାର ଟାଣିଲା ଭଳି ଟିଣ ଘର । ସେଇଟା ସ୍କୁଲ ଘର । ଆମର ରହିବା ଘର ଏକଥା ବୁଝି ସାରିଥିଲି । ଗାଁକୁ ଉଁଚ ଉଁଚ ଅତଡା ସବୁ ଘେରି ଜଗିଛନ୍ତି ଯେମିତି । ଗାଁର ଦକ୍ଷିଣ ଭାଗରୁ ତଳକୁ ହୋଇ ଝରଣା ବୋହି ଯାଉଛି । ପଥର ଖୋଲକୁ ବାଡେଇ ହୋଇ ଝାଡୁଥିବା ମୂର୍ଚ୍ଛନାରୁ ବୁଝି ହେଉଥିଲା ଚାରିପଟର ପାହାଡ ଓ କୁଳୁ କୁଳୁ ଝରଣା ହିଁ ଏଇ ଆଦିମ ଜନଜାତି ଲୋକଙ୍କୁ ଏକତ୍ର ରହିବାକୁ ଦିନେ ବାଧ୍ୟ କରିଥିବ । ମାଟି, ପାଣି ଆଉ ପାହାଡ ଥିଲେ କନ୍ଧ ଦୁନିଆଁ ହସେ । ଉପରେ ଧର୍ମ ଦେବତା, ତଳେ ଧରିତୀ ମାତା ଆଉ ଝରଣା ପାଣି ବଂଚିବାକୁ ଅଧିକା କି ଲୋଡା ।

ମେଘର ରାଉ ରାଉ ନଥିଲା । କାକର ସଂଜରେ ଆକାଶ ତୁନି ଥିଲା । ଝୋଲାର ପାଣି ଗୀତ ଗାଉଥିଲା । ଟିଁଟିଆଁ ଚଢେଇ ପାଖରେ କୋଉଠି ରାବୁଥିଲା । କୁକୁଡା ସବୁ ପର ଝାଡି ରଡୁଥିଲେ । ଭାଡି ଭିତରକୁ ପଶି ଯିବାର ଇଏ ବେଳ । କିଳିକିଳିଆ କରି ଗାଁ ତଳେ ଦି ଚାରୋଟି କୁକୁର ଭୁକୁଥିଲେ । ଶୁଂଘି ଶୁଂଘି ଜାଣି ସାରିଥିବେ ନୂଆ ଲୋକ ଗାଁରେ ପାଦ ମାଡିଛନ୍ତି । କଳା ପଣତ ମେଲି ସାରିଥିଲା ରାତି । ଦିଶୁଥିଲା ଗାଁର ପାଉଁଶିଆ ମୁହଁ । ପାଖରେ ପିଲା କିଛି ଭଲି ବଲ୍ ଖେଳ ସାରି ଠିଆ ହୋଇଥିଲେ ହାଁ ହୋଇ । ରାଜେନ୍ଦ୍ର ନିଶିକା ଆଗକୁ ଆସି ଚିହ୍ନିଲା । ଆଗରୁ ଖବର ପାଇଥିବାରୁ ଗାଁ ପିଲାଏ କିଛି ଥିଲେ । ଗାଡିରୁ ଆମର ବ୍ୟାଗ୍ ଓ ଖାଇବା ସାମଗ୍ରୀ ବୋହିଲେ । ଖସିଲୁ ତଳକୁ । ଥାକ ଥାକ ହୋଇ ରହିଛି ଗାଁର ଘର । ଚାରିଆଡେ ପଥର । ପଥର ଉପରେ ପଥର ଥୁଆ ହୋଇ ପାହାଚ ହୋଇଛି । ପଥରକୁ ପଥର ଉପରେ ଭରା ରଖି ଘର ଚାରିପଟେ ପଥର ବାଡ ତିଆରି କରିଛି ଡଂଗରିଆ । ପାହାଚ ପାହାଚ ହୋଇ ତଳକୁ ଯିବାକୁ ପଡିଲା । ଘର ଭିତରକୁ ଝାଙ୍କି ଦେଖିଲି । ଭିତରେ ଜଳୁଛି ବଲ୍‌ବ୍ । ସୋଲାର୍‌ର କମାଲ୍ । ଅନ୍ଧାରରୁ ମୁକ୍ତି ମିଳିଛି । ଗାଁ ଦାଣ୍ଡ ତଥାପି ଅନ୍ଧାର । ମଝିରେ ଠିଆ ହୋଇଛି କୁଟେବାଲୀ । ଆକାଶ ଛାତିକୁ ଭୁଷି ଦେବା ଲାଗି ଯେମିତି ଉପର ମୁହାଁ କରି ପୋତା ଯାଇଛି ଖୁନ୍ଦା ହୋଇଥିବା ଦେବତା ସାଜିଥିବା ଗୋଜିଆ କାଠ । ସେ ପୁରୁଷ ଦେବତା । ତାକୁ ଲାଗି ରହିଛି ଝାଙ୍କରୀ ପେନୁ । ଦେବୀ ହେତୁ ସେ ଘର ଭିତରେ, ଅଣ୍ଡା ହେତୁ କୁଟେବାଲୀ ଗାଁରେ ପଇଁତରା ମାରୁଛି । ଏମିତି କିଛି କହିଲା ଜଣେ ଗାଁ ଲୋକ । ଝୋଲାର ଖର ଗର୍ଜନ ବେଶୀ ବେଶୀ ଶୁଭାଗଲା । ସ୍କୁଲ୍ ଘର ଖୋଲାଥିଲା । କୋଡିଏରୁ କମ୍ ପିଲା ପଢୁଥିବାରୁ ସ୍କୁଲ୍‌କୁ ଘୁଂଚାଇ ନିଆ ଯାଇଛି କୁଆଡେ । ଦି ବର୍ଷ ହେଲା କୋରନା ଯୋଗୁଁ ବିଦ୍ୟାଳୟ କଥା ବି କିଏ ପଚାରିନି । ବଡ କଥା ହେଲା ଘର ଧୁଆଧୁଇ ସଫା ହୋଇଥିଲା । କିନ୍ତୁ ସେଠି ସୋଲାର୍ ବ୍ୟବସ୍ଥା ନଥିଲା । ଏତିକି ବୁଝିହେଲା ରାତି ସାରା ଅନ୍ଧାର ସହିତ ସାଂଗ ହେବାକୁ ପଡିବ । ଅଗଛମା ଦେଇ ଯାଉଥିଲା ଝରଣା । ତାକୁ ଲାଗି ଚଲା ରାସ୍ତା କ୍ରିଡା ଗାଁକୁ । ଦି ପଟ ପୁରୁଷ ପୁରୁଷ ଉଁଚର ଫୁଲ ଝାଡୁ ଗଛ । ଡଂଗରିଆଙ୍କ ଆଉ ଏକ ଆଦାୟର ଜିନିଷ । ଡଂଗରିଆ ସଂଗ୍ରହ, ଚାଷ ଓ ଶୀକାର( ବେଂଟ) ଏମିତି ତିନି ପ୍ରକାର ବ୍ୟବସ୍ଥା ଭିତରେ ବଂଚିଛି । ବଣକୁ ମାରି ଦେଉଥିବାରୁ ଜନ୍ତୁଜନ୍ତା ବି ମିଳୁନି । ବେଂଟ ମିଳିବା କଷ୍ଟ କହିଲା ରାଜେନ୍ଦ୍ର । ରାଜେନ୍ଦ୍ର ଆଠ ଯାଏଁ ଏକ ଆବାସିକ ବିଦ୍ୟାଳୟରେ ପଢି ଛାଡି ଦେଇଛି । ଏବେ ପ୍ରକଳ୍ପରେ ଠିକାରେ କାମ କରୁଛି । ମାସକୁ ୫,୫୦୦ ମିଳୁଛି । ଗାଁ ମିଟିଂ ପାଇଁ ପ୍ରକଳ୍ପରୁ ମିଳିଥିବା ଦରି ବିଛା ଯାଇଥିଲା । ମୁହଁକୁ ମୁହଁ ଦିଶୁ ନଥିଲା । ଅନ୍ଧାର ଲେସି ହୋଇଗଲା । ବାହାରେ ଜବର କାକର ପଡୁଥିଲା । ଏତେ ଦୂର ଆସିଲା ପରେ ବାଇ ବାଇ ଲାଗିଲା । ମୁହଁଟିକେ ଧୋଇବା ପାଇଁ ଘର ପାଖ ଝରଣାରେ ହାତ ଦେଉ ଦେଉ ଚାଉଁ କଲା । ହେମାଳ ତମାମ ଶରୀରକୁ ମାଡି ଗଲା । ଦେହ ଶିରି ଶିରି ହୋଇଗଲା । ପଛକୁ ଆସିଲି । ସେତେବେଳକୁ କାଠରେ ନିଆଁ ଲଗେଇ ଦେଇଥିଲେ ଗାଁ ଲୋକ । କାକରକୁ ସଂଭାଳିବା ବାହାରିଆ ଲୋକ ପାଇଁ ବଡ କଷ୍ଟ ଇଠି । ପାଣିରେ ଲାଗିଲେ ଜାଟି ହୋଇଯିବ । ଖାସଖୁସା ବେଇଗି ଧରିଦେବ ବୋଲି ମୁଖିଆ କହିଲା । ଗାଁର କିଛି ଧାଂଡି କଡେଇ, ଡେକଚି, ବେଲା ଧରି ପହଂଚିଗଲେ । ଅଖା ଭିତରେ ଥିବା ଚାଉଳ ଡାଲି ତେଲ ମସଲା ପରିବାପତ୍ର ଖୋଲାଗଲା । ଆରମ୍ଭ ହେଲା ରାତି ପାଇଁ ରୋଷେଇ । କଟାକଟାରେ ଲାଗିଗଲେ ଧାଂଡିମାନେ । ଗୋଟେ ଧାଂଡା କୁକୁଡା ନେଇ ଆସିଲା । ମୁଖିଆକୁ ଦେଖେଇଲା ପରେ ନେଇଗଲା ଟିକେ ଦୂରକୁ । କିଛି ସମୟ ପରେ ତାର କରୁଣ ଚିତ୍କାରରେ ଟିମରା ବେଳବୁଡା ଚେଇଁଗଲା । ଡଂଗରିଆ ବେକରେ ସବୁବେଳେ ଟାଂଗିଆ । ଟାଂଗିଆରେ କାଠ ହାଣେ । ଜନ୍ତୁଜନ୍ତାକୁ ବି ଶେଷ କରିଦିଏ । ସେଥିରେ ହିଁ ବଡ ଜନ୍ତୁକୁ ଟିକି ଟିକି କରି ମାଉଁସ କରିଦିଏ । ଧାଂଡି ମୁଣ୍ଡରେ ସାନ କାତି । ପ୍ରଶ୍ନ ଚିହ୍ନ ପରି ସାନ ଓ ସୁନ୍ଦର । ସେଥିରେ ସେ ବଣ ଡଂଗରର ଫଳମୂଳ ଚଂଛାଚଂଛି କରି ଖାଏ । ନିଜ ସୁରକ୍ଷା ପାଇଁ ବ୍ୟବହାର କରେ । ଧାଂଡି ମୁଣ୍ଡରେ କେତେ ରଂଗର ରିବିନ ଫୁଲ । ନାକ, କାନ, ବେକ, ହାତ, ଗୋଡରେ ଅଳଙ୍କାର । ମୁହଁରେ କୁଟା ଯାଇଥିବା ଚିତା ତାକୁ ଅଧିକ ସୁନ୍ଦର କରେ । ବେକରେ ସାନରୁ ବଡ ଗୋଲେଇ କ୍ରମରେ ପାଜ(ରସର ବଳା) ପକେଇଥିବ । ତା ସହିତ ଛୋଟ ଛୋଟ ନାଲି, ନେଳି ଓ ହଳଦିଆ ମାଳିର ଲମ୍ବା ଲମ୍ବା ସୁରା ପଡିଥିବ ବେକରେ । ଦେହରେ ନାଲି ଧଡିଥିବା ଧଳା ଲୁଗାକୁ ସ୍ୱତନ୍ତ୍ର ଶୈଳୀରେ ପିନ୍ଧିଥିବେ ।

ଗାଁ ଲୋକଙ୍କ ସହ କଥା ହେଲା ଭିତରେ କୁକୁଡା ମାଉଁସ ହୋଇ ସ୍କୁଲ ଘରକୁ ଆସିଗଲା । ସ୍କୁଲ ଆଗରେ ନିଆଁ ଲାଗିଥିଲା । ଆଉ ଆରମ୍ଭ ହେଲା ଡଂଗରିଆ ଅଂଚଳର କଥା ଓ ବ୍ୟଥା । ଜାନୀ, ଦିଶାରି, ମୁଖିଆ ସମସ୍ତେ ବସିଥିଲେ । ସେପଟ ଗାଁରେ ବାଜିଲା ଡାଂପ, ତୁଡୁମର ନାଦ । କିଛି ବୁଝିବା ଆଗରୁ ମୁଖିଆ କହିଲା – 'ଆଇଲା ଦିନରେ ଆମର ଇଠି କାନ୍ଦୁଲ ନୂଆଖିଆ ଆଜ୍ଞା ! ସେଥିପାଇଁ ବାଇଦକୁ ପାଜୁଛନ୍ତି (ଠିକ୍‌ଠାକ୍ ପରଖିବା) ।'



ଚାଲିଗଲେ ସମସ୍ତେ । ଜଣେ ଲାମ୍ବୁ ନିଶିକା ରହିଲା । ଗାଁର ବୁଢା । ଆମ ସହ ଖାଇଲା । ଖାଇଲା ପରେ ନିଆଁରେ ସେକି ହେଲା । କଥା ହେଲା ।

ପାଖକୁ ଯାଇ ପଚାରିଲି– କିସ ଦେଖୁଛୁ ଏ ଅନ୍ଧାରରେ !

ହସିଲା ଟିକେ । କହିଲା– ଆୟେ ବାବୁ ! (ନାହିଁ ବାବୁ )

ତର୍ ନାଆ କିସ !


ଲାମ୍ବୁ ନିସିକା ।

ଇଠି ଏମିତି ବସିଛୁ ଯେ ! କିସ ଭାବୁଛୁ !

କିଛି କହିଲାନି ଆଉ । ଜାଣିଗଲି ଭାବ । ତାକୁ ଟିକେ ତତେଇବା ପାଇଁ କହିଲି –

'ତମର ବେଳେ କେତେ କେତେ କଥା । ଏବେ କିସ ଅଛି କି ସିମିତି ! ନା କିସ ବୋଲୁଛୁ ତୁଇ !'

ସାମାନ୍ୟ ଉଜ୍ଜ୍ୱଳ ଦିଶିଲା ମୁହଁ ନିଆଁ ଆଲୁଅରେ




*We Make*

- Etching • Beveling • H-Polish • Designers Glass
- Colour Etching • Hi-Polish Etc. • Decorative Mirror







# MIRROR HOUSE

Plot No.-19, Rebati Nagar, Near Odiani Dhaba, Cuttack-Puri N.H., Bi-pass Road,
Bhubaneswar - 751002, Mob.: 9861150065, 9040483341, Email: shankar198611@gmail.com

ହସିଲା ଏଥର । କଳା ମୁହଁ ଭିତରୁ ଦିଶିଲା ହଳଦିଆ ଦାନ୍ତ ସବୁ । କାନରେ ଖୁଂଚିଥିବା ଧୁଂଗିଆ କାଢିଲା ।  ନିଆଁ ଧରେଇଲା । ଗୋଟେ ପୁଳା ଝିଙ୍କି ଦେଲା ।



‘କିସ କଇବି ଆଜ୍ଞା ! ଆମର ବେଳେ ଏଯାଏଁ ବଣ ଥିଲା । ଘରର ତାଟି କାଢିଲେ ଡର । ବାଘ ଆସି ଲାଂଜ ପିଟୁଥିଲା ଆମ ଦୁଆର ତାଟିରେ । ସଂଜ ହେଲେ ଏବେ ଅନ୍ଧାର ହେଉଛି । ସେତେବେଳେ ଅଂଟି ଘଂଟରେ ଖାଉ ଖାଉ ଜୁକୁଜୁକିଆ ଅନ୍ଧାର ହେବ । ତାପରେ ଲେସି ହୋଇଯିବ ଅନ୍ଧାର । ବେଇଗି ରାତି ହୋଇଯିବ । ରାତି ବଡ । ଦିନ ସାନ । ବେଳ ବାହାରିଲା ବେଳକୁ ଉଛର । କିଏ କାହା ହାବୁଡରେ ପଡି ମରୁଥିଲା । ବାଘ ଘୋଷାଡି ଘୋଷାଡି ନେଇଥିବାର ଏ ଆଖି ଦେଖିଛି । କୁତୁକୁତା କରି ଝୁଣି ଖାଇଛି । ହେଲେ ଖାଇବାକୁ ପିଇବାକୁ ଚିନ୍ତା ନଥିଲା ସେତେବେଳେ । ଯେତେବେଳେ ଚାହିଁବ ଖାଇବା ମିଳୁଥିଲା ମଣିଷକୁ ଜନ୍ତୁଜୁନ୍ତାକୁ । ଏତିକି କହି ଆଗକୁ ହାତ ଦେଖେଇଲା । ସାମାନ୍ୟ ଆଗକୁ ଝୁଲାକୁ ବାଟ । ତାର ନାଆ ବେଂଟ ଖାଲ । ଲାମ୍ବୁର କହିବା ପ୍ରକାରେ ସେଇଟା ବେଂଟ କରିବା ପାଇଁ ସୁବିଧା ଯାଗା । ପାଟିକୁ ସୁଆଦିଆ କରିବାକୁ ହେଲେ ବେଂଟ ଖାଲ ଉପରେ ଝୁଲାକୁ ନଇଁ ପଡିଥିବା ଗଛ ଡାଳରେ ଏଣ୍ଡୁଅ ପରି ପେଟେଇ ଡୁନି ବସିଲେ କିଛି ନା କିଛି ମିଳିଯିବ । ପାଣି ପିଇବାକୁ ଗଡିବେ ଜଂଗଲୀ ଜୀବ । ଏପଟେ ସେପଟେ ଦେଖି ଛକି ଛକି ଗଡିବେ ପଶୁ । ପାଣିରେ ଥୋମଣା ଦେଉ ଦେଉ ଗଛରେ ପେଟେଇଥିବା ବଣୁଆ କନ୍ଧ ବିନ୍ଧିଦେବ ଶର । ସିଧା କାନ ମୂଳେ ଗଳିଯିବ । ଛଟପଟ ହୋଇ ଧାଇଁଲାବେଳକୁ ଆଉ ଉଠି ପାରିବନି ଉପରକୁ । ଗଛରୁ ଖପ କରି ଝୁଲା ପାଣିକୁ ଡେଇଁ ଅଧା ଜିଇଁଥିବା ପଶୁକୁ କାବୁ କରିବ ଡଂଗରିଆ । ସେଇଠୁ ହୁଇସିଲ ମାରିଲେ କୁଆଡୁ କିଏ ଥିବ ପଳେଇ ଆସିବେ ସବୁ । ବୋହିକୁ ଗାଁକୁ ଆଣିଲେ ସେଦିନ ଗାଁରେ ଭୋଜି । ମିଳିମିଶି ଖାଇବା କଥା । ଯିଏ ମାରିବ ସିଏ ଏକା ଖାଇବ ନାହିଁ । ସମସ୍ତଙ୍କର ଏଥିରେ ଭାଗ । କେବେକେବେ ଛାଲ ଛେଲେଇ କଟାକଟି କଲା ପରେ ଶିଆଳି ପତରରେ ଘର ଅନୁଯାୟୀ ବଂଟା ପଡିବ । ବଂଟା ନେଇ ଘରେ ରାନ୍ଧି ଖାଇବେ । ନହେଲେ ଗାଁ ମୁଣ୍ଡରେ କୁଟୁମ୍ବ ଘରୁ ବଡ ହାଣ୍ଡି ତସଲା ଆଣି ରୋଷେଇ ହେବ । ଜାନୀ ଦିଶାରୀ ଚାଉଳ ମାଣ୍ଡିଆ ଦେବେ । ସମସ୍ତେ ମିଶିବେ । ରନ୍ଧାବଢା ହେବ । ନାଚ ଗୀତ ହେବ । ଲନ୍ଦା ପିଆ ସହ ମାଉଁସ ଖିଆ ହେବ ।

ନିଜ ଲୋକଙ୍କୁ ଯେମିତି, ପର ଲୋକଙ୍କ ପାଇଁ ବି ସେମିତି ଡଂଗରିଆ । ଗାଁକୁ କିଏ ଆସିଲେ ସେ ଗାଁର ଅତିଥି । ସମସ୍ତେ ତାର ସେବାରେ ଲାଗିଯିବେ । ପର୍ବପର୍ବାଣିରେ ଗାଁକୁ ଗଲେ ପ୍ରଥମେ ବାହାର ଲୋକଙ୍କୁ ଖଟରେ ବସେଇବେ । ଚାରି ଖୁରାକୁ କାନ୍ଧେଇ ଗାଁଟା ସାରା ବୁଲେଇବେ । ତା ପରେ ଅତିଥିର ଖାଇବା ପିଇବାରେ ଲାଗିବେ । ଅନ୍ୟ ଗାଁର ନିଜ ଆଦିବାସୀ ଲୋକ ହୋଇଥିଲେ ପଂଚାତି ଲାଗି ଥୁଆ ହୋଇଥିବା ତାଗୁ ପଥର (ନିଶାପ ହେଉଥିବା ସ୍ଥାନ)ରେ ବସେଇ ମଦ ଧୁଂଗିଆ ଦେଇ ଆପ୍ୟାୟିତ କରିବେ । ଗାଁରେ ପର୍ବପର୍ବାଣୀ ହେଲେ ସବୁ ଖୋଲାମେଲା । ଯିଏ ଯା ଘରକୁ ଯାଇ ଖାଇବାରେ ବାଧା ନାହିଁ । ମଲା ଘର କି ବିଭା ଭୋଜିରେ ବି ସେମିତି । ଚୁଲି ଲାଗିଥିବ । ରୋଷେଇ ଚାଲିଥିବ । ଡକା ହକା କିଛି ନାହିଁ । ନିମନ୍ତ୍ରଣ ପତ୍ର କି ଗୁଆ ବେଭାର ନାହିଁ । ଗାଁ ଗହଳି ଭୋଜି ଡାକରା ଭଳି ଘରକୁ ଘର ବୁଲି ବାରମ୍ବାର ଖାଇବାକୁ ଡାକିବାର ଲୋଡା ନାହିଁ । ସେମିତି ଗେଟ ନିକଟରେ ଠିଆ ହୋଇ ବିନା ନିମନ୍ତ୍ରଣରେ ଆସିଥିବା ଲୋକଙ୍କୁ ଗୋଡେ ଗୋଡେ ଜଗି ବିଦା କରିବାର ପ୍ରଥା ବି ନାହିଁ । ଯିଏ ଯେତେବେଳେ ଆସିଲା ସିଏ ସେତେବେଳେ ଖାଇଲା । ସକାଳରୁ ରାତି ପୁଣି ରାତିରୁ ସକାଳ ଚାଲିଥିବ ଭୋଜି । ନାଚଗୀତ । କୁଣିଆ ମଇତ୍ର, ଆଖପାଖ ଗାଁର ଲୋକ ଆସି ଖାଇବେ । ଲନ୍ଦା ପିଇବେ । ଡଂଗରିଆଙ୍କ ଭୋଜି କହିଲେ ପ୍ରଥମେ ମାଂସ ଜରୁରୀ । ଆଗରେ ଛେଳି ହଣା ହୋଇ ଭୋଜି ହେବ । ଧାଂଗାଡା ଅଂଟାରେ ବଳ ଥିଲେ ଯାଇ ବିଭା ହେବାକୁ ପ୍ରସ୍ତୁତ ହେବ । ଝୋଲାରେ ଛେଳି, କୁକୁଡା, ମଦ, ଲୁଗା ପଟା, ଲେବୁ ଦେଇ ଧାଂଗିଡି ଆଣିବ । ଭୋଜିଭାତ କଥା ବୁଝିବ । ଏତିକି ପାଇଁ ଲେବୁ ଯୋଗାଡ କରି କନ୍ଧ ପୁଅ ବିଭାଘର ପାଇଁ ସମ୍ମତି ହୁଏ । ଆଦିବାସୀମାନେ ସଦାକାଳେ ବଦାନ୍ୟତାରେ ଆଗରେ । ଉଦାରପଣରେ ପୋତିଦିଏ ଅନ୍ୟକୁ । କିଛି ଦେଇ ଅଶା କରେନି । ବାଡର ଫସଲ ସାଉକାରଠାରୁ ଅଫିସର ଯାଏଁ ସମସ୍ତଙ୍କୁ ଦେଉଥିଲା । ତାରି ଭିତରେ କିଏ କେବେ ଗାଁକୁ ଖେଟିଲେ ଖାଲି ହାତରେ ଛାଡେନି କେବେ । ବଳେଇ ବଳେଇ ଧରେଇ ଦିଏ ବାଡିର ଶିମ୍ବ ହେଉକି ମଥାନର ଲାଉ । ଡଂଗରର କାନ୍ଦୁଲ କି ବାଡର ସୋରିଷ, ରାଶି, କାଂଗୁ, ଜହ୍ନା, ମାଣ୍ଡିଆ, ସୁଆଁ , ଅଳସି, ମକା ଏମିତି ଅନେକ ଅନେକ । ଆମ ଭିତରେ ଅତିଶୟ ସ୍ୱାର୍ଥ, କାର୍ପଣ୍ୟତା, ପରଶ୍ରୀକାତରତା, ଭେଦଭାବ ଖୁନ୍ଦାଖୁନ୍ଦି ହୋଇ ଭରି ରହିଛି । ସେଥିପାଇଁ ଆମ ଭିତରେ ଭିନ୍ନତା । ମଣିଷ ମଣିଷ ଭିତରେ ଇର୍ଷା ଓ ଦ୍ୱେଷ ।  ଲମ୍ବୁର କଥା ଲମ୍ବିଥିଲା । ସଜଳ ହେଉଥିଲା ତାର ସ୍ମୃତି । ଚଳଚଂଚଳ ହେଉଥିଲା ତା ଭିତରର ଶୀରାପ୍ରଶିରା । ଆଖି ଭିତରେ ସତେଜତା ବାରି ହୋଇପଡୁଥିଲା । ହେଲେ ରାତିରେ ଝିଙ୍କାରୀ କିଣିକିଣା କଲାବେଳକୁ ସେଠି ହିଁ ସେ ଶୋଇପଡିଲା । ସେତେବଳେକୁ ଗାଁ ଚିମରା ପଡି ଯାଇଥିଲା । କଅଁଳା କୁକୁର ଛୁଆ ସବୁ ବିକଳ ସ୍ୱରରେ ଭୁକୁଥିଲେ । ଆସନ୍ତା କାଲିର ସକାଳକୁ ଅପେକ୍ଷା କରି ଶୋଇଗଲି ସ୍କୁଲ ଘରେ । ପ୍ରବଳ ଥଣ୍ଡା ବାରମ୍ବାର ନିଦକୁ ଭାଙ୍ଗି ଦେଉଥିଲା ।






manful
Foods
ଛତୁଆ
manful
Foods
Mix
Chhatua
For Trade Enquiries :- 7325916233

ହଠାତ ନିଦ ଭାଙ୍ଗିଲା ବେଳକୁ ଗାଁରେ କଥାବାର୍ତ୍ତା ଶୁଭୁଥିଲା । ବୋଧେ ଗାଁ ଲୋକ ଉଠିଗଲେ । ମୋବାଇଲ୍‌କୁ ଅନ୍ କରି ଦେଖିଲି ରାତି ୩.୧୦ ହୋଇଛି । ଡଂଗରିଆ ଗାଁରେ ସତରେ ବେଗି ରାତି ହୁଏ ବେଗି ସକାଳ ଆସେ । ବାହାରକୁ ଆସି ଦେଖିଲି ପାହାଡ ସାରା ଏଠିସେଠି ଆଲୁଅ । ଯେମିତି କଣ ଖୋଜା ହେଉଛି । ନିଆଁର ଧାସ ନଥିଲା । ଲାମ୍ଫୁ ମଧ୍ୟ ନଥିଲା । କିଛି ଘଟିଥିବା ଆଶଙ୍କାରେ ଫେରିଲି ସ୍କୁଲ ଘରକୁ । ସହଯୋଗୀ ଶୋଇଥିଲେ ନିଘୋଡ ନିଦରେ । ନିଦ ପୁଣି ଘୋଟି ଆସିଲା । ଶୋଇଗଲି ଆରାମରେ ।

ସକାଳ ଉଠିଲା ବେଳକୁ ଚାରିଆଡେ ସଫା ଆଲୁଅ । ଗଛଲତା ପଣତ ପାରି ଦେଇଥିଲେ ଆଲୁଅ ଧରିବାକୁ । ଡଂଗରିଆ ରାତିତମାମ ଡେଇଁ ଡେଇଁ ହାଲିଆ ମାରିବାରୁ ତାଙ୍କୁ ଉଠେଇବା ଲାଗି ଟିକେ ଉଛରରେ ଦାଆ ଫାଳିଆ ଡଂଗର ଭିତରୁ ଡେଇଁ ଆସିଲା ସୂର୍ଯ୍ୟ ଦେବତା କେତେବେଳୁ । ଆଲୁଅ ଉତୁରି ପଡୁଥିଲା ଖାଲରୁ । ଆଉ ଢେଉକା ଢେଉକା ହୋଇ ବୋହୁଛି ଢେପ ଆଡକୁ । ଖରା ଛାଇର ଖେଳ ଭିତରେ ଜଂଗଲ ତେଟୁ ହୋଇ ଦିଶୁଥିଲା । ରାତିରେ ରାଉ ରାଉ ହେଉଥିବା ବଣଜଂଗଲର ପଶୁପକ୍ଷୀ ସବୁ ନିସ୍ତବ୍ଧ ହୋଇ ପଡିଥିଲେ । ତଥାପି ଚିଁ ଚାଁ ଲାଗି ରହିଥିଲା । ସଜବାଜ ହେଉଥିଲେ ପଦାକୁ ଯିବାକୁ । ଫେଁ ହୋଇ ପଡିଛି ଡଂଗର । ସବୁ ବଳ ଲଗାଇ ଯାହା ଦେଇଥିଲା ତାକୁ ନେଇ ଆଣିଛି ଡଂଗରିଆ । ଏବେ ହାଲିଆ ହୋଇ ଡଂଗର ଆଉ ଡଂଗର । ତଳର ପାହାଡ ପେଟେଇ ହୋଇ ଶୋଇ ରହିଛି । ମଲା ପାହାଡର ଶୁଖିଲା ଗଛର କେନା ସବୁ ଆକାଶକୁ କ୍ଷେପି ଯାଉଛନ୍ତି । କୋଉଠି କୋଉଠି ରଂଗ ପଚା ହୋଇ ଗଛରେ ପତ୍ର କଅଁଳୁଛି । ଶିରିଶିରି ପବନ ମେଲାଣି ଦେଉଛି । ଖରା ଧାସ ବଢି ବଢି ଯାଉଛି । ଝୋଲା ଝରଣା ଶୁଖି ଶୁଖି ଆସୁଛି । ତମ୍ବା ରଂଗ ଦିଶୁଛି ଡଂଗର । ପାଉଁଶିଆ ଦିଶୁଛି ପରିବେଶ । ବସନ୍ତ ଆସୁଛି ଧରାକୁ । ମାଟି ତଳେ ବାକିଥିବା ହଳଦୀ ସାଉଁଟିବାକୁ ଡଂଗରିଆ ରମଣୀ ଗୁଲି ଧରି ଯେ ଝା ଡଂଗରକୁ ଯାଉଛନ୍ତି । କିଏ କିଏ ହାଣ୍ଡିକୁଣ୍ଡି ଧରି ଝୁଲାକୁ ଯାଉଛନ୍ତି ମଜାମଜି ପାଇଁ । ଗାଁ ଉପରକୁ ଉଠିଲି । ହାତରେ କ୍ୟାମେରା । ଥରେ ଲୋକେ ଗାଁ ଛାଡିଦେଲେ ଆଉ ଧରା ମିଳିବା କଷ୍ଟ । କେତେ କେତେ କଥା ବୁଝିବାକୁ ବାକି ଅଛି । ଗାଁରେ କିଲରୁବିଲୁରୁ ହେଉଥିଲେ ଲୋକ । କୁକୁଡା ସବୁ ଇଠି ସେଠି ବୁଲି ଖୁଂଟି ଖାଉଥିଲେ । ଝୋଲା ତଡକୁ ଘୁଷୁରୀ ମୁହଁ ମାରି ଖାଇବା ଖୋଜୁଥିଲା । କେତେ ଘରର କାନ୍ଥରେ ପାରଂପରିକ ଡଂଗରିଆ ଚିତ୍ର । ବେଜୁଣୀକୁ ଡାକି ପଚାରିଲି । କହିଲା – ଘଂଟ ପର୍ବବେଳେ ଘର ଆଗରେ ଏମିତି ଚିତା କୁଟାହୁଏ । ଉପରକୁ ଉଠୁ ଉଠୁ ଦିଶିଲା ମୁଖିଆ ରାଣ୍ଡୁ ନିଶିକା । ଭୋର୍ ବେଳର କଥା ପଚାରିଲି । ହସିଦେଲା ସିଏ । କହିଲା– ‘ଆମର ବାଟେ ଇନ୍ତିକା ଆଜ୍ଞା ! ତିନିଟା ରାତିରୁ ଉଠିବୁ । ଆଉ କାମଧାମରେ ଲାଗିବୁ । ସକାଳ ପାହିଲା ବେଳକୁ ଡଂଗରରେ ଥିବୁ । ଆଜି ଆମର କାନ୍ଦୁଲ ନୂଆଖିଆ ଲାଗି ମିଟିଂ ଥିଲା ଆଜ୍ଞା !’

ଡଂଗରିଆ ଚାରୋଟି ନୂଆଖିଆ ପାଳେ । ଚଇତ ମାସରେ ବିରି, ମୁଗ, କାନ୍ଦୁଲ, ମହୁଲ, ଆମ୍ବ ଆଦି ନୂଆ ଖାଇବ । ଆଷାଢ ମାସରେ ଆମ୍ବ ଟାକୁଆ ଖିଆ । ଭାଦ୍ରବରେ ସୁଆଁ ନୂଆ ଖିଆ । ଆଶ୍ୱିନ ମାସରେ ଧାନ ନୂଆ ଖିଆ । ଚାଷବାସ ସାରି କାନ୍ଦୁଲ, ବାଇଲ ଘରକୁ ନେଇ ଆସେ ଡଂଗରିଆ । ଶୁଖିଲା ପୃଥିବୀକୁ ଦେଖି ତାର ମନ ଖୁସି । ଡଂଗର ଜମି ସବୁ ଶୁଖିଲା ପଡିଲେ ଡଂଗରିଆ ଘରକୁ ପାଚି ଆସେ । ଆଉ ସେ ଘରେ ହାତ ବାନ୍ଧି ବସେ । ପର୍ବ ପାଳେ । ହସ ଗମାତ ହୁଏ । ପାଚିକୁ ଦେଖି ବଡ ବଡ ପର୍ବ ପାଳେ ସବୁ ଆଦିବାସୀ । ଭଲ ପାଚି ହେଲେ ମେରିଆ କରେ । ଘଂଟ ପର୍ବ ଆଣେ । ଲାହି ପୂଜା କରେ । ଭଲ ପାଚି ନ ଆସିଲେ ମୋଡିମାଡି ହୋଇ କିନ୍ଦିରି ହୋଇ ରହେ । କନ୍ଧ ରାଇଜରେ ଏମିତି ଅଲିଖିତ ନିୟମ । ତୁଣ୍ଡ ଖୋଲିଲେ ମୁଣ୍ଡ ବନ୍ଧା । ପଂଚାତିରେ ଥରେ କଥା ଛିଡିଲା ମାନେ ସେଇ କଥାକୁ ମାନିବେ । ବାଧ୍ୟ ଅବାଧ୍ୟର ପ୍ରଶ୍ନ ଉଠେନି । ପଂଚାତି କନ୍ଧ ରାଇଜର କୋର୍ଟ । କେବେ ବଣ ମରାହେବ, ନୂଆ ଘର କେବେ ତିଆରି ହେବ, କିଏ କାହାକୁ ଗାଳି ଦେଲା, କୋଉ ଗାଁର ଲୋକକୁ ବାଟ ମନା ଏମିତି କେତେ କେତେ କଥା ବିଚାର ହୁଏ । ଖାଲି ସେତିକି ନୁହେଁ କିଏ କାହା ସହ ଉଦୁଲିଆ ପଳେଇଲା, କିଏ କାହାକୁ ଝିଙ୍କି ଆଣିଲା, କାହାର ମାଇକିନା ଉପରେ ଆଉ କିଏ ଆଖି ପକେଇଲା, କାହାର ଗୋରୁ କିଏ ଖାଇଦେଲା ଏସବୁ ବି ଆଲୋଚନା ହୁଏ । ମୁଖିଆ, ଦିଶାରୀ, ଜାନୀ, ବିଶିମାଝୀ, ମଣ୍ଡଳ, ପୂଜାରୀ ବସି ନିଷ୍ପତି ତୁଟେଇବେ । ଦୂରରେ ବାରିକ ଠିଆ ହୋଇଥିବ । ସେ ଖବର ଖେଟେଇବ ଗାଁକୁ ଗାଁ, ଘରକୁ ଘର ।

ସକାଳ ହେଲା ବେଳକୁ ଗାଁ ଶୂନ୍‌ଶାନ୍ । ଖାଲି ଗାଁରେ ବୁଢାବୁଢି ଓ ପିଲାଛୁଆ । କାମ ନଥିଲେ ଦ୍ୱିପହର ବେଳକୁ ଫେରେ ଡଂଗରିଆ ପରିବାର । କାମ ଥିଲେ ଟିକେ ଡେରି ହୁଏ । ଦ୍ୱିପହର ପରେ ସମସ୍ତେ ଗାଁକୁ ଫେରିଲେ । ଆସିଲାବେଳେ ଝୋଲା ଝରଣାରେ ଗାଧୋଇଲେ । ମଧାହ୍ନ ଭୋଜନ ପରେ ଘରର ବାଡି ପଟ ଡଂଗରିଆ ରମଣୀ ଲେଉଟା ଖରାକୁ ପିଠି କରି ଅଳସ ଭାଂଗେ । ତା ସହିତ ଟୁଣୁକାଟୁଣିକି କାମରେ ଲାଗିଯାଏ । ମାଟି କାନ୍ଥ ଲେସେ । ଘର ଲିପେ । ସଂଗ୍ରହ କରିଥିବା ଜିନିଷ ଶୁଖାଶୁଖି କରେ । ନହେଲେ କାପଡା ଗନ୍ଦା (ଡଂଗରିଆଙ୍କ ସ୍ୱତନ୍ତ୍ର ଚଦର) ବୁଣେ । ଚାଷବାସ ନଥିଲେ ବି ଡଂଗରିଆର ରୋଜଗାର ପଡିଆ ପଡେନି । ଶାଳ ପତ୍ର ଆଣେ । ତାକୁ ସଜାଡେ । ପାଂଚଟା ପତ୍ରକୁ ବିଡା କରି ବାନ୍ଧେ । ହାଟ କି ବଜାରରେ ଏଇ ପତରର ଦର ଭଲ ।

ଜଣକୁ ପଚାରିଲି – ‘ଏଠି ଏମିତି ଏତେ ଭିତରକୁ ରହୁଛ । ବଂଚୁଛ କେମିତି ?’ ଲାଚି ନିଶିକାର ଉତ୍ତର ଖୁବ ପ୍ରାସଂଗିକ ଥିଲା ।

‘ନିୟମରଜା ଆମ ଦେବତା । ଏ ପାହାଡ ତାର ଦାନ । ଇଠି ମଂଜି ପକେଇଲେ ଗଛ ହୋଇଯାଏ । ବେଶୀ ଖଟିବାକୁ ଲୁଡାନି ଆଜ୍ଞା ! ଟିକେ ଯାଗାରେ ହଳଦୀ । ଆଉ ଟିକେ ଯାଗାରେ ଅଦା । କୋଉଠି ଟିକେ ସପୁରୀ । ଟିକେ ଟିକେ ଯାଗାରେ କାନ୍ଦୁଲ, ସୁଆଁ, ମାଣ୍ଡିଆ, କାଂଗୁ, ମକା କଲେ ବଂଚିବାକୁ ଅସୁବିଧା ନାହିଁ । ଏସବୁ ଛାଡି ମଧ୍ୟ ପଣସ, ତେନ୍ତୁଳି, ଝାଡୁ, ପାଳଗୁଣ୍ଡି, ପତର ବିକିଲେ ବି ହାତକୁ ଟଙ୍କା ମିଳେ । ଏ ଡଂଗର ଆମର ମାହାପ୍ରୁ । କିଛି ନ ମିଳିଲେ ମାଟି ତଳର କନ୍ଦା ଆଉ ଝୁଲାର କାକର ପାଣି ଥିଲେ କିଛି ବାଧା ନାହିଁ ।’

ସଂଜ ନଇଁବା ପୂର୍ବରୁ ଗାଁ ଛାଡିବାକୁ ପଡିଲା । ବଣ୍ଡଲି ଘାଟିର ଅନୁଭବ ଅପାଶୋରା । ନିୟମରଜାକୁ ନେଇ କେତେ କେତେ କାହାଣୀ । ସ୍ମୃତି ସବୁ କ୍ୟାମେରାରେ ଧରା ହେଲା । ପ୍ରକୃତି ତଥାପି ବାଟ ଓଗାଳୁଥିଲା । ସରଳ ଜୀବନକୁ ନିରେଖି ଦେଖିବାର ଅବସର ‘ରେବତୀ’ ପକ୍ଷରୁ ଶ୍ରୀ କୃଷ୍ଣ କୁମାର ମହାନ୍ତି ମୋତେ ଦେଲେ । ‘ରେବତୀ’ ପାଇଁ ଦିନଟିଏ ଡଂଗରିଆ ଅଂଚଳର ସବୁଠାରୁ ଅପହଂଚ ଇଲାକାରେ ବିତେଇ ପାରି ଖୁସି ଅନୁଭବ କଲି ।

ସରକାର ମାସକୁ ୩୫ କେଜି ଟଙ୍କିକିଆ ଚାଉଳ ପରିବାର ପିଛା ଦେଉଛନ୍ତି ସବୁ ଡଂଗରିଆଙ୍କୁ । ବଣ ଡଂଗରରୁ ମିଳୁଥିବା ଜିନିଷ ବିକି ହାତକୁ ପଇସା ଆସୁଛି । ସେଥିରେ ଡଂଗରିଆ ଘରର ସ୍ତ୍ରୀଲୋକଙ୍କ ପାଇଁ ପ୍ରତିବର୍ଷ ଶୁଭ ବେଳା ଦେଖି କିଛି କିଛି ସୁନା କିଣେ । ଧାଂଡାର ବିଭା ପାଇଁ ଝୋଲା ଟଙ୍କା ପାଇଁ ଖର୍ଚ୍ଚ କରେ । ପର୍ବପର୍ବାଣିରେ ଛେଳି, କୁକୁଡା, ଲୁଗାପଟା, ମଦରେ ଖର୍ଚ୍ଚ କରେ । ସରକାର ବିଭିନ୍ନ ଯୋଜନା ବାବଦକୁ ଚାରା, ମଂଜି, ରାସାୟନିକ ସାର ସମେତ ସହାୟକ ଅର୍ଥ ରାଶି ଦେଉଛି । ଏସବୁ ଖର୍ଚ୍ଚ କରି ଡଂଗରିଆ ନିଜ ଗାଁ ଭିତରେ ଜୀବନକୁ ବେଶ ଭଲ ଭାବେ ଜିଇଁବା ଶିଖିଛି । ବିକାଶର ରାସ୍ତା ସେଠିକୁ ପହଂଚିନି । ପିଲାଙ୍କ ପାଠ ପଢା ନାହିଁ । ଆଲୁଅ ଆସିନି ଗାଁକୁ । ଗାଁ ଲୋକେ ସଚେତନ ହୋଇ ନାହାଁନ୍ତି । ସ୍ୱାସ୍ଥ୍ୟ ଓ ପରିମଳ ଦିଗରେ ବହୁ ପଛରେ ରହି ଯାଇଛନ୍ତି ଏଠିକା ମଣିଷ । କିନ୍ତୁ ବିକାଶର ପଛେ ପଛେ ଆସୁଥିବା ଉଡା ସଂସ୍କୃତି ଠାରୁ ଦୂରରେ ଥିବା ଡଂଗରିଆଙ୍କ ଚିରନ୍ତନ ବିରଳ ପରଂପରା ଓ ସରଳପଣ ଆଗକୁ ହୁଏତ ହଜିଯିବ ! ଏବେବି ଏଠି ପ୍ରକୃତି କୋଳରେ ଛଳଛଳ ହୋଇ ବଂଚିଛି ମଣିଷ । ଆଉ ନିର୍ଭୟରେ ଗାଇ ପାରୁଛି ଜୀବନର ଗୀତ ।

# କାଠର କିମିଆଁ



# କାଷ୍ଠ ବାଉଁଶରୁ ଅଷ୍ଟରତ୍ନ ସନ୍ଧାନ :

## କବିଶିଳ୍ପୀ ରାମଚନ୍ଦ୍ର ଦାଶଙ୍କ ନିଖୁଣ ପ୍ରତିବେଦନ


**ବିଶ୍ୱରଞ୍ଜନ ଦାସ**

ବିଭାଗ ମୁଖ୍ୟ ଅଧ୍ୟାପକ, ଓଡ଼ିଆ ବିଭାଗ
ବିଏନ୍ଏମ୍ଏ କଲେଜ, ପାଳିଆବିନ୍ଧା, ଭଦ୍ରକ
ଫୋନ: ୬୩୭୧୪୩୦୫୬୩


ଫଟୋ ସୌଜନ୍ୟ : ଲେଖକ



ଚିତ୍ର ବା ଶିଳ୍ପକଳାରେ ବସ୍ତୁର ଦୃଶ୍ୟମାନତା ଅପେକ୍ଷା ମନସ୍ତାତ୍ତ୍ୱିକ ଚିତ୍ରକଳ୍ପର ପରିବେଷଣ ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଶିଳ୍ପୀର ଶିଳ୍ପ ଭାସ୍କର୍ଯ୍ୟ ଯଦି ଭାବପ୍ରବୋଧକ ନହେଲା, ତେବେ ତାହା ସ୍ୱତନ୍ତ୍ର ବିବେଚିତ ହୋଇପାରିବ ନାହିଁ । ବାସ୍ତବତା ଓ ପ୍ରକୃତି ମଧ୍ୟରେ ସମ୍ପର୍କ ସ୍ଥାପନ ହିଁ କଳାର ଅଭିମୁଖ୍ୟ । ଯଦିଓ ପ୍ରତୀକଧର୍ମୀ ଶିଳ୍ପ ସାଧାରଣ ଦୃଷ୍ଟିରେ ଦୁର୍ବୋଧ ଓ ଜଟିଳ ମନେହୁଅନ୍ତି, କିନ୍ତୁ ଜୀବନ, ପ୍ରକୃତି ଓ ବାସ୍ତବତା ଏଠାରେ ଅଙ୍ଗାଙ୍ଗୀ ଭାବେ ସମ୍ପୃକ୍ତ । କାରଣ ପ୍ରକୃତି ମଧ୍ୟରେ ଯାହା ଦେଖାଯାଇନଥାଏ, ତାହା କଳା ମାଧ୍ୟମରେ ହିଁ ପ୍ରକାଶ ପାଇଥାଏ । ଶିଳ୍ପୀର ଜୀବନଧାରା ଓ ଦାର୍ଶନିକ ଦୃଷ୍ଟିଭଂଗୀକୁ ନେଇ ଅନୁପମ ଚିତ୍ରକଳାର ଆତ୍ମପ୍ରକାଶ ଘଟିଛି ଆମ ସମୟର ଜଣେ କବି ଓ ଶିଳ୍ପୀ ରାମଚନ୍ଦ୍ର ଦାଶଙ୍କ ଶିଳ୍ପକଳାରେ । କାଷ୍ଠରେ ଅନୁପମ ଭାସ୍କର୍ଯ୍ୟ ସଂରଚନ କରିବାରେ ସେ ଜଣେ ଅନୁପମ ବିନ୍ଧାଣୀ । ବସ୍ତୁ ଓ ପ୍ରକୃତି ଜଗତରେ ସେ କ'ଣ ଦେଖୁଛନ୍ତି ଓ ଜୀବନକୁ ନେଇ କିପ୍ରକାର ନିଆରା ଅନୁଭବ ଅଛି, ତାଙ୍କ ନିହାଣ ମୁନରେ ନିର୍ମିତ ଶିଳ୍ପ-ଭାସ୍କର୍ଯ୍ୟଗୁଡ଼ିକୁ ପ୍ରତ୍ୟକ୍ଷ ନକଲେ ଆଦୌ ବୁଝି ହେବନାହିଁ ।

ଶିଳ୍ପଚେତନା ସୃଜନକଳାର ଏକ ପ୍ରମୁଖ ଅଂଗ । କବି କି କଥାକାର ଅବା ଶିଳ୍ପୀ ସମସ୍ତେ ନିଜ ନିଜ ଭାବଧାରାକୁ ନେଇ ନିର୍ମାଣ କରନ୍ତି ସ୍ୱକୀୟ କଳାର କାରିଗରୀ । କଳା ସହିତ ସାହିତ୍ୟ ଯେ ଅଙ୍ଗାଙ୍ଗୀ ଜଡ଼ିତ, ଏହା ରାମଚନ୍ଦ୍ରଙ୍କ ଶିଳ୍ପକଳା ହିଁ ପ୍ରତିପାଦନ କରେ । ସମାଜ ଜୀବନର ଯେଉଁଯେଉଁ ଘଟଣାବଳୀ ଓ ଚରିତ୍ରମାନଙ୍କୁ ସେ ପ୍ରତ୍ୟକ୍ଷ କରନ୍ତି, ସେସବୁକୁ ସେ ଅତି ସତର୍କତାର ସହ ନିଜ ଶିଳ୍ପକଳାରେ ପରିବେଷଣ କରିବାରେ ପ୍ରଯତ୍ନ ହୁଅନ୍ତି । ଏ ସମ୍ପର୍କରେ ସେ କୁହନ୍ତି- "ସାହିତ୍ୟର ପ୍ରତିଟି ସୃଷ୍ଟି ନିମନ୍ତେ ଲେଖକଟିଏ ସର୍ବଦା ଭିନ୍ନ ଏକ ରାଜ୍ୟରେ ବିଚରଣ କରେ । ସବୁକିଛି ସେ ଭିନ୍ନଦୃଷ୍ଟିରେ ଦେଖେ । ଏହି ଦେଖିବାଟା କେବଳ ବ୍ୟକ୍ତିର ମାନସିକ ଅନ୍ତର୍ଦୃଷ୍ଟି ନିର୍ଭର । ମଣିଷର ଚିନ୍ତା ଓ ଚେତନାକୁ ଚହଲେଇଦିଏ ମାନସିକ ସ୍ଥିତି । ଏ ଜଗତରେ ଦୀର୍ଘ ସମୟ ବିଚରଣ କରିବା ସମ୍ଭବ ନୁହେଁ । ମାଙ୍କଡ଼ର ତୈଳାକ୍ତ ଖମ୍ବ ଆରୋହଣ ଓ କ୍ଷଣିକ ଅସାବଧାନତା ତତ୍କ୍ଷଣାତ ନିମ୍ନଗାମୀ ହେବାର ନ୍ୟାୟ ଇଏ । ସେହିପରି ଲେଖକଟିଏ ସବୁବେଳେ ମାନସିକ ସ୍ଥିତିରେ ରହି ପାରେନାହିଁ । ତାକୁ କୋଉ ନା କୋଉ ମୁହୂର୍ତ୍ତରେ ପାର୍ଥିବ ଜଗତକୁ ଫେରିବାକୁ ହେବ ।"

କବି ଓ ଶିଳ୍ପୀ ରାମଚନ୍ଦ୍ର ଚିନ୍ତା କଲେ ଯେ ମାନସିକ ରୋମନ୍ଥନ ସହ କିଛି ଶାରିରୀକ ଶ୍ରମ ବିନିଯୋଗ ଦ୍ୱାରା ବୟସକୁ ସୁସ୍ଥ ତଥା ସମୟକୁ ସଦୁପଯୋଗ କରିବାର ଆବଶ୍ୟକତା ରହିଛି । ସେଥିପାଇଁ ସେ କାଠ ଖୋଦେଇର ଶ୍ରମକୁ କଳାରେ କଲେ ରୂପାନ୍ତରିତ । ଏହା ହିଁ ତାଙ୍କୁ କଳାଜଗତକୁ ପ୍ରବେଶ କରିବାର ଆଦ୍ୟ ପ୍ରେରଣା । ସେ ଏହାକୁ ଏକ ଉତ୍ସର୍ଗୀକୃତ ମନୋଭାବ ନେଇ ନିଜର ଶ୍ରମସାଧନା ଅଜାଡ଼ିଦେଲେ ।

ପ୍ରାୟତଃ ଉଚ୍ଚକୋଟିର ସାଧକମାନେ ଆଧ୍ୟାତ୍ମ୍ୟବାଦୀ ହୋଇଥାନ୍ତି । ସୃଷ୍ଟିର ରହସ୍ୟକୁ ନେଇ ମନରେ ନାନା ଚିନ୍ତା ଓ ଭାବ ଉଦ୍ରେକ ହୁଏ ଓ ଏହା କବି ବା ଶିଳ୍ପୀକୁ ଦାର୍ଶନିକ ଅବବୋଧ ଭିତରୁ ଟାଣିନିଏ । ଏଥିପାଇଁ ରାମଚନ୍ଦ୍ରଙ୍କ ସୃଜନୀରେ ଦାର୍ଶନିକତା ଥିବାର ଲକ୍ଷ୍ୟ କରିହୁଏ । ତାଙ୍କର କଳାକୃତି ଓ ଶିଳ୍ପଭାସ୍କର୍ଯ୍ୟରେ ନିବିଡ଼ ଦର୍ଶନ ଭରି ରହିଥାଏ । ନିମ୍ନରେ ତାଙ୍କର କେତେକ କଳାକୃତିର ଚିନ୍ତାଶୀଳ ଦିଗ ସମ୍ପର୍କରେ ଉପସ୍ଥାପନା କରାଗଲା ।

### ମୁଖା କଳାକୃତି

ଶ୍ରୀ ଦାଶଙ୍କ 'ମୁଖା କଳାକୃତି' କାଷ୍ଠ-ଖୋଦେଇ ଶିଳ୍ପକଳାର ଏକ ଅନନ୍ୟ କୃତି । ପ୍ରତ୍ୟେକଙ୍କ ମୁଖମଣ୍ଡଳରେ ଦୁଇଗୋଟି ସ୍ୱରୂପ ରହିଛି । ଗୋଟିଏ ମାନବୀୟ ଓ ଅନ୍ୟଟି ଜାନ୍ତବ । ପ୍ରବୃତ୍ତି ଆସକ୍ତ ମଣିଷ ଆସୁରିକ ପ୍ରବୃତ୍ତିରୁ କିୟଦଂଶ ଓ ଦେବତ୍ୱ ପ୍ରବୃତ୍ତିରୁ କିଛି ଅଂଶକୁ ଗ୍ରହଣ କରି ଏ ସମାଜରେ ଆତଯାତ ହୁଏ । ମଣିଷର ପ୍ରାତ୍ୟେହିକ ଜୀବନଧାରାରେ ଏହାର ପ୍ରଭାବ ଲକ୍ଷ୍ୟ କରିହୁଏ । ଶଂସିତ 'ମୁଖା କଳାକୃତି'ରେ ସେ ଏହାର ଯଥାର୍ଥ ରୂପାୟନ କରିବା ସହିତ ଏ ସମ୍ପର୍କରେ କବିତାର ଶବ୍ଦରେ ଲେଖନ୍ତି- "କିଛି ଦୃଶ୍ୟ ଅଛି / ପରଦା ଆଢୁଆଳେ / କିଛି କଥା ଅଛି / ହୃଦୟର ଗମ୍ଭୀରା ଭିତରେ / ଦିଶେନାହିଁ କି ଶୁଭେ ନାହିଁ / କଅଁଳ କଅଁଳ କଥାମାନଙ୍କର ବି / ଶାଣଦିଆ ଦାଢ଼ / ଚାରି ଆଙ୍ଗୁଳି ମାତ୍ର ଜିଭ / ଅନାୟାସେ ଶିକାର କରିପାରେ / ସାଢେ ତିନି ହାତ ମଣିଷ / କିଛି ଦେଖାଯାଏନା / କିଛି ଶୁଣା ଯାଏନା / କି କିଛି ବୁଝି ହୁଏନା / ଏ ସୁନ୍ଦର ମହାକାଳ ଫଳକୁ / ଏମିତି ଚିକ୍‌ଚିକ୍ ପଦାର୍ଥମାନ / ସୁନା ନୁହେଁ କାଳକାଳ ।"

କଳା ସହିତ କବିତାର ଏ ସଂଯୋଗ ବାସ୍ତବିକ୍ ଆମ କାବ୍ୟଜଗତରେ ଅନନ୍ୟ । ଏ ଦୃଷ୍ଟିରୁ ତାଙ୍କର ପ୍ରତିଟି କଳାକୃତି କିଛିକିଛି ଗହନ କଥା କହିଥାଏ ।




ଦେବଦୂତ ଆମ ମାଟିର ସ୍ୱର

## ପଳାତକ କଳାକୃତି


ଜୀବନରେ ଦୁଃଖ, ଯାତନା ଓ ଜଂଜାଳଗୁଡ଼ିକୁ ସହିନପାରି ଅନେକତ୍ର ମଣିଷ ପଳାୟନପନ୍ଥୀ ସାଜେ । ହେଲେ ସେ ଯିବ କୁଆଡ଼େ, ନିଜେ ବି ଜାଣିନଥାଏ । ଘୋର ମାନସିକ ସଂଘାତ ଓ ଦ୍ୱନ୍ଦ୍ୱ ଭିତରେ ସେ କାଳାତିପାତ କରୁଥାଏ । ପୁଣିଥରେ ଯେ ସେ ଏକ ଅର୍ଥପୂର୍ଣ୍ଣ ଜୀବନ ପରିଧିକୁ ପ୍ରତ୍ୟାବର୍ତ୍ତନ କରିବ, ସେକଥାକୁ ହୁଏତ ସେ ପରେ ଅନୁଭବ କରପାରେ । ମାତ୍ର ସେତେବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହିଲା ପରି ଅବସ୍ଥା ସୃଷ୍ଟି ହୋଇସାରିଥାଏ । ମଣିଷ ଭିତରେ କେବଳ ପ୍ରକୃତି ସତ୍ତା ନୁହେଁ, ପୁରୁଷ ଶକ୍ତି ବିଦ୍ୟମାନ । ପ୍ରକୃତିକୁ ପୁରୁଷତ୍ୱ ଆୟତ୍ତରେ ନଆଣି ପାରିଲେ ଜୀବସତ୍ତା ପଳାୟନପନ୍ଥୀ ସାଜିବ । ସେ କୁତ୍ରାପି ମୁକ୍ତିପଥର ଯାତ୍ରୀ ହୋଇପାରିବନାହିଁ । ଏହି ଭାବନାକୁ ନେଇ ଶିଳ୍ପୀ ରାମଚନ୍ଦ୍ରଙ୍କ 'ପଳାତକ କଳାକୃତି' ନିର୍ମିତ । କବିତାର ଶବ୍ଦରେ ସେ ନିଜେ ଏକଥାକୁ ବ୍ୟକ୍ତ କରନ୍ତି– "କେହି ନୁହନ୍ତି କାହାର ଏଠି / ସମସ୍ତଙ୍କୁ କରିବ ନିଜର / ଯେତେ ବି ଯାତନା ଆସୁ / ଚେତନାର ଊର୍ଦ୍ଧ୍ୱଦ୍ୱାରା ଖୋଲି / ସବୁ ସହିବାକୁ ହେବ / ପାଷାଣ ପରି ଏ ଦେହ / ପଳେଇ ଯିବାର ନାଁ / କେବେବି ଧରିବ ନାହିଁ / ଏ ଘୋର ବନସ୍ତରେ ।"

## ସବାର-ମଣିଷ କଳାକୃତି

'ସବାର ମଣିଷ' ସେହିପରି ଏକ ଏକ ଉତ୍କୃଷ୍ଟ କଳାକୃତି, ଯାହାକୁ ଶିଳ୍ପୀ ରୂପ ଦେଇଛନ୍ତି ନିଜ ଜୀବନଦର୍ଶନର ଚିତ୍ର ପ୍ରଦାନ ମାଧ୍ୟମରେ । ମାନବିକ ପ୍ରବୃତ୍ତିର ବିବିଧ ପ୍ରତିକ୍ରୟାକୁ ନେଇ ଏହି କଳାକୃତି ସଂଜାତ । କାଳକାଳ ଧରି ମଣିଷକୁ ଆସୁରିକ ପ୍ରବୃତ୍ତି କବଳିତ କରି ରଖନ୍ତି ଓ ସେମାନଙ୍କୁ ମୁକ୍ତି ପଥର ଯାତ୍ରୀ ହେବାର ପଥ ଓଗାଳନ୍ତି । 'ସବାର ମଣିଷ' ହେବାରୁ ତା'ର ଏକ ଅନୁପମ ଦୃଷ୍ଟାନ୍ତ । ଯାହା ସାଂପ୍ରତିକ କାଳର ଆଧୁନିକ ଜୀବନ ବିତାଉଥିବା ମଣିଷଙ୍କ ପାଇଁ ପ୍ରଜୁଯ୍ୟ । କବିତାର ଶବ୍ଦରେ ଶିଳ୍ପୀ କହନ୍ତି– "କେତେକେତେ ଗଲେଣି / ଆଉ କେତେକଙ୍କର ଲାଗିଛି ଯୁଦ୍ଧ / ପ୍ରବୃତ୍ତି ଓ ନିବୃତ୍ତିର / ଯୁଦ୍ଧରେ ହାରୁଥିବା / ଲୋକଟି କାଳକାଳ / ସବାର ହୋଇଥାଏ / ପ୍ରବୃତ୍ତି ପିଠିରେ ।"

## ପାଶାବଦ୍ଧ କଳାକୃତି

ପ୍ରବୃତ୍ତି, ପ୍ରକୃତି ଓ ରିପୁମାନଙ୍କ ଫାଶରେ ସଦାସର୍ବଦା ଆବଦ୍ଧ ଏ ଜୀବ । ପ୍ରତି ମୁହୂର୍ତ୍ତରେ ନୈରାଶ୍ୟରେ ମଣିଷ ଭାଙ୍ଗି ପଡୁଥିବା ବେଳେ ପୁଣି ତା' ଆଖିଆଗରେ ଉଜ୍ଜ୍ୱଳ ହୋଇଉଠେ ଆଶାର ଦେ ଦୀ ପ୍ୟ ମା ନ । । ମହାଶୂନ୍ୟତାରୁ ବି ମଣିଷ ଆଶାର ସ୍ୱପ୍ନ ଦେଖେ ଓ ବିଭୋର ହୁଏ । କବିତାର ଶବ୍ଦରେ ସେ କୁହନ୍ତି– "କୋଉ ଆଦିମ କାଳରୁ / ଅଦୃଶ୍ୟ ରଜ୍ଜୁରେ ବନ୍ଧା / ଏ ହାତଗୋଡ଼ / ବାନ୍ଧିଲା ଲୋକ ହିଁ ଜାଣେ / ଫିଟେଇବାର କୌଶଳ / ଥରେ ଶୁଣ / ନହେଲେ ପଚାରିବୁଝ ଏ ଜୀବଦ୍ଦଶାରେ ।"



## ପାଳଭୂତ କଳାକୃତି

ଶିଳ୍ପୀଙ୍କ 'ପାଳଭୂତ କଳାକୃତି' ଏକ ଗଭୀର ବିଶ୍ୱାସ ପ୍ରତୀକ । ମଣିଷକୁ ଦୈବର ବିଘଟନ ଯେତେ ବିଚିତ୍ର ଅବସ୍ଥାରେ ପହଞ୍ଚାଇଲେ ବି ସେ ପୁଣି ପାଳଭୂତ ପରି ଦାରୁମୁରାରୀ ହେଇ ଛିଡ଼ା ହୁଏ ସଂସାର ଓ ସମାଜ ଆଗରେ । କବିତାର ଶବ୍ଦରେ କୁହନ୍ତି ଶିଳ୍ପୀ– "ଖାଇବନି, ଖୋଇ ଦେବନି / କି ଉଜାଡ଼ି ଦେବନି / ଏଇ ଟିକେ ବିଶ୍ୱାସ ପାଇ ତ / ବଞ୍ଚି ରହିଛି ସତ / ସେଇଥିପାଇଁ ତ ଜଗିଛି / ତୁମ ଫସଲ କିଆରୀ / ଲଗେଇ ନଦେଇ / ନଜର କାହାରି ।"

## ଭୋକ କଳାକୃତି

ମଣିଷର ଭୋକ କେବଳ ପେଟର ଜ୍ୱାଳା ନୁହେଁ, ସମଗ୍ର ଶରୀରର ଓ ସାରା ଜୀବନର ଏହା ସର୍ବଶ୍ରେଷ୍ଠ ସମ୍ବଳ । ପ୍ରବୃତ୍ତି ଆସକ୍ତ ଭୋକମାନେ ଘେରି ରହିଛନ୍ତି ମଣିଷଙ୍କୁ କେଉଁ କାଳରୁ ସେମାନଙ୍କ କାମନାରେ । ଭୋକ ପାଇଁ ଏତେ ଆତୁରତା ପ୍ରକୃତରେ କାହିଁକି ଖଞ୍ଜି ଦେଇଛନ୍ତି ଈଶ୍ୱର ଜୀବନରେ । କବିତାର ଶବ୍ଦରେ ଏହିପରି– "ଅଛି କି କିଛି ଶକ୍ତି / ତୁମ ପାଖରେ ବଞ୍ଚିଯିବାକୁ / ପେଟ ଭୋକର ଦାଉରୁ / ଦେହ ଭୋକର ଲାଳସାରୁ / ପାର୍ଥିବ ଲୋଭର ମାୟାଘେରରୁ / ତେବେ, କାହିଁକି ଏତେ / କାଙ୍ଗାଳ ତୁମେ / କାହିଁକି ଏତେ ଭୋକ ।"

## ଲକ୍ଷ୍ୟସାଧକ କଳାକୃତି

ଦାନାପାଣି ସଂଗ୍ରହରେ ଶ୍ରମଜୀବି ମଣିଷଟିଏ କଷ୍ଟକର ଜୀବନଯାତ୍ରାରେ ସଦା ନିୟୋଜିତ ଥାଏ । ଅନେକ ବିଫଳତା ପରେ ମଣିଷ ଚଢ଼େ ସଫଳତାର ପାହାଚ । ଯଦି ମଣିଷର ଲକ୍ଷ୍ୟ ନିର୍ଦ୍ଦିଷ୍ଟ ଥାଏ, ତେବେ ସକଳ ପ୍ରତିକୂଳତା ଭିତରେ ବି ସେ ନିଜର ଲକ୍ଷ୍ୟ ସାଧନ କରେ । 'ଲକ୍ଷ୍ୟ ସାଧକ କଳାକୃତି'କୁ ନେଇ ଶିଳ୍ପୀଙ୍କ କବିତା ପଙ୍କ୍ତି– "ଇଚ୍ଛା ଏକ ବହୁଥିବା ନଈ / ଉଡ଼ନ୍ତା ପବନ / ଏମିତି ଶୂନ୍ୟତା ସିଏ / ହାତ ପାଏନାହିଁ / ଜୀବନ ତ ସ୍ୱଚ୍ଛ ଏକ ବ୍ୟବଧାନ / ଏଇ ଅଛି, ଏଇ ନାହିଁ / ତାର କାହିଁ ଛବି ଆଙ୍କିବାକୁ / ପାରିବ ତ ଯେତେ ପାର / ବାସ୍ତବ ଗୋଟାଇ ।"

## ପ୍ରେମ କଳାକୃତି

ପ୍ରକୃତି ସହ ପୁରୁଷର ମିଳନକୁ ବୈଷ୍ଣବୀୟ ଶାସ୍ତ୍ରରେ ପ୍ରେମର ମହନୀୟ ମର୍ଯ୍ୟାଦା ଦିଆ ଯାଇଛି । ଅପ୍ରାକୃତ ପ୍ରେମ ମୂର୍ତ୍ତିର ପ୍ରତୀକ ହେଉଛି ଯୁଗଳ ମୂର୍ତ୍ତି । ଯେଉଁଠି ଦେହଭୋଗ ଓ କାମର ବାସ୍ନା ସରେ, ସେଇଠି ପ୍ରେମ ଯଥାର୍ଥରେ ଆରମ୍ଭ ହୁଏ । ପ୍ରେମର ଏ ଶାଶ୍ୱତ ଅନୁଭବକୁ ନେଇ ଶିଳ୍ପୀ ଶ୍ରୀ ଦାଶଙ୍କ ଅନୁପମ କଳାକୃତି । ଯାହାକୁ ସେ କବିତାର ଶବ୍ଦରେ କୁହନ୍ତି– "ପ୍ରେମ ନୁହେଁ ସେ କାମ / ଦେହ ପାଇଁ ଖେଳଘର / ସହଜାତ ପ୍ରବୃତ୍ତି ସେ / ସୃଷ୍ଟିର ସମ୍ଭାର / କାମ ଓ ଲୋଭରହିତ ପ୍ରେମ / ଏକ ଅନାବିଳ ଆକର୍ଷଣ / ହୃଦୟରୁ ହୃଦୟ ।"

## ଅକ୍ଷରେ ରାମଚନ୍ଦ୍ର



ଭଦ୍ରକ ଜିଲ୍ଲା ଧାମନଗର ଥାନାନ୍ତର୍ଗତ ସୋହାଡ଼ା ଗ୍ରାମରେ ୧୯୪୯ ମସିହାରେ ଜନ୍ମିତ ଏହି ପ୍ରତିଭା ଅଧୁନା ଯାଜପୁର ଜିଲ୍ଲା ଦଶରଥପୁର ଗ୍ରାମରେ ସ୍ଥାୟୀ ଭାବେ ବସବାସ କରୁଛନ୍ତି । ଯାଜପୁର ରାଜସ୍ୱ ବିଭାଗରେ ବୃତ୍ତିଜୀବନ କଟାଇ ୨୦୦୭ ମସିହାରୁ ସେ ଅବସରପ୍ରାପ୍ତ । ଏକାଧାରରେ ସେ ଜଣେ କବି, ଗାଳ୍ପିକ ଓ ଚିତ୍ରଶିଳ୍ପୀ । କାଷ୍ଠ ଓ ବାଉଁଶରେ ବିଭିନ୍ନ ଆକୃତିର କଳାକୃତି ଅଙ୍କନ କରନ୍ତି । ପ୍ରତିଟି କଳାକୃତି କଥା କୁହେ । କଳାର ସଂକ୍ଷିପ୍ତ ଆଭାସରୁ ଝରିଆସେ କବିତା । ଯେଉଁ ଅପ୍ରକାଶ୍ୟ ଅନୁଭବ କବିତାରେ ନିର୍ଦ୍ଦିଷ୍ଟ ଆକାର ତୋଳିବାରେ ପୂରାପୂରି ସମର୍ଥ ହୋଇପାରେନା, ସେଇଠୁ ଆରମ୍ଭ ହୁଏ କାହାଣୀ କଳା ।

**କବିତା ସଂକଳନ :**

(୧) ରାତି ପାହିଲେ ଅନ୍ଧାର (୨) ଫେରାଫେରିର ସକାଳ (୩) ଜହ୍ନଫୁଲ ଓ ଅନ୍ୟାନ୍ୟ କବିତା (୪) ଛାଇ

**ଗଳ୍ପ ସଂକଳନ :**

(୧) ଏକାଏକା (୨) ଅକ୍ଷଗଳ୍ପ (୩) ଅନ୍ୟାନ୍ୟମାନଙ୍କ କଥା (୩) ସେଇଠି ଠିଆହୁଅ (୪) ମଲା ମଣିଷ



### ଧର୍ମ କଳାକୃତି

ଧର୍ମ ଅଛି ବୋଲି ଏ ସଂସାର ଚାଲିଛି । ଆମ ଆଖିକୁ ଦେଖା ଯାଉନଥିଲେ ବି ପ୍ରତ୍ୟେକ ଭଲ କାମ ମୂଳରେ ମଣିଷ ପାଇଁ ଧର୍ମ ହିଁ ତ'ପାଇଁ ବାଡ଼ବତା ହୋଇ ଠିଆହୁଏ । ତାକୁ ବିପଦ ଆସିଲେ ବି, ତାହା ଆପେଆପେ ପୁଣି ଟଳିଯାଏ । ଶିଳ୍ପୀ ଧର୍ମର କଳାକୃତି ସମ୍ପର୍କରେ କବିତାର ଶବ୍ଦରେ କହନ୍ତି- "ତମକୁ ମାଟି ସଂଗେ / ମାଟିକରି ଦେବାର / ସବୁ ଖେଳ ତ ଅଧର୍ମର / ଥରେ ବାହାରି ଆସ / ଯୁଗଚକ୍ରର ସେ ମାୟାଘେରରୁ / ଧର୍ମ ଠିଆ ହେଇଥିବେ / ଅଦୃଶ୍ୟରେ, ତମ ପଛ ପଟରେ ।"

### ଅହଙ୍କାର କଳାକୃତି

ସାଂପ୍ରତିକ ମଣିଷ ପାଇଁ ଏ କଳାକୃତି ଏକ ଚେତାବନୀ ସଦୃଶ । ମଣିଷ ଅହଂକାରୀ ହେଲେ ଆଉ ପାଦେ ଆଗକୁ ଯାଇପାରେନା । ଅହଙ୍କାର ତା' ଚେତନାକୁ ଏମିତି ଆବୋରି ବସେ ଯେ ସେ ଗୋଟିଏ ଜାଗାରେ ରହି ତୁଚ୍ଛା ରାଜାର ପରାକ୍ରମ ଦେଖା ଉଥାଏ ଓ ତା' ନିର୍ଦ୍ଦେଶକୁ କେହି କର୍ଣ୍ଣପାତ କରିନଥାନ୍ତି । ଶିଳ୍ପୀ କବିତାର ପଙ୍କ୍ତିରେ କହନ୍ତି- "ନିଜ ପାହୁଲ ଉପରେ / ଠିଆହେଇ / କେତେ ଉଚ୍ଚା ହେଇପାରିବ / କେତେ ଉପରକୁ ଅବା / ପାଇବ ହାତ / ତୁମ ଅହଂକାରର ଫଳ / ଅଟକିଥିବ ଯୋଉଠି / ତୁମେ ଲାଖି ରହିଥିବ ସେଇଠି ।"



### ଆଶାବାଦୀ କଳାକୃତି

ମଣିଷର ଆଶା ହେଉଛି ବୈତରଣୀ ନଈ । ଏହାର ଅନ୍ତ ନାହିଁ । ପାର୍ଥିବ ମଣିଷର ଆଶାର ଆସକ୍ତିରୁ ଆଦୌ ବର୍ତ୍ତିପାରେ ନାହିଁ । ଅତୀତରେ ଭାଗବତକାର ଜଗନ୍ନାଥ ଦାସ ଜୀବନକୁ ମୋହମୁକ୍ତିର ପଥ ଦେଖାଇଛନ୍ତି ତାଙ୍କର 'ଏଣୁ କପୋତ ଗୁରୁ ମୋର' ପ୍ରସଂଗରେ । ତଥାପି 'ମୁଁତ୍ୱ' ଓ 'ମୋର' ଭାବନାରୁ ତିଳେହେଲେ ମୁକୁଳି ପାରିଛି ମଣିଷ ଅତୀତରୁ ଆଜିଯାଏ । ଅଧୁନା ବସ୍ତୁସଭ୍ୟ ମଣିଷ ଅଧିକ ପରିମାଣରେ ମନସ୍ତରେ ଆଶାର କୁଂଜବନ ତିଆରି କରୁଛି ଓ ତା' ଭିତରେ ବିଚରଣ କରୁଛି । କବିତାରେ ଦୁର୍ବାର ଆଶାର ଅଭିବ୍ୟଞ୍ଜନା ଏହିପରି- "ଦୁର୍ବାର ସେ ଲୋଭର ଲାଞ୍ଜ / ବଢ଼ି ବଢ଼ି ଚାଲେ / ଆଶାର ସେ ବୈତରଣୀ ନଈ ଲମ୍ବିଲମ୍ବି ଯାଏ / ସରେନାହିଁ କି ମରେନାହିଁ / ଜୀବନ ଜଂଜାଳେ ଘାଣ୍ଟୁଥାଏ ।"

### ପରିବାର କଳାକୃତି

ଜନ୍ମ ଓ ମୃତ୍ୟୁର ପ୍ରକ୍ରିୟା ମଧ୍ୟ ପ୍ରତ୍ୟେକଙ୍କ ପାଇଁ ଭିନ୍ନଭିନ୍ନ । ତଥାପି ଆମେ କାହାରି ନା କାହାରି ଔରଷଜାତ ଅବା ଗର୍ଭସମ୍ଭୂତ ହୋଇ ଆମ ମୂଳସତ୍ତାକୁ ଚିହ୍ନୁ । ସେଥିପାଇଁ ଗଢ଼ାହୁଏ ରକ୍ତଗତ ସମ୍ପର୍କ । ଜୀବନ ତ ସହଜେ ଅନ୍ୟର ସାହଚର୍ଯ୍ୟ ଲୋଡ଼େ । ଏହି ଲୋଡ଼ିବାପଣ ହିଁ ଥାଏ

ଆତ୍ମୀୟସ୍ୱଜନଙ୍କ ଠାରେ । ଇହଜଗତରେ ସବୁକିଛି ଅଳିକ ବା ଭଂଗୁର ସାବ୍ୟସ୍ତ ହେଉଥିଲେ ହେଁ ତଥାପି ଅତୁଟ ବନ୍ଧନ ଓ ପାରସ୍ପରିକ ସ୍ନେହ ସମ୍ପର୍କକୁ ନେଇ ତିଆରି ହୋଇଥାଏ ପରିବାର । ଶିଳ୍ପୀ ରାମଚନ୍ଦ୍ର ଏହି ଭାବନାକୁ ନେଇ 'ପରିବାର କଳାକୃତି' ନିର୍ମାଣ କରନ୍ତି । କବିତାରେ ପରିବାର ସମ୍ବନ୍ଧର ଚିତ୍ର ଏହିପରି- "କେହି କାହାରି ନୁହନ୍ତି ଏଠି / ପରିଚୟର ଦୁନିଆଁରେ / ତଥାପି ଅଛି ସଂଘ / ଶୂନ୍ୟ ସୂତାରେ ବନ୍ଧା / ସେ ଅକାର୍ଷଣ / ସ୍ନେହ ଓ ପ୍ରେମ ଯହିଁ / ଥାଏ ନିରନ୍ତର / ବୈକୁଣ୍ଠ ଠୁଁ ବଳି / ସେହି ପରିବାର ।"



## ପୀଡ଼ିତା କଳାକୃତି

ସମାଜରେ ଦୁଷ୍କର୍ମ ପୀଡ଼ିତାଙ୍କ ଆର୍ତ୍ତର ସ୍ୱର ଯେତେ ହୃଦୟ ବିଦାରକ ହେଲେହେଁ ଓ ଆଇନ ବ୍ୟବସ୍ଥାକୁ ଏ କ୍ଷେତ୍ରରେ ଯେତେ କଡ଼ାକଡ଼ି କରା ଯାଉଥିଲେ ହେଁ, ରାତିପାହିଲେ ନିଇତି ଦୁଷ୍କର୍ମ ଶିକାର ଖବର ଅତି ମାତ୍ରାରେ ଶୁଣାଯାଉଛି । ଜାନ୍ତବ କ୍ଷୁଧାତୁର ଲୋକେ ନିଜ ହିତାହିତ ଜ୍ଞାନଶୂନ୍ୟ ହୋଇ ନିର୍ଦ୍ୱନ୍ଦ୍ୱରେ ଏଭଳି ଅପକର୍ମମାନ କରିଚାଲୁଛନ୍ତି । ଫଳରେ ନିରୀହା ଝିଅବୋହୂଙ୍କ ଜୀବନର ସବୁ ସୁଖଶିର ମୁହୂର୍ତ୍ତକେ ତୁଟିଯାଉଛି । ଶିଳ୍ପୀ ରାମଚନ୍ଦ୍ର ଏହି ଭାବନାକୁ ନେଇ କାଷ୍ଠରେ ନିର୍ମାଣ କରିନ୍ତି କଳାକୃତି । ଯାହାକୁ ସେ ପୁଣି ନିଜ କବିତାର ଭାଷାରେ ଉଲ୍ଲେଖ କରନ୍ତି- "ସଞ୍ଜନଉଁ କି ରାତିପାହୁ / ସେମାନଙ୍କୁ ସବୁବେଳେ ଅନ୍ଧାର / କେମିତି ଖସିବ / ମାଂସଲୋଭୀଙ୍କ ଦାଉରୁ / ଏ ନିରୋଳା ଦେହ / ସାମ୍ନାରେ ଉଜୁଡ଼ାକ୍ଷେତର ଚିତ୍କାର / ପ୍ରମାଣ ବି ଡରିଯାଏ / ସାମ୍ନା କରିବାକୁ ମିଛ / ସାଲିସ୍ ହଉ କି ନାହିଁ / ପଛରେ ଅନେକ ହାତ / ନିର୍ଦ୍ଦୋଷରେ ଖଲାସ ।"

## ଶୂନ୍ୟହସ୍ତ କଳାକୃତି

ଏ ଜଗତକୁ ଜୀବ ଶୂନ୍ୟହସ୍ତ ହୋଇ ଆସିଥାଏ ଓ ପୁଣି ଚାଲିଯାଏ । କିନ୍ତୁ ସଂସାର ମାୟା କବଳରେ ପଡ଼ି ଜୀବନ ଅୟୂତ ଦୁଃଖଶୋକରେ ଷଡ଼େ । ସବୁକିଛି ମୋର ବୋଲି କହିଆସିଥିବା ମଣିଷ ଏ ଧରାଧାମରୁ ଧୂଳିମୁଠାଏ ନେଇପାରେ ନାହିଁ । ବାକିକାମ ଯେତକ ଅଧା ରହିଯାଏ । ରିକ୍ତହସ୍ତରେ ତାକୁ କେବଳ ଯିବାକୁ ହୁଏ । ଆମ ସନ୍ଥ ସାହିତ୍ୟରେ ଏହିକଥାକୁ ନେଇ ଅନେକ ଗୀତିକା ରହିଛି । କବି ଓ ଶିଳ୍ପୀ ରାମଚନ୍ଦ୍ର ଏହି ଶୂନ୍ୟ କଳାକୃତି ଅଙ୍କନ କରିବା ସହିତ କବିତାର ପଙ୍କ୍ତିରେ କହନ୍ତି- "କିଛି ଆଣିଥିଲ କି / ଏ ହାତ ଦୁଇଟାରେ / ଯାହା ଜାବୁଡ଼ି ଧରିଛ / ସେସବୁ ତୁମର ନୁହେଁ / ପୃଥ୍ୱୀ ଜିନିଷ ପୃଥ୍ୱୀର / କିଛି ନଥିବ ଯିବାବେଳେ / ତୁମ ହାତମୁଠାରେ ।"

ଶିଳ୍ପୀ ରାମଚନ୍ଦ୍ର ପ୍ରକୃତରେ ଜଣେ ବିରଳ ପ୍ରତିଭା । କଳାପ୍ରାଣତାରେ ତମାମ୍ ଜୀବନ ତାଙ୍କର ଉତ୍ସର୍ଗୀକୃତ । ତାଙ୍କୁ ଶ୍ରମ ଓ ସାଧନା ପାଇଁ ମିଳିଛି ରାଜ୍ୟର ବିଭିନ୍ନ ଅନୁଷ୍ଠାନରୁ ଏକାଧିକ ସମ୍ମାନ ।

କବିଶିଳ୍ପୀ ରାମଚନ୍ଦ୍ରଙ୍କର କଳାଚାତୁରୀର ପଟାନ୍ତର ନାହିଁ । ତାଙ୍କର ଶହଶହ କାଷ୍ଠନିର୍ମିତ କଳାକୃତି ରହିଛି ଓ ଏଗୁଡ଼ିକ ବିଭିନ୍ନ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ମେଳାମାନଙ୍କରେ ପରିବେଷିତ ହେଉଥିବାର ଲକ୍ଷ୍ୟ କରାଯାଇଛି । ଆବଶ୍ୟକସ୍ଥଳେ ସେହି କଳାକୃତିଗୁଡ଼ିକ ବିକ୍ରୟ ମଧ ହୋଇଥାଏ । ନଡ଼ିଆ ସଢ଼େଇ, କାଷ୍ଠ ଓ ବାଉଁଶମୂଳିରୁ ଅନୁପମ କଳାର କାରିଗରୀ ନିର୍ମାଣ କରିବାରେ ସମଗ୍ର ରାଜ୍ୟରେ ତାଙ୍କର ସ୍ୱାକ୍ଷର ଅନନ୍ୟ । ସେ କୁହନ୍ତି- "ଗଛରୁ କଟା ଯାଇଥିବା ଡାଳ କିମ୍ବା ଭାଂଗି ଝଡ଼ି ପଡ଼ିଥିବା ଡଂଗିରା, ଉପୁଡ଼ି ପଡ଼ିଥିବା ଚେର, ଶୁଖିଲା ଲଟା, ଭୂଇଁରେ ଉପୁଜିଥିବା ଗୁଳ୍ମ ଓ ଦରପୋଡ଼ା କାଠଖଣ୍ଡ ଇତ୍ୟାଦି ହେଉଛି ମୋର ଶିଳ୍ପଭାସ୍କର୍ଯ୍ୟର ଉପାଦାନ ଓ ତା'ରି ମଧ୍ୟରୁ ମୁଁ ଅନ୍ୱେଷଣ କରେ କମନୀୟ ଚିତ୍ରପ୍ରତିମା । ସାଂପ୍ରତିକ ଘଟଣା, ଦୁର୍ଘଟଣାର ଚିତ୍ର ସହିତ ଆମର ସଭ୍ୟତା, ପରମ୍ପରା, ରୀତିନୀତି, ଧର୍ମଧାରଣା ଇତ୍ୟାଦିକୁ ନେଇ ଗଢ଼ା ହୋଇଥାଏ ମୋର କଳାର ପୃଥିବୀ ।"

ବର୍ଣ୍ଣନାଧର୍ମିତାର ଉର୍ଦ୍ଧ୍ୱରେ କଳାର ସଂକ୍ଷେପଣ ରୀତି ଦର୍ଶନଙ୍କ ହୃଦୟରେ ପ୍ରଭୁତ ପ୍ରଭାବ ପକାଇଥାଏ । କିଛି କଥା କବିତାରେ, କିଛି କ୍ଷୁଦ୍ରଗଳ୍ପରେ ଓ କିଛି ଶିଶୁବୋଧକ ସାହିତ୍ୟ ମାଧ୍ୟମରେ ସୂକ୍ଷ୍ମସୂକ୍ଷ୍ମ ଅନୁଭବକୁ ବ୍ୟକ୍ତ କରିବାରେ କବିଶିଳ୍ପୀ ରାମଚନ୍ଦ୍ରଙ୍କ ଅନବଦ୍ୟ ଅଙ୍ଗୀକାରବଦ୍ଧତା ରହିଛି । 'ରେବତୀ' ପକ୍ଷରୁ ଏହି ପ୍ରତିଭାଧର ଶିଳ୍ପୀଙ୍କୁ ଅଶେଷ ବଧେଇ ।

### ପୁରସ୍କାର ଓ ସମ୍ମାନ

**ରୂପାଥାଳିଆ ଅନୁଷ୍ଠାନ, ବାଲେଶ୍ୱର**
**ବାଲିଘର ଶିଶୁସାହିତ୍ୟ ସମ୍ମାନ, ଜଗତସିଂହପୁର**
**ବର୍ତ୍ତିକା ସାରସ୍ୱତ ସାଂସ୍କୃତିକ ଅନୁଷ୍ଠାନ ସମ୍ମାନ, ଯାଜପୁର**
**କୋରେଇ ମଣ୍ଡଳ ସାହିତ୍ୟ ସଂସଦ ସମ୍ମାନ**
**ଅଖତଳଚକ୍ର ସମ୍ମାନ, ବିଞ୍ଝାରପୁର**
**ଯଯାତି ମହୋତ୍ସବ ସମ୍ମାନ**
**ବ୍ରହ୍ମବରଦା ସାହିତ୍ୟ ସଂସଦ ସମ୍ମାନ**
**ଦାମନଯୋଡ଼ି ବର୍ଷା ସାହିତ୍ୟ ସଂସଦ ସମ୍ମାନ, କୋରାପୁଟ**
**ଯାଜପୁର ରାଜ୍ୟସ୍ତରୀୟ ଚିତ୍ରକଳା ଏକାଡ଼େମୀ**
**ଯାଜପୁର ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ଦଶରଥପୁର**
**ଉପେନ୍ଦ୍ରନାଥ ମେମୋରିଆଲ୍ ଆୱାର୍ଡ, ରୋଟାରୀ କ୍ଲବ, ଯାଜପୁର**
**ନେସନାଲ୍ ଆବିଲିଟି ସର୍ଚ୍ଚ ଅଥୋରିଟି, କୋଲକାତା**
**ଚିନ୍ମୟ ଚେତନା ପୁରସ୍କାର, ନୀଳକଣ୍ଠପୁର**
**ଧର୍ମଶାଳା ସାହିତ୍ୟ ସମାଜ ସମ୍ମାନ**
**ଜାନକୀବଲ୍ଲଭ ସ୍ମୃତି ସମ୍ମାନ, କଟକ**
**ଓଡ଼ିଶା ଲଳିତକଳା ଏକାଡ଼େମୀ ସମ୍ବର୍ଦ୍ଧନା, ଭୁବନେଶ୍ୱର**

ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



**ଜୟନ୍ତୀ ରଥ**
'ସାଇସୁଧା', ୩୭୫/୩୦୨୫, ଶିଶୁ ବିହାର,
ପଟିଆ କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬

ଫଟୋ ସୌଜନ୍ୟ : ଲେଖିକା

**'ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**



▲ ଲେଖିକା ଜୟନ୍ତୀ ରଥ

# (୧୫) ପ୍ରଜ୍ଞାପୀଠରେ ତେତିଶ ବର୍ଷ

ନା ସବୁକିଛି ସୁନ୍ଦର ନଥିଲା । ସବୁଜ ନଥିଲା ।

ସବୁଜ ନଥିଲା ସଂଗ୍ରହାଳୟ ପରିସର ଭିତରେ ।

ନଷ୍ଟମତି ମଣିଷର ଠୋପାଏ ବିଷ ମଧୁଭାଣ୍ଡକୁ ବିଷମୟ କରିଦେବାର ପରିସ୍ଥିତି ଉପୁଜୁଥିଲା ମଝିରେ ମଝିରେ ।

ଜଣେ ଅବିମୃଶ୍ୟକାରୀ ଅଧୀକ୍ଷକ ଦୀର୍ଘ ୧୦ବର୍ଷ ରହିଲେ । ଦାୟିତ୍ୱର ତା ଲେଖକୀୟ ସାମର୍ଥ୍ୟକୁ ଉପଭୋଗ କରିବାକୁ ଚାହୁଁଥିଲେ ଅନୁଚିତ୍ ଭାବରେ । ତା'କୁ ମିଳୁଥିବା ସାରସ୍ୱତ ସ୍ୱୀକୃତି ପ୍ରତି ଅସହିଷ୍ଣୁ ଭାବ ଦେଖୁଥିଲେ । ଅଥଚ ଘଣ୍ଟାଏ ଦି'ଘଣ୍ଟା ଭିତରେ ସେ ଦେବାକୁ ଥିବା ରେଡ଼ିଓ ଟକ୍ ପାଇଁ ଲେଖା ପ୍ରସ୍ତୁତ କରିବାକୁ ବରାଦ ଦେଉଥିଲେ । ନିଜର ଭଲ ଭଲ ଇଂରାଜୀ ଲେଖାକୁ ଓଡ଼ିଆରେ ଅନୁବାଦ କରି ଦେବାକୁ କହୁଥିଲେ । ଦିନେ ଦୁଇଦିନ ଭିତରେ କୋଡ଼ିଏ / ତିରିଶ ପୃଷ୍ଠା ଭୁଲ୍ ଇଂରାଜୀର ଲେଖା ଅନୁବାଦ କରିବା କାମଟି ସେ ସହଜରେ ଗ୍ରହଣ କରି ନଥିଲା । ପ୍ରଥମତଃ ଏହା ତା'ର କାର୍ଯ୍ୟସାରଣୀର ବହିର୍ଭୂତ ଥିଲା । ଦ୍ୱିତୀୟତଃ ଏ କାର୍ଯ୍ୟ ତା' ପାଇଁ ଅପମାନଜନକ ଥିଲା ।

ଦୂର ଅତୀତରେ ଗଜପତି ପ୍ରତାପରୁଦ୍ରଙ୍କ ପୁତ୍ର କୁମାର ବୀରଭଦ୍ରଙ୍କୁ ବିଜୟୀ ରାଜା କୃଷ୍ଣଦେବରାୟଙ୍କ ଆଦେଶରେ ସାଧାରଣ ସୈନ୍ୟ ସହ ଅସ୍ତ୍ରଚାଳନା କରିବାକୁ ପଡ଼ିଥିଲା । ପରାଜୟର ଗ୍ଳାନି ଓ ଅପମାନର ଜ୍ୱାଳାରେ ଜର୍ଜରିତ ହୋଇ ସେ ଆତ୍ମହତ୍ୟା କରିଥିଲେ । ଇତିହାସର ପୃଷ୍ଠାରେ ବହୁ ଯୋଗ୍ୟ, ସମର୍ଥ ବ୍ୟକ୍ତିସତ୍ତା ଅପମାନିତ ହେବାର ଉଦାହରଣ ଭରପୂର । ନିଜେ ଅପମାନର ଘେର ଭିତରେ ଥିଲାବେଳେ ବେବି ମନେ ପକଉଥିଲା ସେଇ ଚରିତ୍ର ସବୁକୁ । ଉପରିସ୍ଥଙ୍କ ମନତୋଷ ପାଇଁ ବିଳମ୍ବିତ ସଂଧ୍ୟା ପର୍ଯ୍ୟନ୍ତ ତାଙ୍କ ପ୍ରକୋଷ୍ଠରେ ଚାଲୁଥିବା ଆଳାପ ଆଲୋଚନାରେ ଭାଗ ନେଉନଥିଲା । ଏଇ ଥିଲା ତା'ର ଦୋଷ । 'ଗର୍ବୀ', 'ଅହଂକାରୀ' ବିଶେଷଣ ଯୋଡ଼ା ଯାଉଥିଲା ତା' ନାମ ପଛରେ । ସେମିନାର, ସଭା କୌଣସି ବିଶେଷ କାର୍ଯ୍ୟକ୍ରମରେ ତାକୁ ସାମିଲ କରାଯାଉ ନଥିଲା । ସଂପୂର୍ଣ୍ଣ ଭାବେ ଉପେକ୍ଷା କରା ଯାଉଥିଲା ତା'ର ବ୍ୟକ୍ତିତ୍ୱକୁ ।

ସେଇ ସମୟରେ କନିଷ୍ଠ ଓ ଅଧସ୍ତନ ସହକର୍ମୀଙ୍କ ଠାରୁ ସେ ଯଥେଷ୍ଟ ଦମ୍ଭ ପାଉଥିଲା । ଭାଙ୍ଗିଯିବି ପଛେ ନଇଁବି ନାହିଁ- ଏଇ ପଣ ତା'ର ବଳବତ୍ତର ରହିଥିଲା ।

ଉପରିସ୍ଥଙ୍କ ଦୌରାତ୍ମ୍ୟ ସହି ନପାରି ପଦତ୍ୟାଗ କରିଥିବା କେତେଜଣ ବୟଃକନିଷ୍ଠା ବାନ୍ଧବୀଙ୍କୁ ସେ ଜାଣେ । ସେମାନଙ୍କ ସାହସ ପାଇଁ ମନେମନେ ସଲାମ କରେ ସେମାନଙ୍କୁ । ତେବେ ପ୍ରତିକୂଳ ପରିସ୍ଥିତିରେ ନିଜର ସ୍ଥିତି ବଜାୟ ରଖିବାକୁ ଲଢ଼ିଥିଲା ବୋଲି ତା'ର ସୂଚନା ଆସେ ନାହିଁ ।

କେତେ ପ୍ରକାର ଅପମାନଜନକ ପରିସ୍ଥିତି ତାକୁ ନଜଣାଇ ତା' ରୁମ୍‌ରୁ ଇଣ୍ଟରକମ୍ କାଢ଼ି ନିଆ ଯାଇଥିଲା । ସେ ଏ ସମ୍ପର୍କରେ ଅଧୀକ୍ଷକଙ୍କୁ ଜଣାଇବା ପରେ ସେ କିନ୍ତୁ ଏ ବାବଦରେ କିଛି ନଜାଣିଥିବାର ଅଭିନୟ କରି କହିଲେ- "ଓହୋ, ଆପଣ ଜାଣି ନାହାନ୍ତି ।" ଆଉ ଦିନେ ଅଫିସ୍‌ରେ ପହଞ୍ଚି ଦେଖେ ତ, ତିନି ଚାରିଜଣ ଆଟେଣ୍ଡାଣ୍ଟ ଠିଆ ହୋଇଛନ୍ତି ତା' ରୁମ୍‌ରେ ପଡ଼ିଥିବା ବଡ଼ ଏକ୍‌ଜିକ୍ୟୁଟିଭ୍ ଟେବୁଲ ବାହାର କରିବା ପାଇଁ । ତା'ର ପ୍ରତିବାଦ ଯୋଗୁଁ ତାହା ଅବଶ୍ୟ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ ।

ତେବେ ମାନସିକ ସ୍ତରରେ ତାକୁ ଆଘାତ ଦେବା ପାଇଁ ପ୍ରକ୍ରିୟା ଚାଲୁ ରହିଲା ବର୍ଷ ପରେ ବର୍ଷ । ସେ ପ୍ରାଚୀନ ମୁଦ୍ରା ଓ ପଟ୍ଟଚିତ୍ର ଓ ପଟ୍ଟଚିତ୍ରର ପ୍ରଦର୍ଶନୀର ଆୟୋଜନ କରାଗଲା । ସେଇ ପ୍ରଦର୍ଶନୀର ଦାୟିତ୍ୱ ତାକୁ ଦିଆ ନଯାଇ ନ୍ୟସ୍ତ କରାଗଲା ଆଉ ଜଣେ ସହକର୍ମୀଙ୍କୁ ।

ସେ ବେଳ ଚାଲିଗଲାଣି । କଥା ମନେଅଛି । ପ୍ରଖ୍ୟାତ ଔପନ୍ୟାସିକ **ରାମଚନ୍ଦ୍ର ବେହେରା** ତାକୁ ବୋଧ ଦେଇ କହିଥିଲେ, "ତୁ ବଡ଼ ଗଛଟେ । ତୋ ଉପରକୁ ବେଶି ଟେକା ଫୋପଡ଼ା ଯିବ । ଏତିକିରେ ହାରି ଯାଉଚୁ ।"

ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ପୁସ୍ତକର ଭିତ୍ତିଭୂମି ପ୍ରସ୍ତୁତ କରିବା ପାଇଁ ତାକୁ ରାଜ୍ୟ ଅଭିଲେଖାଗାରକୁ ସ୍ଥାନାନ୍ତରିତ କରା ଯାଇଥିଲା ସାମୟିକ ଭାବରେ । ଯୁକ୍ତି ଥିଲା ସେ ଲେଖିକା, ସାହିତ୍ୟିକା । ତେଣୁ ଅଭିଲେଖାଗାରରେ ସଂରକ୍ଷିତ ସମସ୍ତ ପତ୍ର/ପତ୍ରିକାରୁ ନିର୍ଦ୍ଦିଷ୍ଟ ସୂଚନା / ତଥ୍ୟ ଏକତ୍ରୀକରଣ କରିବା । ଏଇ ଅଭିଲେଖାଗାରର କର୍ମଚାରୀମାନଙ୍କୁ ସୂଚେଇ ଦିଆ ଯାଇଥିଲା ତାକୁ ତା' କାମରେ ସହଯୋଗ ନକରିବା ପାଇଁ । (ଯାହା ସେ ପରେ ଜାଣିବାକୁ ପାଇଲା) ତାକୁ ହାତରେ ନମାରି ଭାତରେ ମାରିବାର ସୁଚିନ୍ତିତ ଯୋଜନା କରା ଯାଇଥିଲା । ଏଇ ଆଦେଶକୁ ସେ ଆହ୍ୱାନ ଭାବେ ଗ୍ରହଣ କରିଥିଲା । ଆଖିର ଯନ୍ତ୍ରଣା ସତ୍ତ୍ୱେ ଶହ ଶହ ପତ୍ରପତ୍ରିକାରୁ ଭାଷା ଆନ୍ଦୋଳନ / ପ୍ରଦେଶ ଗଠନ ସମ୍ପର୍କରେ ସୂଚନା ଆହରଣ କଲା । ଏବେ ବି ଭାବିଲେ ଦୁଃଖ ଲାଗେ ଯେ ଭାଷାଭିତ୍ତିକ ଓଡ଼ିଆ ପ୍ରଦେଶ ଗଠନର ଭିତ୍ତି କାର୍ଯ୍ୟ କଲାବେଳେ ଅଭିଲେଖାଗାରର ସଂଗ୍ରହାଧ୍ୟକ୍ଷ ନିଜେ ତ ସହଯୋଗ

କରି ନଥିଲେ । ପରୋକ୍ଷ କାର୍ଯ୍ୟହନ୍ତାର ଭଳି ବହୁ କର୍ମ କରିଥିଲେ ।

ଭିତ୍ତି ପ୍ରସ୍ତୁତି ପରେ ସ୍ୱାସ୍ଥ୍ୟଗତ କାରଣରୁ ସେ ଲେଉଟି ଆସିଥିଲା ସଂଗ୍ରହାଳୟ । ଅଧୀକ୍ଷକ ଚାହୁଁ ନଥିଲେ । ସଂଗ୍ରହାଳୟକୁ ସେ ତାଙ୍କର ପୈତୃକ ସମ୍ପତ୍ତି ବିଚାରୁଥିଲେ । ତା' ଭିତରକୁ ପ୍ରବେଶ କରିପାରିବେ ନାହିଁ କେହି ତାଙ୍କ ଇଚ୍ଛା ବିରୋଧରେ । ଏଇ ଇଚ୍ଛାକୁ ସେ ଜାହିର କରୁଥିଲେ ବାରମ୍ବାର । ଅନୁଷ୍ଠାନର ବହୁ ପୂର୍ବତନ ଅଧିକାରୀଙ୍କ ପାଇଁ ବି ପ୍ରବେଶ ଦ୍ୱାରରେ କଡ଼ା ନଜର ରଖାଗଲା ।



ବେବି ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହ ପାଇଁ ଯାଇଥିଲା । ସଂଗ୍ରହାଳୟରୁ ଦରମା ପାଉଥିଲା । ଫେରି ଆସିଲା ବେଳକୁ ଦେଖିଲା ତା' ରୁମ୍ ଆଗରୁ ତା'ର ନାମଫଳକ କାଢ଼ି ଦିଆ ଯାଇଥିଲା । ସେଇଦିନ ସେଇ ମୁହୂର୍ତ୍ତରେ ତା'ର ହୃଦୟ ଭିତରୁ ଯେଉଁ ଦୀର୍ଘଶ୍ୱାସ ବାହାରିଥିଲା, ତାହା ଥିଲା ତା' ରକ୍ତର, ତା' ଲୁହର ବାଷ୍ପୀଭୂତ ପ୍ରତିବାଦ । ସେଇ ଭଦ୍ରଲୋକ, ଯିଏ ତା'ପ୍ରତି ଏମିତି ନିଷ୍ଠୁର ଆଚରଣ ଦେଖେଇଥିଲେ, ସେ ବହୁ ଦୋଷାବହ କାର୍ଯ୍ୟ କରି ନିନ୍ଦିତ ହେଲେ । ଶେଷରେ ତାଙ୍କର ସ୍ୱାସ୍ଥ୍ୟର ଅବସ୍ଥା ଏମିତି ହେଲା ଯେ ସିଡ଼ି ଚଢ଼ି ନିଜ ଅଫିସ୍‌କୁ ଆସିବାକୁ ସକ୍ଷମ ନଥିଲେ । ଦୀର୍ଘ ଦଶ ବର୍ଷ ସଂଗ୍ରହାଳୟର ଅଧୀକ୍ଷକ ଭାବେ ରହି ବହୁ ଅନୈତିକ କାର୍ଯ୍ୟ କରିଥିବାରୁ ଅବସର ପରେ ତାଙ୍କୁ ନିୟମିତ ପେନସନ୍ ଦିଆଗଲା ନାହିଁ । କୁକର୍ମର ପ୍ରତିଫଳ ଆହୁରି କେତେ ବାଟରେ ଭୋଗିଲେ । ତାଙ୍କ ଦୁର୍ଦ୍ଦଶାକୁ ଲୋକେ ଉଦାହରଣ ଭାବେ ଦର୍ଶାଉଥିଲେ ।

ଫରାସୀ ରାଷ୍ଟ୍ର ବିପ୍ଳବ, ଋଷ ରାଷ୍ଟ୍ର ବିପ୍ଳବ ବିଷୟରେ ସେ ବହିରେ ପଢ଼ିଥିଲା । ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ପ୍ରଜାମାନେ ଭୋଗିଥିବା ମରଣାନ୍ତକ ଯନ୍ତ୍ରଣାର ବର୍ଣ୍ଣନା ତା ଭିତରେ ଜୀବନ୍ତ ହୋଇ ଉଠୁଥିଲା ତା' ମନରେ ଏଇ ପ୍ରତିକୂଳ ପରିବେଶରେ । ସେ ଅଧିକରୁ ଅଧିକ ପଢୁଥିଲା । ଲେଖୁଥିଲା ।

ଈଶ୍ୱରଙ୍କ ଆଶୀର୍ବାଦରୁ ତା' ପାଖରେ ପ୍ରଚୁର ଭଲ ବହି ଓ ଚାରିପାଖରେ ତାକୁ ଭଲ ପାଉଥିବା ମଣିଷ ଥିଲେ ।

ଏବେ....ଏତେ ବର୍ଷ ପରେ ସେଇ ରକ୍ତକ୍ଷରା, ଦାରୁଣ ସ୍ମୃତି ତା'ର ସତ୍ତାକୁ ଗ୍ରାସ କରେ ।

ନିଜେ ନିଜର ଶିକ୍ଷୟିତ୍ରୀ ହୋଇ ବୁଝାଏ, ସେଇଭଳି ସମୟ ଆସିଲା ବୋଲି ତ ତୁ ଲେଖି ପାରିଲୁ-

– ଦୋଳା ଭାଙ୍ଗି ଯାଇଛି
ତ କ'ଣ ହେଲା
ପାଦର ଖୁବ୍ ପାଖରେ ଗଙ୍ଗଶିଉଳି



ସେଇଭଳି ସମୟ ଆସିଲା ବୋଲି ତ ତୁ ଲେଖିପାରିଲୁ । ଭୂମିଦହନ, ଫେରସ୍ତ ଦାନ ପରି ଗପ । ଜାଣି ପାରିଲୁ ଓଡ଼ିଆ ଭାଷା ଆନ୍ଦୋଳନର ଇତିହାସ, ଓଡ଼ିଆ ଭାଷାକୁ ସଂକଟରୁ ବଞ୍ଚାଇବା ପାଇଁ 'ଆଶା'ର ସମ୍ପାଦକ ଶଶୀ ଭୂଷଣ ରଥ, 'ସମ୍ବଲପୁର ହିତୈଷିଣୀ'ର ସମ୍ପାଦକ ନୀଳମଣି ବିଦ୍ୟାରତ୍ନ, 'ନବୀନ'ର ସମ୍ପାଦକ କୃପାସିନ୍ଧୁ ନରେନ୍ଦ୍ର ଦେବ, 'ଉତ୍କଳ ସାହିତ୍ୟ'ର ସମ୍ପାଦକ ବାଗ୍ମୀ ବିଶ୍ୱନାଥ କର ଇତ୍ୟାଦିଙ୍କର ପ୍ରଗାଢ଼ ଉଦ୍ୟମର ପ୍ରତିଫଳନ ଦେଖିବାକୁ ପାଇଲୁ ଜୀର୍ଣ୍ଣ ପୃଷ୍ଠା ଭିତରୁ । ଆଜି ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି । ଅନ୍ତରାଳରେ ଯେଉଁମାନେ ପ୍ରାଣପାତ ଉଦ୍ୟମ କରିଥିଲେ, ଜୀବନ ଉତ୍ସର୍ଗ କରିଥିଲେ ସେମାନଙ୍କ ବିଷୟରେ ସବିଶେଷ ବୃତ୍ତାନ୍ତ ଜାଣିପାରିଲୁ ।

ଓଡ଼ିଆ ସାହିତ୍ୟର ରଥୀ, ମହାରଥୀମାନଙ୍କ ସହିତ ଭାବର ଆଦାନ ପ୍ରଦାନ କରିପାରିଲୁ ।

ପୁସ୍ତକ, ଦର୍ଶକ, ପ୍ରତିକୃତି, ପ୍ରକୃତି, ବିଶିଷ୍ଟ ବ୍ୟକ୍ତି, କଳା ସାମଗ୍ରୀ, tangible and intangible heritage ଏସବୁ ଥାଏ ଗୋଟିଏ ପାଖରେ, ଆଉ ଗୋଟିଏ ପାଖେ ଅବ୍ୟାହତ ଥାଏ ତାକୁ କକ୍ଷଚ୍ୟୁତ, ପକ୍ଷଚ୍ୟୁତ କରିବାର ଷଡ଼ଯନ୍ତ୍ର । ନିଜର ସ୍ଥିତି ସାବ୍ୟସ୍ତ କରିବା ପାଇଁ ବେବି ଜାରି ରଖିଥାଏ ପ୍ରୟାସ ଅବିଚ୍ଛିନ୍ନ ଭାବରେ ।

ଏକାଠି ସେ ଅନୁଭବ କରିଛି ମଣିଷର ହୀନମଣ୍ୟତା । ଈଶ୍ୱରଙ୍କ ଆଶୀର୍ବାଦ ।

ସେ ସତ୍ ମାର୍ଗରେ ଥିଲା । ଅପରର ଅନୁଚିତ୍ ଇଚ୍ଛା ପାଖରେ ମୁଣ୍ଡ ନୁଆଁଇ ନଥିଲା । ଧୂଳି ଧୂସରିତ ହେଲା । କ୍ଷତାକ୍ତ ହେଲା । ବୃତ୍ତି କ୍ଷେତ୍ରରେ ଅବହେଳା ଜନିତ କ୍ଷୋଭ, ଅସନ୍ତୋଷ ଯୋଗୁଁ ବରାବର ସେ ଅନ୍ୟମନସ୍କ ରହୁଥିଲା । କେତେ କଣ ପ୍ରିୟ ଦ୍ରବ୍ୟ ତା'ର ହାତଛଡ଼ା ହୋଇ ଯାଉଥିଲା । କେଉଁଠି ଛାଡ଼ି ଆସୁଥିଲା ଛତା ତ କେଉଁଠି ସନ୍ ଗ୍ଲାସ୍ । କେଉଁଠି ହାତରୁ ହୁଗୁଳି ଖସିଯାଉଥିଲା ଘଣ୍ଟା ନିଘା ରହୁ ନଥିଲା । ସୁନାଚେନ୍, କାନଫୁଲ ବି ବାଦ୍ ଯାଇନଥିଲା । ସବୁଠୁ କଷ୍ଟଦାୟକ ଥିଲା ଅପ୍ରକାଶିତ ଗପ ଓ କବିତା ଲେଖିଥିବା ଡାଏରୀ ହଜେଇ ଦେବାର ଯନ୍ତ୍ରଣା । ତେବେ ପ୍ରଗାଢ଼ ଈଶ୍ୱର ବିଶ୍ୱାସ ତା'ର ଅସ୍ତିତ୍ୱକୁ ନଷ୍ଟ ହେବାକୁ ଦେଇ ନଥିଲା । ମାଟିରୁ, ଧୂଳିରୁ, କୁହୁଡ଼ି ଭିତରୁ ସେ ସାଉଁଟି ଆଣିଥିଲା ଅଜସ୍ର ଫୁଲ । ଗପର । କବିତାର ।

ବିଜେବି ନଗରରେ ତା' ଘର ପାଖରେ ରହୁଥିଲେ ତା'ର ଶିକ୍ଷାଗୁରୁ ପ୍ରଖ୍ୟାତ ଔପନ୍ୟାସିକ, ଗାଳ୍ପିକ ବିଭୂତି ପଟ୍ଟନାୟକ । ସେ ତାଙ୍କ ସମ୍ପାଦିତ 'ଗଳ୍ପ' ପତ୍ରିକାକୁ ଗଳ୍ପ ଦେବା ପାଇଁ ଆଦେଶ ଦେଉଥିଲେ ।

**ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପର୍କିତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।**



## ଆଇନ ପରାମର୍ଶ - ୧୮

# ଯଦି ଆପଣଙ୍କ ପୁଅ କି ଝିଅର କାହା ସହ ପ୍ରେମ ସମ୍ପର୍କ ଥାଏ !



**ଆଡ଼୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**
ଭୁବନେଶ୍ୱର ବାର୍ ଏସୋସିଏସନ୍
ଫୋନ : ୯୩୦୯୧୧୯୬୨୫

ଯଦି ଆପଣ ଜାଣିବାକୁ ପାଇଲେ ଆପଣଙ୍କ ପୁଅ କିମ୍ବା ଝିଅର କାହା ସହ ପ୍ରେମ ସମ୍ପର୍କ ଅଛି, ସେ କାହା ସହ କଥା ହେଉଛି ବା ଲୁଚାଇ ବିବାହ କରିବାର ନିଷ୍ପତ୍ତି ନେଇ ସାରିଛି, ସେଭଳି ସ୍ଥଳେ ଆପଣ କ'ଣ ପଦକ୍ଷେପ ନେବେ ଆସନ୍ତୁ ଜାଣିବା ।

ପ୍ରଥମ କଥା ହେଲା, ଯଦି ଆପଣଙ୍କ ପୁଅ କିମ୍ବା ଝିଅର କାହା ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥାଏ, ତେବେ ଏ କଥା ଆପଣଙ୍କୁ କିପରି ଜଣାଗଲା ? ଆପଣ ତା'ର ଫୋନ୍ ଦେଖି ହେଉ କିମ୍ବା ଲାପ୍‌ଟପ୍ ଦେଖିକି ବା ଆପଣଙ୍କ ସାଙ୍ଗପାଖରୁ ଶୁଣିଲେ ବା ନିଜେ ତାକୁ ତା' ସାଙ୍ଗ ସହ ଦେଖିଲେ, ନଚେତ୍ ଆପଣଙ୍କ ସନ୍ତାନ ଆପଣଙ୍କୁ ନିଜେ କହିଲା, ଏଭଳି ପରିସ୍ଥିତି ସୃଷ୍ଟି ହେଲେ ଆପଣ ଏସବୁର ସାମ୍ନା କିପରି କରିବେ ? କାରଣ ଭାରତରେ ଅଧିକାଂଶ ମାତାପିତାଙ୍କୁ ଏଭଳି ପରିସ୍ଥିତିର ସାମ୍ନା କରିବା ଜଣାନଥାଏ । ପ୍ରାୟତଃ ମାତାପିତା ରାଗିକି ଚିଲାଇବା ହେଉ, ଡରାଇବା, ଧମକାଇବା ହେଉ ବା ମାର୍‌ପିଟ୍ କରିବା ବା ଚୁପ୍ କରାଇବା ପାଇଁ ଚାହିଁଥାନ୍ତି । କାରଣ ସେମାନେ ଭାବନ୍ତି ତାଙ୍କ ସନ୍ତାନ ଡରିକି ପଛକୁ ହଟିଯିବ ବିବାହ ପାଇଁ ପଛଘୁଞ୍ଚା ଦେବ । ଏପରି ଅନେକ ମାତାପିତା ଅଛନ୍ତି ଅଧାରୁ ପାଠବନ୍ଦ କରିଦେବା ହେଉ କିମ୍ବା ସନ୍ତାନ ପଛରେ ସିକ୍ୟୁରିଟି ଲଗାଇବା ହେଉ କି ଫୋନ୍‌କୁ ଛଡ଼ାଇ ରଖିଦେବା ଭଳି କାର୍ଯ୍ୟ କରିଥାନ୍ତି ।

କିନ୍ତୁ ଥରେ ଭାବନ୍ତୁ ଦେଖି ଆଜିର ଯୁଗରେ ଇଣ୍ଟରନେଟ୍‌ର ଗୋଟେ ବଟନ୍ କ୍ଲିକ୍ କରି ଆମେରିକାର ହେଡ୍‌ଲାଇନ୍ ଜାଣି ହେଉଛି । ସମ୍ପୂର୍ଣ୍ଣ ବିଶ୍ୱର ଘଟଣା ଜାଣିପାରୁଛନ୍ତି ସମସ୍ତେ । ସାଇବର୍ କେଫ୍ ଯିବା ଦୂରର କଥା ଘରେ ମୋବାଇଲ୍ ଫୋନ୍‌ରେ ସବୁ କିଛି ଜାଣି ହେଉଛି । ଯେଉଁଠି ଦେଖିବା ଲୋକ, ବୁଝାଇବା ଲୋକ, ପରାମର୍ଶ ଦେବା ଲୋକ ସମସ୍ତେ ଅଛନ୍ତି । ଯେଉଁ ପିଲା ପାଖରେ ଏତେ ତଥ୍ୟ ଥିବ ତାକୁ କ'ଣ ଆପଣ ଡରାଇ, ଧମକାଇ ଅଟକାଇ ପାରିବେ ? ତା'ର ମନକୁ କ'ଣ ବଦଳାଇ ପାରିବେ ? ଏପରି କରିବା ମଧ୍ୟ ଅସମ୍ଭବ ।

### ତେବେ ଆପଣ କରିବେ କ'ଣ ?

ଯଦି ଆପଣ ପୁଅ ବା ଝିଅର ପିତାମାତା, ଆପଣଙ୍କୁ ପୁଅ ବା ଝିଅର ପ୍ରେମ ସମ୍ପର୍କ ବିଷୟରେ ଜଣା ପଡ଼ିବା ମାତ୍ରେ ନ ରାଗି, ଆରାମରେ କଥା ହୁଅନ୍ତୁ । କୌଣସି ପରିସ୍ଥିତିରେ ରୋକନ୍ତୁ ନାହିଁ । କେବେଠୁ ସମ୍ପର୍କରେ ଅଛନ୍ତି, କେମିତିକା ସମ୍ପର୍କ, ଆଗକୁ କ'ଣ କରିବାକୁ ଚାହୁଁଛନ୍ତି- ଏସବୁ କଥା ସମ୍ପୂର୍ଣ୍ଣ ଗଭୀରକୁ ଯାଇ ବୁଝନ୍ତୁ । ଅଧିକ ତଥ୍ୟ ସଂଗ୍ରହ କରନ୍ତୁ । ସମ୍ପୂର୍ଣ୍ଣ ଭରଷା ଦିଅନ୍ତୁ । ଏଇଟା ପିତାମାତାଙ୍କ ପ୍ରଥମ କାମ ହେବା କଥା । ଭରଷା ଦେବା ଦ୍ୱାରା ସେ ପଢ଼ା ସହ ନିଜ କ୍ୟାରିଅର ଗଢ଼ି ତୋଳିବ ଓ ଘରୁ ପଳେଇ ଯାଇ ବାହା ହେବା କଥା ମନରୁ କାଢ଼ିଦେବ ।

ଯଦି ପୁଅ ବା ଝିଅ ନିଜେ ଜାଣିବାକୁ ପାଇଲେ ତାଙ୍କ ଘରେ ଜାଣି ସାରିଛନ୍ତି ତେବେ ଏପରି ପରିସ୍ଥିତିରେ ପିତାମାତାଙ୍କ ସହ ଆରାମରେ ବସି ସବୁ କଥା ହୁଅନ୍ତୁ । ତାଙ୍କୁ ଭରଷା ଦିଅନ୍ତୁ ଯେ ଆପଣ କ୍ୟାରିଅର୍‌ରେ ଫୋକସ୍ କରିବେ ଓ ଭବିଷ୍ୟତରେ ପିତାମାତାଙ୍କ ସହମତିରେ ବିବାହ କରିବେ । ଏପରି ବିଶ୍ୱାସ ଜନ୍ମାଇବା ଦ୍ୱାରା ଆପଣଙ୍କ ଉପରେ ମଧ୍ୟ ତାଙ୍କ ବିଶ୍ୱାସ ରହିବ । ଆପଣ ଏବେ କୋର୍ଟମ୍ୟାରେଜ୍ କରିଥାନ୍ତେ । ଘରେ କହିଲା ପରେ ନହେଲେ କୋଟ୍ ମ୍ୟାରେଜ୍ କରିବେ । କାରଣ ଆପଣଙ୍କ ମନରେ ଆଉ କିନ୍ତୁ ରହିବ ନାହିଁ ଯେ ଆପଣ ଘରେ ଜଣାଉ ନାହାଁନ୍ତି ବୋଲି । ରାଜି ନହେଲେ ପରେ ବି କୋର୍ଟ ମ୍ୟାରେଜ୍ କରି ପାରିବେ ।

ମୋ ମତରେ ଏପରି ସ୍ୱଷ୍ଟ କଥା ହେବା ଦ୍ୱାରା ଅଯଥା ମାନସିକ ଦୁଶ୍ଚିନ୍ତା ରହିବ ନାହିଁ । ସବୁ କିଛି ସୁଗମ ହେବ ।





# ଭଦ୍ରାଣି ଆନୁକୂଲ୍ୟରେ ସାହିତ୍ୟ କର୍ମଶାଳା

## ସାହିତ୍ୟ ହେଉଛି ଏକକ ସାଧନର ନିରନ୍ତର ପ୍ରୟାସ



ଭଦ୍ରକ: ସାହିତ୍ୟ, ସଙ୍ଗୀତ, ଚିତ୍ରକଳା ଏବଂ ଅଭିନୟ ହେଉଛି ସୂକ୍ଷ୍ମତମ ଅନୁଭବର ପରିପ୍ରକାଶ । ସଙ୍ଗୀତ, ଅଭିନୟ ଏବଂ ଚିତ୍ରକଳା ଗୁରୁ-ଶିଷ୍ୟ ପରମ୍ପରାରେ ସମୃଦ୍ଧ ଥିବା ବେଳେ, ସାହିତ୍ୟ ହେଉଛି ଏକକ ସାଧନାର ନିରନ୍ତର ପ୍ରୟାସ । କିନ୍ତୁ ଏଥିନିମନ୍ତେ ଗୁରୁଙ୍କ ଆବଶ୍ୟକତା ରହିଛି । ସୁଦୀର୍ଘ ଅତୀତରେ ଭାରତୀୟ ପରମ୍ପରାରେ ଗୁରୁ ମହର୍ଷି ନାରଦ ଆଦି କବି ବାଲ୍ମିକୀଙ୍କୁ ରାମାୟଣର କଥାବସ୍ତୁ ପ୍ରକଟ କରିବା ସହିତ ରଚନା କରିବାର ଜ୍ଞାନକୌଶଳ ପ୍ରଦାନ କରିଥିଲେ ଏବଂ ଏହା ଆଜି ମଧ୍ୟ ମାନବଜଗତକୁ ଦିଗ୍‌ଦର୍ଶନ ପ୍ରଦାନ କରୁଛି । ଋଷି ଶନକ କୁମାର ଏବଂ ଶନତ କୁମାର ମହର୍ଷି ବ୍ୟାସଦେବଙ୍କୁ ମହାଭାରତ ରଚନା ନିମନ୍ତେ ପ୍ରେରଣା ପ୍ରଦାନ କରିଥିଲେ । ଆହୁରି ନିକଟରେ ପ୍ରାୟ ଶହେ ବର୍ଷ ପୂର୍ବେ ଟି.ଏସ୍. ଏଲିଏଟ୍‌ଙ୍କ 'ୱେଷ୍ଟଲାଣ୍ଡ୍' କବିତା ଗୁରୁ ଏଜରା ପାଉଣ୍ଡଙ୍କ ହାତରେ ପରିମାର୍ଜିତ ହୋଇଥିଲା । ୮୦୦ ଧାଡ଼ିର ଏହି କବିତାକୁ ଗୁରୁ ଏଜରା ପାଉଣ୍ଡ୍ ସଂଶୋଧନ କରି ପ୍ରାୟ ୪୦୦ ଧାଡ଼ିରେ ସୀମିତ ରଖିବା ଫଳରେ ତାହା ଅତ୍ୟନ୍ତ ପ୍ରଭାବଶାଳୀ ହୋଇ ପାରିଥିଲା ଏବଂ ବିଂଶ ଶତାବ୍ଦୀର ସର୍ବାଧିକ ଲୋକପ୍ରିୟ କବିତାରେ ପରିଣତ ହୋଇଗଲା । ସେହି ପରମ୍ପରାକୁ ବଜାୟ ରଖିବା ସହିତ ତାହାକୁ ଆହୁରି ସମୃଦ୍ଧ କରିବା ଉଦ୍ଦେଶ୍ୟରେ ସାହିତ୍ୟ କର୍ମଶାଳା ଆୟୋଜନ କରାଯାଇଛି ବୋଲି ବକ୍ତା ମତବ୍ୟକ୍ତ କରିଛନ୍ତି । 'ଭଦ୍ରାଣି' ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ ଦିଗ୍‌ଦର୍ଶକ ଭାବେ ବରିଷ୍ଠ ସାହିତ୍ୟିକ ପ୍ରାଧ୍ୟାପକ ଡକ୍ଟର ବ୍ରଜମୋହନ ମିଶ୍ର, ମୁଖ୍ୟ ଆଲୋଚକ ଭାବେ ବିଶିଷ୍ଟ କବି ଡକ୍ଟର ଶଶଧର ଦାସ ଏବଂ ସମୀକ୍ଷକ ଭାବେ ଚରମ୍ପା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ଡକ୍ଟର ସୁକାନ୍ତି ମହାପାତ୍ର ଯୋଗ ଦେଇ ପଠିତ କବିତାର ବିସ୍ତୃତ ଆଲୋଚନା ଓ ପର୍ଯ୍ୟାଲୋଚନା କରିଛନ୍ତି । ପ୍ରାରମ୍ଭରେ ଭଦ୍ରାଣି ଫାଉଣ୍ଡେସନ୍‌ର ମ୍ୟାନେଜିଂ ଟ୍ରଷ୍ଟି ମୀନୁ ଦ୍ୱିବେଦୀ ଅତିଥିଙ୍କୁ ସମ୍ମାନିତ କରିଥିଲେ । କବିତା ଆସରରେ ପାଞ୍ଚଟି ଭାଷାରେ କବିତା ପାଠ କରା ଯାଇଛି । ସ୍ୱରଚିତ ସଂସ୍କୃତ କବିତା ପାଠ କରିଥିଲେ ଡକ୍ଟର ପ୍ରମୋଦ ନାୟକ, ଉର୍ଦ୍ଦୁ କବିତା ମୁସ୍ତାକ ଗହ୍ୱର, ହିନ୍ଦୀ କବିତା ଅକ୍ଷୟ ଜେନା, ଇଂରାଜୀ କବିତା ଶାନ୍ତନୁ ରାଉତ ଓ ଓଡ଼ିଆ କବିତା ପାଠ କରିଥିଲେ ପ୍ରଭାତ ନଳିନୀ ମହାପାତ୍ର, ସଞ୍ଜିତ ବଳ, କିଶୋର ପାଣିଗ୍ରାହୀ, ସୁଚିତ୍ରା ପାଣିଗ୍ରାହୀ, ସୁଭ୍ରାଂଶୁ ମାହନ୍ତ, ଅବନୀ ପ୍ରଧାନ, ଦୁଃଶାସନ ଗାହାଣ, ସାବିତ୍ରୀ କବି, ହୃଦାନନ୍ଦ ପାଣିଗ୍ରାହୀ, ଭରତ ଦାସ, ମନୋରମା ରାୟ, ରମାକାନ୍ତ ପାଳ ଏବଂ ପୂର୍ଣ୍ଣଚନ୍ଦ୍ର ବହଳୀ । ଏହି ଆସରରେ ବିଶିଷ୍ଟ ଗାଳ୍ପିକ ରାଧାବିନୋଦ ନାୟକ, ଅରୁଣ ଖିଲାର, ପବିତ୍ର ପାଣିଗ୍ରାହୀ, ମମତା ସାହୁ, ଅଟଳ ବିହାରୀ ନାୟକ ପ୍ରମୁଖ ଶତାଧିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ପ୍ରକାଶ ପାଇଲା ହେମେନ୍ଦ୍ର ମହାପାତ୍ରଙ୍କ ଦୃଶ୍ୟ ଭିତ୍ତିକ ଡିଜିଟାଲ୍ ପତ୍ରିକା 'ରଙ୍ଗମଞ୍ଚ'



ବାଲେଶ୍ୱର: ପ୍ରକାଶ ପାଇଲା ଦୃଶ୍ୟଭିତ୍ତିକ ଡିଜିଟଲ୍ ପତ୍ରିକା 'ରଙ୍ଗମଞ୍ଚ' ଯେଉଁଥିରେ ଦର୍ଶକ ପାଇବେ ଗପ, କବିତା, ନାଟକ ଓ ଆଲୋଚନା ଆଦି କଥା ଓ ଚିତ୍ରଧର୍ମୀ । ଏହି ପତ୍ରିକା ୟୁଟ୍ୟୁବ୍ ଚ୍ୟାନେଲରେ ଉପଲବ୍ଧ ହେଉଛି । ପତ୍ରିକାଟି ୨୦୦୨ ମସିହାରୁ ସିଡ଼ି ମାଧ୍ୟମରେ ପ୍ରକାଶ ପାଉଥିଲା । ଏବେ ବର୍ଷେ ହେବ 'ରଙ୍ଗମଞ୍ଚ' ନାମରେ ପ୍ରତି ମାସରେ ୟୁଟ୍ୟୁବ୍‌ରେ ପ୍ରକାଶ ପାଉଛି । ଚଳିତ ମାସରେ ପ୍ରକାଶ ପାଇଥିବା ୟୁଟ୍ୟୁବ୍ ପତ୍ରିକାରେ ହେମେନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶିତ ନାଟକ 'କିଛି ଖଟା କିଛି ମିଠା' ସ୍ଥାନିତ ହୋଇଛି । ଏହି ନାଟକଟିକୁ ହେମେନ୍ଦ୍ର ମହାପାତ୍ର ନିଜେ ନିର୍ଦ୍ଦେଶନା ଦେବା ସହ ଦୀର୍ଘ ୪୦ବର୍ଷ ପରେ ଏକ ଡବଲ୍ ରୋଲ୍ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ମନ ଜିତିଛନ୍ତି । ଯାହା ଏଥରର ମୁଖ୍ୟ ଆକର୍ଷଣ ପାଲଟିଛି । ଅନ୍ୟାନ୍ୟ ଭୂମିକାରେ ଶ୍ୟାମ ରାୟ ଅଭିନୟ କରିଥିବା ବେଳେ ରତିକାନ୍ତ ମଲ୍ଲିକ ଭିଡ଼ିଓଗ୍ରାଫି ଓ ଏଡିଟିଂ କରିଛନ୍ତି । ପ୍ରତି ନାଟକ ୧୦ରୁ ୧୫ ମିନିଟ୍ ସମୟ ପାଇଁ ପ୍ରସ୍ତୁତ ହୋଇଛି । ତେବେ ଏହି ପତ୍ରିକାକୁ ଓଡ଼ିଶା ତଥା ଓଡ଼ିଶା ବାହାର ଏବଂ ଅଷ୍ଟ୍ରେଲିଆ, ଇଂଲଣ୍ଡରେ ଥିବା ଓଡ଼ିଆ ଲୋକ ଦେଖିବା ସହ ବହୁ ପରିମାଣରେ ଶେୟାର ମଧ୍ୟ କରୁଥିବାରୁ ଏହାର ଦର୍ଶକଙ୍କ ସଂଖ୍ୟା ମଧ୍ୟ ବେଶ୍ ଅଧିକ ରହୁଛି ।

# 'ନିଶାମୁକ୍ତି ତଥା ମାନସିକ ସ୍ୱାସ୍ଥ୍ୟକ୍ଷେତ୍ରରେ ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କର ଭୂମିକା' ସମ୍ପର୍କିତ ଦିନିକିଆ କର୍ମଶାଳା ଅନୁଷ୍ଠିତ




ବାଲେଶ୍ୱର: ନିଶା କବଳରେ ଆଜି ସାରା ବିଶ୍ୱ । ବିଶେଷକରି ଭାରତବର୍ଷରେ ଅଧିକାଂଶ ଯୁବକ ନିଶା ସେବନ ପାଇଁ ନିଜର ତଥା ସମାଜର କ୍ଷତି ପହଞ୍ଚାଉ ଥିବା ବେଳେ ବିପଥଗାମୀ ହୋଇ ନିଜର ଭବିଷ୍ୟତକୁ ଅନ୍ଧାର ଆଡ଼କୁ ନିଜେ ଠେଲି ଦେଉଛନ୍ତି । ଏପରିସ୍ଥଳେ ବିଭିନ୍ନ ଯୁବଗୋଷ୍ଠୀ ନିଶାରୁ ବାହାରି ନିଜକୁ ସୁଧାରିବା ପାଇଁ ଚେଷ୍ଟଶ କରୁଥିଲେ ମଧ୍ୟ ଅଧିକାଂଶ ଯୁବକ ସେଥିରୁ ବାହାରି ପାରୁନାହାନ୍ତି । ବିଶେଷ କରି କଲେଜ ପଢୁଆ ଛାତ୍ରଛାତ୍ରୀମାନେ ସାଙ୍ଗସାଥୀମାନଙ୍କ ସହ ମିଶି ଅଳ୍ପ ସମୟପାଇଁ ଏକ ଆନନ୍ଦର ମାଧ୍ୟମ ଭାବେ ଏହାକୁ ଆରମ୍ଭ କରୁଥିଲା ବେଳେ ଏହି ନିଶା କେତେବେଳେ ତାଙ୍କୁ ସମ୍ପୂର୍ଣ୍ଣ ଭାବେ ଗ୍ରାସ କରି ଦେଇଥାଏ ସେମାନେ ନିଜେ ମଧ୍ୟ ଜାଣି ପାରିନଥାନ୍ତି । ଏଣୁ ଏପରି ଯୁବଗୋଷ୍ଠୀଙ୍କୁ କିପରି ଭାବେ ସେମାନେ ଏହି ନିଶାରୁ ତ୍ରାହି ପାଇ ନିଜ ଜୀବନକୁ ଏକ ଶୃଙ୍ଖଳିତ ଜୀବନରେ ପରିଣତ କରି ପାରିବେ ଏବଂ ଏଥିପାଇଁ ଶିକ୍ଷାନୁଷ୍ଠାନ ଗୁଡ଼ିକର କ'ଣ ଆଭିମୁଖ୍ୟ ରହିଛି, ଏହି ପରିପ୍ରେକ୍ଷୀରେ ସଂପ୍ରତି ବାଲେଶ୍ୱର ଜିଲ୍ଲାର ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ନିଶାମୁକ୍ତି ତଥା ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କର ଭୂମିକା' ସମ୍ପର୍କିତ ଏକ ଦିନିକିଆ କର୍ମଶାଳା ଏନ୍‌ଏସ୍‌ଏସ୍ ବିଭାଗ ଏଫ.ଏମ୍ ୟୁନିଭରସିଟି ଏବଂ ଯୁବ ବିକାଶ ସଂଗଠନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଯାଇଛି । କର୍ମଶାଳା ପ୍ରାରମ୍ଭରେ ଯୁବ ବିକାଶ ସଂଗଠନର ନିର୍ଦ୍ଦେଶକ ଗୋବିନ୍ଦ ବଲ୍ଲଭ ଦଳାଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ନିଶା ମୁକ୍ତ ବିଶ୍ୱବିଦ୍ୟାଳୟ ଗଠନ ପାଇଁ ଆହ୍ୱାନ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଶୁଭେନ୍ଦୁ କୁମାର ଦେ ଯୋଗ ଦେଇ ନିଶାମୁକ୍ତି ତଥା ମାନସିକ ରୋଗର ନିରାକରଣ ଦିଗରେ ଶିକ୍ଷାନୁଷ୍ଠାନ ଗୁଡ଼ିକର ଭୂମିକା ଉପରେ ଆଲୋକପାତ କରିବା ସହ ପୂର୍ବତନ ପୋଲିସ ଅଧିକାରୀ ସନ୍ତୋଷ ନାୟକ ଯୋଗ ଦେଇ ନିଶା ନିବାରଣ କ୍ଷେତ୍ରରେ ବିଭିନ୍ନ ଆଇନ ବିଷୟରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ବକ୍ତା ଭାବେ ଡଃ. ମହମ୍ମଦ ଇମ୍ରାନ ଅଲ୍ଲୀ, ନିଉ ଲାଇଫ ନିଶାନିବାରଣ କେନ୍ଦ୍ରର ପ୍ରତିଷ୍ଠାତା ପ୍ରଶାନ୍ତ ମହାରଣା, ପିଜି କାଉସିଲ୍ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, ଫକୀରମୋହନ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ସଂଯୋଜକ ଡଃ ଅମୂଲ୍ୟ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦାନ କରି ନିଶାର ବିଭିନ୍ନ ଅପବ୍ୟବହାର ଉପରେ ଛାତ୍ରଛାତ୍ରୀଙ୍କୁ ଦୂରେଇ ରହିବା ପାଇଁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ମେଡ଼ିକାଲ କଲେଜ ସର୍ଜରୀ ବିଭାଗର ଡ. ମନୋଜ ବାରିକ, ବିଭିନ୍ନ ଉଦାହରଣ ମାଧ୍ୟମରେ ନିଶା ଠୁ ଦୂରେଇ ରହିବା କ୍ଷେତ୍ରରେ ଯୁବପିଢ଼ି ତଥା ଶିକ୍ଷାନୁଷ୍ଠାନମାନଙ୍କର ଭୂମିକା ବିଷୟରେ ଆଲୋକପାତ କରିଥିଲେ ।

ଶେଷରେ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ବିଭାଗର ଡଃ ଅମୂଲ୍ୟ କୁମାର ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଶକୁନ୍ତଳା ଆର୍ଟ ଗ୍ୟାଲେରୀରେ ପ୍ରଥମ ଚିତ୍ରକଳା ପ୍ରଦର୍ଶନୀ



ଭୁବନେଶ୍ୱର: ସ୍ୱାଧୀନତାର ୭୫ବର୍ଷ ପୂରଣ ଉପଲକ୍ଷେ ଅମୃତ ମହୋତ୍ସବ ପାଳିତ ହେଉଥିବା ବେଳେ ସ୍ୱାଧୀନତା ଦିବସ ଅବସରରେ ଭୁବନେଶ୍ୱରର ଉତ୍ତରାଛକ ଠାରେ ପିପିଲି ବଧାୟକ ରୁଦ୍ର ପ୍ରତାପ ମହାରଥୀଙ୍କ କରକମଳରେ 'ଶକୁନ୍ତଳା ଆର୍ଟ ଗ୍ୟାଲେରୀ'ର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଏହି ଅବସରରେ ଦିଲ୍ଲୀ ଲଳିତ କଳା ଏକାଡ଼େମୀର ସଚିବ ରାମକୃଷ୍ଣ ବେଦାଲା ଏବଂ ଧର୍ମପଦ ପୁରସ୍କାର ପ୍ରାପ୍ତ ଶିଳ୍ପୀ ବିନୋଦ ମହାରଣା ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଉଦ୍‌ଘାଟନୀ ଉତ୍ସବ ଅବସରରେ ଦିଲ୍ଲୀ ଲଳିତ କଳା ଏକାଡ଼େମୀ ଓ ଶକୁନ୍ତଳା ଆର୍ଟ ଗ୍ୟାଲେରୀ ସହଭାଗିତାରେ ଏକ ଜାତୀୟ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ଏହି ପ୍ରଦର୍ଶନୀରେ ମୀନକେତନ ପଟ୍ଟନାୟକ, ପ୍ରଦୋଷ ସ୍ୱାଇଁ, ପ୍ରଦୀପ ପାଣ୍ଡେ, ରାଜେଶ ନାୟକ, ରାଜକିଶୋର ମହାରଣା, ପ୍ରଜେଶ ମହାପାତ୍ର, ସ୍ଥିତଧୀ ରଥ, ସନ୍ତୋଷ ମହାରଣା, ଅତସୀ ବସୁ ଜେନା, ଜ୍ଞାନେଶ ମିଶ୍ର, ନିତ୍ୟାନନ୍ଦ ସାହୁ, ମମତା ସାମନ୍ତରାୟ, ନିବେଦିତା ପଟ୍ଟନାୟକ, ଲିପିଶ୍ରୀ ନାୟକ, ରବି ଚେଟି, ଯେ.ଏମ.ପଟ୍ଟନାୟକ, ସଞ୍ଜୟ କେତନ, ମନୋଜ ମହାନ୍ତି, ଅଶୋକ କୁମାର ବେହେରା, ବିଶ୍ୱମୋହନ ରଥ, ସ୍ୱୟଂସୁଧା ପଟ୍ଟନାୟକ, ନମିତା ସାହୁ ଏବଂ ରାଜନନ୍ଦିନୀ ମହାପାତ୍ରଙ୍କ ଭଳି ପ୍ରତିଷ୍ଠିତ ୨୫ଜଣ ଜାତୀୟସ୍ତରୀୟ ଚିତ୍ରଶିଳ୍ପୀ ଯୋଗଦାନ କରିଥିଲେ । ଏହି ପ୍ରଦର୍ଶନୀ ସାତଦିନ ଧରି ଚାଲିଥିଲା ଏବଂ ଦର୍ଶକମାନଙ୍କ ପାଇଁ ଏହା ଦିବା ୧୧ଘଂଟାରୁ ସନ୍ଧ୍ୟା ୭ଘଂଟା ପାଇଁ ପର୍ଯ୍ୟନ୍ତ ଖୋଲା ରହୁଥିଲା ବୋଲି ଗ୍ୟାଲେରୀରର ନିର୍ଦ୍ଦେଶକ ଜନାର୍ଦ୍ଦନ ପରମଗୁରୁ ପ୍ରକାଶ କରିଛନ୍ତି ।




ପ୍ରଚ୍ଛଦ କଳ୍ପନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : **Ankita Kumar,** Kolkata
ଉଚ୍ଚତା : ୫ ଫୁଟ୍ ୬ ଇଞ୍ଚ୍
ବୃତ୍ତି : **Make-up Artist**
ଶିକ୍ଷା : **Graphic designing**
ପ୍ରବୃତ୍ତି : **Drawing, Singing**
ପ୍ରଚ୍ଛଦ ଫଟୋଗ୍ରାଫି : **Akash Das,** Kolkata
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କର୍ମ, ସୋନପୁର
ମେକ୍‌ଅପ୍ ଓ କଷ୍ଟ୍ୟୁମ୍ : **Tia**
ସ୍ଥାନ : **Barrackpore, Kolkata**

ଲେଣ୍ଡର

# ସେପ୍ଟେମ୍ବର - ୨୦୨୨

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

୦୧/୦୯/୨୦୨୨ : ନୂଆଖାଇ
୦୫/୦୯/୨୦୨୨ : ଗୁରୁଦିବସ
୧୭/୦୯/୨୦୨୨ : ବିଶ୍ୱକର୍ମା ପୂଜା
୨୫/୦୯/୨୦୨୨ : ମହାଳୟା

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | | | | | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ଅପ୍ରେଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

# ଦ୍ରୌପଦୀ-୧୯

## ପ୍ରଫୁଲ୍ଲ କୁମାର ମହାନ୍ତି

(ଅର୍ଜୁନର ରାଧାଚକ୍ର ଭେଦ)
ଉଠିଲେ ଦୁର୍ଯ୍ୟୋଧନ
ସଗର୍ବ ଚାଲିରେ ସତେ ଅବା ବିଜୟ ମୁକୁଟ
ମୁଣ୍ଡରେ ଯାଇଛି ଲାଗି ବାକି ଅଛି
ଖାଲି ପ୍ରଦର୍ଶନ ଗୌରବର ତୀବ୍ର ଉଚ୍ଚାରଣ
କୌରବ ତାଳିମାଡ଼ରେ ଯେତେବେଳେ
ଉଠାଇଲେ ଧନୁ ମାଂସପେଶୀ ଟାଣ କରି
ଚଳିଲାନି ଧନୁ ମୁହଁମାଡ଼ି ପଡ଼ିଗଲେ
ନିଃଶ୍ୱାସ ଅଟକି ଗଲା ସଭାଜନଙ୍କର
କୌରବ ହଟ୍ଟଗୋଳ ମଧ୍ୟେ ଚିନ୍ତିତ ଦ୍ରୁପଦ
ପ୍ରଶ୍ନ କଲେ ଭାରତର ହୀନବୀର୍ଯ୍ୟ ସ୍ଥିତି:

ଆଜି କଣ ବୀର ଶୂନ୍ୟ ଆର୍ଯ୍ୟାବର୍ତ୍ତ ଭୂମି
ଏମାନେ କି ରାଜା ଯାହାର କ୍ଷମତା ନାହିଁ
ଟେକିବାକୁ ଧନୁ କିପରି କରିବେ ରକ୍ଷା
ନିରୀହ ଜନତା ବିଦେଶୀ ଶତ୍ରୁର ଧନୁ ଟଙ୍କାରରୁ
ଆଜି ମୁଁ ମର୍ମାହତ ଲଜ୍ଜିତ କାହିଁକି ରଖିଲି ସର୍ତ୍ତ
ଭାରତର ଶ୍ରେଷ୍ଠ ଧନୁର୍ଦ୍ଧର
ଯୋଗ୍ୟ ହେବ କନ୍ୟା ଦ୍ରୌପଦୀର !

ବୀରଶୂନ୍ୟ ନୁହେଁ ରାଜା- ଶୁଭିଲା ଦୂରରୁ
ଆର୍ଯ୍ୟମାଟି ବୀର ମାଟି ନୁହେଁ ବାଲିଚର
ଏ ମାଟି ଜନମ ଦିଏ ପର୍ଶୁରାମ ସନ୍ଦିପନୀ
ଇନ୍ଦ୍ରର ବଜ୍ର ଭେଦେ ଦ୍ରୋଣଙ୍କ ଶାୟକ
ଯଦି ମିଳେ ଅନୁମତି ଦେଉଛି ପ୍ରତିଶ୍ରୁତି
କରିବି ପ୍ରମାଣ ରାଜା ଆର୍ଯ୍ୟାବର୍ତ୍ତ ନୁହେଁ ହୀନବଳ-

କିଏ ? କାହାର ଏ ଆସ୍ଫାଳନ
କିଏ ଏ ବ୍ରାହ୍ମଣ ଅସ୍ତ୍ର ପ୍ରତିଯୋଗିତାରେ
କାହାର ଏ ବାଚାଳାମି ମୁକ୍ତ ଅପମାନ ?
ଶକୁନି ପଚାରିଲେ ଯଦି କର୍ଣ୍ଣ ଅଯୋଗ୍ୟ ଏଠି
ବ୍ରାହ୍ମଣ କିପରି ଯୋଗ୍ୟ ବଂଶ ପରିଚୟହୀନ

ଆଶ୍ରମର ଘୋଷାପାଠ କରେ ଯିଏ ଉଚ୍ଚାରଣ
ରାଜକୀୟ ସ୍ୱୟଂବରେ ତା'ର କିବା ପ୍ରୟୋଜନ ?

ଦ୍ରୌପଦୀ ଚାହିଁଲେ ନିରେଖିଲେ
ଦୀପ୍ତିଭରା ମୁଖ ତୀକ୍ଷ୍ଣ ଆଖିରେ ଥିଲା
ସଂକଳ୍ପର ପ୍ରଖର ଇଙ୍ଗିତ- କିନ୍ତୁ
ଅସଂସାରୀ ବନବାସୀ କାହିଁକି ବା ଭାଗ ନେବ
ସ୍ୱୟଂବର ଅସ୍ତ୍ର ପରୀକ୍ଷାରେ
ଯଦି ଜିଣେ ମୁଁ ହେବି ସନ୍ୟାସିନୀ
ଆଶ୍ରମ ସଙ୍ଗିନୀ- ଭାଙ୍ଗିଗଲା ଚିନ୍ତା
ରାଜାଙ୍କର କୋଳାହଳ କ୍ରୋଧ ବିରାଗରେ:
ଠିଆ ହେଲେ କୃଷ୍ଣ ବାସୁଦେବ
ସସ୍ମିତ ମୁହଁରେ ଥିଲା ପରିହାସ ତାତ୍ସଲ୍ୟର
ନରମ ଆଭାସ- ସ୍ୱୟଂବର ନୁହେଁ
ଅହଂକାର ପ୍ରଦର୍ଶନ ମଞ୍ଚ, କ୍ଷାନ୍ତ ହୁଅ
ବ୍ରାହ୍ମଣ ତ ଗୁରୁଜାତି କାହିଁକି ଆପତ୍ତି
ବୀର ପରୀକ୍ଷା ଲାଗି ଏହି ଆୟୋଜନ
ରାଜାମାନେ ଯଦି ଅସଫଳ କ୍ଷତି କଣ
ଯଦି ବ୍ରହ୍ମଶକ୍ତି ପାଏ ଏଠି ଗୋଟିଏ ସୁଯୋଗ-

ଦ୍ରୁପଦ ପଚାରିଲେ ଯୁବକ ବ୍ରାହ୍ମଣ
କଣ ତୁମ ପରିଚୟ କିଏ ତୁମ ଗୁରୁ ?
ମୋର ପରିଚୟ ମୋର ବିଦ୍ୟା
ଯଦି ମୁଁ ସଫଳ ହୁଏ ବିଶ୍ୱବିଦିତ ହେବ
ମୋର ବଂଶ ପରିଚୟ ଗୁରୁଙ୍କ ମର୍ଯ୍ୟାଦା;
ଠିକ୍ ଅଛି ତେବେ ଦିଅ ସେହି ପରିଚୟ
ନଚେତ୍ ପରିଣାମ ବାଣତୁମେ କହିଲେ ଦ୍ରୁପଦ ।

ହଠାତ୍ ଦେଖିଲା କୃଷ୍ଣା
କୃଷ୍ଣଙ୍କର ସ୍ମିତ ହସ ଆଖିର ଇଙ୍ଗିତ
ସଖା ଯଦି ପ୍ରୀତ ଦେଖାଯାଉ ଅଜଣା ଆଗତ
କି ଫୁଲ ଫୁଟାଇବ ଭାଗ୍ୟ ଆକାଶରେ !

ଆଗେଇଲା ଯୁବକ ବ୍ରାହ୍ମଣ
ଖାଲିପାଦେ ଦୁଲୁକାଇ ମାଟି




ପିଣ୍ଡି ଚଢ଼ି ହେଲେ ନତଜାନୁ
ପ୍ରଣମିଲେ ଗୁରୁଦେବ ଇଷ୍ଟ ପୁରୁଷ
ନିମିଷକେ ଧନୁ ଟାଣି ଲଗାଇଲେ ଗୁଣ
ଜଳେ ଦେଖି ଘୂର୍ଣ୍ଣନ୍ତ ପ୍ରତିବିମ୍ବ
ଭେଦିଲେ ଅକାତରେ ଚକ୍ରବନ୍ଧା ମାଛ ଆଖି
ସ୍ୱଚ୍ଛ ଆକାଶରୁ ଝରିଗଲା ଫୁଲଶଙ୍ଖ
ଅଦୃଶ୍ୟ ରାଗିଣୀରେ ମହକିଲା ସ୍ୱୟମ୍ବର କ୍ଷେତ୍ର ।

ଦ୍ୱନ୍ଦ୍ୱରେ ଦ୍ରୌପଦୀ
ସନ୍ଦେହରେ ଦ୍ରୁପଦ
ଈର୍ଷାରେ କୌରବ
ହର୍ଷରେ କୃଷ୍ଣ ବାସୁଦେବ ।

ହଠାତ୍ ବାଜିଲା ତାଳି ଫୁଟିଗଲା କୋଟିଏ କମଳ
ଫୁଲହାର ଧରି ଠିଆ ହେଲେ
ଧୁଆଁଳିଆ ବହ୍ନି ପରି
ସୁନ୍ଦରୀ ଦ୍ରୌପଦୀ ।

♥ 'ଚିତ୍ରକାବ୍ୟ', ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୦୩୭୬୨୩



▲ ପ୍ରଫୁଲ୍ଲ କୁମାର ମହାନ୍ତି

## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

ପ୍ରଫୁଲ୍ଲ କୁମାର ମହାନ୍ତି

# ପକ୍ଷୀ

## ଅଭୟ ଦାସ



▶ଚିତ୍ର : Artist Dhanunjay Prasad

କେହି ଶୁଣିଛ କି କେବେ
ପକ୍ଷୀଙ୍କ କଥାକୁହା, କାନ୍ଦଣା-ଝଗଡ଼ା;
ପକ୍ଷୀଙ୍କ ଗଜଲ୍, ଠୁମ୍ରି,
ଶାସ୍ତ୍ରୀୟ ସଂଗୀତ ?
ଶୁଣିଛ କି ସେମାନଙ୍କ ଲୋରି
ମିଠାମିଠା ଲଳିତ କୋରସ୍ ?
ଶୁଣିଛ କି କେବେ ତାଙ୍କ
ଜୀବନର ରୁବାୟତ୍
ପଢ଼ିଛ କି ସେମାନଙ୍କ
ଜୀବନ ସଂହିତା ?

ମୁଁ ତ ଏବେ
ଶୁଣୁଛି ସେମାନଙ୍କ ଚିତ୍ରଗୀତି
ପ୍ରତି ସଂଜ ପ୍ରତିଟି ସକାଳେ
ନିଃସଙ୍ଗତାର ଚନ୍ଦ୍ରଚର୍ଚ୍ଚିତ
ନିଦ୍ରିତ ଉପବନେ ।


ଏବେ ତ ମୋ ଚତୁର୍ଦ୍ଦିଗରେ
ପକ୍ଷୀଙ୍କ ଅଭୟାରଣ୍ୟ;
କେତେ କେତେ ଖୁସିଗପ
ହସକାନ୍ଦ, କିଚିରିମିଚିରି
ରାଗରୋଷ, ଅଭିମାନ, ବାତ୍ସଲ୍ୟ ପୀରତି ।
କେବେକେବେ ଲାଗେ ମୋତେ
ସେମାନେ ତ ଜଣେ ଜଣେ
ନିପୁଣ ନର୍ତ୍ତକୀ;
ଚିତ୍ରିତ ମେଘଖଣ୍ଡକୁ ଛୁଇଁ ଛୁଇଁ
ସେମାନେ କି ନାଚୁଛନ୍ତି
ଓଡ଼ିଶୀ, ଭାରତନାଟ୍ୟମ୍
କେବେ ପୁଣି ବ୍ୟାଲେ ଡ୍ୟାନ୍ସ
କେବେ କୁଚିପୁଡ଼ି ।

କେତେକେତେ କିସମ କିସମ ପକ୍ଷୀଙ୍କ
ଏବେ ତ ଭାରି ଭିଡ଼
ମୋ ଝର୍କା କଡ଼ ଅଗଣାରେ
କରଞ୍ଜ ଫୁଲର ବିଛଣାରେ
ଅବା କାମିନୀ, ଦେବଦାରୁର
ନହକା ଡାଳରେ ।
ଲାଗୁଛି ଯେମିତି ଏଇମାତ୍ର
ଆରମ୍ଭ ହୋଇଛି ଗୋଟେ
ପକ୍ଷୀ ମହୋତ୍ସବ ।
କାଉଠୁ କଜଳପାତି
ବଣି ଠୁ ହଳଦୀବସନ୍ତ, କୁଣ୍ଡାଭୁଷୁଣ୍ଡି
କାଠଖୁମ୍ପା ଠୁ କୁମ୍ଭାଟୁଆ
କୋଇଲି ଠୁ ମାଛରଙ୍କା
ଟିଆ ଶୁଆ ଗେଣ୍ଡାଳିଆ
ବାଇଚଢ଼େଇ ଠୁ ଭଦଭଦଳିଆ
ଏମାନେ ତ ଏକାନ୍ତବାସରେ ମୋର
ଚିର ସହଚର ।

ହେ ମୋର ପ୍ରିୟ ପକ୍ଷୀଗଣ
ଆସ, ଓହ୍ଲାଇ ଆସ ମୋ କାନ୍ଧ ଉପରକୁ
ବସ, ମୋ ବାବୁରି ବାଳର
ଅରମ୍ୟ ଅରଣ୍ୟରେ ।
ମୁଁ ତୁମକୁ ସ୍ପର୍ଶ ଦେବି; ବୋକ ଦେବି
ଆଖିରେ ଦେବି
ଅୟୁତ ଯୁଗର ପ୍ରେମାଞ୍ଜନ;
ଚଞ୍ଚୁରେ ଦେବି
ସ୍ନେହବୋଳା ଅପୂର୍ବ ଚୁମ୍ବନ ।
ନୀଳମେଘର ଶୀତଳ ଆଶ୍ଲେଷ ପରି
ମୁଁ ବି ଲେସି ହୋଇଯିବି
ତୁମର ଉନ୍ମୁକ୍ତ ଚିତ୍ରିତ ଡେଣାରେ ।
ତୁମେ ଥରେ ଓହ୍ଲାଇ ଆସ
ମୋର ବିସ୍ତାରିତ ଶୂନ୍ୟସ୍ଥାନର
ଘନଘୋର ଏକାନ୍ତବାସରେ,
ଯେଉଁଠି ମୁଁ କାଳକାଳ ସଂଗରୋଧରେ
ପ୍ରିୟ ଠାରୁ ପ୍ରିୟମ୍ବଦା ଠାରୁ
ସ୍ମୃତି ଠାରୁ ସିଦ୍ଧି ଠାରୁ
ପ୍ରୀତି ଠାରୁ ପୁଣ୍ୟ ଠାରୁ
ଜୀବନ ଠାରୁ ଯୌବନ ଠାରୁ
ପ୍ରଶ୍ୱାସ ଠାରୁ ପ୍ରତିଶ୍ରୁତି ଠାରୁ ।

ହେ ପକ୍ଷୀ
ଥରେ ଆସ ମୋ ପାଖକୁ
ନିଷିଦ୍ଧ ନିର୍ବାସନରେ ଷଢୁଥିବା
ଏ ଶୂନ୍ୟମଣ୍ଡପକୁ ।

♥ ବିଦ୍ୟାଭାରତୀ
ଆଜିମାବାଦ, ବାଲେଶ୍ୱର
ଫୋନ: ୮୩୨୮୯୦୯୦୩୦
୯୪୩୭୧୨୮୭୮୪



▶ଚିତ୍ର ଅଭୟ ଦାସ

# ଅଧରା

## କିଶୋର ପାଣିଗ୍ରାହୀ



▲ ଚିତ୍ର : ଶିଳ୍ପୀ ଉତ୍ତମା ଜେନା

ପ୍ରେମ କରିବ ତ
ମୁଣ୍ଡ କାଟି ସଁପି ଦେଇପାରେ
ମୁଁ ଛିନ୍ନମସ୍ତା ପ୍ରେମର;
ଏକ ହସ୍ତେ ଲାଲେଲାଲ୍ ଖଡ୍‌ଗ
ଆରକରେ କଟାମୁଣ୍ଡ ମୋର ।

ବାନ୍ଧିବ ତ ?
ପ୍ରେମରେ ବାନ୍ଧ,
ଛନ୍ଦରେ ଛନ୍ଦି ପାରିଲେ ହେଲା;
ସେଇ ରେଶମୀ ଗଣ୍ଠି ଗୋଟିକ ମୋ ପାଇଁ ଯଥେଷ୍ଟ;
ବେଛନ୍ଦରେ ନଗାପଘା ହୁଡ଼ି ମୁଁ ଚାରିଦଉଡ଼ି କାଟ ।

ଫିଙ୍ଗିବ ତ ?
ପାହାଡ଼ ଖୋଲରେ
ଛିଟିକି ପଡ଼ିଥିବା ମୁଁ ବିସ୍ମୃତ ବୀଜର ଅଙ୍କୁର,
ପଥରର ଛାତିଫଟା ଉଲ୍ଲାସ ମୁଁ ବ୍ରହ୍ମକମଳର,
ଶିହରଣ ସ୍ଫୂର୍ତ୍ତି ଶ୍ୟାମଳିର ।

ନିର୍ବାସିତ କରିବ ତ ?
ଇତିହାସର ଠିଆମେଲା ଆକାଶରେ
ମୁଁ ନିଛାଟିଆ ତାରା,
ନିରଙ୍କୁଶ ଅନ୍ଧାର ଉପରେ ଅତ୍ମଘାତୀ ହାମ୍‌ଲା,
ସ୍ପନ୍ଦିତ ଅନ୍ଧାରର ଅର୍ଜନ ମୋର ଆୟୁଷ୍କାଳ,
ଅନାହତ ଆଲୋକର ବିଚ୍ଛୁରଣ ମୁଁ
ଶୂନ୍ୟତାର ନୀଳ ଯୋଗଫଳ ।

ହତ୍ୟା କରିବ ତ ?
ମୃତ୍ୟୁର ନିଷିଦ୍ଧ ଇଲାକାରେ
ମୁଁ ଅସିଦ୍ଧ ଈଶ୍ୱର,
ଜୀବନ-ଜଳାବର୍ତ୍ତର ବାୟବୀୟ ଉଲଙ୍ଘନ ଅଧାସ୍ୱର୍ଗର,
ଆଶ୍ୱାସନାର ଘନୀଭୂତ ଆର୍ଦ୍ର କଳେବର

ଜାବୁଡ଼ି ଧରିଲେ,
ମୁଁ ଖାଲି କୋଷା ମୁକୁଳି ଯାଇଥିବା ପ୍ରଜାପତିର,
ଅଧାଗଳାରେ ଅଟକ ଓଦାଓଦା ଦୀର୍ଘଶ୍ୱାସ ଅବସୋସର ।
ଫିଟି ପଡ଼ିଲେ ମୁଁ ଆହ୍ଲାଦର ସୁନାଖଳା,
ଛାତିଏ ସକାଳ,
ପିଛା କଲେ,
ମୁଁ ନିଅଂଟ ଶୋଷର କଳଙ୍କ ଜହ୍ନର ।

♥ ବିରୁହାଁ, ଜାହାଙ୍ଗୀର, ଭଦ୍ରକ-୭୫୬୧୧୭,
ଫୋନ୍: ୭୦୦୮୧୧୭୯୬୪



▲ ଡ଼ଃ କିଶୋର ପାଣିଗ୍ରାହୀ

# ମାଟି ଦେବୀ

## ବାଦଲ ମହାନ୍ତି


ହଁ ମୁଁ ବୋକାଲୋକ
ଜାଣେନା ମାଟିକୁ ନେଇ ପ୍ଲଟିଂ,
ବୁଝେନା, କେଉଁ ମାଟି ଶିଳ୍ପ ଯୋଗ୍ୟ
ଚିହ୍ନିପାରେନା
ଦୋରସା, ବାଲିଆ, ପଙ୍କୁଆ
ମୋ ଦେଇ କୋଉ ହେଇପାରେ କୃଷିକର୍ମ !

ମୁଁ ଏତେ ଦୟାଳୁ ଓ ଦୁର୍ବଳ ଯେ
ହେଇପାରେନା ସୈନିକ
ବୁଝେନା ସୀମାରେଖାର ସଂକୀର୍ଣ୍ଣ ତାତ୍ପର୍ଯ୍ୟ !
ମୁଁ ବିଭାଜନକୁ ସହି ପାରୁନଥିବା
ଜଣେ ଅଯୋଗ୍ୟ ଅଭାଜନ
ଦେଶବାସୀ ! ମୋତେ କ୍ଷମାକର ।

ମୁଁ ଶିଳ୍ପୀ !
ଅଭିଶପ୍ତ ମୋ ଜନ୍ମଲଗ୍ନ
ହେଲେ ଆଖିବୁଜି କହିଦେଇପାରେ
କୋଉ ମାଟିରୁ ଆସେ ଚୁଆ ଚନ୍ଦନର ବାସ ।

ଜାଣେ,
ମାଟିରେ କେତେ ଅଗାଡ଼ି ଓ କାଠଗୁଣ୍ଡ ମିଶିଲେ
ଶକ୍ତ ହୁଏ ଦେବୀମୂର୍ତ୍ତିର ମେରୁଦଣ୍ଡ
ଖାଲି ପାଣି ନୁହେଁ
ନାକ ଅଗ ଓ ମଝି କପାଳର ଝାଳ
ଯେବେ ମାଟିରେ ମିଶି ଏକାକାର ହେବ
ତେବେଯାଇ ସେଇ ମାଟିରୁ
ମନଲାଖି ମୂର୍ତ୍ତିଟିର ଦରୋଟି ଦିଶିବ ।

ନଡ଼ା ଛାଞ୍ଚରୁ ମାଟି ଦେହ
ମାଟି ଦେହରୁ ରଂଗଦିଆ



ଚିତ୍ର : Artist Jugal Sarkar

ରଂଗରୁ ପାଟ ପୀତାମ୍ବରୀ
ଜରି ମୁକୁଟ, ଖୋଲା କେଶ
ନାକରେ ଗୁଣା, କାନରେ କୁଣ୍ଡଳ
କପାଳେ ସିନ୍ଦୂର, ଚନ୍ଦନ,
ହାତରେ କଂକଣ, ଛାତିରେ ମଣିମାଳା
କଟିରେ ମେଖଳା, ପାଦରେ ଅଳତା, ପାଉଜ
ଶେଷକୁ ଆଖି ଫିଟାଇବାର ବେଳ ।

ତମେ ଏବେ ସାର୍ବଜନୀନ ଦେବୀ
ମୋ ଠୁ ମୋହ ଛାଡ଼
ଏବେ ତମ ପ୍ରାଣ ପ୍ରତିଷ୍ଠାର କାଳ ।

ଆବାହନ-ବିସର୍ଜନ ଆଉ ପାର୍ବଣର କୋଳାହଳରୁ
ମୁଁ କାଳେ କାଳେ ବାସନ୍ଦ ଦେବୀ
ପାଣି ପଡ଼ି ମିଳାଇ ଯାଉଥିବା ମାଟି ପରି
ମୋ ଅଭିମାନ ହିଁ ମୋ ସର୍ବସ୍ୱ
ମାଟି ମୋ ପାଇଁ ମନ୍ତ୍ର
ମାଟି ହିଁ ଆରାଧ ।

ମୋ କଳ୍ପିତ ତୁମ ମାଟି ଦେହ
କେବଳ ମୋର
ମୋ ହାତ ତିଆରି ତୁମ ମାଟି ଦେହ
ତମର, ତାଙ୍କର ଆଉ ସମସ୍ତଙ୍କର ।

ମୋତେ ବେଶୀ ଖୋଜିବନି ଦେବୀ
ମୁଁ ଜାଣେ ତମକୁ ପାଇବା ରହସ୍ୟ
ତମେ ତ ସେଇଠି ହିଁ ଥିବ
ଯେଉଁ ମାଟିରୁ ଆସୁଥିବ
ଚୁଆ ଚନ୍ଦନର ବାସ ।

♥ ପ୍ଲଟ୍ ନଂ ୫୧୩, ନୂଆସାହି, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୨,
ଫୋନ: ୯୭୭୮୦୩୫୭୬୭





ଚିତ୍ର : ଶ୍ରୀ ସ୍ୱୟଂପ୍ରଭା ମିଶ୍ର

# ସତୁରି ଦଶକର ବାଳିକା

**ରଜନୀ ଶତପଥୀ**

ନଈ ସେପାରି ଗାଁରେ ତା' ଚାଳଛପର ଘର
କଞ୍ଚା ବାଡ଼ରେ ଫୁଟେ ଖରାରଙ୍ଗର କନିଅର
ବାଡ଼ି ପଛପଟେ ଶୁଖେ ହଳଦିଆ ଫ୍ରକ୍
ତା' ବାଡ଼ି ପିଜୁଳି ପାଚିଲେ ଦିଶେ ସୁନ୍ଦର
ଭିତର ଗୋଲାପି
ବାହାର ଫିକା ହଳଦିଆ, ଗୋଲ୍ ।

କି ଗ୍ରୀଷ୍ମ କି ଶୀତ
ସବୁ ଋତୁରେ ତା'ଭିତରେ ଲାଗିରହେ ଝଡ଼ି
ଦିନ ପାଞ୍ଚ ସାତ ପ୍ରତି ମାସ,
ନଥାଏ ବିଜୁଳି କି ଘଡ଼ଘଡ଼ି
ସବୁ ଓଦାଓଦା ଅସନା
ଝଡ଼ି ପରେ ନିର୍ମଳ ଆକାଶ ପରି
ତା' ତୋଫା ମୁହଁ, ତା' ଦେହ ସୁନା ଖଡ଼ିକା
ଛ'ବର୍ଷ ଧରି ଯିଏ ମୋ'ସହ ଗାଉଥିଲା
ଗୋଟିଏ ପ୍ରାର୍ଥନା
ଅବୋଧ ବାଳକ ବୋଲି ଉଚ୍ଚାରୁଥିଲା
ସେଇ ସୁଧାର ବାଳିକା ।

ଜର ହେଲେ ଘୋଡ଼ିହୋଇ ଶୋଉଥିଲା ଘରେ
ଖାଉଥିଲା ଖଇ ଆଉ କ୍ଷୀର
ଗାଁରେ ନଥିଲେ ଡାକ୍ତର
ତାତି ବଢ଼ିଲେ ମାପିବାକୁ ନଥିଲା ଥର୍ମୋମିଟର ।

ଦୋଳ ମେଲଣ ଦେଖି ବାହାରିଲେ
ମା' କଥା ମାନି ପିନ୍ଧୁଥିଲା ଫ୍ରକ୍ ତଳେ
ଆଉ ଗୋଟେ ସାନ ଫ୍ରକ୍
ହୋଲିର ରଙ୍ଗ ତା' ପାଇଁ ରଙ୍ଗ ନୁହଁ
ଥିଲା ଭୟ ସତେ ଅବା ରକ୍ତପାତ ।

ସେ କେବେ କା'ର ନଥିଲା ପ୍ରେମିକା
ପ୍ରେମ ନ ଶିଖି ଶିଖିଥିଲା
ଶାଢ଼ିପିନ୍ଧା, ଭାତରନ୍ଧା, ଝୋଟିପକା
ବାହାହେଲା ପରେ ଅଲାଜୁକି
ମତେ ଥରେ ଲେଖିଥିଲା ଚିଠି
"ଭାରି କାନ୍ଦ ମାଡ଼େ...
ରେଡ଼ିଓରୁ ତମ ଗୀତ ଶୁଣେ ଯେବେ
ରବିବାର ଖରାବେଳେ... ।"

ସତୁରି ଦଶକରେ
ସାହିତ୍ୟରେ ସତର ଅଠର ରଖୁଥିବା ବାଳିକାଟି
ମୋ' ଗୀତରୁ କେମିତି ଏତେ ଦରଦ
ବୁଝିପାରେ ବୋଲି କେବେ ପଚାରିନି ତାକୁ,
ଖାଲି ନିଜକୁ ପଚାରେ ।

ଜି-୬୦୨, ଆକ୍ରୋପଲିସ୍,
ଗୋଠପାଟଣା, ଭୁବନେଶ୍ୱର-୭୫୧୦୨୯
ଫୋନ:୯୩୩୭୯୬୫୫୬୪



ଡଃ ରଜନୀ ଶତପଥୀ

# ସଭ୍ୟତାର ସୂର୍ଯ୍ୟୋଦୟ

## ବିଶ୍ୱନାଥ ନାୟକ

ଭାଙ୍ଗିରୁଜି ଯାଉଥିବା ସହର
ଯେଉଁଠି ସ୍ୱପ୍ନ ସବୁ
ଗୋଡ଼ ଭାଙ୍ଗି ଠିଆ ହୁଅନ୍ତି
ସ୍ୱାର୍ଥର କଂକାଳ ନେଇ
ଶାଗୁଆ ଜିଭର ମୋହ
ଭୂମିରୁ ଭୂମା ହୁଏ ସଂକ୍ରମିତ
କେବଳ ସ୍ୱାର୍ଥ ପାଇଁ ।

ଅତିକ୍ରମଣ, ଜବରଦଖଲ
ହେଇ ଚାଲିଛି ସରକାରୀ ଜମି,
ବାଡ଼ି, ଘରଡିହଙ୍କ ସ୍ୱପ୍ନର
ଅସଜଡ଼ା ପ୍ରବୃତ୍ତି ନେଇ
ସଭ୍ୟତା ଠିଆ ହୋଇଛି
ହଳେ ପାଦ ନେଇ ରାଜଧାନୀର
ସଦର ମହକୁମାରେ ।

ବସନ୍ତବିହାର, ଡିଫେନ୍ସ କଲୋନି
ଜାହାଙ୍ଗୀର ପୁରୀ, ସଲିମପୁର,
ହେଉ ବା ଗୀତା କଲୋନୀ
ସବୁଠି ଚଢ଼ିବ ବୁଲଡୋଜର୍
କାଶ୍ମୀର ଠୁଁ ବସ୍ତର
ଲକ୍ଷ୍ନୌ ଠୁଁ ପ୍ରୟାଗରାଜ,
ସବୁଠି ତା ଆତଙ୍କୀ ହାହାକାର
ନିଲାମ ହେବ ଜବରଦଖଲକାରୀଙ୍କ
ଆମଦାନୀ ଝାଳ
ଏ ମାଟି ମାଗିବ ତାଙ୍କ ଠୁ
ଦେଶ ପାଇଁ ତ୍ୟାଗର ମୂଲ ।

ଆଧାରକାର୍ଡ଼ ଠିକଣାରେ
ଅବଶୋଷର ଜଖମ୍ ନେଇ
ଦେଶର ସେଇ ନାଗରିକ
ମୁକ୍ତ ଅଧିକାରର ସ୍ୱପ୍ନ ନେଇ
ବଂଚିବ ନାହିଁ ନାହିଁର ବସ୍ତିରେ
ମୁଫତ୍‌ଖୋରୀ ଅଭାବୀ ଢଙ୍ଗ ନେଇ
ଉଠି ବସିବ ଗାନ୍ଧୀବାଦୀ
ସମାନତାର ଅଧିକାର ।

ଭଗବାନ, ଆଲ୍ଲା, ଇଶାମଶୀ
ବାଦ୍ ପଡ଼ିବେନି ଭକ୍ତିରେ ଉତ୍ସର୍ଗ ହୋଇ
ବୁଲଡୋଜରର ଶ୍ରଦ୍ଧା ତାଙ୍କ
ଆଶୀର୍ବାଦ ନେଇ ଲେଖିବ
ଧ୍ୱଂସର ତାଣ୍ଡବ



▲ ଚିତ୍ର : ଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକ

ଦେଶର ପୃଥ୍ୱୀରାଜ, ରଣଜୀତ, ବାଜିରାଓ
ଚନ୍ଦ୍ରଗୁପ୍ତ, ଅଶୋକ ସମ୍ରାଟଙ୍କ
ହାତୀ ଘୋଡ଼ାଙ୍କ ପଟୁଆର
ଦେଖା ଯିବନି ସାମ୍ରାଜ୍ୟର ଇଚ୍ଛା ହୋଇ
ଏ ସହରର ମାଟି ତଳୁ
ଉଦ୍ଧାର ହେବନି ଲକ୍ଷ ଲକ୍ଷ
ସିଂହାସନ ବଳିଦାନର ଅକ୍ଷର ହୋଇ ।

ଇନ୍ଦ୍ରପ୍ରସ୍ଥରୁ ଆଉ ଶୁଭିବନି
ମୁଗୁନୀ ପଥର ଭାଙ୍ଗିବାର ଶବ୍ଦ
ଜାମା ମସ୍‌ଜିଦ୍‌ରୁ ଭାସି ଆସିବନି
ମୌଲାନାର ବିକୃତ ସ୍ୱର
ଅମୀନାଗଡ଼ୁ ଶୁଣା ଯିବନି
ସଂଖ୍ୟାଲଘୁମାନଙ୍କ ସାମ୍ବିଧାନିକ
ଅଧିକାର ପାଇଁ ମିଛ ଚିତ୍କାର ।

ପଥର ଭାଙ୍ଗି ଇତିହାସକୁ
ରଙ୍ଗ ଲେପିବା ବନ୍ଦ ହେବ
ଦେଶଟିଏ ବଂଚିଛି ଏବେ ବି
ଭୂଗୋଳର ଭୋକିଲା ଆବେଗରେ
ତା ପାଇଁ ତା ମାଟିକୁ
ସ୍ୱପ୍ନର ମୀନାରଟିଏ
ଗଢ଼ିବାକୁ ତ ଦିଅ ।

କାହିଁକି ନା
ଦେଶ କାଲି ଥିଲା, ଆଜି ଅଛି
କାଲି ବି ତ ରହିଥିବ,
ତାକୁ ବି ତ ବଂଚିବାର ଅଛି
ସଭ୍ୟତାର ନୂଆ ସୂର୍ଯ୍ୟୋଦୟ ନେଇ
ବୀରଭୋଗ୍ୟା ବସୁନ୍ଧରାର
ଆହ୍ୱାନ ହୋଇ ।

♥ ଗୋଳାପୋଖରୀ, ତିହିଡ଼ି, ଭଦ୍ରକ
ଫୋନ:୯୪୨୫୩୩୫୩୧୬



▼ କବି ବିଶ୍ୱନାଥ ନାୟକ

# କିଛି ଲୋକ


## ଡକ୍ଟର କମଳାକୃଷ୍ଣ ତ୍ରିପାଠୀ

କିଛି ଲୋକ
କଣ୍ଟା ପକାନ୍ତି ସଭିଏଁ ଚାଲୁଥିବା ରାସ୍ତାରେ,
ଛଟପଟ ହେଉଥିବା ରକ୍ତାକ୍ତ ପାଦରେ
ଛୋଟେଇ ଚାଲିବା ବେଳେ
ମୁରୁକି ହସନ୍ତି ।

କିଛି ଲୋକ
ଅପେକ୍ଷା କରିଥାନ୍ତି ଛକରେ,
କାଳେ ପଡ଼ିଯିବ କି ମୃଗନୟନୀ
ଶୀଘ୍ର ଶୀଘ୍ର ଜୀବନର
ରାସ୍ତାକୁ ପାରି ହେଉ ହେଉ
ହାତ ଖୋଲି ମଲମ ଲେସିବାକୁ, ଦରଜ ଅଂଟାରେ ।

କିଛି ଲୋକର କୁହାଳିଆ ଶବ୍ଦ
ଏତେ ମଖାମଖି ଯେ
କାନରେ ଯିବା କ୍ଷଣି ସର୍‌ସାର୍ ଖସି ପଳାଏ
ବଞ୍ଚିଥିବା ବଳକା ଆୟୁଷ
ଅବସୋସର ଜଳପ୍ରପାତରେ ପଣତଟେ ସାଜି ।

ଚିକଣଚାକଣ ପଡ଼ିଶା କାନ୍ଥରେ
କଣ୍ଟା ପିଟି କିଛି ଲୋକ ଶୁଖାଇ ବସନ୍ତି ଦରଶୁଖା ଲୁଗା,
ନିଜେ ଟାଣି ନିଜେ ଚିରି



ଚିତ୍ର : ଶ୍ରିଷ୍ଟି ପାତ୍ର

ଆଦାୟ କରନ୍ତି ନୂଆଟିଏ ପ୍ରତିବଦଳରେ ।
ପାରିହୁଏନି କିଛି ଲୋକଙ୍କୁ ।

ସିଧା କି ବଙ୍କା କି ଚାମଚରେ ବି ବାହାରି ପାରେନା
ତରଳତମ ଘିଅ
ପଘା ଛିଣ୍ଡେଇ ବେକରେ ଓହଳେଇ
ଉତ୍‌ପାତ ତିଆରି କରୁଥିବା ମତୁଆଲା ଷଣ୍ଢ ପାଇଁ
ଫରକ ପଡ଼େନା
ମିଛିମିଛିକା ହସ, ସତସତିକା ଲୁହ ।

ଅଦିନିଆ ସମୟର ନିର୍ଘାତିଆ ମାଡ଼
ନିଃଶବ୍ଦ ମେଘର ପାଞ୍ଚଣ ପାହାର
ସମତୁଲ କରି ପକାଏ କିଛି ଲୋକର ପଞ୍ଜରା ହାଡ଼ ।

ଅଟ୍ଟହାସ କରୁଥିବା ଅହଂକାରୀ ବନ୍ୟା ସୁଅରେ
ତିଆରି ହୁଏ ଅଦୃଶ୍ୟ ପାହାଡ଼,
ସେମିତି ଥାଏ ବାୟା ବସା ଅଥଚ
ଦୁଲୁକୁଥାଏ ରାଜରାସ୍ତା
ଗରଜୁଥାଏ ରାତିର ସହର ।



ଫଟୋ କମଳାକୃଷ୍ଣ ତ୍ରିପାଠୀ

ସର୍ଜନାଳୟ, ଲିଙ୍କରୋଡ଼, ୨ୟ ଗଳି,
ଜୟପୁର, କୋରାପୁଟ- ୭୬୪୦୦୧
ଫୋନ: ୯୯୩୭୦୧୪୮୭୩



ଚିତ୍ର : ଶ୍ରୀ ଦେବେନ୍ଦ୍ରନାଥ ଦାସ

# ଦୁଃଖଭାଗୀ

## ଦେବାଶିଷ ଚକ୍ରବର୍ତ୍ତୀ

ମିଛ ସୁଖର ବଶମ୍ବଦ ସାଜିବାକୁ
ସମସ୍ତେ ସିନା ବ୍ୟାକୁଳ
କିନ୍ତୁ, ଦୁଃଖର ସାମ୍ରାଜ୍ୟ ପାଇଁ
କେହିବି ନାହାନ୍ତି ଅଂଶୀଦାର
ଏହା ତ, ନିଃଷ୍କଣ୍ଟକ ଚିରକାଳ ।

ଅହଂକାରକୁ ଅଳଙ୍କାର ମଣୁଥିବା ମଣିଷ
ପାପର ନାଭିମଣ୍ଡଳରୁ ଖୋଜି ବୁଲୁଛି
ଗଳିତ ଆତ୍ମୀୟତା
ଭଲ ପାଇବାର ଛଳନା ଭିତରୁ
ସଂଚରି ଯାଉଛି ସ୍ୱାର୍ଥପରତାର ବିଷ
କଳାରକ୍ତର ଉର୍ବରତା ହିଁ ସୃଜୁଛି
ଅନାତ୍ମୀୟତାର ତ୍ରାସ ।

ଅନ୍ଧାରର ଶାଣୁଆ ଥଣ୍ଟ କରିଚାଲିଛି
ନିରୀହପଣର ଶିକାର
ବିବଶ ଆକାଶରେ ବିସ୍ମିତ ଇଚ୍ଛାମାନେ
ସର୍ବାଙ୍ଗରେ ବୋଳି ହେଉଥାନ୍ତି
ରାତିର ଗାଢ଼ କଳାରଙ୍ଗ
ଅଭିସନ୍ଧିର କାନ୍‌ଭାସ୍‌ରେ
ଚିତ୍ର ହୋଇ ଚହଟୁଛି
ଅସମର୍ଥ ମଣିଷର କାକୁସ୍ଥତା ।

ଅନାୟାସରେ ଯିଏ ଠଉର କରିପାରେ
ଶୁଖିଲା ଲୁହ ହୋଇ
ଥୁଣ୍ଟାଗଛର ଆଖି କୋଣରେ
ଛପି ରହିଥିବା ପୀଡ଼ା
ସିଏ ହିଁ ସାହସ କରିପାରେ
ଦୁଃଖର କଣ୍ଢା ପିତା ।
ଟାଗୋର୍ ହୁଅନ୍ତୁ କି ଶେଲି
ଦୁଃଖର ଦୁଆର ବନ୍ଧରେ
କିଏ ଗୋଡ଼ ଭାଙ୍ଗି ଠିଆ ହୋଇନି
କବିତାର କାନ୍‌ଭାସ୍‌କୁ
ଚିତ୍ରିତ କରିବାକୁ ରଙ୍ଗ ତାର ବୋଳି ?
କାନ ପାତି ନାହାନ୍ତି କି
ଶୁଣିବାକୁ ଜୀବନ କାକଳି ?

ଦୁଃଖ ତ ଜୀବନର କଷଟି
ଏଥିରେ କଷି ହୋଇଗଲେ
ଆଉଟା ସୁନା ପରି
ଜୀବନ ଉଠେ ଚହଟି
ଦୁଃଖକୁ ପ୍ରମାଦ ମଣିଲେ
ଜୀବନ ସାଜେ ଦୁର୍ବିସହ
ଅଥଚ, ପ୍ରସାଦ ମଣିଲେ
କିଆଫୁଲ ପରି ମହମହ ।

ଦୁଃଖ ତ ଚିରସ୍ରୋତା ନଈ
କିଏ କାହିଁ ଅଛି କୁହନି
ତହିଁରେ ଭୁବନ ହୋଇ ?
ଦୁଃଖକୁ ଆଡ଼େଇ ଚାଲିଲେ
ସେ ତୁମକୁ ଜଡ଼େଇ ଧରିବ
ତେଣୁ, ଦୁଃଖକୁ ସଂଖାଳି ମଣି
ନିଜ ଭିତରେ ସଞ୍ଚିବାକୁ ହେବ
ଦୋସରମଣି ତମାମ ଜୀବନ
ତା ସହିତ ବଞ୍ଚିବାକୁ ହେବ ।

ମଣ୍ଡୁଆ, କେନ୍ଦୁଝରଗଡ,
ଫୋନ:୯୪୩୭୭୫୨୩୯୫



ଫୁ ଦେବାଶିଷ ଚକ୍ରବର୍ତ୍ତୀ

# ଅର୍ଦ୍ଧନାରୀଶ୍ୱର

**ସବିତା ସାହୁ**



▲ ଚିତ୍ର : ଶିଳ୍ପୀ ପ୍ରଦୀପ୍ତ କିଶୋର ଦାସ

ମୁଁ ପ୍ରକୃତି
ମୁଁ ପୁରୁଷ
ମୁଁ ଗୁମ୍ଫା ଶୀତଳ ଅନ୍ଧାର
ମୁଁ ପର୍ବତ ଆକାଶ ଚିରି ଫୁଟି ଉଠେ
ମୁଁ ସୁନ୍ଦରୀ, ମୋହିନୀ ବି
ମୁଁ ଶକ୍ତ ଉଚ୍ଛୃଙ୍ଖଳ ମଧ୍ୟ
ମୁଁ ଶତରୂପା ପୁଷ୍ପ
ମୁଁ ତୀକ୍ଷଣମୁନା ଅସୀ
ଆମର ମିଳନରେ ଆରମ୍ଭ ବହୁମୁଖୀ ଜୀବନ
ରୂପ ଐଶ୍ୱର୍ଯ୍ୟ ଶକ୍ତିର ଅନନ୍ତ ରମଣ ।

ମୁଁ ଅଛି ତୁମ ଭିତରେ
ମୋ ଭିତରେ ତୁମେ ଅଛ
ମୁଁ କଳ୍ପନାର ଆଧାର
ମୁଁ ଦୃଢ଼ମନା କାରିଗର
ପରସ୍ପର ଭିତରେ ଆମେ ଏକ ଆତ୍ମା
ଆମେ ସୃଷ୍ଟି କରୁ ଜୀବନ ନର୍ତ୍ତକୀର ଗତି ।

ମୁଁ ନରମ ଶାନ୍ତ କୋମଳ
ମୁଁ ଉଷ୍ମ ପରିପୂର୍ଣ୍ଣ
ଆମେ ପରିପୂର୍ଣ୍ଣ
ପରସ୍ପରର ପୂର୍ଣ୍ଣତାରେ
ଆମେ ଏକତ୍ର ହେଲେ ବିସ୍ତରିଯାଏ ମହାବିଶ୍ୱ ।

ମୁଁ ନାରୀ ଓ ପୁରୁଷ
ମୁଁ ପୁରୁଷ ଓ ନାରୀ
ମୁଁ ପାଣି ହୋଇ ବର୍ଷିଯାଏ
ମୁଁ ଜାଳିଦିଏ ଦିଗଦିଗନ୍ତ
ମୁଁ ପୁଣି ଉପୁଜାଏ ଜୀବନ
ମୁଁ ଫୁଙ୍କି ଦିଏ ଶକ୍ତି ଜୀବନରେ
ଆମେ ଲାସ୍ୟ ଆମେ ତାଣ୍ଡବ ।

ମୁଁ ଜୀବନର ମୁଖଶାଳା
ମୁଁ ଜ୍ୱଳନ୍ତ ଗର୍ଭଗୃହ
ଆମେ ଏକାଠି ଓଲଟ ଶତ୍ପଦଳ
ଅନନ୍ତ ବିଶ୍ୱର ଫୁଟନ୍ତ କମଳ
ଆମେ ଧାରଣ କରୁ ଜୀବନ ବିଶ୍ୱ
ଶୃଙ୍ଖଳାର ସବୁ ବିଭାଗରେ;
ଆମେ ଅର୍ଦ୍ଧନାରୀଶ୍ୱର
ଆମେ ସୂର୍ଯ୍ୟ ଚନ୍ଦ୍ର
ପୃଥିବୀର ସ୍ୱର୍ଗ ଅବତାର ।


♥ ମାର୍ଫତ : ଅଜିତ ସାହୁ, ୨ୟ ଲେନ,
ନେହେରୁ ନଗର, ଗୋଷାଣି ନୂଆଗାଁ,
ବ୍ରହ୍ମପୁର-୭୬୦୦୦୩
ଫୋନ:୯୪୩୭୬୧୪୨୩




▲ କବି ସବିତା ସାହୁ



▲ଛବି : Artist Anupriya

# ସମୁଦ୍ର: ନୀଳ ଝାଉଁବଣ

## ମନସ୍ୱିନୀ ଦେବୀ

ଆଗରେ ସମୁଦ୍ର ହସେ
ତରଙ୍ଗାୟିତ ଭୃକୁ ନଚାଇ
ଆକାଶକୁ ପିଠି କରି
ଉଡୁଚନ୍ତି ସହସ୍ର ଚଢ଼େଇ

ଚଢ଼େଇ ଉପରେ ଥାଇ ଉଣ୍ଢୁଥାନ୍ତି
ବିଚିତ୍ର ବାଲୁକାର ଶେଯ
ଶାମୁକାର ହାହାକାର ଶୁଭୁଥାଏ
ବାଲିପରେ କାହାର ସେ ପାଦର ମୁରୁଜ

ଗୋଟେପଟେ ସମୁଦ୍ର ଓ
ଆରପଟେ ନୀଳ ଝାଉଁବଣ
ମଝିରେ ଧୂସର ବାଲି
ପୁଣି ଛାଇ ଛାଇ ସୂରୁଜ କିରଣ ।

ହାୱାରେ ପଣତ ନାଚେ
ପଣତରେ ସ୍ୱପ୍ନଭିଜା ରଙ୍ଗୀନ ଫଗୁଣ
ଫଗୁଣରେ ଦୋଳାୟିତ କି ସୁନ୍ଦର
ଦୋହଲୁଛି ଏହି ଝାଉଁବଣ ।

ଝାଉଁବଣ ବଜାଉଛି ତୂରୀ
ପିଟି ହୋଇ ପବନ ସୁଅରେ
ପବନର ତୂରୀ ପୁଣି ଶୁଭୁଅଛି
ରହି ରହି ସମୁଦ୍ରର ଦୂରଦିଗନ୍ତରେ ।

ଧୂସର ବାଲୁକା ଦେହେ
ଚିପିଚିପି ଲୋହିତ କଙ୍କଡ଼ା
ନଇଁ ନଇଁ ଚାଲୁଛନ୍ତି
ଆହା....ଦିଶେ କି ସୁନ୍ଦର ପରା ।

କୁଆଁରୀ ଶାମୁକା ମାନେ
ଚିତ୍ରାୟିତ ବିଚିତ୍ର ଭଙ୍ଗିରେ
ସାଗରର ଗଭୀରତା ମାପୁଛନ୍ତି
ପୁଣି ବାଲୁକାର ଧୂସର ଛାତିରେ ।

ଧୂସର ବାଲୁକା ଦେହେ
ଅରୁଣବର୍ଣ୍ଣା ଲୋହିତ କଙ୍କଡ଼ା
ଦିଶୁଅଛି ବାଲୁକାର ଦେହେ
ସତେ ଏକ ଛିଟଶାଢ଼ି ପରା ।

ଦୂର ଦିଗନ୍ତରୁ ଏବେ ଭାସି ଆସେ
ଦୁରନ୍ତ ଢେଉର ଲହରୀ
ଆସ ଆମେ ତାହା ସାଥେ
ବହିଯିବା ନଦୀଟିଏ ପରି ।

ନେଇ  ଜୀବନର ସୁଖ ପୁଣି
ଆଶା ଅସୁମାରି ।

♥ ସୁନହଟ, ବାଲେଶ୍ୱର-୭୫୬୦୦୨
ଫୋନ:୭୯୭୮୭୨୩୫୭୭



▲ଛବି ମନସ୍ୱିନୀ ଦେବୀ



▶ ଚିତ୍ର : ଦିତ୍ସା ଆଦିତ୍ୟ ପଣ୍ଡା (୯ମ ଶ୍ରେଣୀ)

# ଆଜି ଭଳି

## ଗଙ୍ଗାଧର ବିଶ୍ୱାଳ

ଆଜିର ଏ ଫଗୁଣ ଫରୁଆ ବାହାରେ
ଅବିରର ମହଣ ମହଣ ଖୁସି । ଖୁସି ଆଉ
ଖୁସିର ଗହମଗଜା ଉଦୟ ଅସ୍ତ । ସକାଳ-ସଂଜ;

ଭାଦ୍ରବ ଧାନକ୍ଷେତ । କିଆରି କିଆରୀ
ସୂର୍ଯ୍ୟାସ୍ତ ଓ ଗୋଧୂଳି । ଆଉ ଆଉ
ଆଖିରେ ଆଖିରେ ଯାହା ନୀରବ ଇସାରା ।

ଆକାଶର ନୀଳଛାତି, କୁଆଁରୀ ଲାଜ
ପଣତ ନଥିବା ମାଟିର ଦିଗ୍‌ବଳୟ ଲମ୍ବା ଇନ୍ଦ୍ରଧନୁ ଶାଢ଼ି,
ମନ ଅଗଣାରେ ଗାଁ ଦାଣ୍ଡ ଯୋଡ଼ିବଣି
ଥଣ୍ଟରେ ଥଣ୍ଟରେ ଦାନା ଦିଆନିଆ
ଡେଣାରେ ଡେଣାରେ ପ୍ରେମ ଓ ପୀରତି ।
ଚଉରାରେ ସଂଜ ସଳିତା
ଦାଣ୍ଡଘରେ ଖାଣ୍ଟି ଗୁଆଘିଅ, ପୂଜା ଓ ଆଳତି
ଶୁଦ୍ଧ ଚିନ୍ତା । ବିଶୁଦ୍ଧ ଦେହ ଆଉ ମନ ।

ବୟସର ପାଳଦଉଡ଼ି ଅଣ୍ଟା ତଳେ
ମୁହଁ ପୋତି ଲୁଚିଥାଏ ଡୋରପିନ୍ଧା ଦାଗ
ପିଲାଦିନ, କୈଶୋର ଓ ଯୌବନର ତ୍ରିବେଣୀ
ମୁହାଣ ସଂଗମ । ମଉସୁମୀ ବର୍ଷା ହେଇ ଠିଆ ଠିଆ
ଯାଚି ଦେବାକୁ ଆଲିଂଗନ, ଚୁମା ଆଉ ଗୀତ
ନିଜ ନିଜ ଛାତିର ବୋତାମ ଖୋଲନ୍ତି ।
ହାର୍ମୋନିୟମ୍ ରିଡ୍ ହୁଏ ଆନମନା
ପଢ଼ିବାକୁ ପ୍ରେମପତ୍ର ଲେଖା ଜୀବନ ସଂଗୀତ ।

ଦିନ ଥିଲା । ଗୀତ ଫେରେଇ ଦଉଥିଲା ସ୍ୱର
ପାହାଡ଼ କହୁଥିଲା କଥା । ନଦୀ, ଉପତ୍ୟକା,
ଝରଣା, ଜଂଗଲ ବଢ଼ାଇ ଦେଉଥିଲେ ସ୍ନେହ
ଏଇନେ ମଣିଷ ଚୁପ୍ । ମେଘ, ପବନ ତିଆର୍
କହିବାକୁ ମନକଥା । ରାତି ଉଜାଗର ଥାଇ
ଭୋଗୁଥିବା ଶୀତଳ କ୍ଷତର କୁହାଟ; ପ୍ରେମର ।

ଆହା ! ଆଜି କିଆଁ କିଆଫୁଲ ମହକ
ଆଜି ପରି ସତେଜ ଧୋବ ଫରଫର,
ପୁରୁଷର ଧୋତିଗଂଜି ପିନ୍ଧା ଦେହ ଆଉ
ବିଧବାର ନୁଖୁରା କପାଳ ।

ଆମେ ଭଲ ଅଛୁ । ଭଲ ଅଛି ଆମ ସ୍ନେହ
ଅନୁରାଗ । ପ୍ରେମ ଓ ଭଲପାଇବାର
ଭରସା, ଆଶ୍ୱାସନା । ନିଃଶ୍ୱାସ, ବିଶ୍ୱାସ ।
ଆସନ୍ତାକାଲିର କଥା ?

ଆସନ୍ତାକାଲିକୁ ଆମେ ବରଣ କରିନେଇଛୁ
ଆଜି ଭଳି ହେବା ପାଇଁ ଅନେକ ଆଗରୁ,
ଆସନ୍ତାକାଲି କେବେ ବି ବାଟ ନ ଓଗାଳୁ
ଆମ ଚାଲିବାର । ସ୍ୱପ୍ନ ଆଣୁ
କଳମୀ ଗଛଟେ ପରି ଫୁଲଫଳ ଭର୍ତ୍ତି ସତେଜ
ହସକୁରା ଜୀବନଟେ ଜିଇବାର ।

♥ 'ଆମଘର', ନିଉକଲୋନୀ, ନେଳିଆବାଗ,
ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧,
ଫୋନ:୯୪୩୭୧୨୯୨୬୫



▶ ଫଟୋ ଗଙ୍ଗାଧର ଷ୍ଟୁଡିଓ



▲ ଚିତ୍ର : ଶିଳ୍ପୀ ମନୋଜ କୁମାର ସାହୁ

# ଆଡ଼ିବଂଧ

## ପିନାକୀ ମିଶ୍ର

ଢେର୍ ସମ୍ଭାଳିଛି
ସାତଗାଁକୁ ନିଦ ସ୍ୱପ୍ନ ସୁଖ ଦେଇଛି ।

ଶାଳୁଆ ଦାନ୍ତକାଠିକୁ ଦି'ଫାଳ ଚିରି
ବନ୍ଧ ତଳକୁ ଓହ୍ଲେଇଲେ ଡେଜେ,
ଘାଟଗାଧୁଆ ଦେହକ ଗଲାଣି
ଏବେ ଆଣ୍ଠୁ ଖଂଜାରେ ପୀଡ଼ା ।

ପଛକୁ ପଛ ଲଘୁଚାପ
ଉପରମୁଣ୍ଡରେ ଆଣ୍ଠେଇ ପଡ଼ିଛି ମେଘ
ଡ୍ୟାମ୍ ଫାଟକ ଖୋଲିବା ଥୟ
ଏ ନଈସୁଅ ନା ଅଜଗର ଧାଇଁ
ଠେଲା ଖାଉଛି ରଜାମଳିଆ ଆଡ଼ିବନ୍ଧ
ପାଣି ନାକ ଛୁଇଁଲାଣି ।

ପବନ ବେତାଳ
ଗଜଗଜ ଲଗାଣବର୍ଷା
ବେଳ ଲାଗୁଛି ଅବେଳ, ରାତିକୁ ପଚାରନି କିଛି
ଅଘଟଣ ଶଂକାରେ ଥରୁଛି ପିତଳାନିଦ

ଅଧରାତି ନା' କାଳରାତି
ହୋ ହୋ ଘୋ ଘାରେ ଗାଁଦାଣ୍ଡ
ଦେଖୁଦେଖୁ ପାଣି ଆଣ୍ଠୁଏ
ଆଡ଼ିବନ୍ଧ ଭାଙ୍ଗିଲା
ଉଠା ଉଠା ଯାଦବ
ପିଲା ଡିରିଲା ଛେଳିବଳଦ ଧରି ଧାଁ
ନଈ ନା' ନାଗୁଣୀ

ମାଟିଘର କାନ୍ଥ ମଇଳାଜାଗା ପରି ବତୁରିଲାଣି ।

ଜେଜେଙ୍କ ଆଣ୍ଠୁଖଂଜାରୁ ରସ ଶୁଖିଲାଣି
ଦୂତୀର ଲଗ୍ନଧରା ପାଖେଇ ଆସିଲଣି
ଦିଅଁ ସିନା ପାଦେ ପାଣିରେ ଯମୁନା ପାରି ହେବେ
ସାତଗାଁ ଭୂଆଁଷୁଣୀ କୁଆଡ଼େ ଧାଇଁବେ ?
ମାମୁନି ବସ୍ତାନି ଭାସିଗଲା କି ନଈରେ ?

ପାଣିପାହାର ବଡ଼ ବାଧେ ହୋ
ଛନଛନିଆ ଦୋହଡବିଲରେ ବାଲିର ତୋଡ଼୍
ଚାଳରୁଅ ମାଟିରେ ଦୁଲ୍‌ଦାଲ୍
ସ୍କୁଲ୍ ପିଣ୍ଡାରେ ଦଳେ ବାପା ବଲବଲ ହତଭମ୍ଭ
ସରକାରୀ ଭାତଡାଲମା
ଦେଲେ ଦୁଃଖକୁ ଚାମୁଚେ ସାନ୍ତ୍ୱନା ।

ସାତଗାଁ ସୁଖ ଛଡ଼େଇ ନେଲା ନଈ
ଜେଜେ କହିଥିଲେ
ବେଳ ଥାଉଥାଉ ବନ୍ଧ ବାନ୍ଧରେ କୁମର ।

♥ ଶୂନ୍ୟନୀଡ଼, ଚର୍ଚ୍ଚ ପାଖ, ଜେଲ ରୋଡ଼, କେନ୍ଦୁଝର
ଫୋନ:୯୪୩୮୧୧୮୩୯୭



▲ ଛବି ପିନାକୀ ମିଶ୍ର

ଧାରାବାହିକ ଚରିତ-ଉପନ୍ୟାସ

# ଦାସେ ଆପଣେ



## ୨୭

# ଦାସେ ଆପଣେ


**ପବିତ୍ର ମୋହନ ଦାଶ**

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮


ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ

‘ଦାସେ ଆପଣେ’ କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡ଼ା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଲ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । ‘ରେବତୀ’ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।



▲ଔପନ୍ୟାସିକ ପବିତ୍ର ମୋହନ ଦାଶ

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ସତ୍ୟବାଦୀ ବିଦ୍ୟାଳୟକୁ ନେଇ କେତେ ସ୍ତରରେ କେତେ ପ୍ରକାରର ପ୍ରତିକ୍ରିୟା । ସ୍ଥାନୀୟ ରକ୍ଷଣଶୀଳ ବ୍ରାହ୍ମଣେ ଭାବନ୍ତି ଏ ଅନୁଷ୍ଠାନର ମୂଳ ଲକ୍ଷ୍ୟ ପରମ୍ପରା ଭାଙ୍ଗିବା,ସଂସ୍କାର ନାଁରେ ପୁରୁଣା ପ୍ରଥା ସବୁକୁ ଅସ୍ୱୀକାର କରିବା । ଏମାନଙ୍କ ଭିତରୁ ଅଧିକ ସିନା ବ୍ରାହ୍ମଣ ହେଲେ ଉଦ୍ଦେଶ୍ୟ ହେଲା ବ୍ରାହ୍ମଣ ରୀତିନୀତିରେ ନିଆଁ ଲଗାଇବା । ଆଉ ତା'ର ପ୍ରତୀକ ହେଲେ ନୀଳକଣ୍ଠ ଓ ହରିହର । ଏମାନଙ୍କର ମେଳିଆ ଗୋପବନ୍ଧୁ । କଥା ସିନା ଏଡ଼େ ନରମ ହେଲେ ଦାଢ଼ କାହିଁରୁ କେତେ । ତାସଲ୍ୟ କରି କହନ୍ତି – ଏଉଟା ବିଗିଡି ଗଲା ଗୋପ ଦେଶଟାକୁ ଟେକି ଧରିବ ପରା । ସରକାରୀ ମହଲରେ ଚର୍ଚ୍ଚା ହୁଏ ଏଠି ପାଠ ପଢ଼ା ଯେତିକି ହେଉଛି ତାଠୁ ବେଶୀ ବୋଧେ ହେଉଛି ଶାସନ କଳର ବିରୋଧ । ପିଲାମାନଙ୍କୁ ତତାଇ ମତାଇ ସରକାରୀ ନୀତି ବିରୁଦ୍ଧରେ ଚାଲିଛି ଗୋପନ ଅଭିଯାନ । ଗୁଇନ୍ଦା ବିଭାଗ ପାଖରେ ଖବର ଥାଏ ଏଠି ଗୋପନରେ ବ୍ରିଟିଶକୁ ପାନେ ଦେବାର ମସୁଧା ଚାଲିଛି । କିଏ ଜାଣେ ଏଇ ପିଲାଙ୍କ ଭିତରୁ ହତିଆର ଧରି ସରକାର ବିରୁଦ୍ଧରେ ନ ବାହାରିବେ । ସେମାନଙ୍କୁ ଜଗାଇବା ପାଇଁ ପାଠ ପଢ଼ାର ଏ ବାହାନା । ଶିକ୍ଷିତ ଓଡ଼ିଆଏ ଭାବୁଥାନ୍ତି ଏ କାମ ଭଲ ଯେ ଏତେ ଉଚ୍ଚ ଶିକ୍ଷିତ ଯୁବକଙ୍କ ଜୀବନ ଏଠି ସନ୍ତୁଳି ହେଉଛି । ସେମାନେ ଡେପୁଟୀ ହୋଇ କେତେ ଆରାମରେ ରହନ୍ତେ । ଏଠି ଗୋପବନ୍ଧୁ ଦାସ କଥାରେ ପଡି ଗଧ ଖଟଣି ଖଟୁଛନ୍ତି । ଭାଗ୍ୟ ଭଲ ଆମ ମୁଣ୍ଡକୁ ଏ ଅଲକ୍ଷଣା ଚିନ୍ତା ପଶିନି । ନହେଲେ ଜୀବନର ସୁଖ,ଶିରୀ ଯାଇଥାନ୍ତା । ଏହା ଭିତରେ କିନ୍ତୁ ସେ ଯୁବକମାନଙ୍କ ଉତ୍ସାହରେ ଡେଣା ଲାଗେ । ସାରା ଦିନ କାମ ସାରିବା ପରେ ମଧ୍ୟ ଶୋଇବା ବେଳେ ବିଦ୍ୟାଳୟର ଚିନ୍ତା ଘାରେ । ଚଳିବା ଲାଗି ସର୍ବ ନିମ୍ନ ଯାହା ଦରକାର ସେତିକି । ଘର ତୋଳା ଚାଲିଛି ତେଣୁ ରହିବାରେ ବି ଅନେକ ସମସ୍ୟା । ହେଲେ ସଂକଳ୍ପରେ ଶିଥିଳତା ନାହିଁ । ସ୍ୱପ୍ନ ଦେଖାରେ ନାହିଁ କାର୍ପଣ୍ୟ ।

ନୂଆ ଘର ଉପଲବ୍ଧ ହୋଇନଥିଲେ ମଧ୍ୟ ଶିକ୍ଷକମାନେ ଯିଏ ଯେପରି ଯେଉଁଠି ପାରେ କାମ ଚଳା ଭାବେ ରହୁଛନ୍ତି । ଆଗକୁ ପରିସ୍ଥିତି ସୁଧୁରିବ । କିନ୍ତୁ ଏବେ କାର୍ତ୍ତବ୍ୟରେ ହେଳା ନହେଉ । ସେଇ ଧରଣର ଏକ ଛୋଟ ବଖୁରିକିଆ ଚାଳ ଘର । ଭିତରେ ସାତ ଫୁଟ ଲମ୍ବ ଆଠ ଫୁଟ ଓସାରର ବଡ଼ ମଶାରି । ସେଇ ମଶାରି ଭିତରେ ବି ଶୋଇ ଥାଆନ୍ତି ଗୋଦାବରୀଶ,ହରିହରଙ୍କ ସମେତ ପାଞ୍ଚ ଜଣ ଶିକ୍ଷକ । ଯେ ଯାହା ବାଟରେ ଦିନ ସାରା କରିଛନ୍ତି ଅକ୍ଳାନ୍ତ ଶ୍ରମ । ସେଦିନ ହରିହର ଓ ଗୋଦାବରୀଶଙ୍କ ଭିତରେ ପଡିଥାଏ ଅନେକ କଥା । ଗୋଦାବରୀଶ ନୂଆ ହୋଇ ଆସିଥାନ୍ତି । ଅନ୍ୟମାନଙ୍କ ସହ ଏକାଠି ଶୋଇବା ତାଙ୍କର ଅଭ୍ୟାସ ନଥାଏ । ତଥାପି ପରିସ୍ଥିତିକୁ ଚାହିଁ ସେ ଚଳାଇ ନେଉଥାନ୍ତି ଅନ୍ୟମାନଙ୍କ ପରି । ଦିନକର ରାତିରେ ଅନ୍ୟମାନେ ଶୋଇ ପଡ଼ିଥାନ୍ତି । ମଶାରି ଭିତରେ ହରିହର ଓ ଗୋଦାବରୀଶଙ୍କ ଚାଲିଥାଏ ଗପ ।

"କିଏ କଣ ଭାବୁଛି ଭିନ୍ନ କଥା । ଆମେ କିନ୍ତୁ ହୃଦୟ ପରିବର୍ତ୍ତନ ପାଇଁ କାମ କରୁଥାଇ । ଶିକ୍ଷିତ ଆଉ ଥିଲାବାଲାଙ୍କର ହୃଦୟ ବଦଳିଲେ ପୁଣି ପାଠୁଆ ପିଲାଙ୍କ ହୃଦରେ ସମ୍ବେଦନାର ମଞ୍ଜି ପୋତା ହେଲେ ଅସଲ ଉନ୍ନତି ହେବ । ଆଉ ସେ ବାଟରେ ଦାସେ ଆପଣେ ହେଲେ ପଥ ଓ ପାଥେୟ ଉଭୟ । ବିଦ୍ୟାଳୟ କାମ ଦ୍ରୁତ ଗତିରେ ଚାଲିଛି । କେତେ କାହାର ସାହାଯ୍ୟ ପାଇଁ ଆପଣେ ହାତ ପତାଉଛନ୍ତି । କିଏ ଦେଉଛି କିଏ ଦେଉ ନାହିଁ । ହେଲେ କାମ ଅଟକୁ ନାହିଁ । ଆଉ ମୂଳଦୁଆ ତ ପଡିଲା ବଡ଼ ଆକର୍ଷଣୀୟ ଭାବେ ।" କହି ରହିଗଲେ ହରିହର ।

"ଆକର୍ଷଣୀୟ ଭାବେ ମାନେ କଣ ହରିବାବୁ ?" ପଚାରିଲେ ଗୋଦାବରୀଶ ।

"ଭିତ୍ତି ପ୍ରସ୍ତର ସ୍ଥାପନ ହେବା ଦିନର କଥା । ଖାଲ ଭିତରେ ସୁକି, ଦୋଅଣି, ଅଣି ଇତ୍ୟାଦି ପକାଗଲା । ତା ପରେ ଯେତେ ଶିକ୍ଷକ ସମସ୍ତଙ୍କ ନାଁ ଗୋଟିଏ କାଗଜରେ ଲେଖାଯାଇ ବୋତଲରେ ପୂରାଇ ବାୟୁ କୋଣରେ ନିଅଁର ଭିତରକୁ ପକାଇ ଦିଆଗଲା । ସମସ୍ତେ ନିରବ ପ୍ରାର୍ଥନା କଲେ । ଏବେ ତ ଘର କାମ ଚାଲିଛି । ଆପଣେ ଧାଇଁ ବାରେ ଲାଗିଛନ୍ତି । କେତେ ମହନ୍ତ କେତେ ସମ୍ପନ୍ନ ଲୋକ । କିଏ ଦେଉଛି କିଏ ନ ଦେଉଛି । ହେଲେ ତାଙ୍କ ଖଟଣି ଅବିଶ୍ରାନ୍ତ ।"

"ହରିବାବୁ ! ଦେବା ମରିବାକୁ କିଏ ସୁଖ ପାଏ କହିଲେ । ଆପେ ବଂଚିଲେ ବାପର ନାଁ – ଏ ଢଗଟିକୁ ପରା ଆମ ଚଳଣିରେ ବୁଦ୍ଧିଆଙ୍କ ବିଚାର ବୋଲି ଧରାଯାଏ । ଆପଣଙ୍କ କଥାରୁ ମୋର ପୁରୁଣା କଥାଏ ମନେ ପଡୁଛି । ସେତେବେଳେ ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ କାବ୍ୟକଣ୍ଠ ବ୍ରାହ୍ମଣ ସମିତି ନିମନ୍ତେ ଚାନ୍ଦା ଆଦାୟ କରୁଥାନ୍ତି । ମୁଁ ବି ବ୍ରାହ୍ମଣ ସମିତିର ଜଣେ ସହାୟତା ପ୍ରାର୍ଥୀ ଥାଏ । ସେତେବେଳକୁ ଅବଶ୍ୟ ସମିତି ତରଫରୁ ଜାତି ନିର୍ବିଶେଷରେ ସହାୟତା ଦେବା ଆରମ୍ଭ ହୋଇଯାଇଥାଏ । ତେଣୁ ଅଧିକ ଅର୍ଥ ଆବଶ୍ୟକ ପଡୁଥାଏ । ଥରେ ସେ ପୁରୀର ଜଣେ ମାନ୍ୟଗଣ୍ୟଙ୍କ ଘରୁ ଚାନ୍ଦା ସଂଗ୍ରହ ପାଇଁ ଗୋପବନ୍ଧୁ ବାବୁଙ୍କୁ ଡାକିଲେ । ଗୋପବନ୍ଧୁବାବୁ ଜଣାଇଲେ ଯେ – ସେ ଲୋକଙ୍କ ଘରୁ ଚାନ୍ଦା ମିଳିବ ନାହିଁ । ସେ ବଡ଼ କଞ୍ଜୁସ । ଅଯଥା ସମୟ ଓ ତୁଣ୍ଡ ସାରିବା କଥା । ତେବେ କାବ୍ୟକଣ୍ଠ ନଛୋଡ ବନ୍ଧା । ତେଣୁ କଥା ଏଡି ନପାରି ତାଙ୍କ ସହ ଗଲେ । ଏ ଦୁହିଁଙ୍କୁ ଦେଖି ଲୋକ ଜଣକ ଖୁସି ହେବାର ଅଭିନୟ କଲେ । ବଡ଼ ଉଦ୍‌ବୁଦ୍ଧ ହୋଇ ସମିତିର ଉନ୍ନତି ମୂଳକ କାମର ପ୍ରଶଂସା କଲେ । ଗୋପବାବୁଙ୍କ ସେବା କାର୍ଯ୍ୟର ତାରିଫ କଲେ । ସମିତି ଯେପରି ଗରିବ ପିଲାଙ୍କ ସହାୟତା କରୁଛି ତାହା ସମସ୍ତଙ୍କ ପାଇଁ ଉଦାହରଣୀୟ ବୋଲି କହିଲେ । ସେତେବେଳେ କାବ୍ୟକଣ୍ଠ ଟିକେ ଆଶାବାଦୀ ହେଲେ । ଗୋପବନ୍ଧୁବାବୁଙ୍କୁ ଚିମୁଟି ଦେଇ କହିଲେ – ଚାନ୍ଦା ମିଳିବ ନାହିଁ କହୁଥିଲ ପରା ଏବେ ଦେଖ । ହେଲେ ଯେମିତି କାବ୍ୟକଣ୍ଠ ଚାନ୍ଦା ସମ୍ପର୍କରେ ତୁଣ୍ଡ ଶୁଣାଇଛନ୍ତି ସଂଗେ ସଂଗେ ମାନ୍ୟ ଗଣ୍ୟ ବ୍ୟକ୍ତି ବଡ଼ ଚତୁର ଉତ୍ତର ଦେଲେ । କହିଲେ–ଆପଣ ମହାମହୋପାଧ୍ୟାୟ ତେଣୁ ସର୍ବ ଜନ ପୂଜିତ । ଆପଣଙ୍କ ଖାତିର କହିଲେ ନ ସରେ । ଗୋପବନ୍ଧୁବାବୁ ଓକିଲ ତାଙ୍କ ଗୋଡ ତଳକୁ ନଯାଇ କିଏ ଅଛି । ଆଉ ଆମେ । ଆମ ପାଖରେ ଏଇ ଟଙ୍କା ଗଣ୍ଡିକ ଅଛି ବୋଲି ଆପଣମାନେ ଆସିଛନ୍ତି । ଏତିକି ଯଦି ଆମେ ଦେଇଦେଲୁ ଆମର ଆଉ କିଛି ରହିବଟିକି ? କିଏ ଆଉ ଆମ ଦୁଆର ମାଡିବଟି ?

ଏପରି ଲୋକଙ୍କ ହୃଦୟ ଖୋଦ ସରସ୍ୱତୀ ମଧ୍ୟ ବଦଳାଇ ପାରିବେ ନାହିଁ ବୁଝିଲେ ହରିବାବୁ ।"

"ହଁ ଗୋଦାବରୀଶ ବାବୁ । ହୃଦୟ ପରିବର୍ତ୍ତନ ହେଉ କହିଲେ ତ ଆଉ ଯାଦୁକାରୀ ଘଟଣା ଭଳି କିଛି ଘଟିଯାଏ ନାହିଁ । ତେବେ ହୃଦୟ ପରିବର୍ତ୍ତନର ଚେଷ୍ଟା ଠାରୁ ବଡ଼ ମାର୍ଗ ଆଉ ବା କଣ ଅଛି ? ମୁଁ ଏଠି ଦାସେ ଆପଣେଙ୍କୁ ପିଲାଙ୍କୁ ବି ଆକଟ ନକରି ସେମାନଙ୍କ ପରିବର୍ତ୍ତନ ପାଇଁ ଲାଗିବାର କାହାଣୀଟିଏ କହୁଛି ।"

ଗୋଦାବରୀଶ ଶୁଣିବାକୁ ଆଗ୍ରହ କଲେ । ଦିନେ ଶନିବାର ସେ ପିଲାଙ୍କ ବୈଠକରେ ଯୋଗ ଦେଇଥିଲେ । ପିଲାଙ୍କୁ ଇଂରାଜୀରେ 'Bad habit' ସମ୍ପର୍କରେ ବକ୍ତୃତା ଦେଉଥାନ୍ତି । ତାଙ୍କର ଆନ୍ତରିକ ଇଚ୍ଛା ପିଲାଏ ପ୍ରଥମେ ନିଜର ଖରାପ ଅଭ୍ୟାସ କଣ ଜାଣନ୍ତୁ । ତା ପରେ ଚେଷ୍ଟା କରି ସେଥିରୁ ମୁକ୍ତି ପାଆନ୍ତୁ । ତେଣୁ ସେ ପିଲାଙ୍କୁ ଉପଦେଶ ଦେବେ କଣ କହିବା ଆରମ୍ଭ କଲେ – ପିଲାଏ ମୁଁ ନିଜେ ଅନେକ ଦୋଷ ଦୁର୍ବଳତାର ଗନ୍ତାଘର । ମୋର ଦୋଷ ଓ ସମସ୍ୟା ସବୁକୁ ଅତିକ୍ରମ କରିବାକୁ ମୋତେ ଢେର ଅଭ୍ୟାସ ଓ ପରିଶ୍ରମ କରିବାକୁ ପଡିଛି । ପ୍ରବୃତ୍ତି ରେଷା ଭୂତାନାମ୍ ନିବୃତ୍ତିସ୍ତୁ ମହାଫଳା । ତା ପରେ ପିଲାମାନଙ୍କୁ କହିଲେ ଜଣେ ଋଷିଙ୍କ କାହାଣୀ – ଋଷିଙ୍କ ଘରେ ଦୁଇଟି ରୁଖା ଥିଲା । ସନ୍ନ୍ୟାସୀର ବା ଆଉ ଅଧିକ ସମ୍ପତ୍ତି କାହୁଁ ଆସିବ । ରୁଖା ଦୁଇଟିରୁ ଗୋଟିଏ ସୁନାର ଓ ଆରଟି ରୂପାର । ଘରେ ତାଙ୍କର ଚୋର ପଶିଲା ଓ ରୂପା ରୁଖାଟି ଚୋରି କଲା । ତାର ବାହାରି ଯିବାକୁ ଲକ୍ଷ୍ୟ କରି ଋଷି କହିଲେ ସୁନା ରୁଖାଟି ମଧ୍ୟ ନେଇଯା

ତୋର ଯେ ଅଭାବ ଅଛି ତାହା ଗୋଟିଏ ରୁଖାରେ ମେଣ୍ଟିବାର ନୁହେଁ । ଏ ପ୍ରକାର ପ୍ରତିକ୍ରିୟା ଦେଖି ଚୋର ଜଣକ କାବା କାଠ । ସେତିକିରେ ସେ ଚୋରି ଛାଡି ଦେଲା । ତା'ର ଅଦ୍ଭୁତ ହୃଦୟ ପରିବର୍ତ୍ତନ ହେଲା । ସେ ଋଷିଙ୍କର ଜଣେ ବଡ ଶିଷ୍ୟରେ ପରିଣତ ହୋଇ ଆଧ୍ୟାତ୍ମିକ ଜୀବନ ଯାପନ କଲା । ଆପଣେ ପିଲାମାନଙ୍କୁ ଏପରି ହୃଦୟ ପରିବର୍ତ୍ତନ ଶିକ୍ଷା ଦେଉଛନ୍ତି ।"

"ହରିବାବୁ ମୋର ଏ ପଥର ହୃଦୟ ପରିବର୍ତ୍ତନ ପାଇଁ ସେ କମ ଚେଷ୍ଟା କରିନାହାନ୍ତି । ୧୯୦୯ ବେଳର କଥା । ମୁଁ ସେତେବେଳ କଟକ କଲେଜର ଛାତ୍ର । ଗୋପବନ୍ଧୁବାବୁ ଓକିଲାତି ସିନା କରୁଥାନ୍ତି ହେଲେ ମନ ତାଙ୍କର ଠିରିକି ଥାଏ ଦେଶ କାମରେ ଆଉ ଆମ ଭଳି ଛାତ୍ରଙ୍କ ହୃଦୟରେ ଜାଗରଣ ସୃଷ୍ଟି କରିବାରେ । ମୋ ସମେତ ପ୍ରାୟ ପଚାଶ ସରିକି ଛାତ୍ରଛାତ୍ରୀଙ୍କୁ ନୌକାରେ ସେ ଧବଳେଶ୍ୱର ନେଲେ । ନାଆ ଭିତରେ ହରିବୋଲ ପଡୁଥାଏ । ସମସ୍ତଙ୍କ ଭିତରେ ବିପୁଳ ଉତ୍ସାହ । ଧବଳେଶ୍ୱରଙ୍କ ଆଗରେ ସେ ଆମକୁ ସାରା ଜୀବନ ପାଇଁ ଗୋଟିଏ ସଦଗୁଣ ର ସଂକଳ୍ପ କରିବାକୁ କହିଥିଲେ । କିଏ କଣ ବାଛିଲେ । କିଏ କହିଲା ମୋତେ ତ୍ୟାଗବାନ କର, କିଏ କହିଲା ମୋତେ ନିଷ୍ପାପର କର, କିଏ କହିଲା ମୋତେ ନିର୍ଭୀକ କର, ଆଉ କିଏ ବା ବାଛିଲା ପରୋପକାର । ମୁଁ ବାଛିଥିଲି ସତ୍ୟ । ଶପଥ କଲା ବେଳେ ମୋ ଦେହର ତନ୍ତ୍ରୀମାନ ଛିଣ୍ଡିଲା ପରି ମନେ ହୋଇଥିଲା । ଶିରା ପ୍ରଶିରାରେ କମ୍ପନ । ହୃତସ୍ପନ୍ଦନ ଅନିୟନ୍ତ୍ରିତ ହୋଇଥିଲା । ଥର ଥର ହୋଇ ମୁଁ କହିଥିଲି--ମୁଁ ଆଜି ସତ୍ୟ ଗୁଣ ବରଣ କରୁଛି । କାୟ ମନୋବାକ୍ୟରେ ସତ୍ୟ ପାଳନ କରିବି ।"


ଗୋଦାବରୀଶ ମିଶ୍ର

"ଗୋଦାବରୀଶ ବାବୁ! ସେ ସବୁବେଳେ ସେମିତି । ଆମରି ଭିତରେ ଥିବେ ପୁଣି ନଥିବେ । ଆମକୁ ରୂପାନ୍ତରିତ କରିବାକୁ କର୍ମ କରୁଥିବେ ।ଏଇ ଗଲା ବର୍ଷର କଥା । ବିହାର ଓଡ଼ିଶାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ତିୱାରୀବାବୁ ପୁରୀ ଆସିଥାନ୍ତି । ଉଦ୍ଦେଶ୍ୟ ପୁରୀରେ ବିଶେଷ କରି ରଥ ଯାତ୍ରା ବେଳେ ବାରମ୍ବାର ହଇଜା ହେବାର ଓ ଲୋକେ ମରିବାର କାରଣ ଅନୁସନ୍ଧାନ । ଖବର ନେଇ ଜାଣିବାକୁ ପାଇଲେ ଯେ ହଇଜା ପୀଡିତ ଲୋକେ ନିଜେ ରୋଗ ଲୁଚାଉଛନ୍ତି । ରୋଗ ଜଣା ପଡିଲେ କାଳେ ମେହେନ୍ତରମାନେ ଠେଲା ଗାଡ଼ିରେ ସେମାନଙ୍କୁ ଡାକ୍ତର ପାଖକୁ ନେଇଯିବେ କିମ୍ବା ବାଟରେ ମରଣ ହେବ ଏକଥାକୁ ସେମାନେ ଗ୍ରହଣ କରି ପାରୁନାହାନ୍ତି । ପୁଣି ଧର୍ମ ଭୀରୁ ଓ ରକ୍ଷଣଶୀଳମାନେ ମେହେନ୍ତର ଦ୍ୱାରା ବୁହା ହୋଇଯିବାକୁ ଜାତି ଯିବା ଅର୍ଥରେ ବୁଝୁଛନ୍ତି । ସେ ଆସି ସ୍ୱେଚ୍ଛାସେବକ ଖୋଜିଲେ । ହେଲେ ସହରରେ କେହି ରାଜି ହେଲେ ନାହିଁ । ତା ପରେ ଜଣେ କେହି ତାକୁ ଆପଣେଙ୍କ ନାଁ କହିଲା । ସେ ସିଧା ଗୋପବନ୍ଧୁଙ୍କୁ ତାଙ୍କ ଦଇତାପଡ଼ା ସାହି ଘରେ ଭେଟିଲେ ଓ ସ୍ୱେଚ୍ଛା ସେବକ ଲାଗି ଅନୁରୋଧ କଲେ । ଗୋପବନ୍ଧୁ ତାଙ୍କୁ ବନ ବିଦ୍ୟାଳୟକୁ ନେଇ ଆସିଲେ । ପିଲାମାନଙ୍କୁ ସାଧାରଣ ବର୍ଗର ସ୍ୱାର୍ଥପରତା ଓ ରକ୍ଷଣଶୀଳତା ଓ ହୃଦୟହୀନତା ଉପରେ ଏପରି କହିଲେ ଯେ ଶତାଧିକ ପିଲା ସ୍ୱେଚ୍ଛାସେବକ ରୂପେ କାମ କରିବାକୁ ବାହାରି ଆସିଲେ । କୌଣସି ଠାରେ ଲୋକେ ରାଜି ହେଉନଥିଲେ । ଅଥଚ ଗୋପବାବୁଙ୍କ କଥାରେ ଏତେ ପିଲା ଏକା ବେଳକେ ଦେଖି ତିୱାରୀ ସାହେବ ମୁଗ୍ଧ । ରାମଚନ୍ଦ୍ର ରଥ ସ୍ୱେଚ୍ଛାସେବୀମାନଙ୍କ ନେତୃତ୍ୱ ନେଇ ରଥକୁ ଗଲେ । ସେଠି ସତ୍ୟବାଦୀର ପିଲାମାନଙ୍କର ସେବା କାର୍ଯ୍ୟ ସମସ୍ତଙ୍କୁ ମୁଗ୍ଧ କଲା । ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଚାହିଁଲା ପ୍ରତି ବର୍ଷ ରଥକୁ ପିଲାମାନେ ସ୍ୱେଚ୍ଛାସେବୀ ରୂପରେ ଆସିବେ । ପିଲାଏ ବଡ଼ ଖୁସିରେ ସମ୍ମତି ଦେଲେ । ଛାତ୍ରମାନଙ୍କ ଏ ହୃଦୟ ପରିବର୍ତ୍ତନ କଣ କମ କଥା ?

"ଠିକ କହିଲେ ହରିବାବୁ । ମୋ ଜୀବନରେ ବି ଏମିତି ଅନେକ କଥା ଅଛି ଯେଉଁ ପରିବର୍ତ୍ତନ ମୂଳରେ ଅଛନ୍ତି ଦାସେ ଆପଣେ । ମୁଁ ଯେଉଁ ବର୍ଷ ବି.ଏ. ପାଶ କଲି ସରକାରଙ୍କ ନିୟମ ମୁତାବକ ଛ ଜଣ ବୃତ୍ତି ପାଇ କଲିକତାରେ ଓକିଲାତି ପଢ଼ିବା କଥା । ସେଥିରୁ ଗୋଟିଏ ବୃତ୍ତି ମୁଁ ଲାଭ କଲି । ମୁଁ ଉଭୟ ଏମ.ଏ. ଓ ଆଇନ ପଢ଼ିବା ପାଇଁ ଗଲି । ବୃତ୍ତି ମାସିକ ତିରିଶ ଟଙ୍କା । ଗାଁରେ ଘର ଚଳିବା ପାଇଁ ନିହାତି ପାଞ୍ଚ ଟଙ୍କା ଦରକାର । ସେତିକିରେ ସେମାନେ ଟାଣଟୁଣ ହୋଇ ଚଳିବେ । ତେଣେ ତିରିଶରୁ ପାଞ୍ଚ ଟଙ୍କା ଗାଁ କୁ ପଠାଇଦେଲେ କଲିକତାରେ ମୋ ଅବସ୍ଥା ଅସମ୍ଭାଳ । କଥା ପ୍ରସଙ୍ଗରେ ମୁଁ ଏକଥା ଭରସି ଦାସେ ଆପଣେଙ୍କୁ କହିଲି । ସେ ଉତ୍ତରରେ କହିଥିଲେ- ଗୋଦାବରୀଶ ! ତୁମ ସମସ୍ୟା ବୁଝୁଛି । ଘରେ ପଇସା ନହେଲେ ନ ଚଳେ । ତୁମକୁ ମୁଁ ମାସିକ ଦଶ ଟଙ୍କା ଲେଖାଏଁ ଦେବାର ବନ୍ଦୋବସ୍ତ କରୁଛି । ଏହାକୁ ତୁମେ ସାହାଯ୍ୟ ମଣିବ ନାହିଁ । ତୁମେ ଅର୍ଥନୀତିରେ ଏମ.ଏ. ପଢ଼ା ସାରି ଆସିଲେ ସତ୍ୟବାଦୀ ବିଦ୍ୟାଳୟ ପାଇଁ ଉପଯୋଗୀ ହେବ ସେଥିପାଇଁ ଏ ବ୍ୟବସ୍ଥା ବୋଲି ଧରି ନିଅ । ତୁମକୁ ମୁଁ ଉଦ୍ଦେଶ୍ୟ ରଖି ଏହା ଦେଉଛି ବୋଲି ମନେ କରିବ–

ତାଙ୍କର ଏକଥା ମୋ ମନକୁ କେତେ ହାଲୁକା କରି ଦେଇଥିଲା । ସେ ମୋତେ ସାହାଯ୍ୟ କଲେ କିନ୍ତୁ ମୋ ଆତ୍ମ ମର୍ଯ୍ୟାଦା କ୍ଷୁଣ୍ଣ ହେବାକୁ ଦେଲେ ନାହିଁ । ଏଥିରେ ତାଙ୍କ ମାର୍ଗରେ ନଯାଇ ମୋର ଚାରା ଅଛି ।"


"ଏକଥା ତ ଆମେ କେହି ଜାଣୁନା । ଅବଶ୍ୟ ଏସବୁ କଥା ସେ ଜାଣିବାକୁ ଦିଅନ୍ତି ନାହିଁ । ତେବେ ଅନ୍ୟ ଉପରେ ଆର୍ଥିକ ନିର୍ଭରଶୀଳତାକୁ ସେ ସବୁବେଳେ ବିରୋଧ କରନ୍ତି ।"

"ତା ବି ଜାଣେ । ଶ୍ୱଶୁର ଘର ଟଙ୍କାରେ ଯଦି କେହି ଛାତ୍ର ଉଚ୍ଚ ଶିକ୍ଷା ଲାଭ କରିବାକୁ ଚେଷ୍ଟା କରେ ଆପଣେ ତାକୁ ଛିଗୁଲାଇ ଭାର୍ଯ୍ୟ ବୋଲି କହନ୍ତି । ଏହାକୁ ଭାର୍ଯ୍ୟାର ପୁଲିଙ୍ଗ ବୁଝ । ଏ ପରି ଯୁବକ ଆପଣେଙ୍କ ଯୋଜନାର କାମରେ ସାମିଲ ହେବାକୁ ଚାହିଁଲେ ଛଳାଇ କହନ୍ତି – ଏହା ଭାର୍ଯ୍ୟମାନଙ୍କ କାର୍ଯ୍ୟ ନୁହଁଟି । ବିଷମ ପଥ ଏ ଭଜନ, ଭୟେ ଭାଜନ୍ତି ଯୋଗୀ ଜନ ।" ଏ ସରସ ବିଦ୍ରୁପ ଶୁଣିବା ପରେ ହରିହର କହିଲେ, "ମେଡ୍ରା ସାହେବଙ୍କ ହୃଦୟ ପରିବର୍ତ୍ତନ କାହାଣୀ ହୁଏତ ଆପଣ ଶୁଣିଥିବେ ?"

"ନା ତ ?"


ଜେବତୀ ଆମ ମାଟିର ସ୍ୱର

"ଛ ସାତ ବର୍ଷ ତଳର କଥା । ଦାସେ ଆପଣେ ପିପିଲି ବାଟ ଦେଇ ଆସୁଥାନ୍ତି । ଦେଖିବାକୁ ପାଇଲେ ଜଣେ ପାଦ୍ରୀଙ୍କୁ ଲୋକେ ଗଛରେ ବାନ୍ଧି ଆଘାତ ଦେଉଛନ୍ତି । ତାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଉଚାରଣ କରୁଛନ୍ତି । ଆପଣେଙ୍କ ଆଖି ଛଳଛଳ ହୋଇ ଉଠିଲା ।ଲୋକମାନଙ୍କ ବ୍ୟବହାରରେ ସେ କ୍ରୁଦ୍ଧ ହେଲେ । ପାଖକୁ ଯାଇ ସେ ଲୋକମାନଙ୍କୁ ପାଟି କରି ସେପରି କରିବାରୁ ନିବୃତ୍ତ କଲେ । ତା ପରେ ମେଡ୍ରା ସାହେବଙ୍କୁ ମୁକାଳିଲେ । କହିଲେ – ଆମେ ପ୍ରଭୁ ଯୀଶୁଙ୍କୁ କରୁଣାର ଅବତାର ବୋଲି ଜ୍ଞାନ କରୁ । ତାଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧା ପୋଷଣ କରୁ । ସେ ତ ଚାହିଁଥିଲେ ଅସହାୟ ଏ ଦୁନିଆଁ ରେ ମର୍ଯ୍ୟାଦା ପାଉ । ତେଣୁ ସେ ଆମର ନମସ୍ୟ । ହୁଏତ ଏ ଲୋକମାନେ ଆପଣଙ୍କ ଧର୍ମ ପରିବର୍ତ୍ତନ କାର୍ଯ୍ୟକ୍ରମକୁ ବିରୋଧ କରି ଏପରି ଅମାନୁଷିକ କାର୍ଯ୍ୟ କରିଛନ୍ତି । ମୁଁ ସେମାନଙ୍କୁ ଘୋର ନିନ୍ଦା କରୁଛି । ହେଲେ ଆପଣଙ୍କ ପରି ଲୋକମାନେ ଯୀଶୁଖ୍ରୀଷ୍ଟଙ୍କ ବାର୍ତ୍ତାବହ । ଆପଣମାନେ ଲୋକଙ୍କ ଭିତରେ ପ୍ରେମର ବାର୍ତ୍ତା ବିତରଣ କରନ୍ତୁ । ସେମାନଙ୍କର ସେବା କରନ୍ତୁ । ମେଡ୍ରା ସାହେବ ହୁଏତ ଆଉ କଣ କହିଥାନ୍ତେ କିନ୍ତୁ ଆପଣେଙ୍କ ଯୀଶୁ ପ୍ରୀତିରେ ମୁଗ୍ଧ ହେଲେ । କହିଲେ -ଆମେ ଏଣିକି ସେବାରେ ମନୋନିବେଶ କରିବୁ । ସେବେଠୁ ସେ ଦାସେ ଆପଣେଙ୍କ ପାରିବାରିକ ବନ୍ଧୁ । ତାଙ୍କ ଦଇତାପଡ଼ା ସାହି ଘରକୁ ବି ଅନେକ ଥର ଆସିଛନ୍ତି ।"


ଆଚାର୍ଯ୍ୟ ହରିହର ଦାସ

"ଅବଶ୍ୟ ଏ ଖବର ମୋ ପାଖରେ ନଥିଲା ।"

"ସେ ତ ଏଠିକୁ ଆପଣଙ୍କ ଆସିବାକୁ ଚାହିଁ ବସିଥିଲେ ।"

"ହରିବାବୁ ! ମୋ ପ୍ରତି ତାଙ୍କର ସ୍ନେହ ବଖାଣିବାର ନୋହେ । ତାଙ୍କ ଶ୍ରଦ୍ଧାର ଡୋରି କାହିଁ କେଉଁ କାଳୁ ମୋ ସହ ଲାଗି ରହିଛି । ମୁଁ ଆହୁରି କେତୋଟି ହୃଦୟ ପରିବର୍ତ୍ତନର କଥା କହୁଛି । ବର୍ଷେ ଦେଢ଼ ବର୍ଷ ତଳର କଥା । ବିହାର ଓଡିଶା ମିଶି ସ୍ୱତନ୍ତ୍ର ପ୍ରଦେଶ ହେବ ବୋଲି ଘୋଷଣା ହୋଇ ସାରିଥାଏ । ବିହାରର ବାରିଷ୍ଟର ହାସାନ ଇମାମ କଲିକତା ହାଇକୋର୍ଟରେ ବିଚାରପତି । ଆମେ ଅନେକ ଓଡ଼ିଆ ଓ ବିହାରୀ ପିଲା ଆଇନ ଅଧ୍ୟୟନ କରୁଥାଉ । ବିହାର -ଓଡିଶା ପ୍ରଦେଶ ଗଠନ ଉପଲକ୍ଷେ ବନ୍ଧୁ ମିଳନର ଆୟୋଜନ ହେଲା । ଏକ ପ୍ରକାରର ଉତ୍ସବ କୁହ । ଆମମାନଙ୍କର କିଛି ଭାଷଣ ଦେବାର ଥାଏ । ଇମାମ ସାହେବ ସଭାପତି । ସଭା ସରିବା ପରେ ସେ ମୋତେ କୁଣ୍ଢେଇ ପକାଇଲେ । କହିଲେ- ତୁମେ ସୁନ୍ଦର ଭାଷଣ ଦେଉଛ । କଥା କହିବା ତ ଆଇନ ବେଉସାର ଶକ୍ତି । ପୁଣି ତୁମେ ଯୁକ୍ତି ପାରାୟଣ । ତେଣୁ ତୁମେ ଓକିଲାତି ବ୍ୟବସାୟ କ୍ଷେତ୍ରରେ ଢେର ନାଁ କରିବ । ପାଶ କରି ସାରି ଆସି ମୋ ପାଖରେ ରୁହ । ମୁଁ ଯଥା ଶକ୍ତି ସାହାଯ୍ୟ କରିବି –

ମୁଁ ତ ତାଙ୍କ କଥାରେ ଏକ ପ୍ରକାର ଭଳି ଯାଇଥିଲି । କିନ୍ତୁ ଆପଣେ ଏକଥା ଶୁଣି କହିଲେ – ଗୋଦାବରୀଶ ! ଏ ବ୍ୟବସାୟ କଣ ତୁମ ଆମ ଭଳି ଲୋକଙ୍କୁ ପାଏ ? କଳାକୁ ଧଳା ଓ ଧଳାକୁ କଳା କରିବା କଥା । ଆଉ ନୀତିବାନ ହେଲେ ମହକିଲ ଦୁଆର ମାଡିବେ ନାହିଁ । ଦେଖୁଛ ତ ମୁଁ ବି ଜଣେ ଓକିଲ ? କଣ ବା ମୁଁ କରି ପକାଉଛି –

ତାଙ୍କର ଏ କଥାର ମୁଁ ବା କି ଜବାବ ଦିଅନ୍ତି ?"

ଜବାବରେ ହରିହର କୁହନ୍ତି, "ହଁ ମୋର ମଧ୍ୟ ଆଇନ ବିଦ୍ୟାକୁ ନେଇ ସମାନ ମତ । ସେ ବେଉସାରେ ନୀତିବାନ ରହି ଉନ୍ନତି କରିହେବ ନାହିଁ ।"

"ହରିବାବୁ ଆପଣ ଆଶ୍ଚର୍ଯ୍ୟ ହେବେ ସେଥର କଲିକତାର ଯେଉଁ ସଭା କଥା କହୁଥିଲି ସେଠିକୁ ଅନେକ ବିଶିଷ୍ଟ ବଙ୍ଗାଳୀ ଭଦ୍ର ଲୋକ ଆସିଥିଲେ । ସେମାନଙ୍କ ଭିତରୁ କେତେ ଜଣ କଣ କଥା ହେଲେ । ତା'ପରେ ଜଣେ ସେମାନଙ୍କ ମୁଖପାତ୍ର ହୋଇ ମୋତେ କହିଲେ- ଗୋଦାବରୀଶ ବାବୁ ! ଆପଣ ଜଣେ ଦକ୍ଷ ବ୍ୟକ୍ତି । ଆମେ ଚାହୁଁ ଆପଣ କଲିକତାର ମୂକ-ବଧିର ବିଦ୍ୟାଳୟର ସହକାରୀ ପ୍ରଧାନ ଅଧ୍ୟାପକ ହୁଅନ୍ତୁ । ସେଥିପାଇଁ ବିଦ୍ୟାଳୟ ଆପଣଙ୍କୁ ଖର୍ଚ୍ଚ ଦେଇ ଆମେରିକା ପଠାଇବ । ସହକାରୀ ପ୍ରଧାନ ଅଧ୍ୟାପକ ଭାବେ କାର୍ଯ୍ୟ କଲାପରେ ଆପଣ ଯଥା ସମୟରେ ପ୍ରଧାନ ଅଧ୍ୟାପକ ବି ହୋଇ ପାରିବେ । ତେଣୁ ଦରଖାସ୍ତଟିଏ ଲେଖି ଦିଅନ୍ତୁ । ମୁଁ ଖୁସିରେ ଦରଖାସ୍ତ ଲେଖିଲି । ମନରେ କେତେ ଆଶା ପୋଷଣ କଲି । ତା'ପରେ ଗୋପବନ୍ଧୁ ବାବୁଙ୍କ ସମ୍ମତି ମାଗି ତାଙ୍କୁ ସବୁ ଜଣାଇ ପତ୍ର ଲେଖିଲି ।"

"ସେ କଣ ଉତ୍ତର ଦେଲେ ?"

"ତାଙ୍କ ଉତ୍ତର ଥିଲା- ହଇହେ ଗୋଦାବରୀଶ ! ତୁମେ କଲିକତାରେ ଦୁଇ ଚାରିଶହ ମୂକ ବଧିର ପିଲାଙ୍କ ଶିକ୍ଷକ ହେବାକୁ ଇଚ୍ଛା କରୁଛ । ମାତ୍ର ଓଡ଼ିଶାର ଲକ୍ଷ ଲକ୍ଷ ମୂକ ବଧିରଙ୍କ କଥା କଣ ଭୁଲିଗଲ ?

ଖୁବ ଛୋଟ ଉତ୍ତର । କିନ୍ତୁ ମୋ ଅନ୍ତର ମନ୍ଥି ହୋଇଗଲା ହରିବାବୁ । ମୋର ପଥର ଆଖି ମଧ୍ୟ ତରଳି ଗଲା । ମୁଁ ଗରିବ ଘରୁ ଆସିଛି । ମୋ ଭିତରେ ଉଚ୍ଚାକାଂକ୍ଷା ଭରପୂର । କିନ୍ତୁ ଗୋଟିଏ ଧାଡିରେ ଏତେ ମୃଦୁ ଭାବରେ ଗୋପବନ୍ଧୁବାବୁ ତା ଉପରେ ଯେପରି ଆଘାତ କଲେ ତାହା ବିଜୁଳି ଭଳି ମୋ ଭିତରକୁ ଚମକାଇ ଦେଲା ।"

"ସେଥିପାଇଁ ତ ଆପଣଙ୍କ ଉପରେ ତାଙ୍କର ଏତେ ଭରସା । ଆପଣଙ୍କର ଏମ.ଏ. ସରିବାକୁ ସେ ଯେମିତି ଅପେକ୍ଷା କରିଥିଲେ । ଆପଣ ପହଂଚିବା ପରେ ଆପଣଙ୍କ ଉପଲକ୍ଷେ ଯେଉଁ ସ୍ୱାଗତ ଉତ୍ସବ ହୋଇଥିଲା ସେପରି ତ ଆଉ କାହା ଯୋଗଦାନରେ ହୋଇନାହିଁ ।"

ଗୋଦାବରୀଶ ମନେ ପକାଇଲେ ସେଦିନ- ୧ ୯ ୧ ୩ ଏପ୍ରିଲ ମାସର ଶେଷ ସପ୍ତାହ । ସେ କଲିକତା ଛାଡିଲେ । ଛାତ୍ର ଜୀବନ ଶେଷ ହୋଇଛି । ଆଗକୁ କର୍ମକ୍ଷେତ୍ରର ବିପୁଳ ଆହ୍ୱାନ । ଜୀବନର ଆଦ୍ୟ ଭାଗର ଚଉଠ ଶତାବ୍ଦୀ ସରିଛି ।


ଉତ୍କର୍ଷ ଆମ ମାଟିର ସ୍ୱର

ସେ ହାୱ୍ଡ଼ା ଷ୍ଟେସନରୁ ଚଢିଲେ ପୁରୀ ଏକ୍ସପ୍ରେସ ଗାଡ଼ିରେ । ରାତି ସାରା ରେଳ ଭିତରେ ଅନେକ ଚିନ୍ତା ଓ ତଦଜନିତ ଉତ୍ତେଜନା । ଭଲରେ ନିଦ ହୋଇନି । ସେ ଭାବୁଥାନ୍ତି ନୂଆ କର୍ମକ୍ଷେତ୍ର ତାଙ୍କର ଆଖିକୁ ବିଶାଳ ନ ହୋଇପାରେ କିନ୍ତୁ ଗୁଣ ଗତ ଦିଗରୁ ବ୍ୟାପକ । ସାକ୍ଷୀଗୋପାଳ ଷ୍ଟେସନରେ ଅଟକିଲା ପୁରୀ ଏକ୍ସପ୍ରେସ । ସେ ବ୍ୟାଗ ପତ୍ର ଧରି ଓହ୍ଲାଇ କେଉଁବାଟେ ଯିବେ ଚିନ୍ତା କରୁଛନ୍ତି ଦେଖିଥିଲେ ନୀଳକଣ୍ଠବାବୁ ଓ ହରିହର ବାବୁଙ୍କୁ । ସେମାନଙ୍କ ସାଙ୍ଗରେ ଥାଆନ୍ତି ଚାଳିଶ ପଚାଶ ଜଣ ପିଲା । ଗୋଦାବରୀଶ ନୀଳକଣ୍ଠଙ୍କୁ ପଚାରନ୍ତି

"କଣ ଦଳବଳ ଧରି ବାହାରିଛ । କୁଆଡେ ଯିବ ନା କଣ ?"

ନୀଳକଣ୍ଠ ବାବୁ ଟିକେ ହସି ମଜା କରିବା ଢଙ୍ଗରେ କହନ୍ତି, "ତୁମେ ଯୁଆଡେ ଯିବ ଆମେ ବି ସେଆଡ଼େ ଯିବୁ ।"

ଗୋଦାବରୀଶ ବୁଝି ପାରିଥିଲେ ଯେ ସତ୍ୟବାଦୀ ବିଦ୍ୟାଳୟର ଛାତ୍ରମାନେ ଦୁଇ ଶିକ୍ଷକଙ୍କ ସହ ତାଙ୍କୁ ସ୍ୱାଗତ କରିବାକୁ ଆସିଛନ୍ତି ସ୍ନେହ ଆଦରରେ । କଲିକତାରୁ ସତ୍ୟବାଦୀକୁ ସେ ଯାତ୍ରା ତାଙ୍କୁ ସେଦିନ ଢେର ଗୁରୁତ୍ୱପୂର୍ଣ୍ଣ ମନେ ହୋଇଥିଲା । ଆଉ ପ୍ରଥମ ତିନି ଚାରି ଦିନ ହୋଇଥିଲା ଅସଲ ମଜା । ସେ ଶିକ୍ଷକଙ୍କ ସଂଗେ ଶିକ୍ଷକ ଓ ପିଲାଙ୍କ ସାଙ୍ଗେ ପିଲା ହୋଇ ଚାଲିବାକୁ ଚେଷ୍ଟା କଲେ । ଦିନେ ଜଣେ ପିଲା ପଚାରେ, "ତୁମର ନାଁ ଲେଖା ହେଲାଣି ?"

ଗୋଦାବରୀଶ ଉତ୍ତର ଦିଅନ୍ତି, "ନା ତ । ଏ ଯାଏଁ ହୋଇନାହିଁ ।"

"ଦୁଇ ତିନି ଦିନ ହେଲା ଆସିଲଣି । କାହିଁକି ନାଁ ଲେଖାଉନା ?"

"କଣ କରିବା ପ୍ରଧାନ ଶିକ୍ଷକ ମୋତେ କୌଣସି ଶ୍ରେଣୀରେ ଭର୍ତ୍ତି କରିବାକୁ ରାଜି ହେଉନାହାନ୍ତି ।"

ତହୁଁ ପିଲାଟି ଟିକେ ସହାନୁଭୂତିଶୀଳ ହୋଇ କହିଲା, "ମୁଁ ହରିବାବୁଙ୍କୁ କହିବି । ହୁଏତ ସେ ସୁପାରିଶ କରିଦେଲେ ପ୍ରଧାନଶିକ୍ଷକ ତୁମକୁ ଗ୍ରହଣ କରି ନେଇପାରନ୍ତି ।"

"ନାଇଁ ବାବୁ ଏମିତି ନକରି ସିଧାସଳଖ ପ୍ରଧାନ ଶିକ୍ଷକଙ୍କୁ ଅନୁରୋଧ କର । ମୋ କାମ ହୋଇଯିବ ।"

ପିଲାଟି ଏକଥା ଶୁଣି ସଂଗେ ସଂଗେ ଜିଭ କାମୁଡି ପକାଏ ।

ଯା ଭିତରେ ଏପ୍ରିଲ ତିରିଶ ତାରିଖରେ ଗୋପବନ୍ଧୁ ଆସନ୍ତି । ସେଦିନ ସ୍କୁଲ ବନ୍ଦ୍ ହୁଏ । ଶ୍ରୀରାମଚନ୍ଦ୍ର ପୁର, ଜୟ ପୁର, ବିଶ୍ୱନାଥ ପୁର ଆଦି ଅଞ୍ଚଳରୁ ଅନେକ ଲୋକ ନିମନ୍ତ୍ରିତ ହୋଇ ଆସନ୍ତି । ପୁରୀରୁ ମଧ୍ୟ କେତେ ଜଣ ଅତିଥି କାର ଯୋଗେ ଆସି ପହଞ୍ଚନ୍ତି । ହୁଏତ ଗୋପବନ୍ଧୁ ସେମାନଙ୍କୁ ନିମନ୍ତ୍ରଣ ଦେଇଥାନ୍ତି । ଗୋଟିଏ ଗଛ ତଳ ସଫା ହୋଇ ସେଇଠି ସଭା ଆରମ୍ଭ ହୁଏ । ପାଖାପାଖି ତିନିଶହ ଲୋକ । ଏମାରମଠ ମହନ୍ତ ସଭାପତିତ୍ୱ କରନ୍ତି । ସେ ବିଦ୍ୟାଳୟର ଓ ପିଲାମାନଙ୍କର କଲ୍ୟାଣ କାମନା କରି ଦୁଇ ଚାରି ଧାଡି କହିବା ପରେ ପୁରୀ କିଲଟରିର ସିରସ୍ତାଦାର ରଘୁନାଥ ରାଓଙ୍କୁ କିଛି କହିବା ଲାଗି ନିର୍ଦ୍ଦେଶ ଦିଅନ୍ତି ।

ରଘୁନାଥ କହନ୍ତି : "ସଭାପତି ମହୋଦୟ, ଅତିଥି ଗଣ ତଥା ବିଦ୍ୟାର୍ଥୀ ଗଣ ! ଆଜି ଗୋଦାବରୀଶ ବାବୁଙ୍କ ପାଇଁ ଏ ଯେଉଁ ସ୍ୱାଗତ ଉତ୍ସବ ହେଉଛି ତାହା ଅତ୍ୟନ୍ତ ଆନନ୍ଦର ବିଷୟ । ତାଙ୍କୁ ମୁଁ ସେ ପୁରୀରେ ପାଠ ପଢିବା ଦିନୁ ଜାଣେ । ଯାବତୀୟ ଅଭାବ ଅନଟନ ଭିତରେ ସେ ନିଜର ଅଧ୍ୟୟନ ଜାରି ରଖିଥିଲେ । ତାଙ୍କର କଷ୍ଟ ଯେ ନ ଦେଖିଥିବ ସେ ବୁଝି ପାରିବ ନାହିଁ । ହେଲେ ମନୋବଳ ଦିଗରୁ ସେ ଉତ୍ତୁଙ୍ଗ । ସତ୍ୟବାଦୀ ବିଦ୍ୟାଳୟ ରେ ସେ ଯୋଗଦେବା ଏକ ବଡ଼ ଖୁସିର କଥା । ତୁମେମାନେ ତାଙ୍କ ପ୍ରତିଭାରୁ ଅନେକ କିଛି ଗ୍ରହଣ କରିପାରିବ । ତାଙ୍କର ଇଂରାଜୀ ଜ୍ଞାନ ଓ ଉଚ୍ଚାରଣ ଢେର ଆକର୍ଷଣୀୟ । ଗୋପବନ୍ଧୁବାବୁଙ୍କ ଡ଼ାକରାରେ ସେ ଯେପରି ବଡ଼ ଚାକିରୀର ମୋହ ଛାଡି ଏଠି ଶିକ୍ଷା ସେବା ପାଇଁ ଆସିଛନ୍ତି ତାହା ସମସ୍ତଙ୍କର ଅନୁକରଣୀୟ ।" ଏହିପରି ଆହୁରି କିଛି କହିବା ପରେ ସେ ଅବ୍ୟାହତି ନେଇଥିଲେ । ତା'ପରେ ମହନ୍ତେ ଗୋପବନ୍ଧୁଙ୍କୁ କହିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଗୋପବନ୍ଧୁ ତାଙ୍କର ସ୍ୱଭାବ ସୁଲଭ ପ୍ରାଣବନ୍ତ ଭାବେ ଆରମ୍ଭ କରିଥିଲେ: "ବନ୍ଧୁ ଗଣ ! ଆଜି ଆମେ ସମସ୍ତେ ଆମର ଏ ଅନୁଷ୍ଠାନକୁ ଗୋଦାବରୀଶଙ୍କୁ ସ୍ୱାଗତ କରୁଅଛେ । ସେ କଲିକତାରୁ ଅର୍ଥନୀତିରେ ଏମ.ଏ. ପାଶ୍ କରି ଏଠିକୁ ଆସିଛନ୍ତି । ବସ୍ତୁତଃ ସେ ଏଠିକୁ ଆସିବା ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲା । ସେ ଚାହିଁଥିଲେ କଲିକତାରେ ରହି ବଡ଼ ଓକିଲ ଭାବେ ଅର୍ଥ ଓ ସୁନାମ ଅର୍ଜନ କରି ପାରିଥାନ୍ତେ । ଇଚ୍ଛା କରିଥିଲେ ସେଠାକାର ମୂକବଧିର ବିଦ୍ୟାଳୟର ସହକାରୀ ଅଧ୍ୟାପକ ହୋଇ ପାରିଥାନ୍ତେ । ସେ ବିଦ୍ୟାଳୟର ସହଯୋଗରେ ଆମେରିକା ଯାଇ ଉଚ୍ଚ ଶିକ୍ଷା ହାସଲ କରି ପାରିଥାନ୍ତେ । ତା'ପରେ ସେ ଅନୁଷ୍ଠାନର ପ୍ରଧାନ ଅଧ୍ୟାପକ ବି ହୋଇ ପାରିଥାନ୍ତେ । ସେଠି ଅନେକ ଲୋକ ତାଙ୍କୁ ଚାହୁଁଥିଲେ । ମୋର ପଦେ କଥାରେ ସେ ଉଚ୍ଚାକାଂକ୍ଷାର ମୋହ ତୁଟାଇ ଏଠି ପହଁଚିଛନ୍ତି । ସେ ଆଗରୁ ଏ ଅନୁଷ୍ଠାନ ପାଇଁ ଅଙ୍ଗୀକାର ବଦ୍ଧ । ତେଣୁ ପରିବାରର ଯାବତୀୟ ଦୁଃସ୍ଥିତି ସତ୍ତ୍ୱେ ଅର୍ଥ ରୋଜଗାରର କ୍ଷମତା ଥିଲେ ମଧ୍ୟ ସେ ଏକ ପ୍ରକାର ଇଚ୍ଛା ଦାରିଦ୍ର୍ୟ ବରଣ କରି ଶିକ୍ଷାଦାନ ବ୍ରତ ଗ୍ରହଣ କରିଛନ୍ତି । ତେଣୁ ଆପଣମାନଙ୍କ ତରଫରୁ ମୁଁ ତାଙ୍କୁ ସ୍ୱାଗତ ଜଣାଉଛି । ଆମେ ଓଡ଼ିଆଏ ଜ୍ଞାନକୁ ପଇସାରେ ତଉଲିବା ଶିଖିଥାଏ । ହେଲେ ଜ୍ଞାନ ଯେ ସମାଜକୁ ବଦଳାଇବାରେ ସହାୟକ ହୁଏ ସେ କଥା ଆମେ ମନେ ରଖିବା ଉଚିତ । ଆମେ ଯେ ଗୋଦାବରୀଶଙ୍କ ପାଇଁ ସ୍ୱାଗତ ଉତ୍ସବ କରୁଅଛେ ତା ମୂଳରେ ଅଛି ତାଙ୍କ ତ୍ୟାଗ ପ୍ରତି ଆମର କୃତଜ୍ଞତା ଓ ସମ୍ମାନ । ବହୁତ କିଛି ପଛରେ ପକାଇ ସେ ଏଠିକୁ ଆସିଛନ୍ତି ଆମର ସହଭାଗୀ ହୋଇ । ସହଭାଗୀତା ଗୋଷ୍ଠୀ ଜୀବନର ମୂଳ । ନହେଲେ ସାମୂହିକ ଉନ୍ନତି ଅସମ୍ଭବ । ଏ ସମ୍ପର୍କରେ ମୋର ଏକ ମଜା କଥା ମନେ ପଡେ । ମୁଁ ବାରିପଦାରେ ଥିବା ସମୟର ଏକ କଥା । ମହାରାଜ ସକାଳୁ ଗାଧୁଆ ଘର ବାହାରିଥାନ୍ତି । ତେଣେ ଭିତରେ ଚାକର ଟୋକା ଗୀତ ଗାଇ ଗାଇ ପାଇଖାନା ସଫା କରୁଥାଏ । ସେ ବିଳମ୍ବରେ କାମ ସାରି ଆସିବା ପରେ ମହାରାଜ ଗଲେ । ତାଙ୍କର ଏ ଅସୁବିଧାର କାରଣ ରୂପେ ସେ ଚାକର ଟୋକାକୁ ତାଗିଦ କରିବା ଦାୟିତ୍ୱ ମୋତେ ଦିଆ ଯାଇଥିଲା । ମୁଁ ସେ ଟୋକାକୁ ପଚାରିଲି ତୁ କେଉଁ ଗୀତ ଗାଉଥିଲୁ ଟିକେ ଗାଆ । ସେ ଲାଜ ମିଶା କଣ୍ଠରେ ଗାଇଲା

କା କା କା
ଆମେ ସବୁ କୁକୁର
ଆଉ ଯେତେ କୁଆ ।

ଏହାର ଅର୍ଥ କଣ ?

ସେ ସେମିତି କହିଲା– ଆମେ ଅଧିକାଂଶ ମଣିଷ କୁକୁର ପରି । ପରସ୍ପରକୁ କାମୁଡି ଖଣ୍ଡିଆ କରୁ । କେଉଁଠି ଖାଇବା ଦେଖିଲେ ନିଜନିଜ ଭିତରେ ଲଢ଼େଇ କରୁ । ନା ନିଜେ ଖାଉ ନା କାହାକୁ ଖୁଆଇ ଦେଉ । ହେଲେ କୁଆମାନେ ଅଲଗା । ଖାଇବା ଦେଖିବା ମାତ୍ରେ କା କା ହୋଇ ଅନ୍ୟମାନଙ୍କୁ ଡାକନ୍ତି । ମୁଁ ତା ଗୀତରୁ ସହଭାଗିତା ଶିଖିଲି । ଆମେ ସମସ୍ତେ ଏଠି ଜ୍ଞାନ ଅର୍ଜନ ପ୍ରକ୍ରିୟାରେ ସହଭାଗୀ ହେବା । ଗୋଦାବରୀଶଙ୍କ ସ୍ୱାଗତ ଉତ୍ସବରେ ମୋର ଏତିକି କାମନା ।

ଟିକେ ଅନ୍ୟମନସ୍କ ହୋଇ ଏତିକି ଚିନ୍ତା କରିବା ଭିତରେ ଗୋଦାବରୀଶ କହିଲେ, "ବୁଝିଲେ ହରିବାବୁ ! ଯେଉଁ ପିଲାମାନେ ମୋତେ ନାଁ ଲେଖାଇବାକୁ କହୁଥିଲେ, ସଭା ପରେ ସେମାନେ ବଡ଼ ସଂକୁଚିତ ହୋଇ ମୋତେ କ୍ଷମା ମାଗିଲେ । ହେଲେ ମୁଁ ସେମାନଙ୍କ ସହ ଆଉ କିଛିଟା କୌତୁକ କଲି ।"

ହରିବାବୁଙ୍କ ଠାରୁ ଜବାବ ନପାଇ ଗୋଦାବରୀଶ ଦେଖିଲେ, ହରିହରଙ୍କ ଆଖି ନିଦରେ କଷା ପଡି ଆସିଲଣି । ତେଣୁ ଏଥର ନିଜେ ଆଖି ବନ୍ଦ କରିବାର ଉପକ୍ରମ କଲେ ।

# ରଙ୍ଗାଭାଇ ! କଣ ଖୋଜୁଛ ?



# ଭାନୁ ଶଙ୍କର ମହାନ୍ତି

ଫତେପୁର, ଭଣ୍ଡାରୀ ପୋଖରୀ, ଭଦ୍ରକ
ଫୋନ:୮୯୧୭୨୬୮୫୮୮


ଚିତ୍ର : ଈପ୍‌ସିତା ଦେ

**ଭାନୁଶଙ୍କର ମହାନ୍ତି ଓଡ଼ିଆ କଥାସାହିତ୍ୟର ନୂଆ ସ୍ୱର ଓ 'ରେବତୀ'ରେ ଏହା ତାଙ୍କର ପ୍ରଥମ ପ୍ରବେଶ । ଖୁସିର କଥା ଯେ ଭାନୁଶଙ୍କର ଗଳ୍ପରଚନାରେ ବେଶ୍ ସତର୍କ ଓ ପରିଣତ । ତାଙ୍କର କୌଣସି ଗଳ୍ପ ହତାଶ କରେନି ପାଠକଙ୍କୁ- ଏହା ତାଙ୍କର ଏକ ବିଶେଷ ଗୁଣ । ତାଙ୍କ ଗଳ୍ପରେ ଥାଏ ଏକ ସାବଲୀଳ ଗତି ଓ ସବୁଠୁ ବଡ଼କଥା ହେଲା ଗଳ୍ପର ପରିଣତି ବେଶ୍ ନାଟକୀୟ । ଅର୍ଥାତ ପାଠକ ଆଶା କରିନଥିବା ପରିସମାପ୍ତି ଘଟାଇ ସେ ଗଳ୍ପକୁ କରିପାରନ୍ତି ସ୍ମରଣୀୟ । ଆସନ୍ତୁ ପଢିବା ତାଙ୍କର ଏଇ ଗଳ୍ପଟି ।**



ଗାଳ୍ପିକ ଭାନୁ ଶଙ୍କର ମହାନ୍ତି

ଜୀବନ କ'ଣ ? ଠିକ୍ ପିଆଜ ପରି । ଆଉ ଚୋପା ସବୁ ମାୟା ପରି । ଗୋଟେ ପରେ ଗୋଟେ ଛଡ଼େଇ ଚାଲ, ଛଡ଼େଇ ଚାଲ । ଶେଷକୁ କିଛି ନାହିଁ । ଶୂନ୍ ।

ଏ ଥିଲା ଏକ ଛତିଶ୍ ପୃଷ୍ଠା ଚିଠିର ଉପକ୍ରମର କିୟଦଂଶ । ଯାହାକୁ ଲେଖିଥିଲେ ରଙ୍ଗା ଭାଇ । ବାପାଙ୍କର ପ୍ରିୟ ଛାତ୍ର । ଘର ଦ୍ୱାର ଛାଡ଼ି ନିରୁଦ୍ଦିଷ୍ଟ ହେଇଯିବାର ଅଳ୍ପ କିଛି ଦନ ପୂର୍ବରୁ ।

ଭଦ୍ରକ କଲେଜ୍‌ରେ ପଢୁଥିଲେ । ବୟସ ହେଇଥିଲା ଅଠର କି ଉଣେଇଶ୍ । କେଉଁଆଡ଼େ ଚାଲିଗଲେ । ଗଲାବେଳେ ବାପାଙ୍କ ଉଦ୍ଦେଶ୍ୟରେ ଲେଖିଥିଲେ ଏ ଚିଠି ।

କୋଡ଼ିଏ ବର୍ଷ ଅତିକ୍ରାନ୍ତ । ଫେରିଲେନି ରଙ୍ଗା ଭାଇ । ଚିଠି କିନ୍ତୁ ଇତି ହୋଇଥିଲା ଛୋଟ ପ୍ରତିଶ୍ରୁତି ସହ– ଫେରି ଆସିବି ସାର୍ । ଜୀବନର ସଂଜ୍ଞା ମିଳିଗଲେ ।

ଜୀବନ କଣ ? ଯାର ଅର୍ଥ କଣ ? ଆସେ କେଉଁଠୁ ? ଆସେ ଯଦି ଯାଏ କାହିଁକି ? ଯଦି ଯାଏ ତ ଯାଏ କୁଆଡ଼େ ? ନିର୍ବାଣର ପଥ କେଉଁଠୁ ଆରମ୍ଭ ହୁଏ, କେଉଁଠି ଏହାର ସମାପ୍ତି ?

"ଏମିତି କିଛି ମୂଲ୍ୟହୀନ ଏବଂ କଠିନ ପ୍ରଶ୍ନର କାହିଁକି ଖୋଜାଯାଏ ଉତ୍ତର, ଯାହା ପ୍ରଶ୍ନ ଠାରୁ ଆହୁରି ଜଟିଳ ? ଜୀବନ କଣ ଏଡ଼େ ଅର୍ଥହୀନ ? ଯଦି କିଛି ଅର୍ଥ ଥାଏ, ତାକୁ ଖୋଜିବା ପାଇଁ ନିଖୋଜ ହେଇଯିବା କଣ ନିହାତି ପ୍ରୟୋଜନ ? ଜୀବନର ସବୁ ରାସ୍ତା ତ ଘର ଠି ହିଁ ଛିଡ଼େ, ତେବେ ନିର୍ବାଣର ପଥ କାହିଁକି ଘର ଛାଡ଼ିଲା ପରେ ଦେଖାଯାଏ ?" ମୁଁ ରଙ୍ଗା ଭାଇଙ୍କୁ ଏ କଥା ପଚାରିବାକୁ ଚାହୁଁଥିଲି । ଯେହେତୁ ସିଏ ନଥିଲେ, ପଚାରିଲି ବାପାଙ୍କୁ ।

– ଏ ଖୋଜିବା ଅନନ୍ତ କାଳରୁ ଚାଲି ଆସିଛି । ହୁଏତ କାହାକୁ ବି ସମ୍ପୂର୍ଣ୍ଣ ଓ ସଠିକ ଉତ୍ତର ମିଳିନାହିଁ ।

– ତାହାଲେ କାହିଁକି ଏ ବିଫଳ ଅନ୍ୱେଷଣ ? କାହିଁକି ଏ ବୃଥା ଜିଜ୍ଞାସାର ବାହାସ୍ଫୋଟ ? ଭୟାଲୁ ଲୋକମାନେ ଦାୟିତ୍ୱକୁ ବୋଝ ବୋଲି ଭାବୁଥିବାରୁ, ରଙ୍ଗା ଭାଇ ଭଳି ଘର ଛାଡ଼ି ଚାଲିଯାନ୍ତି ।

ବାପା ସ୍ମିତ ହସିଲେ ଯାହାକୁ ମୋ ପ୍ରଶ୍ନର ଉତ୍ତର ବୋଲି ଗ୍ରହଣ କରାଯାଇ ନପାରେ । ଆଉ କିଛି ପଚାରିବା ଆଗରୁ ବାପା ଚାଲିଗଲେ । ଛାତ୍ରମାନଙ୍କ ଅପମାନ ତାଙ୍କ ପାଇଁ ଅସହ୍ୟ । ପୁଣି ମୋ ଭଳି ଅପାକଳ ପିଲାଟିକୁ ଏମିତି ଗମ୍ଭୀର ପ୍ରସଙ୍ଗ ବୁଝେଇବା ଥିଲା ତାଙ୍କ ସାଧ୍ୟାତୀତ ।

ବାପାଙ୍କ ସାଇତା ଅମୂଲ୍ୟ ସମ୍ପଦ ଉପରେ ଆମ ଘରେ କେହି କେବେ ଆଖି ପକାନ୍ତି ନାହିଁ । ହାତ ଲଗେଇବା ଦୂରର କଥା । ସମ୍ପଦ ବୋଇଲେ ଦି ତିନି ପୁଟୁଳି ଚିଠି । ସ୍କୁଲ୍ ଛାଡ଼ିଲା ପରେ ବାପାଙ୍କ ପୁଅଝିଅ (ଛାତ୍ରଛାତ୍ରୀ) ମାନେ ଲେଖିଥିବା ଚିଠି ସବୁକୁ ବାପା ସାଇତା ରଖିଛନ୍ତି ଆଜିଯାଏଁ । ମୁଁ କେବଳ ତାଙ୍କ ସମ୍ପତ୍ତି ଉପରେ କେବେ କେମିତି ଆଖି ପକେଇଛି । କାହାର ହସ୍ତାକ୍ଷର ଦେଖି ଚକିତ ହେଇଛି । କାହାର ଚିଠି ପଢ଼ି କାନ୍ଦ କାନ୍ଦ ହେଇଛି । ଏ ଚିଠିଟି ପଢ଼ିବା ପାଇଁ ବାପା କେବେ କହି ନାହାନ୍ତି । କେବଳ ଛତିଶ୍ ପୃଷ୍ଠାର ଏତେ ଲମ୍ବା ଚିଠି ଓ ଗୋଲ୍ ହସ୍ତାକ୍ଷର ବ୍ୟତୀତ ମୋର ଆକର୍ଷିତ ହେବାର ଆଉ କିଛି କାରଣ ନଥିଲା । ଜୀବନର ଗହନ ଜ୍ଞାନରେ ମୋର ଦଖଲ ନାହିଁ । ଦର୍ଶନ କଣ ବୁଝେନି । ରଙ୍ଗା ଭାଇଙ୍କର ଚିଠି ସେ ଦୃଷ୍ଟିରୁ ମୋର ପଠନର ପରିସର ବାହାରେ । କିନ୍ତୁ ସେ ସବୁବେଳେ ଧ୍ୟାନସ୍ଥ ମୁନୀ ପରି ମୋ ମନରେ ବସିଛନ୍ତି । ମୁଁ କେବେ ମନେ ପକାଏ ନାହିଁ । ତଥାପି ଭୁଲିଯିବା ସମ୍ଭବ ହେଇନାହିଁ ।

"ଜୀବନର ଅର୍ଥ ଯଦି ମିଳି ସାରିଥାଏ । ଯଦି କିଛି ବି ପ୍ରଶ୍ନ ନଥାଏ ଅନୁତ୍ତରିତ, ତାହାଲେ ଫେରି ଆସ ରଙ୍ଗା ଭାଇ । ଦେଖିବ ଆସ, ଦିନ ବୁଡ଼ିଗଲେ କାଚ ଶିଶିରେ ସୁଲଭ ସାହୁ ଦୋକାନରୁ କିରାସିନି ତେଲ ନେଇ ବୁଢ଼ା ବାପାଟିଏ କେମିତି ଗୋଡ଼ ଘୋଷାଡ଼ି ଘୋଷାଡ଼ି ଫେରେ । ତେଲ ଶିଶି ଓ ତା ସହ ଚାଲୁଥିବା ଛାଇର ଓଜନ ଯେମିତି ବୁଢ଼ା ପାଇଁ ପାହାଡ଼ ପ୍ରମାଣ । କାହିଁକି ଜାଣିଛ ? ଘରେ ଜଳିବ ଯେଉଁ ଏକମାତ୍ର ହାରକିଣି, ସେ କାଳେ ଆସିଥିଲା

ଗାଳ୍ପିକ ପଛର ଗାଳ୍ପିକ

**ଏ ସଂସାର ଯେ ଏତେ କଦାକାର ? ଏତେ କଦର୍ଯ୍ୟ ? ଏହାକୁ ବଳଦ ନୀତିରେକ ସାଧନା ନିମିତ୍ତ କଣ ଆଉ କୌଣସି ପନ୍ଥା ନାହିଁ ? ସବୁକୁ ଛି' କରି ଚାଲିଯିବା ସାଧନା ନା ପଳାୟନ ? ସମ୍ପର୍କର ସମାଧି ଉପରେ ଯିଏ କରେ ମୋକ୍ଷର ପ୍ରତୀକ୍ଷା, ସିଏ କଣ ? ଜ୍ଞାନୀ ବା ଅବିବେକୀ ? ଆନନ୍ଦର ଉତ୍ସ କେଉଁଠି ? ଆମ ଭିତରେ ? ଆମ ଆଖପାଖରେ ? ନା ଆମ ଠାରୁ ଅନେକ ଦୂରରେ ? ଏମିତି କିଛି ପ୍ରଶ୍ନର ଆଲୋଡ଼ନରୁ ଏ ଗପର ସୃଷ୍ଟି ।**

ତୁମେ ମେଟ୍ରିକ୍ ପଢ଼ିଲା ବେଳେ । ତାକୁ ଚାହିଁ ଘର ପିଣ୍ଡାରେ ବସିଥାଏ ଯିଏ, ତା ମୁହଁ କାନ୍ଦ କାନ୍ଦ, କିନ୍ତୁ ଆଖି ନିହାତି ଶୁଖିଲା । ତୁମେ ଆସିଲେ ଦେଖିବ, କାନ୍ଦି କାନ୍ଦି ଆଖି ନୁହେଁ ଦିନେ ଲୁହ ବି କ୍ଳାନ୍ତ ହେଇଯାଏ । ସମୟ ସହ ମଣିଷର ଖାଲି ଭାଗ୍ୟ ନୁହେଁ, ବଦଳେ ବି ପରିଚୟ । କାଲି ଯିଏ ଥିଲା ରଙ୍ଗା ମା ଆଜି ସେ ବାୟାଣୀ । ତୁମ ବଡ଼ ଭାଇ ଗଙ୍ଗା ଯିଏ ଗାୟକ ହେବ ବୋଲି ପଳେଇଥିଲା 'ଝିଲ୍‌ମିଲ୍' ଯାତ୍ରା ଦଳ ସାଙ୍ଗେ, ସେ ଏବେ ଷ୍ଟେଟ୍ ବେଙ୍କ୍‌ରେ ରୋଷେଇ କରେ । ତା ଦୁଇ ଝିଅ, ତୁମ ଅନୁଢ଼ା ଭଉଣୀ, ବୁଢ଼ାବୁଢ଼ୀ ଏମାନଙ୍କ ପ୍ରାଣରେ ଜୀବନ ଭରୁଭରୁ ନିଜ ଆଶା ଅଭିଳାଷକୁ ଭାତ ହାଣ୍ଡିରେ ଟକମକ ଫୁଟେଇ ମାରେ । ହିଁ ରଙ୍ଗା ଭାଇ, ଭାତ ହାଣ୍ଡିର ଟକମକ ଶବ୍ଦ ଠାରୁ ଆଉ କେଉଁ ସଙ୍ଗୀତର ସ୍ୱର ଅଧିକ କରୁଣ ? ଭଉଣୀର କଉଠି ଜୁଟୁନି । ସିଏ ବି ଚୁପ୍‌ଚାପ୍, ମେଘୁଆ ଆକାଶ ଭଳି ଥମଥମ ମୁହଁ । ସିଏ ଦିନେ ଥିଲା ଝରଣା ଠାରୁ ଅଧିକ ପ୍ରଗଳ୍‌ଭ । ତୁମର ଯଦି ମନେନାହିଁ କେତେ ବର୍ଷ ହେବ ତୁମେ ଛାଡ଼ିଲଣି ଘର, ତାର ଉତ୍ତର ସାଇତି ରଖିଛି ସେ ଅଧାଭଙ୍ଗା ଟ୍ରଙ୍କ୍ ଭିତରେ । ଗଣିନେଲେ ତୁମ ପାଇଁ ସର୍ବମୋଟ କିଣା ଯାଇଛି କେତେ ଖଣ୍ଡ ରାକ୍ଷୀ, ତୁମେ ପାଇଯିବ ଉତ୍ତର । କୁହ ରଙ୍ଗା ଭାଇ, ବାପାର ଅଭାବୀ ଆଖିର ଦୁଃଖ, ମା'ର ନିର୍ଭେଜାଲ ସ୍ନେହ, ଭାଇର ସଂଘର୍ଷ, ଭଉଣୀର ତୁମ ପାଇଁ ଆତୁରପଣ....ସବୁ କିଛି କଣ ଏତେ ମୂଲ୍ୟହୀନ ? ତୁମେ ହେଇପାର ଯୋଗୀ, ହେଇପାର ଜ୍ଞାନୀ । ହୁଏତ ଏବେ ତୁମେ ହେଇ ଯାଇଥାଇପାର ଭଗବାନ । କିନ୍ତୁ ତୁମେ ବଡ଼ ଅବିବେକୀ । ନହେଲେ ସମ୍ପର୍କର ସମାଧି ଉପରେ କିଏ କଣ କରେ ମୋକ୍ଷର ପ୍ରତୀକ୍ଷା ?"

ମୁଁ କେତେବେଳେ ଏମିତି ଲେଖି ଦେଇଥିଲି ମୋ ଡାଇରୀରେ । ରଙ୍ଗା ଭାଇଙ୍କ ଉଦ୍ଦେଶ୍ୟରେ । ତାଙ୍କ ଠିକଣା ମୋତେ ଜଣାନଥିଲା, ତେଣୁ ଚିଠି ପଠେଇବାର ଅବକାଶ ନଥିଲା । ସେମିତିରେ କେହି ତାଙ୍କ ଠିକଣା ଜାଣି ନଥିଲେ । ସେ ନିଜେ ବି ହୁଏତ ଜାଣି ନାହାନ୍ତି ତାଙ୍କ ନିଜ ଠିକଣା ।

ମୋର ସବୁ ଲେଖା ବାପା ପଢ଼ନ୍ତି । ହସ୍ତାକ୍ଷର, ବନାନ ଶୁଦ୍ଧି ଓ ଶୈଳୀ ଉପରେ ବୁଝାନ୍ତି । ଏ ଲେଖାଟି ବାପା ପଢ଼ି ସାରି ମୋତେ ଡାକିଲେ ।

- କେବେ ଲେଖିଲୁ ?

- ଚାରିଦିନ ହେଲାଣି ।

- ପଢ଼ିବାକୁ ଦେଇନୁ ତ ?

- ଯାହା ପାଇଁ ଲେଖା ତାଙ୍କ ପାଖରେ କଣ ପହଞ୍ଚି ପାରିବ ?

ବାପା ଦେଖାଗଲେ ଭୀଷଣ ଅନ୍ୟମନସ୍କ ଓ ଚିନ୍ତିତ । ଅନେଇ ରହିଲେ ଦୂରକୁ ଯେଉଁଠି ସ୍କୁଲ୍ ହତା ସରିଛି, କଣ୍ଟା ବାଉଁଶ ଓ ନେଳି ଗଛର ବାଡ଼ ଆରପଟେ ଥିବା ଝଙ୍କାଳିଆ ବରଗଛକୁ କିମ୍ବା ଅନେକ ଦୂରରୁ ଅସ୍ପଷ୍ଟ ଦିଶୁଥିବା ସବୁଜ କୁଞ୍ଚୁ କୁଞ୍ଚିଆ ଷୋହଳ ଭଉଣୀ ପାହାଡ଼ ଆଡ଼କୁ । ଯେମିତି ଷୋହଳ ଭଉଣୀ ଜାଣିଛି ରଙ୍ଗା କେଉଁଠି ଅଛି । ଥରେ କହିଦେଲେ ବାପା ପଠେଇ ଦେଇ ପାରନ୍ତେ ଏ ଚିଠି ।

ବାପା ମୋ ହାତକୁ ଡାଇରି ବଢ଼େଇ ଦେଇ କହିଲେ- ଭଲ ଲେଖିଛୁ ।

- ଭଲ ଖରାପ କଥା ଛାଡ଼ । ଥରେ କହିଦିଅ ରଙ୍ଗା ଭାଇ ଯାହା କଲେ ସେଟା କଣ ଠିକ୍ ? ମୁଁ ତ କହିବି ସେ ଯାହା କରିଛନ୍ତି ତାହା ଭୁଲ୍ ନୁହେଁ, ବରଂ ପାପ ।

ଦୀର୍ଘ ନିଶ୍ୱାସ ନେଲେ ବାପା- 'ମୁକ୍ତି ପଥର ଯାତ୍ରୀ ସେ ।'

ମୋତେ ବହୁତ ରାଗ ଲାଗିଲା । ଇଚ୍ଛା ହେଉଥିଲା ପଚାରିବାକୁ କି ଛେନା ଗୁଡ଼ ମୁକ୍ତି, କି ଯାତ୍ରା ? ଡରୁଆ କଉଠିକାର, ଡରିକି ଦାୟିତ୍ୱକୁ ପଛ କରି ପଳେଇଛି ।

- ନରହରି.....

ବାପାଙ୍କୁ ନାଁ ଧରି ପୁଣି ଏତେ ବଡ଼ ପାଟିରେ କିଏ ଡାକିଲା ? ଯଦିଓ ଏ ଉଚ୍ଚ ସ୍ୱରର ଡାକଟି ଉଭୟ ମୋତେ ଓ ବାପାଙ୍କୁ ବେଶ୍ ଭଲ ଭାବେ ଶୁଣା ଯାଇଥିଲା, ମୁଁ ବାପାଙ୍କୁ ଚେତେଇ ଦେବା ଭଳି କହିଲି- ତୁମକୁ କିଏ ଡାକୁଛି । ଅସଲରେ ଏତେ ବଡ଼ ପାଟିରେ ବାପାଙ୍କୁ କିଏ ନାଁ ଧରି ଡାକିଲା ମୁଁ ସନ୍ଦେହରେ ଥିଲି । ମୁଁ ଚାହୁଁଥିଲି ବାପା ସନ୍ଦେହ ମୋଚନ କରନ୍ତୁ । ମୋତେ ଅପେକ୍ଷା କରିବାକୁ ପଡ଼ିଲା ନାହିଁ । ଘର ଭିତରକୁ ଧୂଳି ଝଡ଼ ଭଳି ପଶି ଆସିଲା ରଙ୍ଗା ମା ।

- ବୋଉ କି ଲୋ, ଆ ଆ ।

- ଓହୋ ବୋଉ, କାହିଁ ଯାଉନୁ ତ ଘର ଆଡ଼େ ।

- ବେଳ ମିଳୁନି ।

- ଖାଲି ତ ପାଠ ପଢ଼େଇବୁ । ବେତରେ ମାରିବୁ । ଉଷଧ ପତ୍ର ବାଣ୍ଟିବୁ । ମୁଁ ମଲି କି ଗଲି ତୋର ଚିନ୍ତା ଅଛି ।

ଏ ଅଞ୍ଚଳରେ ପ୍ରାୟ ସମସ୍ତଙ୍କର ବାପାଙ୍କ ଉପରେ ଅଧିକାର ଅଛି, ତହୁଁ ବଳି ଅଧିକାର ବାପାଙ୍କର ସେମାନଙ୍କ ଉପରେ । ଏଇଟା ଆମ ଗାଁ ନୁହେଁ, ଆମ ଗାଁ ଏଠୁ ପଚାଶ କିଲୋମିଟର । ମୁଁ ଯେବେ ଭାବେ ଏ ଅଧିକାରଟି ଆସିଲା କେଉଁଠୁ, ମୋତେ କୌଣସି ଏକ ନିର୍ଦ୍ଦିଷ୍ଟ କାରଣ ମିଳେ ନାହିଁ । କେବଳ ଏତିକି ଜାଣେ ଏ ଅଧିକାର ସମ୍ପୂର୍ଣ୍ଣ ଅଲିଖିତ ହେଲେ ମଧ୍ୟ ଅତ୍ୟନ୍ତ ଦୃଢ଼ ଓ ନିହାତି ଅଲଙ୍ଘ୍ୟ ।

- ଦେ ଉଷଦ ଦେ ।

- କଣ ହେଇଛି ତୋର ।

- ଦାନ୍ତ ମୂଳି ବଥା କରୁଛି ଦି ଦିନ ହେବ ।

- ଥୁଜା ଦି ଟୋପା ମା ପାଟିରେ ଦେ ।

ମୁଁ ବାପାଙ୍କ ହୋମିଓପାଥି ବାକ୍ସରୁ ଥୁଜା ଶିଶି ଧରି ଫେରିଲା ବେଳକୁ ବୁଢ଼ୀ ବାପାଙ୍କ ପାଖରେ ବସି ବାପାଙ୍କ ପାଦ ଘଷି ଦଉଛି । ବାପା ନାହିଁ ନାହିଁ କଲେ ବି ଶୁଣୁନି । ବାପାଙ୍କ ପ୍ରାୟ ଗୋଡ଼ ଘଷିବା ଦରକାର ହୁଏନି । ବୋଉ ବି ପ୍ରାୟ କେବେ ଘଷି ଦିଏନି ।

ମୁଁ ବୁଢ଼ୀ ପାଟିରେ ତିନି ଚାରି ଟୋପା ଛିଞ୍ଚି ଦେଲି । ତା ପାଟି ଝିମ୍ ଝିମ୍ ହେଇଗଲା କି କଣ ସେ କହିଲା- ରହ ବେ ପାଟି କଣ ହେଇଯାଉଛି ।

ଏଇ ସମୟରେ ବୋଉ ପଶି ଆସିଲା । ବୁଢ଼ୀ ଶାଶୁ ସୁଲଭ ଭଙ୍ଗୀରେ କହିଲା- କି ଲୋ, ପୁଅ ଗୋଡ଼ ହାତ ଟିକେ ଘଷି ଦେଉନୁ ?

ବାପାଙ୍କ ଉପରେ ଥିବା ଅଧିକାର ଅଧିକାଂଶ ବେଳେ ବୋଉ ଉପରକୁ ସମ୍ପ୍ରସାରିତ ହେଇ ଆସେ ।



**ବାପାଙ୍କ କଥାକୁ ଅନ୍ୟଥା କରିବା ଲୋକ ସ୍କୁଲ୍ ଆଖ ପାଖରେ କେହି ଥିବାର ମୋର ମନେ ପଡୁନି । ଗଙ୍ଗା ଭାଇ ଚାଲିଗଲେ । ବୁଢ଼ୀ ବେଶୀ ହଇରାଣ କଲା ନାହିଁ । କେବଳ ବଜର ବଜର ହେଲା । ବୋଉ ଉପରେ ହାକିମାତି ଦେଖେଇଲା । ଏଟା ଆଣ, ସେଟା ଆଣ, ଏଟା କାହିଁକି ଏଠି ପଡ଼ିଛି, ଠାକୁର ସେ ଦିଗରେ ରଖିଛୁ କାହିଁକି...ଇତ୍ୟାଦି । ବୋଉ ଚିଡ଼ିବା ଆରମ୍ଭ କରିଥିଲା । କିଛି ନକହିଲେ ବି ମୁଁ ଜାଣି ପାରୁଥିଲି । ଗୋଟିଏ ଘରେ ଦୁଇଟି ଖଟ । ଗୋଟେରେ ବାପା ମୁଁ ଶୋଇଲୁ । ଆର ଖଟରେ ବୋଉ ଆଉ ସେ । ରାତି ଅଧାରେ ବୋଉ ଉଠି ବାପାଙ୍କୁ ଆଉ ମୋତେ ଡାକିଲା- ବୋଉ କାହାନ୍ତି ?**

ବୋଉ ବି ଏହାକୁ ବିନା ଅଭିଯୋଗରେ ଗ୍ରହଣ କରି ନେଇଥିଲା ଏବଂ ପରିସ୍ଥିତି ଅନୁଯାୟୀ ନିଜର କର୍ତ୍ତବ୍ୟ ତୁଲାଉଥିଲା ।

କଇଫତ୍ ଦେବାକୁ ଯାଇ ବୋଉ କହିଲା- ତାଙ୍କର ଘଷା ଦରକାର ପଡୁନି, ତୁମ ପୁଅ ସବୁବେଳେ ଫିଟା ମୁଁ ବରଂ ବୁଢ଼ୀ ହେଇଗଲିଣି । ମୋ ଗୋଡ଼ ହାତ ବିନ୍ଧା ହେଉଛି ।

- ଭାରି ଚାଲାକ ମୋ ବୋହୂ ଖଣ୍ଡକ । ବୁଢ଼ୀ ହସିହସି କହିଲା

- ରୁହ ମୁଁ ଚାହା କରି ଆଣେ ।

- ନା ଥାଉ । ମୁଁ ଏଇଲେ ପଳେଇବି । ଥାଉ ଲୋ ।

ଏଇ ଯିବି କହି ବୁଢ଼ୀ ଗଲା ନାହିଁ । ଆବୁରୁ ଜାବୁରୁ ବୋଉ ସାଙ୍ଗରେ ଗପିଲା । ସଞ୍ଜ ହେଇଗଲା । ଏହା ଭିତରେ ବୁଢ଼ୀ ଆହୁରି ଦୁଇ ଥର ଚାହା, ଚାରି ଖଣ୍ଡ ପାନ ଖାଇ ସାରିଥିଲା । ମୋର ପ୍ରଥମେ ପ୍ରଥମେ ଦୟା ଆସୁଥିଲା । କିଛି ସମୟ ପରେ ମୁଁ ଭାବିଲି ଏ ପାଗଳୀ ବୁଢ଼ୀକୁ କେମିତି ଘରେ ସମ୍ଭାଳୁଛନ୍ତି କେଜାଣି ? ସଞ୍ଜ ଟିକେ ଗାଢ଼ ହେଲାରୁ ଗଙ୍ଗା ଭାଇ ଆସିଲେ ।

- ଚାଲ୍, ଘରେ ଖୋଜୁଛୁ । ତୁ ଏଇ ଆସୁଛି କହି ସେତେବେଳୁ ଆସି ଏଇଠି ଅଛୁ ।



- ବେ ମୋ ବଡ଼ ପୁଅ ଘରକୁ ଆସିଛି । ଶାଶୁ ବୋଉ ବସି ଚାହା ପାନ ଖାଉଛୁ, ଗପୁଚୁ । ତୁ ଏମିତି କାହିଁକି ହଉଚୁ ?

ପ୍ରାର୍ଥନା ସାରି ବାପା ଉଠି ସାରିଥିଲେ ।

- ତୁ ଯା ଗଙ୍ଗା, ବୋଉ କାଲି ଯିବ ।

- ନା ସାର୍, ସିଏ ହଇରାଣ କରିବ ।

- ତୁ ଯା ।

ବାପାଙ୍କ କଥାକୁ ଅନ୍ୟଥା କରିବା ଲୋକ ସ୍କୁଲ୍ ଆଖ ପାଖରେ କେହି ଥିବାର ମୋର ମନେ ପଡୁନି । ଗଙ୍ଗା ଭାଇ ଚାଲିଗଲେ । ବୁଢ଼ୀ ବେଶୀ ହଇରାଣ କଲା ନାହିଁ । କେବଳ ବଜର ବଜର ହେଲା । ବୋଉ ଉପରେ ହାକିମାତି ଦେଖେଇଲା । ଏଟା ଆଣ, ସେଟା ଆଣ, ଏଟା କାହିଁକି ଏଠି ପଡ଼ିଛି, ଠାକୁର ସେ ଦିଗରେ ରଖିଛୁ କାହିଁକି...ଇତ୍ୟାଦି । ବୋଉ ଚିଡ଼ିବା ଆରମ୍ଭ କରିଥିଲା । କିଛି ନକହିଲେ ବି ମୁଁ ଜାଣି ପାରୁଥିଲି । ଗୋଟିଏ ଘରେ ଦୁଇଟି ଖଟ । ଗୋଟେରେ ବାପା ମୁଁ ଶୋଇଲୁ । ଆର ଖଟରେ ବୋଉ ଆଉ ସେ । ରାତି ଅଧାରେ ବୋଉ ଉଠି ବାପାଙ୍କୁ ଆଉ ମୋତେ ଡାକିଲା- ବୋଉ କାହାନ୍ତି ?

କବାଟ ଠିଆ ମେଲା । ବାପା ମୁଁ ଲଣ୍ଠଣ ଧରି ଖୋଜିଲୁ । ସ୍କୁଲ୍ ପଡ଼ିଆରେ ମିଳିଲା ବୁଢ଼ୀ । ଢେଲା ଧରି ଉପରକୁ ଫିଙ୍ଗୁଥିଲା ।

- ଏତେ ରାତିରେ କଣ କରୁଛୁ ଲୋ ବୋଉ ?

- ତୁ ଆସିଲୁ ଭଲ ହେଲା । ମୋର ଆଉ ବଳ ପାଉନି ବେ ।

ବାପାଙ୍କ ହାତକୁ ଗୋଟେ ଢେଲା ବଢ଼େଇ ଦେଇ କହିଲା- ମାର୍, ସେଇ ଯେଉଁ ତାରା ଦେଖୁଛୁ ତାକୁ ମାରି ଖସେଇ ପକା । ସେ ରଙ୍ଗୀକୁ କୁଆଡ଼େ ଲୁଚେଇକି ରଖିଛି । ରଙ୍ଗୀ ଦୁର୍ଗା ପୂଜାକୁ ଯେଉଁ ଘରକୁ ଆସିଥିଲା, ଖାଲି ଆକାଶକୁ ଚାହୁଁଥିଲା । ଏଇ ତାରା ସାଙ୍ଗରେ ଫୁସୁଫୁସୁ କଥା ହେଉଥିଲା । ଏଇ ତାକୁ ଶିଖେଇ କି କୁଆଡ଼େ ନେଇଛି । ମାର୍ ତାକୁ ।

ବାପା ବୁଢ଼ୀକୁ କିଛି କହିଲେନି । ଆଜ୍ଞାବହ ପୁଅଟିଏ ପରି ଆଦେଶ ପାଳନ ପୂର୍ବକ, ରଙ୍ଗୀ ମା ଦ୍ୱାରା ସୂଚିତ ତାରାଟିକୁ ଆକାଶରୁ ଖସେଇ ପକେଇବା ଉଦ୍ଦେଶ୍ୟରେ ଉପରକୁ ଢେଲାଟେ ଛାଟିଲେ । କିଛି ସମୟ ପରେ ଅନ୍ଧାରରେ କେଉଁଠି ଢେଲାଟି ପଡ଼ିବା ପରେ ଧୁସ୍ କିନା ଶବ୍ଦ ହେଲା ।

- ହେଇଲୋ ମା, ତାରାଟା ପଡ଼ିଲା ନା କଣ ? ମୁଁ ରହସ୍ୟ କରି କହିଲି ।

- ହେସ୍ । ତାରା ନୁହେଁ ବେ, ଢେଲା ଶବ୍ଦ ।

ବୁଢ଼ୀ ମୋର ତ୍ରୁଟି ସୁଧାରିଦେଲା ଭଳି ଉତ୍ତର ଦେଲା ।

- ଚାଲ ବୋଉ, ଅନ୍ନପୂର୍ଣ୍ଣା ଘରେ ଏକା ଅଛି । ଡରୁଥିବ ।

- ହଉ ଚାଲ

ମୁଁ ଲଣ୍ଠଣ ଧରି ଆଗେ ଆଗେ ଚାଲିଲି । ମୋ ପଛେପଛେ ବାପା ଆଉ ରଙ୍ଗୀ ମା । ବୁଢ଼ୀ ଦେଖା ଯାଉଥିଲା ପରାଜିତ ସୈନିକ ଭଳି, ଯିଏ ସାମାନ୍ୟ ତାରାଟେକୁ ମାରି ଖସେଇ ପାରିଲାନି । ତାଠାରୁ ତତୋଧିକ ବିମର୍ଷ ଦେଖା ଯାଉଥିଲେ ବାପା ଯିଏ ମା'ର ଏଡ଼ିକି ଟିକେ ଅଳିକୁ ପୂରଣ କରି ପାରିଲେନି !

- ପୁଅ, ଲୋକେ କହୁଛନ୍ତି ଏଇ କିଛିଦିନ

ହେବ କିଏ ଗୋଟେ ବାବାଜୀ ଆସି ଔପଦା ପାଖ ପାଣ୍ଡବ ଘେରା ଜଙ୍ଗଲରେ ରହୁଛି । କହୁଛନ୍ତି ସିଏ ଅବିକଳ ରଙ୍ଗା ଭଳି । ମୋର ପରତେ ଯାଉନି । ରଙ୍ଗା ହୋଇଥିଲେ ସିଏ ମୋତେ ଦେଖା କରିବାକୁ ଆସିନଥାନ୍ତା ? ମୋତେ ନହେଲା ନାହିଁ ତୋତେ ଦେଖା କରିବାକୁ ଆସିନଥାନ୍ତା ? ତୁ ପରା ତା ଅବଧାନ ।

ବାପା କିଛି ଉତ୍ତର ଦେଲେ ନାହିଁ । ବୁଢ଼ୀ ସିନା ଜାଣିନି, ବାପା ଆଉ ଗଙ୍ଗା ଭାଇ କିଛି ଦିନ ତଳେ ସେ ବାବାଜୀକୁ ଦେଖିବାକୁ ଯାଇଥିଲେ । ସେ କିନ୍ତୁ ରଙ୍ଗା ନୁହେଁ ।

ଆମକୁ ପୁଣି ନିଦ ହେଲା ବେଳକୁ ରାତି ଗୋଟାଏ । ବୋଉ ଆଉ ବୁଢ଼ୀ ଶୋଇ ପଡ଼ିଲେ । ବାପା ସେମିତି ଛାତକୁ ଅନେଇଥାନ୍ତି । ମୁଁ ବାପାଙ୍କ ପେଟ ପାଖକୁ ଲାଗି ଆସି ପଚାରିଲି- ରଙ୍ଗା ଭାଇ ମିଛ କାହିଁକି କହିଲେ ?

- କି ମିଛ ?

- ସାର୍ ମୁଁ ନିଷ୍ଚେ ଦେଖା କରିବି ଆପଣଙ୍କୁ, ଜୀବନର ଅର୍ଥ ମିଳିଗଲେ ।

- ମୋ ଛାତ୍ର ମୋତେ କେବେ ମିଛ କହନ୍ତିନି ।

- ତାହେଲେ କୋଡ଼ିଏ ବର୍ଷ ହେଲାଣି ଥରେ ଆସିଲେନି ତୁମକୁ ଦେଖା କରିବାକୁ ? କାହିଁକି ?

- ହୁଏତ ସେ ଏବେବି ପାଇନି, ଖୋଜୁଛି ।

- କେବେ ପାଇବେ ?

- କିଏ ଜାଣେ ? ବେଳେବେଳେ ଗୋଟିଏ ଜନ୍ମରେ ସରେ ନାହିଁ ଏ କାମ ।

ବାପା ଆଖି ବୁଜିଦେଲେ, ମୋତେ ଏକ ଅସରନ୍ତି ଗଭୀର ଗର୍ତ୍ତ ଭିତରକୁ ଠେଲିଦେଇ । ମୁଁ ସେଇ ଗର୍ତ୍ତ ଭିତରକୁ ପଶି ପଶି ଯାଉଥିଲି, ଅନ୍ଧାର ଅସରନ୍ତି ଗର୍ତ୍ତ । କେଉଁଠି ନିଷ୍ଚିତ ଲୁକ୍କାୟିତ ଥିବ ଜୀବନର ଅର୍ଥ । ସେଇଠି ହୁଏତ ଭେଟ ହେବ ରଙ୍ଗା ଭାଇ ସହ । ମୁଁ କହିବି ଚାଲ ଭାଇ, ବହୁତ ହେଲା । ଫେରି ଯିବା ଚାଲ ଆମ ଦୁନିଆକୁ, ଯେଉଁଠି 'ଜୀବନର ଅର୍ଥ' ଠାରୁ 'ଜୀବନ' ଗୁରୁତ୍ୱପୂର୍ଣ୍ଣ । ହଁ ଭାଇ, ଜୀବନ ଖୁବ୍ ମନୋହର ଓ ସୁନ୍ଦର । ବିଶ୍ୱାସ କର ।

ହୁଏତ ଆଉ ଟିକେ ସମୟ ପରେ ମୁଁ ରଙ୍ଗା ଭାଇଙ୍କୁ ପାଇ ଯାଇଥାନ୍ତି କି କଣ, କିନ୍ତୁ ମୁଁ ସେ ଗର୍ତ୍ତରୁ ବାହାରି ଆସିଲି । ବୋଉର ପାଟି, ବରଂ ଚିତ୍କାରରେ ମୋ ନିଦ ଭାଙ୍ଗିଲା ।

- ହେ ହେ କଣ କରୁଛ ବୋଉ ? ରୁହ, ରୁହ । ମୁଁ ଅଧୁଆ ମୁହଁରେ ସିଧା ଯାଇ ଉପସ୍ଥିତ ହେଲି ଘଟଣା ସ୍ଥଳରେ । ପୂର୍ବରୁ ବାପା ସେଠି ପହଞ୍ଚି ସାରି ଇସାରା ଜରିଆରେ ବୋଉକୁ ଶାନ୍ତ ହେବାକୁ କିମ୍ବା ବୁଢ଼ୀକୁ କଷ୍ଟ ହେଲା ଭଳି କୌଣସି ମନ୍ତବ୍ୟ ଦେବାକୁ ବାରଣ କରୁଥିଲେ । କିନ୍ତୁ ପରିସ୍ଥିତି ଥିଲା ଅଣାୟତ୍ତ । ବୁଢ଼ୀ, ବାହାରେ ଥିବା ଚୂଲିରେ ବୋଉ ଗଲା ଦୋଳ ମେଳଣରେ କିଣିଥିବା ନୂଆ ଭାତ ହାଣ୍ଡିଟା ବସେଇ

**- ହେ ହେ କଣ କରୁଛ ବୋଉ ? ରୁହ, ରୁହ । ମୁଁ ଅଧୁଆ ମୁହଁରେ ସିଧା ଯାଇ ଉପସ୍ଥିତ ହେଲି ଘଟଣା ସ୍ଥଳରେ । ପୂର୍ବରୁ ବାପା ସେଠି ପହଞ୍ଚି ସାରି ଇସାରା ଜରିଆରେ ବୋଉକୁ ଶାନ୍ତ ହେବାକୁ କିମ୍ବା ବୁଢ଼ୀକୁ କଷ୍ଟ ହେଲା ଭଳି କୌଣସି ମନ୍ତବ୍ୟ ଦେବାକୁ ବାରଣ କରୁଥିଲେ । କିନ୍ତୁ ପରିସ୍ଥିତି ଥିଲା ଅଣାୟତ୍ତ । ବୁଢ଼ୀ, ବାହାରେ ଥିବା ଚୂଲିରେ ବୋଉ ଗଲା ଦୋଳ ମେଳଣରେ କିଣିଥିବା ନୂଆ ଭାତ ହାଣ୍ଡିଟା ବସେଇ ସେଥିରେ ପାଣି ପୂରେଇ ଆମ ସମସ୍ତଙ୍କ ଜୋତା ପକେଇ ଫୁଟାଉଥିଲା । ଗୋଟେ କଣି ବାଉଁଶ ଧରି ମଝିରେ ମଝିରେ ଘାଣ୍ଟୁଥିଲା ।**

ସେଥିରେ ପାଣି ପୂରେଇ ଆମ ସମସ୍ତଙ୍କ ଜୋତା ପକେଇ ଫୁଟାଉଥିଲା । ଗୋଟେ କଣି ବାଉଁଶ ଧରି ମଝିରେ ମଝିରେ ଘାଣ୍ଟୁଥିଲା ।

- ଭାତ ହାଣ୍ଡିଟା ଖରାପ କରିଦେଲ ?

- ଛି, ଛି ଜୋତାଗୁଡ଼ା କେଡ଼େ ଅପରିଷ୍କାର ହେଇଥିଲା । ଗରମ ପାଣିରେ ଫୁଟିଯାଉ । ନହେଲେ ରୋଗ ବଇରାଗ ହେବ ।

- ଗଙ୍ଗା କାଲି କହୁଥିଲା ନେଇଯିବାକୁ । ତୋ ବାପା ମନା କଲେ । ସବୁ ଜୋତା ଗଲା । ନୂଆ ଭାତହାଣ୍ଡିଟା ବି ଗଲା । ମୁଣ୍ଡ ବିଗିଡ଼ି ଗଲାଣି ଯାଙ୍କର ।

ବାପା କହିଲେ- "ବୋଉ ତୁ ଭିତରକୁ ଯା । ମୁଁ ଘାଣ୍ଟୁଛି । ସତରେ ଜୋତାଗୁଡ଼ା ଖରାପ ହେଇ ଯାଇଥିଲା ।"

ମୋ ବୋଉର ରୂପ କ୍ରମଶଃ ଅସ୍ୱାଭାବିକ ହେଉଥିବାର ଦେଖି ବୁଢ଼ୀ ଟିକେ ଡରିଗଲା କି କଣ । ଘର ଭିତରକୁ ଚାଲିଗଲା ।

ମୋତେ ଅନେଇ ବାପାଙ୍କ ଉଦ୍ଦେଶ୍ୟରେ ବୋଉ କହିଲା- ଯେତେକ ପାଗଳ ପାଗିଳି ତୋ ବାପାଙ୍କ ପାଖରେ ଆସି ଭିଡ଼ କରିବେ । ଲାଗୁଛି ମୁଁ ବି କଉଦିନ ପାଗିଳି ହେଇଯିବି । ଜଲ୍ଦି ନେଇଯା, ତାଙ୍କ ଘରେ ଛାଡ଼ି ଦେଇ ଆସିବୁ ଯା ।

ବାପା ଅଳ୍ପ ହସି କହିଲେ- ତୁମର କଣ ମନେ ନାହିଁ, ଗୋବିନ୍ଦକୁ ମୁଁ ଥରେ ଚିଡ଼ିଯାଇ ତୋ ଘରକୁ ପଳା ବୋଲି କହିଲାରୁ ସେ କଣ କହିଥିଲା ?

ବାପାଙ୍କର ଏଇ ପଦକ କଥାରେ ବୋଉ ଚୁପ୍ ହେଇଗଲା । କ୍ଷଣକରେ ଦେଖାଗଲା କାନ୍ଦକାନ୍ଦ ।

ଏକଦା ମୋ ବୋଉକୁ ସେ ବାଇଆ ଗୋବିନ୍ଦ ଭାଇ କହିଥିଲା- ବୋଉ, ସାର୍ ମୋତେ ରାଗିକି କହୁଛନ୍ତି ଘରକୁ ପଳା । ଯଦି ଗଗନ (ମୋ ବଡ଼ ଭାଇ) ମୁଣ୍ଡ ବିଗିଡ଼ି ଯାଇଥାନ୍ତା ତାକୁ ସାର୍ ଏମିତି କହିଥାନ୍ତେ ? ଗୋବିନ୍ଦ ଭଇ ସେଦିନ କାନ୍ଦି କାନ୍ଦି ପଳେଇ ଯାଉଥିଲା ବେଳେ ବୋଉ ତାକୁ ଅଟକେଇଥିଲା- ସାର୍‌ଙ୍କ କଥାରୁ କଣ ଅଛି ? ମୁଁ କହୁଛି ତୁ ଆଜି ରହିଯା । ଗୋବିନ୍ଦ ଭାଇ ଆଉ ଦି ଦିନ ପରେ ତାଙ୍କ ଘରକୁ ଗଲା । ମଝିରେ ମଝିରେ ସେ ଏମିତି ଆମ ଘରକୁ ଆସେ । ଦୁଇ ତିନିଦିନ ରହି, ବୋଉର ଧୈର୍ଯ୍ୟର ପରୀକ୍ଷା ନେଇ ପୁଣି ଆସିବି କହି ଫେରିଯାଏ ।

ବୋଉ ଆଉ ମୁଁ ହାଣ୍ଡିରୁ ଜୀବାଣୁମୁକ୍ତ ଏବଂ ବ୍ୟବହାର ଅନୁପୋଯୋଗୀ ହେଇ ସାରିଥିବା ଜୋତାଗୁଡ଼ିକୁ ବାହାର କଲୁ । ଜୋତା ଗୁଡ଼ିକ ଦିଶୁଥିଲେ ଯୌତୁକ ଆଣି ନଥିବା ନବ ବିବାହିତାର ଅର୍ଦ୍ଧ ଦଗ୍ଧ ଦେହ ଭଳି ଖୁବ୍ କରୁଣ ଓ ଭୟଙ୍କର । ସେଥିରୁ ବାଦ୍ ପଡ଼ିନଥିଲା ମୁଁ ସଦ୍ୟ କିଣିଥିବା ଶ୍ରୀ ଲେଦର୍ଶ ବୁଟ୍ ହଳକ । ସବୁ ଜୋତା ବାହାରି ସାରିଥିଲେ ବି ମୁଁ କଣି ବାଉଁଶରେ ସେ ହାଣ୍ଡିକୁ ଘାଣ୍ଟି ଚାଲିଥିଲି ଯେମିତି ଅଦୃଶ୍ୟ ଅଥଚ ଅତ୍ୟନ୍ତ ମୂଲ୍ୟବାନ ଚିଜଟିଏ ଭିତରେ ରହିଯାଇଛି । ମୁଁ ବାସ୍ତବରେ ଖୋଜୁଛି କଣ- ଏଇ କଥା ନିଜକୁ ପଚାରିଲା ବେଳକୁ, ରଙ୍ଗା ମା ଦାନ୍ତ ଘଷିବ ବୋଲି ବୋଉ କରଞ୍ଜ ଡାଳ ଭାଙ୍ଗୁଥିଲା । ବାପା ବାଲ୍ଟି ଧରି ପାଇଖାନା ଅଭିମୁଖେ ଅଗ୍ରସର ହେଉଥିଲେ- ଖାଲି ପାଦରେ ଓ ନିର୍ବିକାର ଚିତ୍ତରେ । ବୋଉର ନୂଆ ଭାତ ହାଣ୍ଡି ଓ ବାପାଙ୍କର ପାଇଖାନା ଜୋତାର ଅକାଳ ମୃତ୍ୟୁରେ ଦୁହେଁ ତିଳେ ବି ବିଚଳିତ ନଥିଲେ । ଯେଉଁ ଅନାହୂତ ଘଟଣା ଘଟିଗଲା, ସେଥିପାଇଁ କାହାରି ମୁହଁରେ କ୍ରୋଧ କି ଦୁଃଖର କୌଣସି ଆଭାସ ନଥିଲା । ଦୁଇଜଣଙ୍କ ପାଇଁ ଯେମିତି ସବୁ ସ୍ୱାଭାବିକ ! ଯେମିତି କିଛି ବି ଘଟିନି । କିମ୍ବା ହୁଏତ ଘଟିବା ନ ଘଟିବାରେ ଦୁହିଁଙ୍କର କିଛି ଯାଏ ଆସେ ନାହିଁ ।

ମୁଁ ଖୋଜିଲା ଚିଜଟି ପାଇ ସାରିଥିଲି । କିନ୍ତୁ ଯାହାକୁ ଦେବାକୁ ଚାହୁଁଥିଲି ସେ କେଉଁଠି ? କେତେ ଦୂରରେ ? ଅଛନ୍ତି ତ ?

ହାତ ପାହାନ୍ତାରେ ଥିବା ଚିଜଟିକୁ ଖୋଜିବାରେ ଆଉ କେତେ ବର୍ଷ କାଟିଦେବ ରଙ୍ଗା ଭାଇ ?

ଫେରିଆସ ।


www.bharatmasala.in
THE TASTE OF NEW INDIA
JBSPL
BHARAT™
MASALA
ଭାରତର ସର୍ବବୃହତ କ୍ରାୟୋଜେନିକ୍ ସ୍ପାଇକ୍ ଗ୍ରାଇଣ୍ଡିଂ ପ୍ଲାଣ୍ଟ ଏବେ ଭାରତ ମସଲା ରେ
କ୍ରାୟୋଜେନିକ୍ ସ୍ପାଇକ୍ ଗ୍ରାଇଣ୍ଡିଙ୍ଗ ପ୍ଲାଣ୍ଟରେ (-190° ରେ) ପ୍ରସ୍ତୁତ ମସଲାର ବୈଶିଷ୍ଟ୍ୟ
ଶିଳବଟା ମସଲାର ପ୍ରାକୃତିକ ସ୍ୱାଦ, ରଙ୍ଗ ଓ ବାସ୍ନା
ଖଣ୍ଡ ରହିତ କ୍ଷୁଦ୍ର, ସୁକ୍ଷ୍ମ ମସଲା ଦାନା
ବାଷ୍ପଶୀଳ ଓ ଇଥରୀୟ ତୈଳ ସୁକ୍ଷିତ
ସ୍ୱଳ୍ପ ମସଲାର ଆବଶ୍ୟକତା
ଗୁଣ୍ଡରହିତ ଓ ସ୍ୱାସ୍ଥ୍ୟ ବର୍ଦ୍ଧକ
THE TASTE OF NEW INDIA
ସବୁ ଗୃହୀଣିଙ୍କ ପ୍ରଥମ ପସନ୍ଦ ଭାରତ ମସଲା
ସେଇ ପୁରୁଣା ଶିଳବଟା ମସଲାର ମଜାନିଅନ୍ତୁ...
GARAM MASALA
Turmeric Powder
JHAL LAL
Meat
available at
amazon
snapdeal
E-mail: jbspl@bharatmasala.in | Toll Free : 1800 345 11135 | Web : www.bharatmasala.in

# ଅସାମାନ୍ୟା



# ଅଶୋକ



# ଅଶୋକ ସୁନ୍ଦରୀ


**ଶ୍ୱେତା ରାଉତ**

ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଭୁବନେଶ୍ୱର-୭୫୧୦୦୬
ଫୋନ : ୯୪୩୯୭୨୬୦୬୦


ଫଟୋ ସୌଜନ୍ୟ : ଲେଖିକା



ଆମ ସମସ୍ତଙ୍କ ମନରେ ଏମିତି ପ୍ରଶ୍ନ ଆସିବା ସ୍ୱାଭାବିକ ଯେ, ପୃଥିବୀ ଓ ପ୍ରକୃତିକୁ ସୁନ୍ଦର କରୁଥିବା ଫୁଲଗୁଡ଼ିକ ଧରାପୃଷ୍ଠରେ କେମିତି ଅବତରଣ କଲେ । ବାମନ ପୁରାଣ ଷଷ୍ଠ ଅଧ୍ୟାୟ ଅନୁସାରେ ମନୋଜନ୍ମା ଦେବତା ଶିବଙ୍କ ଉପରକୁ ବାଣ ନିକ୍ଷେପ କରିଥିଲେ ଏବଂ ଏହାପରେ ତାଙ୍କର ଶରୀର ଜଳି ଯାଇଥିଲା । ତାଙ୍କର ରତ୍ନମୟ ଧନୁ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ପୃଥିବୀରେ ଝରି ପଡ଼ିଲା । ଯେଉଁ ସ୍ଥାନ ଚଟାଣ ଥିଲା ତାହା ରୁକ୍ମମଣିରେ ଓ ଯେଉଁସ୍ଥାନ ଶୂନ୍ୟ ଥିଲା ସେଠି ସୁନ୍ଦର ମନୋହର ମୌଳସରୀ ଫୁଲରେ ପରିଣତ ହେଲା । ଇନ୍ଦ୍ରନୀଳ ମଣିରେ ତିଆରି କଟିସୂତ୍ର ଛିଡ଼ି ପୃଥିବୀରେ ପଡ଼ିଲା ଓ ସୁନ୍ଦର ପାଟଳ ପୁଷ୍ପରେ ପରିଣତ ହେଲା । ଚନ୍ଦ୍ରକାନ୍ତ ମଣିରେ ତିଆରି ଆଭୂଷଣ ପଡ଼ି ଚମ୍ପା ଫୁଲ ପାଲଟିଗଲା । ସ୍ୱର୍ଗରୁ ଯେତେଯେତେ ମୂଲ୍ୟବାନ କଠୋର ଧନୁ ଭାଙ୍ଗି ପୃଥିବୀରେ ପଡ଼ିଲା ସବୁତକ କୋମଳ ମନୋହର ଫୁଲ ଭାବେ ପରିଣତ ହୋଇଗଲା । ଏହିପରି ମନୋଜନ୍ମା ଦେବତାଙ୍କର ଏକ ଆଭୂଷଣ ଧରଣୀ ବକ୍ଷରେ ଖଣ୍ଡଖଣ୍ଡ ହୋଇ ପଡ଼ି, ଚୁନା ଚୁନା ଅଶୋକ ଫୁଲରେ ପରିଣତ ହୋଇଗଲା । କମ୍ବନ ରାମାୟଣ ଅନୁସାରେ, ଗୋଦାବରୀ ନଦୀର ଦକ୍ଷିଣ ତଟରେ ଏକ ବୃତ୍ତୀୟ ଘେର ରହିଛି ଏବଂ ସେହି ଘେର ମଧ୍ୟରେ ରହିଛି ବିରାଟକାୟ ପାଞ୍ଚଟି ବରଗଛ ବା ବଟବୃକ୍ଷ । ସେଥିପାଇଁ ସେହି ସ୍ଥାନକୁ କହନ୍ତି 'ପଞ୍ଚବଟୀ', ଯେଉଁଠିକି ବନବାସ ସମୟରେ ଲକ୍ଷ୍ମଣ ଏହି ପାଞ୍ଚଟି ବୃକ୍ଷ ମଧ୍ୟରେ ଏକାର୍ପଣ କୁଟୀର ନିର୍ମାଣ କରି ଶ୍ରୀରାମ, ସୀତାଙ୍କ ସମେତ ବାସ କରୁଥିଲେ ଏବଂ ପାପୀ, ଅତ୍ୟାଚାରୀମାନଙ୍କ ବିନାଶ କରୁଥିଲେ । କିନ୍ତୁ ସ୍କନ୍ଦ ପୁରାଣର 'ହେମାଦ୍ରୀୟ ବ୍ରତ' ଖଣ୍ଡ ଅନୁସାରେ ଅଶ୍ୱତ୍ଥ, ବେଲ, ବର, ଅଁଳା ଓ ଅଶୋକ ଏହି ପାଞ୍ଚଟି ବୃକ୍ଷ ଏକତ୍ର ପାଞ୍ଚ ଦିଗରେ ରୋପିତ ହୋଇଥିବାରୁ ଏହି ସ୍ଥାନକୁ ପଞ୍ଚବଟୀ କୁହାଯାଏ । ଏହି ପାଞ୍ଚଟି ବୃକ୍ଷ ଥିବା ସ୍ଥାନରେ ତପସ୍ୟା କଲେ ଅନନ୍ତ ଫଳ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ତେବେ ଅଶୋକ ବୃକ୍ଷ ପଞ୍ଚବଟୀ ମଧ୍ୟରେ ଏକ, ଏହା ସ୍ୱୀକାରଯୋଗ୍ୟ । ଆମ ଓଡ଼ିଶାର ଜାତୀୟ ଫୁଲ ଭାବେ ପରିଚିତ ଏହି ଅଶୋକ ଫୁଲ ସମ୍ବନ୍ଧରେ ଆସନ୍ତୁ ଜାଣିବା କିଛି କଥା ।



ଲେଖିକା ଶ୍ୱେତା ରାଉତ

## ବିଭିନ୍ନ ସ୍ଥାନରେ ଅଶୋକର ନାମକରଣ

ଅଶୋକ ଫୁଲକୁ ବିଭିନ୍ନ ସ୍ଥାନରେ ବିଭିନ୍ନ ନାମରେ ଜାଣିଥାନ୍ତି, ଯଥା- ସଂସ୍କୃତରେ ବଞ୍ଜୁଳ, ଅଶୋକ, ହେମପୁଷ୍ପ, ବଙ୍କେଲି, ତାମ୍ର ବଲ୍ଲଭ, ପିଣ୍ଡିପୁଷ୍ପ, ଗନ୍ଧପୁଷ୍ପ, ସୀତାପୁଷ୍ପ, ନଟପୁଷ୍ପ, ସୀତାରକ୍ଷିଣୀ ଓ ମଞ୍ଜରୀ; ଓଡ଼ିଆରେ ଅଶୋକ; ହିନ୍ଦୀରେ ଅଶୋକ; ତେଲୁଗୁରେ ଅଂଶଚେଟ୍ଟୁ, ଅଶୋମାନା, ଦେବୀ ଛାୟାଡ୍ରୁ, ଅଶୋକମ୍, କନ୍ନଡ଼ରେ ଆକ୍ସୁକଙ୍କର, ଅଶୋକ ଧାମରା କଙ୍କଲି ମାରା; ଆରବୀରେ ସାବୁକ୍ବା; ସିଂହଳୀରେ ହୋଗାସ୍; ମରାଠୀରେ ଅଶୋପକ, ଅଶୋକ, ଯାସୁନ୍ଦୀ; ଗୁଜୁରାଟୀରେ ଅଶୋପାଲବ, ଦେଶୀ ପିଳା ଫୁଲନୋଁ, ବଞ୍ଜିଳିଶୋକ ଲାଟିନ୍‌ରେ ଜାନୋଶିଆ ଅଶୋକା, ସରାକା ଇଣ୍ଡିକା; ଇଂରାଜୀରେ 'ଜାନସିଆ-ଅଶୋକା, ସାରକା ଇଣ୍ଡିକା; ମାଲାୟାଲମ୍‌ରେ ଅଶୋକମ୍; ତାମିଲ୍‌ରେ ଧର୍ମୀଗମ୍; ବଙ୍ଗଳାରେ ଅଶୋକ, ଅସ୍ପାଲ୍ ଓ ତାରାପଲ୍ଲଭ କହିଥାନ୍ତି ।

## ଅଶୋକର ପରିଚୟ ଓ ପ୍ରଜାତି

ଅଶୋକକୁ ହିନ୍ଦୁ ଧର୍ମରେ ଏକ ପବିତ୍ର ଓ ଉପକାରୀ ବୃକ୍ଷ ଭାବରେ ପୂଜା କରିବାର ବିଧି ରାଜା ଭୋଜଙ୍କ ସମୟରୁ ରହି ଆସିଛି । ଏହା ମାଗ୍ନୋଲିଓସ୍ପିଡା ବର୍ଗର ଫେବେସି ବଂଶର ସାରାକା ପ୍ରଜାତିର ଫୁଲ । ଏହାର ବନସ୍ପତିକ ନାମ ହେଉଛି ସାରକା ଅଶୋକା । ଏହା ସାଧାରଣତଃ ଦୁଇପ୍ରକାରର ଥାଏ । ଏକ ପ୍ରକାର ଅଶୋକ ଘର ଓ ଉଦ୍ୟାନର ସୌନ୍ଦର୍ଯ୍ୟ ପାଇଁ ଏବଂ ଅନ୍ୟ ଏକ ପ୍ରଜାତିର ଅଶୋକ ଆୟୁର୍ବେଦ ଔଷଧୀୟ ବ୍ୟବହାର ପାଇଁ । ଅଶୋକ ବୃକ୍ଷ ଆମ୍ବ ଗଛ ଭଳି ୨୫-୩୦ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ । ଶାଖାଗୁଡ଼ିକ ଗହଳିଆ ପତ୍ର ଆଚ୍ଛାଦିତ ତମ୍ବା-ଲାଲ ରଙ୍ଗର ପରସ୍ପର ବିପରୀତକୁ ରହିଥାନ୍ତି । ପ୍ରତ୍ରଗୁଡ଼ିକ ୧୦-୨୩ ସେ.ମି. ବିଶିଷ୍ଟ ଓ ଡାଳଗୁଡ଼ିକ ଲାଲରୁ କ୍ରମଶଃ ପାଉଁଶିଆ ହୋଇଥାଏ । ଏହାର ଫୁଲଗୁଡ଼ିକ ପେନ୍ଥା ଆକାରରେ ଫୁଟିଥାଏ । ଫୁଲର ରଙ୍ଗ ପ୍ରାକୃତିକ ଭାବେ ଲାଲ, ନାରଙ୍ଗୀ, ଧଳା ଓ ହଳଦିଆ

ହୋଇଥିବା ବେଳେ ଶଙ୍କରୀକରଣ ଦ୍ୱାରା ଏହା ବିଭିନ୍ନ ରଙ୍ଗର ଦେଖିବାକୁ ମିଳୁଛି । ଫୁଲର ପାଖୁଡାଗୁଡ଼ିକ ୫ ସେ.ମି. ବିଶିଷ୍ଟ ଖୁବ୍ ଉଜ୍ଜ୍ୱଳ ରଙ୍ଗ ଓ ଆକର୍ଷକ ହୋଇଥାଏ । ଅଶୋକର ମଞ୍ଜି ଚଉଡ଼ା ଓ ୧.୫ ଇଞ୍ଚ ବିଶିଷ୍ଟ ହୋଇଥାଏ । ବସନ୍ତ ଋତୁରୁ ବର୍ଷା ଋତୁ ତଥା ଅଗଷ୍ଟ ସରିବା ଯାଏଁ ଗଛରେ ଫୁଲ ଭର୍ତ୍ତି ହୋଇ ଫୁଟିଥାଏ । ଏହା ଏକ ଚିରସବୁଜ ବୃକ୍ଷ । ଅଶୋକ ଓ ସୀତା ଅଶୋକର ଫୁଲ ଯଦିଓ ଏକାଭଳି ପେନ୍ଥା ହୋଇ ଫୁଟିଥାଏ, କିନ୍ତୁ ଫୁଲର ରଙ୍ଗ, ଆକାର ଓ ପାଖୁଡାର ଆକୃତି ସାମାନ୍ୟ ଭିନ୍ନ ଭିନ୍ନ ହୋଇଥାଏ । ବିଭିନ୍ନ ନର୍ସରୀମାନଙ୍କରେ ଆଜିକାଲି ମିଳୁଥିବା ଶଙ୍କର ପ୍ରଜାତିର ଅଶୋକ ଯଥା : ଫ୍ଲୋ କ୍ୱିନ୍, ଚେରି, ଆର୍ଥ ଆଞ୍ଜେଲ, ଦିଶାନୀ, ଡିଲୋରିଆ, ଜିକ୍ସାମ୍ ଓ ହାର୍‌ଭେଷ୍ଟ ଭେଲ୍ ଇତ୍ୟାଦି ଖୁବ୍ ସୁନ୍ଦର ଓ ଆକର୍ଷକ ହୋଇଥାଏ । ଏହା ଧଳା, ନାରଙ୍ଗୀ, ଗୋଲାପୀ, ବାଇଗଣୀ, ଫିକା ଗୋଲାପୀ, ଲାଲ ଆଦି ବିଭିନ୍ନ ରଙ୍ଗର ଥାଏ । ଏସିଆ ଓ ଦକ୍ଷିଣ ଆମେରିକା ହେଉଛି ଅଶୋକ ବୃକ୍ଷର ମୂଳ ଉତ୍ପତ୍ତି ସ୍ଥଳ । ଡେକାନ୍ ମାଳଭୂମିର ମଧ୍ୟବର୍ତ୍ତୀ ଅଞ୍ଚଳମାନଙ୍କରେ ଏହା ବହୁଳଭାବେ ଦେଖିବାକୁ ମିଳେ । ଭାରତୀୟ ଉପମହାଦେଶର ପାଶ୍ଚାତ୍ୟ ଘାଟଗୁଡ଼ିକ ମଧ୍ୟଭାଗରେ ଓ ପୂର୍ବ ହିମାଳୟ ଏବଂ ଖାସି, ଗାରୋ ଓ ଲୁଶାଜି ପାହାଡ଼ବର୍ତ୍ତୀ ଅଞ୍ଚଳମାନଙ୍କରେ ଅଧିକ ଦେଖା ଯାଇଥାଏ । ପଶ୍ଚିମବଙ୍ଗ, କେରଳ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଏବଂ ମେଘାଳୟ ସମେତ ଭାରତର ପ୍ରାୟ ସବୁସ୍ଥାନରେ ଅଶୋକ ବୃକ୍ଷ ଦେଖିବାକୁ ମିଳେ । ସାଧାରଣତଃ ଅଶୋକ ଓ ସୀତା ଅଶୋକର ଔଷଧୀୟ ଗୁଣ ଠାରୁ ଖୁବ୍ ଦୂରରେ ଅଶୋକର ଅନ୍ୟ ଏକ ପ୍ରଜାତିର ଫୁଲ ଅଛି 'ପେଣ୍ଡୁଲର ଡ୍ରଫି ଅଶୋକ' ଯାହା ବଣ ଅଶୋକ ଭାବେ ପାହାଡ଼ିଆ ସ୍ଥାନମାନଙ୍କରେ ଅଧିକ ଦେଖା ଯାଇଥାଏ । ଅଶୋକ ଭଳି ପେନ୍ଥା ପେନ୍ଥା ହୋଇ ଫୁଟିଥାଏ ଏବଂ ଫୁଲଗୁଡ଼ିକରୁ ଅନେକଗୁଡ଼ାଏ କେଶର ବାହାରି ଥାଏ ଓ ପାଖୁଡାଗୁଡ଼ିକ ତଳକୁ ମୋଡିହେବା ଭଳି ରହିଥାଏ । ଅଶୋକ ଏକ ଉପକାରୀ ପୁଷ୍ପ ବୃକ୍ଷ ଯାହା ଉଦ୍ୟାନର ସୌନ୍ଦର୍ଯ୍ୟ ସହିତ ଘରକୁ ସକାରାତ୍ମକ ଶକ୍ତି ଦେଇଥାଏ ।

## ପୌରାଣିକ ଆଖ୍ୟାନ ଓ ଧାର୍ମିକ ମାନ୍ୟତା

ଅଶୋକ ଫୁଲର ଉତ୍ପତ୍ତିକୁ ନେଇ ଆମ ହିନ୍ଦୁ ଶାସ୍ତ୍ରରେ ଅନେକ ଆଖ୍ୟାନ ରହିଛି । ପଦ୍ମପୁରାଣ ଅନୁସାରେ 'ଅଶୋକ ସୁନ୍ଦରୀ' ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କ ପୁତ୍ରୀ । ପାର୍ବତୀଙ୍କ ଏକାକୀତ୍ୱ ଦୂରକରିବା ପାଇଁ ଏକଦା ମହାଦେବ, ପାବର୍ତୀଙ୍କୁ ବିଶ୍ୱର ସବୁଠୁ ସୁନ୍ଦର ଉଦ୍ୟାନକୁ ଭ୍ରମଣ କରାଇବାକୁ ଇଚ୍ଛା ପ୍ରକଟ କଲେ ଏବଂ ଶିବପାବର୍ତୀ ଅଲୌକିକ ସୌନ୍ଦର୍ଯ୍ୟପୂର୍ଣ୍ଣ ଉଦ୍ୟାନ 'ନନ୍ଦନବନ'କୁ ଗଲେ । ସେଠାରେ ପାର୍ବତୀ କଳ୍ପବୃକ୍ଷକୁ ଦେଖି ବିମୋହିତ ହୋଇ କୈଳାସ ନେଇ ଆସିଲେ । କଳ୍ପବୃକ୍ଷ ତ ମନୋସ୍କାମନା ପୂର୍ଣ୍ଣ କରିବା ବୃକ୍ଷ । ଏକଦା ପାବର୍ତୀ କଳ୍ପବୃକ୍ଷଠାରୁ ଏକ ସୁନ୍ଦର କନ୍ୟାର କାମନା କଲେ ଏବଂ କଳ୍ପବୃକ୍ଷଠୁ କନ୍ୟା ମଧ୍ୟ ପ୍ରାପ୍ତ କଲେ । କନ୍ୟାଟିକୁ ମାତା ପାର୍ବତୀ ବରଦାନ ଦେଲେ ଯେ, ସେ ଦେବରାଜ ଇନ୍ଦ୍ରଙ୍କ ପରି ଶକ୍ତିଶାଳୀ ଯୁବକକୁ ବିବାହ କରିବ । ପାର୍ବତୀ କନ୍ୟାକୁ ଦେଖି ସବୁ ଶୋକ ଭୁଲିଯାଇ ପ୍ରୀତ ଥିବାରୁ କନ୍ୟାର ନାମ ଦେଲେ 'ଅଶୋକ ସୁନ୍ଦରୀ' । ଏକଦା ଅଶୋକ ନନ୍ଦନବନରେ ସଖୀମାନଙ୍କ ସହ ଭ୍ରମଣ କରୁଥିବା ବେଳେ ଦୁଣ୍ଡ ନାମକ ଏକ ରାକ୍ଷସ ଅପୂର୍ବ ସୁନ୍ଦରୀ ଅଶୋକକୁ



▼ଅଶୋକ ପ୍ରିୟ କବି ଚିତ୍ତରଂଜନ ନାୟକ



ଦେଖି ମୋହିତ ହୋଇ ବିବାହ ପ୍ରସ୍ତାବ ଦେଲା । କିନ୍ତୁ ଅଶୋକ ଖୁବ୍ ଛୋଟ ଥିଲା ଏବଂ ମାତାଙ୍କ ବରଦାନ ଅନୁସାରେ ତା'ର ବିବାହ ଚକ୍ରବର୍ତ୍ତୀ ସମ୍ରାଟ ନହୁଷଙ୍କ ସହିତ ହେବ ବୋଲି ରାକ୍ଷସକୁ ଜଣାଇଲା । ଏହା ଶୁଣି ରାକ୍ଷସ ହୁଣ୍ଡ୍ କ୍ରୋଧିତ ହୋଇ ନହୁଷଙ୍କୁ ମାରିଦେବାକୁ ଧମକ ଦେବାରୁ ଅଶୋକ, ହୁଣ୍ଡକୁ ଅଭିଶାପ ଦେଲେ ଯେ ସେ କେବଳ ନହୁଷଙ୍କ ହାତରେ ହିଁ ବଦ୍ଧ ହେବ । ଏ କଥା ଶୁଣି ରାକ୍ଷସ କ୍ରୋଧରେ ରାଜକୁମାର ନହୁଷଙ୍କୁ ଅପହରଣ କରିନେଲେ । କିନ୍ତୁ ହୁଣ୍ଡ ରାକ୍ଷସର ଏକ ଦାସୀର ସହଯୋଗୀତାରେ ନହୁଷ ସେଠାରୁ ଖସି ଆସିଲେ ଏବଂ ମହର୍ଷି ବଶିଷ୍ଠଙ୍କ ଆଶ୍ରମରେ ରହି ବଡ଼ ହେଲେ । ରାକ୍ଷସ ହୁଣ୍ଡର ଲୋଲୁପ ଦୃଷ୍ଟିରୁ ଅଶୋକ ସୁନ୍ଦରୀକୁ ରକ୍ଷା କରିବାକୁ ଯାଇ ମାତା ପାର୍ବତୀ କଳ୍ପବୃକ୍ଷଙ୍କ ପରାମର୍ଶ କ୍ରମେ ଅଶୋକ ସୁନ୍ଦରୀକୁ ସ୍ୱସ୍ତିକ ଚିହ୍ନ ଆକୃତିର ଏକ ସୁନ୍ଦର ଫୁଲ କରି ଉଦ୍ୟାନରେ ରଖିଲେ । ଯେତେବେଳେ ଅଶୋକ ବଡ଼ ହୋଇଗଲା ଏବଂ ନହୁଷଙ୍କ ହାତରେ ହୁଣ୍ଡ ରାକ୍ଷସର ବଦ୍ଧ ହୋଇ ସାରିଥିଲା, ତା'ପରେ ସେମାନେ ବିବାହ କଲେ । ଦୁହିଁଙ୍କର ଔରସରୁ ଯଯାତି ନାମକ ଏକ ବୀରପୁତ୍ର ଏବଂ ଶହେ ସୁନ୍ଦରୀ କନ୍ୟା ଜନ୍ମ ନେଲେ । ସମୟକ୍ରମେ ଯଯାତିଙ୍କ ବଂଶଧର ତଥା ପାଞ୍ଚପୁତ୍ର - ପୁରୁ, ଯଦୁ, ତୁର୍ବସ, ଅନୁ ଏବଂ ଦ୍ରୁହ୍ୟୁ ଭାରତର ଚକ୍ରବର୍ତ୍ତୀ ସମ୍ରାଟ ଭାବେ ଖ୍ୟାତି ଅର୍ଜନ କଲେ । ଅଶୋକ ସୁନ୍ଦରୀ ମାନବ ଜାତିର ଦୌରାତ୍ମ୍ୟ ଠୁ ଦୂରେଇ ରହିବାକୁ ନିଜର ଶହେ କନ୍ୟାଙ୍କ ସମେତ ଏକ ଶୋଭନୀୟ ଲାଲ ଫୁଲର ପେନ୍ଥା ହୋଇ ନାରୀମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଶୋକ ଦୂର କରିବା ପାଇଁ ଅଶୋକ ଫୁଲ ହୋଇ ରହିଗଲେ ।

ପୁରାଣ କହେ, ରାବଣ ଥିଲା ମହାଜ୍ଞାନୀ, ମହାପଣ୍ଡିତ ଓ ମହାଦେବଙ୍କ



ପରମଭକ୍ତ । କୈଳାସ ପର୍ବତରେ ତପସ୍ୟା କରି ରାବଣ ମହାଦେବଙ୍କ ଠୁ ତ୍ରିପୁର ବିଜୟ କରିବାର ଲାଳସାରେ ସବୁପ୍ରକାର ଉପାୟ ଅବଲମ୍ବନ କରୁଥିଲା ମହାଦେବଙ୍କୁ ପ୍ରସନ୍ନ କରିବାକୁ । ବାଲ୍ମୀକି ରାମାୟଣ ଅନୁସାରେ ପ୍ରାଚୀନ ରାଜାମାନଙ୍କର ଭବନ ସମ୍ମୁଖରେ ବିରାଟକାୟ ପୁଷ୍ପ ଉଦ୍ୟାନ ରହୁଥିଲା । ଏହି ଉଦ୍ୟାନକୁ 'ପ୍ରମଦାବନ' କୁହା ଯାଉଥିଲା । ଲଙ୍କା ନରେଶ ରାବଣ ଏପରି ଏକ 'ପ୍ରମଦାବନ' ନିଜ ଭବନ ସମ୍ମୁଖରେ ରଖି ମହାଦେବ ଓ ପାର୍ବତୀଙ୍କୁ ପ୍ରୀତ କରିବା ଉଦ୍ଦେଶ୍ୟରେ ତାଙ୍କର ପୁତ୍ରୀ 'ଅଶୋକ ସୁନ୍ଦରୀ' (ଅଶୋକ ବୃକ୍ଷ)କୁ ଉଦ୍ୟାନ ସାରା ସୁଶୋଭିତ କରିଥିଲା । ଏହି ଉଦ୍ୟାନକୁ ସେଥିପାଇଁ ଅଶୋକ ବନ ବା ଅଶୋକ ବାଟିକା କୁହା ଯାଉଥିଲା । ତ୍ରେତାଯୁଗରେ ଯେତେବେଳେ ରାବଣ ମାତା ସୀତାଙ୍କୁ ଅପହରଣ କରିଥିଲା, ଏହି ଅଶୋକ ବନରେ ହିଁ ଆଣି ରଖିଥିଲା । ମାତା ସୀତା, ପାର୍ବତୀଙ୍କ ପୁତ୍ରୀ ଅଶୋକ ସହିତ ରହୁଥିବାରୁ ନିଜକୁ ସହଜ ମନେ କରୁଥିଲେ ଓ ଶୋକ କରୁନଥିଲେ । ବିଶ୍ୱାସ ଅଛି ଏହି ଅଶୋକ ବୃକ୍ଷମୂଳରେ ବସିଲେ ଶୋକ ଦୂରିତ ହୋଇଥାଏ । ଲୋକକଥା ଏହା ମଧ୍ୟ ଅଛି ଯେ ରାବଣ ଭେଷଜ ବୈଜ୍ଞାନିକ ଥିଲା । ଭେଷଜ ଶାସ୍ତ୍ରରୁ ଜଣାଯାଏ ଅଶୋକ ବୃକ୍ଷ ସ୍ତ୍ରୀଲୋକଙ୍କ ପାଇଁ ଉପକାରୀ । ଏହା ସେମାନଙ୍କୁ ଋତୁଜନିତ ସମସ୍ୟାରୁ ଉପଶମ ଦେଇଥାଏ । ତେଣୁ ସୀତା କୌଣସି ସ୍ତ୍ରୀ ରୋଗରେ ପୀଡିତ ନ ହୋଇ ସୁସ୍ଥ ରହିବା ଉଦ୍ଦେଶ୍ୟ ନେଇ ରାବଣ ଅଶୋକ ବନ ସୃଷ୍ଟି କରିଥିଲା ।

ଅଶୋକ ବୃକ୍ଷର ଉତ୍ପତ୍ତିକୁ ନେଇ ଅନ୍ୟ ଏକ ପୌରାଣିକ ଆଖ୍ୟାନ ଅଛି । କୁହାଯାଏ ଯେତେବେଳେ ରାବଣ ଶିବ ତାଣ୍ଡବ ଗାଇ ମହାଦେବଙ୍କୁ ପ୍ରସନ୍ନ କରିବାକୁ ପ୍ରୟାସ କରୁଥିଲା, ମହାଦେବ ସ୍ୱାଭାବିକ ଭାବେ ତାଣ୍ଡବ କରିବାକୁ ଲାଗୁଥିଲେ । ଶିବଙ୍କର ତାଣ୍ଡବ ନୃତ୍ୟ ଦେଖି ଦେବତାମାନେ ଭୟ କରୁଥିଲେ, କାଳେ ସୃଷ୍ଟିରେ ପ୍ରଳୟ ଆସିଯିବ । ତେଣୁ ସେମାନେ ଶ୍ରୀବିଷ୍ଣୁଙ୍କ ଶରଣ ଯାଇ ଶିବ ତାଣ୍ଡବ ରୋକିବାକୁ ଗୁହାରି କଲେ । ଭଗବାନ ବିଷ୍ଣୁ ଦେବତାମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଶିବଙ୍କର ତାଣ୍ଡବକୁ ରୋକିବା ଅସମ୍ଭବ, କିନ୍ତୁ ତାଣ୍ଡବ ନ ରୋକି ମଧ୍ୟ ଆମେ ସୃଷ୍ଟିକୁ ପ୍ରଳୟରୁ ରକ୍ଷା କରିପାରିବା । ଶିବ ଯେତେବେଳେ ତାଣ୍ଡବ କରନ୍ତି ନିଜର ସମସ୍ତ ଅସହାୟତାକୁ ଆଖିରୁ ଲୁହ କରି କାଢି ଦିଅନ୍ତି, ସେ ଲୁହ ହିଁ ପ୍ରଳୟ ଆଣିଥାଏ । ତେଣୁ ଶିବଙ୍କ ଆଖିରୁ ଝରୁଥିବା ଲୁହକୁ ବିଷ୍ଣୁ 'ଗୋଟେ ଆଖିର ଲୁହ ରୁଦ୍ରାକ୍ଷ ଓ ଅନ୍ୟଟିକୁ ଅଶୋକ ବୃକ୍ଷ'ରେ ପରିଣତ କରିଥିଲେ । ତେଣୁ 'ଅଶୋକ' ଶିବଙ୍କ ଆଖି ଲୁହରୁ ଉତ୍ପତ୍ତି ବୋଲି ମାନ୍ୟତା ରହିଛି । ବିଶ୍ୱାସ ଅଛି, ଏହି ବୃକ୍ଷ ଶୁଭର ସଙ୍କେତ ଦିଏ ଓ ସକାରାତ୍ମକ ଶକ୍ତି ବଢାଇଥାଏ । ଯଦି ଘରର ଉତ୍ତର ପାର୍ଶ୍ୱରେ ଅଶୋକ ବୃକ୍ଷ ଲଗାଯାଇଥାଏ ସମସ୍ତ ନକରାତ୍ମକ ଶକ୍ତି ଓ ବାସ୍ତୁର କୁପ୍ରଭାବ ଦୂର ହୋଇଥାଏ । ଅକାଳ ମୃତ୍ୟୁର ଭୟ ଦୂର ହୋଇଥାଏ । ଅଶୋକ ବୃକ୍ଷ ପୂଜା କଲେ ଦାମ୍ପତ୍ୟ ଜୀବନ ସୁଖମୟ ହାଇଥାଏ । ଯଦି କୌଣସି ଘରେ ଗ୍ରହର ପ୍ରଭାବ ବା ବାସ୍ତୁ ଦୋଷ ଥାଏ ଅଶୋକ ଫୁଲ ଫୁଟେ ନାହିଁ, ଗଛ ମରିଯାଏ ବା ଶୂନ୍ୟ ହୋଇଯାଏ । ଶାସ୍ତ୍ରରେ ଅଛି–

"ଅଶୋକ କଳିକା ହ୍ଣ୍ଟେ ଯେ ପିବନ୍ତି ପୁନଃ ବସୌ
ଚୈତ୍ୟମାସି ସିଷ୍ଟମ୍ୟାଂ ନ ତେ ସୋବାପା ନୁୟୁଃ ॥"

ଗରୁଡ଼ା ପୁରାଣର ଏ ପଂକ୍ତିଟି କୁହେ – ଯଦି ଚୈତ୍ର ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ପୁନର୍ବସୁ ନକ୍ଷତ୍ରର ଯୋଗ ପଡ଼େ, ସେହିଦିନ ବ୍ରତ କରିବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ମାନ୍ୟତା ଅଛି ଏହି ଦିନ ଅଶୋକ ବୃକ୍ଷ ପୂଜା କରି ଅଶୋକର ଆଠଟି କଢକୁ ସେବନ କଲେ ବ୍ୟକ୍ତିର ସବୁ ଶୋକ ଦୂର ହୋଇଥାଏ । ଯେତେବେଳେ ଏହି କଢକୁ ସେବନ କରାଯାଏ ସେତେବେଳେ ନିମ୍ନୋକ୍ତ ମନ୍ତ୍ର ପଢ଼ି ପିଇବା ଉଚିତ୍ ।

"ତ୍ୱଶୋକ ହିଷ୍ଟଭି ମଧୁମାସମୁଦ୍ଭବ ।
ପିବାମି ଶୋସଂତପ୍ତୋ ମାମଶୋକଂ ସଦା କରୁ ।"

ଅଶୋକାଷ୍ଟମୀ କେବଳ ମଣିଷର ଆଧ୍ୟାତ୍ମିକ ପକ୍ଷ ବଢ଼ାଇବାକୁ ମହତ୍ୱପୂର୍ଣ୍ଣ ନୁହେଁ, ବରଂ ଜୀବନକୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କରିଥାଏ । ଆମ ଭାରତୀୟମାନେ ହିଁ କେବଳ ବୃକ୍ଷକୁ ଈଶ୍ୱର କରିପାରନ୍ତି । ଏହା ନିଶ୍ଚିତ ଭାବେ ପ୍ରକୃତି ପ୍ରତି ଯଥୋଚିତ ସମ୍ମାନ । ଯେତେବେଳେ ଆମେ ପ୍ରକୃତିକୁ ସମ୍ମାନ କରନ୍ତି, ସେତେବେଳେ ମାନବ ଜାତିର ପ୍ରଗତି ଓ ଶାନ୍ତିର ମାର୍ଗ ପ୍ରଶସ୍ତ

ହୋଇଥାଏ । ବୃକ୍ଷକୁ ସମ୍ମାନ ଦେବା ବେଳେ ଆମେ ପ୍ରକୃତି ଓ ମଣିଷର ସମ୍ପର୍କକୁ ଆହୁରି ମଜବୁତ୍ କରନ୍ତି ଯାହା ପରପିଢି ପାଇଁ ଆଦର୍ଶ ହୋଇଥାଏ । ବାତାବରଣରେ ସକାରାତ୍ମକ ଶକ୍ତି ସହିତ ମାନସିକ ଶକ୍ତିର ବୃଦ୍ଧି ଘଟିଥାଏ ।

## ଅଶୋକାଷ୍ଟମୀ ଓ ଅଶୋକ ବୃକ୍ଷ

ଅଶୋକ ବୃକ୍ଷର ପ୍ରଚଳନ ଗନ୍ଧର୍ବ ଏବଂ ଯକ୍ଷଙ୍କ ସମୟରୁ ରହିଆସିଛି । ପ୍ରାଚୀନ ମୂର୍ତ୍ତୀମାନଙ୍କରେ ଅଶୋକ ବୃକ୍ଷର ଅର୍ଚ୍ଚନା ଖୋଦିତ ଅଛି । ବୌଦ୍ଧ ଧର୍ମାନୁସାରେ ମହାତ୍ମା ଭଗବାନ ବୁଦ୍ଧ ଅଶୋକ ବୃକ୍ଷ ମୂଳରେ ଜନ୍ମଗ୍ରହଣ କରିଥିଲେ, ସେଥିପାଇଁ ବୌଦ୍ଧଧର୍ମାବଲମ୍ବୀ ଅଶୋକ ବୃକ୍ଷକୁ ପୂଜା କରିଥାନ୍ତି । ଅଶୋକ ବୃକ୍ଷ କାମଦେବଙ୍କର ପ୍ରତୀକ ହୋଇଥିବାରୁ ଦେବରାଜ ଇନ୍ଦ୍ରଙ୍କର ଅତ୍ୟନ୍ତ ପ୍ରିୟ ବୋଲି ପୁରାଣରୁ ଜଣାଯାଏ । ଆମ ଓଡ଼ିଶାରେ ମହାପ୍ରଭୁ ଲିଙ୍ଗରାଜଙ୍କର ଏକ ପ୍ରମୁଖ ପର୍ବ ଭାବରେ ପାଳିତ ହୁଏ ଅଶୋକାଷ୍ଟମୀର ରୁକୁଣା ରଥଯାତ୍ରା । ବିଶେଷତଃ ଏହି ସମୟରେ ଦେବୀ ଦୁର୍ଗାଙ୍କ ବାସନ୍ତୀ ପୂଜା ଚାଲିଥାଏ । ଓଡ଼ିଶାରେ ଅଶୋକାଷ୍ଟମୀର କିଛି ଅଲଗା ଲୋକକଥା ଅଛି । ରୁକୁଣାରଥ ଶ୍ରୀକୃଷ୍ଣଙ୍କ ପତ୍ନୀ ରୁକ୍ମଣୀଙ୍କ ନାମାନୁସାରେ ହୋଇଛି । ରୁକ୍ମିଣୀକୁ ଜୟ କରି ରଥରେ ଯାଇଥିବାରୁ ଏହାକୁ ରୁକୁଣାରଥ ବା ବିଜୟ ରଥ କୁହାଯାଏ । ଏହି ରଥ ଅଶୋକ ସମ୍ରାଟଙ୍କ ସମୟରୁ ଆରମ୍ଭ ହୋଇଛି । ଏହା ଶ୍ରୀକୃଷ୍ଣ କିମ୍ବା ଶିବଙ୍କର ବିଜୟ ନୁହେଁ ବରଂ ଶହ ଶହ ଉତ୍କଳୀୟଙ୍କୁ ବଦ୍ଧକରି ଅଶୋକ ଯେଉଁ ବିଜୟଲାଭ କଲେ, ସେଥିରେ ସେ ସନ୍ତୁଷ୍ଟ ବା ଆନନ୍ଦିତ ନ ଥିଲେ । ଉତ୍କଳୀୟଙ୍କ ଉଷ୍ଣ ରକ୍ତରେ ତାଙ୍କର କଠୋର ହୃଦୟ ତରଳି ଯାଇଥିଲା । ସେ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ । ତାଙ୍କର ଚିହ୍ନ ସ୍ୱରୂପ ଯେଉଁ ବିଜୟ ଉତ୍ସବ ପାଳନ କରାଗଲା, ସେଇ ବିଜୟର ଚିହ୍ନ ବା ବିଜୟର ରଥ ହେଉଛି ରୁକୁଣା ରଥ ବା ବିଜୟ ରଥ । ଲିଙ୍ଗରାଜ ମନ୍ଦିରଠାରୁ ରଥ ଯେଉଁ ପର୍ଯ୍ୟନ୍ତ ଆସେ ସେହି ସ୍ଥାନଟିର ନାମ 'ବିଜୟ ପଡ଼ିଆ' । କିନ୍ତୁ କେହି କେହି ରୁକୁଣା ରଥକୁ ଶିବଙ୍କ ସହିତ ସଂଯୋଗ କରି କହିଥାନ୍ତି, ତ୍ରିପୁରାସୁରକୁ ବଦ୍ଧ କରି ଶିବ ରଥାରୋହଣ କରିଥିବାରୁ ଏହି ରଥରେ ବିଜେ କରନ୍ତି । ଶିବଙ୍କ ସହିତ ଦୋଳଗୋବିନ୍ଦଙ୍କୁ ବସାଇ ପାର୍ଶ୍ୱ ଦେଶରେ ରୁକ୍ମଣୀଙ୍କୁ ବସାଯାଉଥିବାରୁ ଏହାକୁ ରୁକୁଣା ରଥ କୁହାଯାଏ । ଅଶୋକାଷ୍ଟମୀ ଦିନ ପୁନର୍ବସୁ ନକ୍ଷତ୍ରରର ସଂଯୋଗ ଥିବା ଯୋଗୁଁ ଅଶୋକବନରେ ସୀତା ଅଶୋକ କଢ ଦ୍ୱାରା ଶିବ ଆରାଧନା କରିଥିଲେ ଏବଂ ଶ୍ରୀରାମଙ୍କ ସହିତ ପୁନର୍ମିଳନ ସମ୍ଭବ ହୋଇଥିଲା । କାମଦେବଙ୍କ ପଞ୍ଚ ପୁଷ୍ପବାଣ ମଧ୍ୟରୁ ଅଶୋକ ପୁଷ୍ପ ଗୋଟିଏ । ଅଶୋକର ସୌନ୍ଦର୍ଯ୍ୟକୁ କାଳୀଦାସ ହିଁ ନିଖୁଣ ଭାବେ ନିଜ କାବ୍ୟରେ ସଜାଇଛନ୍ତି ।



## ଜ୍ୟୋତିଷଶାସ୍ତ୍ରରେ ଅଶୋକର ବ୍ୟବହାର

ଅଶୋକକୁ ଜ୍ୟୋତିଷ ଶାସ୍ତ୍ରରେ ମଧ୍ୟ ଖୁବ୍ ଶୁଭପ୍ରଦ ମାନିଥାନ୍ତି । ଅଶୋକ ଶବ୍ଦର ଅର୍ଥ ହେଉଛି ଯେଉଁଠି କୌଣସି ପ୍ରକାର ଶୋକ ନ ଥାଏ । ମାଙ୍ଗଳିକ ଏବଂ ଧାର୍ମିକ କାର୍ଯ୍ୟରେ ଅଶୋକର ପତ୍ରକୁ ବ୍ୟବହାର କରାଯାଏ । ଏହି ବୃକ୍ଷ ଉପରେ ପ୍ରାକୃତିକ ଶକ୍ତିମାନଙ୍କର ବିଶେଷ ପ୍ରଭାବ ରହିଥାଏ । ଯେଉଁଥିପାଇଁ ଏହି ବୃକ୍ଷ ଲଗା ଯାଇଥିବା ସ୍ଥାନ ବା ପରିପାର୍ଶ୍ୱରେ ସବୁକାମ ସଫଳ ଭାବେ ସମ୍ପନ୍ନ ହୋଇଥାଏ । ତେଣୁ ଭାରତୀୟ ସମାଜରେ ଅଶୋକ ଖୁବ୍ ପ୍ରାସଙ୍ଗିକ ହୋଇପାରିଛି । ଆସନ୍ତୁ ଜାଣିବା ଜ୍ୟୋତିଷ ଶାସ୍ତ୍ରରେ ଅଶୋକର ବ୍ୟବହାର ସମ୍ପର୍କରେ-



## କାର୍ଯ୍ୟରେ ଶୀଘ୍ର ମିଳେ ସଫଳତା

କୌଣସି ଏକ ଶୁଭ ମୁହୂର୍ତ୍ତରେ ଅଶୋକ ବୃକ୍ଷର ଚେରକୁ ଉପାଡ଼ି ସ୍ୱଚ୍ଛ ଜଳ ବା ଗଙ୍ଗାଜଳରେ ଶୁଦ୍ଧି କରି ନିଜ ପୂଜା ସ୍ଥାନ ବା ଠାକୁର ଘରେ ରଖି ୧୦୮ ଥର ମା' ଦୁର୍ଗାଙ୍କ ଜପ କରାଯାଏ । ଜପ କରି ସାରିବା ପରେ ଏ ହି ଚେରକୁ ଖଣ୍ଡେ ଲାଲ୍ କପଡ଼ାରେ ବା ଲାଲ୍ ସୂତାରେ ଗୁଡାଇ ହାତରେ କିମ୍ବା ବାହୁରେ ବାନ୍ଧିଲେ କାର୍ଯ୍ୟରେ ସଫଳତା ମିଳିଥାଏ । ଅଶୋକର ମୂଳକୁ ଶୁଦ୍ଧି କରି ତକିଆ ତଳେ ରଖିଲେ ବୈବାହିକ ଜୀବନ ସୁଖମୟ ହୋଇଥାଏ ।

## ଘରେ ସକାରାତ୍ମକ ଶକ୍ତି

ଅଶୋକ ବୃକ୍ଷ ଉପରେ ଯଦି ପ୍ରତିଦିନ ଜଳ ଚଢାଯାଏ, ସେ ଗୃହ ଉପରେ ମା' ଭଗବତୀଙ୍କ କୃପା ବିଦ୍ୟମାନ ରହିଥାଏ । ରୋଗ, ଶୋକ, ଗୃହ ଅଶାନ୍ତି ଆଦି ସମସ୍ୟା ବାରମ୍ବାର ଆସିନଥାଏ । ପ୍ରତିଦିନ ଜଳ ଚଢେଇବା ଦ୍ୱାରା ମା' ଲକ୍ଷ୍ମୀଙ୍କ କୃପା ରହିଥାଏ । ପ୍ରତ୍ୟେକ ଶୁକ୍ରବାର ଦିନ ଅଶୋକ ବୃକ୍ଷ ମୂଳରେ ଘିଅ ଏବଂ କର୍ପୂର ମିଶ୍ରିତ ଦୀପ ଜଳାଇଲେ ଘରେ ନକରାତ୍ମକ ଶକ୍ତି ପ୍ରବେଶ କରିପାରେ ନାହିଁ ଏବଂ ସକରାତ୍ମକ ଶକ୍ତି ବଢିଥାଏ ।

## ବ୍ୟବସାୟିକ ସଫଳତା

ଯେଉଁ ବ୍ୟକ୍ତି ନିରନ୍ତର ବ୍ୟବସାୟରେ ହାନି ଉଠାଇଛନ୍ତି ଏବଂ ତାଙ୍କର ବ୍ୟବସାୟ ବନ୍ଦ ହେବା ଉପରେ ଯଦି ସେ ଅଶୋକର ବୀଜକୁ ଶୁଦ୍ଧି କରି ଧୂପ ଦୀପ ଲଗାଇ, ଆଖି ବନ୍ଦ କରି ନିଜର ସମସ୍ତ ସମସ୍ୟାରୁ ମୁକ୍ତି କାମନା କରି ପ୍ରାର୍ଥନା କରନ୍ତି ଏବଂ ଏହାପରେ ଏହି ବୀଜଗୁଡ଼ିକ ମଧ୍ୟରୁ ଗୋଟିଏ ବୀଜକୁ ତାବିଜ ବା ଡେଉଁରିଆରେ ଭରି ନିଜ ଗଳାରେ ଧାରଣ କରନ୍ତି, ଅବଶିଷ୍ଟ ବୀଜଗୁଡ଼ିକୁ ଧନ ରଖିବା ସ୍ଥାନରେ ରଖିଲେ ବ୍ୟବସାୟରେ ଉନ୍ନତି ହୋଇଥାଏ । ଏହା କେବଳ ଶୁକ୍ଲପକ୍ଷର ପ୍ରଥମ ବୁଧବାର କରିଲେ ବ୍ୟବସାୟରେ ଲାଭ ହୋଇଥାଏ । କୌଣସି ଏକ ଶୁଭ ମୁହୂର୍ତ୍ତରେ ଅଶୋକ ବୃକ୍ଷର ଚେରକୁ ଉପାଡ଼ି ଘରକୁ ଆଣି ଗଙ୍ଗାଜଳରେ ଶୁଦ୍ଧି କରି ଟ୍ରେଜେରୀ ବା ଧନ ରଖିବା ସ୍ଥାନରେ ରଖିଲେ ବ୍ୟବସାୟରେ ଉନ୍ନତି ହୋଇଥାଏ । ଧ୍ୟାନ ରଖିବା ଉଚିତ୍ ଯେ, ଚେର ବା ମୂଳକୁ ଉପାଡ଼ିବା ବେଳେ ମୌନ ରହିବା ଆବଶ୍ୟକ ।

## ମଙ୍ଗଳ ଗ୍ରହ ପୀଡାରୁ ମୁକ୍ତି

ଅଶୋକ ବୃକ୍ଷର ଫଳକୁ ମଙ୍ଗଳବାର ଦିନ ହନୁମାନଙ୍କୁ ଅର୍ପଣ କଲେ ମଙ୍ଗଳ ଗ୍ରହ ପୀଡାରୁ ମୁକ୍ତି ମିଳେ । ଯଦି କୌଣସି କନ୍ୟାର ବିବାହ ହେଉନଥାଏ ଏବଂ ପରିବାର ଲୋକ ଚିନ୍ତିତ ଥା'ନ୍ତି ତେବେ ଏହି ଉପାୟ ଅବଶ୍ୟ କରିବା ଉଚିତ୍ - ଅଶୋକ ବୃକ୍ଷର ଚେର ତଥା ପତ୍ରକୁ କନ୍ୟାର ସ୍ନାନ କରୁଥିବା ଜଳରେ ପକାଇ କନ୍ୟା ସ୍ନାନ କଲେ ଶୁଭଫଳ ମିଳିଥାଏ । ଧ୍ୟାନ ରହିବା ଉଚିତ୍ ଯେ, ମୂଳ କି ପତ୍ର ଯେମିତି ବାହାରେ ତଳେ ନ ପଡ଼େ । ସ୍ନାନ ପରେ ଏହି ପତ୍ର ଓ ଚେରକୁ ପରିବାରର ଯେକୌଣସି ସଦସ୍ୟ ଅଶ୍ୱତ୍ଥ ବୃକ୍ଷର ଡାଳ ଉପରେ ପକାଇ

ଦିଅନ୍ତି । ଏହିପରି ଶୁକ୍ଳପକ୍ଷର ପ୍ରଥମ ସୋମବାରରୁ ଆରମ୍ଭ କରି ୪୧ ଦିନ ପର୍ଯ୍ୟନ୍ତ କଲେ କନ୍ୟାର ମାଙ୍ଗଳିକ ଦୋଷ କଟି ଯାଇଥାଏ ଏବଂ ଶୀଘ୍ର ବିବାହ ପ୍ରସ୍ତାବ ଆସିଥାଏ ।



## ଅଶୋକର ଔଷଧୀୟ ଗୁଣ ଓ ଉପଯୋଗ

ଅଶୋକ କେବଳ ମନୋହର ଫୁଲ ନୁହେଁ ଆୟୁର୍ବେଦରେ ମଧ୍ୟ ଏହା ଅନେକ ପ୍ରକାରର ରୋଗରୁ ଉପଶମ ଦେଇଥାଏ ବୋଲି ଏହାକୁ ରୋଗ ପାଇଁ ରାମବାଣ କୁହାଯାଇଥାଏ । ଅଶୋକ ବୃକ୍ଷର ଛାଲ ପତ୍ର, ଡାଳ, ଫୁଲ ସମେତ ମଞ୍ଜି ପର୍ଯ୍ୟନ୍ତ ସବୁଥିରେ ଔଷଧୀୟ ଗୁଣ ରହିଛି । ଏହା ବିଶେଷକରି ସ୍ତ୍ରୀରୋଗର ପ୍ରତିକାର ପାଇଁ ଅତ୍ୟନ୍ତ ଲାଭଦାୟକ ଏବଂ ବୟସ ଦାଗ ବା ତ୍ୱଚାର ଢିଲାପଣ ଦୂର କରିଥାଏ । ଆୟୁର୍ବେଦର ଏକ ଚମତ୍କାର ଔଷଧି ହେଉଛି ଅଶୋକାରିଷ୍ଟ ।

## ଅଶୋକାରିଷ୍ଟ

ଅଶୋକାରିଷ୍ଟ, ଅଶୋକବୃକ୍ଷର ଛାଲ ଓ ଅନ୍ୟ ଜଡ଼ିବୁଟିର ମିଶ୍ରଣରେ ତିଆରି ହୋଇଥାଏ । ଅଶୋକର ଛାଲକୁ ବ୍ୟବହାର କରି ପ୍ରସିଦ୍ଧ ଆୟୁର୍ବେଦ କମ୍ପାନୀମାନେ 'ଅଶୋକାରିଷ୍ଟ' ପ୍ରସ୍ତୁତ କରିଥାନ୍ତି । ଏହି ଛାଲରେ ରହିଛି ହାମୋଟୋକ୍ସେସନ୍ ଟେନିନ୍, କେଟୋଷ୍ଟେରାଲ୍, ଗ୍ଲାଇକୋସାଇଡ୍, ସେପୋନିନ୍, କାର୍ବୋନିକ କ୍ୟାଲସିୟମ୍ ଇତ୍ୟାଦି । ଅଶୋକାରିଷ୍ଟ ସାଧାରଣତଃ ମହିଳାମାନଙ୍କର ରୋଗ ବା ସ୍ତ୍ରୀରୋଗ ଦୂରୀକରଣ ପାଇଁ ଏକ ଲାଭଦାୟକ ଔଷଧ । ହରମୋନ୍ ଅସନ୍ତୁଳନ, ଅନିୟମିତ ମାସିକ ଧର୍ମ, କମର ଦରଜ, ପେଟଦରଜ, ବୟସ ଦାଗ ଇତ୍ୟାଦି ଅନେକ ରୋଗରୁ ମୁକ୍ତି ଦେଇଥାଏ । ହାଡ଼ ଦୁର୍ବଳ ହେବା କାରଣରୁ ଆଷ୍ଟିଓ ପାରୋସିସ୍‌ର ସମସ୍ୟା ହେବାର ଆଶଙ୍କା ଥାଏ । ହାଡ଼ର କମଜୋରି ଦୂର କରିବା ପାଇଁ ଅଶୋକ ଛାଲରେ ଏମିତି ଏକ ଗୁଣ ରହିଛି ଯାହା ଆଷ୍ଟିଓପୋରେସିସ୍ ସମସ୍ୟାର ପ୍ରତିକାର କରିଥାଏ । ତେଣୁ ଅଶୋକାରିଷ୍ଟ ହାଡ଼ର ମଜବୁତି ପାଇଁ ଖୁବ୍ ଲାଭପ୍ରଦ ହୋଇଥାଏ । ଆମ ଶରୀରରେ ଇମ୍ୟୁନିଟି ବା ରୋଗ ପ୍ରତିରୋଧକ ଶକ୍ତି ଖୁବ୍ ମହତ୍ତ୍ୱପୂର୍ଣ୍ଣ କାମ କରିଥାଏ । ଏହା ରୋଗ ଏବଂ ସଂକ୍ରମଣ ସହିତ ଲଢ଼ିବାକୁ ସାହାଯ୍ୟ କରିଥାଏ । ଏଣୁ ଅଶୋକାରିଷ୍ଟରେ ଏମିତି ଔଷଧୀୟ ଗୁଣ ରହିଥାଏ ଯାହା ଆମର ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇଥାଏ ବୋଲି ଆୟୁର୍ବେଦ ବିଶେଷଜ୍ଞମାନେ ମତ ଦିଅନ୍ତି । ପେଟରେ ଗ୍ୟାସ୍ ଓ ଅନ୍ୟ ସମସ୍ୟା ଯୋଗୁଁ ଯନ୍ତ୍ରଣା ହେଉଥିଲେ, ଅଶୋକାରିଷ୍ଟ ପାଚନ ଶକ୍ତିକୁ ବଢ଼ାଇଥାଏ ଓ ପେଟ ଯନ୍ତ୍ରଣା ଦୂର କରିବାକୁ ଏକ ଲାଭପ୍ରଦ ଔଷଧ । ଏହା ଅଳସରକୁ ମଧ୍ୟ ଦୂର କରିଥାଏ । ଭୋଜନ କରିବା ପରେ ଏକ କପ୍ ପାଣିରେ ଏକ ଚାମଚ୍ ଅଶୋକାରିଷ୍ଟ ପକାଇ ଦିନକୁ ଦୁଇଥର ପିଇଲେ ସମସ୍ତ ପେଟରୋଗ ଦୂର ହୋଇଥାଏ, ପାଚନ ପ୍ରକ୍ରିୟା ସ୍ୱାଭାବିକ ହୋଇଥାଏ । ତେବେ ଆହୁରି ଅନେକ ରୋଗ ପାଇଁ ଅଶୋକ ବୃକ୍ଷ ଖୁବ୍ ଲାଭପ୍ରଦ ଯଥା –



## ଶ୍ୱେତପ୍ରଦର ଏବଂ ରକ୍ତସ୍ରାବ

ଶ୍ୱେତପଦର ଏବଂ ରକ୍ତସ୍ରାବର ଅନିୟମିତତା ବା ଅନ୍ୟ ଯେକୌଣସି ସ୍ତ୍ରୀରୋଗ ପାଇଁ ଅଶୋକ ବୃକ୍ଷର ଛାଲ ଖୁବ୍ ଲାଭପ୍ରଦ ହୋଇଥାଏ । ଅଶୋକର ଛାଲ ସହିତ ମିଶ୍ରି ମିଶାଇ ଭଲଭାବେ ବାଟି ଘୋଳ ପ୍ରସ୍ତୁତ କରି ଦିନକୁ ତିନିଥର ଏହି ମିଶ୍ରଣ ବା ଘୋଳକୁ ପିଇଲେ ଉପକାର ମିଳିଥାଏ ।

## ବୟସ ପ୍ରଭାବ

ବୟସ ବଢିବା ସହିତ ଧିରେ ଧିରେ ତ୍ୱଚାର ଉଜ୍ଜ୍ୱଳତା କମିଯାଏ ଓ ଚର୍ମ ସାଧାରଣତଃ ଢିଲା ହୋଇଥାଏ । ଏଥିପାଇଁ ମୁହଁରେ ବିଭିନ୍ନ ଦାଗ, ଗାର ଓ ଚର୍ମ ପ୍ରାୟ ଲୋଚାକୋଚା ଦିଶେ । ଏଥିରୁ ମୁକ୍ତି ପାଇବା ପାଇଁ ଆୟୁର୍ବେଦ ତିଆରି କରିଛି ଅଶୋକରୁ ପ୍ରସ୍ତୁତ 'ଏଜିଂ ଇଟେକ୍ଟ' ଯାହା ମୁହଁକୁ ସତେଜ ଉଜ୍ଜ୍ୱଳ ରଖିଥାଏ ଓ ବୟସ ଦାଗ କମାଇଥାଏ ।

## କିଡ୍‌ନୀରେ ଷ୍ଟୋନ୍

ଅନେକ ମହିଳାଙ୍କର କିଡ୍‌ନୀରେ ଷ୍ଟୋନ୍ ହୋଇଥାଏ । ଅଶୋକର ମଞ୍ଜିକୁ ବାଟି ଦିନକୁ ତିନିଥର ପିଇଲେ ଆରାମ ମିଳିଥାଏ । ଦିନକୁ ୨ ଗ୍ରାମ୍ ପରିମାଣର ମଞ୍ଜି ବ୍ୟବହାର କରାଯାଇଥାଏ । ପ୍ରାଥମିକ ଯନ୍ତ୍ରଣାକୁ ଏହା ଅନେକାଂଶରେ ଦୂର କରିଥାଏ ।

## ପରିସ୍ରା ସଂକ୍ରମଣ


ପରିସ୍ରା ସଂକ୍ରମଣ ଯୋଗୁଁ ଯଦି ଯନ୍ତ୍ରଣା ହେଉଥାଏ, ଅଶୋକର ମଞ୍ଜିକୁ ବାଟି ସକାଳେ ଓ ସନ୍ଧ୍ୟାବେଳେ ପ୍ରତିଦିନ ସେବନ କଲେ, କିଛିଦିନ ମଧ୍ୟରେ ପରିସ୍ରା ସମ୍ବନ୍ଧୀୟ ଯେକୌଣସି ରୋଗରୁ ଉପଶମ ମିଳିଥାଏ ।

## ଗର୍ଭଧାରଣ

ଏମିତି ଅନେକ ସ୍ତ୍ରୀଲୋକ ଅଛନ୍ତି ଯେଉଁମାନେ ସନ୍ତାନକୁ ଗର୍ଭରେ ଧାରଣ କରିପାରନ୍ତି ନାହିଁ । ବାରମ୍ବାର ଗର୍ଭନଷ୍ଟ ହୋଇଥାଏ । ଏ କ୍ଷେତ୍ରରେ ଅଶୋକର ଫୁଲ ୩ ଗ୍ରାମ୍ ଓ ଦହି ମିଶାଇ ପ୍ରତିଦିନ ସେବନ କଲେ ଏହି ସମସ୍ୟାରୁ ମୁକ୍ତି ମିଳିଥାଏ ଓ ଗର୍ଭଧାରଣ ସମ୍ଭବ ହୋଇଥାଏ ।

ଆୟୁର୍ବେଦରେ ଅଶୋକରୁ ପ୍ରସ୍ତୁତ ଅନେକ ଔଷଧ ଏବେ ବଜାରରେ ଉପଲବ୍ଧ ଯଥା– ଅଶୋକାରିଷ୍ଟ, କ୍ୟୁଟ ବି କ୍ୟାପ୍ସ, ଅଶୋକା ଇମ୍ପ୍ରୁଭ୍ ସ୍କିନ୍ କମ୍ପ୍ଲେକ୍ସନ, ଅଶୋକାଡ଼ି ଭାଟି, ଆର୍ଥଭା କ୍ଷୟ, ହିମାଳୟା ଆବାନା, ଜୋନାସିଆ, ଅଶୋକ ଜଷ୍ଟଜାଇଭିକ୍, ଡକ୍ଟର– ୱିଲମାର, ଅଶୋକା କ୍ୟାପସୁଲ୍, ନକ୍ସର ଭ୍ୟାଲି ଅଶୋକବାକ ଇତ୍ୟାଦି ।

# ସଙ୍ଗୀତ ଶିରୋମଣି ଶ୍ୟାମାମଣି



# ଓଡ଼ିଶୀ ସଙ୍ଗୀତର ସୁରତରଙ୍ଗିଣୀ : ଶ୍ୟାମାମଣି


**ଶୁଭଶ୍ରୀ ନାୟକ**
ସିଂହପୁର, ଧର୍ମଶାଳା, ଯାଜପୁର-୭୫୫୦୦୮
ଫୋନ : ୬୩୭୦୮୬୮୧୩୪


ଫଟୋ ସୌଜନ୍ୟ : ଲେଖିକା

ଫିଚର୍ ସୌଜନ୍ୟ
www.odisha.live
Odisha LIVE
ଓଡ଼ିଶା ଲାଇଭ୍

**ଓଡ଼ିଶୀ ସଙ୍ଗୀତ ଧାରାର ଏକ ବଳିଷ୍ଠ ଉଚ୍ଚାରଣ ପଦ୍ମଶ୍ରୀ ଡକ୍ଟର ଶ୍ୟାମାମଣି ଦେବୀ । ଓଡ଼ିଶୀ ଛାନ୍ଦ ଓ ଚମ୍ପୂ ସହ ଭଜନ ଓ ଜଣାଣ, ଲୋକଗୀତ, ପଲ୍ଲୀଗୀତ ଏପରିକି ଆଧୁନିକ ଗୀତ ଗାଇ ଓଡ଼ିଶାର ଶ୍ରୋତାମାନଙ୍କ ମନକୁ ଛୁଇଁ ପାରିଥିବା ଜଣେ ବର୍ଷୀୟାନ୍ କଳାକାର । ଶ୍ୟାମାମଣିଙ୍କ ଆଦ୍ୟ ଜୀବନ, ସଂଘର୍ଷର କାହାଣୀ ତଥା ଦୀର୍ଘ ସଙ୍ଗୀତ ସାଧନାକୁ ନେଇ 'ଓଡ଼ିଶା ଲାଇଭ୍' ପକ୍ଷରୁ କରାଯାଇଥିବା ବିଶେଷ ସାକ୍ଷାତକାର ଉପରେ ଆଧାରିତ ଆଲେଖ୍ୟ ।**

"ଉଚ୍ଚ ତାଳଗଛ ମାଇ ବରଡ଼ା ଲୋ ଠିକ ଠିକ ପଡ଼େ ଖରା
ଅବୋଧ ନାରୀକୁ କି ବୋଧ ଦେବି ମୁଁ ମାଗୁଛି ସରଗ ତାରା ।"

ଓଡ଼ିଶାର ଏହି ଲୋକପ୍ରିୟ ପଲ୍ଲିଗୀତଟିକୁ ଶୁଣିବା ବେଳେ ଯାହାଙ୍କର ନିର୍ମଳ ମଧୁର ସ୍ୱର କାନରେ ପ୍ରତିଧ୍ୱନିତ ହୋଇଉଠେ, ସିଏ ହେଉଛନ୍ତି ଓଡ଼ିଶୀ ସଙ୍ଗୀତର ସୁରମୟୀ ପଦ୍ମଶ୍ରୀ ଡକ୍ଟର ଶ୍ୟାମାମଣି ଦେବୀ । ତାଙ୍କର ଶୁଦ୍ଧ ସ୍ୱର ହଜାର ହଜାର ଶ୍ରୋତାଙ୍କ ଅନ୍ତରକୁ କାହିଁ କେତେ ଦଶନ୍ଧି ଧରି ଛୁଇଁ ଆସୁଛି ।

ଶ୍ୟାମାମଣି ଦେବୀଙ୍କ ଗୀତ ସବୁ ଶୁଣିବା ବେଳେ ଆଜି ବି ବିଭୋର ହୋଇଉଠନ୍ତି ଅନେକ ଶ୍ରୋତା । ଓଡ଼ିଶୀ, ଛାନ୍ଦ, ଚମ୍ପୂ, ଲୋକଗୀତ, ପଲ୍ଲିଗୀତ ଓ ଭକ୍ତି ସଙ୍ଗୀତ – ଏଭଳି ବିବିଧ ସଙ୍ଗୀତ ଧାରାକୁ ନିଜ ସ୍ୱରରେ ଜୀବନ୍ତ କରି ତୋଳିଛନ୍ତି ଏହି ସୁରତରଙ୍ଗିଣୀ ।

ଭାବ ପ୍ରଧାନ ଓ ରାଗ ପ୍ରଧାନ ସଙ୍ଗୀତ ପାଇଁ ଅଧିକ ପରିଚିତ ଡକ୍ଟର ଶ୍ୟାମାମଣି ଦେବୀ । ପ୍ରାଚୀନ ଓ ପାରମ୍ପରିକ ସଙ୍ଗୀତ ତାଙ୍କର ପ୍ରାଣ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଶାସ୍ତ୍ରୀୟ ସଙ୍ଗୀତ, ଓଡ଼ିଶୀ ଓ ଭକ୍ତି ସଙ୍ଗୀତର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଛନ୍ତି ଶ୍ୟାମାମଣି ।

୧୯୩୮ ମସିହା ଡିସେମ୍ବର ୨୧ରେ କଟକ ଜିଲ୍ଲା ବାଙ୍କୀ ସବ୍‌ଡିଭିଜନର ସୁବର୍ଣ୍ଣପୁର ଗାଁର ଏକ ସଙ୍ଗୀତ ପରିବାରରେ ଶ୍ୟାମାମଣି ଜନ୍ମ ହୋଇଥିଲେ । ବାପା ରାଜେନ୍ଦ୍ର ମୋହନ ପଟ୍ଟନାୟକ ଏବଂ ମା' ନିଶାମଣି ଦେବୀ । ଘରେ ପାଂଚ ଭଉଣୀଙ୍କ ମଧ୍ୟରେ ସବୁଠୁ ସାନ ଥିଲେ ଶ୍ୟାମାମଣି । ଘରେ ତାଙ୍କୁ ସମସ୍ତେ ସ୍ନେହରେ ଟିଲା ବୋଲି ଡାକୁଥିଲେ । ପ୍ରସିଦ୍ଧ ନାଟ୍ୟକାର ତଥା ସଙ୍ଗୀତଜ୍ଞ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ ହେଉଛନ୍ତି ଶ୍ୟାମାମଣିଙ୍କ ବଡ଼ ବାପା । ତେଣୁ ପରିବାରର ଏହି ଅପୂର୍ବ ସାଂସ୍କୃତିକ ପରିବେଶ ତାଙ୍କୁ ସ୍ୱତଃ ସଙ୍ଗୀତ ସହ ଯୋଡ଼ି ଦେଇଥିଲା ।

## ଠାକୁରଙ୍କ ବିମାନ ଛୁଇଁବା ମନା

ପିଲାଟିବେଳୁ ହିଁ ସଙ୍ଗୀତରେ ରୁଚି ଦେଖାଇଥିଲେ ଶ୍ୟାମାମଣି । କିନ୍ତୁ ଏକ ରକ୍ଷଣଶୀଳ ଜମିଦାର ପରିବାରରେ ଜନ୍ମ ଗ୍ରହଣ କରିଥିବାରୁ ଜଣେ ଝିଅ ହିସାବରେ ସଙ୍ଗୀତ ଦୁନିଆରେ ପାଦ ଦେବାବେଳେ ତାଙ୍କୁ ଅନେକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା ।

ଅନେକ ବନ୍ଧୁବାନ୍ଧବ ଓ ପରିଜନ ଶ୍ୟାମାମଣିଙ୍କ ସଙ୍ଗୀତ ଶିକ୍ଷାକୁ ବିରୋଧ କରୁଥିଲେ । ତତ୍‌କାଳୀନ ରକ୍ଷଣଶୀଳ ସମାଜ ସଙ୍ଗୀତ ପ୍ରତି ତାଙ୍କର ଆକର୍ଷଣକୁ ଭଲ ଦୃଷ୍ଟିରେ ଦେଖୁ ନଥିଲେ । ତେଣୁ ତାଙ୍କୁ ଅନେକ ନିନ୍ଦା ଓ ଅପବାଦର ସାମ୍ନା କରିବାକୁ ପଡ଼ିଥିଲା । କିନ୍ତୁ ନିଜର ଦୃଢ଼ ଇଚ୍ଛାଶକ୍ତି ତଥା ବାପା ରାଜେନ୍ଦ୍ର ମୋହନ ପଟ୍ଟନାୟକ ଓ ବଡ଼ବାପା କାଳୀଚରଣ ପଟ୍ଟନାୟକଙ୍କ ସମର୍ଥନ କ୍ରମେ ସେ ସଙ୍ଗୀତ ଶିକ୍ଷାଗ୍ରହଣ କରିପାରିଲେ । ତେଣୁ ଶ୍ୟାମାମଣି କହନ୍ତି,'ଜୀବନରେ ବାଧାବିଘ୍ନ କିମ୍ବା ସମାଲୋଚନା ନଥିଲେ ଜଣେ ମଣିଷ କେବେ ବି ଆଗକୁ ବଢ଼ିପାରିବନି ।'

"ସେତେବେଳର ଗୋଟିଏ ମଂଚ କାର୍ଯ୍ୟକ୍ରମରେ ଅକ୍ଷୟ ମହାନ୍ତିଙ୍କ ସହ ମୁଁ ଗୀତ ଗାଇଥିଲି । ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଏକ ଖବର ଦୈନିକ ସମ୍ବାଦପତ୍ରରେ ପ୍ରକାଶ ପାଇଥିଲା । ତେଣୁ ମୁଁ ଅନେକଙ୍କ ପାଇଁ ସେତେବେଳେ ଅଛୁଆଁ ପାଲଟିଗଲି । ସେଇଥିପାଇଁ ମତେ ଦୋଳ ପୂର୍ଣ୍ଣିମାରେ ଠାକୁରଙ୍କ ବିମାନ ଛୁଇଁବାକୁ ବାରଣ କରି ଦିଆଯାଇଥିଲା । ଏବେ ବି ସେ କଥା ମନେ ପଡ଼ିଲେ ଭାରି ଦୁଃଖ ଲାଗେ", ସେ ସମୟରେ ତାଙ୍କ ସହିତ ଘଟିଥିବା ଏକ ଅନୁଭୂତିକୁ ମନେ ପକାଇ କହନ୍ତି ଶ୍ୟାମାମଣି ଦେବୀ ।

## ପାଲା ଓ କୀର୍ତ୍ତନରୁ ସଙ୍ଗୀତ ସହ ପରିଚୟ

ଶ୍ୟାମାମଣିଙ୍କ ବାପା ରାଜେନ୍ଦ୍ର ମୋହନ ପଟ୍ଟନାୟକ ଭକ୍ତିବାଦର ପ୍ରସିଦ୍ଧ ପ୍ରଚାରକ ଚୈତନ୍ୟଙ୍କ ଦ୍ୱାରା ଅନୁପ୍ରାଣିତ ଥିଲେ । ତେଣୁ ତାଙ୍କ ଘରେ ପ୍ରତିଦିନ ଭଜନ, କୀର୍ତ୍ତନ ଓ ପାଲାର ଆସର ଜମୁଥିଲା । ସେଇଠୁ ସଙ୍ଗୀତ ପ୍ରତି ଆକର୍ଷିତ ହୋଇଥିଲେ ଶ୍ୟାମାମଣି । ଗାଁରେ ଯେଉଁ ପାଲା ଆୟୋଜନ ହେଉଥିଲା, ତାହା ମଧ୍ୟ ତାଙ୍କୁ ପ୍ରଭାବିତ କରୁଥିଲା । ଗାଁରେ



▶ ଲେଖିକା ଶୁଭଶ୍ରୀ ନାୟକ

ପାଲା ଆରମ୍ଭ ହେବା କ୍ଷଣି ଶ୍ୟାମାମଣି ଅତି ଆଗ୍ରହରେ ସେଠାରେ ପହଂଚି ଯାଉଥିଲେ । ପାଲା ଗାୟକଙ୍କୁ ଅନୁକରଣ କରି ସେ ଗୀତ ଗାଇବା ଆରମ୍ଭ କରିଥିଲେ ।

ଚାଟଶାଳୀରେ ପଢ଼ିବା ବେଳେ ଶ୍ୟାମାମଣି ଯେତେବେଳେ ପ୍ରାର୍ଥନା ବୋଲୁଥିଲେ, ଅନ୍ୟ ପିଲାମାନେ ତାଙ୍କ ପାଳି ଧରୁଥିଲେ । ଏହା ତାଙ୍କ ଭିତରେ ସଙ୍ଗୀତ ପ୍ରତି ଆହୁରି ଉତ୍ସାହ ବଢ଼ାଇ ଦେଇଥିଲା । ଅତି କମ୍ ବୟସରେ ତାଙ୍କ ଭିତରେ କିଛି ସଂକଳ୍ପ ତିଆରି ହୋଇଥିଲା ଯେ, ସେ ଗୀତ ଗାଇବେ, ଭଲ ଗୀତ ଗାଇବେ ଓ ଲୋକଙ୍କ ଶ୍ରଦ୍ଧାଭାଜନ ହେବେ । ଏହି ୩ଟି ସଂକଳ୍ପ ହିଁ ତାଙ୍କୁ ଆଗକୁ ଯିବାରେ ସାହାଯ୍ୟ କରିଥିଲା ।

## ପ୍ରଖ୍ୟାତ ଗୁରୁମାନଙ୍କ ଠାରୁ ସଙ୍ଗୀତ ଶିକ୍ଷା

ଶ୍ୟାମାମଣି କଟକସ୍ଥିତ ଶୈଳବାଳା ମହିଳା ମହାବିଦ୍ୟାଳୟରୁ ସ୍ନାତକ ଶିକ୍ଷା ଗ୍ରହଣ କରିଥିଲେ । କଟକସ୍ଥିତ ସଙ୍ଗୀତ ନାଟକ ଏକାଡେମୀରୁ ସେ 'ସଙ୍ଗୀତ ବିଶାରଦ' କରିଛନ୍ତି । ୧୯୮୫ ମସିହାରେ ପୁଣେସ୍ଥିତ ଗନ୍ଧର୍ବ ମହାବିଦ୍ୟାଳୟରୁ 'ସଙ୍ଗୀତ ଅଳଙ୍କାର' ଲାଭ କରିଛନ୍ତି । ସଙ୍ଗୀତରେ ଶ୍ୟାମାମଣି ଦେବୀଙ୍କ ପ୍ରଥମ ଗୁରୁ ଥିଲେ ତାଙ୍କ ବାପା ଓ ବଡ଼ବାପା ।

ପାଲା ଗାୟକମାନଙ୍କୁ ମଧ୍ୟ ଅନୁକରଣ କରି ସେ ସେହିଭଳି ଗାଉଥିଲେ । ତେବେ ଓଡ଼ିଶାର ଦୁଇଜଣ ବିଶିଷ୍ଟ ସଙ୍ଗୀତ ଗୁରୁ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଏବଂ ଗୁରୁ ସିଂହାରୀ ଶ୍ୟାମସୁନ୍ଦର କରଙ୍କ ଠାରୁ ବିଧିବଦ୍ଧ ଭାବେ ସଙ୍ଗୀତ ଶିକ୍ଷା ଗ୍ରହଣ କରନ୍ତି ଶ୍ୟାମାମଣି । ଏହି ଦୁଇଜଣ ଗୁରୁଙ୍କ ଶିକ୍ଷା ଶ୍ୟାମାମଣିଙ୍କ ସଙ୍ଗୀତକୁ ନୂଆ ରୂପ ଦେଇଥିଲା ।

ଏହାପରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତରେ ଉଚ୍ଚତର ଶିକ୍ଷା ପାଇଁ ଶ୍ୟାମାମଣି ଦେବୀ ବମ୍ବେ ଚାଲିଗଲେ । ସେଠାରେ ସଙ୍ଗୀତ ଶିକ୍ଷାରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ସହ ପୁନେର ଗନ୍ଧର୍ବ ମହାବିଦ୍ୟାଳୟର ପ୍ରଫେସର ବି. ଆର୍. ନବରଙ୍ଗଙ୍କ ଠାରୁ ହିନ୍ଦୁସ୍ତାନୀ ଭୋକାଲ୍ ଏବଂ ପ୍ରଫେସର ବି. ଆର୍. ଦେଓଧରଙ୍କ ଠାରୁ ଠୁମ୍ରି ସଙ୍ଗୀତ ଶିକ୍ଷା କରିଥିଲେ । ସେହିପରି ମୁମ୍ବାଇର ନିର୍ମଳା ଦେବୀ ଓ ପଣ୍ଡିତ ଲକ୍ଷ୍ମୀଶଙ୍କରଙ୍କ ଠାରୁ ଲାଇଟ୍ କ୍ଲାସିକାଲ୍ ସଙ୍ଗୀତ ଶିଖିଥିଲେ ।

ଶ୍ୟାମାମଣି ଦେବୀଙ୍କ ସଙ୍ଗୀତ ଶିକ୍ଷା ଜୀବନରେ ଗୁରୁ କୁଣ୍ଡଳା ଆଦିନାରାୟଣ ରାଓ, ଲତା ମଙ୍ଗେସକର, ନୁର୍‌ଜାହାନ, ରାଜକୁମାରୀ ଦେବୀଙ୍କ ଅବଦାନ ମଧ୍ୟ ସ୍ମରଣୀୟ ।

## ୧୨ ବର୍ଷ ବୟସରେ ଆକାଶବାଣୀର ଶିଶୁ କଣ୍ଠଶିଳ୍ପୀ

ଶ୍ୟାମାମଣି ଦେବୀଙ୍କ ଭିତରେ ଥିବା ସଙ୍ଗୀତ ପ୍ରତିଭା ପିଲାବେଳୁ ହିଁ ପ୍ରସ୍ଫୁଟିତ ହୋଇଥିଲା । ସଙ୍ଗୀତ ଶୁଣିଲେ ସେ ସେଥିରେ ତଲ୍ଲୀନ ହୋଇଯାଉଥିଲେ । ତାଙ୍କୁ ଯେତେବେଳେ ମାତ୍ର ୪ ବର୍ଷ ବୟସ, ସେତେବେଳେ ସେ ଗ୍ରାମୋଫୋନ ରେକର୍ଡ ବା କଳ ଗାଉଣା ଶୁଣି ଚିନ୍ତା କରୁଥିଲେ ଯେ, ତା' ଭିତରେ କେହି ଜଣେ ଅଛି ଓ ଗୀତ ଗାଉଛି । ଆଉ ସେ ବି ଦିନେ ସେମିତି ଗୀତ ଗାଇବେ ।

ସେଇଠାରୁ ହିଁ ଶ୍ୟାମାମଣିଙ୍କ ମନରେ ସଙ୍ଗୀତକୁ ନେଇ ଅଙ୍କୁରିତ ହୋଇଥିଲା ଅନେକ ସ୍ୱପ୍ନ । ଓଡ଼ିଶୀ ସଙ୍ଗୀତର ଆଜି ଅତି ପରିଚିତ ସ୍ୱର ଶ୍ୟାମାମଣି ଦେବୀ ମାତ୍ର ୧୨ ବର୍ଷ ବୟସରେ ଆକାଶବାଣୀର ଶିଶୁ କଣ୍ଠଶିଳ୍ପୀ ଭାବେ ସ୍ୱୀକୃତି ପାଇ ଏକ ବ୍ୟାପକ ଶ୍ରୋତାମାନଙ୍କ ନିକଟରେ ପହଞ୍ଚି ପାରିଥିଲେ ।

## ଶ୍ୟାମାମଣିଙ୍କ ସ୍ମୃତିରେ ଆକାଶବାଣୀ

୧୯୫୦ ମସିହା ମାର୍ଚ୍ଚ ୨୩ ତାରିଖରେ ଆକାଶବାଣୀରେ ପ୍ରଥମ ଥର ପାଇଁ ଗୀତ ଗାଇଥିଲେ ଶ୍ୟାମାମଣି । ସେ ଗୀତ ଥିଲା 'ନୀରତେ ଡାକି ଡାକି, ନ ଶୁଣ ଚକାଆଖି' । ଏହି ଭଜନଟି ତାଙ୍କୁ ଶ୍ରୋତାଙ୍କ ନିକଟରେ ପରିଚିତ କରାଇଥିଲା । ଖାଲି ଶ୍ୟାମାମଣି ନୁହନ୍ତି, ଅନେକ କଳାକାରଙ୍କୁ ବିଶେଷ ପରିଚୟ ଦେଇଛି ଆକାଶବାଣୀ । ଏଥିପାଇଁ ଆକାଶବାଣୀକୁ କଳାକାରଙ୍କ ଅନ୍ତୁଡ଼ିଶାଳ ବୋଲି କୁହାଯାଏ ।

ପୁରୁଣା ଦିନକୁ ମନେ ପକାଇ ଶ୍ୟାମାମଣି କହନ୍ତି, "୧୯୪୮ ମସିହାରେ କଟକରେ ଆକାଶବାଣୀ କେନ୍ଦ୍ର ଆରମ୍ଭ ହେଲା । ସେତେବେଳେ କେବଳ ଗୋଟିଏ ମାଇକ୍‌ରେ ଗୀତ, ବାଦ୍ୟ ସବୁ କିଛି ଏକାଥରକେ ରେକର୍ଡ ହେଉଥିଲା । ଆମେ ସମସ୍ତେ ମାଇକ୍ ଚାରିପଟେ ଘେରିକି ବସୁଥିଲୁ । ବର୍ତ୍ତମାନ ତ ବହୁତ ସୁବିଧା ହୋଇଗଲାଣି । ମୋର ମନେ ଅଛି, ସେତେବେଳେ ଆକାଶବାଣୀରେ ହାରମୋନିୟମ୍ ନଥିବାରୁ ଗୋଟିଏ ଭଙ୍ଗା ଅର୍ଗାନ୍‌ରୁ ସୁର ଆଣିବାକୁ ପଡୁଥିଲା । ଭୁବନେଶ୍ୱର ମିଶ୍ର ସାର୍ ମତେ କହନ୍ତି, ସେ ଅର୍ଗାନରୁ 'ବି ସାର୍ପ' କି 'ସି ସାର୍ପ'





ସ୍କେଲ୍ ନେଇ ଆସିବାକୁ । ସେ ଅର୍ଗାନ୍‌କୁ ଗୋଡ଼ରେ ଢିଙ୍କି କୁଟିଲା ଭଳି ଦୁଇ ତିନି ଥର ବାଡ଼େଇଲେ ସ୍ୱର ବାହାରୁଥିଲା । ମୁଁ ପାଟିରେ ସେଇଭଳି ଉଁ...ଉଁ... କରିକି ଦୌଡ଼ି ଦୌଡ଼ି ଆସୁଥିଲି । ତା'ପରେ ସାର୍ ଭାଓଲିନରେ ତାକୁ ବାନ୍ଧୁଥିଲେ । ସେ ଦିନ ଏବେ ମନେ ପଡ଼ିଲେ ହସ ଲାଗେ ।”

ସେ ଆହୁରି କହନ୍ତି, “ଦଶହରାରେ ରେଡିଓରେ ଲାଇଭ୍ କାର୍ଯ୍ୟକ୍ରମ ହେଉଥିଲା । ସେଥିପାଇଁ ଶୀତରେ ରାତି ୩ଟାରେ ଥରି ଥରି ଯାଇ ଲାଇଭ୍ ଗାଉଥିଲୁ । ପୁଣି ସକାଳୁ ସକାଳୁ ଘରକୁ ଫେରୁଥିଲୁ । ସେତେବେଳେ ଆକାଶବାଣୀ ନିଜର ପରିବାର ଭଳିଆ ଲାଗୁଥିଲା । ସହରରେ ବିଜୁଳି ଥାଉ କି ନଥାଉ, ବାତ୍ୟା ହେଉ କି ବନ୍ୟା ହେଉ, ସବୁବେଳେ ରେଡିଓ ଚାଲିଥିଲା । ରେଡିଓ ଗୀତ ଶୁଣୁଥିବା ଲୋକ ଏବେ ବି ବହୁତ ଅଛନ୍ତି । ମୋ ପାଖରେ ବି ସବୁବେଳେ ରେଡିଓଟିଏ ଥାଏ ।”

## ବମ୍ବେ ଜୀବନ ଓ ଶ୍ୟାମାମଣି

୧୯୬୦ରୁ ୧୯୬୬ ମସିହା ମଧ୍ୟରେ ଯେତେବେଳେ ସେ ବମ୍ବେରେ ଥିଲେ, ସେତେବେଳେ ସେ ବମ୍ବେ ଆକାଶବାଣୀ କେନ୍ଦ୍ରରେ ଅନେକ ଗଜଲ ଓ ଭଜନ ପରିବେଷଣ କରିଛନ୍ତି । ବମ୍ବେରେ ବହୁ ବିଶିଷ୍ଟ କଳାକାରଙ୍କ ସଂସ୍ପର୍ଶରେ ଆସିଥିଲେ ଶ୍ୟାମାମଣି । ଲତା ମଙ୍ଗେସକର, ପଣ୍ଡିତ ଲକ୍ଷ୍ମୀଶଙ୍କର, ପୃଥ୍ୱୀରାଜ କପୁର, ମନମୋହନ କ୍ରିଷ୍ଣା, ହରି ଓମ୍ ଶରଣଙ୍କ ଭଳି ଖ୍ୟାତନାମା କଳାକାରଙ୍କ ସହ ସେ କାମ କରିଛନ୍ତି ।

ବମ୍ବେରେ ରହିବା ପାଇଁ ଶ୍ୟାମାମଣିଙ୍କୁ ତାଙ୍କ ବାପା ଯେଉଁ ଟଙ୍କା ପଠାଉଥିଲେ, ସେ ଟଙ୍କା ସେ ରଖୁନଥିଲେ । ପୁଣି ବାପାଙ୍କ ନିକଟକୁ ଫେରସ୍ତ ପଠେଇ ଦେଉଥିଲେ । ନିଜ ଗୋଡ଼ରେ ଛିଡ଼ା ହେବା ପାଇଁ ସେ ଚାହୁଁଥିଲେ । ତାଙ୍କ ଭିତରେ ସଙ୍ଗୀତ ଶିକ୍ଷା କରିବାର ଭୋକ ଏତେ ଥିଲା ଯେ, ଅନେକ ସମୟରେ ସେ ପେଟର ଭୋକକୁ ଭୁଲି ଯାଉଥିଲେ । ସଙ୍ଗୀତ ଜୀବନର ଏହି ସଂଘର୍ଷ ଭିତରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଗୀତ ଗାଇ କିଛି କିଛି ରୋଜଗାର କରିବା ଆରମ୍ଭ କଲେ ଓ ନିଜ ଗୋଡ଼ରେ ଛିଡ଼ା ହେଲେ । ସେ ସମୟରେ ଶ୍ୟାମାମଣି ବିଭିନ୍ନ ବିଜ୍ଞାପନ ପାଇଁ ମଧ୍ୟ କାମ କରିଥିଲେ । ଓଡ଼ିଆ ସହ ହିନ୍ଦୀ, ମରାଠୀ, ବଙ୍ଗଳା ଓ ଗୁଜୁରାଟି ଆଦି ଚଳଚ୍ଚିତ୍ରରେ କଣ୍ଠଦାନ ତାଙ୍କ ପ୍ରତିଭାକୁ ସର୍ବଭାରତୀୟ ସ୍ତରରେ ପହଞ୍ଚାଇ ପାରିଥିଲା ।

ସେଦିନର ସ୍ମୃତିକୁ ମନେ ପକାଇ ଶ୍ୟାମାମଣି କହନ୍ତି, “ବଡ଼ବାପା କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଥରେ ଗୋଟେ ଗୀତ ଲେଖିଥିଲେ ।

ମୁଁ ତାକୁ ସ୍ୱରରେ ସଜେଇଥିଲି । ମୋର ଏହି ତତ୍କାଳ ପ୍ରତିଭା ଦେଖି ସେଦିନ ବଡ଼ବାପା ମତେ କହିଥିଲେ ଯେ ମୋର ବମ୍ବେ ଯିବା ଯଥାର୍ଥ ହୋଇଛି । ବଡ଼ବାପାଙ୍କ ସେଇ ପଦେ କଥା ମତେ ବେଶ୍ ଉତ୍ସାହିତ କରିଥିଲା ।”

ବମ୍ବେରେ ପ୍ରାୟ ୮ ବର୍ଷ ରହିବା ପରେ ଓଡ଼ିଶା ଫେରି ଆସିଥିଲେ ଶ୍ୟାମାମଣି । ବମ୍ବେରୁ କାହିଁକି ଫେରି ଆସିଲେ ବୋଲି ପଚାରିଲେ ସେ କହନ୍ତି, “ସେତେବେଳେ ମୁଁ ବମ୍ବେରେ ମୋ ପାଇଁ ଜାଗା ତିଆରି କରି ସାରିଥିଲି । ବଡ଼ ବଡ଼ କଳାକାରଙ୍କ ସହ କାମ କରୁଥିଲି । ଏମିତି ସୁଯୋଗ ଖୁବ୍ କମ୍ ଲୋକଙ୍କୁ ମିଳେ । ସେଠାରେ ରହିଥିଲେ ନିଶ୍ଚିତ ଭାବେ ମତେ ଆହୁରି ଅଧିକ ଖ୍ୟାତି ମିଳି ଥାଆନ୍ତା । କିନ୍ତୁ ଓଡ଼ିଶା ମାଟିର ଆକର୍ଷଣ ମତେ ଓଡ଼ିଶାକୁ ଟାଣି ଆଣିଲା । ଓଡ଼ିଶା ମାଟିର ଝିଅ ହୋଇଥିବାରୁ ମୁଁ ସବୁବେଳେ ଗର୍ବ କରେ । ତେଣୁ ଓଡ଼ିଶା ଆସି ସଙ୍ଗୀତ ଭିତରେ ନିଜକୁ ମୁଁ ହଜେଇଦେଲି ।”



### ଲତା ମଙ୍ଗେସରଙ୍କ ସହ ସ୍ମୃତି

ଲତା ମଙ୍ଗେସ୍କର ଥିଲେ ଦେଶର କୋକିଳକଣ୍ଠୀ । ଆଉ ଶ୍ୟାମାମଣି ଥିଲେ ଓଡ଼ିଶାର କୋକିଳ ସ୍ୱର । ବମ୍ବେରେ ରହିବା ସମୟରେ ଲତା ମଙ୍ଗେସ୍କରଙ୍କ ଦ୍ୱାରା ବେଶ୍ ଅନୁପ୍ରାଣିତ ହୋଇଥିଲେ ଶ୍ୟାମାମଣି । ଲତାଜୀଙ୍କ ନମ୍ର ଓ ସହନଶୀଳ ସ୍ୱଭାବ ତାଙ୍କୁ ପ୍ରଭାବିତ କରିଥିଲା । ବମ୍ବେରେ ପ୍ରାୟ ୪ ବର୍ଷ ଲତାଜୀଙ୍କ ସଂସ୍ପର୍ଶରେ ସେ ରହିଥିଲେ ।

“ଛୋଟ ବେଳୁ ମୁଁ ଲତାଜୀଙ୍କୁ ସରସ୍ୱତୀ ଦେବୀଙ୍କ ଭଳି ପୂଜା କରେ । ତାଙ୍କ ପାଦ ସ୍ପର୍ଶ ମୋ ପାଇଁ ସବୁବେଳେ ସ୍ମରଣୀୟ ହୋଇ ରହିବ । ମୋର ମନେଅଛି ମୁଁ ତାଙ୍କ ପାଖରେ ଏକ ସମ୍ବଲପୁରୀ ଲୋକ ଗୀତ ଗାଇଥିଲି । ‘ମା ମା ବୋଲି ଡାକୁଛେ ମୁଇଁ କେତେ କାକୁରି ଶୁନୁଛୁ ନାଇଁ, ଡାକୁଛେ ଆକୁଳେ କେଡ଼େ କଲବଲେ ଟିକେ ହେଲେ ଦୟା ନାଇଁ ଗୋ – ମା’ ସମଲେଶ୍ୱରୀ’ । ଲତାଜୀ ଏ ଗୀତ ଶୁଣି ବହୁତ ଖୁସି ହୋଇଥିଲେ । ‘କଦମ୍ବ ବନେ ବଂଶୀ ବାଜିଲା’ ଗୀତ ଶୁଣି ସେ ଆମ ଓଡ଼ିଆ ସଙ୍ଗୀତର ଭୁରି ଭୁରି ପ୍ରଶଂସା କରିଥିଲେ”, ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସକରଙ୍କୁ ମନେପକାଇ କହନ୍ତି ଶ୍ୟାମାମଣି ।

### ଅକ୍ଷୟ ମହାନ୍ତିଙ୍କ ସହ ଅନୁଭୂତି

ଓଡ଼ିଆ ସଙ୍ଗୀତର ବାଦ୍‌ଶାହା କୁହାଯାଉଥିବା ଅକ୍ଷୟ ମହାନ୍ତି ଓରଫ୍ ଖୋକା ଭାଇଙ୍କ ସହ ଶ୍ୟାମାମଣି ଓଡ଼ିଶାର ବିଭିନ୍ନ ମଂଚରେ ଗୀତ ଗାଇଛନ୍ତି । ଉଭୟ ଏକାଠି ଗୀତ ଗାଇଲେ ଦର୍ଶକଙ୍କ କରତାଳିରେ ମଂଚ ଫାଟି ପଡୁଥିଲା । ତେବେ ଖାସ୍ କଥା ହେଉଛି ଯେ, ଅକ୍ଷୟ ମହାନ୍ତି ହେଉଛନ୍ତି ଶ୍ୟାମାମଣି ଦେବୀଙ୍କ ଦୂର ସମ୍ପର୍କୀୟ ଭାଇ ।

ଖୋକା ଭାଇଙ୍କ ସହ ସ୍ମୃତିକୁ ଏଭଳି ମନେ ପକାଇଛନ୍ତି ଶ୍ୟାମାମଣି । “ଥରେ ପ୍ରଣବ ପଟ୍ଟନାୟକଙ୍କ ସହ ଗୋଟିଏ ଗୀତ ଗାଇଥିଲି । ସେ ଗୀତ ଥିଲା, ‘କାଚ କାନ୍ଥର ଦୁଇ ପଟେ ଆମେ ଦୁହେଁ, କେହି ତ କାହାରିକୁ ଛୁଇଁ ପାରୁନା, ଖାଲି ନିତି ନିତି ଦେଖାହୁଏ’ । ଏଇ ଗୀତଟି ଅକ୍ଷୟ ମହାନ୍ତିଙ୍କୁ ବହୁତ ଭଲ ଲାଗିଥିଲା । ସେ ଖୁସି ହୋଇ ପାଖରେ ଥିବା ଟଗର ଗଛରୁ ଫୁଲଟିଏ ଆଣି ମୋତେ ଦେଇଥିଲେ । ତା’ ପଛରେ ଥିଲା ତାଙ୍କର ଭଲପାଇବା ଓ ମୋ ପ୍ରତି ଶ୍ରଦ୍ଧା । ସତରେ, ସେଦିନର ସେ ଟଗର ପାଖୁଡ଼ାଟି ଆଗରେ ଏବର ଗୋଲାପ ଫୁଲ କିଛି ନୁହେଁ । ସେତେବେଳେ ଆମେ କଳାକାର ଭାଇଭଉଣୀମାନେ ଗୋଟିଏ ପରିବାର ଭଳି ଚଳୁଥିଲୁ । ଆମ ଭିତରେ ଏକ ସାଙ୍ଗୀତିକ ଶ୍ରଦ୍ଧା ଥିଲା । ଏବେ କିନ୍ତୁ ସେ ସବୁ ଆଉ ବିଶେଷ ଦେଖା ଯାଉନାହିଁ ।”

### ଏବେର ପିଲାଙ୍କ ପାଖେ ସାଧନା ପାଇଁ ଧୈର୍ଯ୍ୟ ନାହିଁ

“ମୁଁ ଆଗରୁ ଦିନକୁ ପ୍ରାୟ ୮ ଘଣ୍ଟା ସଙ୍ଗୀତ ଅଭ୍ୟାସ କରେ । ଏବେ ବୟସ ବିତିଲାଣି, ତେଣୁ ଆଉ କରିପାରୁନି । ତଥାପି ଦିନକୁ ୧ ଘଣ୍ଟା ଅଭ୍ୟାସ ନକଲେ ମତେ ଭଲ ଲାଗେନା । ଆଜିର ନୂଆ ପିଢ଼ି ରାତାରାତି ତାରକା ହେବାକୁ ଚାହାନ୍ତି, କିନ୍ତୁ ଅଭ୍ୟାସ ପାଇଁ ଧୈର୍ଯ୍ୟ ନାହିଁ । ତେଣୁ ୨ ବର୍ଷ ହେବ, ମୁଁ ସଙ୍ଗୀତ ଶିକ୍ଷା ଦେବା ଛାଡ଼ି ଦେଇଛି । କାରଣ, ଗୁରୁ ହିସାବରେ ମତେ ଆତ୍ମ ସନ୍ତୁଷ୍ଟି ମିଳିଲା ନାହିଁ । ତେଣୁ ଆଜିର ନୂଆ ପିଢ଼ିଙ୍କୁ ମୁଁ ଏତିକି କହିବି, ଅଭ୍ୟାସ କର, କଠିନ ପରିଶ୍ରମ କର, ଦୃଢ଼ ଇଚ୍ଛାଶକ୍ତି ରଖ । ତା’ହେଲେ ସଙ୍ଗୀତ ଭଳି ଏକ ବିଶାଳ ସମୁଦ୍ରରୁ ତମେ କିଛିଟା ପାଇପାରିବ ।”, ନୂଆ ପିଢ଼ିଙ୍କୁ ପରାମର୍ଶ ଦେବା ଛଳରେ କହନ୍ତି ଶ୍ୟାମାମଣି ।

ସେ ଆହୁରି କହନ୍ତି, “ଆମ ଅପେକ୍ଷା ଏବେର ନୂଆ ପିଢ଼ି ବେଶୀ ପ୍ରତିଭାବାନ୍ । ତା’ସାଙ୍ଗକୁ ଏବେ ଅନେକ ପ୍ରକାର ବାଦ୍ୟଯନ୍ତ୍ର ମଧ୍ୟ ବାହାରିଲାଣି । ଓଡ଼ିଶୀକୁ ଲୋକପ୍ରିୟ କରିବା ପାଇଁ ନୂଆ ନୂଆ ପରୀକ୍ଷାନିରୀକ୍ଷା କରାଯାଉଛି । ଏହା ମନ୍ଦ ନୁହେଁ, କିନ୍ତୁ ଆମେ ମୌଳିକତାକୁ ବଜାୟ ରଖିଲେ ଆମ ସଙ୍ଗୀତ ଆହୁରି ଆଗକୁ ଯିବ ।”


### ଓଡ଼ିଶୀ ସଙ୍ଗୀତର ବହୁଳ ପ୍ରସାର ଜରୁରୀ

“ଓଡ଼ିଶୀକୁ ଅଲଗା ଭାବେ ଶାସ୍ତ୍ରୀୟ ବୋଲି କହିବା କଥା ମୁଁ କେବେ ଭାବେନି । କାରଣ, ଏମିତି ଦେଖିବାକୁ ଗଲେ ଓଡ଼ିଶୀ ସଙ୍ଗୀତ ମୂଳରୁ ଶାସ୍ତ୍ରୀୟ । ଜଗନ୍ନାଥଙ୍କ ସଂସ୍କୃତିରେ ଶାସ୍ତ୍ରୀୟତା ଖୋଜିବା ଅନାବଶ୍ୟକ । ସରକାର ଶାସ୍ତ୍ରୀୟ ମାନ୍ୟତା ଦେଲେ ଦିଅନ୍ତୁ, ସେଥିରେ କିଛି ମନା ନାହିଁ । ମୋ କହିବା କଥା, ହିନ୍ଦୁସ୍ତାନୀ ସଙ୍ଗୀତ ଶାସ୍ତ୍ରୀୟ ମାନ୍ୟତା ପାଇଛି, କର୍ଣ୍ଣାଟକୀ ସଙ୍ଗୀତକୁ ମଧ୍ୟ ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ମିଳିଛି । କାରଣ ସେମାନଙ୍କ ପ୍ରଚାର ପ୍ରସାର ବହୁତ ହେଲା ଏବଂ ସେହି ସଙ୍ଗୀତ ଧାରା ପ୍ରତି ସରକାରଙ୍କ ପ୍ରୋତ୍ସାହନ ମିଳିଲା । ତେଣୁ ଆମକୁ ଆମ ଓଡ଼ିଶୀ ସଙ୍ଗୀତର ପ୍ରଚାର ଓ ପ୍ରସାର ଉପରେ ବିଶେଷ ଧ୍ୟାନ ଦେବା ଦରକାର”, କହନ୍ତି ଶ୍ୟାମାମଣି ଦେବୀ ।

# ରାଜନୀତିର ରେଖାଚିତ୍ର

ଓଡ଼ିଶାକୁ ନେଇ ଓଡ଼ିଆ ? ନା ଓଡ଼ିଆଙ୍କୁ ନେଇ ଓଡ଼ିଶା ? କାହାର ଓଡ଼ିଶା ? କେବେଠୁ ଓଡ଼ିଶା ? ଝର୍କା ଖୋଲି ପଛକୁ ଚାହିଁଲେ ଆଖି ପାଏନି । କାଇଁ କେତେ ହଜାର ବର୍ଷ ତଳର ଇତିହାସ । ଆମେ ଆମ ଗୌରବଜ୍ଜ୍ୱଳ ଇତିହାସକୁ ନେଇ ଗର୍ବ କରୁଛୁ, ଛାତି ଫଉଲଉଛୁ, ଇତିହାସ ଉପରେ ଆଉଜି ଦମ୍ଭର ସହ ଠିଆ ହଉଛୁ; ଅଥଚ କେବେ ଆମେ ନିରେଖି ଦେଖିଛୁ କି ଆମ ଅତୀତକୁ, ଓଲଟେଇଛୁ କି ତା'ର ଅନାଲୋଚିତ ଅଧ୍ୟାୟମାନଙ୍କୁ । ଇତିହାସ, ଯାହା କେବଳ ରାଜା-ରାଜୁଡ଼ାଙ୍କ କୀର୍ତ୍ତିକଳାପ ନୁହେଁ କି, ବିଜୟ-ପରାଜୟର ଦସ୍ତାବିଜ୍ ନୁହେଁ । ଇତିହାସ ଯାହା ଲୋକମାନଙ୍କର, ଲୋକମାନଙ୍କୁ ନେଇ; ନିଜର ପରିଚୟ ଓ ଅସ୍ତିତ୍ୱ ପାଇଁ ମାଟି-ମଣିଷମାନଙ୍କ ସଂଗ୍ରାମ ଓ ସଂଘର୍ଷର କାହାଣୀ । ସମୟ ଆସିଛି ପଛକୁ ଫେରି ଚାହିଁବାର । ସାଉଁଟିବାକୁ ସେଇ ଅପାସୋରା ଚରିତ୍ରମାନଙ୍କୁ ଯେଉଁମାନେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇ ଗଢ଼ିଛନ୍ତି ଆମ ଜାତିକୁ, କାନ୍ଧରେ ବୋହିଛନ୍ତି ତା'ର ପରିଚୟକୁ । କଥାକାର ଓ ସ୍ତମ୍ଭକାର ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ଓଡ଼ିଶା' ଏକ ଅଭିନବ ପ୍ରୟାସ ଲୋକଙ୍କୁ କେନ୍ଦ୍ରରେ ରଖି ଅତୀତ ଓଡ଼ିଶାର ସମାଜ-ସଂସ୍କୃତି-ରାଜନୀତିର ଗତିପଥ ନିର୍ଣ୍ଣିତ କରିବା ଦିଗରେ । ସୁଦୀର୍ଘ ଇତିହାସର ଯାତ୍ରାପଥରେ ଅନନ୍ତ କାଳଧରି ବାଟ ଚାଲୁଥିବା ଓଡ଼ିଆ ଓ ଓଡ଼ିଶାକୁ ନେଇ ଏ ଅନ୍ତରଙ୍ଗ ଲୋକ-ଗାଥା ଧାରାବାହିକ ଭାବେ ପରଷି ଦେଉଛୁ ।





## ।। ଭାଗ-୨୨ ।।




**ନେତାଜୀ ଅଭିନନ୍ଦନ**

ଆସିଷ୍ଟାଣ୍ଟ ପ୍ରଫେସର, ରାଜନୀତି ବିଜ୍ଞାନ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୭୫୧୦୦୩
ଫୋନ୍ : ୯୦୪୦୦୦୩୧୨୩


ଫଟୋ ସୌଜନ୍ୟ : ଗୁଗୁଲ୍

# ଭୁଜତଳେ ମୋତେ ରଖ ମହାବାହୁ

ଭୁଜତଳେ ମୋତେ ରଖ ମହାବାହୁ ।
ବାହୁତଳେ ମୋତେ ରଖ
ବିପୁଳ ଭୁଜ ବିସ୍ତରି ଦେଲେ ଛାର
କି କରି ପାରିବ ଦୁଃଖ ।

ନିଶୂନ୍ ରାତିର ନିସ୍ତବ୍ଧତାକୁ ଭାଙ୍ଗି ବାରବାଟୀର କେଉଁ ଏକ କାଳକୋଠରୀରୁ ଲହରେଇ ଲହରେଇ ଭାସି ଆସୁଥିଲା ଏ ଆକୁଳ ସ୍ୱର । ରାତିର କାରୁଣ୍ୟକୁ ବଢ଼େଇ ଦେଉଥିଲା ଦରଦୀ କଣ୍ଠର ଛାତିଥରା ଏ ସ୍ୱର ।

କାହାର ଏ ସ୍ୱର !

ନିଷାର୍ଦ୍ଧରେ କାହାର ଏ ବିଳାପ ?

ଏ ସ୍ୱର କୌଣସି ଦୁଃଖୀରଙ୍କର ନଥିଲା, କୌଣସି ବୁଭୁକ୍ଷୁ ବା ନିର୍ଯ୍ୟାତିତର ନଥିଲା, ଏ ସ୍ୱର ଥିଲା ଲକ୍ଷେ ରାଜାଙ୍କ ମଉଡ଼ମଣି, କୋଟି ଓଡ଼ିଆଙ୍କ ମଥାର ମଣି, ଖୋଦ୍ ଗଜପତି ବୀରକିଶୋର ଦେବଙ୍କର ।

ନିୟତିର ସେ କି ନିଷ୍ଠୁର ଉପହାସ ।

ସାମ୍ରାଜ୍ୟର ଅଧିପତି ନିଜ ଦୁର୍ଗର କାଳକୋଠରୀରେ ବନ୍ଦୀ, ମୃତ୍ୟୁର ଅପେକ୍ଷାରେ ।

ସତରେ କ'ଣ ମହାବାହୁ ଶୁଣି ପାରୁନାହାନ୍ତି ତାଙ୍କ ଆକୁଳ କଣ୍ଠର ଆର୍ତ୍ତ ଚିତ୍କାରକୁ ? ଶୁଣି ପାରୁଥିଲେ ତାଙ୍କର କ'ଣ ଏ ଦଶା ହୋଇଥାନ୍ତା ?

କାହିଁକି ମହାବାହୁ ଏତେ ନିଷ୍ଠୁର ଓ ନିର୍ଦ୍ଦୟ ତାଙ୍କ ପ୍ରତି ! କି ଦୋଷ ବା କରିଥିଲେ ସେ ?

ରାଜ୍ୟ, ରାଜପଦ, ସମ୍ମାନ, ପ୍ରତିପତ୍ତି, ଅଧିକାର- ସବୁଥିରୁ ବଞ୍ଚିତ ହୋଇ ପାଗଳ ହୋଇ ଯିବାଟା କ'ଣ ତାଙ୍କର ଦୋଷ ! ମଣିଷ କ'ଣ ନିଜ ଇଚ୍ଛାରେ ପାଗଳ ହୁଏ ?

ସତରେ କ'ଣ ସେ ପାଗଳ ???

କିଟିମିଟି କଳାରାତି
କାଳ ରାତି
ଅସରନ୍ତି ରାତି, ନ ପାହୁଥିବା ରାତି,
ପ୍ରାଣାନ୍ତକ ରାତି ।
ରାତି ପାହୁନଥିଲା କି ସରୁନଥିଲା ।

ଖାଲି ଯାହା ଲମ୍ବିବାରେ ଲାଗିଥିଲା ତା'ର ଦୈର୍ଘ୍ୟ ।

ବାରବାଟୀ ଦୁର୍ଗର ନିବୁଜ କାଳକୋଠରୀରେ ବନ୍ଦୀ ବୀରକିଶୋର ମାପୁଥିଲେ ରାତିର ଦୈର୍ଘ୍ୟ ଓ ପ୍ରସ୍ଥ, ଆଉ ମଝିରେ ମଝିରେ ବିଳପି ଉଠୁଥିଲେ-

ଭୁଜତଳେ ମୋତେ ରଖ ମହାବାହୁ
ବାହୁତଳେ ମୋତେ ରଖ ।

କାଇଁ କେତେକାଳରୁ ସେ ସକାଳର ସୂର୍ଯ୍ୟଙ୍କୁ ଭେଟିନଥିଲେ କି ଦିନ କ'ଣ ଜାଣିନଥିଲେ ।

ଜୀବନ କହିଲେ ଏଣିକି ସେ ବୁଝୁଥିଲେ ନ ସରୁଥିବା ଏକ ଲମ୍ବା କାଳରାତି ।

ଏକଦା ଓଡ଼ିଆ ଜାତିର ଟେକ, ମହାପ୍ରଭୁଙ୍କର ପ୍ରଧାନ ସେବକ, ଖୋର୍ଦ୍ଧାର ପ୍ରସିଦ୍ଧ ଗଜପତି ଏବେ ହତ୍ୟା ଅପରାଧରେ ଆଜୀବନ ସଜା କାଟୁଥିବା ଜଣେ ମାମୁଲି ଅପରାଧୀ ମାତ୍ର ।

ପଛକୁ ଫେରି ଚାହିଁଲେ ସବୁକିଛି ଅନ୍ଧାର ଦିଶେ ।

କ'ଣ ସବୁ ଘଟିଗଲା, କେମିତି ଘଟିଗଲା – କିଛି ବି ମନେପଡ଼େନି । ଯେତେ ଚେଷ୍ଟା କଲେ ବି ମନେ ପଡ଼େନି ।

ସେ କ'ଣ ସତରେ ଖଣ୍ଡା ଉଞ୍ଚେଇ ନିଜ ରକ୍ତ ଓ ବୀର୍ଯ୍ୟରୁ ଜାତ ଚାରିପୁଅଙ୍କ ଛାତିରେ ଭୁସି ଦେଇଥିଲେ ?

ସେ ହିଁ କ'ଣ ଥିଲେ ଏ ନାରକୀୟ କାଣ୍ଡର ନାୟକ ?

ନା, କଦାପି ହୋଇପାରେନା ।

ତା'ହେଲେ କାହିଁକି ଲୋକେ କହୁଛନ୍ତି ସେ ପାଗଳ ଓ ପୁତ୍ରହନ୍ତା ବୋଲି । କାହିଁକି ତାଙ୍କୁ କାଳକୋଠରୀ ଭିତରେ ସଜା କାଟିବାକୁ ପଡୁଛି ।

ବୀରକିଶୋରଙ୍କ କୃତି ଓ କୀର୍ତ୍ତି :

ବୀରକିଶୋରଙ୍କର ମନେ ପଡ଼ିଯାଏ ସେଇସବୁ ଦିନ, ଯେତେବେଳେ ତାଙ୍କ ମୁଣ୍ଡରେ ଗଜପତିର ଶିରପା ଭିଡ଼ା ହୋଇଥିଲା ।

ତାଙ୍କରି ଆଦେଶରେ କେତେକେତେ ନୂଆ



ମନ୍ଦିର ନିର୍ମାଣ କରା ଯାଇଥିଲା । ଓଡ଼ିଶାର ଶିଳ୍ପୀକୂଳ କେଡ଼େ ଉତ୍ସାହରେ ଲାଗି ପଡ଼ିଥିଲେ ରାଜ୍ୟର କୋଣ ଅନୁକୋଣରେ ମନ୍ଦିର ଗଢ଼ିବାରେ । ମୋଗଲଙ୍କ ଆକ୍ରମଣରେ ଭାଙ୍ଗିରୁଜି ଯାଇଥିବା କେତେ କେତେ ପୁରୁଣା ମନ୍ଦିରର ଜୀର୍ଣ୍ଣ ସଂସ୍କାର କରାଯାଇ ନବକଳେବର ହୋଇଥିଲା । ମନ୍ଦିର ତ କେବଳ ଧର୍ମରକ୍ଷାର ସ୍ଥଳ ନଥିଲା କି ଦେବତାଙ୍କ ଆରାଧନାର ପୀଠ ନଥିଲା । ଏହା ମଧ୍ୟ ଥିଲା ଓଡ଼ିଆଙ୍କ ପରିଚୟ, ସେମାନଙ୍କ ଅଦ୍ୱିତୀୟ କଳାନୈପୁଣ୍ୟର ଅନବଦ୍ୟ ଇସ୍ତାହାର । ଓଡ଼ିଆଙ୍କ ଭଳି ଆଉ କେଉଁ ଜାତି ନିଷ୍ପ୍ରାଣ ପଥରରେ ଲେଖି ପାରୁଥିଲା ଏଭଳି ଅପରୂପ କବିତା !

ଏହା କେବଳ 'ପାଗଳ' ବୀରକିଶୋରଙ୍କ ସ୍ମୃତି-ବିଳାପ ନଥିଲା, ମାଦଳା ପାଞ୍ଜିରେ ଗଜପତି ବୀରକିଶୋରଙ୍କ କୃତିତ୍ୱ ସ୍ପଷ୍ଟ ଭାବରେ ଉଲ୍ଲିଖିତ ହୋଇଛି : "ଏ ରାଜା ବୀରକେଶରୀପୁର ଶାସନ କଲେ । ଏ ରାଜାଙ୍କ ଠାକୁର ମା' ବଡ଼ ଦେଉଳ ଭିତରେ ନିର୍ମାଲ୍ୟ ମଣ୍ଡପ ଜୀର୍ଣ୍ଣ ହୋଇଥିଲାରୁ କନକ ମଣ୍ଡପ ତୋଳାଇଲେ । ଦୋଳଯାତ୍ରା ମଣ୍ଡପ ଜୀର୍ଣ୍ଣ ହୋଇଥିଲାରୁ ଦୋଳମଣ୍ଡପ କଲେ ।... ଅଷ୍ଟଗ୍ରାସୀ ଗୋସାଇଁ ଉତ୍ତର ଦ୍ୱାର ଗୁମୁଟ ବୈଠମ ହୋଇଥିଲା, ରାଜାଙ୍କ ଆଜ୍ଞାରେ ତୋଳାଇଲେ । ସ୍ନାନଯାତ୍ରାକୁ ବିଜେ ପହଣ୍ଡି ପଥର ବସାଇଲେ । ଏ ଉତ୍ତାରୁ ଖଟ ଶେଯ ଘର, ଶୟନ ଘର, ଫୁଲବଟା ଚାଙ୍ଗଡ଼ା ଘର ନୂଆ କରି କଲେ । ଡମଣ ସିଂହ ଦେଉଳ ଚାରିପାଖ ପଥର ବସାଇଲେ, ଚକଡ଼ା କଲେ । ଏ ରାଜାଙ୍କ ଗାତ୍ର ଶ୍ରୀଧର ପଟ୍ଟନାୟକ ବଟମୂଳରେ ସାନ ଦେଉଳ ଗୋଟିଏ କରି ପାଷାଣରେ ବାଳମୁକୁନ୍ଦଙ୍କୁ ବିଜେ କରାଇଲେ । ବର୍ଦ୍ଧମାନ କୀର୍ତ୍ତିଚନ୍ଦ୍ରମା ମାର୍କଣ୍ଡରେ ପଥର ବନ୍ଧାଇଲେ ।"

ବୀରକିଶୋର ଦେବ ମନ୍ଦିର ତୋଳାଇବା ସଂପର୍କରେ ଉଲ୍ଲେଖ ଥିବା ଶିଳାଲେଖ ମଧ୍ୟ ମିଳିଛି । ନିରବଛିନ୍ନ ଭାବେ ପାଖାପାଖି ଷାଠିଏ ବର୍ଷ



ବୀରକିଶୋର ଶାସନ ଗାଦିରେ ବସିଥିଲେ । ତାଙ୍କ ସମୟରେ ଐତିହ୍ୟର ପୁନରୁଦ୍ଧାର, ମନ୍ଦିର ନିର୍ମାଣ ସାଙ୍ଗକୁ ଓଡ଼ିଆ ସାହିତ୍ୟର ପ୍ରଭୂତ ଉନ୍ନତି ସାଧିତ ହୋଇଥିଲା । କବି ଦୟାଳୁ ଦାସ, କୃପାସିନ୍ଧୁ ଦାସ, ବନମାଳୀ ଦାସ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ପୀତାମ୍ବର ଦାସ, ରାମ ଦାସ, ମାଗୁଣି ପଟ୍ଟନାୟକ, ଲକ୍ଷ୍ମଣ ମିଶ୍ର, ଦୟା ଦାସ, ବିଶ୍ୱମ୍ଭର ଦାସ, ଭକ୍ତଚରଣ ଦାସ, ପିଣ୍ଡିକ ଶ୍ରୀଚନ୍ଦନଙ୍କ ଭଳି ସାହିତ୍ୟ ସାଧକମାନେ ରାଜକୃପା ପ୍ରାପ୍ତ ହୋଇ ଉଭୟ ସଂସ୍କୃତ ଓ ଓଡ଼ିଆ ଭାଷାରେ ଅନେକ ଅନବଦ୍ୟ ଗ୍ରନ୍ଥ ରଚନା କରିଥିଲେ । ସେମାନେ ସମସ୍ତେ ମୁକ୍ତ କଣ୍ଠରେ ଗଜପତିଙ୍କ ଶାସନର ସୁଗୁଣ ବର୍ଣ୍ଣନା କରିଛନ୍ତି ; ଅବଶ୍ୟ ଏହାକୁ ରାଜ-ଅନୁଗ୍ରହ ପ୍ରାପ୍ତ କବିମାନଙ୍କ କୃତଜ୍ଞତା ସୂଚକ ଭଣିତା ବୋଲି ମଧ ଆଖ୍ୟା ଦିଆଯାଇପାରେ । ଏହି ତାଲିକାରେ ଦୁଇଜଣ ଅତ୍ୟନ୍ତ ପ୍ରତିଭା ସମ୍ପନ୍ନ ସାଧକଙ୍କ ନାମ ନେବା ଅତ୍ୟନ୍ତ ଜରୁରୀ, ଯେଉଁମାନେ ନିଜର ସୃଷ୍ଟି ମାଧ୍ୟମରେ ଓଡ଼ିଆ ସାହିତ୍ୟକୁ ନୂଆ ଦିଶା ପ୍ରଦାନ କରିଥିଲେ ଏବଂ ନୂଆ ମୋଡ଼ ଆଣିଥିଲେ । ସେ ଦୁଇଜଣ ହେଉଛନ୍ତି - ବ୍ରଜନାଥ ବଡ଼ଜେନା ଓ ଅଭିମନ୍ୟୁ ସାମନ୍ତସିଂହାର ।

ଭାଗ୍ୟର ବିପର୍ଯ୍ୟୟ କାରଣରୁ ପାଗଳ ଓ ପୁତ୍ରହନ୍ତାର ଆଖ୍ୟା ପାଇ ବାରବାଟୀର କାଳକୋଠରୀରେ ମୃତ୍ୟୁ ପର୍ଯ୍ୟନ୍ତ ସଜା କାଟୁଥିବା ବୀରକିଶୋର ସବୁମତେ ଥିଲେ ଜଣେ ଦକ୍ଷ, ଲୋକପ୍ରିୟ, କଳା-ସଂସ୍କୃତିପ୍ରେମୀ ଶାସକ । ସେ ସମୟରେ ରଚିତ ପ୍ରାୟ ସବୁ କାବ୍ୟ-ଗ୍ରନ୍ଥରେ ତାଙ୍କ କୃତିତ୍ୱର ଉଲ୍ଲେଖ ରହିଛି, ଯାହାକୁ କେବଳ ଭଣିତା ମାତ୍ର କହି ଏଡ଼େଇ ଦେଇହେବନି । କାରଣ ଓଡ଼ିଶାର କୋଣ-ଅନୁକୋଣରେ ସାହିତ୍ୟ ସାଧନା କରୁଥିବା ସମସ୍ତଙ୍କୁ ଯେ ରାଜ-ଅନୁଗ୍ରହ ମିଳୁଥିଲା ସେମିତି ନୁହେଁ, ତା'ଛଡ଼ା କିଛି ସ୍ୱାଧୀନଚେତା ସାଧକ ମଧ ସ୍ୱେଚ୍ଛାରେ ବୀରକିଶୋରଙ୍କ ଶାସନର ପ୍ରଶଂସା କରିଛନ୍ତି । ଆଉ ଲୋକଙ୍କ ଭଲପାଇବା ଓ ସମର୍ଥନ ନଥିଲେ, ଜଣେ ଶାସକ ଏକାଦିକ୍ରମେ ଷାଠିଏ ବର୍ଷ କାଳ ଶାସନ କରିବା ଆଦୌ ସମ୍ଭବ ନୁହେଁ । ମରହଟ୍ଟାଙ୍କ ଷଣ୍ଢୁଆସି ଆକ୍ରମଣ, ଶାସନରୁ ଅଭାବିତ ବିତାଡ଼ନ, ମହାପ୍ରଭୁଙ୍କ ସେବା - ଅଧିକାରରୁ ଉଚ୍ଛେଦ - ଗୋଟିକ ପରେ ଗୋଟିଏ ଏଭଳି ଦୁଃସହ ପରିସ୍ଥିତି ଯେ ବୀରକିଶୋରଙ୍କ ମନସ୍ଥିତିକୁ ଦୋହଲେଇ ଦେଇଥିଲା, ଏଥିରେ ସଂଦେହ ନାହିଁ । ହେଲେ ଜଣେ କବି-ପ୍ରାଣ, ନିରୀହ ମଣିଷ ଯେ ହିତାହିତ ଜ୍ଞାନ ଭୁଲି ନିଜର ଜନ୍ମକଲା ପୁଅମାନଙ୍କୁ ହତ୍ୟା କରିବ, ଏହା ବିଶ୍ୱାସ କରିବା ସମ୍ଭବ ନୁହେଁ ।

**ହତ୍ୟା ରହସ୍ୟ:** ସତରେ କ'ଣ ବୀରକିଶୋର ନିଜ ପୁଅମାନଙ୍କୁ ହତ୍ୟା କରିଥିଲେ ? ଏ ସମ୍ପର୍କରେ କୌଣସି ପ୍ରାମାଣିକ ତଥ୍ୟ ଇତିହାସର ନଥିପତ୍ରରେ ଉଲ୍ଲେଖ ନାହିଁ । ସେ ପୁଅମାନଙ୍କ ନାଁ କ'ଣ, ସେମାନଙ୍କ ନାଁ କ'ଣ ଥିଲା, ଜଣ ଜଣ କରି ଚାରିଜଣଙ୍କୁ ଗୋଟିଏ ସମୟରେ ବୀରକିଶୋର ହତ୍ୟା କଲେ ନା ଭିନ୍ନ ଭିନ୍ନ ସମୟରେ ହତ୍ୟା କଲେ, ହତ୍ୟା ପରେ ପୁଅମାନଙ୍କ ମା'ଙ୍କର ପ୍ରତିକ୍ରିୟା କ'ଣ ଥିଲା, କି ପ୍ରକାର ପାରିବାରିକ ପରିସ୍ଥିତି ଉପୁଜିଲା - ଏ ସଂକ୍ରାନ୍ତରେ କୌଣସି ତଥ୍ୟ କେଉଁଠାରେ ବି ଲିପିବଦ୍ଧ ନାହିଁ ।

ବୀରକିଶୋରଙ୍କ ଦ୍ୱାରା ନିଜ ପୁତ୍ରମାନଙ୍କ ହତ୍ୟା ଏବେ ବି ରହସ୍ୟ ଘେରରେ ରହିଛି । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ଘଟିଥିବା ଏଭଳି ଏକ ଦାରୁଣ ହତ୍ୟାକାଣ୍ଡର କୌଣସି ସବିଶେଷ ବିବରଣୀ କିଭଳି କେଉଁଠି ବି ଲିପିବଦ୍ଧ ନାହିଁ ? ଗଜପତିଙ୍କ ଶାସନକାଳରେ ଘଟୁଥିବା ପ୍ରତି ଘଟଣା-ଦୁର୍ଘଟଣା ଟିକିନିଖି ବିବରଣୀ ରଖୁଥିବା ମାଦଳାପାଞ୍ଜିରେ ମଧ ଏହାର କୌଣସି ଉଲ୍ଲେଖ ନାହିଁ । ଅଥଚ, ସେହି ମାଦଳା ପାଞ୍ଜିରେ ବୀରକିଶୋରଙ୍କ ମନ୍ଦିର ପୁନରୁଦ୍ଧାର ସଂକ୍ରାନ୍ତୀୟ କୃତିର ବିବରଣୀ ରହିଛି । ଅବଶ୍ୟ ମାଦଳା ପାଞ୍ଜିରେ ବୀରକିଶୋରଙ୍କ ପାଗଳାମି ସଂପର୍କରେ ସଂକ୍ଷିପ୍ତ ଉଲ୍ଲେଖ ରହିଛି, କିନ୍ତୁ ସେ ନିଜ ପୁତ୍ରମାନଙ୍କୁ ହତ୍ୟା କରିଥିବା ସମ୍ବନ୍ଧରେ ସାମାନ୍ୟତମ ସୂଚନା ନାହିଁ । ଏହା କିଭଳି ସମ୍ଭବ ? ? କୌଣସି ଅଦୃଶ୍ୟ ଶକ୍ତିର ଚାପ ଓ ତାଡ଼ନାରେ କ'ଣ ପାଞ୍ଜିକାର ଜାଣିଶୁଣି ଏ ବିଷୟରେ ଉଲ୍ଲେଖ କରିନାହାନ୍ତି ! କାରଣ ମାଦଳା ପାଞ୍ଜିରେ ଆଗରୁ ପ୍ରତାପରୁଦ୍ର ଦେବଙ୍କ ଦୁଇ ନାବାଳକ ପୁଅଙ୍କୁ ଗୋବିନ୍ଦ

ଭୁବନେଶ୍ୱର ମହାନଗର ନିଗମ

ତା.୩୧.୦୮.୨୦୨୨

ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ

ଭୁବନେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛୁ

"ଆସନ୍ତୁ ପରସ୍ପର ସହଯୋଗରେ ଆମ ଭୁବନେଶ୍ୱରର ପ୍ରଗତିକୁ ଆଗେଇ ନେବା

ଭୁବନେଶ୍ୱର ମହାନଗର ନିଗମର ମୂଳମନ୍ତ୍ର:- ସହଭାଗିତା ମାଧ୍ୟମରେ ପ୍ରଗତି

ମେୟର, ଡେପୁଟି ମେୟର, କମିଶନର, କର୍ପୋରେଟର ଓ ନିଗମ କର୍ମଚାରୀ ବୃନ୍ଦ

ଭୁବନେଶ୍ୱର ମହାନଗର ନିଗମ

ବିଦ୍ୟାଧର ନିର୍ମମ ଭାବରେ ହତ୍ୟା କରିଥିବା ସଂପର୍କରେ ଉଲ୍ଲେଖ ଅଛି, ଏମିତି ଆହୁରି କେତେ କେତେ ହତ୍ୟାକାଣ୍ଡ, ବିଶ୍ୱାସଘାତକତା ଓ ଷଡ଼ଯନ୍ତ୍ରର କାହାଣୀ ମଧ୍ୟ ଲିପିବଦ୍ଧ ହୋଇଛି । କିନ୍ତୁ ପିତାଙ୍କ ଦ୍ୱାରା ପୁଅଙ୍କ ଏଭଳି ଜଘନ୍ୟ ହତ୍ୟାକାଣ୍ଡ କିପରି ପାଞ୍ଜିକାରଙ୍କ ଦୃଷ୍ଟିରୁ ବାଦ୍ ପଡ଼ିଲା ।

ସତରେ କ'ଣ ହତ୍ୟାକାଣ୍ଡ ଘଟିଥିଲା ? ନା ଏଭଳି ଏକ ହତ୍ୟାକାଣ୍ଡର କାହାଣୀକୁ ଜନ୍ମଦେବା ପଛରେ ରହିଥିଲା ରାଜପଦକୁ ନେଇ କୌଣସି କୁଚକ୍ରୀର ଷଡ଼ଯନ୍ତ୍ର । ଖୋଦ୍ ବୀରକିଶୋର ଦେବ ଗଜପତି ଗାଦିରେ ବସିବା ବିବାଦରୁ ଉର୍ଦ୍ଧ୍ୱରେ ନଥିଲା । ରାମଚନ୍ଦ୍ର ଦେବଙ୍କ ଦ୍ୱିତୀୟ ରାଣୀ ଲଳିତା ଦେବୀଙ୍କ କୋଳରୁ ଜାତ ଭାଗୀରଥୀ କୁମାରଙ୍କୁ ମୋଗଲ ନାଏବ ନାଜିମ୍ ତକି ଖାଁ ବାପାଙ୍କ ସ୍ଥାନରେ ଗଜପତି ଆସନରେ ବସେଇଥିଲେ, ଯିଏ କି ପରବର୍ତ୍ତୀ ସମୟରେ ବୀରକିଶୋର ଦେବ ନାମ ଧାରଣ କରିଥିଲେ । ସ୍ୱାଭାବିକ ଭାବରେ ଏ ନେଇ ରାମଚନ୍ଦ୍ର ଦେବଙ୍କ ପ୍ରଥମ ଓ ପ୍ରଧାନ ରାଣୀ କଳାବତୀ ଦେବୀଙ୍କ ତିନି ପୁତ୍ର – କୃଷ୍ଣରାୟ ଜେନା, ମୁକୁନ୍ଦ କୁମାର ଓ ମଧୁସୂଦନ କୁମାର ପ୍ରଚଣ୍ଡ ଭାବରେ କ୍ଷୁବ୍ଧ ହୋଇଥିବେ ଏବଂ ପ୍ରତିଶୋଧର ନିଆଁରେ ଜଳିଥିବେ ନିଶ୍ଚୟ । ଆଇନ୍ ଓ ପରମ୍ପରା ଦୃଷ୍ଟିରୁ ରାମଚନ୍ଦ୍ର ଦେବଙ୍କ ପ୍ରଥମ ପତ୍ନୀଙ୍କ ପ୍ରଥମ ସନ୍ତାନ କୃଷ୍ଣରାୟ ଜେନା ହିଁ ବାପାଙ୍କ ପରେ ଶାସନ ଗାଦିରେ ବସିବା କଥା । କିନ୍ତୁ ତାଙ୍କ ଦାବୀ ପ୍ରତ୍ୟାଖ୍ୟାତ ହେବା ପରେ ସେ ହିଁ ବୀରକିଶୋରଙ୍କ ଚାରିପୁତ୍ରଙ୍କୁ ହତ୍ୟା କରି, ଏହାର ଦୋଷ ସେତେବେଳକୁ ପାଗଳ ହୋଇ ସାରିଥିବା ବୀରକିଶୋରଙ୍କ ମୁଣ୍ଡରେ ଲଦି ଦେଇ ନଥିଲେ ତ ? ଏ ହତ୍ୟା ଷଡ଼ଯନ୍ତ୍ରରେ କ୍ଷମତାରୁ ବଂଚିତ କୃଷ୍ଣରାୟଙ୍କ ଅନ୍ୟ ଦୁଇ ଭାଇଙ୍କ ପ୍ରତ୍ୟକ୍ଷ ଓ ପ୍ରଚ୍ଛନ୍ନ ସହଯୋଗ ଥିଲା କି ? ଏ ଷଡ଼ଯନ୍ତ୍ରରେ ରାଜ ପରିବାରର କିଛି ପ୍ରମୁଖ ସଦସ୍ୟ ଓ ସେବାୟତମାନଙ୍କ ଭୂମିକା ଥିଲା କି ?

ଏମିତି ବି ହୋଇପାରେ ମାନସିକ ଭାରସାମ୍ୟ ହରେଇ ବସିଥିବା ବୀରକିଶୋରଙ୍କୁ ପୁତ୍ରହନ୍ତା ଭାବରେ ବଦନାମ କରି ଶ୍ରୀମନ୍ଦିରର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ନିଜ ହାତକୁ ନେବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ମରହଟ୍ଟାମାନେ ହିଁ ଏଭଳି ଘୃଣ୍ୟ ଷଡ଼ଯନ୍ତ୍ର ରଚିଥିବେ । କାରଣ ପାଖାପାଖି ଷାଠିଏ ବର୍ଷ ଧରି ଦକ୍ଷତାର ସହ ଶାସନ କରିଥିବା ବୀରକିଶୋରଙ୍କୁ ଜନମାନସରେ ଲାଞ୍ଛିତ ଓ ଅପମାନିତ କରିବା ଭିନ୍ନ, ଶ୍ରୀମନ୍ଦିରର ସେବା-ଅଧିକାରରୁ ତାଙ୍କୁ ବଂଚିତ କରିବାର ଅନ୍ୟ କୌଣସି ଉପାୟ ଦିଶିନଥିବ ମରହଟ୍ଟାଙ୍କୁ । ରାଜ ପରିବାରର କିଛି ସଦସ୍ୟ ଓ ଶ୍ରୀମନ୍ଦିରର କିଛି ସେବାୟତଙ୍କୁ କିଛି ଶହ ରୂପା ଟଙ୍କା ଦେଇ ପାଗଳ ବୀର କିଶୋରଙ୍କୁ ନିଜ ପୁତ୍ରମାନଙ୍କ ହତ୍ୟାକାରୀ ଭାବରେ ଚିତ୍ରିତ କରିବାଟା ସେତେ ବେଶି କଷ୍ଟ ହୋଇନଥିବ ମରହଟ୍ଟାଙ୍କ ପକ୍ଷରେ ।

ମାତ୍ର ଅଢ଼େଇ ଶହ ବର୍ଷ ତଳର ଘଟଣା । ଗଜପତି ପରିବାରର ଚାରି ଚାରି ଜଣ ତରୁଣ ରାଜପୁତ୍ରଙ୍କୁ ହତ୍ୟା କରାଗଲା । ଅଥଚ କିଏ ହତ୍ୟା କଲା, କେହି ଜାଣନ୍ତିନି । ପାଞ୍ଜି, ନଥିପତ୍ରରେ ଉତ୍ତର ନାହିଁ । ଇତିହାସ ନୀରବ । ଆମେ ଥରୁଟେ ବି ଇତିହାସର ସେ ଅନ୍ଧାରି ଗୁହା ଭିତରେ ପଶି ସତ୍ୟ ଖୋଜିବାକୁ ଚେଷ୍ଟା କରିନେ । ଯାହା କିଛି ଲେଖା ହୋଇଛି, ବା ଯାହା କିଛି ଲେଖା ହୋଇନି, ସବୁକିଛିକୁ ମୁଣ୍ଡ ପାତି ମାନି ନେଇଛୁ ।

ସେଥିପାଇଁ ତ ଆଜି ବି ଆମେ ଖୋଜି ବୁଲୁଛୁ ଆମ ନିଜ ପରିଚୟ !!



# ହସଖୁସିର ପରିବାର - ୩୩

**ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।**

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

### ସମସ୍ୟା: ୧

ମୋର ସ୍ୱାମୀ ବ୍ୟବସାୟ କରନ୍ତି । ଆମର ନିଜର ହୋଟେଲ ଅଛି । ମୁଁ କିନ୍ତୁ ଜଣେ ଗୃହିଣୀ । ମୋର ଆଠ ବର୍ଷର ପୁଅଟିଏ ଅଛି ।  ଆମେ ସମସ୍ତେ ଭୁବନେଶ୍ୱରରେ ରହୁଛୁ । ମୋର ସ୍ୱାମୀ ହୋଟେଲ୍ ବ୍ୟବସାୟ ପ୍ରଥମେ ଜଣେ ସାଙ୍ଗ ସହିତ ମିଶି କରୁଥିଲେ । କିନ୍ତୁ କିଛିଦିନ ପରେ ଦୁହେଁ ଅଲଗା ହୋଇଗଲେ । ଏବେ ସେ ଏକୁଟିଆ ହୋଟେଲଟି ଚଳାଉଛନ୍ତି । ଏକୁଟିଆ ସବୁକିଛି ବୁଝାବୁଝି କରୁଥିବାରୁ ବ୍ୟବସାୟରେ ସେତେ ଉନ୍ନତି ହେଉନାହିଁ । ବେଳେବେଳେ ଭଲ ରୋଜଗାର ହେଉଛି ତ ଆଉ କେତେବେଳେ ସେପରି ରୋଜଗାର ହେଉନାହିଁ । ଅନେକ ସମୟରେ ଏକୁଟିଆ କାମକରି ଥକି ପଡୁଛନ୍ତି । ତାଙ୍କର ମନ ଭାଙ୍ଗି ପଡୁଛି । ସବୁବେଳେ ମନଦୁଃଖରେ ରହୁଛନ୍ତି । କିନ୍ତୁ ହଠାତ ମୁଁ ଲକ୍ଷ୍ୟ କଲି ଯେ ସେ ଏବେ କିଛି ମନ୍ଦବୁଦ୍ଧିର ଲୋକଙ୍କ ସହିତ ମିଶୁଛନ୍ତି । ସେମାନଙ୍କ ସହିତ ମିଶିବା ପରଠାରୁ ମଦପିଇବା ଆରମ୍ଭ କରିଛନ୍ତି । ଫଳରେ ବ୍ୟବସାୟରେ ଆହୁରି କ୍ଷତି ହେଉଛି । ମୁଁ ଯେତେ ବୁଝାଇଲେ ବି ଫଳ କିଛି ହେଉନାହିଁ । ସେ ବୁଝୁନାହାନ୍ତି କିମ୍ବା ମଦ ପିଇବା ଛାଡୁ ନାହାଁନ୍ତି । ବେଶୀ କହିଲେ ପାଟିତୁଣ୍ଡ କରି ମୋତେ ଗାଳି କରୁଛନ୍ତି । ଏପରିକି ଆତ୍ମହତ୍ୟା କରିଦେବେ ବୋଲି ଧମକ ଦେଉଛନ୍ତି । ଏସବୁ ଦେଖି ପୁଅ ବି ଡରି ଯାଉଛି । ତାଙ୍କୁ ବୁଝାଇବା ପାଇଁ ଆଉ କେହି ନାହାନ୍ତି । ମୁଁ କଣ କରିଲେ ମୋର ସଂସାର ଠିକ୍ ଭାବେ ଚାଲିବ ଟିକେ ବାଟ ବତାନ୍ତୁ ।

**ଲକ୍ଷ୍ମୀପ୍ରିୟା ବେହେରା, ଭୁବନେଶ୍ୱର**

### ସମାଧାନର ସୂତ୍ର

ଏପରି ପରିସ୍ଥିତିରେ ଆପଣ ଜମା ବି ଭାଙ୍ଗିପଡନ୍ତୁ ନାହିଁ ଅବା ବିଚଳିତ ହୁଅନ୍ତୁ ନାହିଁ । ଏହିପରି ଘଟଣା ଅନେକ ପରିବାରରେ ଘଟୁଛି । ସମସ୍ତେ ସୁଖଶାନ୍ତିରେ ବଂଚିବା ପାଇଁ ଚାହିଁଲେ ବି ସମସ୍ତଙ୍କୁ ତାହା ସହଜରେ ମିଳି ନ ଥାଏ ।


ଦେବେନ୍ଦ୍ରଙ୍କ ହସଖୁସିର



**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।
www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଲୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

ଏହିପରି ସମସ୍ୟା ଏବେ ଆସିଛି । ଆପଣ ଏଥିପାଇଁ ସ୍ୱାମୀଙ୍କୁ ଦୋଷ ଦିଅନ୍ତୁ ନାହିଁ କିମ୍ବା ଭାଗ୍ୟ ଖରାପ ବୋଲି ଭାବି ଧୈର୍ଯ୍ୟହରା ହୁଅନ୍ତୁ ନାହିଁ । ଏବେ ତାଙ୍କୁ ବାଟକୁ ଆଣିବା ଦାୟିତ୍ୱ ଆପଣଙ୍କର । ଆପଣଙ୍କର ପ୍ରଥମ କାମ ହେଉଛି ତାଙ୍କୁ କୌଣସି ପରିସ୍ଥିତିରେ ଦୋଷ ଦେବେ ନାହିଁ କିମ୍ବା ତାଙ୍କ ପ୍ରତି ମନରେ ଅସନ୍ତୋଷ ପ୍ରକାଶ କରିବେ ନାହିଁ । ତାଙ୍କୁ ଉପଦେଶ ନ ଦେଇ ବରଂ ଏ ସବୁର ପ୍ରକୃତ କାରଣ ଖୋଜି ତାହାର ସଠିକ୍ ସମାଧାନର ବାଟ ବତାଇଲେ ହିଁ ସେ ଉପକୃତ ହେବେ । ଏଣୁ ଆପଣ ସ୍ୱାମୀଙ୍କୁ ବୁଝାଇବା ପରିବର୍ତ୍ତେ ନିଜେ ସ୍ୱାମୀଙ୍କର ପରିସ୍ଥିତିକୁ ବୁଝିବା ପାଇଁ ଚେଷ୍ଟା କରିବା ଉଚିତ୍ । ତାଙ୍କ ସହିତ ହସିହସି କଥା ହୋଇ ତାଙ୍କୁ ମାନସିକ ଦମ୍ଭଦେବା ସହିତ ଏଭଳି ପରିସ୍ଥିତିର ପ୍ରକୃତ କାରଣଟା ବୁଝିବାକୁ ଚେଷ୍ଟା କରିବା ଦରକାର । ଆପଣଙ୍କ ମନରେ ତାଙ୍କ ପ୍ରତି କେବେ କିଛି ବିରକ୍ତିଭାବ ଅବା ଅସନ୍ତୋଷ ନାହିଁ ବୋଲି ତାଙ୍କୁ ବୁଝାଇବାକୁ ଚେଷ୍ଟା କରନ୍ତୁ । ତା ଦ୍ୱାରା ସେ ଆଦୌ ଭାଙ୍ଗି ପଡିବେ ନାହିଁ । ଏଭଳି ପରିବେଶଟିଏ ସୃଷ୍ଟି କରନ୍ତୁ ଯେପରି ସେ ଧୀରେ ଧୀରେ ନିଜ ମନକଥା ଆପଣଙ୍କୁ ଖୋଲି କରି କହିବେ । ଆପଣଙ୍କର କଥା ଓ କାମରେ ପ୍ରମାଣ ହେବା ଦରକାର ଯେ ଆପଣ ପ୍ରକୃତରେ ତାଙ୍କ ସୁଖ ଦୁଃଖର ସାଥୀ । ଏହାଛଡା ତାଙ୍କ ହୋଟେଲ ବ୍ୟବସାୟରେ ଆପଣ ଯଦି କିଛି ସାହାଯ୍ୟ କରିପାରିବେ ତେବେ ଆହୁରି ଭଲ ହେବ । ସେଥିପାଇଁ ଆପଣ ତାଙ୍କୁ ନିଜଆଡୁ ପ୍ରସ୍ତାବ ଦିଅନ୍ତୁ । ମୁଁ ଭାବୁଛି ଏଥିରେ ସେ ନିଶ୍ଚୟ ଖୁସି ହେବେ । ସେ ଘରକୁ ଆସିବା ପରେ ତାଙ୍କ ସହିତ ହସିହସି କଥାହେଇ ଏକ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି କରନ୍ତୁ ।

## ସମସ୍ୟା: ୨

ମୁଁ ଜଣେ ଗୃହିଣୀ । ମୋର ସ୍ୱାମୀ ସରକାରୀ ଚାକିରୀ କରୁଛନ୍ତି । ଆମର ଦୁଇଟି ପିଲା । ପୁଅ ବଡ଼ ଓ ଝିଅ ସାନ । ମୋର ସ୍ୱାମୀ ତାଙ୍କ ଚାକିରି ଯାଗାରେ ରୁହନ୍ତି । କିନ୍ତୁ ସେଠାରେ ପିଲାମାନଙ୍କ ପାଠ ପଢ଼ାର ସୁବିଧା ନ ଥିବାରୁ ମୁଁ ପିଲାମାନଙ୍କୁ ଧରି ଭୁବନେଶ୍ୱରରେ ଘର ଭଡ଼ା ନେଇ ରହୁଛି । ମୋ ସ୍ୱାମୀ ମାସେ ବା ଦୁଇ ମାସରେ ଥରେ ଘରକୁ ଆସନ୍ତି । ମୋର ପୁଅକୁ ୧୪ ବର୍ଷ ବୟସ, ସେ ଅଷ୍ଟମ ଶ୍ରେଣୀରେ ପଢୁଛି ଓ ଝିଅକୁ ୯ ବର୍ଷ ବୟସ, ସେ ୪ର୍ଥ ଶ୍ରେଣୀରେ ପଢୁଛି । ଝିଅ ପାଠ ବହୁତ ଭଲ ପଢ଼ିବା ସହିତ ଖେଳକୁଦ ଇତ୍ୟାଦିରେ ମଧ୍ୟ ବହୁତ ଭଲ । ହେଲେ ମୋର ସବୁ ଚିନ୍ତା ପୁଅ ପାଇଁ । ପୁଅ ଆଗରୁ ବହୁତ ଭଲ ପାଠ ପଢୁଥିଲା । ଏବେ କିନ୍ତୁ ଆଉ ପାଠରେ ମନ ଦେଉନି । ଏପରିକି ସ୍କୁଲ ଯିବାକୁ ମଧ୍ୟ ଇଚ୍ଛା ପ୍ରକାଶ କରୁନି । ତାର ବାପା ଘରକୁ ଆସିବା ସିଏ ପସନ୍ଦ କରୁନି । ସାନ ଭଉଣୀକୁ ମଧ୍ୟ ଭଲ ପାଉନି । କୁଆଡ଼େ ଯିବାକୁ ଇଚ୍ଛା ପ୍ରକାଶ କରୁନି । ସିଏ ପିଲା ବେଳଠୁ ମୋ ସହିତ ବହୁତ ଖୋଲାଖୋଲି ସବୁ କଥା ଆଲୋଚନା କରେ, ଠିକ ଗୋଟେ ସାଙ୍ଗ ପରି । କିନ୍ତୁ ଏବେ ବହୁତ ସମୟ ଚୁପଚାପ କବାଟ ବନ୍ଦ କରି ଶୋଇ ରହୁଛି । ମୁଁ ଜାଣି ପାରୁନି କଣ କରିବି ।

**ପ୍ରିୟା ପ୍ରିୟଦର୍ଶିନୀ,** ଭୁବନେଶ୍ୱର

## ସମାଧାନର ସୂତ୍ର

ଆପଣ ଲେଖିଛନ୍ତି ଯେ ପୁଅର ବାପାଙ୍କ ପ୍ରତି ଆପଣାର ଭାବ ନାହିଁ । ସମ୍ମାନ ନାହିଁ ବୋଲି କହିଲେ ଚଳିବ । ନିଜ ସାନ ଭଉଣୀକୁ ବି ସେ ଭଲ ପାଉନାହିଁ । କିନ୍ତୁ ଆପଣଙ୍କ ସହିତ ତାର ଭଲ ସଂପର୍କ । ଏହାକୁ ଆମେ ହାଲକା ଭାବରେ ନେଇ ପାରିବା ନାହିଁ । ପୁଅର ବ୍ୟବହାର ବିଷୟରେ ଆପଣ ଯାହା ଲେଖିଛନ୍ତି ସେଥିରୁ ଜଣା ପଡୁଛି ଯେ ଅତୀତରେ ସେଭଳି କିଛି ଘଟଣା ଘଟିଛି, ଯେଉଁଥିପାଇଁ ପୁଅ ଏପରି ବ୍ୟବହାର କରୁଛି । ପୁଅର ଏପରି ଜଟିଳ ବ୍ୟବହାର ରାତାରାତି ହେଇନାହିଁ । ଗୋଟିଏ ୧୪ବର୍ଷ ବୟସର ପିଲାର ବ୍ୟବହାର ଏପରି ହେବା କଥାନୁହେଁ । ଯେହେତୁ ତାର ଆପଣଙ୍କ ପ୍ରତି ଭଲ ବ୍ୟବହାର ରହିଛି ତେଣୁ ଆପଣ ହିଁ ତାର ମନକୁ ଭଲରେ ଅନୁଧ୍ୟାନ କରି ପାରିବେ । କେଉଁ କାରଣ ଯୋଗୁଁ ବାପା ଓ ଭଉଣୀଙ୍କ ପ୍ରତି ତାର ବ୍ୟବହାର ଏପରି ଖରାପ ହୋଇଛି ତାହା ଆପଣ ଚେଷ୍ଟା କଲେ ହିଁ ଜାଣି ପାରିବେ । ନିଶ୍ଚିତରୂପେ ଅତୀତରେ ତାର ମନରେ ସେପରି କିଛି ଆଘାତ ଲାଗିଛି । ସେଥିପାଇଁ ସେ ପାଠ ପଢ଼ାରେ ମନ ଦେଉନି ଅବା ସ୍କୁଲକୁ ଯିବାକୁ ଇଚ୍ଛା ପ୍ରକାଶ କରୁନି । ଆପଣଙ୍କୁ ଏ ବିଷୟରେ ତାର ସ୍କୁଲର ସାଙ୍ଗସାଥି ତଥା ଶିକ୍ଷକମାନଙ୍କୁ ପଚାରି ବୁଝିବାକୁ ହେବ । ଟିକେ ଧୈର୍ଯ୍ୟ ରଖି ସକାରାତ୍ମକ ମନୋଭାବରେ ଅନୁଧ୍ୟାନ କରନ୍ତୁ । ଧୀରେ ଧୀରେ ସବୁ କିଛି ସଠିକ କାରଣ ଜଣାପଡ଼ିବ । ବର୍ତ୍ତମାନ ପରିସ୍ଥିତିରେ ଆପଣଙ୍କ ସ୍ୱାମୀ ନିଜ ପିଲାମାନଙ୍କ ସହିତ ସ୍ନେହଶ୍ରଦ୍ଧାର ଭାବ ରଖି କଥାହେବା ଦରକାର । ଏଭଳି ପରିବେଶ ସୃଷ୍ଟି କରିବା ଦରକାର ଯାହାଦ୍ୱାରା ପୁଅ ଅନୁଭବ କରିବ ଯେ ବାପାଙ୍କର ବ୍ୟବହାରରେ ପରିବର୍ତ୍ତନ ହେଇଛି । କୌଣସି ପରିସ୍ଥିତିରେ ବି ତାକୁ ତାର ସାନ ଭଉଣୀ ସହିତ ତୁଳନା କରିବେ ନାହିଁ । ଆପଣଙ୍କର ସଂପର୍କୀୟମାନଙ୍କ ପାଖରେ ତା ବିଷୟରେ କୌଣସି ଆଲୋଚନା କରିବେ ନାହିଁ । ଏହି କ୍ଷେତ୍ରରେ ଆପଣଙ୍କ ଚେଷ୍ଟା ହିଁ ସଫଳତା ଆଣିବ ।


ଅଙ୍କିତା କୁମାରଙ୍କ ହସଖୁସିର ପରିବାର

# ଶରୀର ଚର୍ଚ୍ଚା



# ବଡ଼ି ପୋଲିସିଂ ଓ ବଡି ସ୍ପା





ଆଜିକାଲି ମହିଳାଙ୍କ ବ୍ୟସ୍ତ ବହୁଳ ଜୀବନର କର୍ମକ୍ଳାନ୍ତିକୁ ଦୂର କରିବା ସହ ପୁରା ଶରୀରର ଯତ୍ନ ନେବା ପାଇଁ ମଝିରେ ମଝିରେ ବଡ଼ି ପୋଲିସିଂ କରେଇ ନେବା ଏକ ଉତ୍ତମ ଉପାୟ । ବାହା ହେବା ପୂର୍ବରୁ ଝିଅଟିଏ ପାଇଁ ବି ସମଗ୍ର ଶରୀରର ସୁନ୍ଦରତାକୁ ବୃଦ୍ଧି କରେଇବାରେ ବେଶ୍ ସହାୟକ ହୁଏ ଏଇ ପଦ୍ଧତି । ବଡ଼ି ପେଲିସିଂ, ବଡି ସ୍ପା ବିଭିନ୍ନ ପଦ୍ଧତିରେ ହୁଏ, ଯେମିତି ଘରୋଇ ଉପଚାର ହର୍ବାଲ୍ ସାମଗ୍ରୀକୁ ନେଇ, କେବେ ପୁଣି ନୂତନ ସ୍ପା ପଦ୍ଧତିକୁ ନେଇ, ପୁଣି ଆୟୁର୍ବେଦରେ ବିଭିନ୍ନ ରୋଗ ଦୂର କରିବା ସହ ସୁନ୍ଦରତାକୁ ବଜାୟ ରଖିବାରେ ବେଶ୍ ସହାୟକ ହୁଏ । ତେବେ ଆଜି ଆମେ ଚର୍ଚ୍ଚା କରିବା ଏକ ସାଧାରଣ ବଡି ପୋଲିସଂ ଆଉ ସ୍ପା ବିଷୟରେ । ଆମେ ଅଧିକ ଫେୟାରନେସ୍ ଏବଂ ଗ୍ଲୋ ପାଇଁ, ରିଂକିଲ୍ ଫ୍ରି ସ୍କିନ୍ ପାଇଁ ଯେମିତି ଫେସିଆଲ୍ କରୁଛୁ, ସେମିତି ଆମେ ଫୁଲ୍ ବଡ଼ି ପୋଲସିଂ ଆଉ ସ୍ପା କରେଇ ପାରିବା । ସମଗ୍ର ଶରୀରରେ ଫୁର୍ତ୍ତି ଆଣିବା, ତ୍ୱଚାର ସୁନ୍ଦରତାକୁ ବୃଦ୍ଧି କରିବା ପାଇଁ ଏହା ଏକ ଖୁବ୍ ଉପାଦେୟ ପଦ୍ଧତି । ଫୁଲ୍ ବଡ଼ି ପୋଲିସିଂ ପାଇଁ ସ୍ୱତନ୍ତ୍ର କିଟ୍ ଆସେ । ତାକୁ ନେଇ ପୋଲିସିଂ କରେଇ ନେବା ଭଲ । ବଡି ପୋଲିସିଂ କରେଇବା ଆଗରୁ ପେଡ଼ିକିଓର, ମେନିକିଓର୍ କରେଇ ନେବା ଠିକ୍ ରହିବ । ଏବେ ଯିବା ପଦ୍ଧତି ଆଡ଼କୁ ।

## ପଦ୍ଧତି

୧. ପ୍ରଥମେ ଶରୀରର ବିଭିନ୍ନ ଅଙ୍ଗକୁ ଭଲରେ ପାଞ୍ଚରୁ ସାତ ମିନିଟ୍ ଯାଏଁ କ୍ଲିଞ୍ଜିଙ୍ଗ୍ କରେଇ ନେବା ।

୨. ତାପରେ ସେମିତି ପାଞ୍ଚରୁ ସାତ ମିନିଟ୍ ଯାଏଁ ସ୍କ୍ରବ୍ କରେଇ ନେବା । ମୁହଁର ତ୍ୱଚା ପତଳା ଆଉ ସମ୍ବେଦନଶୀଳ । ତେଣୁ ଆମେ ତାକୁ ଆଙ୍ଗୁଠି ସାହାଯ୍ୟରେ ହାଲ୍କା ସ୍କ୍ରବ୍ ଦୁଇରୁ ତିନି ମିନଟ୍ ଯାଏଁ କରାଉ, କିନ୍ତୁ ଶରୀରରେ ପାଞ୍ଚରୁ ସାତ ମିନିଟ୍ ଯାଏଁ ହାତ ପାପୁଲି ଦେଇ ଟିକେ ଅଧିକ ଜୋର୍‌ରେ ବି କରେଇ ପାରିବା । ତାକୁ ଓଦା ତଉଲିଆ ଦେଇ ପୋଛିନେବା ।

୩. ଯଦି ତ୍ୱଚା ଖରାର ପ୍ରଭାବରେ କଳା ପଡ଼ି ଯାଇଛି ତେବେ ଡିଟେନ୍ ପେକ୍ ଲଗେଇ ଦଶ ମିନିଟ୍ ପରେ ସଫା କରେଇ ନେବା ।

୪. ଏବେ ବଡ଼ି ମସାଜ୍ କରେଇ ନେବା ପନ୍ଦରରୁ କୋଡ଼ିଏ ମିନିଟ୍ ଲେଖାଏଁ ଶରୀରର ବିଭିନ୍ନ ଅଂଶରେ । ଅଭିଜ୍ଞ ମସାଜରଙ୍କ ଠୁ କରେଇନେବା ଭଲ ଯିଏ ଶରୀରରେ ଠିକ୍ ପଏଣ୍ଟରେ ପ୍ରେସର୍ ଦେଇ ମସାଜ୍ କରୁଥିବେ ।

୫. ତାପରେ ଗରମ ପାଣିରେ ତଉଲିଆକୁ ଭିଜେଇ ସମଗ୍ର ଶରୀରରେ ସ୍ପା କିମ୍ବା ଫେସିଆଲ୍ ସ୍ପା ଦେଇ ବି କରେଇ ପାରିବା । ଭଲରେ ସାରା ଶରୀରକୁ ପୋଛି ଆଣିବା ।

୬. ଶେଷରେ ଭଲ ଏରୋମା ଓଏଲ୍ ଦେଇ ସମଗ୍ର ଶରୀରକୁ ମସାଜ୍ କରେଇ ନେବା ପରେ ଆମେ ଅଧିକାରିଣୀ ହେଇଯିବା ଏକ ସୁନ୍ଦର ସ୍ୱସ୍ଥ୍ ତ୍ୱଚାର । ସାରାଦିନର କ୍ଳାନ୍ତି ଦୂର ହେବା ସାଙ୍ଗେ ସାଙ୍ଗେ ଆଗାମୀ କାର୍ଯ୍ୟ ପାଇଁ ବି ଫୁର୍ତ୍ତି ଆସିଯିବ ଦେହ ଓ ମନରେ ।

**ସସ୍ମିତା ମେହେର୍**
ବିୟୁଟିସିଆନ: ସମ୍ପୂର୍ଣ୍ଣା ବିଉଟି ପାର୍ଲର
ହାଉସ ନଂ-୬୫, ବିବେକାନନ୍ଦ ନଗର,
ସୋନପୁର, ସୁବର୍ଣ୍ଣପୁର-୭୬୭୦୧୭,
ଫୋନ:୯୪୩୭୯୭୭୩୮୭



# ସ୍ୱାସ୍ଥ୍ୟକର ବ୍ୟଞ୍ଜନ



# ଓଟ୍‌ସ୍ ଚିଲା/ଦୋସା



**ରଷିକା ରୁଚିରମ୍ୟା**
ଶ୍ରୀସ୍ୱସ୍ତିକ ଆପାର୍ଟମେଣ୍ଟ୍,
ଫ୍ଲାଟ୍ ନଂ-୨୦୪,ବୈଦ୍ୟନାଥନଗର, ସେଲ୍ସ ଟ୍ୟାକ୍ସ
ଅଫିସ୍ ସ୍କୋୟାର୍, ବ୍ରହ୍ମପୁର-୭୬୦୦୧୦
ଫୋନ:୯୦୭୮୪୪୧୭୧୧

**ଆମ ରୋଷେଇଶାଳରେ ଆମେ ଯୋଡ଼ିଛୁ ଆଉ ଏକ ଉପାଦେୟ ପୃଷ୍ଠା: 'ହେଲ୍‌ଦି ଖାଦ୍ୟ' । ଏହାକୁ ଆମ ପାଇଁ ପ୍ରସ୍ତୁତ କରୁଛନ୍ତି ଖାଦ୍ୟ ବିଶେଷଜ୍ଞା ରଷିକା ରୁଚିରମ୍ୟା । ପ୍ରତିଥର ନୂଆ ନୂଆ ସ୍ୱାସ୍ଥ୍ୟ ପାଇଁ ହିତକର ଖାଦ୍ୟ ସମ୍ପର୍କରେ ସେ ଆଲୋଚନା କରିବା ସହ ତାର ଉପାଦେୟତା ବିଷୟରେ ଅବଗତ କରାଇବେ ।**



## ଓଟ୍‌ସ୍ ଚିଲା ବା ଦୋସା

**ଆବଶ୍ୟକ ସାମଗ୍ରୀ :** ରୋଲ୍‌ଡ୍ ଓଟ୍‌ସ୍ ବା ନର୍ମାଲ ଓଟ୍‌ସ୍- ୧କପ୍, କଞ୍ଚାଲଙ୍କା -୧/୨, ଅଦା - ଇଞ୍ଚ, ପିଆଜ-୧ଟା (ମଧ୍ୟମ ସାଇଜ୍‌ର), ଜିରାଗୁଣ୍ଡ-୧ଟା ଚାମଚ, ମେଥି-୧ ଚାହା ଚାମଚ, ଲୁଣ- ଆବଶ୍ୟକ ଅନୁସାରେ, ପାଣି- ଆବଶ୍ୟକ ଅନୁସାରେ, ବେସନ-୨/୩ ଚାମଚ ।

(ପିଆଜ ଏଥିରେ ନିହାତି ପକାଇବେ, ଏହା ଆଇରନ ଶରୀରକୁ ଯୋଗାଇବା ସହ ଏହା ଓଟ୍‌ସ୍ ଦୋସାକୁ ସହଜରେ ତାୱାରୁ ବାହାରିବାରେ ସାହାଯ୍ୟ କରିଥାଏ ।)

**ପ୍ରସ୍ତୁତି ପ୍ରଣାଳୀ:** ୧ କପ୍ ଓଟ୍‌ସ୍‌କୁ ପ୍ରଥମେ ପାଣିରେ ଅଧଘଣ୍ଟା ପାଇଁ ବତୁରାଇ ରଖି ଦିଅନ୍ତୁ । ସେଥିରେ ୧ଟା ଚାମଚ ମେଥି ଦାନା ପକାଇ ଭିଜାନ୍ତୁ । ପିଆଜକୁ ଖଣ୍ଡ ଖଣ୍ଡ କରନ୍ତୁ । କଞ୍ଚାଲଙ୍କା ଓ ଅଦାକୁ ଛୋଟ ଛୋଟ କାଟି, ଜିରା ଗୁଣ୍ଡ ଦେଇ ଦରଦରା କରି ବାଟି ଦିଅନ୍ତୁ । ସେଥିରେ ବତୁରା ଓଟ୍‌ସ୍ ମିଶାନ୍ତୁ । ସ୍ୱାଦ ଅନୁସାରେ ଲୁଣ ପକାଇ ଫାଇନ୍ କରି ବାଟି ଦେଇ ଆଣ ପ୍ରସ୍ତୁତ କରନ୍ତୁ । ୨/୩ ଟେବୁଲ ଚାମଚ ବେସନ ଓଟ୍‌ସ୍ ଆଣରେ ମିଶନ୍ତୁ । ନର୍ମାଲ ଦୋସା ପରି ଦରକାର ଅନୁସାରେ ପାଣି ଦେଇ ଆଣ ପ୍ରସ୍ତୁତ କରନ୍ତୁ । ଗ୍ୟାସ୍‌ରେ ତାୱା ବସାଇ, ଘିଅ / ତେଲ ଲଗାଇ ଡେଙ୍କାଏ ଆଣ ଦେଇ ଦୋସା କରି, ମଧ୍ୟମ ଆଞ୍ଚରେ ପ୍ରସ୍ତୁତ କରନ୍ତୁ । ଏହିପରି ଦୋସା କରି ଚାଲନ୍ତୁ । ଦୋସା ପ୍ରସ୍ତୁତ ହେଲା ପରେ ନଡ଼ିଆ ବା ଯେକୌଣସି ଚଟଣି ଲଗାଇ ଦୋସା ଖାଇ ପାରନ୍ତି ।

## ଓଟ୍‌ସ୍‌ର ଖାଦ୍ୟ ମୂଲ୍ୟ:

୧କପ୍ ଓଟ୍‌ସ୍‌ରେ ୫୧ ଗ୍ରାମ୍ କାର୍ବୋହାଇଡ୍ରେଡ୍, ୧୩ ଗ୍ରାମ ପ୍ରୋଟିନ୍, ୫ ଗ୍ରାମ୍ ଫ୍ୟାଟ୍, ୮ ଗ୍ରାମ ଫାଇଭର୍, ମୋଟ ୩୦୩ କ୍ୟାଲୋରୀ ଏଥିରୁ ମିଳିଥାଏ ।

## ସ୍ୱାସ୍ଥ୍ୟଗତ ଉପଚାର :

ଏହା ରକ୍ତ ଶର୍କରା କମ କରିବାରେ ସାହାଯ୍ୟ କରେ । ଆଂଟି ଅକ୍ସିଡେଣ୍ଟ୍ ଯୋଗାଏ । ସ୍ତ୍ରୀଲୋକମାନଙ୍କ ପିସିଓଏସ୍ ସହ ଲଢ଼ିବାରେ ସାହାଯ୍ୟ କରେ, କୋଷ୍ଠ କାଠିନ୍ୟ ଦୂର କରେ । କୋଲନ କ୍ୟାନ୍ସର ହେବାର ଆଶଙ୍କା କମ ରହେ, ତ୍ୱଚାରେ କୁଣ୍ଡେଇ ହେବା ଇତ୍ୟାଦିରୁ ରକ୍ଷା କରେ, ତ୍ୱଚାର ସ୍ଥିତି ସ୍ଥାପକତା(Elasticity of Skin) ରକ୍ଷା କରେ, ମାଂସପେଶୀ ଟାଣ (Muscles Firm) ରଖେ ।

ଓଟ୍‌ସ୍ ଖାଇବା ସ୍ତ୍ରୀ ଲୋକମାନଙ୍କ ପାଇଁ ଅତ୍ୟନ୍ତ ଜରୁରୀ । କାରଣ ଏଥିରେ ପ୍ରଚୁର ପରିମାଣରେ ମିନେରାଲ୍‌ସ୍, ମାଗ୍ନେସିଅମ୍, ଜିଙ୍କ୍, ସେଲେରାମ ଇତ୍ୟାଦି ମିଳେ । ଏହାସହ ଫାଇଭର, ଭିଟାମିନ, ଯେମିତିକି ସବୁ ପ୍ରକାର ବି ଭିଟାମିନ୍ସ, ୭୦% ସ୍ତ୍ରୀଲୋକ ଯେଉଁମାନେ ପିସିଓଏସ୍ ଭୋଗନ୍ତି ସେମାନଙ୍କର ଶରୀରରେ କୋଷ ରକ୍ତରୁ ଗ୍ଲୁକୋଜ୍ ଅବଶୋଷଣ (absorp) ନ କରି ପାରିବାରୁ ରକ୍ତରେ ଶର୍କରା ପରିମାଣ ବଢ଼ିଯାଏ । ସେମାନଙ୍କ ଖରାପ କଲୋଷ୍ଟ୍ରୋଲ୍ ପରିମାଣ ବଢ଼େ, ଫଳରେ ଅନ୍ୟାନ୍ୟ ରୋଗ ସହ ହୃଦ୍‌ଘାତ ହେବାର ସମ୍ଭାବନା ଅଧିକ ଥାଏ । ପିସିଓଏସ୍ ଥିବା ସ୍ତ୍ରୀମାନଙ୍କର ସାଧାରଣତଃ Progesterone କମ୍ ଥାଏ । ଓଟ୍‌ସ୍‌ରେ ଥିବା ଭିଟାମିନ୍ ଅବସାଦ (Depression), ଉତ୍କଣ୍ଠା (anxiety) କମ କରାଏ । ଓଟ୍‌ସ୍‌ରେ ଥିବା ଭିଟାମିନ୍, ବ୍ରେନ୍‌କୁ ଷ୍ଟିମୁଲେଟ୍ କରାଏ । ଫଳରେ ସେରୋଟୋନିନ ପ୍ରସ୍ତୁତ ହୁଏ, ଯାହା ମୁଡ୍ ଭଲ ରଖେ । ଏଥିରେ ଥିବା ବି ଭିଟାମିନ ରକ୍ତ ଶର୍କରା ନିୟନ୍ତ୍ରଣ କରିବା ସହ ହାଲିଆ ହେବାରୁ ରକ୍ଷା କରେ । ଯେଉଁ ସ୍ତ୍ରୀମାନଙ୍କର ହାଇ ଲେବଲ PCOS ଥାଏ ସେମାନଙ୍କର ପୁରୁଷ ହର୍ମୋନ ଅଧିକ ଥାଏ ଓ ହର୍ମୋନ ଅସନ୍ତୁଳିତ ଥାଏ । ଓଟ୍‌ସ୍‌ରେ ଥିବା ସେଲେନାଇନ ପୁରୁଷ ହର୍ମୋନ୍‌କୁ କମ କରିବାରେ ସାହାଯ୍ୟ କରେ । ଏଥିରେ ଥିବା ମାଗ୍ନେସିଅମ୍ ଅଡ୍ରେନାଲ୍ ଗ୍ଲାଣ୍ଡ୍ କାର୍ଯ୍ୟ କରିବାରେ ସାହାଯ୍ୟ କରେ, ନହେଲେ It Causes fatigue in women not functioned properly.

## PCOS ସାଧାରଣ ଲକ୍ଷଣ:

- ଅନିୟମିତ ଋତୁସ୍ରାବ, ଆଦୌ ଋତୁ ନହେବା
- ଗର୍ଭ ରହିବାରେ ଅସୁବିଧା
- ସାଧାରଣତଃ ଛାତି / ମୁହଁ / ପଛରେ ଅଧିକ ଲୋମ ହେବା ବା ଅଳ୍ପ ଲୋମ ହେବା (Hirsutism)
- ହଠାତ୍ ଓଜନ ବଢ଼ିଯିବା
- ମୁଣ୍ଡରୁ ଅତ୍ୟଧିକ ଚୁଟି ଝଡ଼ିବା
- ଅତ୍ୟଧିକ ବ୍ରଣ ହେବା ।

## ଓଟ୍‌ସ୍ ସ୍ମୁଦି:

ଓଟ୍‌ସ୍‌କୁ ଅଳ୍ପ ଶୁଖିଲା ଭାଜି, ସେଥିରେ ବାଦାମ, ଖଜୁର, ପମ୍ପକିନ୍ ମଞ୍ଜି, ଆଗରୁ ଭିଜାଇଥିବା ଚିଆ ସିଡ୍, ଖିର / ପାଣି ପକାଇ ବ୍ଲେଣ୍ଡ୍ କରି ସକାଳୁ ପିଇ ପାରନ୍ତି ।

ଏହା ଏକ ସ୍ୱାସ୍ଥ୍ୟକର ସକାଳ ପାନୀୟ ଭାବେ ଅତି ଉତ୍ତମ ।

# ତାଳ ପିଠାର କଳାକୌଶଳ



# ତାଳ ପୋଡ଼ ପିଠା





## ରୋନାଲିସା ପଣ୍ଡା

ମାର୍ଫତ : ଅରୁଣାଂଶୁ ପାଣିଗ୍ରାହୀ, ସହଦେବଖୁଣ୍ଟା,
ବାଲେଶ୍ୱର-୭୫୬୦୦୧
ଫୋନ:୭୦୦୮୪୮୬୭୩୮


ଫଟୋ ସୌଜନ୍ୟ : ଲେଖିକା



## ତାଳ ପୋଡ଼ ପିଠା

**ଆବଶ୍ୟକ ସାମଗ୍ରୀ :** ତାଳରସ ୨କପ୍, ଅରୁଆ ଚାଉଳ ୨କପ୍, ଗୁଡ଼ କିମ୍ବା ଚିନି ୧କପ୍, ଲୁଣ ଅଳ୍ପ, କଟା ଓ କୋରା ନଡ଼ିଆ ୧କପ୍, ଗୁଜୁରାତି ଗୁଣ୍ଡ ଅଳ୍ପ । ଘିଅ ଅଳ୍ପ ।

**ପ୍ରସ୍ତୁତି ପ୍ରଣାଳୀ:** ଅରୁଆ ଚାଉଳକୁ ଧୋଇ ୩ ଘଂଟା ପାଇଁ ବତୁରାଇ ଦିଅନ୍ତୁ । ତାଳର ଚୋପାକୁ ଛଡ଼ାଇ ତାକୁ ପାଣିରେ ବତୁରାଇ ସେଥିରୁ ରସ ବାହାର କରନ୍ତୁ । ଚାଉଳ ଓ ତାଳ ରସକୁ ଭଲ ଭାବରେ ବାଟି ଦିଅନ୍ତୁ ପରେ ସେଥିରେ କୋରା ନଡ଼ିଆ, ଲୁଣ ଓ ଚିନି ପକାଇ ଗୋଳାଇ ଦିଅନ୍ତୁ । ଗୋଟେ ନନ୍‌ଷ୍ଟିକ୍ କରେଇରେ ଘିଅ ଲଗେଇ ପ୍ରସ୍ତୁତ ଚାଉଳ ବଟାକୁ ସେଥିରେ ପକାଇ ଘୋଡ଼ାଇ ଦିଅନ୍ତୁ । ଚୁଲି ଆଂଚ କମ୍ ରଖିବେ, ପ୍ରାୟ ୩୦ ମିନିଟ୍ ପରେ ଚୁଲି ବନ୍ଦ କରି ଦିଅନ୍ତୁ । ଥଣ୍ଡା ହେଲେ ତାଳ ପୋଡ଼ ପିଠା ରେଡ଼ି ।

## ତାଳ କାକରା



**ଆବଶ୍ୟକ ସାମଗ୍ରୀ :** ତାଳ ରସ ୧କପ୍, ଅରୁଆ ଚାଉଳ ଚୁନା ୧କପ୍, ଗୁଡ଼ ୨ଚାମଚ, ଗୁଜୁରାତି ଓ ପାନମଧୁରୀ ଗୁଣ୍ଡ ୧ ଚାମଚ, ଲୁଣ ଟିକେ, ତେଲ କିମ୍ବା ଘିଅ ଛାଣି ବା ପାଇ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗୋଟେ କରେଇରେ ତାଳ ରସକୁ ଗରମ କରି ତାକୁ ଶୁଖିଲା ହେବା ଯାଏଁ ସିଝାନ୍ତୁ ଓ ପରେ ତାହା ଥଣ୍ଡା ହେଲେ ସେଥିରେ ଚାଉଳ ଚୁନା, ଲୁଣ, ଗୁଡ଼, ଗୁଜୁରାତି ଓ ପାନମଧୁରୀ ଗୁଣ୍ଡ ପକାଇ ଭଲ ଭାବରେ ଗୋଳାଇ ଆଣ ପ୍ରସ୍ତୁତ କରନ୍ତୁ । ସେହି ଆଣକୁ ମନ ମୁତାବକ ଆକାର ଦେଇ ପିଠା ତିଆରି କରନ୍ତୁ ଓ ପରେ କରେଇରେ ତେଲ ଗରମ କରି ତାକୁ ଛାଣି ପ୍ରସ୍ତୁତ କରନ୍ତୁ ତାଳ କାକରା ।

## ତାଳ ପୁର ପିଠା

**ଆବଶ୍ୟକ ସାମଗ୍ରୀ :** ଅରୁଆ ଚାଉଳ ଚୁନା ୨କପ୍, ନଡ଼ିଆ କୋରା ୧କପ୍, ତାଳରସ ଅଧା କପ୍, ଗୁଡ଼ ୨ଚାମଚ, ଲୁଣ, ଗୋଲମରିଚ ଓ ଗୁଜୁରାତି ଗୁଣ୍ଡ ଅଳ୍ପ, ସିଝେଇବା ପାଇଁ ଇଡ଼ିଲି ଛାଂଚ ।

**ପ୍ରସ୍ତୁତି ପ୍ରଣାଳୀ:** ଗୋଟେ କରେଇରେ ୨ କପ୍ ପାଣିକୁ ଗରମ କରି ସେଥିରେ ଅଳ୍ପ ଲୁଣ ପକାନ୍ତୁ । ଏହାପରେ ଆସ୍ତେ ଆସ୍ତେ ଚାଉଳ ଚୁନାକୁ ପକାଇ ଭଲ ଭାବରେ ଗୋଳାଇ ଆଣ ପ୍ରସ୍ତୁତ କରନ୍ତୁ । ଏକ କରେଇରେ ତାଳରସରେ ଗୁଡ଼, ନଡ଼ିଆ କୋରା ଓ ଗୁଜରାତି ଗୋଲ ମରିଚ ଗୁଣ୍ଡ ପକାଇ ଏକ ପୁର ପ୍ରସ୍ତୁତ କରନ୍ତୁ । ଆଣକୁ ପିଠା ଭଳି ଗଢ଼ି ସେଥିରେ ତାଳ ନଡ଼ିଆ ପୁର ଦେଇ ପିଠା ପ୍ରସ୍ତୁତ କରନ୍ତୁ । ଗୋଟେ ଇଡ଼ଲି ଛାଞ୍ଚରେ ଗରମ ପାଣି ଦେଇ ପିଠା ଗୁଡ଼ିକ ରଖି ୩ରୁ ୪ ମିନିଟ୍ ସିଝାନ୍ତୁ । ପ୍ରସ୍ତୁତ ହୋଇଗଲା ତାଳପୁର ପିଠା ।



ରୋଷେଇଶାଳି-୩

# ଗୀତିକାଙ୍କ ରାନ୍ଧଣା



# ସୁଜି ଡିଲାଇଟ୍





## ସୁଜି ଡିଲାଇଟ୍

**ଆବଶ୍ୟକ ସାମଗ୍ରୀ :**ସୁଜି -୩୦୦ ଗ୍ରାମ, ଚିନି -୭୦୦ଗ୍ରାମ, ୧କପ୍ କୋରା ନଡ଼ିଆ, ୩ରୁ ୪ ଟେବୁଲ୍ ଚାମଚ ରିଫାଇନ୍ ତେଲ କିମ୍ବା ଘିଅ, ୫ରୁ ୬ଟି ଆଲମଣ୍ଡ୍, ୩ରୁ ୪ ଚାମଚ ଡେସିକେଟେଡ଼ ନଡ଼ିଆ (ଶୁଖିଲା କୋରା ନଡ଼ିଆ), ଅଧା କପ୍ କାଜୁ ଏବଂ କିସ୍‌ମିସ୍, ଅଧାକପ୍ ପାଣି ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପ୍ୟାନ୍‌ରେ ଘିଅ କିମ୍ବା ରିଫାଇନ୍ ତେଲ ପକାଇ ସୁଜିକୁ ୫ରୁ ୭ ମିନିଟ୍ ଭାଜି ନିଅନ୍ତୁ । ସୁଜିର ରଙ୍ଗ ବଦଳିବା ପରେ ସେଥିରେ କୋରାନଡ଼ିଆ ପକାଇ ଭଲ ଭାବେ ମିଶାନ୍ତୁ । ୨ରୁ ୩ ମିନିଟ୍ ପରେ ଏକ ପ୍ଲେଟ୍‌କୁ କାଢ଼ି ନିଅନ୍ତୁ । ବର୍ତ୍ତମାନ ସେହି ପ୍ୟାନ୍‌ରେ ଚିନି ପକାଇବା ପରେ ଅଳ୍ପ ପାଣି ମିଶାଇ ଏକ ସିରା ପ୍ରସ୍ତୁତ କରନ୍ତୁ । ସେହି ସିରାରେ କାଜୁ, କିସ୍‌ମିସ୍ ପକାଇ ୨ ମିନିଟ୍ ଭଲ ଭାବେ ମିଶାଇବା ପରେ ସୁଜି ପକାଇ ଏକ ମିଶ୍ରଣ ପ୍ରସ୍ତୁତ କରି ପ୍ୟାନ୍‌ଟିକୁ ଓହ୍ଲାଇ ଆଣନ୍ତୁ । ମିଶ୍ରଣ ଅଳ୍ପ ଥଣ୍ଡା ହେବା ପରେ ହାଲୁକା ତେଲ ହାତ ହୋଇ ଏହାକୁ ଲଡୁର ଆକାର ଦେଇ ଛୋଟ ଛୋଟ ବଲ୍ ବନାନ୍ତୁ ଏବଂ ରଖିଥିବା ଡେସିକେଟେଡ଼ ନଡ଼ିଆ (ଶୁଖିଲା ନଡ଼ିଆ କୋରା)ରେ ବୁଡ଼ାଇ କୋଟ୍ କରି ନିଅନ୍ତୁ । ଶେଷରେ ସୁଜି ବଲ୍ ଗୁଡ଼ିକରେ ଗୋଟେ ଗୋଟେ ଆଲ୍‌ମଣ୍ଡ୍ ରଖି ସଜେଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଆପଣଙ୍କର ସୁଜି ଡିଲାଇଟ୍ । ଏହାକୁ ଆପଣ ୨ଦିନ ପର୍ଯ୍ୟନ୍ତ ଷ୍ଟୋର୍ କରି ମଧ୍ୟ ରଖି ପାରିବେ ।

## ଅଣ୍ଡା ଲବାବ୍‌ଦାର୍

**ଆବଶ୍ୟକ ସାମଗ୍ରୀ :**୫ଟି ସିଝା ଅଣ୍ଡା, କଟା ହୋଇଥିବା ୨ଟି ପିଆଜ, କଟା ହୋଇଥିବା ୨ଟି ଟମାଟୋ, ୧୦ରୁ ୧୨ଟି କାଜୁ, ୧ଇଞ୍ଚର କଟା ହୋଇଥିବା ଅଦା, ୪କୋଳା ରସୁଣ, ୨ଟି ଗୁଜୁରାତି, ୨ଟି ଲବଙ୍ଗ, ୧ଚାମଚ କାଶ୍ମିରୀ ରେଡ ଚିଲ୍ଲି ପାଉଡ଼ର, ୧ଚାମଚ ଧନିଆଗୁଣ୍ଡ, ୧ ଚାମ ଜିରାଗୁଣ୍ଡ, ୧ ଚାମଚ କସ୍ତୁରୀ ମେଥି, ୨ଟି ତେଜପତ୍ର, ୩ ଚାମଚ ରିଫାଇନ୍ ତେଲ, କିଛି କଟା ହୋଇଥିବା ଧନିଆପତ୍ର ଏବଂ ସ୍ୱାଦ ଅନୁଯାୟୀ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସିଝାଅଣ୍ଡାକୁ ମଝିରୁ ଦୁଇଫାଳ କରି କାଟି ନିଅନ୍ତୁ । କଟା ହୋଇଥିବା ଟମାଟୋ, ଅଦା, ରସୁଣ ଏବଂ କାଜୁକୁ ସିଝାଇ ଅଳ୍ପ ଥଣ୍ଡା କରିନିଅନ୍ତୁ ଏବଂ ମିକ୍ସରେ ଚଲାଇ ଏକ ପେଷ୍ଟ୍ ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ ଏକ ପ୍ୟାନ୍‌ରେ ତେଲ ପକାଇ ଲବଙ୍ଗ, ଗୁଜୁରାତି, ତେଜପତ୍ରକୁ ଅଳ୍ପ ଭାଜିବା ପରେ ସେଥିରେ କଟାପିଆଜ ପକାନ୍ତୁ ଏବଂ ପିଆଜର ରଙ୍ଗ ବଦଳିବା ପରେ ପ୍ରସ୍ତୁତ କରି ରଖିଥିବା ପେଷ୍ଟ୍ ପକାନ୍ତୁ । ୨ରୁ ୩ ମିନିଟ୍ କଷିବା ପରେ ସମସ୍ତ ମସଲା ଗୁଣ୍ଡକୁ ପକାଇ ଭଲ ଭାବେ କଷନ୍ତୁ ଏବଂ ଅଳ୍ପ ପାଣି ଦେଇ ସିଝାଅଣ୍ଡାକୁ ପକାନ୍ତୁ ଓ କିଛି ସମୟ ମସଲା ସହିତ ଭଲ ଭାବେ ମିଶାନ୍ତୁ । ୧୦ମିନିଟ୍ ଭଲ ଭାବେ କଷି ହୋଇଯିବା ପରେ କସ୍ତୁରୀ ମେଥି ଏବଂ ସ୍ୱାଦ ଅନୁଯାୟୀ ଲୁଣ ପକାଇ ପ୍ୟାନ୍‌କୁ ଓହ୍ଲାଇ ଆଣନ୍ତୁ । ଶେଷରେ କଟା ହୋଇଥିବା ଧନିଆପତ୍ର ପକାଇ ସଜାଇ ଦିଅନ୍ତୁ । ଆପଣ ଚାହିଁଲେ ସିଝାଅଣ୍ଡାର ଧଳାଅଂଶକୁ ଅଳ୍ପ କୋରି ସଜାଇ ପାରିବେ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଆପଣଙ୍କର ଅଣ୍ଡା ଲବାବ୍‌ଦାର୍ । ଏହାକୁ ରୁଟି କିମ୍ବା ଭାତ ସହିତ ପରଷି ଦିଅନ୍ତୁ ।




**ଗୀତିକା ବିଶ୍ୱାଳ**

ନିଉ କଲୋନୀ, ନେଳିଆବାଗ,
ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧,
ଫୋନ:୬୩୭୦୪୬୦୩୦୬
@foodiebliss47/mysterious_geet


ଫଟୋ ସୌଜନ୍ୟ : ଲେଖିକା

ଶ୍ରେଷ୍ଠପୃଷ୍ଠା

# ସୃଜନଶୀଳତା ଓ ହରିହାଟ

ପ୍ରତିଟି କର୍ମରେ ହରିନାମ ଉଚ୍ଚାରଣ ଆମର ଏକ ଧାର୍ମିକ ପ୍ରବଣତାର ପ୍ରତୀକ କହିଲେ ଅତ୍ୟୁକ୍ତି ହେବ ନାହିଁ । ସୃଜନ-କର୍ମ ମଧ୍ୟ ସେପରି ଏକ ଭାବନାରୁ ପୃଥକ୍ ନୁହେଁ ବୋଲି ମୋର ଧାରଣା । କାରଣ ଏମିତିରେ ଆମର ବିଶ୍ୱାସ ଯେ, ପ୍ରତିଟି ସୃଜନ-କର୍ମ ଈଶ୍ୱର-ଦତ୍ତ ଏକ ବରଦାନ ବ୍ୟତୀତ ଆଉ କିଛି ନୁହଁ । କେହି କେହି ସର୍ଜନାକାର ତ ଏପରି ବି କହିଥିବା ଆମେ ଶୁଣିଛୁ ଯେ, 'ମୋର ଲେଖାର ପ୍ରତିଟି ଧାଡ଼ି କେହି ଜଣେ ଲେଖିଦେବା ପରି ଅନୁଭବ ହୋଇଛି । ମୁଁ କେବଳ ଲେଖିଛି ସିନା, କିନ୍ତୁ ଲେଖାଟିର ସମୁଦାୟ ଶ୍ରେୟ ସେଇ ଅଦୃଶ୍ୟ ଶକ୍ତିର ।' କିଏ ଏହି ଅଦୃଶ୍ୟ ଶକ୍ତି ! ଈଶ୍ୱର ନୁହଁନ୍ତି ତ ? କୌଣସି ଦିବ୍ୟଶକ୍ତିର ଏ ଏକ ବରଦାନ ନହେଁ ତ? ଏପରି ଏକ ସଂଶୟ ଆମ ମନରେ ଆସିବା ସୁନିଶ୍ଚିତ ।

କାର୍ଯ୍ୟତଃ, ଲେଖାଲେଖି ପ୍ରକ୍ରିୟାଟି ଈଶ୍ୱରଙ୍କ ଦାନ ବୋଲି କୁହାଯାଏ । କାରଣ ଏହି ସର୍ଜନା ଶକ୍ତିଟି ପ୍ରତିଟି ମଣିଷ ପାଖରେ ଈଶ୍ୱର ଦେଇନଥାନ୍ତି । କିଛି ଭାଗ୍ୟଶାଳୀ ଲୋକ ହିଁ ଲେଖକୀୟ ଦିବ୍ୟଗୁଣ ପ୍ରାପ୍ତ ହବାର ସୌଭାଗ୍ୟ ଲାଭ କରିଥାନ୍ତି । ସୁତରାଂ ଲେଖକଟିଏ ସର୍ବଦା ଈଶ୍ୱରାଶ୍ରିତ- ଏହା ଅନସ୍ୱୀକାର୍ଯ୍ୟ । ଯେଉଁ ମୁହୂର୍ତ୍ତରେ ଜଣେ ସର୍ଜକ ଭିତରେ 'ମୁଁ'ତ୍ୱର ଅହଂଭାବ ପ୍ରତିଭାତ ହୁଏ, ସେଇ ମୁହୂର୍ତ୍ତରେ ତା' ଭିତରୁ ସର୍ଜନାଶକ୍ତି ବା ସୃଜନଶୀଳତାଟି ଅନ୍ତର୍ହିତ ହୋଇଯାଏ । ଏମିତି ଅନେକ ଲେଖକ ଅଛନ୍ତି, ଯେଉଁମାନେ ଲେଖକ ହୋଇ ମଧ୍ୟ ଆଜି ନିଃସନ୍ତାନ ସଦୃଶ । ଅର୍ଥାତ୍ ସୃଷ୍ଟି କରିବାର କ୍ଷମତା ବା ଶକ୍ତି ଅପହୃତ ହୋଇ ଯାଇଛି । ନିର୍ବେଦ ହୋଇ ବସିବା ଛଡ଼ା ସେମାନଙ୍କ ପାଖରେ ଦ୍ୱିତୀୟ ବାଟ କିଛି ନାହିଁ ।

ସର୍ଜନାକାର ଯିଏ, ସେ ସର୍ବଦା ଈଶ୍ୱରଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । ଅନ୍ୟଥା ରାତାରାତି ଜଣେ ନିଜ ଲେଖାର ପାଠକୀୟତା ପ୍ରାପ୍ତ ହୋଇ ଚର୍ଚ୍ଚାର ଶୀର୍ଷରେ ନଥାନ୍ତା । ହଁ, ଧରାଧରି ବା ଲବି କରି ଏହି କାର୍ଯ୍ୟଟି ଯଦିଓ କରାଯାଇପାରେ, କିନ୍ତୁ ତାହା ଭିନ୍ନକଥା । ହେଲେ ସ୍ୱାଭାବିକ ଭାବେ ଜଣେ ଲେଖକର ସମସ୍ତ ଯଶପ୍ରାପ୍ତିର ହେତୁ, ସେଇ ଦିବ୍ୟଶକ୍ତି ହିଁ, ଯାହା ଅନ୍ତର୍ନିହିତ ଭାବେ ଲେଖକଟିକୁ ତିଆରି କରେ, ପୁନଶ୍ଚ ମାରିଦିଏ ମଧ୍ୟ । ସୁତରାଂ ଲେଖକ ମାତ୍ରେ ଉଦାର, ଅହଂକାର ରହିତ ଏବଂ ନମ୍ର ହେବା ଏକାନ୍ତ ବାଞ୍ଛନୀୟ । ଆମର ଅନେକ ମୂର୍ଦ୍ଧଣ୍ୟ ଶ୍ରେଣୀର ଲେଖକ ଆଶାତୀତ ଭାବେ ଉଦାର ଓ ନମନୀୟ, ଏକଥା ଆମେ ଦେଖିଛୁ ।


ସୋସିଆଲ୍ ମିଡ଼ିଆରେ ଆମ ସମୟର ଜଣେ ପ୍ରଖର କବି **ପବିତ୍ର ମୋହନ ଦାଶ**ଙ୍କ ଏକ ସଂଶୟପୂର୍ଣ୍ଣ ପ୍ରଶ୍ନ ମୋତେ ବେଶ୍ ପ୍ରଭାବିତ କରିଥିଲା । ସେ ପଚାରିଥିଲେ ଲେଖକ ସମୁଦାୟଙ୍କୁ ଯେ: ସାରସ୍ୱତ ସାଧନା ଆମ ଜୀବନର ନୈତିକ ମୂଲ୍ୟବୋଧକୁ ବଢ଼ାଇବାରେ ସହାୟକ ହୋଇଛି କି? ପ୍ରଶ୍ନଟି କ୍ଷୁଦ୍ର କିନ୍ତୁ ବେଶ୍ ପ୍ରଭାବଶାଳୀ । ଆଜିର ସମୟରେ କେବଳ ସାହିତ୍ୟ ସାଧନା ନୁହେଁ । ପ୍ରତିଟି କ୍ଷେତ୍ରରେ ନୈତିକ ଅଧୋପତନ ମଣିଷକୁ ପଶୁବତ୍ କରିଦେଇଛି କହିଲେ ଭୁଲ୍ ହେବ ନାହିଁ । ସେହି କ୍ରମରେ ସାହିତ୍ୟ ସାଧନାରେ ଲିପ୍ତ ମଣିଷ ଠାରୁ ଏକ ନୈତିକ ମାନ ଆଶା କରିବା ଅସ୍ୱାଭାବିକ ଅଟେ । କିନ୍ତୁ ଦେଖା ଯାଉଛି ଯେ, ସାହିତ୍ୟର ବିଶାଳ ସଂସାର ଭିତରେ ଆତଯାତ ସ୍ରଷ୍ଟାକୁଳ ଏକ ପ୍ରକାର ଅନୈତିକ ଓ ଅସହନୀୟ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି । ଫଳରେ ସାହିତ୍ୟର ପାଠକ ଏବଂ ସାହିତ୍ୟାନୁରାଗୀ ଅତିଷ୍ଠ ହେବାକୁ ବସିଲେଣି ।

ସର୍ଜନଶୀଳ କାର୍ଯ୍ୟ ଏକ ମାନସିକ ଓ ହୃଦୟାଗତ ପ୍ରକ୍ରିୟା । ସାଧନାରେ ଲିପ୍ତ କାରଣରୁ ଏ କ୍ଷେତ୍ରରେ ମଣିଷଟି ସାଧାରଣସ୍ତରର ମଣିଷ ଠାରୁ ହୋଇଥାଏ ଭିନ୍ନ, ଉଚ୍ଚତର ଏବଂ ଅସାଧାରଣ । ଏହା ହିଁ ହେବା କଥା । କିନ୍ତୁ ବିଶୃଙ୍ଖଳା ଓ ବିସଙ୍ଗତିରେ ସାରସ୍ୱତ ସାଧନା କ୍ଷେତ୍ରଟି ଆଜିର ସମୟରେ ଏତେ ପଙ୍କିଳ ହୋଇଛି ଯେ, କାହାର ନୈତିକ ମାନ ବୃଦ୍ଧିରେ ଏହା କେତେ ସହାୟକ ହେଉଛି, ତାହା ଏକ ବିରାଟ ପ୍ରଶ୍ନବାଚୀ । ସେହି ଦୃଷ୍ଟିରୁ ପବିତ୍ରଙ୍କ ପରି ଅନେକଙ୍କ ମନରେ ସେହି ଏକା ପ୍ରଶ୍ନ ଉଙ୍କି ମାରୁଛି । ସତରେ କ'ଣ ସାହିତ୍ୟ ସାଧନା ଆମ ଜୀବନର ନୈତିକ ମୂଲ୍ୟବୋଧକୁ ବଢ଼ାଇଥାଏ ?

ଏହି କ୍ରମରେ ମୁଁ ଏଠାରେ 'ହରିହାଟ' ପ୍ରସଙ୍ଗଟିକୁ ଆଣିବାକୁ ଚାହିଁବି । ଆଗକାଳରେ 'ହରିହାଟ' ବସୁଥିବା ମୂଳରେ ଥିଲା ଲୋକଙ୍କ ଭିତରେ ଧର୍ମୀୟ ଧାରଣା ବିତରଣ କରିବା ଏବଂ ଲୋକଙ୍କୁ ହରିଙ୍କ ନାମ ସଂକୀର୍ତ୍ତନ ଶୁଣାଇ ଈଶ୍ୱରାଭିମୁଖୀ କରାଇବା । ଏହାଦ୍ୱାରା ଭଗବାନଙ୍କ କୃପା ମିଳିବା ସହ ଜଣଙ୍କର ବ୍ୟକ୍ତିତ୍ୱର ସାଧୁପଣ ବିକଶିତ ହେଉଥିଲା । ଭଗବାନଙ୍କ କୀର୍ତ୍ତିକଳାପକୁ ଶ୍ରବଣ କରି ଧନ୍ୟ ହେଉଥିଲେ ଆମେ । କିନ୍ତୁ ଆଜି ସେ କଥା ଆଉ ନାହିଁ । ଆଜି ଈଶ୍ୱରଙ୍କ ପୂଜାପାଠ ହେଉଛି ସତ କିନ୍ତୁ ସେଠି ନା ଅଛି ଭକ୍ତିଭାବ ନା ଅଛି ସମର୍ପଣ । ସାହିତ୍ୟ ସାଧନା କ୍ଷେତ୍ରରେ ଲିପ୍ତ ଆମେ ସମସ୍ତେ ଅନେକ ସମୟରେ ସଂଘବଦ୍ଧ ବା ଗୋଷ୍ଠୀବଦ୍ଧ ହୋଇ ଏକତ୍ର ବସାଉଠା କରୁଛୁ । ସେସବୁକୁ 'ଖଟି'ର ଆଖ୍ୟା ଦେଇ ଏକ ହାଲ୍‌କା ମାନସିକତାରେ ଆମେ ଗ୍ରହଣ କରୁଛୁ । ସେସବୁ ଖଟିରେ ହେଉଛି କିନ୍ତୁ ଚାହା ପିଆ ଓ ଚୁଗୁଲି କରିବା । ଫଳରେ ଉପସ୍ଥିତ ଲେଖକଙ୍କ ମାନସିକତାରେ ଏକ ଛଦ୍ମ ଆନନ୍ଦ ଉତ୍ପନ୍ନ ହେଉଛି । ଅପରକୁ ନିନ୍ଦା କରି ଆନନ୍ଦ ନେବାର ବାଟଟିଏ ସେ ପାଇ ଯାଉଛି ।

'ହରିହାଟ' ପରି ଏକ ଧର୍ମୀୟ ଧାରଣା ବିତରଣକାରୀ ପରିବେଶ ତିଆରି ହୋଇ ପାରୁନି । ଅନ୍ୟର ସୃଷ୍ଟିକୁ ସକାରାତ୍ମକ ଭାବେ ଚର୍ଚ୍ଚା କରିବା କିମ୍ବା ଦିବଂଗତ ପ୍ରମୁଖ ସ୍ରଷ୍ଟାଙ୍କ ଲେଖାମାନଙ୍କୁ ପଠନ କରିବା ପ୍ରକ୍ରିୟା ତ କରାଯାଇ ପାରନ୍ତା ! ଫଳରେ ଉତ୍ତର ପିଢ଼ି ଭିତରେ ବରିଷ୍ଠଙ୍କୁ ଜାଣିବାର ଏକ ଆଗ୍ରହ ସୃଷ୍ଟି ହୁଅନ୍ତା । କିନ୍ତୁ ସେପରି ନହୋଇ ବରଂ ହୁରିହାଟ ଚାଲିଛି । କେବଳ ହୁରି ପକାଉଛନ୍ତି । ଚିତ୍କାର ଓ ଅପପ୍ରଚାର ଛଡ଼ା ଆଉ କିଛି ଭଲ କାର୍ଯ୍ୟ ହେଉନାହିଁ ।

ଅତଏବ ନୈତିକ ମାନ ବୃଦ୍ଧିର କଥା ଆସୁଛି କୋଉଠୁ? ନୀତିନିଷ୍ଠ ନ ହୋଇ ଆମେ ନୈତିକ ମାନକୁ ଖୋଜିଲେ ପାଇବା କେଉଁଠୁ? ଜଣେ ସ୍ରଷ୍ଟା ଆଉ ଜଣେ ସ୍ରଷ୍ଟାର ଉପସ୍ଥାନକୁ ସହି ପାରୁନଥିବା ଭଳି ଏକ ଜଘନ୍ୟ ପରିବେଶ ଭିତରେ ଆମେ ଲେଖକମାନେ ଘାଣ୍ଟି ହେଉଛୁ ପରା ! ଏହା ହିଁ କ'ଣ ଆମ ନୈତିକତା? ଏହା ହିଁ କ'ଣ ସାହିତ୍ୟ ଆମକୁ ଶିଖାଏ? ଥରେ ଏକଥାକୁ ଏକାନ୍ତରେ ଭାବିଲେ ଦେଖି, ଉତ୍ତର ପାଇଯିବେ ।





SUPRATIK INFRAVENTURES

# The best property in the town to live



Few Villas Available



2BHK, 3BHK & 4BHK Flats Available

## Ammenities



MULTI FACILITY GYM



SWIMMING POOL



ROOFTOP GARDEN



BANQUET HALL

**Supratik Infraventures Private Limited**

Branch Office: Alupur,Near Laxminaryan Temple, O.T. Road, Balasore - 756001

+91-7205330222 | sales@supratikinfraventures.com

www.supratikinfraventures.com

The **REBATI AMA MATIRA SWARA** ● September 2022 Vol - 4 Issue -11 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2020-2022 ● Rs. 50

Total Page : 108




Associate editor : **Krushna Kumar Mohanty**

Editor : **Subasini Jena**